# ପଣ୍ଡିତ ନୀଳକଣ୍ଠ

## ବ୍ୟକ୍ତି ଓ ବ୍ୟକ୍ତିତ୍ୱ



ବିଦ୍ୟାପୁରୀ

Digitized by PPRACHIN, SOA

# ପଣ୍ଡିତ ନୀଲକଣ୍ଠ:
## ବ୍ୟକ୍ତି ଓ ବ୍ୟକ୍ତିତ୍ୱ

ସଂକଳନ ଓ ସମ୍ପାଦନା
**ହରପ୍ରସାଦ ଦାସ**

ସୌଜନ୍ୟ
ପଣ୍ଡିତ ନୀଲକଣ୍ଠ ସ୍ମୃତି ସମିତି
ଭୁବନେଶ୍ୱର

**ବିଦ୍ୟାପୁରୀ**

Digitized by PPRACHIN, SOA

PANDIT NILAKANTHA : BYAKTI O' BYAKTITWA
Compilation of Pandit Nilakantha Memorial Lectures
Ed. by Hara Prasad Das
Courtesy : Pandit Nilakantha Smruti Samiti, Bhubaneswar
Published by Vidyapuri, Cuttack 753 002

ISBN 978-81-7411-784-7

ପ୍ରଥମ ପ୍ରକାଶ
୬ ନଭେମ୍ବର, ୨୦୧୦

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩ ୦୦୨

ଲିପି ସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩ ୦୦୨

ପ୍ରଚ୍ଛଦ
ବିଜୟ କୁମାର ପ୍ରଧାନ

ମୁଦ୍ରଣ
ବନ୍ଦନା ପ୍ରିଣ୍ଟର୍ସ, କଟକ

ମୂଲ୍ୟ : ଟ ୧୨୦.୦୦

Digitized by PPRACHIN, SOA

# ସୂଚୀ

ମୁଖବନ୍ଧ - ହେ କୁଳପୁରୁଷ !

ହରପ୍ରସାଦ ଦାସ ୧

୧. ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ପ୍ରତିଭା

ସତ୍ୟନାରାୟଣ ରାଜଗୁରୁ ୧୯

୨. ଆଧୁନିକ ଭାରତରେ ଓଡ଼ିଶା ଓ ତହିଁରେ ନୀଳକଣ୍ଠଙ୍କ ସ୍ଥାନ

ହରେକୃଷ୍ଣ ମହତାବ ୫୩

୩. ପଣ୍ଡିତ ନୀଳକଣ୍ଠ ଏକ ଅମ୍ଳାନ ପ୍ରତିଭା

ଗଙ୍ଗାଧର ମହାପାତ୍ର ୭୫

୪. ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟିରେ ସ୍ୱାତନ୍ତ୍ର୍ୟ

ଆଦିତ୍ୟ ପ୍ରସାଦ ପାଢ଼ୀ ୯୬

୫. ସଂସ୍କାରକ ଓ ସଂଗଠକ ପଣ୍ଡିତ ନୀଳକଣ୍ଠ ଦାସ

କୈଳାସଚନ୍ଦ୍ର ଦାଶ ..... ୧୦୫

୬. ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ବୈଶିଷ୍ଟ୍ୟ

ବିଜୟାନନ୍ଦ କର ..... ୧୨୪

୭. ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ

ବିଜୟ ପ୍ରସାଦ ମହାପାତ୍ର ..... ୧୩୦

୮. ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ

ପ୍ରତାପ ଚନ୍ଦ୍ର ଚନ୍ଦର

ମର୍ମାନୁବାଦ - ବନମାଳୀ ମିଶ୍ର ..... ୧୫୧

୯. ଭାରତରେ ନବଜାଗରଣର ବିଭାବ

ବକ୍ତା - ଅନ୍ନଦାଶଙ୍କର ରାୟ

ଅନୁବାଦ- ବିଚିତ୍ରାନନ୍ଦ ମହାନ୍ତି ..... ୧୭୨

୧୦. ପଣ୍ଡିତ ନୀଳକଣ୍ଠ ଦାସ

ଏନ୍. ଜି. ରଙ୍ଗା ..... ୨୦୩

Digitized by PPRACHIN, SOA

# ମୁଖବନ୍ଧ

## ହେ କୁଳପୁରୁଷ !*

ଯେଉଁ ଓଡ଼ିଆ କୁଳର ଥିଲେ ଜଣେ କୁଳବୃଦ୍ଧ ମଧୁସୂଦନ ଦାସ, ସେଇ ଓଡ଼ିଆ କୁଳର ଥିଲେ ବି ଜଣେ କୁଳପୁରୁଷ । ନୀଳକଣ୍ଠ ଦାସ, ମହାପ୍ରୟାଣ ଦିବସ ଆଜି । କି ଶ୍ରଦ୍ଧାଞ୍ଜଳି ବି ଦେବି ? କୁଳର ମାନମର୍ଯ୍ୟାଦା ରକ୍ଷା କରିପାରି ନ ଥିବା ଜଣେ ଅଯୋଗ୍ୟ ଓଡ଼ିଆ ମୁଁ, ତାଙ୍କର ବ୍ୟକ୍ତିତ୍ୱର ଆକଳନ ମୋ ସାମର୍ଥ୍ୟର ବାହାରେ, ତାଙ୍କର ଓଜ ଓ ତେଜର ମହିମା ମୋର ଅନୁଭବର ଊର୍ଦ୍ଧ୍ୱରେ । ମୋ ନିକଟରେ ଅଛି ତାଙ୍କୁ ନେଇ କିଛି ଅହଂକାର, ଓ ନିଜକୁ ନେଇ କିଛି ଗ୍ଲାନିବୋଧ । ତେଣୁ ଆଜି ତାଙ୍କ ସ୍ମୃତିରେ ଆୟୋଜିତ ଏ ବାର୍ଷିକ ବକ୍ତୃତାରେ ତାଙ୍କୁ ନେଇ ମୋର ଅହଂକାରର କଥା କହିବି, ମୋ ନିଜର ଗ୍ଲାନିବୋଧର କଥା ବି କହିବି । କହିବି ଓଡ଼ିଆ ଆଧୁନିକତାର ନିର୍ମାଣରେ ତାଙ୍କର ଅବଦାନର କଥା ଓ ତାଙ୍କର ସେ ଅବଦାନକୁ ଠିକ୍ ସମୟରେ ଚିହ୍ନିପାରି ନ ଥିବାର ଗ୍ଲାନିର କଥା । ଆଜି ଯଦି ସେକଥା ମୁଁ କହି ନ ପାରେ, ତେବେ ଘୋର ଅପରାଧ ହୋଇଯିବ, ନିଜକୁ କ୍ଷମା କରିପାରିବାର ଏଭଳି ଆଉ ଗୋଟିଏ ସୁଯୋଗ ମୋତେ ମିଳିବ ନାହିଁ । ସୁଯୋଗ ହେଉଛି ଏଇ ଯେ ପ୍ରଥମଥରପାଇଁ ଓଡ଼ିଶାକୁ ଓଡ଼ିଶା ଘୋଷଣା କରାଯିବାର ପ୍ରସ୍ତୁତି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଚି, ଏଣିକି ଓଡ଼ିଶା, ହେବ ଓଡ଼ିଶା, ଓଡ଼ିଆମାନେ ହେବେ ନାହିଁ ଓରିୟା ବା ଉଡ଼ିଆ । କୁଳପୁରୁଷମାନଙ୍କ ଭିତରେ କେହି ଯଦି ଏ ଘୋଷଣାରେ ସବୁଠୁ ବେଶି ଖୁସି ହୋଇଥାନ୍ତେ, ସେ ନୀଳକଣ୍ଠ । ଗୋପବନ୍ଧୁ ହୁଏତ କାନ୍ଦିଥାନ୍ତେ, ଆଚାର୍ଯ୍ୟ ହରିହର ଗଦ୍‌ଗଦ ହୋଇଯାଇଥାନ୍ତେ । ନୀଳକଣ୍ଠଙ୍କ ଖୁସି ହୋଇଥାନ୍ତା ଆଉ ପ୍ରକାରେ । ସେ ଖୁସି ବ୍ୟକ୍ତ ହୋଇଥାନ୍ତା । କ୍ରୋଧରେ, କହିଥାନ୍ତେ ଏତେ ବିଳମ୍ବ ହେଲା କିଆଁ ? କହିଥାନ୍ତେ ଏ 'ଓଡ଼ିଶା' କିପରି ଗୋଟିଏ ଜାତିର ଅସ୍ମିତା ବହନ କରି ଏବେ ମଧ୍ୟ ତା'ର ପ୍ରାଚୀନତମ ରୂପରେ ଜୀବନ୍ତ ! ଏ କୁଳପୁରୁଷ ଏହିପରି । ସ୍ନେହକୁ କ୍ରୋଧର ଭାଷାରେ ବ୍ୟକ୍ତ କରନ୍ତି, ଉଦ୍ଦୀପନାକୁ ବୌଦ୍ଧିକତାର ଭାଷାରେ ବ୍ୟକ୍ତ କରନ୍ତି,

* ୪୨ତମ ଶ୍ରାଦ୍ଧବାର୍ଷିକୀରେ ପ୍ରଦତ୍ତ ନୀଳକଣ୍ଠ ସ୍ମାରକୀ ବକ୍ତୃତା

Digitized by PPRACHIN, SOA

ଅଗ୍ନିଶର୍ମା ପୌରାଣିକ ଋଷି ସତେ କି ! ସବୁ ବ୍ୟକ୍ତ କରନ୍ତି ଭାଷାରେ, ଖାଣ୍ଟି ଓଡ଼ିଆରେ, ଗୂଢ଼ରୁ, ଗୂଢ଼ତର ଅନୁଭବକୁ ସ୍ପଷ୍ଟ ବ୍ୟକ୍ତ କରିବାପାଇଁ ଓଡ଼ିଆ ଭାଷା ଯେ ସମର୍ଥ, ଯାହାର ପ୍ରମାଣ ତାଙ୍କର ଅସଂଖ୍ୟ ରଚନା ।

ନୀଳକଣ୍ଠ ସ୍ମାରକୀ ବକ୍ତୃତା ଆୟୋଜନ ହେଉଛି ପ୍ରତିବର୍ଷ । ତାଙ୍କର ବଂଶଧରମାନଙ୍କ ପ୍ରୟାସରେ ଗଢ଼ିଉଠିଛି ନୀଳକଣ୍ଠ ସ୍ମୃତି ସମିତି । କିଛି ଉତ୍ସାହୀ ବିଦ୍ୱାନ୍ ଅବଶ୍ୟ ସେ ସମିତିର ସଦସ୍ୟ ଅଛନ୍ତି, କିନ୍ତୁ ମାନିବାକୁ ହେବ ଯେ ନୀଳକଣ୍ଠଙ୍କ ସ୍ମୃତିକୁ ଆନୁଷ୍ଠାନିକ ଭାବେ ବର୍ଷ ପରେ ବର୍ଷ ପ୍ରାସଙ୍ଗିକ କରି ରଖିବାର ଦାୟିତ୍ୱ ତାଙ୍କ ବଂଶଧରମାନେ ନିର୍ବାହ କରି ଚାଲିଛନ୍ତି । ସୌଭାଗ୍ୟକୁ ତାଙ୍କର ବଂଶଧରମାନେ ସମସ୍ତେ ପ୍ରତିଷ୍ଠିତ, ସ୍ୱଚ୍ଛଳ ଓ ଅନୁରକ୍ତ । କଣ ହୋଇଥାନ୍ତା ଯଦି ନୀଳକଣ୍ଠଙ୍କ ବଂଶଧରମାନେ ସମସ୍ତେ ପ୍ରତିଷ୍ଠିତ, ସ୍ୱଚ୍ଛଳ ଓ ଅନୁରକ୍ତ । କଣ ହୋଇଥାନ୍ତା ଯଦି ନୀଳକଣ୍ଠଙ୍କ ବଂଶଧରମାନେ ସୌଭାଗ୍ୟବନ୍ତ ନ ହୋଇଥାନ୍ତେ ! ଇତିହାସରେ ଏଭଳି ମନୀଷୀଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ, ଯେଉଁମାନେ ଜାତୀୟ ସ୍ମୃତିପଟରୁ ନିଶ୍ଚିହ୍ନ ହୋଇଗଲେଣି ଉପଯୁକ୍ତ ଦାୟାଦଙ୍କ ଅଭାବରୁ । ଯା ଅର୍ଥ କଣ ଏଇଆ ବୁଝିବା ଯେ ନୀଳକଣ୍ଠଙ୍କ ସ୍ମୃତି ଦୀପ ତାଙ୍କରି ଘରେ, ତାଙ୍କରି ପିଲାଏ ଜାଳିବେ, ଏଥିନେଇ ସମାଜର କୌଣସି ଦାୟିତ୍ୱ ନାହିଁ ? ଆଜି ଓଡ଼ିଶାରେ କେତେ ଜାଗାରେ ନୀଳକଣ୍ଠ ସ୍ମୃତିସଭା ହେଉଛି ? ସେ ପରା କାଳପୁରୁଷ ! ତାଙ୍କ ସ୍ମୃତିସଭା ଓଡ଼ିଆଙ୍କ କୁଳମର୍ଯ୍ୟାଦାର ଅଂଶ ନ ହେବ କାହିଁକି ?

ଏଇଠି ପଚାରେ ଯେ ନୀଳକଣ୍ଠଙ୍କ ଭଳି ଜଣେ କୁଳପୁରୁଷଙ୍କ ବଂଶଧର କଣ ତାଙ୍କର ଆତ୍ମଜମାନେ ? ସେ ଆମର କେହି ନୁହନ୍ତି ? କାହିଁକି ତା'ହେଲେ ତାଙ୍କର ସମଗ୍ର ଜୀବନ ଓଡ଼ିଆଙ୍କପାଇଁ, ତାଙ୍କର ଅଧିକାରପାଇଁ, ତାଙ୍କର ଅସ୍ତିତ୍ୱପାଇଁ ବ୍ୟୟ କରିଗଲେ ? କାହାପାଇଁ ସେ ଓଡ଼ିଆ ସଭ୍ୟତାର ମୂଳ ଖୋଳି ବାହାର କଲେ, କାହାପାଇଁ ଛାଡ଼ିଗଲେ ଗୋଟିଏ ପରେ ଗୋଟିଏ ଅସଂଖ୍ୟ ସାଂସ୍କୃତିକ ବ୍ୟାଖ୍ୟାନ, କୋଉ ଖୁସିରେ ସେ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ଦେଖିଲେ, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥାପନାପାଇଁ ଲଢ଼ିଲେ, କାହାପାଇଁ ସେ ରାଜନୀତିରେ ସାଲିସ୍ କଲେ ନାହିଁ, ସ୍ୱାଧିକାରକୁ, ଓଡ଼ିଆ ସ୍ୱାଭିମାନକୁ ମୁଣ୍ଡରେ ଥୋଇ ବୁଲିଲେ ଏ ? ତାଙ୍କ ପିଲାଙ୍କ ପାଇଁ ? ମୁଁ ତ ଭାବେ ତାଙ୍କ ପିଲାଙ୍କପାଇଁ ତାଙ୍କର ସମୟ ନ ଥିଲା.ଜଣେ ସାଧାରଣ ସଂସାରୀ ଯାହା କରିପାରେ, ତା'ର ଭାଗଟିଏ ବି ସେ ଅଲଗା କରି ତାଙ୍କ ପରିବାରପାଇଁ ବା ଭବିଷ୍ୟତର ବଂଶଧରଙ୍କପାଇଁ କରି ନ ଥିଲେ । କରି ନ ଥିଲେ କାରଣ ତାହାହିଁ ଥିଲା ମହାପୁରୁଷଙ୍କ ବ୍ୟକ୍ତି ଜୀବନର

Digitized by PPRACHIN, SOA

ମହାପାଠ । କେତେବେଳେ ଯେ ସାଧାରଣ ସଂସାରୀ ଜୀବନରୁ ସେମାନେ ଜାତୀୟ ଜୀବନକୁ ପ୍ରବେଶ କରନ୍ତି, କେତେବେଳେ ସେମାନେ ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜାତୀୟ ସ୍ୱାର୍ଥରେ ମିଶିଯାନ୍ତି, ଜଣାପଡ଼େ ନାହିଁ । କର୍ତ୍ତବ୍ୟ ଆଉ ବ୍ୟକ୍ତିଗତ ହୋଇ ରହେ ନାହିଁ । କର୍ତ୍ତବ୍ୟ ଗୋଟିଏ ଆଦର୍ଶଦ୍ୱାରା ନିୟନ୍ତ୍ରିତ ହୁଏ । ସେ ଆଦର୍ଶ ସବୁବେଳେ, ସବୁ ମହାପୁରୁଷଙ୍କ ଜୀବନରେ ଦେଶ-ଜାତିର । ତେଣୁ, ନୀଳକଣ୍ଠଙ୍କ ସ୍ମୃତିସଭା କାହିଁକି ହେବ ଗୋଟିଏ ପାରିବାରିକ ଉତ୍ସବ ? କାହିଁକି ଏ ଅବସରକୁ ଜାତୀୟ ସ୍ମୃତିର ସ୍ମାରକୀ ଦିବସ ଭାବେ ପାଳିତ କରାଯିବ ନାହିଁ ? ମୁଁ ଔପଚାରିକ ଆୟୋଜନ ଅର୍ଥରେ ଏ କଥା କହୁ ନାହିଁ । ମୁଁ ଏକଥା କହୁଚି ଏଇ ଅର୍ଥରେ ଯେ ଓଡ଼ିଆ ଜାତିର ଅସ୍ତିତ୍ୱ ନିର୍ମାଣରେ ଯେଉଁ ମହାପୁରୁଷମାନଙ୍କ ଅବଦାନ ରହିଚି, ସେମାନେ ବୃହତ୍ତର ସାମାଜିକ ଅନୁଷ୍ଠାନମାନଙ୍କର କାର୍ଯ୍ୟକ୍ରମକୁ ପ୍ରଭାବିତ କରନ୍ତୁ, ତାଙ୍କର ଜନ୍ମୋତ୍ସବ ବା ମହାପ୍ରୟାଣ ଦିବସ ଜାତୀୟ କୃତଜ୍ଞତାର ପରିବେଶ ସୃଷ୍ଟି କରୁ । ନୀଳକଣ୍ଠଙ୍କ ଭଳି ଜଣେ କୁଳପୁରୁଷ, ଓଡ଼ିଆ କୁଳର ସମ୍ପଦ ହୋଇରହନ୍ତୁ, କେବଳ ତାଙ୍କ ପରିବାରର ଗଣ୍ଠିଧନ ହୋଇ ନ ରହନ୍ତୁ ।

କୁଳପୁରୁଷଙ୍କଦ୍ୱାରା ପ୍ରତିଷ୍ଠିତ ମାନ୍ୟତାମାନଙ୍କୁ କିଏ ସମ୍ପାଦି ରଖିବ ? ସମାଜରେ ପରମ୍ପରା ରକ୍ଷାର ନିୟମ ଏଭଳି ଯେ ଜଣେ କୁଳପୁରୁଷଙ୍କ ତିରୋଧାନ ପରେ ଆଉ ଜଣେ କୁଳପୁରୁଷଙ୍କ ହାତକୁ ସେ ଦାୟିତ୍ୱ ଆପେ ଚାଲିଯିବ । ଓଡ଼ିଆଙ୍କ ସାମାଜିକ ଇତିହାସରେ ସେ କ୍ଷମତା ହସ୍ତାନ୍ତର ହେଲା କି ? ଏ ପ୍ରଶ୍ନର ଉତ୍ତର ଖୋଜିବା ଆଗରୁ ପ୍ରଥମେ ଆଧୁନିକ ଓଡ଼ିଆ ସମାଜରେ ସାମାଜିକ କ୍ଷମତା ହସ୍ତାନ୍ତରଣର ଗୋଟିଏ ମର୍ମସ୍ପର୍ଶୀ ଘଟନା ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷିତ କରିବି ।

କୁଳବୃଦ୍ଧ ମଧୁସୂଦନ ରୋଗ ଶଯ୍ୟାରେ । ମୃତ୍ୟୁର ଦୁଇ ଦିନ ପୂର୍ବ ଦିନ । କ୍ଷୀଣ କଣ୍ଠରେ ପଚାରିଲେ : ନୀଳକଣ୍ଠ କାଇଁ ? ନୀଳକଣ୍ଠ ଡକା ହୋଇ ଆସିଲେ । ମଧୁସୂଦନ ବିଚିତ୍ରାନନ୍ଦଙ୍କୁ ବ୍ୟାକୁଳ ହୋଇ କହିଲେ, ‘‘ତୋତେ ପରା ମୁଁ କହୁଥିଲି ମୁଁ ଗଲାପରେ ଲୋକେ କଣ କରିବେ ? ଏବେ ଏ ନୀଳକଣ୍ଠକୁ ଦେଖ୍ । ମୁଁ ମଲାପରେ ସେ ରହିବ । ସେ ଓଡ଼ିଶାର ସବୁ କର୍ମ କରିବ । ତାକୁ ଧରି ତୁମେ ସମସ୍ତେ ଚଳିବ ।’’ ଗୋଟିଏ କୁଳୀନ ଓଡ଼ିଆ ପରିବାରରେ ବାପର ମୃତ୍ୟୁ ପରେ ପୁଅ କୁଳଦାୟିତ୍ୱ ଗ୍ରହଣ କଲାଭଳି, ବା ଘରର ସବୁଠୁ ବୟସ୍କ ମୁରବୀଙ୍କ ତିରୋଧାନ ପରେ ତାଙ୍କର ଆସ୍ଥାଭାଜନ ଜଣେ ବୟସ୍କ ଲୋକ କୁଳର ମୁରବୀଭାବେ ସ୍ୱାଭାବିକ ଦାୟିତ୍ୱ ନିର୍ବାହ ଭଳି ଥିଲା ଏ ଘଟନା । ମଧୁସୂଦନଙ୍କ ଦୃଷ୍ଟିରେ

Digitized by PPRACHIN, SOA

ନୀଳକଣ୍ଠ ଥିଲେ ତାଙ୍କ ପରେ ଓଡ଼ିଆ କୁଳର କୁଳପୁରୁଷ । କଣ ସେ ଗୁଣ ଯାହା ଜଣେ ପରିପକ୍ୱ ଗୃହୀ ମଣିଷକୁ କୁଳପୁରୁଷ ଆସ୍ଥାନର ଯୋଗ୍ୟ କରାଇଦିଏ ? ସେ ଗୁଣ ସୁମାରି କଲେ ତ ଅନେକ ହେବ, କିନ୍ତୁ ଏଥିରେ ପ୍ରଧାନ ତିନୋଟି ଗୁଣ : ନିଜର ବ୍ୟକ୍ତିଗତ ସୁଖଦୁଃଖର ଉର୍ଦ୍ଧ୍ୱରେ ରହିପାରିବାର ଦମ୍ଭ, ବିଫଳତା ସହିପାରିବାର ଶକ୍ତି, କୁଳମର୍ଯ୍ୟାଦା ପ୍ରତି ଜାଗରୂକତା ।

ନୀଳକଣ୍ଠଙ୍କ ପାଖରେ ଏ ତିନୋଟିଯାକ ଗୁଣ ଥିଲା । ସାଧାରଣ ଲୋକଙ୍କ ଦୃଷ୍ଟିରେ ଯାହା ଅସମ୍ଭବ, ତାହା ତାଙ୍କ ପାଖରେ ସ୍ୱାଭାବିକ ଥିଲା । ରେଳରେ ନୀଳକଣ୍ଠଙ୍କୁ ହଜାରିବାଗ ଜେଲ୍‌କୁ ନିଆଯାଉଚି, ସତ୍ୟବାଦୀ ଷ୍ଟେସନ୍‌ରେ ଆଚାର୍ଯ୍ୟ ହରିହର ଆସି ଖବର ଦେଲେ, ''ତୋ ଦ୍ୱିତୀୟ ଝିଅ ବାସନ୍ତୀ ମରିଗଲା ।'' ନୀଳକଣ୍ଠ ପଚାରିଲେ, 'ସବୁ ଚିକିତ୍ସା ହୋଇଥିଲା ତ !' ହରିହର ଉତ୍ତର ଦେଲେ, ''ଯାହା ସୁବିଧା ଥିଲା ତା' ହୋଇଥିଲା ।'' ନୀଳକଣ୍ଠ କହିଲେ, 'ହଉ ଆଉ କଣ କରନ୍ତ !' ବାସ୍ ସେତିକି । ଏ ଦମ୍ଭର ଅନୁମାନ ବି ଆମ ପାଇଁ କଷ୍ଟକର । ସେହିପରି ବିଫଳତା ସହିପାରିବାର ଯେଉଁ ଶକ୍ତି ଥିଲା ନୀଳକଣ୍ଠଙ୍କ ପାଖରେ ତା'ର ଅନୁମାନ ବି ଆମ ପାଇଁ ଅସମ୍ଭବ । ୧୯୩୮ରେ ଯେତେବେଳେ ପ୍ରଥମ ମନ୍ତ୍ରିମଣ୍ଡଳ ଗଠିତ ହେଲା ସେତେବେଳେ ଓଡ଼ିଶା କଂଗ୍ରେସର ସଭାପତି ଥିଲେ ନୀଳକଣ୍ଠ, ୬୦ ସଦସ୍ୟଙ୍କ ବିଧାନସଭାରେ ୩୬ ଜଣ ଥିଲେ କଂଗ୍ରେସ ବିଧାୟକ, କୋଡ଼ିଏ ଜଣ ଥିଲେ ନୀଳକଣ୍ଠଙ୍କ ସମର୍ଥକ । କିନ୍ତୁ ନୀଳକଣ୍ଠ ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ହୋଇପାରିଲେ ନାହିଁ । ଏ ଥିଲା ନୀଳକଣ୍ଠଙ୍କ ରାଜନୀତିକ ବିଫଳତା । ଏନ୍. ଜି. ରଙ୍ଗା ତାଙ୍କର ନୀଳକଣ୍ଠ ସ୍ମାରକୀ ବକ୍ତୃତାରେ ଏ ବିଷୟରେ ଆଲୋଚନା କରି କହିଛନ୍ତି ଯେ ନୀଳକଣ୍ଠ ତାଙ୍କର ଅନମନୀୟ ବୌଦ୍ଧିକ ଦୃଢ଼ତା ଓ କ୍ଷୁରଧାର ଆଦର୍ଶପାଇଁ କଂଗ୍ରେସର କେନ୍ଦ୍ର ନେତୃତ୍ୱର ଆସ୍ଥାଭାଜନ ହୋଇପାରି ନ ଥିଲେ । ନୀଳକଣ୍ଠଙ୍କର ସେଥିପାଇଁ ଶୋଚନା ନ ଥିଲା । ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ହେବା ପରେ ନୀଳକଣ୍ଠ ତାଙ୍କର ଭାବମୂର୍ତ୍ତିକୁ ବଦଳିବାକୁ ଦେଇ ନ ଥିଲେ । ଶେଷରେ କୁଳମର୍ଯ୍ୟାଦାର କଥା ।

ଓଡ଼ିଆ କୁଳମର୍ଯ୍ୟାଦାର ଚିନ୍ତା ନୀଳକଣ୍ଠଙ୍କ ଜୀବନର ସବୁଠୁ ବଡ଼ ଉପଲବ୍ଧ । ସତେ ଯେମିତି ସବୁ ଓଡ଼ିଆଙ୍କୁ ନେଇ ଗୋଟିଏ ବଡ଼ ଯୌଥ ପରିବାରର ସେ ଥିଲେ ମୁରବୀ ଓ ଓଡ଼ିଆକୁଳ ପ୍ରତି ସାମାନ୍ୟ ଉପେକ୍ଷା, ଅପମାନ ବା ଅମର୍ଯ୍ୟାଦା ହେବାର ଅର୍ଥ ଥିଲା ତାଙ୍କର ମୁରବୀତ୍ୱର ଖିଲାଫ୍ । ସାରା ଜୀବନ ସେ ଏଇଥିପାଇଁ ଲଢ଼ିଥିଲେ । ଜଣେ ଶିକ୍ଷକ ଭାବେ ଲଢ଼ିଥିଲେ, ଜଣେ ରାଜନୀତିଜ୍ଞ ଭାବରେ ଲଢ଼ିଥିଲେ, ଲଢ଼ିଥିଲେ

Digitized by PPRACHIN, SOA

ଜଣେ ବ୍ୟବସ୍ଥାପକ ଭାବରେ, ସାହିତ୍ୟିକ ଭାବରେ, ଭାଷାବିତ୍ ଭାବରେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ନ ହୋଇ ଗୋଟିଏ ଉପପ୍ରଦେଶ ହେଉ, ନୀଳକଣ୍ଠ ତାଙ୍କ ଜିଦ୍‌ରୁ ଓହରିଯାନ୍ତୁ, ତାଙ୍କୁ Sir ଉପାଧି ମିଳିବ, ଏ ପ୍ରସ୍ତାବ ନେଇ ଜଣେ ଇଂରେଜ ତାଙ୍କୁ ସାକ୍ଷାତ୍ କରିଥିଲେ । ନୀଳକଣ୍ଠ ତାଙ୍କ ମୁହଁ ଉପରେ ଦୁଆର କିଳି ଦେଇଥିଲେ । ଏ ସାହସ, ଏ ଆସ୍ପର୍ଦ୍ଧା ଜଣେ କୁଳପୁରୁଷର ।

ଏଭଳି ବ୍ୟକ୍ତି ଜଣେ ସମାଜରେ ଥିଲା ଯାଏଁ ଲାଗେ ଯେ ସମାଜ ଠିକ୍ ଚାଲିଚି । ଅଛି ଜଣେ ଅତନ୍ଦ୍ର ପ୍ରହରୀ, ଶାନ୍ତିରେ ଶୋଇପଡ଼ । ସମାଜ ତାଙ୍କୁ ସ୍ମରଣ କରେ ନାହିଁ ତା'ପରେ । ସମସ୍ତେ ଶୋଇପଡ଼ନ୍ତି, ତାଙ୍କ ସୁଖନିଦ୍ରାର କାରଣ ଯେ ଏଇ ଲୋକଟି, ଏ ଚିନ୍ତା ଆଉ ସମାଜ ମୁଣ୍ଡରେ ପଶେ ନାହିଁ । ସମାଜ ସତେ ଯେମିତି ଭାବେ ଯେ ଏ ଲୋକଟାର କାମ ହିଁ ସେଇଆ । ତା'ର ଯେ ସୁଖଦୁଃଖ ଅଛି, ସେ ବି ଟିକିଏ ଆଦର ଚାହେଁ, ସ୍ୱୀକୃତି ଚାହେଁ, ସ୍ୱାର୍ଥପର ସମାଜ ସେକଥା ଭାବିପାରେ ନାହିଁ । ନୀଳକଣ୍ଠଙ୍କ ଭଳି କୁଳପୁରୁଷମାନେ ଯୌବନରୁ ହିଁ ବୁଢ଼ା ହୋଇଯାନ୍ତି । ଭାରତର ଜଣେ ବିଶିଷ୍ଟ ଚିନ୍ତକ ଓ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୀଳକଣ୍ଠ ସ୍ମାରକୀ ବକ୍ତୃତାରେ କେନ୍ଦ୍ରୀୟ ବିଧାନସଭାରେ ନୀଳକଣ୍ଠଙ୍କ ବକ୍ତୃତା ପ୍ରଦାନ ବେଳର ଗୋଟିଏ କୌତୁକପ୍ରଦ ବାର୍ତ୍ତାଳାପର ଉଲ୍ଲେଖ କରିଚନ୍ତି । ନୀଳକଣ୍ଠ ସନାତନ ଧର୍ମର ବ୍ୟାଖ୍ୟା କରି କହିଲେ "Sanatana means ever progressing. Sanatana does not mean something like a stone or stock of wood. Sanatana is not static. Religion if properly understood is this. It is never stagnant. When I was young ......" ଜଣେ ସଦସ୍ୟ ହଠାତ୍ ଉଠିପଡ଼ି ପଚାରିଲେ, "Were you ever young ?" ପଣ୍ଡିତ ନୀଳକଣ୍ଠ କହିଲେ, "I am still young : that is my mistake." ନୀଳକଣ୍ଠ ତାଙ୍କ ବେଶଭୂଷା, ଜୀବନଧାରଣର ଶୈଳୀ, କଥାବାର୍ତ୍ତା, ଦୃଷ୍ଟିକୋଣ ଓ ଦାୟିତ୍ୱବୋଧରେ ଅକାଳବାର୍ଦ୍ଧକ୍ୟ ବରଣ କରିନେଇଥିଲେ । ସେ ଅକାଳବାର୍ଦ୍ଧକ୍ୟ ଥିଲା ପିଲାଙ୍କୁ ଯୌବନର ଅଧିକାର ଦେବାପାଇଁ । ମନ ଭିତରେ ସେ ଶେଷପର୍ଯ୍ୟନ୍ତ ଯୁବକ ହୋଇ ରହିଥିଲେ । ସେ ଥିଲେ ଗୋଟିଏ ସନ୍ଧିକାଳରେ ଏ ଜାତିର ମୁରବୀ ।

ମୋ ପୂର୍ବରୁ ବହୁ ବିଦ୍ୱାନ୍ ଓ ଉଚ୍ଚକୋଟୀର ଚିନ୍ତକ ନୀଳକଣ୍ଠ ସ୍ମାରକୀ ବକ୍ତୃତା ପ୍ରଦାନ କରିଯାଇଛନ୍ତି । କହିବାକୁ ଗଲେ ମୋର ବିଦ୍ୟାବୁଦ୍ଧି ସମସ୍ତଙ୍କଠୁ କମ୍, ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଓ କୃତି ମୋ ପାଇଁ ଏଇ କେତେଦିନ ଭିତରେ ଏତେ ଅଲଂଘ୍ୟ

Digitized by PPRACHIN, SOA

ହୋଇଉଠିଲାଣି ଯେ ମୁଁ ପ୍ରକୃତରେ ଗୋଟେ ବିହ୍ୱଳ ଅବସ୍ଥାରେ ଆଜିର ଦାୟିତ୍ୱ ସମ୍ପାଦନପାଇଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଚି । ମୁଁ ତାଙ୍କୁ ଯେତେ ଯେତେ ପଢୁଚି, ତାଙ୍କର କର୍ମଜୀବନର ବୈଚିତ୍ର୍ୟ ସହିତ ଯେତେ ପରିଚିତ ହେଉଚି, ମୋର ଅପୂର୍ଣ୍ଣତା ସେତେ ବଢୁଛି । କେତେବେଳେ ମୁଁ ଜଣେ ରକ୍ଷଣଶୀଳ ଶାସନୀ ବ୍ରାହ୍ମଣଙ୍କୁ ଦେଖୁଚି ତ କେତେବେଳେ ଦେଖୁଚି ଜଣେ ଉଦାର ଶିକ୍ଷକଙ୍କୁ । କେତେବେଳେ ଜଣେ ବିଚକ୍ଷଣ ରାଜନୀତିକଙ୍କୁ ଦେଖୁଚି ତ କେତେବେଳେ ଦେଖୁଚି ଜଣେ ସତ୍ୟବାଦୀ ସମାଜ ଚିନ୍ତକଙ୍କୁ, କେତେବେଳେ ଜଣେ ଦୁଃସାହସୀ ବ୍ୟବସ୍ଥାପକଙ୍କୁ ଦେଖୁଚି ତ କେତେବେଳେ ଦେଖୁଚି ଦୃଢ଼ଚେତା ଦାର୍ଶନିକଙ୍କୁ । କେତେବେଳେ ଜଣେ କବିଙ୍କୁ ଦେଖୁଚି ତ କେତେବେଳେ ଦେଖୁଚି ଜଣେ ଭାଷାବିତ୍‌ଙ୍କୁ ! କେତେବେଳେ ଜଣେ ଅଗ୍ନିଶର୍ମା କୁଳପୁରୁଷଙ୍କୁ ଦେଖୁଚି ତ କେତେବେଳେ ଦେଖୁଚି ବନ୍ଧୁମାନଙ୍କ ପ୍ରତାରଣାରେ କ୍ଷତାକ୍ତ, ଶକ୍ତି ରାଜନୀତିର କେନ୍ଦ୍ରସ୍ଥଳରୁ ବହିଷ୍କୃତ, ଅପମାନିତ, ସୀମାନ୍ତରିତ ଜଣେ ବିଦଗ୍ଧ ପ୍ରାଣ ପୁରୁଷଙ୍କୁ ! କାହାକୁ ନେବି, କାହାକୁ ଛାଡ଼ିବି ଏଇ ଚିନ୍ତାରେ କଟିଚି ଏ କିଛି ଦିନ । ମୁଁ କଳ୍ପନା କରି ନ ଥିଲି ଯେ ଏ ଜୀବନରେ ଏତେ ବୈଚିତ୍ର୍ୟ ଥିଲା ।

ନୀଳକଣ୍ଠଙ୍କ ଜୀବନୀ ପଢ଼ି ମୁଁ ଜାଣିଥିଲି ଯେ ସେ ଜୀବନୀ ଲେଖିବାକୁ ଚାହୁଁ ନ ଥିଲେ । ଯେଉଁ ଜୀବନୀ ଖଣ୍ଡକ ଉପଲବ୍ଧ ତାଙ୍କୁ କୌଣସିମତେ ତାଙ୍କଠୁ ଡିକ୍ଟେସନ୍ ନେଇ ଲେଖି ଦିଆଯାଇଥିଲା । ସେ ଖିଆଲୀ ପ୍ରୟାସରେ ଗୁଡ଼ାଏ କଥା ଠିକେ ଠିକେ କହିଯାଇଛନ୍ତି, କିନ୍ତୁ ସେ କହିବାର ଶୈଳୀ ବଡ଼ ଆକର୍ଷଣୀୟ । ସବୁଠୁ ଆକର୍ଷଣୀୟ ସେ ଯାହା କହି ନାହାନ୍ତି । ଏ ପ୍ରକାରର ସମର୍ଥ ଓ ବହୁପ୍ରସୂ ନୀରବତା କେବଳ ଗୋଟିଏ ଚକ୍ରବାତ ହିଁ ତିଆରି କରିପାରେ । ସତ୍ୟବାଦୀ ଗୋଷ୍ଠୀର ପତନ, ଗୋଦାବରୀଶଙ୍କ ସହିତ ତାଙ୍କର ସମ୍ପର୍କ, ଗୋପବନ୍ଧୁଙ୍କ ନେତୃତ୍ୱ, ଓଡ଼ିଶା ରାଜନୀତିର ସ୍ୱରୂପ, ୟାକୁ ନେଇ ଆତ୍ମଜୀବନୀରେ ତାଙ୍କର ନୀରବତା ମୁଖର । ସେ ଆତ୍ମରକ୍ଷାର ପ୍ରୟାସ କରି ନାହାନ୍ତି ବା ଅସ୍ତ୍ର ଲୁଚାଇବାର ପ୍ରୟାସ କରି ନାହାନ୍ତି । ସେସବୁ ବର୍ଣ୍ଣନା କରିବା ଏବେ ପ୍ରାସଙ୍ଗିକ ନୁହେଁ, ବରଂ ତାଙ୍କର ଦୁଇ ଧାଡ଼ି ମଝିରେ ନୀରବତାମାନଙ୍କୁ ଏକାଠି କରି ସେଥିରୁ ଓଡ଼ିଆ ଜାତି ନିର୍ମାଣର କେତୋଟି ରଣକୌଶଳ ଉପରେ ଆଲୋକପାତ କରାଯାଇପାରେ ।

ସେ ରଣକୌଶଳ ଥିଲା : ଧର୍ମ, ଦର୍ଶନ ଓ ସାହିତ୍ୟର ଅନ୍ତର୍ପାଠ ରଚନା । ଧର୍ମ, ଦର୍ଶନ ଓ ସାହିତ୍ୟର ଅନ୍ତର୍ପାଠରୁ ଯେ ଜାତୀୟ ରାଜନୀତିର ମୂଳସୂତ୍ର ମିଳିପାରେ ଏଇଥିଲା ସେ ରଣକୌଶଳ । ଓଡ଼ିଆଙ୍କ ସାମାଜିକ ଇତିହାସରେ ସତ୍ୟବାଦୀ

Digitized by PPRACHIN, SOA

ଗୋଷ୍ଠୀର ସ୍ୱତନ୍ତ୍ରତା ଓ ଦୂରଦୃଷ୍ଟି ଥିଲା ଏଇଥିରେ । ଯାହାକୁ ଆମେ ପାଶ୍ଚାତ୍ୟ ସଂସ୍କାରର ଭାଷାରେ ଆଧୁନିକତା କହୁ ତା'ର ଆରମ୍ଭ ହୋଇଥିଲା ସତ୍ୟବାଦୀରେ । ୟାକୁ ସତ୍ୟବାଦୀର ନୂଆ ନୈତିକତା କୁହାଯିବା ଅଧିକ ଉପଯୁକ୍ତ ହେବ । ସତ୍ୟବାଦୀ ଗୋଷ୍ଠୀର ସମସ୍ତେ ଧାର୍ମିକ ଥିଲେ, ସେମାନଙ୍କର ନିଜ ଜୀବନକୁ ନେଇ ଓ ଜଗତକୁ ନେଇ ଗୋଟିଏ ବିଶେଷ ଦୃଷ୍ଟି ବା ଦର୍ଶନ ଥିଲା, ସେମାନେ ସମସ୍ତେ କିଛି ନା କିଛି ସାହିତ୍ୟ ପଢୁଥିଲେ ଓ ଲେଖୁଥିଲେ । ସତ୍ୟବାଦୀର ପ୍ରତିଷ୍ଠାତା ଗୋପବନ୍ଧୁଙ୍କ ରାଜନୀତି ଥିଲା ଧର୍ମ, ଦର୍ଶନ ଓ ସାହିତ୍ୟର ଅନ୍ତର୍ପାଠରୁ ବାହାରିଥିବା ଗୋଟିଏ ନିଷ୍କର୍ଷ : କରୁଣା । କରୁଣାକର ଗୋପବନ୍ଧୁ ସମ୍ବେଦନଶୀଳତା ଓ ସ୍ପର୍ଶକାତରତାକୁ ନେଇ ଯେଉଁ ରାଜନୀତି କଲେ ସେଥିରେ ନିଜକୁ ବୃହତ୍ତମ ସ୍ୱାର୍ଥପାଇଁ ବଳି ଦେଇଦେବାର ଅଦମ୍ୟ ଉତ୍ସାହ ଥିଲା । କ୍ରୂର ରାଜନୀତିର ଆକ୍ରୋଶ ସେ ସମ୍ଭାଳିବା ଅବସ୍ଥାରେ ନ ଥିଲେ । ଭୁବନାନନ୍ଦ ଦାସ ଯେତେବେଳେ ଗୋପବନ୍ଧୁଙ୍କ ପାଖରେ ଠିଆ ହେବାପାଇଁ ତାଙ୍କର ସତ୍ୟବାଦୀର ପୁରୁଣା ନିର୍ଭରଯୋଗ୍ୟ ଆଶ୍ରୟ ଲୋଡ଼ା ହେଲା । ସେ ନୀଳକଣ୍ଠଙ୍କୁ ଆକୁଳ ହୋଇ ଡାକିଲେ, ତାଙ୍କରି କାନ୍ଧରେ ମୁଣ୍ଡରଖି ଭୋ ଭୋ ହେଇ କାନ୍ଦିଲେ ।

ନୀଳକଣ୍ଠଙ୍କ ପାଇଁ ଧର୍ମ, ଦର୍ଶନ ଓ ସାହିତ୍ୟର ଅନ୍ତର୍ପାଠ ଥିଲା ଅଲଗା । ସେ ଅନ୍ତର୍ପାଠର ନିଷ୍କର୍ଷ ଥିଲା : ଯୁକ୍ତି । ତାଙ୍କ ହୃଦୟରେ କରୁଣାର ଭାବାବେଶ କ୍ୱଚିତ୍ ହେଉଥିଲା ବୋଲି ସେ ନିଜେ ସ୍ୱୀକାର କରିଛନ୍ତି । ଯୁକ୍ତିର ଚାବିକାଠିରେ ଧର୍ମ, ଦର୍ଶନ ଓ ସାହିତ୍ୟର ଦ୍ୱାର ଖୋଲିଥିଲେ, ଯାହା ପାଇଥିଲେ ତାହାହିଁ ଥିଲା ତାଙ୍କର ଜୀବନ ଦର୍ଶନ । ସେଇ ମଧ ତାଙ୍କର ରାଜନୀତି । ସେ ଜୀବନ ଦର୍ଶନ ଥିଲା କର୍ତ୍ତବ୍ୟ ପାଳନର ଅଙ୍ଗୀକାର । Tennysonଙ୍କୁ ଉଦ୍ଧାର କରି ସେ କହିଚନ୍ତି : Duty, Duty, clean of Consequences. ସେ ଜ୍ଞାନମାର୍ଗୀ ଥିଲେ, ତାଙ୍କର କର୍ତ୍ତବ୍ୟ ପାଳନର ବୃହତ୍ତର କ୍ଷେତ୍ରରେ ଏହି ଜ୍ଞାନମାର୍ଗ ହିଁ ତାଙ୍କୁ ଅଲଗା କରି ଠିଆ କରାଇଥିଲା । ନୀଳକଣ୍ଠଙ୍କ ରାଜନୀତି ଥିଲା ଯୁକ୍ତି, କର୍ତ୍ତବ୍ୟ ଓ ଜ୍ଞାନର ପ୍ରୟୋଗଶାଳା । ଗୋପବନ୍ଧୁଙ୍କ ଭଳି ସେ କରୁଣା ଛଳ ଛଳ ନ ଥିଲେ, ରାଜନୀତିକ ମାର୍ଗ ଚୟନର କିଛି କିଛି ବିଷୟବୁଦ୍ଧି ଅକ୍ତିଆର କରିବାପାଇଁ ସୁଯୋଗ ମିଳିବାମାତ୍ରେ ସେ ତା'ର ଜ୍ଞାନମାର୍ଗୀ ବିଚାର ଏତେ ସୂକ୍ଷ୍ମରେ କରିବା ଆରମ୍ଭ କରୁଥିଲେ ଯେ ସୁଯୋଗଟି ହାତଛଡ଼ା ହୋଇଯାଉଥିଲା । ସେଥିରେ ତାଙ୍କର କ୍ଷୋଭ ନ ଥିଲା । ଗୋପବନ୍ଧୁ କରୁଣାର ମାର୍ଗରେ ଆସି ଯୋଉ ରାଜନୈତିକ ପରିଣତିରେ ପହଞ୍ଚିଥିଲେ, ନୀଳକଣ୍ଠ ଯୁକ୍ତିର ମାର୍ଗରେ ଆସି ସେଇଠି ପହଞ୍ଚିଥିଲେ ।

Digitized by PPRACHIN, SOA

ଯୁକ୍ତି ଓ କରୁଣା ପରିଶେଷରେ ଯେ ଗୋଟିଏ ପରିଣତିରେ ପହଞ୍ଚିପାରନ୍ତି, ତା'ର ଏକମାତ୍ର କାରଣ ସତ୍ୟବାଦୀର ନୂଆ ନୈତିକତାର ପୃଷ୍ଠଭୂମି । ଏ ନୂଆ ନୈତିକତା ସତ୍ୟବାଦୀ ଗୋଷ୍ଠୀକୁ ଶିଖାଉଥିଲା ଯେ ପରାସ୍ତ ମଣିଷର ପ୍ରତ୍ୟାବର୍ତ୍ତନ ସବୁବେଳେ ନ୍ୟୂନତମ ମାନବତାକୁ । ଶେଷ ଜୀବନରେ ଗୋପବନ୍ଧୁ ମର୍ମାହତ ଥିଲେ, ବିରକ୍ତ ଥିଲେ । ନୀଳକଣ୍ଠ ବି ସେହିଭଳି ସ୍ଥିତିରେ ଥିଲେ । ଫରାସୀ ବିପ୍ଳବ ପୂର୍ବର ରଷୋ, ଭୋଲ୍‌ଟେଆର୍, ରୁଷୀୟକ୍ରାନ୍ତି ପୂର୍ବର ତୁର୍ଗେନିଭ୍, ଡଷ୍ଟଭସ୍କି ମଧ୍ୟ ସେହି ଅବସ୍ଥାରେ ଥିଲେ । କାହିଁକି ଏମିତି ହୁଏ ଯେ ସମାଜରେ ନୂଆ ନୈତିକତାର ଧାରା ପ୍ରବର୍ତ୍ତକମାନେ ଶେଷରେ ଏକୁଟିଆ ହୋଇଯାନ୍ତି ?

ଦ୍ୱିତୀୟ ରଣକୌଶଳ ଥିଲା ନବଯୁଗର ସୂତ୍ରପାତପାଇଁ ସ୍ୱାବଲମ୍ବୀ ହେବାର ଓ ଯେତିକି ଲୋଡ଼ା ସେତିକି ଅର୍ଜିବାର ବ୍ୟବସ୍ଥା । ସତ୍ୟବାଦୀରେ ଏ ପ୍ରୟୋଗ ଆରମ୍ଭ ହୋଇଥିଲା ବନବିଦ୍ୟାଳୟ ଅନୁଷ୍ଠାନ ମାଧ୍ୟମରେ । କାହିଁକି କେଜାଣି ସତ୍ୟବାଦୀ ଯୁଗର ଅସଂଖ୍ୟ ସଂସ୍କରଣ ଓ ଗୋପବନ୍ଧୁ-ନୀଳକଣ୍ଠ-ଗୋଦାବରୀଶ-ହରିହରଙ୍କ ଭଳି ବ୍ୟକ୍ତିଙ୍କର ବିଚକ୍ଷଣତା ସତ୍ତ୍ୱେ, ସତ୍ୟବାଦୀ କାଳର ତାତ୍ତ୍ୱିକ ବିଶ୍ଳେଷଣ କରାଯାଇ ନାହିଁ । ଚାହିଁଲେ ନୀଳକଣ୍ଠ କରିପାରିଥାନ୍ତେ, କିନ୍ତୁ ସେ ଚାହିଁଲେ ନାହିଁ, କାରଣ ଜୀବନର ଗୋଟିଏ ନିର୍ଣ୍ଣାୟକ ମୋଡ଼ରେ ସତ୍ୟବାଦୀରୁ ତାଙ୍କୁ ଓହରି ଆସିବାକୁ ହେଲା । ସତ୍ୟବାଦୀ ଗୋଷ୍ଠୀ ଭିତରେ ବନବିଦ୍ୟାଳୟର ପ୍ରଧାନଶିକ୍ଷକତାକୁ ନେଇ କନ୍ଦଳ ନ ଥିଲା, କିନ୍ତୁ କନ୍ଦଳ ଠାରୁ ଅଧିକ ଘାତକ ଗୋଟିଏ ଶୀତଳ ଯୁଦ୍ଧ ଚାଲିଥିଲା । ନୀଳକଣ୍ଠ ପ୍ରଧାନ ଶିକ୍ଷକ ଥିଲେ, ସେ ଚାହୁଁଥିଲେ ସେଇଠି ରହିଯିବାପାଇଁ । କଲିକତାରୁ ଏମ୍. ଏ. କରି ଗୋଦାବରୀଶ ଯେତେବେଳେ ସତ୍ୟବାଦୀରେ ପହଞ୍ଚିଲେ ସେତେବେଳେ ସେ ଶୀତଳ ଯୁଦ୍ଧ ଆରମ୍ଭ ହେଲା । ଗୋପବନ୍ଧୁ ପ୍ରସ୍ତାବ ଦେଲେ ଯେ ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ଜଣକ ପରେ ଜଣେ ପ୍ରଧାନ ଶିକ୍ଷକ ହୁଅନ୍ତୁ । ସ୍ୱାଭିମାନୀ ନୀଳକଣ୍ଠ ଆହତ ହେଲେ, ଗୋପବନ୍ଧୁ ତାଙ୍କୁ ଗାଁକୁ ପଠେଇଦେଲେ । ନୀଳକଣ୍ଠ ସତ୍ୟବାଦୀ ନ ଛାଡ଼ିଥିଲେ ରାଜନୀତିକୁ ଆସି ନ ଥାନ୍ତେ, ବୋଧହୁଏ ସତ୍ୟବାଦୀ ସତକୁ ସତ ଜାତୀୟ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥାନ୍ତା । 'ନିଜ କାମ ନିଜେ କର' ଓ 'ଯେତିକି ଲୋଡ଼ା ସେତିକି ନିଅ' ଏ ଦୁଇ ସୂତ୍ର ପଛରେ ସତ୍ୟବାଦୀର ନୂଆ ନୈତିକତାର ପ୍ରେରଣା ତ ଥିଲା, କିନ୍ତୁ ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ନ୍ୟୂନତମ ଆବଶ୍ୟକତା ଓ ସ୍ୱନିର୍ଭରଶୀଳତାର ନୂଆ କର୍ମକାଣ୍ଡ । ଏଥିରେ ଗୋଦାବରୀଶ ବାନ୍ଧିହେବାକୁ ଚାହୁଁ ନ ଥିଲେ ବୋଲି ନୀଳକଣ୍ଠ କହିଚନ୍ତି । ଦାରିଦ୍ର୍ୟର କଷାଘାତରେ ଘୋର ରକ୍ତକ୍ଷରଣ ଭୋଗିଥିବା ଗୋଦାବରୀଶ

Digitized by PPRACHIN, SOA

ସମ୍ପନ୍ନତାର ସନ୍ଧାନ କରୁଥିଲେ, ଏଣେ ପ୍ରଧାନ ଶିକ୍ଷକତାର ଅଧିକାରପାଇଁ ଶୀତଳଯୁଦ୍ଧ ଲାଗିଥିଲା । ସତ୍ୟବାଦୀର ସାମ୍ୟବାଦକୁ କାର୍ଯ୍ୟକାରୀ କରାଇବାପାଇଁ ଯେଉଁ ନେତୃତ୍ୱର ଆବଶ୍ୟକତା ଥିଲା ତାହା ସତ୍ୟବାଦୀ ଗୋଷ୍ଠୀ ଯୋଗାଇପାରିଲେ ନାହିଁ । ଓଡ଼ିଶାକୁ ଜାତୀୟ ମୁଖ୍ୟ ସ୍ରୋତରେ ଭସେଇ ଦେବାର ସଂକଳ୍ପ ନେଇ ଗୋପବନ୍ଧୁ ସତ୍ୟବାଦୀକୁ ବି ଭସେଇ ଦେଲେ । ରହିଗଲା କେବଳ ସତ୍ୟବାଦୀର ସନ୍ତକ 'ସମାଜ' ଓ ସତ୍ୟବାଦୀ ପ୍ରେସ୍ । ତାକୁ ବି ଗୋପବନ୍ଧୁ ମୃତ୍ୟୁ ଶଯ୍ୟାରେ ହସ୍ତାନ୍ତରିତ କରିଦେଲେ 'ଲୋକସେବକ ମଣ୍ଡଳ'କୁ । ନୀଳକଣ୍ଠଙ୍କ 'ନବଭାରତ'ର କଳ୍ପନା ବି ତା'ର ପୂର୍ଣ୍ଣରୂପ ନ ପାଇ ଶେଷରେ ମଉଳିଗଲା । ଏବେବି ଦୈନିକ 'ସମାଜ'ର ଗୋଟିଏ ଦିନ 'ନବଭାରତ' ନାଁ ନେଇ ସାହିତ୍ୟ ପୃଷ୍ଠାଟିଏ ବାହାରେ । ସେଥିରେ ସତ୍ୟବାଦୀର ନୂଆ ନୈତିକତା ବା ତତ୍ତୁଲ୍ୟ କୌଣସି ନିର୍ଦ୍ଦିଷ୍ଟ ପରିବର୍ତ୍ତନର ସୂଚନା ନ ମିଳିବା ସ୍ୱାଭାବିକ । 'ସତ୍ୟବାଦୀ' ମରିଗଲା, ତା' ସହିତ ମରିଗଲା ଗୋଟିଏ ଯୁଗର ସନ୍ତକ । ଠିକ୍ ବାର ବର୍ଷର ଗୋଟିଏ ଓଡ଼ିଆ ଯୁଗ, ସତ୍ୟବାଦୀ ଯୁଗ, ୧୯୦୯ରୁ ୧୯୨୧ ।

ସତ୍ୟବାଦୀ ଯୁଗର ଏ ବାର ବର୍ଷକୁ ଓଡ଼ିଆ ଆଧୁନିକତାର ଉତ୍ସ-କାଳ ବୋଲି କୁହାଯିବା ଉଚିତ । ସ୍ପଷ୍ଟ କରିଦେବା ଜରୁରୀ ଯେ 'ଓଡ଼ିଆ ଆଧୁନିକତା' ଓ 'ଆଧୁନିକ ଓଡ଼ିଶା' ଏକା କଥା ନୁହନ୍ତି । 'ଆଧୁନିକ ଓଡ଼ିଶା' ଗୋଟିଏ ରାଜନୈତିକ ଶବ୍ଦ, ଯାର ପ୍ରୟୋଗ ଠିକ୍ ଅର୍ଥରେ ୧୯୩୬ରୁ ହିଁ ଆରମ୍ଭ । ଓଡ଼ିଶା, ଭାରତୀୟ ରାଜ୍ୟ-ସଂଘରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ପାଇବା ସହିତ ଯେଉଁ ନୂଆ ରାଜନୈତିକ ବ୍ୟବସ୍ଥାର ଅଂଶ ହେଲା, ସେ ବ୍ୟବସ୍ଥା ଥିଲା ତତ୍କାଳୀନ ଭାରତରେ ଗୋଟିଏ ଆଧୁନିକ ବ୍ୟବସ୍ଥା । ଭାଷାଭିତ୍ତିକ ରାଜ୍ୟ ଗଠନ ଯେ ଭାରତରେ ଓଡ଼ିଶା ଠାରୁ ଆରମ୍ଭ ହେଲା ଏ ମଧ୍ୟ ଥିଲା ଗୋଟିଏ ଆଧୁନିକ ପ୍ରୟୋଗ । ୟୁରୋପୀୟମାନେ ଭାଷାଭିତ୍ତିକ ରାଷ୍ଟ୍ର ସ୍ଥାପନର ଯେଉଁ ମାନକ ସ୍ଥାପିତ କରିଥିଲେ, ତା'ର ଭାରତୀୟ ଖସଡ଼ା ଗ୍ରିଅର୍‌ସନ୍‌ଙ୍କ 'ଲିଙ୍ଗୁଇଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ' ଉପରେ ଗଢ଼ି ଉଠିବା ଥିଲା ସେହି ଆଧୁନିକ ପ୍ରୟୋଗ । 'ଓଡ଼ିଆ ଆଧୁନିକତା' କିନ୍ତୁ ଆରମ୍ଭ ହୋଇଥିଲା ତା'ର ଅନେକ ଆଗରୁ ସତ୍ୟବାଦୀ ଯୁଗରେ । 'ଓଡ଼ିଆ ଆଧୁନିକତା'ର ଯେଉଁ ଅର୍ଥ କରିଥିଲେ ସତ୍ୟବାଦୀର ସାଧକମାନେ, ତାକୁ ସିଧାସଳଖ କୌଣସି ଲେଖାରେ ପାଇବା ସମ୍ଭବ ନୁହେଁ ସତ, କିନ୍ତୁ ଟିକିଏ ତଳେଇ କରି ଦେଖିଲେ ଦିଶିଯିବ ଯେ ସତ୍ୟବାଦୀର ଏ ସାଧକମାନେ ଯେଉଁ ନୂଆ ନୈତିକତା ଓ ତା'ର ବିବିଧ କର୍ମକାଣ୍ଡର ସୂତ୍ରପାତ କରିଥିଲେ, ସେଥିରେ କ୍ଷୀଣ ହେଉ ପଛେ, ପ୍ରଥମ କରି 'ଓଡ଼ିଆ ଆଧୁନିକତା'ର

Digitized by PPRACHIN, SOA

ଗୋଟିଏ ରୂପ ଉକୁଟି ଥିଲା । 'ଓଡ଼ିଆ ଆଧୁନିକତା'ର ସେ ରୂପ କ'ଣ ? ସେ ରୂପଟି ଏହିପରି :

- ରୂଢ଼ିରୁ ମୁକ୍ତି
- କୁସଂସ୍କାରର ପ୍ରତିରୋଧ
- ସ୍ୱାବଲମ୍ବନ
- ସ୍ୱାଭିମାନ
- ସେବା
- ଐତିହ୍ୟବୋଧ

ପରେ ଏଥିରେ ମିଶିଲା ସ୍ୱାଧୀନତା ଓ ସ୍ୱରାଜ । ଶେଷରେ 'ସ୍ୱାଧୀନତା'ର କାମନା ହିଁ ହେଲା ଗୋଟିଏ ଉପନିବେଶର ସ୍ୱାଧୀନତାର ଅର୍ଥ ।

ଏସବୁ ଉପାଦାନକୁ ନେଇ ଗୋପବନ୍ଧୁ ଅନେକ ରଚନା ଛାଡ଼ି ଯାଇଚନ୍ତି । ଗୋପବନ୍ଧୁ ରେଳ ଉପରୁ ଦେଖିଥିବା 'ଚିଲିକା', ରାଧାନାଥଙ୍କ ବିଷଣ୍ଣ ଅବସରର ଚିଲିକା ନୁହେଁ, ବରଂ ଗୋଟିଏ କର୍ମଚଞ୍ଚଳ ଜୀବନକୁ ପ୍ରକୃତିର ଲାବଣ୍ୟରେ ରସାଣିତ କରି ଅପସରି ଯାଉଥିବା ଚିଲିକା । ସେହିପରି ଗୋପବନ୍ଧୁଙ୍କ 'ଧର୍ମପଦ' ଗୋଟିଏ ଜାତିର ଆତ୍ମତ୍ୟାଗର ଗାଥା । ସେହିପରି ବଢ଼ିପାଣିର ଘେରରେ ଥିବା ଲୋକଙ୍କ ପ୍ରତି ତାଙ୍କର ସମବେଦନା ବ୍ୟକ୍ତ କରୁଥିବା ବହୁ ତାତ୍କାଳିକ କବିତା । ଏତଦ୍‌ବ୍ୟତୀତ ତାଙ୍କର 'ଗୋ-ମାହାତ୍ମ୍ୟ' ଭଳି ରଚନା ଓ 'ସମାଜ'ରେ ସମସାମୟିକ ଚିନ୍ତା ଓ ଚେତନାକୁ ନେଇ ରଚିତ ବହୁ ଅଗ୍ରଲେଖ । ସବୁ ମିଶାଇଲେ ଖାଣ୍ଟି ଓଡ଼ିଆ ଲୋକଜୀବନର ବୈଚିତ୍ର୍ୟ ସହିତ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଅବହେଳିତ ରାଜନୈତିକ ଓଡ଼ିଶାର ସ୍ଥିତିକୁ ମିଶାଇ ଗୋଟିଏ ନୂଆ ଚିତ୍ର ଫୁଟିବ । ସେ ଚିତ୍ରଟି ଗୋଟିଏ ଦରିଦ୍ର ଲୋକ ସମ୍ପ୍ରଦାୟର ଅନ୍ତ୍ୟୋଦୟର । ଅନ୍ତ୍ୟୋଦୟର ସମ୍ଭାବନା ହିଁ ଦରିଦ୍ରର ଆଧୁନିକତା ।

ନୀଳକଣ୍ଠଙ୍କ 'କୋଣାର୍କେ'ରେ ଐତିହ୍ୟ ସ୍ମରଣ ସହିତ, ତାଙ୍କର ଏ ଦୃଢ଼ୋକ୍ତି ଯେ 'ଓଡ଼ିଆ' ଗୋଟିଏ ପ୍ରାଚୀନ ଆର୍ଯ୍ୟଭାଷା ଓ ଯାର ଅନ୍ତଃକରଣ ମହାଭାରତୀୟ ଉପାଦାନରେ ଗଢ଼ା, ଯାକୁ ବି ମନେ ରଖିବାକୁ ହେବ । ଯେଉଁ 'ଆର୍ଯ୍ୟଜୀବନ'ର ଉତ୍ସ ସନ୍ଧାନ ତାଙ୍କ ପାଇଁ ଏକ ବୌଦ୍ଧିକ ସୁଯୋଗରେ ପରିଣତ ହୋଇଥିଲା, ସେଥିରେ ବି ତାଙ୍କର ମୂଳଲକ୍ଷ୍ୟ ଥିଲା ଓଡ଼ିଆଙ୍କ ସଂସ୍କାର ଉପରେ ।

Digitized by PPRACHIN, SOA

'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ ତ ସେ ଓଡ଼ିଶାକୁ ସଭ୍ୟ ପରମ୍ପରାରେ ଅନ୍ୟାନ୍ୟ କରି ଗଢ଼ି ତୋଳିବାପାଇଁ ବିଶ୍ୱର ଗୂଢ଼ତମ ସଭ୍ୟତା ଓ ସଂସ୍କୃତିକୁ ଆଣି ଏକାଠି କରିଚନ୍ତି ! ନୀଳକଣ୍ଠଙ୍କ ଆଧୁନିକତାର ପରିଭାଷା କିନ୍ତୁ ପରିଶେଷରେ ଗୋପବନ୍ଧୁଙ୍କ ଠାରୁ ଅଲଗା ହୋଇଗଲା ଗୋଟିଏ ଦାର୍ଶନିକ ଭିତ୍ତିଭୂମି ଉପରେ । ଗୋପବନ୍ଧୁଙ୍କ ସେବାମନ୍ତ୍ରରେ ଦୀକ୍ଷିତ ନୀଳକଣ୍ଠ ଗୋପବନ୍ଧୁଙ୍କ ଅକାଳମୃତ୍ୟୁ ପରେ ଏକା ହୋଇଗଲେ । ଏହି ଏକାକୀ ପଣ ତାଙ୍କୁ ଏଭଳି ବାଧିଲା ଯେ ସେ ତାଙ୍କର ପରିବେଶ ପ୍ରତି ଅସହିଷ୍ଣୁ ହୋଇଉଠିଲେ । ନୀଳକଣ୍ଠଙ୍କ ଦୁର୍ବାସା ରୂପ ମୂଳରୁ ନ ଥିଲା, ଗୋପବନ୍ଧୁଙ୍କ ମୃତ୍ୟୁପରେ ସେ ଅଧିକରୁ ଅଧିକ ବେସାଲିସୀ ଓ କ୍ରୁଦ୍ଧ ହୋଇଉଠିଲେ । ତାଙ୍କର ଅତିପ୍ରିୟ ଅନୁଜ ପ୍ରତିମ ବନ୍ଧୁ ଓ ସହଯୋଗୀ ଗୋଦାବରୀଶ ନିଜ ରାସ୍ତାରେ ଯାଇ ନିଜର ଭବିଷ୍ୟତକୁ ଆଉ ପ୍ରକାରେ ଗଢ଼ିଲେ ।

ନୀଳକଣ୍ଠଙ୍କ 'ସତ୍ୟବାଦୀ'ରୁ ଓହରି ଯିବାପରେ ତାଙ୍କର ଜାତୀୟ ଅସ୍ମିତାବୋଧର ଶାସ୍ତ୍ର ଲେଖା ଆରମ୍ଭ ହେଲା । ସେ ଶାସ୍ତ୍ର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' । ଏ କାଳଜୟୀ ରଚନାରେ ନୀଳକଣ୍ଠ ସାହିତ୍ୟର କ୍ରମ ପରିଣାମ ଦର୍ଶାଇବା ଆଳରେ ଯେଉଁ ସାମାଜିକ ଓ ସାଂସ୍କୃତିକ ବ୍ୟାଖ୍ୟା ପ୍ରସ୍ତୁତ କରିଚନ୍ତି ତା'ର ପଟାନ୍ତର ନାହିଁ । 'ଚାହାଣି, ଚଳଣି ଓ ଚମକ'ର ବୈଚିତ୍ର୍ୟମୟ ଅନୁସନ୍ଧିତ୍ସାରେ ସେ ଏ ଜାତିର ଆଧ୍ୟାତ୍ମିକ ମୂଳ, ଜୀବନମୂଲ୍ୟ ଓ ଯାତ୍ରାପଥକୁ ଚିହ୍ନାଇଚନ୍ତି । ପ୍ରକୃତ ଅର୍ଥରେ ଯାହାକୁ ସେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ବୋଲି କହିଚନ୍ତି ତାକୁ 'ଓଡ଼ିଆତ୍ୱର କ୍ରମବିକାଶ' କହିହେବ । ଏଥିରେ ଆଧୁନିକତାର ସର୍ବଶ୍ରେଷ୍ଠ ଉପାଦାନ ହେଲା ଓଡ଼ିଆ ଲୋକସମାଜର ସଂଶ୍ଳେଷଣ କ୍ଷମତା । କେତେଜଣ ଅଙ୍ଗୀଭୂତ କରି ଏ ଜାତିର ସାଧାରଣ ଲୋକସମାଜ ନିଜକୁ ବ୍ୟକ୍ତ କରି ଶିଖୁଚି, ତା'ର ବିଚାର ଆଧୁନିକ ନୃତାତ୍ତ୍ୱିକ ବିଚାରାଧାରାର ଦୃଷ୍ଟିକୋଣରୁ ସର୍ବମାନ୍ୟ । ନୃତତ୍ତ୍ୱବିଦ୍ ଲେଭି ଷ୍ଟ୍ରାଉସ୍ ଆଦିମ ସଂସ୍କୃତିରେ 'ଗଭୀର ସଂରଚନା' (deep structure)ର ଯେଉଁ ଆଲୋଚନା କରିଚନ୍ତି, ପଣ୍ଡିତ ମହାଶୟଙ୍କ ଆଲୋଚନା ତା'ଠାରୁ ଅଧିକ ତାତ୍ତ୍ୱିକ ଓ ଯୁକ୍ତିନିଷ୍ଠ । ଅଚଳ ପରମ୍ପରାକୁ ଅବଲୀଳାକ୍ରମେ ରାସ୍ତାରୁ ହଟାଇ, କୁସଂସ୍କାରକୁ ଫିଙ୍ଗି ନୂଆ ବୈଜ୍ଞାନିକ ଦୃଷ୍ଟିକୋଣରୁ ମାର୍ଗଦର୍ଶୀ ପରମ୍ପରାକୁ ପୁନଃପ୍ରତିଷ୍ଠିତ କରିବାର ଏ ପ୍ରୟାସ ସତ୍ୟବାଦୀ-ଆଧୁନିକତା ବାହାରେ ନୀଳକଣ୍ଠଙ୍କ ନିଜ କ୍ଷେତ୍ର । ବିସ୍ମିତ ହେବାର ନାହିଁ ଯେ ନୀଳକଣ୍ଠ ଜଣେ ଏକକ ଚିନ୍ତାନାୟକ । ସତ୍ୟବାଦୀର ମାନ୍ୟତାମାନଙ୍କୁ କେହି ଯଦି ବୌଦ୍ଧିକ ବିକାଶର ଅଂଶ କରି ସମ୍ପୂର୍ଣ୍ଣ ନୂଆ ଓ ମୁକ୍ତ ଇଲାକାରେ ନୂଆ ମାନ୍ୟତା ସ୍ଥାପିତ କରିଥାଏ, ସେ ନୀଳକଣ୍ଠ ।

Digitized by PPRACHIN, SOA

ଆଗରୁ କହିଚି ଯେ ମୋ ପୂର୍ବରୁ ବହୁ ବିଦ୍ୱାନ୍ ନୀଳକଣ୍ଠ ସ୍ମାରକୀ ବକ୍ତୃତା ଦେଇ ନୀଳକଣ୍ଠଙ୍କ ବହୁମୁଖୀ ବ୍ୟକ୍ତିତ୍ୱକୁ ଉଜାଗର କରିଚନ୍ତି । କଥା ପ୍ରସଙ୍ଗରେ ଏନ୍. ଜି. ରଙ୍ଗା ଓ ପ୍ରତାପ ଚନ୍ଦ୍ରଙ୍କ କିଛି ବକ୍ତବ୍ୟ ମଧ୍ୟ ମୁଁ ଉଦ୍ଧାର କରିଚି । ଏବେ, ଏହିଭଳି କେତେକ ସ୍ମାରକୀ ବକ୍ତୃତାକୁ ଏକାଠି କରି 'ପଣ୍ଡିତ ନୀଳକଣ୍ଠ : ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ଶିରୋନାମରେ ଗୋଟିଏ ଗ୍ରନ୍ଥ ସଂକଳନର ଦାୟିତ୍ୱ ମୋତେ ଦେଇଚନ୍ତି 'ନୀଳକଣ୍ଠ ସ୍ମୃତି ସମିତି' । ଟିକିଏ ଆଗରୁ ପ୍ରସ୍ତୁତି ସରିଥିଲେ ଆଜି ସେ ଗ୍ରନ୍ଥଟିର ଲୋକାର୍ପଣ ହୋଇଥାନ୍ତା । ଦୁଃଖର କଥା, ତାହା ସମ୍ଭବ ହେଲା ନାହିଁ । ଅଳ୍ପଦିନ ଭିତରେ ଓଡ଼ିଶାର ବିଶିଷ୍ଟ ପ୍ରକାଶନ ସଂସ୍ଥା 'ବିଦ୍ୟାପୁରୀ' ସେ ଗ୍ରନ୍ଥଟିକୁ ପ୍ରକାଶିତ କରିଦେବେ । ଅପ୍ରାସଙ୍ଗିକ ହେବ ନାହିଁ ଯଦି ମୋର ଆଜିର ଏ ବକ୍ତୃତା ମାଧ୍ୟମରେ ମୁଁ ମୋର ପୂର୍ବ ବକ୍ତାମାନଙ୍କୁ ସ୍ମରଣ କରେ । ବରଂ କହିବି ସେମାନଙ୍କୁ ସ୍ମରଣ ନ କଲେ ମୋର ବକ୍ତବ୍ୟ ଅପୂର୍ଣ୍ଣ ରହିଯିବ । ଅପୂର୍ଣ୍ଣ ରହିଯିବ କାରଣ ସେ ବକ୍ତୃତାମାନଙ୍କରେ ବିଦ୍ୱାନ୍‌ମାନେ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱର ]ଭଳି ସୂକ୍ଷ୍ମ ବିଭାବମାନଙ୍କୁ ସ୍ପର୍ଶ କରିଚନ୍ତି, ଏଭଳି ଭବ୍ୟ ଉପାଦାନମାନଙ୍କୁ ଏକାଠି କରିଚନ୍ତି, ଯାହା କୌଣସି ଜଣେ ବକ୍ତା ଗୋଟିଏ ବକ୍ତୃତାରେ କରିବା ସମ୍ଭବ ନୁହେଁ । ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱର ଯେଉଁ ଅବଦାନଟିକୁ ମୁଁ ଆଜି ବିଶେଷ ଭାବରେ ରେଖାଙ୍କିତ କରିବାକୁ ଚାହୁଁଚି, ତା'ର ପ୍ରେରଣା ତାଙ୍କ ବ୍ୟକ୍ତିତ୍ୱର ବିବିଧ ସ୍ତରରୁ ଆସିଚି । ବହୁ ମଧ୍ୟରେ 'ଏକ' ଓ 'ଅଲଗା' ହୋଇ ଠିଆ ହୋଇଥିବା ତାଙ୍କ ବ୍ୟକ୍ତିତ୍ୱ, 'ଏକ'ରେ 'ବହୁ'ର ସମନ୍ୱୟ କିପରି ସମ୍ଭବ କରାଇପାରିଥିଲା, ବାସ୍ତବରେ ବିସ୍ମୟକର ।

ପ୍ରଥମେ ସ୍ମରଣ କରେଁ ପ୍ରଫେସର ଏନ୍. ଜି ରଙ୍ଗା ମାନ୍ୟବର ଲୋକସଭା ସଦସ୍ୟଙ୍କର ସେହି ସ୍ମରଣୀୟ ବକ୍ତୃତାଟିକୁ । ଏପ୍ରିଲ୍ ୧୯୮୭ରେ ପ୍ରଫେସର ରଙ୍ଗା ରାଉରକେଲାରେ ଏହି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତାର ଶୀର୍ଷକ ଥିଲା : ପଣ୍ଡିତ ନୀଳକଣ୍ଠ ଦାସ, ଜଣେ ଜାତୀୟ ନେତା, ଆଧୁନିକ ଓଡ଼ିଶା ରାଜ୍ୟର ଜନକ (Pandit Nilakantha Das : A National Leader, Father of Modern Orissa State) । ପ୍ରଫେସର ରଙ୍ଗା ଯେଉଁ ତିନୋଟି କଥା ସେ ବକ୍ତୃତାରେ କହିଥିଲେ, ବିସ୍ମୟର କଥା ତାହା ତାଙ୍କର କୌଣସି ଓଡ଼ିଆ ସହକର୍ମୀ ବା ଅନୁଗାମୀ କରି ନାହାନ୍ତି । ସେ ତିନୋଟି କଥା ହେଲା :

୧. ''ମୁଁ କେନ୍ଦ୍ରୀୟ ବ୍ୟବସ୍ଥାପକସଭାରେ ଯୋଗ ଦେଲାବେଳକୁ, ନୀଳକଣ୍ଠ ଦାସ ସ୍ୱରାଜ୍ୟ ପାର୍ଟି (ପରେ କଂଗ୍ରେସ ପାର୍ଟି)ର ସଚିବ ଥିଲେ, ମୋତିଲାଲ ନେହରୁ ଥିଲେ ତା'ର ସଭାପତି । ସେତେବେଳକୁ ଜଣେ ଅତି ଶକ୍ତିଶାଳୀ କେନ୍ଦ୍ରୀୟ ବ୍ୟବସ୍ଥାପକ

Digitized by PPRACHIN, SOA

ଭାବରେ ସେ ପ୍ରବଳ ଖ୍ୟାତି ଅର୍ଜନ କରିସାରିଥିଲେ ଓ ଲବଣ ଟିକସ ବିରୋଧରେ ତାଙ୍କର ଉଚ୍ଚକୋଟୀର ବକ୍ତୃତାପାଇଁ ତାଙ୍କୁ ଆନ୍ଧ୍ରର ଟି. ପ୍ରକାଶମ୍‌ଙ୍କ ସହିତ ତୁଳନା କରାଯାଉଥିଲା × × × ମୁଁ ଯେତେବେଳେ ୧୯୩୪ରେ ଆସେମ୍ଲିକୁ ନିର୍ବାଚିତ ହେଲି ମୋର ସୌଭାଗ୍ୟ ହେଲା ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଦକ୍ଷିଣ ଭାରତର ମହାନ୍ ଦେଶପ୍ରେମୀ ଭାବରେ ସମ୍ବର୍ଦ୍ଧିତ କରିବାର । ଖାଲି ସେତିକି ନୁହେଁ ବୁଲାଭାଇ ଦେଶାଇ ଓ ଗୋବିନ୍ଦବଲ୍ଲଭ ପନ୍ଥ ତାଙ୍କୁ ଜାତୀୟ ଦଳର ବରିଷ୍ଠ ସଚିବ ଭାବେ ସମ୍ମାନିତ କଲେ । ସେ ବରିଷ୍ଠ ସଚିବ ଥିବା ବେଳେ ଆସଫ ଅଲି ଓ ସତ୍ୟ ମୂର୍ତ୍ତି ସଚିବ ମାତ୍ର ଥିଲେ । ମୋତେ କୃଷକ ନେତା ଓ ଭି. ଭି. ଗିରିଙ୍କୁ ଶ୍ରମିକ ନେତା କରି ଗଢ଼ି ତୋଳିବାରେ ତାଙ୍କରି ପ୍ରୋତ୍ସାହନ ହିଁ ଥିଲା । ମୁଁ, ଓ ଶ୍ରୀ ଗିରି ପଣ୍ଡିତ ଦାସଙ୍କ ସହିତ ମିଶି ଆନ୍ଧ୍ର ଓ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାର ଦାବି ନେଇ ଲଢ଼ିଥିଲୁ ।''

୨. ''ଓଡ଼ିଆ ଜନତାର ଦାବିକୁ ଜାତୀୟ ସ୍ତରରେ ରାଜନୈତିକ କର୍ମକାଣ୍ଡରେ ପରିଣତ କରିବାର ଶ୍ରେୟ ଯିବ ନୀଳକଣ୍ଠ ଦାସଙ୍କୁ । ବଙ୍ଗାଳୀଙ୍କ ଭଳି ଓଡ଼ିଆଙ୍କର ବି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ ବୋଲି ସେ ହିଁ ପ୍ରଥମେ ଦାବି ଉପସ୍ଥାପିତ କରିଥିଲେ । କେନ୍ଦ୍ରୀୟ ବ୍ୟବସ୍ଥାପକସଭାରେ ଘନ ଘନ ପ୍ରସ୍ତାବମାନ ଆଣି, ଭାଷଣଦେଇ, ଇଂରେଜ ନୀତି-ନିର୍ଦ୍ଧାରକମାନଙ୍କୁ ପ୍ରଭାବିତ କରି ସେ ତାଙ୍କର କାର୍ଯ୍ୟ କରି ଚାଲିଥିଲେ । କଂଗ୍ରେସର ନୀତିବିରୁଦ୍ଧ ହେଲେ ମଧ୍ୟ ସେ ରାଜା, ମହାରାଜା ଓ ଜମିଦାରମାନଙ୍କ ସହିତ ସ୍ୱତନ୍ତ୍ର ଓଡ଼ିଶା ଗଠନର ପଥ ସୁଗମ କରିବାପାଇଁ ସୁସମ୍ପର୍କ ସ୍ଥାପିତ କରିଥିଲେ । ଅନେକ ଆପତ୍ତି ଉଠିଲା । କୁହାଗଲା ସ୍ୱତନ୍ତ୍ର ହାଇକୋର୍ଟ ଓ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟପାଇଁ ସମ୍ବଳ ନାହିଁ, ଏତେଗୁଡ଼ିଏ ବିଚ୍ଛିନ୍ନାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଇଲାକାଙ୍କୁ ସଂଯୁକ୍ତ କରିବା ଅସମ୍ଭବ । ପଣ୍ଡିତ ନୀଳକଣ୍ଠ ଏ ଆପତ୍ତିକୁ ତାଙ୍କର ଯୁକ୍ତିରେ ଲେଉଟାଇ ଦେଇ ପ୍ରମାଣ କରିଚାଲିଲେ ଯେ ଠିକ୍ ଏ ଅସୁବିଧାଗୁଡ଼ିକର ଅନ୍ତିମ ନିରାକରଣପାଇଁ ଓଡ଼ିଆଙ୍କୁ ସ୍ୱତନ୍ତ୍ର ରାଜ୍ୟ ମିଳୁ ।''

୩. ''ସମୟ ଏମିତି ଆସିଲା ଯେ ନୀଳକଣ୍ଠଙ୍କୁ ମହାଶକ୍ତିଶାଳୀ ଜାତୀୟ କଂଗ୍ରେସର ସଭାପତି ମୋତିଲାଲ ନେହରୁଙ୍କ ସହିତ ଲଢ଼ିବାକୁ ପଡ଼ିଲା । ଏମିତି ହେଲା ଯେ 'ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ' ହେବାର ଦାବିକୁ କଂଗ୍ରେସ କାର୍ଯ୍ୟକାରିଣୀ ଯଥେଷ୍ଟ ଗୁରୁତ୍ୱ ନ ଦେବାରୁ ସେ ଅଧିବେଶନରୁ ତାଙ୍କ ସମର୍ଥକଙ୍କ ସହିତ ବାହାରି ଆସିଥିଲେ ଓ କଲିକତାର ରାସ୍ତାରେ ପ୍ରତିବାଦ ସଭା ଆରମ୍ଭ କରିଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ମଧ୍ୟସ୍ଥତାରେ ଶେଷରେ ମୋତିଲାଲ ନେହରୁଙ୍କ ସହିତ ମିଳାମିଶା ସମ୍ଭବ ହୋଇଥିଲା । ନୀଳକଣ୍ଠ ତାଙ୍କ ଦାବିରେ ଏତେ ଅଟଳ ଥିଲେ ଯେ ସ୍ୱତନ୍ତ୍ର

Digitized by PPRACHIN, SOA

ଓଡ଼ିଶାର ଦାବି ନେଇ ସେ ସମସ୍ତଙ୍କୁ ପ୍ରଭାବିତ କରିବାରେ କ୍ଷମ ହୋଇଥିଲେ । ସେ ଓଡୋନେଲ୍ କମିସନ୍ ହେଉ, ଗୋଲ୍‌ଟେବୁଲ୍ ବୈଠକ ହେଉ ବା କେନ୍ଦ୍ର ସରକାର ହେଉ, ସବୁଠି ତାଙ୍କର ଏହି ପ୍ରସ୍ତାବ । ଏମିତି କରି କରି ନୀଳକଣ୍ଠ ତାଙ୍କ ସ୍ୱପ୍ନ ସାର୍ଥକ କରାଇନେଲେ । ଆନ୍ଧ୍ରବାଲାଏ ନୀଳକଣ୍ଠଙ୍କ ସମକକ୍ଷ ହେଲେ ନାହିଁ, ଓଡ଼ିଶା ସ୍ୱତନ୍ତ୍ରତା ପାଇବାର ଦଶ ବର୍ଷ ପରେ ଆନ୍ଧ୍ର ସ୍ୱତନ୍ତ୍ରତା ପାଇଲା । ଏଇଥିପାଇଁ ନୀଳକଣ୍ଠଙ୍କୁ ଓଡ଼ିଶାର ଜନକ କୁହାଯିବ ।''

ଏତେ ବଡ଼ ଜାତୀୟ ସ୍ତରର ନେତା । ୧୯୨୪ରୁ ୧୯୪୫ଯାଏଁ କେନ୍ଦ୍ରୀୟ ବ୍ୟବସ୍ଥାପକସଭାର ସଦସ୍ୟ, ଜାତୀୟ କଂଗ୍ରେସର ବରିଷ୍ଠ ସଚିବ ! ବୋଧହୁଏ ଜାତୀୟ ସ୍ତରର ପ୍ରଥମ ଓ ଏଯାବତ୍ ଅନତିକ୍ରମ୍ୟ ଓଡ଼ିଆ ନେତା ! କିନ୍ତୁ ପଣ୍ଡିତଜୀଙ୍କ ଜୀବନୀ ତାକୁ ନେଇ କୌଣସି ବିଶେଷ ସୂଚନା ନାହିଁ, ଗର୍ବ କରିବା ତ ଦୂରର କଥା !

୩୧ ଅଗଷ୍ଟ ୧୯୮୫ରେ ପ୍ରତାପ ଚନ୍ଦ୍ର ଚନ୍ଦରଙ୍କର ନୀଳକଣ୍ଠ ସ୍ମାରକୀ ବକ୍ତୃତା ମୁଁ ଯଦି ପଢ଼ି ନ ଥାନ୍ତି, ଜାଣି ନ ଥାନ୍ତି ବ୍ୟବସ୍ଥାପକ ଭାବରେ ନୀଳକଣ୍ଠ ଦାସ ବି ପ୍ରଭାବଶାଳୀ ଜାତୀୟ ପ୍ରତିଷ୍ଠା ଅର୍ଜନ କରିଥିଲେ । ମୋ ଜାଣିବାରେ ନୀଳକଣ୍ଠଙ୍କର ବ୍ୟବସ୍ଥାପକ ଭୂମିକା ଉପରେ ବିଶେଷ ଉପାଦାନ ସଂଗ୍ରହ ହୋଇ ନାହିଁ । ନୀଳକଣ୍ଠ ଓ ଭୁବନାନନ୍ଦ ଦାସଙ୍କ ବ୍ୟବସ୍ଥାପକ ଭୂମିକା ଭାରତୀୟ ରାଜନୀତିରେ ହୁଏତ ଓଡ଼ିଶାର ନେତୃତ୍ୱ ବିକଶିତ କରିପାରିଥାନ୍ତା, କିନ୍ତୁ ଓଡ଼ିଆଙ୍କ ଭିତରେ କାହିଁକି କେଜାଣି ସେ ସୁଯୋଗ ବ୍ୟବହାର କରିବାର ପ୍ରେରଣା ରହିଲା ନାହିଁ । ପ୍ରଫେସର ରଙ୍ଗା ଯେଉଁ ଟି. ପ୍ରକାଶମ୍‌ଙ୍କ ସହିତ ନୀଳକଣ୍ଠଙ୍କୁ ତୁଳନା କରିଚନ୍ତି, ସେ ସଂସଦୀୟ ଅବଦାନରେ ନୀଳକଣ୍ଠଙ୍କ ସମକକ୍ଷ ନ ଥିଲେ ବି ତାଙ୍କୁ ନୀଳକଣ୍ଠଙ୍କ ସହିତ ତୁଳନା କରିବାପାଇଁ ଆନ୍ଧ୍ରରୁ ଜଣେ ପ୍ରଫେସର ରଙ୍ଗା ତ ବାହାରିଲେ ! ଆମର କଣ ହେଲା ? କେହି ଜଣେ ଓଡ଼ିଆ ଆନ୍ଧ୍ରରେ ଯାଇ ଟି. ପ୍ରକାଶମ୍ ସ୍ମାରକୀ ବକ୍ତୃତାରେ କହିଲା କି ପ୍ରକାଶମ୍ ନୀଳକଣ୍ଠଙ୍କ ସହିତ ତୁଳନୀୟ ! ସେ ଯାହାହେଉ ପ୍ରତାପ ଚନ୍ଦରଙ୍କ ସ୍ମାରକୀ ବକ୍ତୃତା ପ୍ରସଙ୍ଗରେ, ନୀଳକଣ୍ଠଙ୍କ ବ୍ୟବସ୍ଥାପକ ଭୂମିକାର ଆକଳନପାଇଁ ଦ୍ୱାର ଖୋଲିଚି ଯେତେବେଳେ ଆପଣମାନଙ୍କ ଅବଗତିପାଇଁ ନୀଳକଣ୍ଠ କେଉଁ କେଉଁ ବିଷୟରେ ସଂସଦୀୟ ଆଲୋଚନାରେ ପ୍ରମୁଖ ଭୂମିକା ନେଇଥିଲେ, କେଉଁ କେଉଁ ପ୍ରସ୍ତାବ ଉପସ୍ଥାପିତ କରି ସମ୍ମାନର ପାତ୍ର ହୋଇଥିଲେ ତା'ର ସଂକ୍ଷିପ୍ତ ସୂଚନା ମାତ୍ର ଦେବି । ସେଥିରୁ ଜଣାପଡ଼ିବ ଜଣେ ଓଡ଼ିଆ ବ୍ୟବସ୍ଥାପକର ଦୃଷ୍ଟି କେତେ ପ୍ରସାରିତ ଓ ପ୍ରଖର ଥିଲା । ବିଷୟଗୁଡ଼ିକ ହେଲା :

* ରାଜନୈତିକ ବନ୍ଦୀଙ୍କ ଅବଦମନର ବିରୋଧ ।
* ଗ୍ରାମପଞ୍ଚାୟତମାନଙ୍କୁ ଅକାମୀ କରିବାପାଇଁ ଚାଲିଥିବା ସରକାରୀ କାର୍ଯ୍ୟକ୍ରମର ସମାଲୋଚନା ।

Digitized by PPRACHIN, SOA

ବି. ଏନ୍. ଆର୍. ରେଲୱେ୍ରେ ତୃତୀୟ ଶ୍ରେଣୀ ଯାତ୍ରୀଙ୍କୁ ଗୋରୁ ବୁହା ଡବାରେ ଭର୍ତ୍ତି କରିବାକୁ ନେଇ ଆପତ୍ତି ।

* ଦୁର୍ଭିକ୍ଷବେଳେ ଲୋକଙ୍କୁ ନିଜ ବ୍ୟବହାରପାଇଁ ଲୁଣ ମାରିବାର ସୁଯୋଗ ଦେବାପାଇଁ ପ୍ରସ୍ତାବ ।
* ବି. ଏନ୍. ଆର. ରେଲୱେ୍ର ଓଡ଼ିଆଙ୍କପାଇଁ ଚାକିରି ସଂରକ୍ଷଣପାଇଁ ପ୍ରସ୍ତାବ ।
* ବିଚ୍ଛିନ୍ନ ଓଡ଼ିଆଭାଷୀ କ୍ଷେତ୍ରର ଏକୀକରଣପାଇଁ ଯୁକ୍ତି ।

ଲବଣ ଶିଳ୍ପର ପୁନଃପ୍ରସାରଣପାଇଁ ପ୍ରସ୍ତାବ ।

* ହିନ୍ଦୁ ରିଲିଜିୟସ୍ ଆଣ୍ଡ୍ ଚାରିଟେବଲ ଟ୍ରଷ୍ଟ ବିଲ୍ର ଆଲୋଚନା ।
* ମାତୃମଙ୍ଗଳ ବିଲ୍ର ଆଲୋଚନା ।

ଆସାମ ଚା’ ବାଗାନ୍ରେ ଓଡ଼ିଆ କୁଲିଙ୍କ ଦୁର୍ଦ୍ଦଶାକୁ ନେଇ ଉଦ୍ବେଗ ପ୍ରକାଶ ।

ମାନ୍ଦ୍ରାଜ ସରକାରଙ୍କ ହିନ୍ଦୀ ବିରୋଧୀ କାନୁନ୍ର ଆଲୋଚନା ।

ଇଣ୍ଡିଆନ ଟାରିଫ୍ ଆମେଣ୍ଡମେଣ୍ଟ ବିଲ୍ର ଆଲୋଚନା ।

* ସିଭିଲ୍ ପ୍ରୋସେଡ୍ୟୁର କୋଡର ଆଲୋଚନା ।
* କେନିଆ ଓ ଅନ୍ୟ ପୂର୍ବ ତଥା କେନ୍ଦ୍ରୀୟ ଆଫ୍ରିକାନ୍ ଉପନିବେଶମାନଙ୍କପାଇଁ ଗଠିତ ରୟାଲ୍ କମିସନ୍ରେ ଭାରତୀୟ ପ୍ରତିନିଧି ରଖିବାପାଇଁ ଦାବି ।

ବାଲ୍ୟବିବାହ, ଶାରଦା ଆକ୍ଟର ଆଲୋଚନା ।

ଆଫ୍ରିକାର ଆବିସିନିଆକୁ ଭାରତୀୟ ସୈନ୍ୟ ପଠାଇବାର ଔଦ୍ଧତ୍ୟକୁ ନେଇ ପ୍ରଶ୍ନ ।

* କଫି ବଗିଚାମାନଙ୍କର ଦୁଃସ୍ଥିତି ଆଲୋଚନା ।
* ସୁଭାଷ ବୋଷଙ୍କ ଉପରେ ଲାଗିଥିବା କଟକଣା ଉଠିବାପାଇଁ ଦାବି ।

ଏମିତି କେତେ କଣ ! ସବୁ ପ୍ରସ୍ତାବ, ଆପତ୍ତି, ଅଭିଯୋଗ ସୁଚିନ୍ତିତ । ବୌଦ୍ଧିକତା ଓ ମାର୍ମିକତାରେ ପରିପୁଷ୍ଟ । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ତାଙ୍କର ଯେଉଁସବୁ ଯୁକ୍ତି ଥିଲା ତାହାରି ଆଧାରରେ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ତାଙ୍କୁ କୁହାଗଲା ଆଧୁନିକ ଓଡ଼ିଶାର ନିର୍ମାତା ।

Digitized by PPRACHIN, SOA

ସତ୍ୟନାରାୟଣ ରାଜଗୁରୁ ତାଙ୍କର ସ୍ମାରକୀ ବକ୍ତୃତାରେ ନୀଳକଣ୍ଠଙ୍କ ମୁଖଲିଙ୍ଗମ୍ ଭାଷଣ ବିଷୟରେ ଉଲ୍ଲେଖ କରିଚନ୍ତି । ଆନ୍ଧ୍ରକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଲକ୍ଷ୍ୟରେ ଓଡ଼ିଆଙ୍କ 'କଳିଙ୍ଗ'କୁ ଆତ୍ମସାତ୍ କରିବାର ଉଦ୍ୟମ କରିଥିଲେ ଆନ୍ଧ୍ରର ପୁରାତତ୍ତ୍ୱବିତ୍ ଓ ଐତିହାସିକମାନେ । ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ଅଧିକାର ବ୍ୟାଖ୍ୟା କରି ସେମାନଙ୍କୁ ହତଚକିତ କରିଦେଇଥିଲେ । ହୁଏତ ସେହି ଭାଷଣର ପ୍ରଭାବରୁ କଳିଙ୍ଗର କିଛି ଅଂଶ ଓଡ଼ିଶାରେ ରହିଗଲା । ସେଇ ମଧ ଥିଲା ଦକ୍ଷିଣର ସୀମାନ୍ତ ରାଜ୍ୟମାନଙ୍କ ଭିତରେ ଓଡ଼ିଆ-ପ୍ରେରଣା ଉଦ୍ରେକକାରୀ ନିର୍ଣ୍ଣାୟକ ଘଟଣା । ଏହାଛଡ଼ା ଦେଶମିଶ୍ରଣର ରାଜନୀତିରେ ନୀଳକଣ୍ଠଙ୍କର 'କାନ୍ଦୁଥିବା, ଯାହା ମିଳୁଥିବ ବାନ୍ଧୁଥିବା' ନୀତିର ସ୍ପଷ୍ଟୀକରଣ ମୋତେ ରାଜଗୁରୁ ମହାନାୟକ ବକ୍ତୃତାରୁ ମିଳିଗଲା ।

ହରେକୃଷ୍ଣ ମହତାବଙ୍କ ନୀଳକଣ୍ଠ ସ୍ମାରକୀ ବକ୍ତୃତାରୁ ସତ୍ୟବାଦୀ ଯୁଗର ମୌଳିକ ଚିନ୍ତନକୁ ନେଇ କିଛି ଅନ୍ତର୍ଦୃଷ୍ଟି ମିଳିଲା ସତ, କିନ୍ତୁ ନୀଳକଣ୍ଠଙ୍କ ରାଜନୈତିକ ଭୂମିକାକୁ ନେଇ ମହତାବଜୀ କିଛି କହିଲେ ନାହିଁ । ସେ ସ୍ପଷ୍ଟ କରିପାରିଥାନ୍ତେ କଂଗ୍ରେସର ଯୁବନେତୃତ୍ୱ ନୀଳକଣ୍ଠଙ୍କୁ କାହିଁକି ଓ କିପରି ଅପାଙ୍କ୍ତେୟ କରିଦେଲା ।

ସେ କଥା ସ୍ପଷ୍ଟ କରିଛନ୍ତି ଗଙ୍ଗାଧର ମହାପାତ୍ର ତାଙ୍କଦ୍ୱାରା ପ୍ରଦତ୍ତ ସ୍ମାରକୀ ବକ୍ତୃତାରେ । ନୀଳକଣ୍ଠ କାହିଁକି ତାଙ୍କର ଶ୍ରେୟ ଓ ପ୍ରାପ୍ୟରୁ ବଞ୍ଚିତ ହେଲେ, ଗଙ୍ଗାଧର ମହାପାତ୍ର ବଡ଼ ସାହସର ସହିତ ତା'ର ସୂଚନା ଦେଇଚନ୍ତି । ସେ ସୂଚନାରୁ ଗୋଟିଏ ତାଙ୍କରି ଭାଷାରେ ଏହିପରି –

''ପଣ୍ଡିତ ନୀଳକଣ୍ଠ ନିଜର ରାଜନୀତିକ ଭବିଷ୍ୟତର ବିନିମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଲେ, ମାତ୍ର ଓଡ଼ିଶାରେ ସେ ପ୍ରତ୍ୟାଖ୍ୟାତ ହେଲେ ।''

କାହିଁକି ଏପରି ହେଲା ? ନୀଳକଣ୍ଠଙ୍କୁ ସେ ସମୟରେ ଜାଣିଥିବା ତାଙ୍କ ନିନ୍ଦୁକ ଓ ପ୍ରଶଂସକ ସମସ୍ତଙ୍କ ମତ ଏକାଠି କଲେ କାରଣଗୁଡ଼ିକ ଫୁଟି ଦିଶିବ ବୋଧେ । କେତୋଟି କାରଣ ଏହିପରି ହୋଇପାରନ୍ତି :

* ନୀଳକଣ୍ଠଙ୍କ ପ୍ରକାଶ ତାଙ୍କୁ ଗୋଟିଏ ଦିଗରେ ବନ୍ଦନୀୟ କରି ଠିଆକଲା ତ ଅନ୍ୟପଟେ ସୁବିଧାବାଦୀ ବସ୍ତୁସର୍ବସ୍ୱ ଶ୍ରେଣୀର ଲୋକେ ତାଙ୍କୁ ସଂଭ୍ରମର ସହିତ ଗ୍ରହଣ କରିପାରିଲେ ନାହିଁ ।
* ନେତାଜୀଙ୍କ ଫରଓ୍ୱାଡ଼ ବ୍ଲକ୍‌ର ସମର୍ଥନ କରି ଓ ତା'ର ରଣକୌଶଳକୁ ଅକୁଣ୍ଠ ସମର୍ପଣ ଦେଇ ପଣ୍ଡିତ୍‌ଜୀ କଂଗ୍ରେସର ବିରୋଧ କଲେ ଓ ଗୋଟିଏ

Digitized by PPRACHIN, SOA

ନିର୍ଣ୍ଣାୟକ କାଳରେ କଂଗ୍ରେସ ଛାଡ଼ିଦେଲେ । ତା'ର ପ୍ରଭାବ ତାଙ୍କର ଭବିଷ୍ୟତର ରାଜନୀତି ଉପରେ ପଡ଼ିଲା ।

* ସେ ରାଜନୀତିରେ ନିଜ ସମର୍ଥକ ଗୋଷ୍ଠୀ ଗଢ଼ିପାରିଲେ ନାହିଁ, କାରଣ ସମସ୍ତଙ୍କୁ ସନ୍ତୁଷ୍ଟ କରି ରଖିବାର ଛଳଚାତୁର୍ଯ୍ୟ ସେ ଆପଣେଇ ପାରିଲେ ନାହିଁ ।

ରାଜନୀତିରେ ବୌଦ୍ଧିକତାର ଅବକ୍ଷୟ ହୋଇ ଆସିଲା ବେଳକୁ ଯେଉଁ ଗୋଟିଏ ନୂଆ 'କରିତ୍କର୍ମା' ଶ୍ରେଣୀର ଉଦୟ ହେଲା, ସେଥିରେ ନୀଳକଣ୍ଠଙ୍କ ପାଇଁ ସ୍ଥାନ ନ ଥିଲା ।

* ମୋଟ ଉପରେ ନୀଳକଣ୍ଠଙ୍କ ପ୍ରଖର ବୌଦ୍ଧିକତା ଓ ତୀବ୍ର ଆକ୍ରାମକ ଦୃଷ୍ଟିକୋଣ ରାଜନୀତିରେ ତାଙ୍କୁ ଲୋକନାୟକ ଭାବେ ଉତୁରିବାକୁ ଦେଲା ନାହିଁ ।

ବିସ୍ମୟର କଥା ଯେ ଲୋକଚିନ୍ତନକୁ ନିଜ ବୌଦ୍ଧିକ ଅନୁସନ୍ଧିତ୍ସାରେ ଗୋଟିଏ ନବ୍ୟ ଆଧୁନିକତାର ଅସ୍ତ୍ର ଭଳି ଧରିଥିବା ନୀଳକଣ୍ଠ, ଲୋକ ସମ୍ପୃକ୍ତିର ଅଭାବରୁ ବିପୁଳ ପରିବର୍ତ୍ତନ କାଳଖଣ୍ଡରେ ଅସହାୟ ହୋଇଗଲେ ।

ଆଦିତ୍ୟ ପ୍ରସାଦ ପାଢ଼ୀ ତାଙ୍କର ନୀଳକଣ୍ଠ ସ୍ମାରକୀ ବକ୍ତୃତାରେ ନୀଳକଣ୍ଠଙ୍କର ଯେଉଁ ପ୍ରତିମା-ବିଧ୍ୱଂସକ ବେସାଲିସୀ ବ୍ୟକ୍ତିତ୍ୱକୁ ରେଖାଙ୍କିତ କରିଚନ୍ତି ତା'ର ପ୍ରାସଙ୍ଗିକତା ଏହିଠାରେ । ପଣ୍ଡିତଜୀ କହିଲେ : 'ମହାଭାରତରେ ଶ୍ରୀକୃଷ୍ଣ ନ ଥିଲେ ଚଳିଥାନ୍ତା' । କହିଲେ 'ଗୀତାରେ ଅଛି ମହନୀୟ ଧର୍ମତତ୍ତ୍ୱ, ମାତ୍ର ତାକୁ ପାରାୟଣ କଲେ ଧର୍ମ ହେବ କାହିଁକି ? ଗୀତାର ତତ୍ତ୍ୱ ଅନୁସନ୍ଧାନ କରି ନ ପାରିଲେ ପାରାୟଣ ନିରର୍ଥକ ।' ପୁଣି କହିଲେ : 'କିମ୍ବଦନ୍ତୀଗୁଡ଼ାକ ଭାକ୍ତିକ ମିଥ୍ୟା' ।

କଳ୍ପନା କରାଯାଇପାରେ ଯେ ସମାଜରେ ମିଛ ପ୍ରତିଶ୍ରୁତିର ନିଶା ଧରି ଆସୁଥିବାବେଳେ, ରାଜନୀତିରେ ବ୍ୟକ୍ତି ପ୍ରତିଷ୍ଠାର ନୂଆ ପୌରାଣିକତା ଗଢ଼ା ହେଉଥିଲାବେଳେ ଜଣେ ପ୍ରାଜ୍ଞପୁରୁଷଙ୍କ ଏ ଉକ୍ତି କିଭଳି ତାଙ୍କୁ ମୁଖ୍ୟସ୍ରୋତରୁ ଅଲଗା କରିଦେଇଥିବ ।

କୈଳାସଚନ୍ଦ୍ର ଦାଶ ତାଙ୍କର 'ସଂସ୍କାରକ ଓ ସଂଗଠକ ପଣ୍ଡିତ ନୀଳକଣ୍ଠ ଦାସ' ଶୀର୍ଷକ ସ୍ମାରକୀ ବକ୍ତୃତାରେ ନୀଳକଣ୍ଠଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଉଦ୍ଧାର କରିଚନ୍ତି । ସେ ବକ୍ତବ୍ୟ ତାଙ୍କର ସଂସ୍କାରକ ଦୃଷ୍ଟିକୋଣର ଯେଉଁ ପରିଚୟ ଦିଏ ସେଥିରୁ ସ୍ପଷ୍ଟ ହେବ ଲୋକସଂସ୍କାର ତାଙ୍କପାଇଁ ଗୋଟିଏ ଲୋକ ଦେଖାଣିଆ ଛଳ ରାଜନୈତିକ କର୍ମକାଣ୍ଡ ନ ଥିଲା । ନୀଳକଣ୍ଠ କହିଲେ :

Digitized by PPRACHIN, SOA

''ଭାରତ ଅନ୍ୟାନ୍ୟ ସ୍ଥାନରେ ଯାହାହେଉ, ଜଗନ୍ନାଥ ଧର୍ମ ଉତ୍କଳର କୁଳଧର୍ମ । ଏହା କୈବଲ୍ୟ ଧର୍ମ । କୈବଲ୍ୟ ଧର୍ମ କେବଳ ଭାବ । ଜଗନ୍ନାଥ ଧର୍ମରେ ଭେଦ ନାହିଁ । ରୋକିବାର ବିଧି ନାହିଁ । କାଳକ୍ରମେ ସ୍ମାର୍ତ୍ତମାନେ ବହୁ ପରିଶ୍ରମ କରି ଦୁଇ ହଜାରରୁ ଅଧିକ ବର୍ଷ ଲାଗି, ପୁରୀ ଆଖାପାଖ ପଞ୍ଚକୋଶୀ ଭିତରେ କେତେକ ତଥାକଥିତ ଅଛୁଆଁଙ୍କୁ ରୋକିପାରିଲେ ବୋଲି ଆତ୍ମଶ୍ଳାଘା କରନ୍ତି ସତ, କିନ୍ତୁ ପ୍ରକୃତ ବିଚାର କରି ବସିଲେ ଏ ସବୁ କ୍ଷୁଦ୍ର କ୍ରିୟା ମଧ୍ୟ କୁଳଧର୍ମର ବିରୋଧୀ ।''

କୁଳଧର୍ମର ରକ୍ଷକ ନୀଳକଣ୍ଠଙ୍କୁ କେଉଁ ଭାଷାରେ ଶ୍ରଦ୍ଧାଞ୍ଜଳି ଦେବା, କୃତଜ୍ଞତା ଜଣାଇବା ? ଏଭଳି ଜଣେ ବ୍ୟକ୍ତି ଯିଏ ତାଙ୍କର ସମଗ୍ର ଜୀବନକାଳ ବୌଦ୍ଧିକ ଚିନ୍ତନ, ପରମ୍ପରାର ନବୀକରଣ, ସାଂସ୍କୃତିକ ଅନନ୍ୟତାର ଉତ୍ସ ସନ୍ଧାନ, ଭାଷା-ସାହିତ୍ୟ-ଅଧ୍ୟାତ୍ମର ପୁନର୍ବିବେଚନରେ ସାରିଦେଲେ, ବଦଳରେ କିଛି ପାଇବାର ସାମାନ୍ୟତମ ଆଶା ବି ରଖିଲେ ନାହିଁ, ତାଙ୍କୁ ଗୋଟିଏ ଶଙ୍କାକୁଳ, ବିଡ଼ମ୍ବିତ ସମୟର ସୀମାନ୍ତରେ ଠିଆ ହୋଇ କଣ ବା କୁହାଯାଇପାରେ ? କେବଳ କୃତଜ୍ଞତା ଜଣାଇବାର ଆଳରେ କେତୋଟି ପ୍ରଶ୍ନ ପଚରା ଯାଇପାରେ, ଆକୁଳ ପ୍ରଶ୍ନ ଓଡ଼ିଆ ଜାତିର ଭବିଷ୍ୟତକୁ ନେଇ :

ଓଡ଼ିଆଙ୍କ ଜାତୀୟ ଭାବମୂର୍ତ୍ତି କେବେ ବଦଳିବ ?

* କିଏ ଓଡ଼ିଆଙ୍କ ସ୍ୱତନ୍ତ୍ର ଅସ୍ତିତ୍ୱର ଉପାଦାନମାନଙ୍କୁ ଏକାଠି କରିବ ?
* କିମିତି ବିକଶିତ ହେବ ଓଡ଼ିଆ ଭାଷାର ପ୍ରକୃତ ସ୍ୱରୂପ ?
* କେବେ ଲେଖା ହେବ ମାନକ ଓଡ଼ିଆ ବ୍ୟାକରଣ ?

ଓଡ଼ିଆ ଜାତୀୟତାର ଭାଷ୍ୟ ଲେଖିବ କିଏ ?

* କେବେ ଶୁଭିବ ବ୍ୟବସ୍ଥାପକସଭାରେ ଓଡ଼ିଆ ମୁରବୀର ଜାତୀୟ ସ୍ୱର ?
* ଅପସଂସ୍କୃତିର କବଳରୁ ସଂସ୍କୃତିକୁ ରକ୍ଷା କରିବ କିଏ ?
* କେବେ ସକାଳ ହେବ ?

ହରପ୍ରସାଦ ଦାସ

Digitized by PPRACHIN, SOA

ଜୀବନୀ

# ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ପ୍ରତିଭା

[ ଐତିହାସିକ ବଂଶ ପରିଚୟ ]

ସତ୍ୟନାରାୟଣ ରାଜଗୁରୁ

॥ ୧ ॥

ଓଡ଼ିଆ ଜାତିର ସାଂସ୍କୃତିକ ନାଭିକେନ୍ଦ୍ର ପୁରୀ ଜିଲ୍ଲା, ଯେଉଁଠାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବିଦ୍ୟମାନ । ଓଡ଼ିଶାର ପ୍ରାଚୀନ ଧର୍ମକୀର୍ତ୍ତିସ୍ୱରୂପା ସେ ପବିତ୍ର ଭୂମିରେ ଏ ଦେଶର ଶ୍ରେଷ୍ଠ ମନୀଷୀମାନେ ଯୁଗେ ଯୁଗେ ଜନ୍ମ ଲାଭ କରି ଓଡ଼ିଶାର ମହତ୍ତ୍ୱ ପ୍ରତିଷ୍ଠିତ କରିଅଛନ୍ତି । ମୌର୍ଯ୍ୟ ସମ୍ରାଟ୍ ଅଶୋକ ଯେଉଁଠାରେ ଅହିଂସ ଧର୍ମରେ ଦୀକ୍ଷିତ ହୋଇ 'ଚଣ୍ଡାଶୋକ' ପରିବର୍ତ୍ତେ 'ଧର୍ମାଶୋକ' ହୋଇଥିଲେ; ଯେଉଁଠାରେ ମହାମେଘବାହନ ଖାରବେଳଙ୍କ ବୀରତ୍ୱ-ପ୍ରତିଭା ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ପ୍ରକଟିତ ହୋଇ କଳିଙ୍ଗର ଶ୍ରେଷ୍ଠତା ପ୍ରତିପାଦନ କରିଥିଲା: ଅହିଂସ ଜୈନ-ଧର୍ମ ସଙ୍ଗେ ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମର ଚିରନ୍ତନ ନୀତି ଯେଉଁଠାରେ ସମଗ୍ର ରାଜ୍ୟକୁ ଉତ୍ଫୁଲ୍ଲିତ କରିଥିଲା, ସେହି ସୁପବିତ୍ର ଧାମରେ ସର୍ବପ୍ରଥମେ ବ୍ରାହ୍ମଣ୍ୟ ଧର୍ମ ପ୍ରତିଷ୍ଠା କରିବାକୁ ଯାଇ ବୌଧାୟନ ଏବଂ ଆପସ୍ତମ୍ବ ସୁବିଖ୍ୟାତ ଧର୍ମଶାସ୍ତ୍ରପ୍ରଣେତା ବୈଦିକ ଯୁଗରେ ଦେଖାଦେଲେ । ସେତେବେଳେ କଳିଙ୍ଗର ଅଧିକାଂଶ ମ୍ଲେଚ୍ଛ ବନବାସୀଙ୍କ ଜାତୀୟ ଚରିତ୍ରର ସଂସ୍କାର କରିବାକୁ ଯାଇ ସେହି ଦୂରଦ୍ରଷ୍ଟା ବୈଦିକ ପଣ୍ଡିତମାନେ ତାଙ୍କ ମନରେ ଦେବାରାଧନା ଭାବ ଉଦ୍ରେକ କରାଇଲେ । ଏହା ଫଳରେ ଓଡ଼ିଶାର ଆଦିବାସୀମାନେ ନୀଳମାଧବ, ସ୍ତମ୍ଭେଶ୍ୱରୀ, ମଣିନାଗ ପ୍ରଭୃତି ଦେବଦେବୀଙ୍କୁ ଆରାଧନା କରିବା ଶିକ୍ଷା କଲେ । ମଧ୍ୟଯୁଗରେ ଓଡ଼ିଶାର ବିଭିନ୍ନ ରାଜବଂଶ ଏ ଦେଶର ଧର୍ମ, କଳା ଓ ସାହିତ୍ୟ ସଙ୍ଗେ ବୈଦେଶିକ ବାଣିଜ୍ୟ ବିକାଶ କରି ପ୍ରଚୁର ଧନସମ୍ପଦ ଉପାର୍ଜନ କରିଥିଲେ । ଏକ ଆଡ଼େ ପୂର୍ବଘାଟ ପର୍ବତମାଳା ଅନ୍ୟଆଡ଼େ ନୀଳ ସମୁଦ୍ରର ଜଳରାଶି ଏ ଦେଶକୁ ଏକ ଅଭେଦ୍ୟ ଆବରଣ ସ୍ୱରୂପ ଦୁର୍ଗମାଳା ସଜ୍ଜିତ କରିଥିଲା; ସେପରି ସମଗ୍ର ରାଜ୍ୟକୁ ତାହା ଶତ୍ରୁକବଳରୁ ସୁରକ୍ଷିତ କରୁଥିଲା । ପ୍ରକୃତିର ଏ ମହତ୍ ଅବଦାନ ଅନ୍ୟ କେଉଁ ରାଜ୍ୟରେ ସମ୍ଭବ ହୋଇ ନାହିଁ ! ବହୁ ନଦନଦୀ,

Digitized by PPRACHIN, SOA

ବନ୍ୟସମ୍ପଦ, ଖଣିଜଦ୍ରବ୍ୟ ଓ ଉର୍ବର ବେଳାଭୂମି ଏ ଦେଶବାସୀଙ୍କୁ କେବେହେଲେ ଅଭାବଗ୍ରସ୍ତ କରି ନ ଥିଲା । ତେଣୁ ବିଭିନ୍ନ ଦେଶରୁ ସଭ୍ୟ ଶିକ୍ଷିତ ଲୋକେ ଏଠାରେ ବାସ ସ୍ଥାପନ କରିବାକୁ ଲାଗିଲେ । ଧର୍ମପ୍ରାଣ ରାଜାମାନେ ବ୍ରାହ୍ମଣ ଓ ଗୁଣୀ ଲୋକଙ୍କୁ ଶାସନ ଦାନକରି ସେମାନଙ୍କପାଇଁ ଯାବତୀୟ ସୁଖସ୍ୱାଚ୍ଛନ୍ଦ୍ୟ ସୃଷ୍ଟି କଲେ । କାରଣ ସେମାନେ ବୁଝୁଥିଲେ ଯେ, ଶାରୀରିକ ବଳ ଅପେକ୍ଷା ଆଧ୍ୟାତ୍ମିକ ଜ୍ଞାନ ଶକ୍ତି ବହୁ ଗୁଣରେ ଶ୍ରେଷ୍ଠ । ବ୍ରାହ୍ମଣଙ୍କ ନିରାପତ୍ତା ହେତୁ ସେମାନେ ସାମାଜିକ ସଂହତି ଓ ନୈତିକଭିତ୍ତି ସୁଦୃଢ଼ କରିଥିଲେ । ଚାତୁର୍ବର୍ଣ୍ଣ୍ୟ ସୃଷ୍ଟି ହେତୁ ପ୍ରାଚୀନକାଳରୁ ବୈଦିକ ଧର୍ମରେ ଯେଉଁ କର୍ମବିଭାଗ ନିୟନ୍ତ୍ରିତ ହୋଇଥିଲା, ସେଥିର ସୁପରିଚାଳନା ଯୋଗୁଁ ସମଗ୍ର ରାଜ୍ୟରେ ସାମାଜିକ, ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠିତ ହେଲା । ସର୍ବୋପରି ଲୋକଙ୍କ ମନରେ ଈଶ୍ୱରଙ୍କ ଅସ୍ତିତ୍ୱ ଓ ପରକାଳ-ବିଶ୍ୱାସ ବଦ୍ଧମୂଳ ହୋଇଥିଲା । କେହି କାହାରି ପ୍ରତି ହିଂସା, ଦ୍ୱେଷ ଓ ଅନ୍ୟାୟ କରିବାକୁ ସାହସୀ ହେଉ ନ ଥିଲେ । ପାପ-ପୁଣ୍ୟ-ଚିନ୍ତା ଲୋକଙ୍କ ମନରେ ସର୍ବଦା ଖେଳା କରୁଥିଲା । ଧର୍ମାଧର୍ମ ବ୍ୟାଖ୍ୟାନ କରି ଯେଉଁ ପୁରାଣମାନ ରଚିତ ହୋଇଥିଲା, ତାହା ଲୋକେ ଅବସର ସମୟରେ ନିଷ୍ଠାର ସହ ପାରାୟଣ କରୁଥିଲେ ଓ ସଦାଚରଣ ଶିକ୍ଷା କରୁଥିଲେ । ପଲ୍ଲୀ-ପ୍ରଧାନ ଓଡ଼ିଶାର ପ୍ରତି ଅଞ୍ଚଳରେ ନୈଷ୍ଠିକ ବ୍ରାହ୍ମଣମାନେ ଯେପରି ପବିତ୍ର ଜୀବନ ଅତିବାହିତ କରି ଜ୍ଞାନ-ବିଜ୍ଞାନର ବିକାଶ ସାଧନ କରୁଥିଲେ, ରାଜା ଓ କ୍ଷତ୍ରିୟମାନେ ମଧ୍ୟ ରାଷ୍ଟ୍ର ତଥା ଲୋକଙ୍କ ମଙ୍ଗଳ ସକାଶେ ଶାରୀରିକ ଶକ୍ତି ସଞ୍ଚୟ କରୁଥିଲେ । ବୈଶ୍ୟ ଶ୍ରେଣୀ କୃଷି ଓ ବାଣିଜ୍ୟରେ ଦେଶର ଆର୍ଥିକ ସମ୍ପଦ ସମୃଦ୍ଧ କରୁଥିଲେ । ଅନ୍ୟାନ୍ୟ ଶ୍ରେଣୀ ସେବା କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ସାମାଜିକ ଏକତା ଓ ଶୃଙ୍ଖଳା ହେତୁ ସମୂହ ଭାବେ ପ୍ରତ୍ୟେକେ ଯେ' ଯାହାର କର୍ତ୍ତବ୍ୟ ସମ୍ପାଦନ କରି ପରସ୍ପର ସାହାଯ୍ୟ କରୁଥିବାରୁ ସମଗ୍ର ରାଜ୍ୟରେ ଶାନ୍ତି ଓ ସୁଖ ପ୍ରତିଷ୍ଠା ଲାଭ କରିପାରିଥିଲା । ବନ-ଜଙ୍ଗଲରେ ଯେଉଁ ଆଦିବାସୀମାନେ ବାସ କରୁଥିଲେ, ସେମାନେ ମଧ୍ୟ ରାଜ୍ୟର ମଙ୍ଗଳ ସକାଶେ ଅଂଶଗ୍ରହଣ କରି ରାଜାଙ୍କର ଅନୁଗତ ହୋଇଥିଲେ ।

ଇତିହାସର ଏହି ପୃଷ୍ଠଭୂମିରେ ଓଡ଼ିଶାର ଗଙ୍ଗ-ରାଜତ୍ୱ ଆରମ୍ଭ ହୋଇଥିଲା– ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ଆଦ୍ୟ ଭାଗରେ । ଗଙ୍ଗ ବଂଶର ରାଜନ୍ୟବର୍ଗ ଖ୍ରୀଷ୍ଟୀୟ ୧୧୦୦ରୁ ଆରମ୍ଭକରି ୧୪୩୫ ପର୍ଯ୍ୟନ୍ତ ନିରଙ୍କୁଶଭାବେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ସାମ୍ରାଜ୍ୟର ଶାସନ ଭାର ଗ୍ରହଣ କରିଥିଲେ । ସେ ବଂଶର ପୁରୋଧା ଥିଲେ - ଅନନ୍ତବର୍ମ ଚୋଡ଼ଗଙ୍ଗ, ଯାହାଙ୍କର ମାତୁଳାଳୟ କାଞ୍ଚିପୁର । ବହୁ ବ୍ରାହ୍ମଣ ପଣ୍ଡିତ ଓ ଧର୍ମପ୍ରଚାରକ ଦକ୍ଷିଣ-ଭାରତରୁ ଉଠି ଆସି ଉତ୍କଳରେ ରାଜ-ଅନୁଗ୍ରହ

Digitized by PPRACHIN, SOA

ଲାଭ କରି ବାସସ୍ଥାପନ କଲେ । ଚୋଡ଼ଗଙ୍ଗ ଥିଲେ ଓଡ଼ିଶାର ଜଣେ ପ୍ରତାପଶାଳୀ ରାଜା । ବହୁ ଯୁଦ୍ଧରେ ସେ ଜୟଶ୍ରୀ ଲାଭକରି ଅପାର ଧନରତ୍ନ ଆଣି ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ସେ ପ୍ରଥମେ କଳିଙ୍ଗର ଅଧୀଶ୍ୱର ହୋଇ ତାଙ୍କ ରାଜ୍ୟର ପୂର୍ବଭାଗରେ ଥିବା ଉତ୍କଳର ସୋମବଂଶୀ ରାଜାଙ୍କୁ ପରାଜିତ କରି ପଶ୍ଚିମ ଦିଗର ବେଙ୍ଗିରାଜାଙ୍କୁ ପଦାଶ୍ରିତ କରିଥିବା ଘଟଣା ଅଭିଲେଖମାନଙ୍କରେ ଖୋଦିତ ହୋଇଅଛି –

''ପୂର୍ବସ୍ୟାଂ ଦିଶି ପୂର୍ବ ମୁତ୍କଳ ପତିଂ
ରାଜ୍ୟେ ନିଧାୟାଦ୍ଭୁତଂ
ପଶ୍ଚାଦ୍ ପଶ୍ଚିମ ଦିକ୍ତଟେ ବିଘଟିତଂ
ବେଙ୍ଗୀଶମପ୍ୟେ ତୟୋଃ ।
ଲକ୍ଷ୍ମୀବନ୍ଧନମାଳିକାମିବ ଜୟ –
ଶ୍ରୀ ତୋରଣ – ସ୍ତମ୍ଭ ୟୋ -
ବିଧ୍ମାତିସ୍ମ ସମିଦ୍ଧ କୀର୍ତ୍ତି ବିଭବଃ
ଶ୍ରୀ ଗଙ୍ଗ ଚୂଡ଼ାମଣି ।।''

ଏହାପରେ ତାଙ୍କର ଉନ୍ନତ କୀର୍ତ୍ତିମାଳା ଘୋଷିତ ହେଲା – ସେତେବେଳେ ସେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ । ନିମ୍ନୋକ୍ତ ଶ୍ଳୋକଟି ତାଙ୍କ ରାଜପ୍ରଶସ୍ତିରେ ପ୍ରଯୁକ୍ତ ହେଲା –

''ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ
ନାଭିଶ୍ଚ ସର୍ବାଦିଶଃ
ଶ୍ରୋତ୍ରେ ନେତ୍ର ଯୁଗଂରବୀନ୍ଦୁ ଯୁଗଳଂ
ମୂର୍ଦ୍ଧାପିଚ ଦ୍ୟୌରସୌ ।
ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତେଃ
କୋ ନାମ କର୍ତ୍ତୁଂକ୍ଷମ –
ସ୍ତସ୍ୟେତ୍ୟାଦ୍ୟ– ନୃପୈରୁପେକ୍ଷିତମୟଂ
ଚକ୍ରେଦ୍ଧଥ ଗଙ୍ଗେଶ୍ୱରଃ ।।''

ଅର୍ଥାତ୍ – ଯାହାଙ୍କର ପାଦଦ୍ୱୟ ଅଖିଳ ଧରଣୀ ଏବଂ ଅନ୍ତରୀକ୍ଷକୁ ଆଚ୍ଛାଦନ କରିଛି; ଯାହାଙ୍କର ନାଭି ସମସ୍ତ ଦିଗମାନଙ୍କର ଆବର୍ତ୍ତନ ତୁଲ୍ୟ; ନେତ୍ରଦ୍ୱୟ ସୂର୍ଯ୍ୟ ଓ ଚନ୍ଦ୍ର କିରଣପରି ଉଦ୍‌ଭାସିତ; ଯାହାଙ୍କର ମୂର୍ଦ୍ଧା ସୁବିସ୍ତୀର୍ଣ୍ଣ ଦ୍ୟୁଲୋକପରି ପ୍ରସାରିତ,

Digitized by PPRACHIN, SOA

ସେହି (ଦେବ ଦେବ) ପୁରୁଷୋତ୍ତମଙ୍କ ବିରାଟ ପ୍ରାସାଦ, ଯାହାକି ପ୍ରାଚୀନ ନୃପତିମାନଙ୍କଦ୍ୱାରା ଉପେକ୍ଷିତ ହୋଇ ରହିଥିଲା, ତାହା ଗଙ୍ଗେଶ୍ୱର (ଚୋଡ଼ଗଙ୍ଗ) ବିନା ଅନ୍ୟ କିଏ ବା ନିର୍ମାଣ କରିବାକୁ କ୍ଷମ ହୋଇପାରନ୍ତେ ?

ଓଡ଼ିଶାରେ ଚୋଡ଼ଗଙ୍ଗଙ୍କ ପୂର୍ବରୁ ସୋମବଂଶୀ ରାଜା ମହାଶିବଗୁପ୍ତ – ଯଯାତି ଭୁବନେଶ୍ୱରଠାରେ ଲିଙ୍ଗରାଜଙ୍କ ମନ୍ଦିର ଗଠନ କରି ଶୈବଧର୍ମର ପ୍ରାଧାନ୍ୟ ରକ୍ଷା କରିଥିଲେ । କିନ୍ତୁ ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ମନ୍ଦିର ନିର୍ମାଣ କରି ବୈଷ୍ଣବ ଧର୍ମର ପ୍ରସିଦ୍ଧି ଚୋଡ଼ଗଙ୍ଗ ହିଁ ସର୍ବପ୍ରଥମେ ଓଡ଼ିଶାରେ ପ୍ରସାର କଲେ । ସର୍ବଭାରତୀୟ ସ୍ତରରେ ନୀଳାଚଳ ଧାମର ପୁଣ୍ୟ ଖ୍ୟାତି ପ୍ରକଟିତ ହେଲା । ଭାରତର ଚତୁର୍ଦ୍ଧାମ ମଧ୍ୟରେ ତାହାହେଲା ଶ୍ରେଷ୍ଠ ଧାମ । ଚୋଡ଼ଗଙ୍ଗଙ୍କ ପାଟରାଣୀ (ଗୁଣ୍ଡିଚୋଡ଼ି ଦେବୀ) ନିଜ ନାମରେ ଗୁଣ୍ଡିଚା ମନ୍ଦିର ନିର୍ମାଣ କରି ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅଧିକ ଆଡ଼ମ୍ବର ସହକାରେ ପ୍ରଚଳିତ କରାଇଥିଲେ ।

ସେତେବେଳେ ଚୋଡ଼ ଦେଶ ସଙ୍ଗେ ଉତ୍କଳର ଘନିଷ୍ଠତା ଅତ୍ୟନ୍ତ ବୃଦ୍ଧିଲାଭ କଲା । ଗଙ୍ଗବଂଶୀୟ ରାଜାମାନଙ୍କ ଆନୁକୂଲ୍ୟରେ ବହୁ ବ୍ରାହ୍ମଣ ପରିବାର ଚୋଳ ରାଜ୍ୟରୁ ଉଠିଆସି ଉତ୍କଳରେ ବାସ ସ୍ଥାପନ କଲେ । ସାକ୍ଷିଗୋପାଳ ସନ୍ନିକଟ ଅଳଗୁମ ଗ୍ରାମରେ ଚୋଳ ଦେଶର କଡ଼ମ୍ବର ଗ୍ରାମରୁ ସମାଗତ କାଶ୍ୟପ ଗୋତ୍ରୀୟ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାର ରହିଥିବା ପ୍ରସଙ୍ଗ ସେହି ଗ୍ରାମରୁ ପ୍ରାପ୍ତ ଗୋଟିଏ ଅଭିଲେଖରୁ ଜଣାଯାଇଛି* । ସମ୍ଭବତଃ, ସେହି ବ୍ରାହ୍ମଣ ପରିବାର ଖ୍ରୀ. ୧୨ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସତ୍ୟବାଦୀ ନିକଟସ୍ଥ କୌଣସି ଏକ ଶାସନରେ କିଛିକାଳ ରହିଲା ପରେ କାଳକ୍ରମେ ଉତ୍କଳର ପରବର୍ତ୍ତୀ ରାଜାମାନଙ୍କଦ୍ୱାରା କେତୋଟି ବ୍ରାହ୍ମଣ ଶାସନ ସେଠାରେ ସ୍ଥାପିତ ହେଲା । ସୂର୍ଯ୍ୟବଂଶୀୟ ମହାରାଜା କପିଳେଶ୍ୱର ଗଜପତି ନିଜ ନାମରେ କପିଳେଶ୍ୱରପୁର ଶାସନ ପ୍ରତିଷ୍ଠା କରିଥିଲେ । ତା'ପରେ ଓଡ଼ିଶାର ଅନ୍ୟ ରାଜାମାନେ ମଧ୍ୟ ନିଜ ନିଜ ନାମରେ କେତେକ ବ୍ରାହ୍ମଣଶାସନ ପ୍ରତିଷ୍ଠା କରି ବୈଷ୍ଣବ କ୍ଷେତ୍ରର ମାହାତ୍ମ୍ୟ ବଢ଼ାଇବାକୁ ଲାଗିଲେ । ପୁରୁଷୋତ୍ତମପୁର, ପ୍ରତାପପୁର, ମୁକୁନ୍ଦପୁର, ନରସିଂହପୁର, ହରିକୃଷ୍ଣପୁର, ଶ୍ରୀରାମଚନ୍ଦ୍ରପୁର ପ୍ରଭୃତି ବ୍ରାହ୍ମଣ ଶାସନଗୁଡ଼ିକ ରାଜାମାନଙ୍କ ନାମରେ ହିଁ ନାମିତ କରାଯାଇଅଛି ।

ସୂର୍ଯ୍ୟବଂଶର ପୂର୍ବବର୍ତ୍ତୀ ରାଜାମାନେ ଅଧିକାଂଶ କ୍ଷେତ୍ରରେ କଟକ (ବାରଣାସୀ କଟକ) ନିକଟରେ ଶାସନ ପ୍ରତିଷ୍ଠା କରିଥିବା ଜଣାଯାଏ । କାରଣ ସେତେବେଳେ

* Inscription of Orissa, Vol. III Part 1. P.P. 185-186.

Digitized by PPRACHIN, SOA

ସେହି ରାଜାମାନଙ୍କ ରାଜଧାନୀ ବାରଣାସୀ କଟକରେ ସ୍ଥାପିତ ହୋଇଥିଲା । ଉତ୍ସବାଦି କାଳରେ ନମସ୍କାରଣୀୟ ଶାସନୀ ବ୍ରାହ୍ମଣମାନେ ଯେପରି ସହଜରେ ଆସି ରାଜାଙ୍କୁ ଆଶୀର୍ବାଦ କରିପାରିବେ । କିନ୍ତୁ ପରବର୍ତ୍ତୀକାଳରେ ମୁସଲମାନମାନଙ୍କ ଅତ୍ୟାଚାରରୁ ସୁରକ୍ଷା ପାଇବା ନିମନ୍ତେ ପୁରୀ ଜିଲ୍ଲାରେ ଶାସନଗୁଡ଼ିକ ପରବର୍ତ୍ତୀ ରାଜାମାନେ ପ୍ରତିଷ୍ଠା କରିଥିବା ଅନୁମେୟ ।

ଇତିହାସରୁ ପ୍ରମାଣ ମିଳିଛି ଯେ, ମଧ୍ୟଯୁଗ ଆରମ୍ଭରୁ ରାଜାମାନେ ଧର୍ମପ୍ରଣୋଦିତ ହୋଇ ବ୍ରାହ୍ମଣମାନଙ୍କୁ ଭୂମିଦାନ ସହ ବହୁ ଶାସନ ପ୍ରତିଷ୍ଠା କରୁଥିଲେ । ବେଦାଧ୍ୟାୟୀ ପଣ୍ଡିତମାନଙ୍କୁ ବିଭିନ୍ନ ଅଞ୍ଚଳରୁ ଅଣାଇ ଏ ଦେଶରେ ରଖାଇଥିଲେ । ଏହା ଫଳରେ ଉତ୍କଳର କଳା, ବିଜ୍ଞାନ ଓ ସଂସ୍କୃତି ସଙ୍ଗେ ହିନ୍ଦୁଧର୍ମ ଯଥେଷ୍ଟ ପରିମାଣରେ ସମୃଦ୍ଧ ହେଲା । ସୋମ, ଭୌମ, ଭଞ୍ଜ, ଗଙ୍ଗ, ଗଜପତି ପ୍ରଭୃତି ବଂଶର ରାଜାମାନେ ନିଜ ନିଜ ରାଜ୍ୟରେ ଯେଉଁ ବ୍ରାହ୍ମଣମାନଙ୍କୁ ଭୂମିଦାନ କରିଅଛନ୍ତି, ସେମାନେ ଅଧିକାଂଶ ସ୍ଥଳେ ମଧ୍ୟଦେଶ, ଶ୍ରାବସ୍ତି, ପୁଣ୍ଡ୍ରବର୍ଦ୍ଧନ, ହସ୍ତିପଦ ପ୍ରଭୃତି ସ୍ଥାନରୁ ଉଠି ଆସିଥିବା ପ୍ରସଙ୍ଗ ତାମ୍ର ଶାସନମାନଙ୍କରେ ଉଲ୍ଲେଖ ହୋଇଅଛି । ସେହି ଅଞ୍ଚଳଗୁଡ଼ିକ ଭାରତର ପୂର୍ବ ଓ ଉତ୍ତର ଭାଗରେ ଅବସ୍ଥିତ । କିନ୍ତୁ ଉତ୍କଳରେ ଖ୍ରୀ. ୧୨ଶ ଶତାବ୍ଦୀ ଅବଧି ଗଙ୍ଗ ରାଜତ୍ୱ ପ୍ରତିଷ୍ଠା ପରେ ଦକ୍ଷିଣ-ଭାରତରୁ ବ୍ରାହ୍ମଣମାନେ ଆସି ଏଠାରେ ଅବସ୍ଥାନ କରିବାକୁ ଲାଗିଲେ । ଏହା ଫଳରେ ଭାଷା ଓ ସଂସ୍କୃତି ଦୃଷ୍ଟିରୁ ଉତ୍କଳ ହିଁ ଉତ୍ତର-ଭାରତ ଓ ଦକ୍ଷିଣ-ଭାରତର ଏକ ସଂଯୋଗ କ୍ଷେତ୍ରରେ ପରିଣତ ହେଲା । ନୀଳାଚଳରେ ସର୍ବସମନ୍ୱୟ ଧର୍ମ ତଥା ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ହେତୁ ସେହି ସଂଯୋଗ ଅଧିକ ପରିମାଣରେ ବ୍ୟାପକ ହେଲା ।

ପ୍ରଥମେ କୁହାଯାଇଛି ଯେ, ଖ୍ରୀ.୧୨ଶ ଶତାବ୍ଦୀରେ ତାମିଲ ଭାଷାଭାଷୀ ଚୋଳଦେଶରୁ ବ୍ରାହ୍ମଣ ସମ୍ପ୍ରଦାୟ ଉଠିଆସି ଓଡ଼ିଶାର ପୁରୀ ଜିଲ୍ଲାରେ ବାସ ସ୍ଥାପନ କଲେ । ସେମାନେ ଦକ୍ଷିଣ-ଭାରତୀୟ ସଭ୍ୟତା ବହନ କରିଥିବାରୁ ଶ୍ରୀଲିଙ୍ଗରାଜ ମନ୍ଦିର ତଥା ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ କେତେଗୁଡ଼ିଏ ଶିଳାଲେଖ ଦକ୍ଷିଣ-ଭାରତୀୟ ଲିପି ଓ ଭାଷାରେ ଖୋଦିତ ହୋଇଥିବା ଦେଖାଯାଏ । ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଚଳିତ କେତେକ ପଦ୍ଧତି ସଙ୍ଗେ ଦକ୍ଷିଣ-ଭାରତୀୟ ପଦ୍ଧତିର ସାମ୍ୟ ବିଦ୍ୟମାନ । ସୁତରାଂ ସେହି ଅଞ୍ଚଳରୁ ସମାଗତ ବ୍ରାହ୍ମଣମାନେ ଓ ଧର୍ମଗୁରୁମାନେ ଉତ୍କଳରେ ଧର୍ମାନୁଷ୍ଠାନ ତଥା ମଠ-ମନ୍ଦିରମାନଙ୍କରେ ଅବସ୍ଥାନ କରି ଶିଷ୍ୟମାନଙ୍କୁ ସଂସ୍କୃତ ବ୍ୟାକରଣ ସଙ୍ଗେ ଧର୍ମ ଓ ଦର୍ଶନଶାସ୍ତ୍ରରେ ଶିକ୍ଷା ଦେଉଥିଲେ । ବିଭିନ୍ନ

Digitized by PPRACHIN, SOA

ସମ୍ପ୍ରଦାୟ ପକ୍ଷରୁ ପୁରୀର ମଠ-ମନ୍ଦିରମାନ ଏ ଉଦ୍ଦେଶ୍ୟରେ ହିଁ ସ୍ଥାପିତ ହୋଇଥିଲା । ଶଙ୍କର, ରାମାନୁଜ, ମାଧବାଚାର୍ଯ୍ୟ ପ୍ରଭୃତି ଗୁରୁମାନଙ୍କ ପ୍ରଚାରିତ ଦର୍ଶନ ବିଭିନ୍ନ ମଠରେ ଶିଷ୍ୟମାନଙ୍କୁ ଶିକ୍ଷାଦେବା ଥିଲା 'ଗୁରୁ' ବା 'ମହନ୍ତ'ମାନଙ୍କ କର୍ତ୍ତବ୍ୟ । ବ୍ରାହ୍ମଣ ଶାସନର ପଣ୍ଡିତମାନେ ସାମାଜିକ ଶିକ୍ଷାବିଷୟକ କାବ୍ୟ, ନାଟକ, ଅଳଂକାର ପ୍ରଭୃତି ଗ୍ରନ୍ଥ ରଚନା କରି ଶାସନ ବ୍ୟାପାରରେ ରାଜାମାନଙ୍କୁ ସାହାଯ୍ୟ କରୁଥିଲେ । 'ସାହିତ୍ୟ ଦର୍ପଣ' ପ୍ରଣେତା ବିଶ୍ୱନାଥ କବିରାଜ ଓ ତାଙ୍କ ପିତା ଚନ୍ଦ୍ରଶେଖରଙ୍କ ପରି ବହୁ ପଣ୍ଡିତ ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି; ପୁଣି ସେମାନେ ରାଜ୍ୟଶାସନ ବ୍ୟାପାରରେ ଯୋଗଦେଇ 'ସନ୍ଧିବିଗ୍ରହୀ' ବା 'ସଚିବ' ପଦ ପ୍ରାପ୍ତ ହୋଇଅଛନ୍ତି ।

ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପରିଚାଳନା କାର୍ଯ୍ୟରେ ଏବଂ ସାମାଜିକ ନ୍ୟାୟବ୍ୟବସ୍ଥା ବିଚାର କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରରେ 'ମୁକ୍ତିମଣ୍ଡପ' ସ୍ଥାପିତ ହୋଇଥିଲା । ସେଥିରେ ବ୍ରାହ୍ମଣ, ସନ୍ନ୍ୟାସୀ ଓ ରାଜକର୍ମଚାରୀ ମିଳିତଭାବେ ନ୍ୟାୟବିଚାର କରିବା ଅଧିକାର ପାଇଥିଲେ । ସେମାନଙ୍କ ନିରପେକ୍ଷ ବିଚାର ଓ ସିଦ୍ଧାନ୍ତକୁ କି ରାଜା, କି ପ୍ରଜା ସମସ୍ତେ ମାନିବାକୁ ବାଧ ହେଉଥିଲେ ।

ପ୍ରଥମେ କୁହାଯାଇଛି, ସାକ୍ଷିଗୋପାଳ ନିକଟରେ ପୂର୍ବରୁ ଗୋଟିଏ ବ୍ରାହ୍ମଣ ଶାସନ ଥିଲା ଏବଂ ଦକ୍ଷିଣ-ଭାରତରୁ ସମାଗତ କେତେକ ବ୍ରାହ୍ମଣ ପରିବାର ସେଠାରେ ରହିଥିଲେ । କାଳକ୍ରମେ ସେ ଅଞ୍ଚଳରେ ଅନ୍ୟ କେତେକ ବ୍ରାହ୍ମଣ ଶାସନ ସ୍ଥାପିତ ହେଲା । ସେଥି ମଧ୍ୟରେ ଶ୍ରୀରାମଚନ୍ଦ୍ରପୁର ଏକ ପ୍ରସିଦ୍ଧ ଶାସନ । ସମ୍ଭବତଃ, ତାହା ଭୋଇବଂଶୀୟ ରାଜା ରାମଚନ୍ଦ୍ର ଦେବଙ୍କ ନାମରେ ନାମିତ ହୋଇଅଛି ।

ଇତିହାସରୁ ଜଣାଯାଇଛି ଯେ, ଓଡ଼ିଶାର ସର୍ବଶେଷ ସ୍ୱାଧୀନ ରାଜା ଚାଲୁକ୍ୟବଂଶୀୟ ମୁକୁନ୍ଦଦେବ ମୃତ୍ୟୁ ପରେ ତାଙ୍କର ଦୁଇ ପୁତ୍ର ଦୁର୍ବଳ ହେବାରୁ ଓଡ଼ିଶାରେ ଅରାଜକତା ଦେଖାହେଲା । ସେଥିର ନିରାକରଣ ସକାଶେ ମୋଗଲ ସମ୍ରାଟ୍ ଆକବର ଦିଲ୍ଲୀରୁ ମାନସିଂହଙ୍କୁ ଓଡ଼ିଶା ପଠାଇଲେ । ମାନସିଂହ ଦେଖିଲେ ଯେ, ଏଠାର ଶାସନ କାର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି । ତେଣୁ ସେ ତତ୍କାଳୀନ ଓଡ଼ିଶାର ମହାସେନାପତି ରାମଚନ୍ଦ୍ରଙ୍କ ହସ୍ତରେ ରାଜ୍ୟର ଶାସନ ଭାର ଅର୍ପଣ କଲେ । ରାମଚନ୍ଦ୍ରଦେବ ଶୂଦ୍ର ଜାତୀୟ ହୋଇଥିଲେ ସୁଦ୍ଧା ଧର୍ମ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରି ସର୍ବପ୍ରଥମେ ଶ୍ରୀଜଗନ୍ନାଥ ମନ୍ଦିରର ନୀତିରକ୍ଷା ଦିଗରେ ତତ୍ପର ହେଲେ । ଏହା ପୂର୍ବରୁ କଳାପାହାଡ଼ର ଦୌରାତ୍ମ୍ୟ ହେତୁ ଶ୍ରୀମନ୍ଦିରର ସୌଭାଗ୍ୟଶ୍ରୀ ବିନଷ୍ଟ ହୋଇଥିଲା । ସେଥିର ସଂସ୍କାରପାଇଁ ରାମଚନ୍ଦ୍ରଦେବଙ୍କ ବିଚକ୍ଷଣତା ପ୍ରକାଶ ପାଇବାରୁ

Digitized by PPRACHIN, SOA

ଲୋକେ ତାଙ୍କୁ 'ଦ୍ୱିତୀୟ-ଇନ୍ଦ୍ରଦ୍ୟୁମ୍ନ' ଆଖ୍ୟା ଦେଇଥିଲେ । ତାଙ୍କ ରାଜତ୍ୱର ସ୍ମାରକରୂପେ ଯେଉଁ କେତୋଟି ବ୍ରାହ୍ମଣ ଶାସନ ପ୍ରତିଷ୍ଠିତ ହେଲା, ସେଥି ମଧ୍ୟରେ ଶ୍ରୀରାମଚନ୍ଦ୍ରପୁର ଶାସନ ସର୍ବପ୍ରଧାନ କହିଲେ ଚଳେ । ସେହି ଶାସନର ଦାନଗ୍ରହିତା ଉଚ୍ଚ ଆଭିଜାତ୍ୟସମ୍ପନ୍ନ ଜଣେ ବ୍ରାହ୍ମଣ ପଣ୍ଡିତ ହେଉଛନ୍ତି – କୌଶିକ ଦାଶବଂଶୀୟ – ଯେଉଁ ବଂଶରେ ପଣ୍ଡିତ ନୀଳକଣ୍ଠ ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ । ୧୮୮୪ ସାଲରେ ପଣ୍ଡିତ ନୀଳକଣ୍ଠ ଶ୍ରୀରାମଚନ୍ଦ୍ରପୁର ଦାଶ ବଂଶରେ ଜନ୍ମ ଲାଭ କରିବା ୮୦ ବର୍ଷ ଆଗରୁ ଓଡ଼ିଶା ବ୍ରିଟିଶମାନଙ୍କ ଅଧିକାରଭୁକ୍ତ ହୋଇଥିଲା । ସେତେବେଳେ ଓଡ଼ିଶାରେ ଇଂରାଜୀ ପାଠୁଆଙ୍କ ସଂଖ୍ୟା ଅତି ଅଳ୍ପ ଥିଲା । ୧୮୫୭ରେ ସିପାହୀ ବିଦ୍ରୋହର ଆରମ୍ଭକାଳରୁ ପୁରୀ ଜିଲ୍ଲାରେ ସେଥିର ଜୟଧ୍ୱନି ଚାଖିଖୁଣ୍ଟିଆଙ୍କ ନେତୃତ୍ୱରେ ଶୁଣାଗଲା । ଇଂରେଜ ସରକାର ସତର୍କ ହୋଇଗଲେ । ଏହାପରେ ଓଡ଼ିଆଙ୍କ ପ୍ରତି ସରକାର ଆଦୌ ଅନୁକୂଳ ହେଲେ ନାହିଁ । ତତ୍କାଳୀନ କମିସନର ମିଷ୍ଟର କକ୍‌ବର୍ଣ୍ଣ (G. F. Cock-burn)ଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତ୍ୟେକ ଥାନା କର୍ମଚାରୀଙ୍କୁ ସତର୍କ ରହିବାକୁ ଆଦେଶ ଦେଲେ । 'ସିପାହୀ ବିଦ୍ରୋହ' ଯେତେବେଳେ ତୀବ୍ର ଗତିରେ ଭାରତର ସର୍ବତ୍ର ବ୍ୟାପୁଥିଲା, ସେତେବେଳେ ପୁରୀ ଜିଲ୍ଲାର ବହୁ ନିରୀହ ବ୍ୟକ୍ତିଙ୍କୁ ଜେଲରେ ଆବଦ୍ଧ କରିଦିଆଗଲା । ପଲ୍ଲୀଗ୍ରାମମାନଙ୍କରେ କୋକୁଆ ଭୟ ସୃଷ୍ଟି ହେଲା । ଲୋକେ ଇଂରେଜ ସରକାରଙ୍କୁ ଡରି ଅଭିଶାପ ଦେଉଥିଲେ । ଏ ପରିସ୍ଥିତିରେ ଇଂରାଜୀ ଶିକ୍ଷା ପ୍ରତି ଲୋକଙ୍କ ଶ୍ରଦ୍ଧା ଆଦୌ ରହିଲା ନାହିଁ । ତେଣେ କଲିକତାରୁ ଇଂରାଜୀ ପାଠୁଆ ବଙ୍ଗାଳୀ କିରାଣିମାନେ ସାହେବ, ଅଫିସରମାନଙ୍କଦ୍ୱାରା ନିଯୁକ୍ତ ହୋଇ ହାକିମଙ୍କ ମୁଖପାତ୍ର ରୂପେ ରହି ଅଶିକ୍ଷିତ ଓଡ଼ିଆଙ୍କୁ ଭୟଭୀତ କରୁଥିଲେ । ଏହାପରେ ୧୮୬୬ ସାଲର କରାଳ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାକୁ ଧ୍ୱଂସ ପଥରେ ଟାଣିନେଲା । ଏହି ଐତିହାସିକ ପଟ୍ଟଭୂମିରେ ଉତ୍କଳ-ମାତା ଯେଉଁ କେତେକ ଦେଶପ୍ରାଣ କର୍ମବୀରଙ୍କୁ ଜନ୍ମଦେଇ ଧନ୍ୟା ହୋଇଥିଲେ, ତାଙ୍କ ମଧ୍ୟରେ ପୁରୀ ଜିଲ୍ଲା ସତ୍ୟବାଦୀ ବନବିଦ୍ୟାଳୟର 'ପଞ୍ଚସଖା' ଚିରସ୍ମରଣୀୟ ରହିବେ । ସେମାନେ ହେଲେ ଉତ୍କଳମଣି ଗୋପବନ୍ଧୁ ଦାସ, ଋଷିପ୍ରତିମ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, କବି ଗୋଦାବରୀଶ ମିଶ୍ର ଏବଂ ଐତିହାସିକ କୃପାସିନ୍ଧୁ ମିଶ୍ର । ମାତୃଭାଷାର ବିକାଶ ନିମନ୍ତେ ଏମାନେ ଯେଉଁ ଆଦର୍ଶ ରଖିଯାଇଛନ୍ତି, ତାହା ବିଂଶ ଶତାବ୍ଦୀର ଯୁବ-ପ୍ରାଣରେ ଅଭୂତପୂର୍ବ ଶକ୍ତି ଓ ପ୍ରେରଣା ସଞ୍ଚାର କରିଥିଲା ।

'ପଞ୍ଚସଖା'ଙ୍କ ମଧ୍ୟରେ ନୀଳକଣ୍ଠ ଥିଲେ – ପାଣ୍ଡିତ୍ୟ ଓ ବୁଦ୍ଧିମତ୍ତାରେ ଅଗ୍ରଗଣ୍ୟ । ସଂସ୍କୃତ ସାହିତ୍ୟରେ ସେ ଯେପରି ଜ୍ଞାନ ଅର୍ଜନ କରିଥିଲେ, ସେପରି ଇଂରାଜୀ

Digitized by PPRACHIN, SOA

ଏବଂ ଓଡ଼ିଆ ସାହିତ୍ୟରେ ମଧ ତାଙ୍କ ପ୍ରତିଭା ଯଥେଷ୍ଟ ଉତ୍କର୍ଷ ଲାଭ କରିଥିଲା, ତାଙ୍କ ପରି ଜଣେ ଉଚ୍ଚକୋଟୀର ପଣ୍ଡିତ ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଆମ ଦେଶରେ ଜନ୍ମିଥିବା ଜଣାଯାଇ ନାହିଁ ।

॥ ୨ ॥

ପଣ୍ଡିତ ନୀଳକଣ୍ଠ ପୁରୀ ଜିଲ୍ଲା ସତ୍ୟବାଦୀ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନର ପ୍ରସିଦ୍ଧ 'ଦାଶ' ବଂଶରେ ଅଗଷ୍ଟ ୫ ତାରିଖ ୧୮୮୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ଗ୍ରାମ୍ୟ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷକରି ପୁରୀ ନର୍ମାଲ୍ ମଧ- ଓଡ଼ିଆ ସ୍କୁଲରୁ ଉତ୍ତୀର୍ଣ୍ଣ ହେଲେ । ତା'ପରେ ପୁରୀ ଜିଲ୍ଲା ସ୍କୁଲରୁ ଇଂରାଜୀ ଶିକ୍ଷା ଆରମ୍ଭକରି କଟକ ରେଭେନ୍ସା କଲେଜରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ଏମ୍.ଏ.ପାସ୍ କଲେ । ନୀଳକଣ୍ଠ ଛାତ୍ର ହୋଇ ମଧ ମଧୁସୂଦନ ଦାସଙ୍କ ପ୍ରେରଣାରେ କଟକଠାରେ ୧୯୦୩ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଉପସ୍ଥିତ ଥିଲେ । ତାଙ୍କ ଯୁବ-ପ୍ରାଣରେ ଅଦମ୍ୟ ଜାତୀୟଭାବ ଖେଳା କଲା । ଉତ୍କଳ-ଜନନୀର ଦୀନତା ଅପନୋଦନପାଇଁ କର୍ମତତ୍ପରତା ଓ ନୀତି, ତାଙ୍କ ହୃଦୟରେ ଆରୋପିତ ହେଲା । ଉତ୍କଳକୁ ସେ ନିଜର ଜନନୀ ରୂପେ ଓ ଭାରତକୁ ପିତାମହୀ ରୂପେ ଜ୍ଞାନ କଲେ । ସେମାନଙ୍କ ପ୍ରତି ପୁତ୍ରର ଯେଉଁ ପବିତ୍ର କର୍ତ୍ତବ୍ୟ, ତାହା ନୀଳକଣ୍ଠଙ୍କ ଅନ୍ତର୍ନିହିତ ଚେତନାର ଅଙ୍ଗୀଭୂତ ହେଲା । ତଦବଧି ସେ ଉତ୍କଳ-ସମ୍ମିଳନୀର ପ୍ରତି ଅଧିବେଶନରେ ଯୋଗଦେବାକୁ ଲାଗିଲେ । ୧୯୦୭ ମସିହା, ଏପ୍ରିଲ ୯ ଓ ୧୦ ତାରିଖ ଦୁଇ ଦିନ କଟକ ଟାଉନ୍ ହଲ୍‌ରେ ବଙ୍ଗର ସୁପ୍ରସିଦ୍ଧ ନେତା ବିପିନଚନ୍ଦ୍ର ପାଲ୍‌ଙ୍କ ମୁଖରୁ 'ଭାରତରେ-ସ୍ୱରାଜ୍ୟ' ଓ 'ସ୍ୱଦେଶୀ' ଶୀର୍ଷକ ଦୁଇଟି ଜ୍ୱାଳାମୟୀ-ଉଦ୍ଦୀପ୍ତ ଭାଷଣ ଶୁଣିସାରି ବହୁ ଯୁବକଙ୍କ ହୃଦୟରେ ଜାତୀୟ ଚେତନା ଜାଗ୍ରତ ହୋଇଥିଲା । କିନ୍ତୁ ନୀଳକଣ୍ଠଙ୍କ ପ୍ରାଣର ଉଦ୍ଦୀପନା ଅଧିକ ତେଜସ୍କ୍ରିୟ ଓ ସ୍ଥାୟୀ ହୋଇରହିଲା । ଶିକ୍ଷା ମାଧ୍ୟମରେ ମନୁଷ୍ୟ ଗଠନ କରି ଜନ୍ମଭୂମି ଉତ୍କଳ ତଥା ଭାରତକୁ ସ୍ୱାଧୀନ କରି ଗଢ଼ିବାକୁ ସେ ସଂକଳ୍ପବଦ୍ଧ ହେଲେ । କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିବା ଉପାୟ କଣ ? ସେତିକିବେଳେ ଦୈବାଦେଶପରି ପଣ୍ଡିତ ଗୋପବନ୍ଧୁଙ୍କ ଉଦ୍ୟମରେ ତାଙ୍କ ଗ୍ରାମ ନିକଟସ୍ଥ ସତ୍ୟବାଦୀର 'ଗୁପ୍ତ ବୃନ୍ଦାବନ' ବକୁଳବନଠାରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହେଲା । ସେଥିରେ ସେ ନିଜର କର୍ମମୟ ଜୀବନ ଆରମ୍ଭ କଲେ । ଏପ୍ରିଲ୍ ୧୯ ତାରିଖ ଦିନ ପୁରୀରେ ସୁରଙ୍ଗୀ ରାଜାଙ୍କ ଅଧକ୍ଷତାରେ 'ଉତ୍କଳ-ସମ୍ମିଳନୀ'ର ୫ମ ଅଧିବେଶନ ଅନୁଷ୍ଠିତ

Digitized by PPRACHIN, SOA

ହେଲା । ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟାରେ ପ୍ରତିନିଧି ଯୋଗ ଦେଇଥିଲେ । ସେଥିରେ ସତ୍ୟବାଦୀ ବନବିଦ୍ୟାଳୟ ଯୋଜନାଟି ଯଥାର୍ଥ ରୂପ ଧାରଣ କଲା; ଏବଂ ଆନୁଷ୍ଠାନିକ ଭାବେ ୧୯୦୯ ସାଲ ଅଗଷ୍ଟ ୧୨ ତାରିଖ ଦିନ ୧୯ ଜଣ ମାତ୍ର ଛାତ୍ରଙ୍କୁ ନେଇ ସତ୍ୟବାଦୀ ସ୍କୁଲର ଶୁଭ ପଡ଼ିଲା । ୧୯୧୧ ସାଲରେ ପଣ୍ଡିତ ନୀଳକଣ୍ଠ ସେଥିର ପ୍ରଧାନ ଶିକ୍ଷକ ଭାର ଗ୍ରହଣ କଲେ ଏବଂ ପରବର୍ଷ ତାହା ଏକ ହାଇସ୍କୁଲରେ ପରିଣତ ହେବାରୁ ଶିକ୍ଷକ ସଂଖ୍ୟା ବଢ଼ିଗଲା । ସ୍ୱଳ୍ପ ଦରମା ନେଇ ଆଚାର୍ଯ୍ୟ ହରିହର ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଓ ରାମଚନ୍ଦ୍ର ରଥ ନିଯୁକ୍ତ ହେଲେ । ପଣ୍ଡିତ ନୀଳକଣ୍ଠଙ୍କର ଆଶା ଥିଲା, ମଣିଷ ଗଢ଼ି ଅଭିଶପ୍ତ ଉତ୍କଳ-ମାତାଙ୍କ ସେବାରେ ନିଜକୁ ଲିପ୍ତ କରିବା । ତାଙ୍କର ସେହି ଚିରପୋଷିତ ଅଭିଳାଷ ଏଥିରେ ପୂର୍ଣ୍ଣହେବାର ଉଜ୍ଜ୍ୱଳ ଆଶା ଦେଖାଗଲା । ସତ୍ୟବାଦୀ ବିଦ୍ୟାଳୟର ସୁନାମ ସର୍ବତ୍ର ପ୍ରସାରିତ ହେଲା । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ପ୍ରତିଷ୍ଠିତ 'ଗୁରୁକୁଳ' ପରି ଗୁରୁ-ଛାତ୍ରଙ୍କ ମଧ୍ୟରେ ଭକ୍ତି, ସ୍ନେହ-ସୌହାର୍ଦ୍ଦ୍ୟର ପ୍ରତିଷ୍ଠା ହେତୁ ଶିକ୍ଷାପଦ୍ଧତିର କଠୋର ନିୟମରେ କୌଣସି ବ୍ୟତିକ୍ରମ ଦେଖାଦେଲା ନାହିଁ । ଏ ସମସ୍ତ କୃତି ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ, ଆଗ୍ରହ ଓ କର୍ତ୍ତବ୍ୟ ନିଷ୍ଠାର ପରିଣାମ । ସେ ଥିଲେ ଭୀଷ୍ମଙ୍କପରି ଦୃଢ଼ପ୍ରତିଜ୍ଞ ଓ ବିଶ୍ୱାମିତ୍ରଙ୍କ ପରି ସଂଯତ ଓ କଠୋର କର୍ମନିଷ୍ଠ । ୧୯୧୩ ମସିହା ଡିସେମ୍ବର ୨୭ ଓ ୨୮ ତାରିଖ ଦୁଇ ଦିନ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍କଳ-ସମ୍ମିଳନୀର ନବମ ଅଧିବେଶନରେ ଏକ ସ୍ୱତନ୍ତ୍ର ପ୍ରସ୍ତାବକ୍ରମେ ସତ୍ୟବାଦୀ ବନବିଦ୍ୟାଳୟର କର୍ମକର୍ତ୍ତାମାନଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦିଆଗଲା । ବ୍ୟାସକବି ଫକୀରମୋହନ ତାଙ୍କ ଭାଷଣରେ କହିଲେ, ''ଏପରି ସ୍କୁଲ ଓଡ଼ିଶାରେ ଗୋଟିଏ ହେଲେ ନାହିଁ, ଏଥିରେ ବିଦ୍ୟା ଓ ଚରିତ୍ର ଉଭୟର ଉନ୍ନତି ହୁଏ ।'' ସଭାପତି ଆସନରୁ ମଧୁସୂଦନ ଦାସ ତାଙ୍କ ଭାଷଣରେ କହିଲେ, ''ସତ୍ୟବାଦୀ ସ୍କୁଲର ଶିକ୍ଷକମାନେ ମନୁଷ୍ୟ ଗଢ଼ିବାପାଇଁ କୃତସଙ୍କଳ୍ପ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢ଼ି ପାରିବେ; କିନ୍ତୁ ତା' ଭିତରେ ଯେଉଁ ବ୍ରହ୍ମ ଅଛି, ତାହା କେହି ଗଢ଼ିପାରନ୍ତି ନାହିଁ ।'' ନିଜେ ଗୋପବନ୍ଧୁ, ଯେ କି ସେହି ସ୍କୁଲର ସ୍ଥାପକ ଓ ପରିଚାଳକ, ସେ ମଧ୍ୟ ତାଙ୍କ ଭାଷଣରେ ସ୍କୁଲର ଆଦର୍ଶ ବୁଝାଇବାକୁ ଯାଇ କହିଥିଲେ – ଉନ୍ମୁକ୍ତ ଆକାଶର ନିମ୍ନରେ ଥାଇ ମଧ୍ୟ ଆମ୍ଭେମାନେ ଦୃଢ଼ବିଶ୍ୱାସ କରିଥିଲୁ ଯେ, ଦିନ ଆସିବ, ଯେତେବେଳେ ଭଗବାନ୍ ଆମ୍ଭମାନଙ୍କର ଏହି ଦୁର୍ଦ୍ଦଶା ଦୂର କରିବେ । ଆମ୍ଭେମାନେ ମନୁଷ୍ୟର ସେବା କରୁଅଛୁ । ମାତ୍ର ସେଥିରେ କି ଇଷ୍ଟ ଅନିଷ୍ଟ ଅଛି, ସେଥିପ୍ରତି ତିଳେ ମାତ୍ର ଭ୍ରୂକ୍ଷେପ କରି ନାହୁଁ । ଆମ୍ଭେମାନେ ବିଶ୍ୱାସ କରୁଁ, ମାନବ ସେବାହିଁ ଭଗବାନ୍‌ଙ୍କ ସେବା ଏବଂ ଏହାହିଁ ପ୍ରତ୍ୟେକ ମାନବର କର୍ତ୍ତବ୍ୟ...''

Digitized by PPRACHIN, SOA

ପଣ୍ଡିତ ଗୋପବନ୍ଧୁଙ୍କ ଭାଷଣରେ ତାଙ୍କ ମନର ଏକ ପ୍ରଚ୍ଛନ୍ନ ବେଦନା ଆତ୍ମପ୍ରକାଶ କରିଥିଲା । ସେ ବହୁ ଶ୍ରମ ସ୍ୱୀକାର କରି ଯେଉଁ ସ୍କୁଲ ଗୃହଟି ସତ୍ୟବାଦୀରେ ନିର୍ମାଣ କରିଥିଲେ, ସେଥିରେ କେତେକ ଦୁଷ୍ଟ ଦୁରାଚାରୀ ୧୯୧୨ ମସିହା ମାର୍ଚ୍ଚ ୨୨ ତାରିଖ ରାତିରେ ଅଗ୍ନିସଂଯୋଗ କରିଦେଇଥିଲେ । ତେଣୁ ଉନ୍ମୁକ୍ତ ଆକାଶ ତଳେ ବକୁଳବନରେ ୧୯୧୪ ମସିହା ପର୍ଯ୍ୟନ୍ତ ସ୍କୁଲ କାର୍ଯ୍ୟ ପରିଚାଳିତ ହେଲା । ସମାଜ ସଂସ୍କାର ଉଦ୍ଦେଶ୍ୟରେ ଶିକ୍ଷକମାନେ ଛାତ୍ରଙ୍କୁ ପ୍ରବର୍ତ୍ତାଇଥିବାରୁ, କେତେକ ଅଶିକ୍ଷିତ ରକ୍ଷଣଶୀଳ ଲୋକ ଏହି କାର୍ଯ୍ୟ କରାଇ ଆତ୍ମପ୍ରସାଦ ଲାଭ କରିଥିବେ । କିନ୍ତୁ ନୀଳକଣ୍ଠଙ୍କ ପୁରୋଧାରେ ସେତେବେଳେ ଯେଉଁ ସମାଜ-ସଂସ୍କାର ପ୍ରବର୍ତ୍ତିତ ହେଲା, ତାହା ମୁଖ୍ୟତଃ ଜାତିଭେଦର ନିରାକରଣ ତଥା କୁ-ସଂସ୍କାର ପ୍ରଣୋଦିତ କ୍ରିୟାକଳାପରୁ ସମାଜକୁ ରକ୍ଷାକରିବାପାଇଁ ଉଦ୍ଦିଷ୍ଟ ଥିଲା । ସେ କହୁଥିଲେ, "ବୈଦିକ-ଯୁଗରେ ପ୍ରବର୍ତ୍ତିତ ବିବାହାଦି କର୍ମରେ ଜାତି ଜାତି ମଧ୍ୟରେ କୌଣସି ବାରଣ ତ ନ ଥିଲା; କିନ୍ତୁ ମଧ୍ୟ-ଯୁଗରେ ହିଁ ସେଥିରେ ଘୋର ବ୍ୟତିକ୍ରମ ଦେଖାଦେଲା, ଯାହାଫଳରେ ହିନ୍ଦୁର ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା ।" ସମାଜ-ସଂସ୍କାର ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ବହୁ ଯୁକ୍ତି ସମ୍ବଳିତ ପ୍ରବନ୍ଧମାନ ଲେଖି ପ୍ରକାଶ କଲେ । ଭାରତର ପ୍ରାଚୀନ ମନୀଷୀମାନଙ୍କ ଉଦ୍‌ଘୋଷିତ ବାଣୀ ଉତ୍କଳରେ ଯେପରି ପୁନଃପ୍ରବର୍ତ୍ତିତ ହୋଇ ଲୋକଙ୍କ ମନ ଓ ପ୍ରାଣ ଶୁଦ୍ଧ-ପବିତ୍ର ହୋଇପାରିବ, ସେପରି ମହତ୍ ଭାବ ସମ୍ବଳିତ ଲେଖା ଓ ଭାଷଣ ମାଧ୍ୟମରେ ସେ ଏହି ନୀତି ପ୍ରଚାର କରୁଥିଲେ । ବହୁ ଧର୍ମଗ୍ରନ୍ଥ ଅଧ୍ୟୟନ କରି ଏବଂ ଉପନିଷଦ୍‌ର ମୌଳିକ ତଥ୍ୟ ଅନୁଶୀଳନ କରି ସେ ବୁଝିପାରିଥିଲେ ଯେ, ହିନ୍ଦୁ ଜାତିର ବୈଶିଷ୍ଟ୍ୟ ଓ କର୍ମପନ୍ଥା ପ୍ରାଚୀନ ଆର୍ଯ୍ୟ ମୁନି-ଋଷିଙ୍କ ଆଦର୍ଶରେ ହିଁ ନିୟନ୍ତ୍ରିତ । ତେଣୁ ସେହି ପନ୍ଥା ଓ ନୀତି କେତେ ଯୁଗର ଘାତ ପ୍ରତିଘାତ ସହ୍ୟକରି ମଧ୍ୟ ବିଲୁପ୍ତ ହୋଇ ନାହିଁ । ହିନ୍ଦୁ ଜାତି ତଥା ବୈଦିକ ଧର୍ମକୁ ଅଦ୍ୟାପି ତା'ର ଜାତୀୟ ସ୍ୱାତନ୍ତ୍ର୍ୟ ବଞ୍ଚାଇ ରଖିପାରିଛି ।

ଯେଉଁ ସମୟରେ ପଣ୍ଡିତ ନୀଳକଣ୍ଠଙ୍କ କର୍ମମୟ ଜୀବନର ମଧ୍ୟାହ୍ନ, ସେତେବେଳେ ପ୍ରାକୃତିକ ଉତ୍କଳର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଉଚ୍ଚ ଶ୍ରେଣୀମାନଙ୍କ ମଧ୍ୟରେ ସାମାଜିକ ବିଭେଦ ଅତି ଉତ୍କଟ ଆକାର ଧାରଣ କରିଥିଲା । ସେଥିର ନିରାକରଣ ଆବଶ୍ୟକ । ଏଣୁ ନୀଳକଣ୍ଠ ଓ ତାଙ୍କ ସହକର୍ମୀମାନେ ଓଡ଼ିଶାରେ ସାମାଜିକ ବିପ୍ଳବ ସୃଷ୍ଟି କରିବାକୁ ଲାଗିଲେ । ନୀଳକଣ୍ଠଙ୍କ ଲେଖନୀ ଏ ଦିଗରେ ଅଗ୍ରଣୀ ହେଲା । ତାଙ୍କର 'ମୋ ନିଶ' ପ୍ରବନ୍ଧଟି ଉତ୍କଳରେ ଦିନେ ଚହଳ ପକାଇଦେଲା; ରକ୍ଷଣଶୀଳ ଆଭିଜାତ୍ୟ ମନୋଭାବସମ୍ପନ୍ନ ଲୋକେ ଘୋର ବିଚଳିତ ହେଲେ । ତଥାପି ତାଙ୍କ ଗବେଷଣାପୂର୍ଣ୍ଣ ଲେଖାମାନଙ୍କର ପ୍ରାମାଣିକ ଯୁକ୍ତିକୁ କେହି ଖଣ୍ଡନ କରିପାରିଲେ ନାହିଁ ।

Digitized by PPRACHIN, SOA

ଶିକ୍ଷା-କ୍ଷେତ୍ରରେ ସତ୍ୟବାଦୀ ସ୍କୁଲର ଅବଦାନ ଓ ଆଦର୍ଶ ଅଦ୍ୟାବଧି ଅବିସ୍ମରଣୀୟ ହୋଇରହିଛି । କିନ୍ତୁ ତତ୍କାଳୀନ ଇଂରେଜ ସରକାରଙ୍କ ବିଷ ଦୃଷ୍ଟିରେ ପଡ଼ି ୧୯୧୯ ସାଲ ବେଳକୁ ସେଥିର ଅକାଳ ମୃତ୍ୟୁ ଘଟିଲା । ଏଥିପାଇଁ ସରକାରଙ୍କ କୂଟନୀତିକ ପ୍ରକ୍ରିୟା ସଙ୍ଗେ ଓଡ଼ିଶାର କେତେ ଜଣ ରାଜ-କର୍ମଚାରୀ ସେହି ଜାତୀୟ ଶିକ୍ଷାନୁଷ୍ଠାନ ଭାଙ୍ଗି ଦେଇ ପଣ୍ଡିତ ଗୋପବନ୍ଧୁଙ୍କ ସହକର୍ମୀମାନଙ୍କୁ ଛିନ୍ନଭିନ୍ନ କରିଦେବା କୌଶଳ ମୁଖ୍ୟତଃ ଦାୟୀ । ଏଠାରେ କହିବା ଆବଶ୍ୟକ ଯେ, ୧୯୧୫ ଓ ୧୯୧୭ ସାଲରେ ସେହି ସ୍କୁଲଟି ଯଥାକ୍ରମେ କଲିକତା ବିଶ୍ୱବିଦ୍ୟାଳୟ ଓ ପାଟଣା ବିଶ୍ୱବିଦ୍ୟାଳୟ ସ୍ୱୀକୃତି ଲାଭ କରିବା ଫଳରେ କେତେକ ନୂତନ କଟକଣାର ସମ୍ମୁଖୀନ ହେବାକୁ ପଡ଼ିଲା । ମାତ୍ର ଜାତୀୟ ନୀତିରେ ପରିଚାଳିତ ସତ୍ୟବାଦୀ ସ୍କୁଲ ସେହି ବିଶ୍ୱବିଦ୍ୟାଳୟ କଟକଣାରେ ଆବଦ୍ଧ ନ ହେବାରୁ କ୍ରମେ ତାହା ମଳିନ ଓ ଶୁଷ୍କ ହୋଇଗଲା । ଏଥିରେ ଜାତୀୟବାଦୀ ଓଡ଼ିଆଙ୍କ ପ୍ରାଣରେ ଘୋର ଆଘାତ ଲାଗିଲା ସତ; କିନ୍ତୁ କେହିହେଲେ ଅନୁଷ୍ଠାନଟିକୁ ପୁନର୍ଜୀବିତ କରିବାକୁ ସମର୍ଥ ହେଲେ ନାହିଁ । ବୃକ୍ଷଟି ଶୁଷ୍କ ହେଲେ ସେଥିରେ ବସା ବାନ୍ଧିଥିବା ପକ୍ଷୀମାନେ ଯେପରି ଅନ୍ୟତ୍ର ଉଡ଼ିଯାନ୍ତି, ସେପରି 'ପଞ୍ଚସଖା'ଙ୍କ ଦଶା ହୋଇଥିଲା । ପଣ୍ଡିତ ଗୋପବନ୍ଧୁ ଅନ୍ୟ ସମସ୍ତ କର୍ମ ଭୁଲି ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ପରିଚାଳିତ ନିଖିଳ-ଭାରତ-ଜାତୀୟ-କଂଗ୍ରେସରେ ପୂର୍ଣ୍ଣପ୍ରାଣରେ ଯୋଗଦେଲେ । କିନ୍ତୁ ଶିକ୍ଷା-କ୍ଷେତ୍ରରେ ଆତ୍ମନିବେଶ କରିବା ସଂକଳ୍ପ ନୀଳକଣ୍ଠ ବିସ୍ମୃତ ହେଲେ ନାହିଁ ।

ଏଠାରେ କହିବା ଆବଶ୍ୟକ ଯେ, ସୋନପୁର ମହାରାଜା ବୀରମିତ୍ରୋଦୟ ସିଂହଦେଓ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଗବେଷଣା ସକାଶେ ୧୯୨୦ ମସିହାରୁ ଆରମ୍ଭକରି ତିନିବର୍ଷପାଇଁ ଏକ ଫେଲୋସିପ୍ ଖୋଲିଥିଲେ । ଏଥିରେ ମାସିକ ଟ୧୫୦/- ଦରମାରେ ସର୍ବପ୍ରଥମେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସେ ବର୍ଷ ସେପ୍ଟେମ୍ବର ମାସରେ ନିଯୁକ୍ତ କରାଗଲା । କିନ୍ତୁ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସେ ଏହି ଶିକ୍ଷା ଓ ଗବେଷଣା କ୍ଷେତ୍ର ବରଣ କରିଥିଲେ, ତାହା ତାଙ୍କୁ ଆଦୌ ଆକର୍ଷଣ କଲା ନାହିଁ । ସୁତରାଂ ସେ ବର୍ଷ ଡିସେମ୍ବର ମାସରେ ଅଧ୍ୟାପନା କର୍ମରୁ ବିଦାୟ ନେଇ ଗୋପବନ୍ଧୁଙ୍କ ସଙ୍ଗେ ସେ ମିଳିତ ହେଲେ ଏବଂ ଭାରତର ଜାତୀୟ-କଂଗ୍ରେସରେ ଯୋଗଦେଲେ । ଏହାପରେ ତାଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟ ସୂତ୍ରପାତ ହେଲା । ଅବଶ୍ୟ ଏ ଘଟଣାର କିଛି ବର୍ଷ ପରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ବିଶ୍ୱନାଥ ଦାଶଙ୍କ ସଙ୍ଗେ ମିଶି ସତ୍ୟବାଦୀ ସ୍କୁଲକୁ ପୁନର୍ଜୀବିତ କରିବାପାଇଁ ପଣ୍ଡିତ ଗୋପବନ୍ଧୁଙ୍କୁ ପ୍ରବର୍ତ୍ତାଇ ଥିଲେ; କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ ।

Digitized by PPRACHIN, SOA

॥ ୩ ॥

ଭାରତର ଜାତୀୟତାବାଦୀଙ୍କ ପ୍ରାଣରେ ସେତେବେଳେ ବିଦେଶୀ ସରକାରଙ୍କ ବିରୋଧରେ ଘୋର ବିରକ୍ତି ଓ ବିଦ୍ରୋହ ଖେଳା କରୁଥିଲା । କାରଣ ଅତ୍ୟାଚାରୀ ଜେନେରାଲ ଡାୟାର୍ (General Dyer) ପଞ୍ଜାବର ଜାଲିଆନ୍‌ୱାଲାବାଗଠାରେ ୧ ୯ ୧ ୯ ସାଲ ଏପ୍ରିଲ ୧୩ ତାରିଖ ସନ୍ଧ୍ୟାରେ ନିରୀହ ନିରସ୍ତ୍ର ଭାରତୀୟଙ୍କୁ ସହସ୍ରାଧିକ ସଂଖ୍ୟାରେ ଗୁଳିକରି ହତ୍ୟା କରିଥିଲେ । ପୁଣି 'ରାଉଲଟ୍ ଏକ୍ଟ' ପରି ଏକ ନୃଶଂସ ଆଇନ୍ ପ୍ରଣୟନ କରିଥିଲେ । ଏଥିରେ ମହାତ୍ମା ଗାନ୍ଧି ଓ ଭାରତର ବିଭିନ୍ନ ପ୍ରଦେଶର ନେତୃସ୍ଥାନୀୟ ହିନ୍ଦୁ-ମୁସଲମାନ ସମସ୍ତେ ଅସ୍ଥିର ହୋଇପଡ଼ିଲେ । ଗାନ୍ଧିଙ୍କ ଆହ୍ୱାନକ୍ରମେ ବହୁସଂଖ୍ୟାରେ ଛାତ୍ର ଓ କର୍ମଚାରୀମାନେ କଂଗ୍ରେସରେ ଯୋଗଦେଲେ । ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ, ଓଡ଼ିଶାରେ କଂଗ୍ରେସ ଦଳପକ୍ଷରୁ ପ୍ରତି ଜିଲ୍ଲାରେ କମିଟିମାନ ସଂଗଠିତ ହେଲା । ଏହାପରେ ୧ ୯ ୨ ୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ଆଗମନ ଲୋକଙ୍କ ମଧ୍ୟରେ ଜାତୀୟ ଉଦ୍ଦୀପନା ସୃଷ୍ଟି କଲା । ପୁରୀ, କଟକ, ସତ୍ୟବାଦୀ, ବ୍ରହ୍ମପୁର, ପାରଳାଖେମୁଣ୍ଡି ପ୍ରଭୃତି କେନ୍ଦ୍ର ସ୍ଥାନମାନଙ୍କରେ ମହାତ୍ମାଙ୍କ ମୁଖନିଃସୃତ ଅସହଯୋଗ-ମନ୍ତ୍ର ଲୋକଙ୍କୁ ମୁଗ୍ଧ କରିଦେଲା । ପୁରୀରେ ସେଦିନ ଦୋଳୋତ୍ସବ । କଟକରେ ତା' ପରଦିନ ମହାତ୍ମା ଗାନ୍ଧି ଓ ଗୋପବନ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନଙ୍କ ପ୍ରାଥମିକ ସମ୍ମେଳନ, ଓଡ଼ିଶାର ଏକ ଐତିହାସିକ ଘଟଣା ।

ପଣ୍ଡିତ ନୀଳକଣ୍ଠଙ୍କ ଜାତୀୟ ଆଦର୍ଶ ଦୁଇଟି ଆଭିମୁଖ୍ୟରେ ବିଭକ୍ତ । ପ୍ରଥମଟି ହେଉଛି, ଉତ୍କଳୀୟ ଭାଷାଭାଷୀଙ୍କୁ ଏକତ୍ରିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଏବଂ ଦ୍ୱିତୀୟଟି ହେଉଛି, ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜାତୀୟ ପତାକା ତଳେ କର୍ତ୍ତବ୍ୟ ସଂପାଦନ କରିବା । ଆଗରୁ କୁହାଯାଇଛି ଯେ, ଉତ୍କଳ ଓ ଭାରତକୁ ସେ ଯଥାକ୍ରମେ ମାତା ଓ ପିତାମହୀ ରୂପେ କଳ୍ପନା କରୁଥିଲେ । ତେଣୁ ପ୍ରଥମେ ମାତାଙ୍କୁ ପିଣ୍ଡଦାନ କଲା ପରେ ପିତାମହୀଙ୍କୁ ପୁତ୍ର ଯେପରି ପିଣ୍ଡଦାନ କରିଥାନ୍ତି, ସେପରି ନୀଳକଣ୍ଠ ପ୍ରଥମେ ଉତ୍କଳର ଏକତ୍ରୀକରଣ ଚିନ୍ତା କରିବାକୁ ଲାଗିଲେ । ସେଥିପାଇଁ ଏକଦା ଜାତୟ-କଂଗ୍ରେସ-ସଭାରେ କେହି କେହି ତାଙ୍କୁ ଆକ୍ଷେପ କରିଥିଲେ । ତଥାପି ସେ ନିଜ ଆଦର୍ଶରୁ ବିଚଳିତ ହେଲେ ନାହିଁ ।

ଓଡ଼ିଶାରେ ଦେଶ-ମିଶ୍ରଣ-ଆନ୍ଦୋଳନ ତୀବ୍ର ଗତିରେ ଯେଉଁ ସମୟରେ ପରିଚାଳିତ ହେଲା ସେତେବେଳେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ଓଡ଼ିଆମାନଙ୍କ

Digitized by PPRACHIN, SOA

ଅଭିମତ ଜାଣିବାକୁ ସରକାରଙ୍କ ପକ୍ଷରୁ ୧୯୨୪ ମସିହାରେ ଫିଲିପ-ଡଫ୍ କମିଟି ଗଠିତ ହେଲା । ଏଣୁ ଗଞ୍ଜାମ ଓ ଜୟପୁର ଓଡ଼ିଆମାନଙ୍କ ତତ୍ପରତା ଯଥେଷ୍ଟ ବଢ଼ିଗଲା । ତେଣେ ଆନ୍ଧ୍ର ଲୋକମାନେ ମଧ ଦେଶ ମିଶ୍ରଣ ବିରୋଧରେ ପ୍ରବଳ ଭାବେ ଆନ୍ଦୋଳନ ଚଳାଇଥାନ୍ତି । ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରେ ଓଡ଼ିଆ ଛାତ୍ରମାନଙ୍କୁ ପ୍ରେରଣା ଦେବାକୁ ଯାଇ ଓଡ଼ିଶାରୁ ଯେଉଁ ନେତାମାନେ ସଭାସମିତି କରିଥାନ୍ତି, ତାଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗ୍ରଗଣ୍ୟ । ଆନ୍ଧ୍ରର କାକିନଡ଼ାଠାରେ ଅନୁଷ୍ଠିତ କଂଗ୍ରେସ କମିଟି ଅଧିବେଶନରେ ଯୋଗଦେଇ ସେ ପ୍ରସ୍ତାବ କରିଥିଲେ ଯେ, ଆନ୍ଧ୍ର-ଓଡ଼ିଶାର ସୀମାରେଖା କଂଗ୍ରେସ ପକ୍ଷରୁ ନିର୍ଣ୍ଣୀତ ହେଲେ ଉଭୟ ଭାଷାଭାଷୀଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ତିରୋହିତ ହେବ । ତାଙ୍କ ପ୍ରସ୍ତାବ ଅନୁସାରେ ୧୯୨୪ ସାଲ ମାର୍ଚ୍ଚ ମାସ ପୂର୍ବରୁ ଏହା କରିବାକୁ ସ୍ଥିର ହେଲା । ଏଥି ସକାଶେ ରାଜାଜୀ (ରାଜଗୋପାଳାଚାରୀ)ଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ମଧ ଗଠିତ ହେଲା । ସେଥିରେ ଓଡ଼ିଆଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ପଣ୍ଡିତ ନୀଳକଣ୍ଠ ନିର୍ବାଚିତ ହେଲେ । ଗଞ୍ଜାମର କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ତାଙ୍କୁ ସାହାଯ୍ୟ କରିବାକୁ ସେ କମିଟିରେ ରହିଥାନ୍ତି । କିନ୍ତୁ ରାଜଗୋପାଳାଚାରୀ ଓ ରାଜେନ୍ଦ୍ର ପ୍ରସାଦଙ୍କ ସମାଧାନର ଚେଷ୍ଟା ବିଫଳ ହେଲା । କାରଣ ଆନ୍ଧ୍ରମାନଙ୍କ ପକ୍ଷରୁ ପଟ୍ଟାଭି ସୀତାରାମାୟା ନେତୃତ୍ୱ ଗ୍ରହଣକରି ଆନ୍ଧ୍ରୋତ୍କଳ ସୀମା ବ୍ରହ୍ମପୁରର ଦକ୍ଷିଣକୁ ପ୍ରସାରିତ କରିବା ବିରୋଧରେ ମତ ଦେଲେ, ଯାହାକି ନିତାନ୍ତ ଅସଙ୍ଗତ ଏବଂ ଓଡ଼ିଆମାନଙ୍କ ପକ୍ଷରେ ଗ୍ରାହ୍ୟ ନୁହେଁ । ପଣ୍ଡିତ ନୀଳକଣ୍ଠଙ୍କୁ ନିଖିଳ ଭାରତ କଂଗ୍ରେସ ମହଲରେ ଅପମାନିତ କରିବାକୁ ମଧ ତାଙ୍କ ଦଳ ସୁବିଧା ଉଣ୍ଡୁଥିଲେ । କାରଣ କେନ୍ଦ୍ର ସରକାରଙ୍କୁ ଜଣାଇ ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ବଳବତ୍ତର କରିବା ସକାଶେ ନୀଳକଣ୍ଠଙ୍କ ଉଦ୍ୟମ ଅବ୍ୟାହତ ରହିଥିଲା । କେବଳ ସେତିକି ନୁହେଁ ତାଙ୍କର ବଳିଷ୍ଠ ଯୁକ୍ତିର ସାରବତ୍ତା ସରକାରଙ୍କ ପକ୍ଷରୁ ଉପେକ୍ଷା କରିବା ଅଧିକାଂଶ କ୍ଷେତ୍ରରେ ସମ୍ଭବ ହେଉ ନ ଥିଲା ।

ପଣ୍ଡିତ ନୀଳକଣ୍ଠ ୧୯୨୭ ମସିହା ଫେବୃଆରୀ ୮ ତାରିଖ ଦିନ ଓଡ଼ିଆ ଭାଷାଭାଷୀଙ୍କପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ସକାଶେ ଅକାଟ୍ୟ ଯୁକ୍ତି ସମ୍ବଳିତ ଗୋଟିଏ ପ୍ରସ୍ତାବ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଆଗତ କଲେ । ତାଙ୍କର ସେହି ଦାବି ଭାରତର ବିଭିନ୍ନ ପତ୍ରିକାରେ ପ୍ରକାଶିତ ହେଲା । 'States Man'ର ଅଗ୍ରଲେଖାରେ ଏ ପ୍ରସଙ୍ଗରେ ସମ୍ପାଦକୀୟ ଟିପ୍‌ପଣୀ ପ୍ରକାଶ ହେବା ଦେଖି ପଣ୍ଡିତ ଗୋପବନ୍ଧୁ ନୀଳକଣ୍ଠଙ୍କ ବିଜ୍ଞତା ଓ ବିଚାର ବୁଦ୍ଧିର ଉଚ୍ଛ୍ୱସିତ ପ୍ରଶଂସା ନ କରି ରହିପାରିଲେ ନାହିଁ । ସେ ବର୍ଷ ଭାରତର ସାମ୍ବିଧାନିକ ସଂସ୍କାର ବିଷୟରେ ଟିକିନିଖି ବିବରଣୀ

Digitized by PPRACHIN, SOA

ଜନନେତାମାନଙ୍କଠାରୁ ସଂଗ୍ରହ କରି ବ୍ରିଟିଶ ପାର୍ଲିଆମେଣ୍ଟକୁ ଗୋଟିଏ ରିପୋର୍ଟ ଦେବାପାଇଁ ସାଇମନ୍ କମିସନ ନିଯୁକ୍ତ ହୋଇଥିଲେ । କିନ୍ତୁ କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧିଙ୍କ ନିର୍ଦ୍ଦେଶକ୍ରମେ କମିସନକୁ ସର୍ବତ୍ର ବର୍ଜନ କରାଗଲା । ପୁଣି 'ସାଇମନ୍ ଫେରିଯାଅ' ବୋଲି ସ୍ଲୋଗାନ୍ ଦିଆଗଲା । ଓଡ଼ିଶାର ବହୁ ନେତୃସ୍ଥାନୀୟ ବ୍ୟକ୍ତି ବୁଝିଥିଲେ ଯେ, ସାଇମନ୍‌ଙ୍କୁ ଏତେବେଳେ ବର୍ଜନ କରିବା ଅର୍ଥ, ସରକାରଙ୍କ ଶତ୍ରୁତା ଅର୍ଜନ କରିବା: ଆଉ ମଧ୍ୟ ଓଡ଼ିଆଙ୍କ ଦେଶ ମିଶ୍ରଣ ସମସ୍ୟାର 'ଇତିଶ୍ରୀ' କରିବା । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଟକରେ ବ୍ରଜସୁନ୍ଦର ଦାସ, ଭୁବନାନନ୍ଦ ଦାସ, ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି, ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ପ୍ରମୁଖ ନେତୃସ୍ଥାନୀୟ ନରମପନ୍ଥୀମାନଙ୍କ ସମକ୍ଷରେ କହିଲେ, – ''ଆମେ ଯଦି ଏହି ରାଜନୀତିକ ଘଡ଼ିସନ୍ଧି ବେଳେ ସାଇମନ୍ କମିସନଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି ଉପସ୍ଥାପିତ ନ କରି ଅସହଯୋଗ ପନ୍ଥା ଅବଲମ୍ବନ କରୁ, ତେବେ ଆମ ସମସ୍ୟା ଚିରଦିନପାଇଁ ଉପେକ୍ଷିତ ହୋଇରହିବ । ଏ ପ୍ରସ୍ତାବକୁ କେବଳ ନରମପନ୍ଥୀ ନୁହନ୍ତି, କେତେକ ଉଗ୍ର କଂଗ୍ରେସପନ୍ଥୀ ମଧ୍ୟ ସମର୍ଥନ କଲେ । ମାନ୍ଦ୍ରାଜଠାରେ ସାଇମନ୍‌ଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ବ୍ରହ୍ମପୁରର ଓକିଲ ଭୁବନେଶ୍ୱର ରଥ ଦୁଇଟି ସ୍ମାରକପତ୍ର ଦେଇ ଓଡ଼ିଶାର ଦାବି ସାବ୍ୟସ୍ତ କରିଥିଲେ । ପାଟଣାଠାରେ ବାବୁ ବ୍ରଜସୁନ୍ଦର ଦାସ ପ୍ରମୁଖ କଟକର କେତେକ ନେତୃସ୍ଥାନୀୟ ବ୍ୟକ୍ତି ଏକ ସ୍ମାରକପତ୍ର ଦେଲେ । ତତ୍କାଳୀନ ଭାରତୀୟ ପରିସ୍ଥିତି ଦୃଷ୍ଟିରୁ ସାଇମନ୍ ଓଡ଼ିଆମାନଙ୍କ ଦାବିକୁ ସମର୍ଥନ କରି ତାଙ୍କ ରିପୋର୍ଟରେ ସୁପାରିସ କଲେ ।

କଂଗ୍ରେସର ଅସହଯୋଗ ଆହ୍ୱାନ ଅମାନ୍ୟ କରିବାରୁ କଲିକତା କଂଗ୍ରେସ ଅଧିବେଶନରେ ଓଡ଼ିଆ ସଭ୍ୟମାନଙ୍କ ପ୍ରତି ଘୋର ଆକ୍ଷେପ କରାଗଲା । ସେଥିରେ ଅପମାନିତ ହୋଇ ପଣ୍ଡିତ ନୀଳକଣ୍ଠ, ଦିବାକର ପଟ୍ଟନାୟକ ପ୍ରମୁଖ ଓଡ଼ିଶାର ସଭ୍ୟମାନେ ସଭା ବର୍ଜନ କରିବାରୁ ପରେ କଂଗ୍ରେସ ସଭାପତି ଦୁଃଖପ୍ରକାଶ କରିଥିଲେ । ମହାତ୍ମା ଗାନ୍ଧି ମଧ୍ୟ ଓଡ଼ିଆ ସଭ୍ୟମାନଙ୍କୁ ସାନ୍ତ୍ୱନା ଦେଇଥିଲେ ।

୧୯୨୮ ସାଲରେ କଂଗ୍ରେସ ପକ୍ଷରୁ ଗୋଟିଏ କମିଟି ମୋତିଲାଲ ନେହରୁଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା । ସେଥିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଲେଖାଗଲା ଯେ, ପ୍ରଦେଶ ପରିଚାଳନା ସକାଶେ ଆବଶ୍ୟକୀୟ ଅର୍ଥ ଯଦି ହୋଇପାରିବ, ତାହାହେଲେ କେବଳ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରାଯାଇପାରେ । ମୋତିଲାଲଙ୍କ ରିପୋର୍ଟଟି ସେ ବର୍ଷ ଡିସେମ୍ବର ମାସରେ

Digitized by PPRACHIN, SOA

ସରକାରଙ୍କୁ ଦିଆଗଲା । ଏପରି ଏକ ଅବାନ୍ତର ମନ୍ତବ୍ୟ ଦେଖି ଓଡ଼ିଆମାନେ ହତାଶ ହେଲେ । କଂଗ୍ରେସ ପକ୍ଷରୁ ସେମାନେ ସହାନୁଭୂତି ପାଇବା ଆଶା ତିରୋହିତ ହେଲା । ତଥାପି ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ଅଦମ୍ୟ ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଲା । ଓଡ଼ିଶାର ଆର୍ଥିକ ଦୁର୍ଦ୍ଦଶା ମୁହୁର୍ମୁହୁଃ ବନ୍ୟାବିପ୍ଳାତ ହେତୁ ସର୍ବଭାରତୀୟ ସମସ୍ୟାରେ ପରିଣତ ହୋଇଥିଲା । ସେତେବେଳେ ମୁସଲମାନ ଦଳର ନେତା ଜିନ୍ନା ମୋତିଲାଲ ନେହରୁଙ୍କ ସୁପାରିସକୁ ପୂରାପୂରି ଭାବେ ପ୍ରତ୍ୟାଖ୍ୟାନ କରିଦେଲେ । ଏଣେ ଓଡ଼ିଆଙ୍କପାଇଁ ସାଇମନ୍‌ଙ୍କ ଅନୁକୂଳ ସୁପାରିସ୍ ଦେବା ଦେଖି ଆନ୍ଧ୍ରମାନଙ୍କ ପକ୍ଷରୁ ଘୋର ପ୍ରତିକ୍ରିୟା ସୃଷ୍ଟି ହେଲା । ସେମାନେ ବୁଝିପାରିଲେ ଯେ, ଗଞ୍ଜାମ ଓ ବିଶାଖାପାଟଣାର କେତେକ ଅଞ୍ଚଳ ନିଶ୍ଚିତଭାବେ ସେମାନଙ୍କୁ ହରାଇବାକୁ ପଡ଼ିବ ଯଦି ବାସ୍ତବରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୁଏ, ଅତଏବ ଇତିହାସ-ଗବେଷଣା ଛଳରେ ପ୍ରାଚୀନ କଳିଙ୍ଗରାଷ୍ଟ୍ର ଆନ୍ଧ୍ରମାନଙ୍କର ଗୋଟିଏ ମୁଖ୍ୟ ଅଞ୍ଚଳ ଥିଲା ବୋଲି ପ୍ରମାଣିତ କରିବାକୁ ସେମାନଙ୍କ ମଧ୍ୟରେ ବିଚାର ହେଲା । ଏହି ଉଦ୍ଦେଶ୍ୟରେ ରାଜମହେନ୍ଦ୍ରୀଠାରେ 'ଆନ୍ଧ୍ର-ପ୍ରାଚ୍ୟ ବିଦ୍ୟା ଗବେଷଣା ସମିତି' (Andhra Historical Research Society) ନାମରେ ଗୋଟିଏ ଅନୁଷ୍ଠାନ ଗଠିତ ହେଲା । ସେଥିରେ ସେ ଅଞ୍ଚଳର ବହୁ ଐତିହାସିକ ପଣ୍ଡିତ, ରାଜନୀତିକ, ଓକିଲ ପ୍ରଭୃତି ଯୋଗଦେଲେ । ସମିତିର ପରିଚାଳନା ଭାର ରାଜମହେନ୍ଦ୍ରୀ କଲେଜର ଜଣେ ଇତିହାସ ଅଧ୍ୟାପକଙ୍କ ଉପରେ ନ୍ୟସ୍ତ ହେଲା ।

୧୯୨୭ ମସିହା, ଜୁନ୍ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ମୁଖଲିଙ୍ଗଠାରେ ସେହି 'ପ୍ରାଚ୍ୟ ଗବେଷଣା ସମିତି' ପକ୍ଷରୁ 'କଳିଙ୍ଗ ଦିବସ' ପାଳିତ ହୋଇଥିଲା । ଐତିହାସିକ ଦୃଷ୍ଟିକୋଣରୁ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ଆନ୍ଧ୍ରର ଅନ୍ତର୍ଭୁକ୍ତ ବୋଲି ସର୍ବସମକ୍ଷରେ ପ୍ରମାଣିତ କରିବା ଥିଲା ଆନ୍ଧ୍ରନେତାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ବହୁ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିଦ୍ ପଣ୍ଡିତମାନେ ମାନ୍ଦ୍ରାଜ ପ୍ରଦେଶରୁ ଆସି ମୁଖଲିଙ୍ଗରେ ସମବେତ ହେଲେ । ଅଳ୍ପ କେତେ ଜଣ ଓଡ଼ିଆ ମାତ୍ର ସେଥିରେ ଯୋଗ ଦେଇଥିଲେ । ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମସ୍ୟା ରାଜନୀତିକ ସ୍ତରରେ ଏକ ବଳିଷ୍ଠ ଆନ୍ଦୋଳନରେ ପରିଣତ ହୋଇସାରିଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଆନ୍ଧ୍ରମାନଙ୍କ ମଧ୍ୟରେ ଯେଉଁପରି ଖ୍ୟାତିସମ୍ପନ୍ନ ଐତିହାସିକ ପଣ୍ଡିତମାନେ ଥିଲେ, ତାଙ୍କର ଯୁକ୍ତିଗୁଡ଼ିକ ଖଣ୍ଡନ କରିବାପାଇଁ ଓଡ଼ିଶାରେ ସେପରି ଗବେଷକ ନ ଥିଲେ । ସର୍ବଭାରତୀୟ ସ୍ତରରେ ଆନ୍ଧ୍ରର ଦାବି ଯଦି ଐତିହାସିକ ଭିତ୍ତିରେ ପ୍ରତିଷ୍ଠିତ ହୋଇ

Digitized by PPRACHIN, SOA

କଳିଙ୍ଗକୁ ଆନ୍ଧ୍ରର ଅଂଶରୂପେ ଗ୍ରହଣ କରାଯାଏ, ତା'ହେଲେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ଜୟପୁର (କୋରାପୁଟ) ଓ ଗଞ୍ଜାମର ଚିଲିକା ପର୍ଯ୍ୟନ୍ତ ସମୁଦାୟ ଅଞ୍ଚଳରେ ଓଡ଼ିଆମାନଙ୍କ କୌଣସି ଦାବି ରହିବ ନାହିଁ । ଫଳରେ ୧୯୨୪ରେ ଫିଲିପ୍-ଡଫ୍ କମିସନ ଓଡ଼ିଆଙ୍କ ଅନୁକୂଳରେ ଯେଉଁ ସୁପାରିସ ସରକାରଙ୍କୁ ଦେଇଥିଲେ, ତାହା ଆପେ ଆପେ କାଟ ଖାଇଯିବ ।

ଏ ପରିସ୍ଥିତିରେ ଗଞ୍ଜାମର ତତ୍କାଳୀନ ନେତାମାନେ ହତାଶ ହୋଇପଡ଼ିଲେ । ଓଡ଼ିଶାରେ କିଏ ଏପରି ବିଜ୍ଞ ପଣ୍ଡିତ ଓ ଗବେଷକ ଅଛନ୍ତି, ଯେ କି ଆନ୍ଧ୍ର ଐତିହାସିକମାନଙ୍କୁ ଯୁକ୍ତିତର୍କରେ ବଳିପଡ଼ି କଳିଙ୍ଗରେ ଓଡ଼ିଶାର ଅଂଶଥିବା କଥା ପ୍ରମାଣିତ କରିପାରିବେ ? ଗଞ୍ଜାମର ପ୍ରସିଦ୍ଧ ନେତା 'ଆଶା' ପତ୍ରିକାର ସମ୍ପାଦକ ଶଶିଭୂଷଣ ରଥଙ୍କ ମନେପଡ଼ିଲା, ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମ । ସେ ଜାଣିଥିଲେ, ସେହିଁ ଏକମାତ୍ର ପ୍ରତିଭାବାନ୍ ପଣ୍ଡିତ ଯେ କି ଯୁକ୍ତି ବଳରେ ଆନ୍ଧ୍ର ପଣ୍ଡିତମାନଙ୍କୁ ହଟାଇ ପାରନ୍ତି । ଶଶିଭୂଷଣଙ୍କ ଅନୁରୋଧ ରକ୍ଷାକରି ପଣ୍ଡିତ ନୀଳକଣ୍ଠ ମୁଖଲିଙ୍ଗ-ସଭାରେ ଭାଷଣ ଦେବାକୁ ପ୍ରସ୍ତୁତ ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ସେ ଗୋଟିଏ ସୁନ୍ଦର ପ୍ରବନ୍ଧ ଇଂରାଜୀରେ ପ୍ରସ୍ତୁତ କରି ଆଲୋଚନା ସଭାରେ ପାଠ କଲେ, ଯାହାକି 'Andhra Historical Research Journal'ରେ ଏବଂ ତେଲୁଗୁ ଭାଷାରେ ଅନୁବାଦିତ ହୋଇ 'କଳିଙ୍ଗ-ସଞ୍ଚିକା' ନାମକ ଗ୍ରନ୍ଥରେ ପରେ ପ୍ରକାଶିତ ହେଲା ।

ମୁଖଲିଙ୍ଗ-ସଭାରେ ମୁଁ ମଧ୍ୟ ଯୋଗ ଦେଇଥାଏ । ମୋର ସ୍ୱଷ୍ଟ ମନେପଡୁଛି କଳିଙ୍ଗର କେନ୍ଦ୍ର ଦନ୍ତପୁର, ଯେଉଁଠାରେ ଗୌତମ-ବୁଦ୍ଧଙ୍କର ପବିତ୍ର ଦନ୍ତ ପୂଜିତ ହେଉଥିଲା, ତାହା ନୀଳାଚଳଧାମ ବ୍ୟତୀତ ଅନ୍ୟ କେଉଁ ସ୍ଥାନ ହୋଇ ନ ପାରେ ବୋଲି ପଣ୍ଡିତ ନୀଳକଣ୍ଠ ଯେଉଁସବୁ ଯୁକ୍ତି ଓ କାରଣ ଦର୍ଶାଇଥିଲେ, ତାହା ଆନ୍ଧ୍ର ପଣ୍ଡିତମାନଙ୍କୁ ଏକାବେଳକେ ବିସ୍ମିତ ଓ ନିରୁତ୍ତର କରିଦେଇଥିଲା । ସେଦିନ ଶଶିଭୂଷଣ ରଥଙ୍କ ସମେତ ସଭାରେ ଉପସ୍ଥିତ ଜୟପୁର ମହାରାଜା ବିକ୍ରମଦେବ ବର୍ମା, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଜଗବନ୍ଧୁ ସିଂହ, ସାର୍ ପରଶୁରାମ ପାତ୍ର ପ୍ରମୁଖ ବୟୋଜ୍ୟେଷ୍ଠ ବିଜ୍ଞ ନେତାମାନେ ନୀଳକଣ୍ଠଙ୍କ ପାଣ୍ଡିତ୍ୟ, ପ୍ରଗଲ୍ଭବାଗ୍ମିତା ଓ ଯୁକ୍ତିର ସାରବତ୍ତାରେ ମୁଗ୍ଧ ହୋଇଯାଇଥିଲେ । ଆମେ ଯେଉଁ ଯୁବକମାନେ ସଭାରେ ଉପସ୍ଥିତ ଥିଲୁ – ପଣ୍ଡିତ ନୀଳକଣ୍ଠଙ୍କ ପାଦରେ ପ୍ରଣାମ କରି ତାଙ୍କର ବିଜୟ ଗାନ କଲୁ । ଓଡ଼ିଶାରେ ସର୍ବତ୍ର ତାଙ୍କୁ ଓଡ଼ିଆମାନେ ଅଭିନନ୍ଦନ କରି ଧନ୍ୟ ଧନ୍ୟ କହିଲେ । ଉତ୍କଳମଣି ଗୋପବନ୍ଧୁ 'ସମାଜ' ପତ୍ରିକାରେ

Digitized by PPRACHIN, SOA

୧୯୨୭ ସାଲ ଜୁଲାଇ ୨ ତାରିଖ ଦିନ ଗୋଟିଏ ଦୀର୍ଘ ଲେଖା ପ୍ରକାଶ କରି ନୀଳକଣ୍ଠଙ୍କ କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ଲେଖାର କିଛି ଅଂଶ ଏଠାରେ ଉଦ୍ଧାର କଲେ ଅଯୌକ୍ତିକ ହେବ ନାହିଁ –

"ଜୁନ୍ ୧୬।୧୭ ତାରିଖ କଳିଙ୍ଗ ଦିବସ ହୋଇଥିଲା । ପାରଳାଖେମୁଣ୍ଡି ଅନ୍ତର୍ଗତ ମୁଖଲିଙ୍ଗଠାରେ ଏ ଉପଲକ୍ଷ୍ୟରେ ଏକ ସମ୍ମିଳନୀ ବସିଥିଲା । ଏଥିରେ ଆନ୍ଧ୍ର ଏବଂ ଉତ୍କଳର କେତେକ ଶିକ୍ଷିତ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଇତିହାସ, ପ୍ରତ୍ନତତ୍ତ୍ୱ ଏ ସମ୍ମିଳନୀରେ ମୁଖ୍ୟ ଉଦ୍ଦେଶ୍ୟ । ଆନ୍ଧ୍ର ପୁରାତତ୍ତ୍ୱ ଅନୁସନ୍ଧିତ୍ସୁ ସମାଜଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା । ତୈଲଙ୍ଗମାନେ ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ ଗଠନ ଲାଗି ଉଦ୍ୟମ କରୁଛନ୍ତି । ଏହି ଉଦ୍ୟମ ସେମାନଙ୍କର କେବଳ ରାଜନୀତି କ୍ଷେତ୍ରରେ ଆବଦ୍ଧ ନାହିଁ । ସେମାନେ ଏହାକୁ କଂଗ୍ରେସ ଆନ୍ଦୋଳନର ଅନ୍ତର୍ଭୁକ୍ତ କରିଛନ୍ତି । କଂଗ୍ରେସ ବାହାରେ ହେଉଥିବା ରାଜନୀତିକ ଆନ୍ଦୋଳନରେ ମଧ୍ୟ ଆନ୍ଧ୍ରପ୍ରଦେଶ ଗଠନର ଆଲୋଚନା ଓ ଉଦ୍ୟମ ଚାଲିଛି । ଶିକ୍ଷା, ଶିଳ୍ପ, ସାହିତ୍ୟ, ଇତିହାସ ଆଦି ନାନା କ୍ଷେତ୍ରରେ ସେମାନଙ୍କ ଚେଷ୍ଟାର ବିରାମ ନାହିଁ । × × × ଆନ୍ଧ୍ର ପୁରାତତ୍ତ୍ୱ ଆଲୋଚନା ସମିତି ଗଢ଼ା ହୋଇଛି । ଏ ସମିତି ପକ୍ଷରୁ ପତ୍ରିକା ପ୍ରକାଶିତ ହୋଇଛି । ଆନ୍ଧ୍ରତତ୍ତ୍ୱସନ୍ଧିତ୍ସୁ ଶିକ୍ଷିତ ବ୍ୟକ୍ତିମାନେ ଅଦ୍ଭୁତ ଉତ୍ସାହ ଓ ଧୈର୍ଯ୍ୟର ସହିତ ଐତିହାସିକ ତଥ୍ୟ ଆବିଷ୍କାରରେ ଲାଗିଛନ୍ତି । କଳିଙ୍ଗ-ଦିବସ ଏହିମାନଙ୍କ ଉଦ୍ୟମର ଫଳ । × × × କଳିଙ୍ଗର ପ୍ରାଚୀନ ବୈଭବ ଦେଖି ତା' ଉପରେ ଏବେ ଅନେକ ଦାବୀଦାର । × × × ଏବେ କଳିଙ୍ଗର ଉତ୍ତରାଧିକାରୀ ହେବାଲାଗି ନିକଟବର୍ତ୍ତୀ ପ୍ରଦେଶ ଲୋକଙ୍କର ଚେଷ୍ଟା । କଳିଙ୍ଗର ପ୍ରଧାନ ବନ୍ଦର ତାମ୍ରଲିପ୍ତି ବା ତମଲୁକ୍ ବର୍ତ୍ତମାନ ବଙ୍ଗଳାର ଦଖଲରେ । ଅଧିକାଂଶ ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜର ଅଧୀନ । ଓଡ଼ିଶାର ତ ତୁଣ୍ଡମୁଣ୍ଡ ଫିଟୁ ନାହିଁ । ସୁତରାଂ ତା'ର ପୂର୍ବ ବିଭବକୁ ଲୁଟ୍‌ପାଟ କରି ଆତ୍ମସାତ୍ କରିବା ଲାଗି ସାଇପଡ଼ିଶାଏ ଉଦ୍ୟତହେବା ତ ମନୁଷ୍ୟର ସହଜ ପ୍ରକୃତି, ସେଥିରେ ଆଶ୍ଚର୍ଯ୍ୟ କଅଣ ? ଆଜିଯାଏ ବଙ୍ଗଳାର ଐତିହାସିକମାନେ ଉତ୍କଳର ପ୍ରାଚୀନ ବୈଭବକୁ ନିଜସ୍ୱ କରିବାର ଉଦ୍ୟମରେ ଲାଗିଥିଲେ । ଭୁବନେଶ୍ୱର, କୋଣାର୍କର ଅଦ୍ଭୁତ ଶିଳ୍ପ ବଙ୍ଗଳା ଶିଳ୍ପ ନୈପୁଣ୍ୟର ପରାକାଷ୍ଠା ବୋଲି ସେ କହି ଆସୁଛନ୍ତି । × × × ଆନ୍ଧ୍ରମାନଙ୍କର ତଥ୍ୟାନୁସନ୍ଧାନ ଉଦ୍ୟମକୁ ଆମ୍ଭେମାନେ ପ୍ରଶଂସା କରୁଅଛୁ ଏବଂ ନିରପେକ୍ଷଭାବେ ଧୈର୍ଯ୍ୟର ସହିତ ସେମାନେ ଏଥିରେ ଅଗ୍ରସର ହୋଇ ଭାରତ ଜାତୀୟ ଇତିହାସ ଉପାଦାନ

Digitized by PPRACHIN, SOA

ଯୋଗାନ୍ତୁ, ଏହା ଆମ୍ଭମାନଙ୍କର କାମନା । ଆନ୍ଧ୍ରପ୍ରଦେଶ ଗଠନ ନିମନ୍ତେ ନାନାବିଧ ଉଦ୍ୟମ ମଧ୍ୟରୁ ଏହା ଅନ୍ୟତମ । × × × ବାସ୍ତବରେ ଜାତୀୟତାର ମୂଳଭିତ୍ତି ଅତୀତର ଗୌରବରେ । ସେ ମୂଳଭିତ୍ତିକୁ ଦୃଢ଼ ନ କରି ଦେଶ ମିଶ୍ରଣ ଉଦ୍ୟମ କରିବା ଶିବେଇ ସାନ୍ତରା ଦେଉଳ ତୋଳିଲାପରି; ଯେତେ ପଥର ପକାଇବ ସବୁ କାଳିଜାଇ ଗଣ୍ଡରେ ଭାସିଯିବ । କାଉନ୍‌ସିଲ୍ ବକ୍ତୃତା; ଖବରକାଗଜ ବାଦାନୁବାଦ; ସବୁ ମିଳାଇ ଯିବ । ଜାତୀୟତା ରକ୍ଷାର ଅନ୍ୟାନ୍ୟ ଚେଷ୍ଟା ମଧ୍ୟରେ ଜାତିର ପ୍ରାଚୀନ ଗୌରବ ରକ୍ଷା ଉଦ୍ୟମ ପ୍ରଧାନ ଏବଂ ପ୍ରଥମ । ପଣ୍ଡିତ ନୀଳକଣ୍ଠ ଦାସ କଳିଙ୍ଗ ଦିବସରେ ଓଡ଼ିଆ ଜାତି ନିମନ୍ତେ ଏ ସମ୍ପର୍କରେ ଖୁବ୍ ବଡ଼ କାର୍ଯ୍ୟ କରିଛନ୍ତି । ବଡ଼ଲାଟ ସଭା ବକ୍ତୃତାକୁ ଆମ୍ଭେମାନେ ଗୋଟାଏ ବଡ଼ କଥା ବୋଲି କେବେ ମନେକରି ନାହୁଁ, ତଦ୍ଦ୍ୱାରା ସେ (ନୀଳକଣ୍ଠ) ଓଡ଼ିଆ ଦେଶ ମିଶ୍ରଣ ସମ୍ବନ୍ଧରେ ଯାହା କରିଛନ୍ତି, କଳିଙ୍ଗ ଦିବସରେ ପ୍ରବନ୍ଧ ପାଠ ଫଳରେ ତହିଁର ଅନେକ ଗୁଣ ଅଧିକ କାର୍ଯ୍ୟ ହୋଇଛି । × × × 'ନାଽୟମାତ୍ମା ବଳହୀନେନ ଲଭ୍ୟଃ' । ଜାତିର ବଳବିଭବ ଗୌରବ ବିନା ଜାତୀୟ ଆତ୍ମଲାଭ ଅସମ୍ଭବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ଚିନ୍ତାପୂର୍ଣ୍ଣ ସୁଦୀର୍ଘ କଳିଙ୍ଗ ଇତିହାସ ବିଷୟକ ପ୍ରବନ୍ଧ କଳିଙ୍ଗ ଦିବସରେ ଅନେକ ଆନ୍ଧ୍ର ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତଙ୍କ ଆଲୋଚନାର ଗତି ଅନେକ ପରିମାଣରେ ଫେରାଇଥିବା ବଡ଼ ପ୍ରଶଂସାର କଥା ... "*

୧୯୨୮ ମସିହା ଜୁନ୍ ୧୭ ତାରିଖ ଦିନ ପଣ୍ଡିତ ଗୋପବନ୍ଧୁ ଦାସ ଇହଧାମ ତ୍ୟାଗକରିବା ଉତ୍କଳ ପକ୍ଷେ ଏକ ଦାରୁଣ ଆଘାତ ହୋଇଥିଲା । ଉତ୍କଳ ମାତାଙ୍କ ବରପୁତ୍ର ମଧୁସୂଦନ ଦାସ ସେତେବେଳେ ବୃଦ୍ଧ । ଏପରି ଅବସ୍ଥାରେ ଓଡ଼ିଶାର ନେତୃତ୍ୱଭାର ପଣ୍ଡିତ ନୀଳକଣ୍ଠଙ୍କ ଉପରେ ପଡ଼ିଲା । ଉତ୍କଳ କଂଗ୍ରେସର ସଭାପତି ରୂପେ ସେ ଯଥାସାଧ୍ୟ ରାଜନୀତିକ କ୍ଷେତ୍ରରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଲାଗିଲେ । ତାଙ୍କର ପାଣ୍ଡିତ୍ୟ ଓ ବୁଦ୍ଧିମତ୍ତା ଯେପରି ପ୍ରଖର ସେପରି କର୍ମ ପ୍ରବଣତାରେ ଯଥେଷ୍ଟ ଶକ୍ତି ରହିଥିଲା । ଗୋପବନ୍ଧୁଙ୍କ ଯଥାର୍ଥ ଦାୟାଦରୂପେ ସର୍ବ-ଭାରତୀୟ ସ୍ତରରେ ପୁଣି ଓଡ଼ିଆ ଜାତିର ଅଭ୍ୟୁଦୟ ନିମନ୍ତେ ସେ ପ୍ରାଣପାତ କରି ପ୍ରଭୂତ ମଙ୍ଗଳ ସାଧନ କରିଅଛନ୍ତି ।

ରାଜନୀତି ସଙ୍ଗେ ଓତପ୍ରୋତ ଭାବେ ଜଡ଼ିତ ହୋଇ ସେ ଅଳ୍ପ କାଳପାଇଁ ବଡ଼ଲାଟ - ବିଧାନସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ପରେ ସତ୍ୟାଗ୍ରହ ସଂଗ୍ରାମରେ

---

* 'ସମାଜ' ତା ୨-୭-୧୯୨୭; 'ଗୋପବନ୍ଧୁ ରଚନାବଳୀ' ୨ୟ ଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ମୁଦ୍ରିତ ୧୯୮୦ ।

Digitized by PPRACHIN, SOA

ଯୋଗଦେଇ ୧୯୩୦ ସାଲ ମଇ ମାସ ୩୦ ତାରିଖ ଦିନ ସେ ଜେଲ୍ ବରଣ କଲେ । ସେଥିର ପୂର୍ବ ବର୍ଷ (୧୯୨୯) ବଡ଼ଲାଟ୍ ଲର୍ଡ଼ ଇରଉଇନ (Lord Irwin) ଘୋଷଣା କରିଥିଲେ ଯେ, ଭାରତକୁ 'ସ୍ୱାୟତ୍ତ ଶାସନ ପାହ୍ୟା' (Dominion Status) ଦେବାକୁ ସରକାର ଇଚ୍ଛୁକ । ଏଥିରେ କେତେକ ନେତା ସମ୍ମତି ଜ୍ଞାପନ କରିଥିଲେ । କିନ୍ତୁ ଅନେକ ମଧ୍ୟ ସେହି ଘୋଷଣାର ବାସ୍ତବ କାର୍ଯ୍ୟକାରିତା ସମ୍ପର୍କରେ ସନ୍ଦିହାନ ହେଲେ । ଯାହାହେଉ ମହାତ୍ମା ଗାନ୍ଧିଙ୍କ ପ୍ରସ୍ତାବ କ୍ରମେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସ୍ୱାୟତ୍ତ ଶାସନ ହିଁ କଂଗ୍ରେସର କାମ୍ୟ ବୋଲି ପ୍ରସ୍ତାବ କରାଗଲା । ଏହା ଫଳରେ ସତ୍ୟାଗ୍ରହ ସ୍ଥଗିତ ରହିଲା ଓ ଜେଲ୍‌ରେ ଆବଦ୍ଧ ଥିବା କଂଗ୍ରେସ କର୍ମୀମାନେ ମୁକ୍ତି ଲାଭ କଲେ । କିନ୍ତୁ ଜବାହରଲାଲ ନେହରୁଙ୍କ ପରି ଉଗ୍ରପନ୍ଥୀ ଯୁବ-କଂଗ୍ରେସ ନେତାମାନେ ଏଥିରେ ଆଦୌ ସନ୍ତୁଷ୍ଟ ହେଲେ ନାହିଁ । ତେଣୁ ଲାହୋର ଅଧିବେଶନରେ ନେହରୁଙ୍କ ନେତୃତ୍ୱରେ 'ସ୍ୱରାଜ୍ୟ' ଅର୍ଥ 'ସଂପୂର୍ଣ୍ଣ ସ୍ୱାଧୀନତା' ବା 'ପୂର୍ଣ୍ଣ ସ୍ୱରାଜ୍ୟ' ବୋଲି ସ୍ପଷ୍ଟ ବ୍ୟାଖ୍ୟାନ କରାଗଲା । ପୁଣି ୧୯୩୦ ମସିହା ଜାନୁଆରୀ ୨୬ ତାରିଖ ଦିନ 'ସ୍ୱାଧୀନତା ଦିବସ' ପାଳନ କରିବାକୁ ସ୍ଥିର ହେଲା । ସେଦିନ ସମସ୍ତ କଂଗ୍ରେସ କର୍ମୀ 'ଶପଥ' ନେବାକୁ ବାଧ୍ୟ ହେଲେ । ଏହାପରେ ଗାନ୍ଧିଙ୍କ ନେତୃତ୍ୱରେ ଗୁଜୁରାଟର ଦାଣ୍ଡିଠାରେ ଲବଣ-ସତ୍ୟାଗ୍ରହ ସକାଶେ ମାର୍ଚ୍ଚ ୧୨ ତାରିଖ ଦିନ ସାବରମତୀ ଆଶ୍ରମରୁ ଯାତ୍ରା ଆରମ୍ଭ ହେଲା । ହଜାର ହଜାର କଂଗ୍ରେସ ସତ୍ୟାଗ୍ରହୀଙ୍କୁ ଏଥିରେ ଜେଲ୍ ବରଣ କରିବାକୁ ପଡ଼ିଲା । 'ଆଇନ ଅମାନ୍ୟ' ଆନ୍ଦୋଳନର ତୀବ୍ରତା ଦେଖି ବ୍ରିଟିଶ ଶାସକମାନେ ରୁଷ୍ଟ ହେଲେ । ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସହକର୍ମୀମାନେ ବହୁସଂଖ୍ୟାରେ ଜେଲ୍ ବରଣ କଲେ ।

ମହାତ୍ମାଗାନ୍ଧିଙ୍କୁ ମେ ମାସରେ ବନ୍ଦୀ କରାଗଲା ଏବଂ ସେଥିର ପ୍ରତିବାଦ କରି ୭ ତାରିଖ ଦିନ ଭାରତ ସାରା ହରତାଳ ପାଳିତ ହେଲା । ଏହାପରେ ଲଣ୍ଡନରେ ଗୋଲଟେବୁଲର ପ୍ରଥମ ବୈଠକରେ ଓଡ଼ିଆଙ୍କପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକରି ପାରଳା ମହାରାଜା ଯେଉଁ ପ୍ରସ୍ତାବ ଆଗତ କରିଥିଲେ, ତା' ସର୍ବସମ୍ମତିକ୍ରମେ ଗୃହୀତ ହେବାରୁ ଓଡ଼ିଆମାନଙ୍କ ମଧ୍ୟରେ ପ୍ରବଳ ଆଶା ଓ ଉତ୍ସାହ ଦେଖାଦେଲା । ସେଥିର ସଫଳତା ନିମନ୍ତେ କଟକର ବାବୁ ବ୍ରଜସୁନ୍ଦର ଦାସ, ଭୁବନାନନ୍ଦ ଦାସ, ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି, ଭିକାରି ଚରଣ ପଟ୍ଟନାୟକ, ବିଶ୍ୱନାଥ କର, ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର ପ୍ରମୁଖ କଂଗ୍ରେସ ବିରୋଧୀ ନେତାମାନେ ଓଡ଼ିଶାର କଂଗ୍ରେସ ନେତାମାନଙ୍କୁ କଟୁ ସମାଲୋଚନା କରୁଥାନ୍ତି । କାରଣ ସେମାନଙ୍କ ଭାଷଣରେ ପ୍ରକଟିତ ହେଉଥିଲା ଯେ, ସର୍ବ-ଭାରତୀୟ ସ୍ତରରେ ପରିଚାଳିତ କଂଗ୍ରେସ

Digitized by PPRACHIN, SOA

ପତାକା ତଳେ ହିଁ ସମସ୍ତେ ଏକତ୍ରିତ ହୋଇ ସମୂହ ଭାବେ ମହାଜାତୀୟ କାର୍ଯ୍ୟରେ ଆତ୍ମସମର୍ପଣ କରିବା ଆବଶ୍ୟକ । ପ୍ରଥମେ ଦେଶ ସ୍ୱାଧୀନ ହେଲେ, ଜାତି ଜାତି ମଧ୍ୟରେ ଓ ପ୍ରଦେଶ ପ୍ରଦେଶ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠିତ ହେବ । ତେଣିକି ଓଡ଼ିଶାର ସଂଗଠନ ବିଷୟ ଆପେ ଆପେ ପୂର୍ଣ୍ଣ ହୋଇଯିବ । କିନ୍ତୁ ଏ ନୀତିର ମାରାତ୍ମକ ଅପକାରିତା କଂଗ୍ରେସ ବିରୋଧୀ ନେତାମାନେ ସେତେବେଳେ ଅନୁଭବ କରୁଥିଲେ । କାରଣ ୧୯୦୩ ମସିହାରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତେଲେଙ୍ଗା ସଭ୍ୟମାନଙ୍କ ପ୍ରସ୍ତାବକୁ ସମର୍ଥନ କରି ଭାରତୀୟ ନେତାମାନେ ଓଡ଼ିଶା ଦେଶ ମିଶ୍ରଣ ତଥା ମାନ୍ଦ୍ରାଜର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ବିରୋଧରେ ଯେଉଁ ଆଲୋଚନା କରାଯାଇଥିଲା, ତାହା ସେମାନେ ବିସ୍ମୃତ ହୋଇ ନ ଥିଲେ । ଆଉ ମଧ୍ୟ ଜାତୀୟ କଂଗ୍ରେସ ପକ୍ଷରୁ ମୋତିଲାଲଙ୍କ ଅଧ୍ୟକ୍ଷତାରେ ୧୯୨୮ ସାଲରେ ଯେଉଁ ଶାସନ-ସଂସ୍କାର କମିଟି ଗଠିତ ହୋଇଥିଲା, ସେଥିରେ ମଧ୍ୟ ଓଡ଼ିଶା ପ୍ରଦେଶ ଗଠନରେ ଆର୍ଥନୀତିକ ଆଳ ଦେଖାଇ ବାଧା ସୃଷ୍ଟି କରାଯାଇଥିଲା । ଏଣୁ କଂଗ୍ରେସ ସଭ୍ୟ ହୋଇ ସୁଦ୍ଧା ପଣ୍ଡିତ ନୀଳକଣ୍ଠ, ଶଶିଭୂଷଣ ରଥ ପ୍ରମୁଖ କେତେକ ଚିନ୍ତାଶୀଳ ନେତା ଓଡ଼ିଆ ଆନ୍ଦୋଳନର ବିରୋଧ ନ କରି ଯଥାସାଧ୍ୟ ସେଥିରେ ସାହାଯ୍ୟ କରିବାକୁ ଲାଗିଲେ । ନୀଳକଣ୍ଠ ଏଥିରେ ତାଙ୍କ ହୃଦୟର ଅଭିଳାଷ ପ୍ରକାଶ କରିବାକୁ ଯାଇ କହିଥିଲେ, ଓଡ଼ିଶା ଦେଶ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏ ଦୁଇଟି ମଧ୍ୟରେ କେହି ଯେପରି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ନ କରନ୍ତି; କାରଣ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସ୍ୱୀକୃତି ଲାଭ କରିଛି ।

୧୯୩୧ ସାଲ ଜାନୁଆରୀ ୧୯ ତାରିଖ ଦିନ ବ୍ରିଟିଶ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ (Prime Minister) ଘୋଷଣା କଲେ ଯେ, ଭାରତର ଦେଶରକ୍ଷା (Defence), ବୈଦେଶିକ ବ୍ୟାପାର (External Affairs) ଏବଂ ସଂଖ୍ୟାଲଘିଷ୍ଠ ଜାତି ସମସ୍ୟା (Minority) ବ୍ୟତୀତ ଅନ୍ୟ ସମସ୍ତ ଶାସନ କାର୍ଯ୍ୟରେ ଭାରତର କେନ୍ଦ୍ର ଓ ପ୍ରାଦେଶିକ ବ୍ୟବସ୍ଥାପକସଭା ହସ୍ତରେ ସଂପୂର୍ଣ୍ଣ କ୍ଷମତା ଛାଡ଼ି ଦିଆଯିବ । ଏଥିରେ ଭାରତର ସବୁ ଶ୍ରେଣୀର ନେତାମାନେ ସନ୍ତୁଷ୍ଟ ହେଲେ । ଗାନ୍ଧିଜୀ ଓ ଲର୍ଡ଼ ଇର୍‌ଉଇନ୍ (Lord Irwin)ଙ୍କ ମଧ୍ୟରେ ସାଲିସ୍ ହେଲା । କଂଗ୍ରେସ କର୍ମୀ ଓ ନେତାମାନଙ୍କୁ ବନ୍ଦୀରୁ ମୁକ୍ତ କରାଗଲା । ମହାତ୍ମା ଗାନ୍ଧି ନିଜେ ଦ୍ୱିତୀୟ ଗୋଲଟେବୁଲରେ ଯୋଗଦେଲେ ।

୧୯୩୧ ମସିହାରେ ଜନଗଣନା (Census) କାମରେ ବିଚ୍ଛିନ୍ନ-ଅଞ୍ଚଳ ଓଡ଼ିଆମାନେ ବିଶେଷ ତତ୍ପର ହୋଇପଡ଼ିଲେ । କାରଣ 'ଭାଷା ସୂତ୍ରରେ ପ୍ରଦେଶ

Digitized by PPRACHIN, SOA

ଗଠନ' ନୀତି ଏଥିପୂର୍ବରୁ ପ୍ରସ୍ତାବିତ ହୋଇଥିଲା । ତେଣୁ ସରକାରଙ୍କ ପକ୍ଷରୁ ଓଡ଼ିଶାର ସୀମା ବିଷୟ ବିଚାର ବେଳେ ନିଶ୍ଚିତଭାବେ ଜନଗଣନା (census)ରେ କାର୍ଡ଼ ଉପରେ ହିଁ ନିର୍ଭର କରାଯିବ । ଗଞ୍ଜାମର ଦକ୍ଷିଣାଞ୍ଚଳରେ ତେଲୁଗୁମାନେ ଏଥିପୂର୍ବରୁ ଦୁଇଟି ଜନଗଣନା ବେଳେ କୌଶଳକ୍ରମେ ଓଡ଼ିଆଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ କରିଦେଇଥିଲେ । ୧୯୦୧, ୧୯୧୧ ଓ ୧୯୨୧ ସାଲର ଜନଗଣନାରୁ ଏହା ସ୍ପଷ୍ଟ ଉପଲବ୍ଧି ହୋଇଥିଲା । ଏଣୁ ଓଡ଼ିଶାରେ ସମସ୍ତଙ୍କ ଦୃଷ୍ଟି ୧୯୩୧ ସାଲର ଜନସୁମାରି (census) ପ୍ରତି ଆକୃଷ୍ଟ ହେଲା । ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଏଥିସକାଶେ କମିଟିମାନ ଗଠିତ ହେଲା । କେବଳ ଆନ୍ଧ୍ରମାନେ ଯେ ଓଡ଼ିଶା ଦେଶମିଶ୍ରଣ ବିରୋଧରେ କାମ କରୁଥିଲେ ତା' ନୁହେଁ, ମାନ୍ଦ୍ରାଜ ସର୍କାର ମଧ୍ୟ ଘୋର ପ୍ରତିବନ୍ଧକତା ସୃଷ୍ଟି କରୁଥାନ୍ତି । ଏ କଥା ସେଠା ଗଭର୍ଣ୍ଣର ଲର୍ଡ଼ ଏମ୍ପଥିଲ୍‌ଙ୍କ ସମୟରୁ ପ୍ରମାଣିତ ହୋଇସାରିଥିଲା ।

ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଏ କ୍ଷେତ୍ରରେ ବହୁ ଜଟିଳତା ଦୂର କଲା । ସେତେବେଳେ ଯେଉଁ ଉଗ୍ରପନ୍ଥୀ କଂଗ୍ରେସ କର୍ମୀମାନେ ଅଣ-କଂଗ୍ରେସ ତଥା ରାଜା ଜମିଦାରଙ୍କୁ ସରକାରଙ୍କ ଗୋଡ଼ାଣିଆ କୁକୁର ବୋଲି ସଭାସମିତିମାନଙ୍କରେ କହି ବୁଲୁଥିଲେ, ଏବଂ ଓଡ଼ିଶାର ବୁଦ୍ଧିଜୀବୀ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନେ ଏ ଅଞ୍ଚଳର ସମୂହ ସ୍ୱାର୍ଥକୁ ବଳି ଦେଇ ବିଭେଦ ସୃଷ୍ଟି କରୁଥିଲେ, ତାଙ୍କୁ ସାବଧାନ କରିଦିଆଗଲା । ପଣ୍ଡିତ ନୀଳକଣ୍ଠ, ଗୋଦବରୀଶ ମିଶ୍ର, ଶଶିଭୂଷଣ ରଥ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ନେତାମାନେ ସମ୍ମିଳିତ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସେଥିପାଇଁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳଗୁଡ଼ିକରେ ନ୍ୟାୟସଙ୍ଗତ ଦାବି ସଙ୍ଗେ ସୀମାନିର୍ଦ୍ଧାରଣ ସକାଶେ ଚିନ୍ତା କରିବାକୁ ଲାଗିଲେ । ଗୋଟିଏ ସଭାରେ ପଣ୍ଡିତ ନୀଳକଣ୍ଠ କହିଥିଲେ: ''ବିବାହ ଉତ୍ସବରେ ବ୍ରାହ୍ମଣ ପୁରୋହିତ ସଙ୍ଗେ ଶଙ୍ଖ ଓ ବାଦ୍ୟକାର ହାଡ଼ି ମଧ୍ୟ ଲୋଡ଼ା ହୁଅନ୍ତି ।'' ଏଥିର ତାତ୍ପର୍ଯ୍ୟ ହେଉଛି, କଂଗ୍ରେସ ଓ ବେ-କଂଗ୍ରେସ ସବୁ ଦଳ ମିଶି ଓଡ଼ିଶାର ସେହି ଜାତୀୟ କାର୍ଯ୍ୟରେ ଯୋଗଦେବା ଆବଶ୍ୟକ । ସେ ବର୍ଷ ମେ ମାସ ଆରମ୍ଭରେ ଦୁଇ ଦିନ କଟକରେ ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ସର୍ବ-ଦଳୀୟ ସଭାରେ ସ୍ଥିର ହେଲା ଯେ, ଓଡ଼ିଶା ପ୍ରଦେଶ ଗଠନପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ । ସେଥିରେ ସଭ୍ୟରୂପେ ଗୋପବନ୍ଧୁ ଚଉଧୁରୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଚିତ୍ରାନନ୍ଦ ଦାସ ଓ ଶଶିଭୂଷଣ ରଥ ରହିଥିଲେ । କମିଟିର ପରିଚାଳନା ଦାୟିତ୍ୱ ଏବଂ ଅନ୍ୟାନ୍ୟ କାର୍ଯ୍ୟ ତୁଲାଇବାକୁ ଯଥେଷ୍ଟ ପରିମାଣରେ ପାଣ୍ଠି ସଂଗ୍ରହ କରିବା ଆବଶ୍ୟକ; ବିଚ୍ଛିନ୍ନ

Digitized by PPRACHIN, SOA

ଅଞ୍ଚଳମାନଙ୍କରେ ପ୍ରଚାର କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବକ ଦରକାର ଏବଂ ପ୍ରଚାରପତ୍ର, ସ୍ମାରକପତ୍ର ପ୍ରଭୃତି ଲେଖିବା, ମୁଦ୍ରଣ କରିବା ପୁଣି ରେକର୍ଡ଼ପତ୍ର ସଂଗ୍ରହ କରିବା ସକାଶେ ମଧ୍ୟ ଉପଯୁକ୍ତ ଲୋକ ରହିବା ଆବଶ୍ୟକ । ଏଣୁ ସଭାରେ ତିନୋଟି ଭିନ୍ନ ଭିନ୍ନ କମିଟି ଗଠିତ ହେଲା । ସେହି ସର୍ବ-ଦଳୀୟ ସଭାରେ ଯେଉଁ ପ୍ରସ୍ତାବମାନ ଗୃହୀତ ହୋଇଥିଲା, ସେଥିରୁ ଗୋଟିଏ ହେଉଛି – 'କଂଗ୍ରେସ ଓ ବେ-କଂଗ୍ରେସ ଦଳରୁ ଉପଯୁକ୍ତ ପ୍ରତିନିଧିଙ୍କୁ ବାଛି ସରକାର ଗୋଟିଏ କମିସନ ଗଠନ କରି ଓଡ଼ିଶାର ନ୍ୟାୟସଙ୍ଗତ ସୀମା-ସରହଦ ନିର୍ଣ୍ଣୟ କରନ୍ତୁ ।' ଏ ପ୍ରସ୍ତାବଟି ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭାରତ ସରକାରଙ୍କଠାରେ ଉପସ୍ଥାପିତ କରିବାକୁ ମଧ୍ୟ ସ୍ଥିର ହେଲା ।

ଏପରି ଏକ ସର୍ବ-ଦଳୀୟ ଉଦ୍ୟମ ମୁଖ୍ୟତଃ ଯେଉଁ ଚିନ୍ତାଶୀଳ ନେତାମାନଙ୍କ ଉଦ୍ୟମର ଫଳ, ତାଙ୍କ ମଧ୍ୟରେ ଜ୍ୟେଷ୍ଠ ଓ ଶ୍ରେଷ୍ଠ ହେଉଛନ୍ତି, ପଣ୍ଡିତ ନୀଳକଣ୍ଠ । ସେତେବେଳେ ଗଞ୍ଜାମର ନେତାମାନେ ସ୍ୱତନ୍ତ୍ର-ଉତ୍କଳ-ପ୍ରଦେଶ ଗଠନ ଉଦ୍ୟମରେ ବହୁ ଦୂର ଅଗ୍ରସର ହୋଇସାରିଥିଲେ । ପାରଳା ମହାରାଜାଙ୍କ ଚେଷ୍ଟାରେ ବ୍ରିଟିଶ ସରକାରଙ୍କ ଉଚ୍ଚ ରାଜନୀତିକ ମହଲରୁ ଓଡ଼ିଶା ଗଠନ ପ୍ରତି ଅନୁକୂଳ ବାତାବରଣ ସୃଷ୍ଟି ହେବା ଫଳରେ ପାରଳାଖେମୁଣ୍ଡିର ଉତ୍କଳ-ହିତୈଷିଣୀ ସମିତି ଏବଂ ବ୍ରହ୍ମପୁର ଓଡ଼ିଆ ସମାଜ ପକ୍ଷରୁ ଯଥେଷ୍ଟ ଉତ୍ସାହ ସୃଷ୍ଟି ହୋଇଥିଲା । ତେଣୁ ସେ ଅଞ୍ଚଳରେ ପ୍ରଚାର କାର୍ଯ୍ୟର ଆବଶ୍ୟକତା ନ ଥିଲା । କିନ୍ତୁ ସିଂହଭୂମରେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ପରି ଅଳ୍ପ କେତେ ଜଣଙ୍କୁ ଛାଡ଼ିଦେଲେ ଆଉ କେହି ଏ କାର୍ଯ୍ୟରେ ଅଗ୍ରସର ହେବା ଦେଖାଗଲା ନାହିଁ । ତେଣୁ ପଣ୍ଡିତ ନୀଳକଣ୍ଠ ଓ ଶଶିଭୂଷଣ ରଥ ୧୯୩୧ ସାଲ ମେ ମାସରେ ସେ ଅଞ୍ଚଳରେ ଗସ୍ତ କରି ଓଡ଼ିଆ ଲୋକଙ୍କୁ ଉଦ୍‌ବୋଧିତ କଲେ । ଏଠାରେ କହିବା ଆବଶ୍ୟକ ଯେ, ବିହାରର ପ୍ରସିଦ୍ଧ କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଏ ସମସ୍ତ କାର୍ଯ୍ୟରେ ଆଦୌ ସନ୍ତୁଷ୍ଟ ନ ଥିଲେ । ଏହା ଜାଣି ସୁଦ୍ଧା ପଣ୍ଡିତ ନୀଳକଣ୍ଠ ଅନ୍ୟ କେତେକ ଓଡ଼ିଆଙ୍କ ପରି ଭୀରୁତା ପ୍ରଦର୍ଶନ କରି ନ ଥିଲେ କିମ୍ବା ସିଂହଭୂମ ଦାବିକୁ କୋହଳ କରି ଦେଇ ନ ଥିଲେ, ଯାହାକି ପରବର୍ତ୍ତୀ କାଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲେ ସୁଦ୍ଧା କେତେକ ସ୍ୱାର୍ଥପର ଓଡ଼ିଆ ନେତାଙ୍କ ଯୋଗୁଁ ଚିରକାଳପାଇଁ ଖରସୁଆଁ, ଷଢ଼େଇକଳା ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା ।

ପଣ୍ଡିତ ନୀଳକଣ୍ଠଙ୍କ ଉଦ୍‌ଯୋଗରେ ଓଡ଼ିଆମାନଙ୍କ ଏକତ୍ରୀକରଣ ନିମନ୍ତେ ଓଡ଼ିଶାର ଯୁବ ସମ୍ପ୍ରଦାୟ ଅତ୍ୟନ୍ତ ଉତ୍ସାହ ସହକାରେ କାର୍ଯ୍ୟ କରୁଥିଲେ । ସେ ବର୍ଷ ଏପ୍ରିଲ୍ ପହିଲା ଦିନ କରାଚୀଠାରେ ଜାତୀୟ-କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଲା ।

Digitized by PPRACHIN, SOA

ଭାରତର ଭବିଷ୍ୟତ୍ ଶାସନ ସଂସ୍କାର ବିଷୟରେ ଅସଂତୁଷ୍ଟ ଗୋଷ୍ଠୀ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ସୃଷ୍ଟି କରିଥିଲେ । କିନ୍ତୁ ଓଡ଼ିଶାର ଅଧିକାଂଶ କଂଗ୍ରେସ ସଭ୍ୟ ଦେଶ ମିଶ୍ରଣ କାର୍ଯ୍ୟରେ ଯୋଗ ଦେଇଥିବାରୁ ସେଥିରୁ ନିବୃତ୍ତ ହୋଇଥିଲେ । ଏହା ମୂଳରେ ନୀଳକଣ୍ଠଙ୍କ ପ୍ରେରଣା ଯେ ସନ୍ନିହିତ, ଏଥିରେ ଆଦୌ ସନ୍ଦେହ ନାହିଁ ।

ଏଣେ ପାରଳା ମହାରାଜା ଦେଖିଲେ ଯେ, ଓଡ଼ିଆମାନଙ୍କ ପକ୍ଷରୁ ଯଦି ଦେଶ ମିଶ୍ରଣ ଆନ୍ଦୋଳନ ଶିଥିଳ ହୁଏ, ତା'ହେଲେ ଦୀର୍ଘ କାଳର ତପସ୍ୟା ମୂଲ୍ୟହୀନ ହୋଇଯିବ । ଗୋଲଟେବୁଲରେ ପ୍ରଦେଶ ଗଠନପାଇଁ ଯେଉଁ ସମର୍ଥନ ସେ ଅର୍ଜନ କରିଛନ୍ତି, ତାହା ମଧ୍ୟ ନିଷ୍ଫଳ ହେବ । ଏଣୁ କାଳବିଳମ୍ବ ନ କରି ସେ ମାନ୍ଦ୍ରାଜ ଯାତ୍ରା କଲେ । ସେଠାର 'ଲେଣ୍ଡ ହୋଲଡ଼ର୍ସ ଏସୋସିଏସନ୍' (Land Holders Association) ପକ୍ଷରୁ ସମର୍ଥନ ହାସଲ କରି ମାନ୍ଦ୍ରାଜ ଲାଟଙ୍କ ନିର୍ଦ୍ଦେଶକ୍ରମେ ବଡ଼ଲାଟଙ୍କୁ ସାକ୍ଷାତ୍ କରିବା ସକାଶେ ଦିଲ୍ଲୀ ଯାତ୍ରା କଲେ । ସେ ଯିବା ପୂର୍ବରୁ ଆମ୍ଭମାନଙ୍କୁ କହିଗଲେ ଯେ, କଟକରେ ଯଥାଶୀଘ୍ର ଗୋଟିଏ ସମ୍ମିଳନୀ ଆହ୍ୱାନ କରିବା ଆବଶ୍ୟକ । କାରଣ ଭାରତର ରାଜନୀତିକ ବାତାବରଣ ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଅନୁକୂଳ ଅବସ୍ଥା ସୃଷ୍ଟି ହୋଇଥିଲା ସତ; କିନ୍ତୁ କଂଗ୍ରେସ ସଭ୍ୟମାନେ ଏହା ଆଗରୁ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ ସେଥିର ଅବସାନ ଘଟିଲା ।

ପାରଳାଖେମୁଣ୍ଡି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ କଟକ ଟାଉନ୍‌ହଲରେ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ୧୯୩୧ ମାର୍ଚ୍ଚ ୧୧ ତାରିଖ ଦିନ ଅନୁଷ୍ଠିତ ହେଲା । ସେଥିପାଇଁ କାର୍ଯ୍ୟ ନିର୍ବାହିକା ସମିତିର ପ୍ରାଥମିକ ବୈଠକ ବସିଲା । ବହୁସଂଖ୍ୟାରେ ବେ-କଂଗ୍ରେସ ନେତାମାନେ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସି ସେଥିରେ ଯୋଗଦେଲେ । ସେମାନଙ୍କ ମଧ୍ୟରେ ଗୋରାଚାନ୍ଦ ପଟ୍ଟନାୟକ, ବ୍ରଜସୁନ୍ଦର ଦାସ, ମଧୁସୂଦନ ପାଣିଗ୍ରାହୀ, ଭୁବନେଶ୍ୱର ରଥ, ମଧୁପୁର ରଜା, ଧରାକୋଟ ରଜା – ମଦନମୋହନ ସିଂହଦେବ, ରାୟବାହାଦୁର ଅଦ୍ୱୈତଚନ୍ଦ୍ର ଦାସ, ରାମକୃଷ୍ଣ ରଥ ପ୍ରମୁଖ ବ୍ୟକ୍ତିମାନେ ପ୍ରଧାନ ଅଂଶଗ୍ରହଣ କରିଥିଲେ । ସିଂହଭୂମରୁ ମଧ୍ୟ କେତେକ ପ୍ରତିନିଧି ଯୋଗଦେଲେ । ଏହାପରେ ବ୍ରଜସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ କଟକ ମୁକୁର ପ୍ରେସ୍‌ଠାରେ ଗୋଟିଏ ଅଫିସ୍ ଖୋଲା ହେଲା । ସେଥିରେ ମୟୂରଭଞ୍ଜରୁ ଆଗତ ପରମାନନ୍ଦ ଆଚାର୍ଯ୍ୟ, କଟକର ବ୍ରଜବନ୍ଧୁ ଦାସ ଓ ବିଦ୍ୟାଧର ପଟ୍ଟନାୟକ ଏବଂ ମୋତେ ମିଶାଇ ଗୋଟିଏ ବିଷୟ ସଂଗ୍ରହ କମିଟି ଗଠିତ ହୋଇଥିଲା ।

Digitized by PPRACHIN, SOA

ଓଡ଼ିଶାର ସୀମା-ସରହଦ ସଂପୃକ୍ତ କେତେକ ଐତିହାସିକ ବିବରଣୀ ଓ ସରକାରୀ ରିପୋର୍ଟମାନଙ୍କରୁ ଆବଶ୍ୟକୀୟ ତଥ୍ୟ ସଂକଳନ କରି ସେଥିର ଅଂଶଗୁଡ଼ିକ ଉଦ୍ଧାର କରିବାରେ ଆମେ ଲାଗିଲୁ । ତାହା ଛୋଟ ଛୋଟ ପୁସ୍ତକାକାରରେ ମଧ ଛପା ଗଲା । କାରଣ ବ୍ରିଟିଶ ପାର୍ଲିଆମେଣ୍ଟ ଘୋଷଣା ଅନୁସାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଏକ ସୀମା ନିର୍ଦ୍ଧେଶକ କମିଟି ଗଠିତ ହୋଇଥିଲା ।* କମିଟି ସଭ୍ୟମାନଙ୍କୁ ବିଚ୍ଛିନ୍ନ ଅଞ୍ଚଳମାନଙ୍କରୁ ଯେଉଁ ସ୍ମାରକପତ୍ର ଓ ସାକ୍ଷ୍ୟ ଦିଆଯିବ, ସେଥିର ପ୍ରାମାଣିକ ତଥ୍ୟ ଓ ବିଷୟବସ୍ତୁ ସଂକଳନପାଇଁ  ବିଷୟବସ୍ତୁ ଏ ପୁସ୍ତକଗୁଡ଼ିକ ସାହାଯ୍ୟରେ ଯେପରି ସହଜରେ ମିଳିପାରିବ, ସେଥିର ବ୍ୟବସ୍ଥା କରାଗଲା । ମୟୂରଭଞ୍ଜ ମହାରାଜାଙ୍କ ଲାଇବ୍ରେରୀରୁ ବହୁ ଗ୍ରନ୍ଥ ଏଥିପାଇଁ ସଂଗୃହୀତ ହୋଇ କଟକକୁ ଅଣାଯାଇଥିଲା । ଏ ସମୟରେ ଗାନ୍ଧି-ଇର୍‌ୱଇନ୍-ଚୁକ୍ତି ବହୁ କଂଗ୍ରେସ କର୍ମୀଙ୍କୁ ବିଚଳିତ କଲା । ଜବାହରଲାଲ ନେହରୁ ଓ ସୁଭାଷଚନ୍ଦ୍ର ବୋଷ ସେଥିରେ ଉତ୍କଟ ପ୍ରତିକ୍ରିୟା ସୃଷ୍ଟି କଲେ । ଏପରିକି କରାଚୀର କଂଗ୍ରେସ ସଭାକୁ ଗଲାବେଳେ ଗାନ୍ଧିଙ୍କୁ କଳା ପତାକା ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଥିଲା ।

ମହାତ୍ମା ଗାନ୍ଧି ଲଣ୍ଡନରେ ଅନୁଷ୍ଠିତ ଦ୍ୱିତୀୟ ଗୋଲ୍‌ଟେବୁଲ ବୈଠକରେ ଯୋଗଦେଲେ ସତ; କିନ୍ତୁ ଜିନ୍ନାଙ୍କର ପ୍ରତିକ୍ରିୟା ଓ ମୁସଲମାନମାନଙ୍କପାଇଁ ଅସ୍ୱାଭାବିକ ଦାବି ହେତୁ କୌଣସି ପ୍ରସ୍ତାବକୁ ସେ ଗ୍ରହଣ କରି ନ ପାରି, ବିରକ୍ତ ହୋଇ ଭାରତକୁ ଫେରିଆସିଲେ । ଯେଉଁକ୍ଷଣି ସେ ଭାରତରେ ପଦାର୍ପଣ କଲେ, ସଙ୍ଗେ ସଙ୍ଗେ ବଡ଼ଲାଟ ଲର୍ଡ଼ ବିଲିଂଡନ୍ (Lord Willingdon)ଙ୍କ ଆଦେଶକ୍ରମେ ତାଙ୍କୁ ବନ୍ଦୀ କରାଗଲା । କଂଗ୍ରେସର ବହୁ ନେତା ମଧ ସ୍ୱତନ୍ତ୍ର ଅର୍ଡିନାନ୍‌ସ ବଳରେ ବନ୍ଦୀଗୃହରେ ଆବଦ୍ଧ ହେଲେ । କଂଗ୍ରେସ ଏକ ବେଆଇନ୍ ଅନୁଷ୍ଠାନ ବୋଲି ଘୋଷଣା କରାଗଲା ।

ଏ ସମୟରେ ଓଡ଼ିଶାର ସୀମା ନିର୍ଣ୍ଣୟ କରିବାକୁ ଓଡ଼େନଲ୍ କମିଟି ପକ୍ଷରୁ ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକରେ ସାକ୍ଷ୍ୟ ଗ୍ରହଣ କାର୍ଯ୍ୟ ଚାଲିଥାଏ । ପଣ୍ଡିତ ନୀଳକଣ୍ଠ ସିଂହଭୂମ ଓ ମିଦନାପୁରରେ ରହିଥିବା ଓଡ଼ିଆ ଅଞ୍ଚଳଗୁଡ଼ିକର ମିଶ୍ରଣ ସକାଶେ ଅଧିକ ଅଭିଜ୍ଞତା ଲାଭ କରିଥିବାରୁ ନିଜେ ସାକ୍ଷ୍ୟ ଦେବାକୁ ପ୍ରସ୍ତୁତ ହୋଇଥିଲେ । ଏହା ପୂର୍ବରୁ କଂଗ୍ରେସର କରାଚୀ ଅଧିବେଶନ ପରେ ଓଡ଼ିଶାରେ ପରବର୍ତ୍ତୀ

---

* ଏ କମିଟି 'ଓଡ଼େନଲ୍ କମିଟି' (O' Donell Committee) ନାମରେ ପରିଚିତ । ଭାରତ ସରକାରଙ୍କ ତା' ୮-୯-୧୯୩୧ ଆଦେଶନାମା ଅନୁସାରେ ଓଡ଼େନଲ୍‌ଙ୍କ ଅଧକ୍ଷତାରେ ତିନି ଜଣ ସଭ୍ୟ ଓ ତିନି ଜଣ ଆସେସର୍‌ଙ୍କୁ ନେଇ କମିଟି ଗଠିତ ହୋଇଥିଲା ।

Digitized by PPRACHIN, SOA

କଂଗ୍ରେସ ଅଧିବେଶନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ସେତେବେଳେ ଆନ୍ଧ୍ରର ପଟ୍ଟାଭି ସୀତାରାମେୟା ଓ ବିହାରର ରାଜେନ୍ଦ୍ର ପ୍ରସାଦଙ୍କ ପରି ଉଚ୍ଚ କଂଗ୍ରେସ ନେତାମାନେ ମଧ୍ୟ ସଂକୀର୍ଣ୍ଣ ପ୍ରାଦେଶିକ ମନୋଭାବ ହେତୁ ଓଡ଼ିଶାର ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକର ମିଶ୍ରଣ ବିରୋଧରେ କୌଶଳ ପ୍ରୟୋଗ କରୁଥାନ୍ତି । ଏହା ଜାଣିପାରି ପଣ୍ଡିତ ନୀଳକଣ୍ଠ 'ସମାଜ'ରେ ଆକ୍ଷେପ କରି ଲେଖିଥିଲେ ଯେ, କଂଗ୍ରେସର କୌଣସି ବିଶିଷ୍ଟ ନେତା ନିଜର ଅତି ପ୍ରାଦେଶିକତା ଓ ସଂକୀର୍ଣ୍ଣତାର ପ୍ରଶ୍ରୟ ଦେବାକୁ ଯାଇ ଉତ୍କଳର ଯେଉଁ ଅଂଶଗୁଡ଼ିକ ଓଡ଼ିଶାକୁ ଯିବା କଥା, ତାହା କରାଇ ଦେଉ ନାହାନ୍ତି । ଓଡ଼ିଶା ସୀମା ନିର୍ଦ୍ଦେଶ କମିଟିରେ ୧୯୩୨ ମସିହା ଜାନୁଆରୀ ୧୦ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ କଂଗ୍ରେସ ପକ୍ଷରୁ ସାକ୍ଷ୍ୟ ଦେବା ସ୍ଥିର ହୋଇଥିଲା । କିନ୍ତୁ ସେଥିରେ ଦୈବ ଅନୁକୂଳ ହେଲା ନାହିଁ । ନିର୍ଦ୍ଦିଷ୍ଟ ଦିନର ପାଞ୍ଚଦିନ ଆଗରୁ କଂଗ୍ରେସକୁ ବେଆଇନ ଅନୁଷ୍ଠାନ ବୋଲି ଭାରତ ସରକାରଙ୍କ ପକ୍ଷରୁ ଘୋଷିତ ହେଲା । ନିଖିଳ-ଭାରତ-କଂଗ୍ରେସର ପ୍ରସ୍ତାବିତ ପୁରୀ ଅଧିବେଶନପାଇଁ ଯେଉଁ ଅଭ୍ୟର୍ଥନା କମିଟି ଗଢ଼ାଯାଇଥିଲା, ସେଥିରେ ପଣ୍ଡିତ ନୀଳକଣ୍ଠ ପୁରୋଧା ଥିଲେ । ସେ କେତେ ଚେଷ୍ଟାକରି ମଧ୍ୟ କଂଗ୍ରେସ ଉଚ୍ଚ କର୍ମକର୍ତ୍ତାଙ୍କୁ ମନାଇ ପାରିଲେ ନାହିଁ – ତାଙ୍କୁ କଂଗ୍ରେସ ପକ୍ଷରୁ ଓଡ଼େନଲ୍ କମିଟି ସମ୍ମୁଖରେ ସାକ୍ଷ୍ୟ ଦେବାକୁ ଅନୁମତି ଦେଲେ ନାହିଁ । କାରଣ ସେହି କମିଟିକୁ ସର୍ବତୋଭାବେ କଂଗ୍ରେସ ପକ୍ଷରୁ ବର୍ଜନ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସଙ୍ଗୀମାନେ ହତାଶ ହେଲେ । କେହି କେହି ମଧ୍ୟ ପ୍ରସ୍ତାବ କଲେ ଯେ, ଉତ୍କଳର କଲ୍ୟାଣ ନିମନ୍ତେ କଂଗ୍ରେସ ନିୟମକୁ ସେ ଅମାନ୍ୟ କରିବା ଉଚିତ । କିନ୍ତୁ ଭାରତର ତତ୍କାଳୀନ ଦ୍ରୁତ ରାଜନୀତିକ ପରସ୍ଥିତି ଓ ଜଟିଳ ଅବସ୍ଥା ଦୃଷ୍ଟିରୁ ତାଙ୍କ ପକ୍ଷେ କଂଗ୍ରେସ ବର୍ଜନ କରିବା ସମ୍ଭବ ହେଲା ନାହିଁ । ସମ୍ଭବତଃ, ତାଙ୍କରି ଅଭାବ ହେତୁ ସିଂହଭୂମ ଏବଂ ମିଦନାପୁର ଚିରଦିନପାଇଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା । ଏକଥା ଆମ୍ଭେ ସମସ୍ତେ ଅନୁଭବ କଲୁ; କାରଣ ମିଦନାପୁରର କଂଗ୍ରେସ ନେତା ସାସମଲ୍ଲ ସେଠା ଲୋକଙ୍କୁ ମତାଇ ପାରଳାଖେମୁଣ୍ଡି ମହାରାଜା ତଥା ଓଡ଼େନଲ୍ କମିଟି ବିରୋଧରେ ଯେଉଁ ଘୋର ଆନ୍ଦୋଳନ ସୃଷ୍ଟି କରିଥିଲେ, ପଣ୍ଡିତ ନୀଳକଣ୍ଠଙ୍କ ଉପସ୍ଥିତିରେ ତାହା ସମ୍ଭବ ହୁଅନ୍ତା ନାହିଁ । ବରଂ ସେଠାର ଅବସ୍ଥା ଭିନ୍ନ ଆକାର ଧାରଣ କରିଥାନ୍ତା । ସିଂହଭୂମରେ ମଧ୍ୟ ସେଠା କଂଗ୍ରେସ କର୍ମୀମାନେ ଆଦିବାସୀ ଲୋକମାନଙ୍କୁ ମତାଇ ଦେଇ କମିଟି ବିରୋଧରେ ତାଙ୍କଦ୍ୱାରା କଳାପତାକା ପ୍ରଦର୍ଶନ କରାଇବା ସମ୍ଭବ ହୁଅନ୍ତା ନାହିଁ । ଏ ବାହାରେ ପଣ୍ଡିତ ନୀଳକଣ୍ଠଙ୍କ ଅକାଟ୍ୟ ପ୍ରମାଣ ଓ ଯୁକ୍ତିସମ୍ବଳିତ ସାକ୍ଷ୍ୟ ମଧ୍ୟ ସୀମା ନିର୍ଦ୍ଦେଶକ କମିଟି ସଭ୍ୟମାନଙ୍କୁ ନିଶ୍ଚିତଭାବେ ପ୍ରଭାବିତ କରନ୍ତା । ଗଞ୍ଜାମ ଜିଲ୍ଲାରେ ସେଠା ଓଡ଼ିଆ କର୍ମୀମାନଙ୍କ

Digitized by PPRACHIN, SOA

ତତ୍ପରତା ହେତୁ ଓଡ଼େନଲ୍ କମିଟିର ଗୋପାଳପୁର ବୈଠକରେ ଯେଉଁପରି ଅନୁକୂଳ ଅବସ୍ଥା ସୃଷ୍ଟି ହୋଇଥିଲା, ତାହା ବିହାର ଓ ବଙ୍ଗଳାରେ ସମ୍ଭବ ହେଲା ନାହିଁ ।

ଲଣ୍ଡନ୍‌ରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ କଂଗ୍ରେସ ଯୋଗ ଦେଲା ନାହିଁ । ସେତେବେଳେ ସୀମା ନିର୍ଦ୍ଦେଶ କମିଟି ପକ୍ଷରୁ ସରକାରଙ୍କୁ ଯେଉଁ ରିପୋର୍ଟ ଦିଆଯାଇଥିଲା – ସେଥିରେ ଗଞ୍ଜାମରୁ ପାରଳାଖେମୁଣ୍ଡି, ମଞ୍ଜୁଷା, ଟିକଲି ପ୍ରଭୃତି ଓଡ଼ିଆ ଅଞ୍ଚଳ ସମେତ ସମଗ୍ର ଜୟପୁର ଜମିଦାରୀ (ଆଧୁନିକ କୋରାପୁଟ ଜିଲ୍ଲା)କୁ ମିଶାଇ ସିଂହଭୂମ, ମିଦନାପୁର ପ୍ରଭୃତି ଓଡ଼ିଆ ଅଞ୍ଚଳ ଓଡ଼ିଶାରୁ ଅନ୍ତର କରି କମିଟି ଚେୟାରମ୍ୟାନ୍ ଓଡ଼େନଲ୍ ମତପ୍ରକାଶ କରିଥାନ୍ତି । ଏଥିରେ ଓଡ଼ିଶା ତଥା ବାହାର ପତ୍ରିକାମାନଙ୍କରେ ସପକ୍ଷ ଓ ବିପକ୍ଷ ସମାଲୋଚନା ଚାଲିଥାଏ । ସେତିକିବେଳେ ୧୯୩୩ ମସିହା ମାର୍ଚ୍ଚ ୧୮ ତାରିଖ ଦିନ ସରକାରଙ୍କ ପକ୍ଷରୁ 'ଶ୍ୱେତପତ୍ର' (White paper) ଦିଲ୍ଲୀରେ ପ୍ରକାଶିତ ହେଲା । ଓଡ଼ିଆମାନେ ସ୍ୱତନ୍ତ୍ର ପ୍ରଦେଶ ପାଇ ସୁଦ୍ଧା ହତାଶ ହୋଇପଡ଼ିଲେ । ପଣ୍ଡିତ ନୀଳକଣ୍ଠ ଦୀର୍ଘଦିନ ଜେଲରେ ଆବଦ୍ଧ ହେବା ଫଳରେ ରୁଗ୍ଣ ଓ ଦୁର୍ବଳ ହୋଇଥିଲେ । ତଥାପି ସେ ଘନ ଘନ ଗଞ୍ଜାମକୁ ଯାଇ ତାଙ୍କ ବନ୍ଧୁ ଶଶିଭୂଷଣ ରଥ ଓ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଙ୍ଗେ ଦେଶ ମିଶ୍ରଣ ଓ ସେଥିର ସୀମା ସମ୍ବନ୍ଧରେ ଆଲୋଚନା କରୁଥିଲେ । ତାଙ୍କ ଗଞ୍ଜାମ ଗସ୍ତବେଳେ କେବେ କେବେ ସେ ପାରଳାଖେମୁଣ୍ଡି ଯାଇ ଆମମାନଙ୍କୁ ମଧ୍ୟ ପରାମର୍ଶ ଦେଉଥିଲେ । ବିଶାଳ ଓଡ଼ିଶା ଗଠନ କାର୍ଯ୍ୟରେ ତାଙ୍କ ଅବଦାନ ଏକ ଅବିସ୍ମରଣୀୟ ଐତିହାସିକ ସଙ୍କେତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟାୟ ଭାବରେ କୌଣସି ମୌଳିକ ଯୁକ୍ତିକୁ ଆଶ୍ରୟ ନ କରି କେତେକ ଓଡ଼ିଆ ଅଞ୍ଚଳ ପରିତ୍ୟକ୍ତ ହୋଇଥିବାରୁ ସେଥିର ପୁନର୍ବିଚାରପାଇଁ ଓଡ଼ିଆମାନଙ୍କ ପକ୍ଷରୁ ପ୍ରବଳ ଆନ୍ଦୋଳନ ସୃଷ୍ଟି ହେଲା । ଏଥିରେ ପାରଳା ମହାରାଜା ନେତୃତ୍ୱ ନେଇଥାନ୍ତି । ୧୯୩୨ ସାଲ ସେପ୍ଟେମ୍ବର ୧୭ ତାରିଖ ଦିନ ତାଙ୍କ ଅଧ୍ୟକ୍ଷତାରେ ଭୁବନାନନ୍ଦ ଦାଶ, ବି. ଏନ୍. ମିଶ୍ର, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ୧୪ ଜଣ ସଭ୍ୟ ସିମଳାଠାରେ ବଡ଼ଲାଟ ଲର୍ଡ଼ ବିଲିଂଡନ୍‌ଙ୍କୁ ସାକ୍ଷାତ୍ କରି ଓଡ଼ିଶା ପ୍ରଦେଶର ସୀମା ସମ୍ବନ୍ଧେ ପୁନର୍ବିଚାର କରିବା ପ୍ରସ୍ତାବ ଉପସ୍ଥାପିତ କଲେ । ଭାଇସ୍‌ରାୟଙ୍କୁ ପରାମର୍ଶ ଦେବା ପାଇଁ ରିଫାର୍ମ କମିସନର (Reform Commissioner) ଲୁଇସ୍ (Lewis) ସାହେବ ମଧ୍ୟ ସେହି ଆଲୋଚନାରେ ଅଂଶଗ୍ରହଣ କରିଥାନ୍ତି । ଓଡ଼ିଆମାନଙ୍କଠାରୁ ଯୁକ୍ତିଗୁଡ଼ିକ ଶୁଣିଲାପରେ ଲର୍ଡ଼ ବିଲିଂଡ଼ନ୍ ସେକ୍ରେଟାରୀ ଅଫ୍ ଷ୍ଟେଟଙ୍କଠାକୁ ତାଙ୍କର ଏକ ଅନୁକୂଳ ରିପୋର୍ଟ ପଠାଇଲେ । ଏହା ଫଳରେ ଓଡ଼ିଶାର ସୀମା-ସରହଦ ବିଷୟରେ ପୁନର୍ବିଚାର କରି ଶେଷ ସିଦ୍ଧାନ୍ତ ନେବା ସକାଶେ 'ଜଏଣ୍ଟ ପାର୍ଲିଆମେଣ୍ଟାରୀ ସବ୍-

Digitized by PPRACHIN, SOA

କମିଟି' (Joint Pariliamentary Sub-Committee) ଗଠିତ ହେଲା । ଏହା 'ଅଟଲୀ ସବ୍-କମିଟି' (Attlee Sub-Committee) ନାମରେ ପରିଚିତ ହୁଏ ।

ଏଥିପୂର୍ବରୁ ପାରଳା ମହାରାଜାଙ୍କ ପ୍ରସ୍ତାବକ୍ରମେ କଟକରେ ଏକ ସର୍ବଦଳୀୟ ସମ୍ମିଳନୀର ଆୟୋଜନ ଚାଲିଥାଏ । ଓଡ଼ିଶା ପ୍ରଦେଶରେ ଅନ୍ତତଃ ଜୟପୁର ଓ ପାରଳାଖେମୁଣ୍ଡିକୁ ଯଦି ଯୋଗ କରା ନ ଯାଏ, ତାହାହେଲେ ଓଡ଼ିଆମାନେ ସମୂହଭାବେ ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଏକ ପ୍ରସ୍ତାବ କରିବାକୁ ସ୍ଥିର ହୋଇଥିଲା । କଟକରେ ସର୍ବଦଳୀୟ ସଭାର ବିରାଟ ଆୟୋଜନ ହେଲା । ଏଥିରେ ରାୟବାହାଦୁର ଦାମୋଦର ରଥ ଓ ମୁଁ, ପାରଳା ମହାରାଜାଙ୍କ ପ୍ରସ୍ତାବକ୍ରମେ ନିଯୁକ୍ତ ହେଲୁ । ମିଷ୍ଟର ଦାସଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ ତୁଲାଇବାକୁ ପଡ଼ିଲା । ସେ ମୋତେ କହିଲେ, ''କଂଗ୍ରେସ-ଦଳ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସ ଯଦି ସଭାରେ ଯୋଗ ନ ଦେବେ, ତା'ହେଲେ ସର୍ବଦଳୀୟ – ସମ୍ମିଳନୀର କୌଣସି ମୂଲ୍ୟ ରହିବ ନାହିଁ । ଏଣୁ ତୁମେ ତାଙ୍କୁ ନିମନ୍ତ୍ରଣ କର ।'' ପଣ୍ଡିତ ନୀଳକଣ୍ଠଙ୍କ ବସାକୁ ଯାଇ ପ୍ରସ୍ତାବିତ ସଭାରେ ଯୋଗଦେବାକୁ ମୁଁ ଅନୁରୋଧ କଲି । ସେତେବେଳେ ଓଡ଼ିଶାର ଅନ୍ୟ କେତେକ ନେତାଙ୍କ ମତ ଥିଲା ଯେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଗଲା ପରେ ପରିତ୍ୟକ୍ତ ଅଞ୍ଚଳଗୁଡ଼ିକପାଇଁ ଆନ୍ଦୋଳନ କରିବା ଯୁକ୍ତିଯୁକ୍ତ । ଏ ପ୍ରସଙ୍ଗରେ ଶଶିଭୂଷଣ ରଥ 'ଆଶା' ପତ୍ରିକାରେ ଲେଖିଲେ, 'କାନ୍ଧୁଥିବା, ଯାହା ମିଳୁଥିବ ବାନ୍ଧୁଥିବା ।' ପଣ୍ଡିତ ନୀଳକଣ୍ଠ ମଧ୍ୟ ସେହି ନୀତିର ଅନୁଗାମୀ ଥିଲେ । ତେଣୁ ଆମ ନିମନ୍ତ୍ରଣ ଏଡ଼ାଇବାକୁ ଯାଇ ସେ କହିଲେ – ''କେତୋଟି ଆଦିବାସୀ ଶବର ଅଞ୍ଚଳର ମିଶ୍ରଣପାଇଁ ଏବେ ମିଳୁଥିବା ସ୍ୱତନ୍ତ୍ର ପ୍ରଦେଶ ଛାଡ଼ିଦେବାକୁ ମୁଁ ରାଜି ନୁହେଁ ।'' ଏ କଥାରେ ମୁଁ ହତାଶ ହୋଇ କହିଲି – ''ଓଡ଼ିଶା ପ୍ରଦେଶ କେବଳ ସଭ୍ୟ ଶିକ୍ଷିତ ଜାତିଙ୍କପାଇଁ କଣ ଗଢ଼ାଯିବ ? ସେଥିରେ ଆଦିବାସୀ ଶବରମାନଙ୍କର କିଛି ଅଂଶ ନାହିଁ ? ସେମାନେ ପରା ଆମ ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଆଣି ଦେଇଥିଲେ ।'' ମୋ କଥାକୁ ସେ ଭ୍ରୂକ୍ଷେପ ନ କରି କହିଲେ, ''ଓ – ଭାଷା ସୂତ୍ରରେ ପ୍ରଦେଶ ଗଠିତ ହେଉଛି । ଶବରମାନଙ୍କ ଭାଷା 'ଆଷ୍ଟ୍ରିକ' ପରିବାର ଭୁକ୍ତ । ତେଣୁ ସେମାନଙ୍କ ଭାଷା ସଙ୍ଗେ ଦ୍ରାବିଡ଼ୀୟ ଭାଷାର ସମ୍ବନ୍ଧ ରହିଛି ।'' ମୁଁ କହିଲି – ''ଶବରମାନଙ୍କ ଭାଷା ମୁଣ୍ଡାରୀଶ୍ରେଣୀୟ । ଓଡ଼ିଆ ସଙ୍ଗେ ସେ ଭାଷାର ଯଥେଷ୍ଟ ସମ୍ବନ୍ଧ ବିଦ୍ୟମାନ ।'' ସେ ଏଥିର ପ୍ରମାଣ ଚାହିଁବାରୁ ମୁଁ ରେଭେନ୍ସା କଲେଜ ଲାଇବ୍ରେରୀରୁ ଥାର୍ଷ୍ଟାନ୍ (Thurston)ଙ୍କ ଲିଖିତ 'Caste and Tribes of the Madras Presidency' ପୁସ୍ତକଟି ନେଇ ତାଙ୍କୁ ଦେଖାଇଲି । ଏଥିରୁ ମୁଁ ବୁଝିଥିଲି

Digitized by PPRACHIN, SOA

ଯେ, ସତ୍ୟର ସେ ଉପାସକ । ଏହାପରେ ସର୍ବଦଳୀୟ ସଭାରେ ସେ ଯୋଗଦେଇଥିଲେ । ସେହି ସଭାରେ ଯେଉଁ ମୂଳ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା, ତାହା ଲିଙ୍ଗରାଜ ପାଣିଗ୍ରାହୀ ଉପସ୍ଥାପିତ କଲେ । ଏହାପରେ ଉପରିବର୍ଣ୍ଣିତ ଅଟଲୀ ସବ୍-କମିଟି ଲଣ୍ଡନ୍‌ରେ ବସି ଓଡ଼ିଶାରେ ପାରଳାଖେମୁଣ୍ଡି ସହର ସଙ୍ଗେ ଅଳ୍ପ କେତେକ ଅଞ୍ଚଳ ପୁଣି ଜୟପୁର ଜମିଦାରୀ ସମେତ ଜଳନ୍ତର ଓ ପାରଳାଖେମୁଣ୍ଡି-ମାଳ ନୂତନ ପ୍ରଦେଶରେ ଯୋଗ କରାଗଲା ।

ଓଡ଼ିଶା ପ୍ରଦେଶ ଗଠନ ପରେ ପଣ୍ଡିତ ନୀଳକଣ୍ଠ ୧୯୩୬ ମସିହାଠାରୁ ରାଜନୀତିକ ତଥା ଶାସନ ସଂକ୍ରାନ୍ତ ବ୍ୟାପାରରେ ସକ୍ରିୟଭାବେ ଯୋଗଦେଇ ନ ଥିଲେ ସୁଦ୍ଧା ତାଙ୍କର ମୂଲ୍ୟବାନ୍ ପରାମର୍ଶରେ ବହୁ ଅଭ୍ୟୁଦୟମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସେ କିଛିକାଳ ଓଡ଼ିଶା ବିଧାନସଭାର ଅଧ୍ୟକ୍ଷ ବା ସ୍ପିକର (Speaker) ପଦରେ ନିଯୁକ୍ତ ହୋଇ ବିଭିନ୍ନ ରାଜନୀତିକ ଦଳର ବିଶ୍ୱାସଭାଜନ ହୋଇଥିଲେ ଏବଂ ନିଷ୍ଠାପର ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ୧୯୫୩ ସାଲରେ ସେ ଭୁବନେଶ୍ୱରରେ ତାଙ୍କ ଜାମାତା ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର୍ ଶ୍ରୀମଧୁସୂଦନ ଦାସଙ୍କ ସଙ୍ଗେ ସରକାରୀ ବାସଭବନରେ ରହିଥାନ୍ତି । କେବେ କେବେ ତାଙ୍କ ସଙ୍ଗେ ମୋର ଦେଖାହୁଏ । ଯେତେଥର ମୁଁ ତାଙ୍କ ବସାକୁ ଯାଇଛି, ଦେଖିବାକୁ ପାଏ ଗୋଟିଏ ଶଯ୍ୟାରେ ଅର୍ଦ୍ଧଶାୟିତ ଅବସ୍ଥାରେ ପୁସ୍ତକ ପଢ଼ିବାରେ ସେ ବ୍ୟସ୍ତ । ପୁଣି ତାଙ୍କ ଶଯ୍ୟାର ଉଭୟପାର୍ଶ୍ୱରେ ବହୁ ଖାତା ଓ ପୁସ୍ତକ ବିଛୁରିତ। ସେ ଯେପରି ଗ୍ରନ୍ଥପ୍ରିୟ ଥିଲେ, ଗ୍ରନ୍ଥଗୁଡ଼ିକ ମଧ୍ୟ ସତେ ଯେପରି ତାଙ୍କୁ ଆଲିଙ୍ଗନ କରି ରହିଥାନ୍ତି । ତାଙ୍କ ସୁଦୀର୍ଘ ଶ୍ମଶ୍ରୁଗୁମ୍ଫ-ମଣ୍ଡିତ ମୁଖରେ ପ୍ରାଚୀନ ମୁନି ଓ ସାଧକମାନଙ୍କ ପରି ତେଜ ପ୍ରସାରିତ ହେଉଥିଲା । ତାଙ୍କ ଚକ୍ଷୁରେ ଅପୂର୍ବ ଜ୍ଞାନ-ଗରିମା ଓ ଜ୍ୟୋତିଃ ଯେପରି ଫୁଟି ଉଠୁଥିଲା, ସେପରି କଥାରେ ମଧ୍ୟ ଦୃଢ଼ତା ଓ ଗାମ୍ଭୀର୍ଯ୍ୟ ପୂରି ରହିଥିଲା ।

Digitized by PPRACHIN, SOA

# କବି ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠ କେବଳ ଯେ ରାଜନୀତି କ୍ଷେତ୍ରରେ ଜ୍ଞାନ ଓ ପ୍ରତିଭା ବିକିରଣ କରିଥିଲେ ତା' ନୁହେଁ, ସେ ଜଣେ ଅତି ଉଚ୍ଚକୋଟୀର ସାହିତ୍ୟିକ ଓ କବିରୂପେ ମଧ୍ୟ ଏ ଜାତିର ନମସ୍ୟ ହୋଇଅଛନ୍ତି । ଅକ୍ଳାନ୍ତ ଅଧ୍ୟବସାୟଜନିତ ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ସେ ବିଭିନ୍ନ କ୍ଷେତ୍ରରେ ଗୁରୁଗୌରବ ଲାଭ କରିଅଛନ୍ତି । ଜଣେ ଅଧ୍ୟାପକଙ୍କ ଭାଷାରେ କହିବାକୁ ଗଲେ – ''ସେ ଥିଲେ ଏକାଧାରରେ ଜଣେ ଶକ୍ତିଶାଳୀ ବାଗ୍ମୀ, ବିଚକ୍ଷଣ ପଣ୍ଡିତ, ସୁଦୃଢ଼ ସଂଗଠକ, ପ୍ରଭାବଶାଳୀ ବ୍ୟବସ୍ଥାପକ, ପ୍ରତିଭାସମ୍ପନ୍ନ କବି ଏବଂ ସର୍ବୋପରି ଜଣେ ମାନ୍ୟଗଣ୍ୟ ନେତା'' ।

ତାଙ୍କ ରଚନାବଳୀ ମଧ୍ୟରେ ଓଡ଼ିଆ ସାହିତ୍ୟର କ୍ରମପରିଣାମ, ଆର୍ଯ୍ୟ ଜୀବନ, ସଂସ୍କୃତ ଓ ସଂସ୍କୃତି, ଭଗବଦ୍‌ଗୀତା ଭାଷ୍ୟ ପ୍ରମୁଖ ଗ୍ରନ୍ଥ ତାଙ୍କ ପାଣ୍ଡିତ୍ୟର ମୂକସାକ୍ଷୀ । ଖାରବେଳ, ଦାସ ନାଏକ, ପ୍ରଣୟିନୀ, କୋଣାର୍କେ ଓ ମାୟାଦେବୀ ପ୍ରଭୃତି କାବ୍ୟ ତାଙ୍କ କବି-ପ୍ରତିଭାର ଗରିମା ବହନ କରେ । ଏହା ବ୍ୟତୀତ ତାଙ୍କ ରଚିତ ପିଲାଙ୍କ ରାମାୟଣ-ମହାଭାରତ ପ୍ରଭୃତି ଶିଶୁ ସାହିତ୍ୟ ଅତି ଉପାଦେୟ । ଓଡ଼ିଆ ଓ ଇଂରାଜୀ ଭାଷାରେ ତାଙ୍କ ଲେଖନୀ ପ୍ରସୂତ ବହୁ ତଥ୍ୟମୂଳକ ପ୍ରବନ୍ଧମାନ ବିଭିନ୍ନ ପତ୍ରିକାରେ ପ୍ରକାଶିତ ହୋଇଛି । ସେ ନିଜର 'ଆତ୍ମଜୀବନୀ' ଲେଖି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ସ୍ଥୂଳରେ କହିବାକୁ ଗଲେ ଅଗାଧ ସଂସ୍କୃତଶାସ୍ତ୍ର ସମେତ ଗବେଷଣାମୂଳକ ଇଂରାଜୀ ଗ୍ରନ୍ଥମାନ ପାଠ କରି ତାଙ୍କ ଚିନ୍ତା ଓ ଗବେଷଣା ପ୍ରବୃତ୍ତି ଏତେଦୂର ମାର୍ଜିତ ହୋଇଥିଲା ଯେ, ଯେକୌଣସି ଜଟିଳ ବିଷୟର ଆଲୋଚନା ବେଳେ ଅନର୍ଗଳ ବାଗ୍ମିତା ସେ ପ୍ରକାଶ କରୁଥିଲେ । ଏପରିକି ଗବେଷଣାମୂଳକ ପ୍ରବନ୍ଧ ପର୍ଯ୍ୟନ୍ତ ମୁହେଁ ମୁହେଁ ଡାକିଦେବା ଶକ୍ତି ତାଙ୍କଠାରେ ଥିଲା । ସେଥିର ନିଦର୍ଶନସ୍ୱରୂପ ୧୯୪୮ ମସିହାରେ ବଲାଙ୍ଗିରଠାରେ ଅନୁଷ୍ଠିତ ଏକ ଆଲୋଚନାମୂଳକ ପଣ୍ଡିତ ସମ୍ମେଳନୀର ଘଟଣା ଏଠାରେ ପ୍ରକାଶ କଲେ ଅସଙ୍ଗତ ହେବ ନାହିଁ ।

୧୯୪୭ ମସିହା, ଯେଉଁ ସମୟରେ ଓଡ଼ିଶା ସଙ୍ଗେ ଗଡ଼ଜାତମାନଙ୍କର ମିଶ୍ରଣ ହୋଇ ନ ଥିଲା, ସେତେବେଳେ ପୂର୍ବ ଗଡ଼ଜାତର କେତେଜଣ ରାଜା ଓ ମହାରାଜାଙ୍କ ଆନୁକୂଲ୍ୟରେ ବଲାଙ୍ଗିରଠାରେ 'କଳିଙ୍ଗ ଐତିହାସିକ ସମିତି' ନାମରେ ଏକ ଅନୁଷ୍ଠାନ ଗଠିତ ହେଲା । ସେହି ଅନୁଷ୍ଠାନ ପକ୍ଷରୁ ଗୋଟିଏ ଉଚ୍ଚକୋଟିର ଗବେଷଣାତ୍ମକ ତ୍ରୈମାସିକ ଇଂରାଜୀ ପତ୍ରିକା ପ୍ରକାଶିତ ହେଉଥିଲା । ସେଥିରେ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ରଥ, କେଦାରନାଥ ମହାପାତ୍ର ଏବଂ ମୋତେ ମିଶାଇ – ୩ ଜଣ

Digitized by PPRACHIN, SOA

ମୁଖ୍ୟତଃ ନିଯୁକ୍ତ ହୋଇଥିଲୁ । ସର୍ବ-ଭାରତୀୟ ସ୍ତରରେ ପତ୍ରିକାଟି ଆଦୃତ ହେବାରୁ କେତେକ ବୈଦେଶିକ ବିଦ୍ୱାନ୍‌ଙ୍କ ଆଗ୍ରହ ଲକ୍ଷ୍ୟକରି ସମିତିର ସଭାପତି, ବଲାଙ୍ଗିରର ଭୂତପୂର୍ବ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ କଳାହାଣ୍ଡି ମହାରାଜା ପ୍ରତାପକେଶରୀ ଦେଓଙ୍କ ପ୍ରସ୍ତାବକ୍ରମେ ଗୋଟିଏ ବାର୍ଷିକ ସଭାର ଆୟୋଜନ ହେଲା । ସେଥିରେ ପୁନା ସେଣ୍ଟ-ଜାବୀର କଲେଜର ପ୍ରାଚ୍ୟବିଦ୍ୟା ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ (ଡାଇରେକ୍ଟର୍) ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ରେଭେରେଣ୍ଡ ହେରାସ୍ (Rev. Heras) ସଭାପତି ରୂପେ ବରିତ ହେଲେ । ବିଶିଷ୍ଟ ଅତିଥି ରୂପେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ସେଥିରେ ଅଂଶଗ୍ରହଣ କରିଥିଲେ । ଅଭ୍ୟର୍ଥନା ସମିତିର ସମ୍ପାଦକ ରୂପେ ମୁଁ ନିଯୁକ୍ତ ଥିଲି । ପଣ୍ଡିତ ନୀଳକଣ୍ଠ ସେହି ସଭାରେ ପ୍ରଧାନବକ୍ତା ରୂପେ 'ବୈଦିକ ଆର୍ଯ୍ୟ ସଂସ୍କୃତି' (Vedic Culture of Aryans) ଶୀର୍ଷକ ଗୋଟିଏ ଭାଷଣ ଇଂରାଜୀରେ ଦେବାକୁ ଅନୁରୋଧ କରାଗଲା । ସେ ମଧ ତାହା ଆନନ୍ଦରେ ଗ୍ରହଣ କଲେ ଓ ସଙ୍ଗେ ସଙ୍ଗେ ପ୍ରବନ୍ଧଟି ଡାକି ଦେଇଥିଲେ, କାରଣ ତାଙ୍କ ଭାଷଣ ପୂର୍ବ ପରିକଳ୍ପିତ ହୋଇ ନ ଥିଲା । ଏପରି ସୁନ୍ଦର ଓ ପ୍ରାଞ୍ଜଳ ଭାବେ ଋଗ୍‌ବେଦ ଓ ଯଜୁର୍ବେଦର କେତେକ ମନ୍ତ୍ର ଉଦ୍ଧାର କରି ପରବର୍ତ୍ତୀ ଯୁଗର ସଂହିତା ଓ ସାଂଖ୍ୟ ଦର୍ଶନାଦିର କ୍ରମବିକାଶ ଓ ସେଥିର ଐତିହାସିକ ପରମ୍ପରା ବୁଝାଇଥିଲେ, ଯାହାକି ସଭାପତି ହେରାସ୍‌ଙ୍କୁ ମୁଗ୍ଧ କରିଦେଇଥିଲା । ତେଣୁ ହେରାସ୍ ତାଙ୍କ ସଭାପତି ଭାଷଣରେ ପଣ୍ଡିତ ନୀଳକଣ୍ଠଙ୍କର ଉଚ୍ଚ ପ୍ରଶଂସା କରିଥିଲେ । କାରଣ ସେ ନିଜେ ବୈଦିକ ଗ୍ରନ୍ଥଗୁଡ଼ିକର ମୌଳିକ ତଥ୍ୟ ଅନୁଶୀଳନ କରି ସୈନ୍ଧବ ସଭ୍ୟତା ସଙ୍ଗେ ସେଥିର ସମ୍ବନ୍ଧ ଗବେଷଣା କରିବାରେ ଲାଗିଥାନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ମହତାବ ତାଙ୍କ ଭାଷଣରେ ବ୍ୟକ୍ତ କରିଥିଲେ ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଇତିହାସ ଗବେଷଣାପାଇଁ ଏକ ଅନୁରୂପ ଅନୁଷ୍ଠାନ ଗଢ଼ିବା ପ୍ରକଳ୍ପ ସେ କରୁଅଛନ୍ତି । କହିବା ବାହୁଲ୍ୟ ଯେ, ୧୯୪୦ ମସିହାରେ ଓଡ଼ିଶା ସଙ୍ଗେ ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ଓଡ଼ିଶାର ସେହି ଅନୁଷ୍ଠାନଟି ଭାଙ୍ଗି ଦିଆଗଲା ଓ ଭୁବନେଶ୍ୱରରେ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ପ୍ରତିଷ୍ଠିତ ହେଲା । ସେଥିରେ ପ୍ରଧାନ ଅଧ୍ୟକ୍ଷରୂପେ ପଣ୍ଡିତ ନୀଳକଣ୍ଠଙ୍କୁ ନିଯୁକ୍ତ କରିବାପାଇଁ ଡଃ ମହତାବ ପ୍ରସ୍ତାବ କରିଥିଲେ । ନୀଳକଣ୍ଠ ସେତେବେଳେ ତାଙ୍କ 'ନବଭାରତ' ସାହିତ୍ୟ ପତ୍ରିକା ଚଳାଇବାକୁ ଅର୍ଥାଭାବ ଅନୁଭବ କରୁଥିଲେ ସୁଦ୍ଧା ଡଃ ମହତାବଙ୍କ ପ୍ରସ୍ତାବଟି ପ୍ରତ୍ୟାଖ୍ୟାନ କରିଦେଲେ; କାରଣ କାହାରି ଅଧୀନରେ ରହି ସ୍ୱାତନ୍ତ୍ର୍ୟ ହରାଇବା ତାଙ୍କର ଆଦୌ ଇଚ୍ଛା ନ ଥିଲା । ପରିଣତ ବୟସରେ ସେ ବହୁ ସମାଲୋଚନା ତଥା ତଥ୍ୟମୂଳକ ପ୍ରବନ୍ଧ ଓ ଗ୍ରନ୍ଥ ଲେଖିଥିଲେ ସୁଦ୍ଧା ତାଙ୍କ ଜୀବନର ମଧଭାଗରେ ସେ ଯେଉଁ ଓଡ଼ିଆ କାବ୍ୟ-କବିତାମାନ ରଚନା କରିଥିଲେ, ତାହା ଓଡ଼ିଆ ସାହିତ୍ୟରେ ରାଧାନାଥ-

Digitized by PPRACHIN, SOA

ଯୁଗର ପ୍ରଦୋଷ ସୃଷ୍ଟି କଲା । ରାଧାନାଥଙ୍କ 'ପାର୍ବତୀ', 'ନନ୍ଦିକେଶ୍ୱରୀ', 'କେଦାରଗୌରୀ' ପ୍ରଭୃତି କାବ୍ୟର କଥାବସ୍ତୁ ଓ ଭାବ ଓଡ଼ିଶାର ପ୍ରାଚୀନ ସାମାଜିକ ସଂସ୍କୃତିକୁ ବିକୃତ କରିଥିବା ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠ ସେପରି ଲେଖାଗୁଡ଼ିକର ନିନ୍ଦା କରୁଥିଲେ । କେବଳ ସେତିକି ନୁହେଁ, ଓଡ଼ିଶାର ଆତ୍ମତ୍ୟାଗ ଓ ସାମାଜିକ ସଂହତି ସଙ୍ଗେ ଐତିହାସିକ ବର୍ଣ୍ଣନା କରିବାକୁ ଯାଇ ସରଳ ଓ ସୁଲଳିତ ଭାଷାରେ 'ଖାରବେଳ', 'କୋଣାର୍କ' ଓ 'ମାୟାଦେବୀ' ପରି କାବ୍ୟ ରଚନା କରି ବିଂଶଶତାବ୍ଦୀର ଆଦର୍ଶ-ସାହିତ୍ୟ ଉପସ୍ଥାପନ କରିବାକୁ ସେ ସମର୍ଥ ହେଲେ । ଶେଷୋକ୍ତ କାବ୍ୟଟି ପ୍ରକାଶିତ ହେଲାପରେ ଓଡ଼ିଆ ସାହିତ୍ୟ-ଇତିହାସରେ ଯେଉଁ ନବ-ଯୁଗର ସୃଷ୍ଟି ହେଲା ତାହା 'ସତ୍ୟବାଦୀ ଯୁଗ' ନାମରେ ପରିଚିତ ହୁଏ । ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ ଏଥିର ପ୍ରତିଷ୍ଠାତା । ପଣ୍ଡିତ ଗୋପବନ୍ଧୁ 'ଧର୍ମପଦ' ପରି ସରଳ-ସୁବୋଧ ଭାଷାରେ କାବ୍ୟ ଲେଖି ପ୍ରାଚୀନ ଓଡ଼ିଆ ଜାତିର ତ୍ୟାଗ ଓ କଳାକୁଶଳତାର ଶ୍ରେଷ୍ଠତା ପ୍ରତିପାଦନ କରିଅଛନ୍ତି । କାରଣ ତାଙ୍କ ଜୀବନର ଲକ୍ଷ୍ୟ ଥିଲା, ଜାତି ଗଠନ ସକାଶେ ସେଥିର ମୌଳିକ ବିକାଶ ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ଉପରେ ହିଁ ପ୍ରତିଷ୍ଠିତ ।

କବି ରାଧାନାଥଙ୍କ କାବ୍ୟରେ ଓଡ଼ିଆ-ସଂସ୍କୃତି ଓ ଚରିତ୍ରର ବିକୃତି ଲକ୍ଷ୍ୟକରି ଛାତ୍ର ଅବସ୍ଥାରେ ମଧ୍ୟ ଗୋପବନ୍ଧୁ 'ଇନ୍ଦ୍ରଧନୁ' ପତ୍ରିକାରେ କବିଙ୍କୁ ନିନ୍ଦାକରି ବ୍ୟଙ୍ଗ ଛଳରେ ଲେଖିଥିଲେ –

''କିଛି ଦୂରେ ଛ'ନ୍ତି ଧଡ଼ିଆ ପଣ୍ଡିତମନ୍ୟ
ବାଉରି ସାହିରେ ଶୃଗାଳ-କେଶରୀ ପରି ହେଉଥାନ୍ତି ଗଣ୍ୟ ।''

ଅନ୍ୟ ଏକ କବିତାରେ ଉତ୍କଳର ପ୍ରାଚୀନ ଗୌରବ ସ୍ମରଣ କରି ସେ ଲେଖିଥିଲେ –

''ଧନ୍ୟ ଲଲାଟେନ୍ଦୁ ଧନ୍ୟ କେଶରୀ ପୁଙ୍ଗବ,
ଉତ୍କଳର ପୁଣ୍ୟଶ୍ଳୋକ ଅମର ଗୌରବ ।
ଶୌର୍ଯ୍ୟ ବୀର୍ଯ୍ୟ କଳା·କାବ୍ୟ ଧନ, ଜ୍ଞାନ, ମାନ,
ଥିଲା ଯାଙ୍କ ସୁଶାସନ ପବିତ୍ର ବିଧାନ ।
କହି ତାଙ୍କ କଥା ତାଙ୍କ ରାଜ୍ୟ ସମାଚାର,
ନିର୍ଜୀବ ଉତ୍କଳେ ପ୍ରାଣ କର ହେ ସଂଚାର ।''

ଗୋପବନ୍ଧୁଙ୍କ ଏହି ଉଦ୍‌ବୋଧନ ହିଁ ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କ ଲେଖନୀରେ ଶକ୍ତି ସଂଚାର କଲା । ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ ଲେଖିଥିଲେ–

''ପୂର୍ବ ପୁରୁଷର ପବିତ୍ର ଶ୍ମଶାନ,
ଦେଶର ଜାତିର ଗଉରବ ସ୍ଥାନ ।''

Digitized by PPRACHIN, SOA

ଗୋଦାବରୀଶଙ୍କ 'ଆଲେଖିକା' ଓ ନୀଳକଣ୍ଠଙ୍କ 'କୋଣାର୍କେ' ଓ 'ମାୟାଦେବୀ' ସେହି ମହାକାବ୍ୟର ପ୍ରତିଧ୍ୱନି । ଗୋବବନ୍ଧୁଙ୍କ ନୈତିକଭାବ ଓ ବୈଦିକ ଯୁଗରେ ପ୍ରତିଷ୍ଠିତ ଆର୍ଯ୍ୟ ଜୀବନର ପବିତ୍ରତାକୁ ନୀଳକଣ୍ଠ ଜୀବନର ଆଦର୍ଶ କରି ନେଇଥିଲେ । ତେଣୁ କଠୋର ସଂସ୍କାର ପ୍ରବୃତ୍ତି ସଙ୍ଗେ ସମାଲୋଚନାର ପ୍ରାଗଲ୍‌ଭ୍ୟ ତାଙ୍କ ପ୍ରବନ୍ଧ ଓ ଗ୍ରନ୍ଥଗୁଡ଼ିକରେ ପ୍ରକାଶ ପାଇଛି । ଗୌଡ଼ୀୟ ବୈଷ୍ଣବ ତଥା ବାବାଜି ଓ ମାତାଙ୍କ ଧର୍ମକୁ ସ୍ୱୈର ମନୋଭାବାପନ୍ନ ବୋଲି ସେ ଘୃଣା କରୁଥିଲେ । ରକ୍ଷଣଶୀଳ ଅନ୍ଧବିଶ୍ୱାସ ସମ୍ଭୂତ-ସାମାଜିକ-କଳଙ୍କ ଦୂର କରିବା ଥିଲା, ତାଙ୍କ ଜୀବନର ମୂଳ ଲକ୍ଷ୍ୟ । ଏଣୁ କେବେ କେବେ ସମାଲୋଚିତ ହୋଇ ସେ ବିପଦ ବରଣ କରୁଥିଲେ ସୁଦ୍ଧା ସେ ନିଜ ଆଦର୍ଶରୁ ବିଚଳିତ ହେବା ଜଣାଯାଇ ନାହିଁ । ଏଣୁ ତାଙ୍କ ନୈତିକ ସାହସ ଓ କର୍ମପନ୍ଥା ଅତି ଉନ୍ନତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ଲେଖିଥିବା ପ୍ରବନ୍ଧମାନଙ୍କ ମଧ୍ୟରେ 'ମୋ ନିଶ' ୧୯୧୦ ମସିହାରେ ଓଡ଼ିଶାର ରକ୍ଷଣଶୀଳଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଥିଲା । ତାଙ୍କ ମୌଳିକ ଅନୁଚିନ୍ତା ହିଁ ସେ ଲେଖିଥିବା 'ନୀତି ଓ ପ୍ରକୃତି', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ସାମାଜିକ କୁସଂସ୍କାର' ଏବଂ 'ମୋ ନିଶ' ଶୀର୍ଷକ ପ୍ରବନ୍ଧଗୁଡ଼ିକରେ ପ୍ରକଟିତ ହୋଇଅଛି । ତାଙ୍କ ସାହିତ୍ୟ ସାଧନା ପଣ୍ଡିତ ଗୋପବନ୍ଧୁଙ୍କ ପରି ବାସ୍ତବତାବାଦୀ ଆଦର୍ଶର ନିଖୁଣ ପରିପ୍ରକାଶ । ମନୁଷ୍ୟ ଜୀବନର କଠୋର କର୍ତ୍ତବ୍ୟକୁ ମୂଳାଧାର କରି ନିର୍ଭୁଲ ଓ ନିର୍ଭୟରେ ସେ ଯେଉଁ ସାହିତ୍ୟର ଅବତାରଣା କରିଥିଲେ, ସେଥିରେ ବିଳାସିତା କିମ୍ବା ଯୌନ ଅନୁଭାବନା, କୌଣସି ଦୁର୍ବଳତାର ଲେଶମାତ୍ର ଛାୟାପାତ ହୋଇ ନାହିଁ । ଯେଉଁ ସମୟରେ ପଣ୍ଡିତ ନୀଳକଣ୍ଠଙ୍କ କର୍ମମୟ ଜୀବନର ମଧ୍ୟାହ୍ନ, ସେତେବେଳେ ଉତ୍କଳର ବ୍ରାହ୍ମଣ ଏବଂ ଉଚ୍ଚଶ୍ରେଣୀଙ୍କ ମଧ୍ୟରେ କୌଳିକ ତାରତମ୍ୟଜନିତ ଆତ୍ମମ୍ଭରିତା ଓ ହୀନମନ୍ୟତା ଦେଖାଦେଇଥିଲା । ସତ୍ୟବାଦୀ ବନବିଦ୍ୟାଳୟର 'ପଞ୍ଚସଖା' ଏହି ସାମାଜିକ ବିଭେଦର ମୂଳୋତ୍ପାଟ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କର ସେହି ଆଦର୍ଶ ହିଁ ଛାତ୍ରମାନଙ୍କ ଉତ୍ତର-ଜୀବନରେ ପ୍ରଭାବିତ କରିଛି । ଉତ୍କଳ-ସାହିତ୍ୟରେ ସେହି ବନବିଦ୍ୟାଳୟର ସୁନାମଧନ୍ୟ ଶିକ୍ଷକମାନେ ବିଭିନ୍ନ କର୍ମପନ୍ଥାରେ ଅଗ୍ରସର ହୋଇ ସମାଜର ଶ୍ରେଷ୍ଠ କଲ୍ୟାଣ ନିମନ୍ତେ ଯେଉଁ ବିପ୍ଳବ ସୃଷ୍ଟି କଲେ, ତା'ରି ଫଳସ୍ୱରୂପ ଉତ୍କଳ-ଜନନୀଙ୍କ ପ୍ରତି ସାଧାରଣ ଲୋକଙ୍କ ଶ୍ରଦ୍ଧା ଓ ଭକ୍ତି ଅଧିକରୁ ଅଧିକ ଜାଗ୍ରତ ହେଲା; ଆଉ ମଧ୍ୟ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆଙ୍କ ମଧ୍ୟରେ ସାମାଜିକ ଚେତନା ଓ ଏକତା ପ୍ରବର୍ତ୍ତିତ ହେଲା ।

Digitized by PPRACHIN, SOA

ତାଙ୍କ ଭାଷା କେବେ କ୍ଲିଷ୍ଟ ଓ ଗୂଢ଼ାର୍ଥବ୍ୟଞ୍ଜକ, ଆଉ କେବେ ମଧ୍ୟ ଅତି ସରଳ-ସୁମଧୁର । ଶାସ୍ତ୍ରୀୟ ସଙ୍ଗୀତ ଉଚ୍ଚାରଣ ବେଳେ ସୁଦକ୍ଷ ଓସ୍ତାଦ ଯେପରି ସ୍ୱରର ଆରୋହଣ-ଅବରୋହଣ କ୍ଷେତ୍ରରେ ଅତି ଉଚ୍ଚ ଓ ଅତି ନିମ୍ନସ୍ତରକୁ ଗତିକରି ଲାଳିତ୍ୟ ପ୍ରକଟିତ କରନ୍ତି, ସେଥି ସଙ୍ଗେ କାବ୍ୟ-କବିତା ରଚନାରେ ନୀଳକଣ୍ଠଙ୍କ 'ପ୍ରଣୟିନୀ', 'କୋଣାର୍କେ' ଓ 'ମାୟାଦେବୀ' ତୁଳନୀୟ । ପ୍ରଥମୋକ୍ତ କାବ୍ୟ (ପ୍ରଣୟିନୀ) ଅମିତ୍ରାକ୍ଷର ଛନ୍ଦରେ ପାଶ୍ଚାତ୍ୟ କବି ଲର୍ଡ଼ ଟେନିସନ୍ (Lord Tenison)ଙ୍କ ପ୍ରଣୀତ 'Princess' ନାମକ କାବ୍ୟର ଅନୁଛାୟାରେ ରଚିତ ହୋଇଅଛି । ସେପରି ତାଙ୍କର ଅନ୍ୟ ଏକ କାବ୍ୟ 'ଦାସ ନାଏକ' 'Enoch Arden' ନାମକ ଇଂରାଜୀ କାବ୍ୟରୁ ଗୃହୀତ ହୋଇଛି; କିନ୍ତୁ ଭାରତୀୟ ଛାଞ୍ଚରେ ତାହା ସୁଖପାଠ୍ୟ ହୋଇପାରିଛି । ତାଙ୍କ ପ୍ରଣୀତ କାବ୍ୟଗୁଡ଼ିକ ମଧ୍ୟରେ 'କୋଣାର୍କ' ଓ 'ମାୟାଦେବୀ' ଭାଷା ଓ ଭାବ ଦୃଷ୍ଟିରୁ ସର୍ବଶ୍ରେଷ୍ଠ ବୋଲି କୁହାଯିବ ।

୧୯୧୭ ମସିହା ଆଶ୍ୱିନ ପୌର୍ଣ୍ଣମୀ ଦିନ ସତ୍ୟବାଦୀର ପ୍ରିୟ ଛାତ୍ରଙ୍କୁ ସଙ୍ଗରେ ନେଇ ଅଧ୍ୟାପକ ନୀଳକଣ୍ଠ ଓଡ଼ିଶାର ଶ୍ରେଷ୍ଠ ଶିଳ୍ପକଳା ମଣ୍ଡିତ ପ୍ରାଚୀନ କୋଣାର୍କ ମନ୍ଦିରର ଭାସ୍କର୍ଯ୍ୟ ଦେଖାଇଥିଲେ ଏବଂ ସେଥିର ଐତିହାସିକ ତଥ୍ୟ ବୁଝାଇଥିଲେ । ସେଠାରୁ ସମସ୍ତେ ରାମଚଣ୍ଡୀ ମନ୍ଦିରକୁ ଗଲାପରେ ଦୈବାତ୍ ରାତ୍ରିରେ ବାତ୍ୟା ଓ ବୃଷ୍ଟିପାତ ହେଲା । ଛାତ୍ରମାନେ ପଥଶ୍ରାନ୍ତ ହେତୁ ଗଭୀର ନିଦ୍ରାରେ ନିମଗ୍ନ ହୋଇଥାନ୍ତି; ତେଣେ ଘୋର ମେଘାଚ୍ଛନ୍ନ ଆକାଶରୁ ଅବିଶ୍ରାନ୍ତ ବୃଷ୍ଟିପାତ ହେଉଥାଏ । ପିତୃତୁଲ୍ୟ ସ୍ନେହପ୍ରବଣ ନୀଳକଣ୍ଠ ପିଲାଙ୍କୁ ଜଗିରହି ରାତ୍ରିସାରା ଉଜାଗରରେ ବର୍ଷାର ତାଣ୍ଡବ ଲୀଳା ଦେଖୁଥାନ୍ତି । ତାଙ୍କ ସୁକୁମାର କବି-ମାନସରେ କୁମାର ପୌର୍ଣ୍ଣମୀ ଉତ୍ସବ ଦିନର ମଧୁର ସ୍ମୃତି ଜାଗ୍ରତ ହେଲା । ନିଦ୍ରାମଗ୍ନ ଛାତ୍ରମାନଙ୍କ ନିଃସଙ୍ଗ ନିଶ୍ଚଳତା ହେତୁ କାରୁଣ୍ୟର ଛାୟା ତାଙ୍କ ହୃଦୟକୁ ଆଚ୍ଛନ୍ନ କରିଦେଲା । ସେହି ଅପୂର୍ବ ସମ୍ବେଦନଶୀଳ ଅନୁଭୂତି ୧୯୧୯ରେ କାବ୍ୟରୂପେ ପ୍ରକାଶ ପାଇ ଉଜ୍ଜ୍ୱଳ ନକ୍ଷତ୍ରପରି ସାହିତ୍ୟାକାଶର ଶୋଭାବର୍ଦ୍ଧନ କରିଛି । ସେହି କବିତାରୁ ଗୋଟିଏ ଦୁଇଟି ପଙ୍କ୍ତି ଉଲ୍ଲେଖ କଲେ ତାଙ୍କ ରଚନାର ଉତ୍କର୍ଷ ଜଣାପଡ଼ିବ । କୁମାର ପୌର୍ଣ୍ଣମୀ ଦିନ ଓଡ଼ିଶାର ଗୃହେ ଗୃହେ ଉତ୍ସବ ପାଳିତ ହୁଏ । ପରିବାରର ସମସ୍ତେ ନୂଆ ଲୁଗା ପିନ୍ଧି ଆନନ୍ଦ-ଉଲ୍ଲାସରେ ମାତିଥାନ୍ତି । ପିଠାପଣା ପ୍ରସ୍ତୁତକରି ଗୃହିଣୀମାନେ ସନ୍ତାନଙ୍କୁ ବିତରଣ କରନ୍ତି ।

ରାକା ଆକାଶର ପୂର୍ଣ୍ଣଚନ୍ଦ୍ର ପରି ପିଲାଙ୍କ ସରଳ ମୁଖମଣ୍ଡଳ ପ୍ରଫୁଲ୍ଲ ହୋଇଥାଏ । ଏପରି ଏକ ଉତ୍ସବ ଦିନରେ ଛାତ୍ରମାନେ ସୁଦୂର ରାମଚଣ୍ଡୀ ମନ୍ଦିରରେ ଶ୍ରାନ୍ତକ୍ଳାନ୍ତହୋଇ ରାତ୍ରିଯାପନ କରିଥିବାରୁ କବିଙ୍କ ଲେଖନୀ ନୀରବ ହେଲା ନାହିଁ । ତାଙ୍କ ମନର ଉଦ୍‌ବେଳିତ ଭାବ ପ୍ରାଣବନ୍ତ ହେଲା । ସେ ଲେଖିଲେ --

Digitized by PPRACHIN, SOA

"ଲୁଗାରେ ହଳଦୀ ଲଗାଇ
ଚାହିଁଥିବେ ଜନନୀ
ପିଠାପଣା ଖାଉ ନ ଥିବ
ସୁଖେ ଆଜି ଭଗିନୀ ।"

ଗ୍ରାମ୍ୟ ଜୀବନର କି ସୁନ୍ଦର ସାବଲୀଳ ସାମାଜିକ ଚିତ୍ର ଏଇ ଟିକକ ପଦରେ ଫୁଟିଉଠିଛି । କେଡ଼େ କୋମଳ, କେଡ଼େ ସ୍ନେହପ୍ରବଣ ମା'-ଭଉଣୀଙ୍କ ମନ ବିଦେଶରେ ରହିଥିବା ପୁଅଠାରେ । କୁମାର ପୌର୍ଣ୍ଣମୀ ପରି ଉତ୍ସବ ଦିନରେ ନୂଆ ଲୁଗା ପିନ୍ଧିପାରି ନ ଥିବା ପୁତ୍ର ପ୍ରତି ହୃଦୟରେ କି କାରୁଣ୍ୟ ଖେଳାକରେ ତାହା ନୀଳକଣ୍ଠଙ୍କ ଏ ଦୁଇଟି ମାତ୍ର ପଦରେ ପାଠକକୁ ବିମୁଗ୍ଧ କରିଦେଉଛି ।

"ଫାଟି ଯାଉଥିବ ଜାହାଜ
ତାଙ୍କ ହୃଦ ସାଗରେ
ନିରାଶାରେ ଆଶା ଚମକେ
ଥିବେ ସେହି ଜାଗାରେ ।"

ବାତ୍ସଲ୍ୟ ରସରେ ରସାଣିତ ଏପରି ସରଳ-ମଧୁର-ଭାଷା ଓ ଶବ୍ଦ ଯୋଜନା କବି ନୀଳକଣ୍ଠଙ୍କ ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି । ନିରାଡ଼ମ୍ବର ସୌନ୍ଦର୍ଯ୍ୟବୋଧ ଓ ଭାଷାରେ ସେଥିର ସମ୍ୟକ୍ ପରିପ୍ରକାଶ ହିଁ ତାଙ୍କ ରଚନା ସୃଷ୍ଟିର ସାର୍ଥକ ପରିଣତି ତାହାହିଁ କବି-ପ୍ରତିଭାର ପରିମାପକମାନ ଯନ୍ତ୍ର । ଓଡ଼ିଶାର ପ୍ରତିଷ୍ଠିତ କବିମାନଙ୍କ ମଧ୍ୟରେ ରାଧାନାଥ, ମଧୁସୂଦନ, ଗଙ୍ଗାଧର, ଗୋଦାବରୀଶଙ୍କ ପରି ଉଚ୍ଚ-ଆସନ ନୀଳକଣ୍ଠ ମଧ୍ୟ ଅଧିକାର କରିଅଛନ୍ତି । ଏହା ବ୍ୟତୀତ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧାବଳୀ ଓ ଗ୍ରନ୍ଥସମୂହ ତାଙ୍କୁ କବି କୋବିଦ ସ୍ତରରୁ ଉଠାଇ ନେଇ ସୁପ୍ରସିଦ୍ଧ ଜ୍ଞାନ-ଗୌରବମଣ୍ଡିତ ପଣ୍ଡିତ ମଣ୍ଡଳୀର ଉଚ୍ଚ-ଆସନରେ ପ୍ରତିଷ୍ଠିତ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିଗତ ଚରିତ୍ର ମଧ୍ୟ ସେପରି କଠିନ ଓ କୋମଳ ଉପାଦାନର ଏକ ସମନ୍ୱୟରେ ଗଠିତ । ନାରିକେଳର ଆବରଣ ଭିତରେ ସୁମିଷ୍ଟ ଶୀତଳ ଜଳପରି ତାଙ୍କ ଅନ୍ତସ୍ଥଳ ରସାଳ ଓ କରୁଣାର ଆଧାର ହୋଇଥିଲା । ତାଙ୍କ ସହ କେତେକ ସମୟରେ ବିଭିନ୍ନ କାର୍ଯ୍ୟରେ ମୋର ଆଳାପ-ଆଲୋଚନା ହୋଇଛି – ତାଙ୍କ ମୌଳିକ ଚରିତ୍ରକୁ ମୁଁ ଏପରିଭାବେ ଅନୁଧ୍ୟାନ କରିଥିଲି । ୧୯୬୭ ସାଲରେ ଓଡ଼ିଶାର ସେହି ମହାନ୍ ବ୍ୟକ୍ତିତ୍ୱର ଅବସାନ ହେଲା । ଏହାପରେ ଅଦ୍ୟାବଧି ସେହି ଶୂନ୍ୟସ୍ଥାନ ପୂରଣ ହୋଇ ନାହିଁ ।

Digitized by PPRACHIN, SOA

# ଆଧୁନିକ ଭାରତରେ ଓଡ଼ିଶା ଓ ତହିଁରେ ନୀଳକଣ୍ଠଙ୍କ ସ୍ଥାନ

ହରେକୃଷ୍ଣ ମହତାବ

ଭାରତରେ ଆଧୁନିକ ଯୁଗର ପ୍ରଭାବ ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ଶେଷ ପାଦ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ । ପ୍ରଥମେ ଆଧୁନିକତା ପ୍ରବେଶ କଲା ପାଶ୍ଚାତ୍ୟ ଦେଶମାନଙ୍କରେ ବିଜ୍ଞାନର ବିକାଶ ମାଧ୍ୟମରେ ୧୮ଶ ଶତାବ୍ଦୀରେ । ଯେ ପର୍ଯ୍ୟନ୍ତ ମନୁଷ୍ୟ ପ୍ରକୃତି ଉପରେ ନିର୍ଭର କରି ଚଳି ଆସୁଥିଲା, ତାହା ଥିଲା ପ୍ରାଚୀନ । ପ୍ରକୃତି ଯେତେବେଳେ ମନୁଷ୍ୟର ଅଧୀନ ହେଲା ତାହା ହେଲା ଆଧୁନିକ । ବିଜ୍ଞାନ ବଳରେ ପ୍ରକୃତି ଆୟତ୍ତ ହେବାରୁ ଶିଳ୍ପ ବିପ୍ଳବ ସଂଘଟିତ ହେଲା । ଶିଳ୍ପ ବିପ୍ଳବରୁ ଉଦ୍‌ଭୂତ ହେଲା ଜାତୀୟତା ଓ ସାମ୍ରାଜ୍ୟ ବିସ୍ତାର । ପୁଣି ସାମ୍ରାଜ୍ୟ ବିସ୍ତାରରୁ ଜାତ ହେଲା ଅଧିକୃତ ଦେଶମାନଙ୍କରେ ସ୍ୱାଧୀନତାର ପ୍ରୟାସ ଓ ସେଥିପାଇଁ ଆନ୍ଦୋଳନ । ଏହି ସମୟାନୁକ୍ରମେ ଭାରତର ଆଧୁନିକତା ନିର୍ଣ୍ଣୟ କରାହେଉ । ଭାରତର ପ୍ରାଚୀନତା ସହସ୍ର ସହସ୍ର ବର୍ଷର । ବିଶେଷତଃ, ପ୍ରାଚୀନ ଭାରତର ଆଦି ନିର୍ଣ୍ଣୟ କରିବା ବର୍ତ୍ତମାନ ସୁଦ୍ଧା ଦୁଃସାଧ୍ୟ । ଉପନିଷଦ ଯୁଗକୁ ଆଦି ବୋଲି ଧରି ନିଆ ହେଉଥିଲା । ମାତ୍ର ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଫଳରେ ଜଣାଗଲା, ଆର୍ଯ୍ୟମାନଙ୍କ ଆସିବା ପୂର୍ବରୁ ଆଉ ଏକ ଉଚ୍ଚ ସଭ୍ୟତା ଏ ଭୂଖଣ୍ଡରେ ଥିଲା ଏବଂ ଆର୍ଯ୍ୟ ସଭ୍ୟତା ଓ ପୂର୍ବ ଆର୍ଯ୍ୟ ସଭ୍ୟତା ମଧ୍ୟରେ ପ୍ରଥମେ ସଂଘର୍ଷ ଓ ଶେଷରେ ସମନ୍ୱୟ ସ୍ଥାପିତ ହୋଇଥିଲା । ରାମାୟଣ ମହାଭାରତ ଯୁଗକୁ ଅନ୍ତତଃ ଚାରି ପାଞ୍ଚ ହଜାର ବର୍ଷ ପୂର୍ବର ବୋଲି କୁହାଯାଉଛି । ମାତ୍ର ତାହା ମଧ୍ୟ ଅନିଶ୍ଚିତ । ଏଣୁ ଭାରତ ଯେ କେତେ ପ୍ରାଚୀନ ତାହା ନିର୍ଣ୍ଣୟ କରିବା କଠିନ । କିନ୍ତୁ ଭାରତର ଆଧୁନିକ ଯୁଗ ନିର୍ଣ୍ଣୟ କରିବା ଅପେକ୍ଷାକୃତ ସହଜ । ପ୍ରାଚୀନ ଭାରତ ନୂତନ ଅସ୍ତ୍ର ଶସ୍ତ୍ର ଆବିଷ୍କାର କରିଥିବା ଶତ୍ରୁମାନଙ୍କଦ୍ୱାରା ଅଧିକୃତ ହୋଇଛି । କେବଳ ମଜଲ ଲୋଡ଼ିଂ ବନ୍ଧୁକ ବ୍ୟବହାର କରି ବାବର ଏ ଦେଶର ଶାସକ ହେଲେ । ସେହିପରି ଇଂରେଜମାନଙ୍କ ରଣ-କୌଶଳ ଯୋଗେ ଅଳ୍ପସଂଖ୍ୟକ ସୈନ୍ୟ ସିରାଜଉଦ୍ଦୌଲାଙ୍କ ବିଶାଳ ସୈନ୍ୟବାହିନୀକୁ ପଲାଶୀ ଯୁଦ୍ଧରେ ପରାସ୍ତ କଲେ । ପାନିପଥ ଯୁଦ୍ଧମାନଙ୍କର

Digitized by PPRACHIN, SOA

ଇତିହାସ ମଧ୍ୟ କହେ ଉନ୍ନତତର ଯୁଦ୍ଧକୌଶଳ ହେତୁ ଭାରତୀୟ ସୈନ୍ୟମାନେ ପରାଜିତ ହୋଇଥିଲେ । କଳାପାହାଡ଼ ମାତ୍ର ୪୦ ଜଣ ଅନୁଚରଙ୍କ ସହ ପୁରୀ ମନ୍ଦିର ଲୁଣ୍ଠନ କରି ଅପର୍ଯ୍ୟାପ୍ତ ସୁନା ନେଇଯାଇଥିଲା । ସୋମନାଥ ମନ୍ଦିର ଲୁଣ୍ଠନଠାରୁ ପ୍ରାୟ ହଜାରେ ବର୍ଷ ପ୍ରାଚୀନ ଭାରତ ମ୍ରିୟମାଣ ରହି ଅବଶେଷରେ ଭାଗ୍ୟକୁ ଆଦରିଲା । ଶ୍ରୀ ଗୋପାଳକୃଷ୍ଣ ଗୋଖଲେଙ୍କ ପରି ପ୍ରବୀଣ ରାଜନୀତିଜ୍ଞ 'ହିନ୍ଦ୍ ସେବକ ସମାଜ' (Servant of India Society) ର ସଂବିଧାନରେ ଉଲ୍ଲେଖ କରିଥିଲେ ବ୍ରିଟିଶଙ୍କଦ୍ୱାରା ଭାରତ ଶାସିତ ହେବା ବିଧିନିର୍ଦ୍ଦିଷ୍ଟ, ଏଣୁ ଏହାର ଲକ୍ଷ୍ୟ ହେବ ବ୍ରିଟିଶ ସାମ୍ରାଜ୍ୟ ଭିତରେ ଭାରତର ଔପନିବେଶିକ ସ୍ୱାତନ୍ତ୍ର୍ୟ । କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ସାମାଜିକ ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ପ୍ରାଚୀନ ଭାରତ ପରାଜୟକୁ ନତମସ୍ତକ ହୋଇ ଗ୍ରହଣ କଲା । ମୋଗଲ ରାଜତ୍ୱରେ ରାଜପୁତମାନେ ଦରବାରରେ ସମ୍ମାନିତ ସ୍ଥାନ ପାଇବାରୁ ମୟୂରଭଞ୍ଜ ପରି ଦେଶୀୟ ରାଜ୍ୟର ରାଜାମାନେ ନିଜକୁ ରାଜପୁତ ବୋଲି ପରିଚୟ ଦେବାରେ ଲାଗିଲେ । ବଙ୍ଗଦେଶରେ ହିନ୍ଦୁ ଜମିଦାରମାନେ ନିଜ ନାମ ଶେଷରେ ଖାଁ ଯୋଗ କଲେ । ପଣ୍ଡିତମାନେ ଆଲ୍ଲୋପ-ନିଷଦ୍ ରଚନା କଲେ । ସତ୍ୟପୀର ପାଲା ପ୍ରଚଳିତ ହେଲା । ଦେବ ମନ୍ଦିରମାନଙ୍କ ଧ୍ୱଂସ ସାଧନ ହିନ୍ଦୁ ସମାଜକୁ କଳ୍ପନାତୀତ ଭାବରେ ମ୍ରିୟମାଣ କଲା । ପୁଣି ପରେ ଖ୍ରୀଷ୍ଟିୟାନ ମିସନାରୀମାନେ ଏପରି ତୀବ୍ର ଭାବରେ ହିନ୍ଦୁ ଧର୍ମକୁ ଆକ୍ରମଣ କଲେ ଏବଂ ଇଂରେଜ ଶାସନ ସାହାଯ୍ୟରେ ଅନେକ ଅଞ୍ଚଳରେ ଖ୍ରୀଷ୍ଟଧର୍ମ ପ୍ରବର୍ତ୍ତନ କଲେ ଯେଉଁଥିରେ ପ୍ରାଚୀନ ଭାରତ ବସ୍ତୁତଃ ରୁଦ୍ଧଶ୍ୱାସ ଅବସ୍ଥାରେ ଆସି ପହଞ୍ଚି ଯାଇଥିଲା । ଆଜି ଚିନ୍ତାକଲେ ବିସ୍ମିତ ହେବାକୁ ହୁଏ କିପରି ହଜାରେ ବର୍ଷର ଏ ଅବସାଦ ଊନବିଂଶ ଶତାବ୍ଦୀର ଶେଷ ପାଦରୁ କ୍ରମେ ହ୍ରାସ ଲାଭ କରି ଶେଷରେ ବିଂଶ ଶତାବ୍ଦୀର ମଧ୍ୟଭାଗରେ ସମ୍ପୂର୍ଣ୍ଣ ଦୂରୀଭୂତ ହେଲା । ଭାରତରେ ଆଧୁନିକତା ପ୍ରବେଶ କଲା ଇଂରେଜ ସାମ୍ରାଜ୍ୟ ବିସ୍ତାର ପରେ । ବ୍ରିଟିଶ ଶାସନ ପ୍ରତିଷ୍ଠାର ପ୍ରାୟ ଶହେ ବର୍ଷ ପରେ ଭାରତର ଆତ୍ମବୋଧ ଜାଗ୍ରତ ହେଲା । ଆଧୁନିକ ଶିକ୍ଷାର ପ୍ରବର୍ତ୍ତନ ଓ ପାଶ୍ଚାତ୍ୟ ସଭ୍ୟତା ସହିତ ସମ୍ପର୍କ ଭାରତରେ ଏକ ନୂତନ ଯୁଗର ସୂତ୍ରପାତ କଲା । ପୁରାତନ ଗୃହ ଯେପରି ଲୂତାତନ୍ତୁ ଆବୃତ ହୋଇଯାଇଥିଲେ ମଧ୍ୟ ତମୋଗୁଣ ବଶବର୍ତ୍ତୀ ଗୃହସ୍ଥ ନିଜର ଗୃହଟିକୁ ପରିଷ୍କାର ପରିଚ୍ଛନ୍ନ କରେ ନାହିଁ, ସେହିପରି ଭାରତୀୟ ସମାଜରେ ବହୁ ଶତ ବର୍ଷର ଆବର୍ଜନା ଏବଂ ତଦୁପରି ଅନ୍ୟ ସମାଜର ତାଡ଼ନା ଏଥିରେ ଏ ପ୍ରାଚୀନ ସମାଜରେ ତମୋଗୁଣର ପ୍ରାଧାନ୍ୟ ଘଟିଗଲା । ଏଥିପାଇଁ ବଜ୍ରନିର୍ଘୋଷରେ ସ୍ୱାମୀ ବିବେକାନନ୍ଦ ଘୋଷଣା କଲେ ଭାରତରେ ବର୍ତ୍ତମାନ ରଜୋଗୁଣର ଉଦ୍ଦୀପନା ଆବଶ୍ୟକ । ଏହା

Digitized by PPRACHIN, SOA

ଫଳରେ ହିଂସାକାଣ୍ଡ ଘଟୁ ପଛକେ ତମୋଗୁଣକୁ ଦୂର କରିବାକୁ ହେବ । ପାଶ୍ଚାତ୍ୟ ଦେଶମାନଙ୍କରେ ବିବେକାନନ୍ଦ ଯେ ଏକ ଝଡ଼ ସୃଷ୍ଟିକରି ସେଠାରେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ବିଶେଷତଃ ଖ୍ରୀଷ୍ଟିୟାନ୍ ମିଶନେରିମାନଙ୍କୁ ସ୍ତମ୍ଭୀଭୂତ କଲେ ଏଥିରେ ଭାରତୀୟ ସମାଜର କ୍ରମେ ନିଦ୍ରାଭଙ୍ଗ ହେଲା । ଚାହିଁଲା ଚାରିଆଡ଼କୁ ଜାଣିଲା, ତା'ର ମଧ୍ୟ ବିଶ୍ୱରେ ସ୍ଥାନ ଅଛି । ତତ୍‌ପୂର୍ବରୁ ରାଜା ରାମମୋହନ ରାୟ ପ୍ରାଚୀନ ଉପନିଷଦ୍‌ମାନଙ୍କୁ ବ୍ୟାଖ୍ୟା କରି ହିନ୍ଦୁ ସମାଜରେ ପ୍ରବେଶ କରିଯାଇଥିବା କୁସଂସ୍କାରମାନଙ୍କୁ ଦୂର କରିବାକୁ ଯେଉଁ ପ୍ରୟାସ କଲେ ତା'ର ମଧ୍ୟ ପ୍ରଭାବ ଭାରତୀୟ ସମାଜ ଉପରେ ପଡ଼ିଲା । ସେହିପରି ସ୍ୱାମୀ ଦୟାନନ୍ଦଙ୍କ ଆର୍ଯ୍ୟ ସମାଜ ମଧ୍ୟ ନିଜ ପ୍ରଭାବ ବିସ୍ତାର କଲା । ସାମାଜିକ ସ୍ତରରେ ପ୍ରାଚୀନ ଯେପରି ଆଧୁନିକ ହେବାରେ ଲାଗିଲା, ଏହାର ପ୍ରଭାବ ରାଜନୀତି କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କଲା । ପାଶ୍ଚାତ୍ୟ ଦେଶମାନଙ୍କରେ ଶିଳ୍ପ ବିପ୍ଲବ ପରେ ଜାତୀୟତା ଏବଂ ଜାତୀୟ ସ୍ୱତନ୍ତ୍ରତାର ନୂତନ ଭାବଧାରା ପ୍ରବାହିତ ହେଲା । ଏହା ମଧ୍ୟ ଭାରତୀୟ ସମାଜକୁ ଉଦ୍‌ବୁଦ୍ଧ କଲା । ଏହା ସମ୍ଭବ ହେଲା, ବ୍ରିଟିଶ ସହିତ ଭାରତର ସମ୍ପର୍କ ହେତୁ । ଏ ଦେଶରେ ଆଧୁନିକ ଶିକ୍ଷା ପ୍ରବର୍ତ୍ତନ ଇଂରେଜମାନେ କରି ନ ଥିଲେ । ରାଜନୀତିକ ସ୍ତରରେ ମେକଲେଙ୍କୁ ଦୋଷ ଦିଆହୁଏ । ମାତ୍ର ଏହାର ପ୍ରବର୍ତ୍ତକ ରାମମୋହନ ରାୟ ଓ ତାଙ୍କର ସମର୍ଥକମାନେ । ଏମାନଙ୍କ ପ୍ରସ୍ତାବକୁ ମେକଲେ ସମର୍ଥନ ଜଣାଇଥିଲେ ମାତ୍ର ! ଆଜି ବିଚାର କଲେ ସ୍ପଷ୍ଟ ଜଣାଯିବ ସେ ସମୟରେ ଆଧୁନିକ ଶିକ୍ଷା ପ୍ରବର୍ତ୍ତିତ ହୋଇ ନ ଥିଲେ ଏ ଦେଶରେ ସ୍ୱାଧୀନତାର ଅଭିଳାଷ ସୁଦ୍ଧା ଜାଗ୍ରତ ହୋଇ ନ ଥାନ୍ତା । ଆଧୁନିକ ଶିକ୍ଷିତ ବ୍ୟକ୍ତିମାନେ ହିଁ ରାଜନୀତିକ ଆନ୍ଦୋଳନର ସୂତ୍ରଧର ହେଲେ । ଖ୍ରୀ. ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେଲା । ଭୟେ ଭୟେ ଏ ଅନୁଷ୍ଠାନ ଗତି କରି କରି ଶେଷରେ ସ୍ୱାଧୀନତାପାଇଁ ଆନ୍ଦୋଳନ କଲା । ଆଧୁନିକ ଭାରତରେ ଜାତୀୟତାର ପ୍ରବାହ ପ୍ରବଳ ଭାବରେ ବହିବାକୁ ଆରମ୍ଭ କଲା ବିଂଶ ଶତାବ୍ଦୀର ପ୍ରଥମ ଦଶକରେ । ଯୁବକମାନେ ହସି ହସି ଫାଶୀକାଠରେ ଝୁଲିଲେ । କିନ୍ତୁ ବମ୍ ବନ୍ଧୁକଦ୍ୱାରା ଇଂରେଜ ଶାସନକୁ ହଟାଇ ଦେଇଦେବାର ବିଶ୍ୱାସ କ୍ରମେ ହ୍ରାସ ପାଇବାରେ ଲାଗିଲା । ଠିକ୍ ଏହି ସମୟରେ ମହାତ୍ମାଗାନ୍ଧିଙ୍କ ଆବିର୍ଭାବ ଓ ଖ୍ରୀ. ୧୯୧୮ରେ ଅହିଂସାତ୍ମକ ସଂଗ୍ରାମର ଅଭିନବ ଘୋଷଣା । 'ଏ ସରକାରଙ୍କୁ ହଟାଇବାକୁ ହେବ' ଏ ସ୍ୱର ପୁରପଲ୍ଲୀ, ଶିକ୍ଷିତ-ଅଶିକ୍ଷିତ, ଯୁବକ-ବୃଦ୍ଧ, ସ୍ତ୍ରୀ-ବାଳକ ସମସ୍ତଙ୍କ ହୃଦୟ ସ୍ପର୍ଶ କଲା । ଜାତ ହେଲା ଅଦ୍ଭୁତ ଜାତୀୟ ସ୍ୱାଧୀନତାର ଚେତନା ଯାହାର ପରିଣାମ ହେଲା, ୧୯୪୭ରେ ସ୍ୱାଧୀନ ଭାରତ ।

Digitized by PPRACHIN, SOA

ଆର୍ଥନୀତିକ କ୍ଷେତ୍ରରେ ମଧ୍ୟ ନୂତନତ୍ୱ ପ୍ରବେଶ କଲା । ଭାରତର ଅର୍ଥନୀତି ଥିଲା କୃଷିଭିତ୍ତିକ । ବର୍ଣ୍ଣାଶ୍ରମ ନୀତିରେ ବ୍ୟବସାୟ ଭେଦ ଥିଲା । କୃଷି ସହିତ ଗ୍ରାମ ଶିଳ୍ପର ସ୍ଥାନ ନିର୍ଦ୍ଧାରିତ ଥିଲା । କିନ୍ତୁ ଆଧୁନିକତାର ପ୍ରବାହରେ ଏହା ନଷ୍ଟ ହୋଇଗଲା । ଏହିପରି ପାଶ୍ଚାତ୍ୟ ଦେଶରେ ମଧ୍ୟ ହୋଇଛି । ବିଜ୍ଞାନ ଯେତେବେଳେ ବାଷ୍ପର ଶକ୍ତି ଆବିଷ୍କାର କଲା, ଉତ୍ପାଦନ ମନୁଷ୍ୟ ଶ୍ରମଚାଳିତ ନ ହୋଇ ଯନ୍ତ୍ରଚାଳିତ ହେଲା । ଏହା ଫଳରେ ଇଂଲଣ୍ଡର ପ୍ରାଚୀନ ଆର୍ଥନୀତିକ ସ୍ଥିତି ବଦଳିଗଲା । ସେହିପରି ଅନ୍ୟ ଦେଶମାନଙ୍କରେ ଶିଳ୍ପ ବିପ୍ଳବ ଘଟିବାରୁ ଆର୍ଥନୀତିକ ସ୍ଥିତି ବଦଳିଗଲା । ଏ ପ୍ରଭାବ ଭାରତକୁ ସ୍ପର୍ଶ କଲା ବିଳମ୍ବରେ । କାରଣ ଭାରତ ସ୍ୱାଧୀନ ନ ଥିଲା । ଭାରତରେ ଶିଳ୍ପ ବିପ୍ଳବକୁ ପ୍ରବେଶ କରିବାକୁ ଦିଆ ହେଲା ନାହିଁ । ଅଥଚ ଭାରତର କୃଷିଭିତ୍ତିକ ଶିଳ୍ପ ସବୁ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା । ପରାଧୀନତାଜନିତ ଏ ସ୍ଥିତି ମଧ୍ୟ ସ୍ୱାଧୀନତାପାଇଁ ତୀବ୍ର ଅଭିଳାଷ ଜାଗ୍ରତ କଲା । ବ୍ରିଟିଶ ଭାରତରେ ଶିଳ୍ପ ପ୍ରସାରକୁ ପ୍ରଶ୍ରୟ ନ ଦେଲେ ମଧ୍ୟ ବାଣିଜ୍ୟକୁ ପ୍ରଶ୍ରୟ ଦେଇଥିଲେ । ଭାରତବାସୀ ବଣିକ ବ୍ରିଟିଶ ଶିଳ୍ପକୁ ଉତ୍ପାଦନପାଇଁ ମାଲ ଯୋଗାଏ ଏବଂ ସେଠାରୁ ଉତ୍ପାଦିତ ପଦାର୍ଥ ଏ ଦେଶରେ ବିକ୍ରି କରେ । ସ୍ୱାଧୀନତାର ଚେତନା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏ ନୀତି ବିରୋଧରେ ଆନ୍ଦୋଳନ ଆରମ୍ଭ ହେଲା, ଯେଉଁ ଆନ୍ଦୋଳନ ସ୍ୱଦେଶ ଆନ୍ଦୋଳନ ନାମରେ ପ୍ରଖ୍ୟାତ । କ୍ରମେ ବଣିକମାନେ ଶିଳ୍ପପତି ହେଲେ । ଦେଶରେ ଶିଳ୍ପ ପ୍ରସାର କାର୍ଯ୍ୟକ୍ରମ ଚାଲିଲା । ସ୍ୱାଧୀନତା ପରେ ଏ କାର୍ଯ୍ୟକ୍ରମ ଯୋଜନାନୁସାରେ ତ୍ୱରାନ୍ୱିତ ହେଲା । ବ୍ରିଟିଶ ଶାସନର ଦୁଇ ଶହ ବର୍ଷ ମଧ୍ୟରେ ଭାରତରେ ଯେଉଁ ପରିମାଣରେ ଶିଳ୍ପ ଓ ବାଣିଜ୍ୟ ଥିଲା, ସ୍ୱାଧୀନତା ପରେ ମାତ୍ର ତିରିଶ ବର୍ଷ ମଧ୍ୟରେ ତାହାର ବହୁଶତଗୁଣ ଶିଳ୍ପ ଏବଂ ତଦନୁପାତରେ ବାଣିଜ୍ୟ ବୃଦ୍ଧି ପାଇଛି ।

କୃଷିଭିତ୍ତିକ ସମାଜ ଭାଙ୍ଗିଯିବାରୁ ବର୍ଣ୍ଣାଶ୍ରମର ଆଉ ଗୁରୁତ୍ୱ ରହିଲା ନାହିଁ । ଜାତି ରହିଲା ମାତ୍ର ଜାତିଗତ ଜୀବିକା ଭେଦ ରହିଲା ନାହିଁ । ଗଣଶିକ୍ଷା ଫଳରେ ସବୁ ବର୍ଣ୍ଣରେ ନୂତନ ଚେତନା ସୃଷ୍ଟି ହେଲା । ସ୍ୱାଧୀନତା ପରେ ଗଣତନ୍ତ୍ର ସଂବିଧାନରେ ଗଣ ଭୋଟର ବ୍ୟବସ୍ଥା ହେଲା । ଫଳରେ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ରାଜନୀତିକ ଅଧିକାର ମିଳିଲା । ଯେଉଁ ବର୍ଣ୍ଣମାନେ ବର୍ଣ୍ଣାଶ୍ରମ ନିୟମରେ ନୀଚ ବୋଲି ବିବେଚିତ ହେଉଥିଲେ, ସେମାନେ ଜାଗ୍ରତ ହେଲେ ଓ ସେମାନେ ଅଧିକାର ଦାବି କଲେ । ଫଳରେ ଅସ୍ପୃଶ୍ୟତା ଦୂରୀକରଣ ଓ ଅନୁନ୍ନତ ଜାତିମାନଙ୍କର ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହା ବର୍ତ୍ତମାନ ଚାଲିଛି ।

ଏହିଠାରେ ସୂଚାଇ ଦେବାକୁ ହେବ, ରାଜନୀତି ଓ ସମାଜ ନୀତି ଓତପ୍ରୋତ ଭାବରେ ଜଡ଼ିତ । ରାଜାଶ୍ରିତ ବର୍ଣ୍ଣାଶ୍ରମ ଚାଲିଗଲା । ଦେଶରେ ରାଜାମାନେ ଚାଲିଯାଇ

Digitized by PPRACHIN, SOA

ଇଂରେଜ ରାଜା ହେଲେ । ପୁଣି ଗଣତନ୍ତ୍ର ପଦ୍ଧତିରେ ବର୍ଣ୍ଣର କୌଣସି ଗୁରୁତ୍ୱ ରହିଲା ନାହିଁ । ବର୍ତ୍ତମାନ ଦେଶରେ ପୁରାତନ ସମାଜନୀତି ଓ ଆଧୁନିକ ରାଜନୀତି ମଧ୍ୟରେ ଅଲକ୍ଷିତ ଭାବରେ ତୁମୁଳ ସଂଘର୍ଷ ଚାଲିଛି । ପ୍ରାଚୀନ ସମାଜ ନୂତନ ରାଜନୀତିକ ପଦ୍ଧତି ସହିତ ବର୍ତ୍ତମାନ ସୁଦ୍ଧା ଖାପ ଖାଇ ନାହିଁ । ଆଜି ଦେଶରେ ଅଶାନ୍ତିର ମୌଳିକ କାରଣ ଏହି । କାଳକ୍ରମେ ଏହାର ସମାଧାନ ହୋଇଯିବ । ଆଧୁନିକ ଭାରତ ପ୍ରାଚୀନ ଭାରତ ପରି ବିଶ୍ୱରେ ଗୌରବମୟ ସ୍ଥାନ ଅଧିକାର କରିବ ଏଥିରେ ସନ୍ଦେହ ନାହିଁ ।

ବିଗତ ପ୍ରାୟ ଏକ ଶତ ବର୍ଷ ମଧ୍ୟରେ ରାଜନୀତିକ, ଆର୍ଥନୀତିକ ଓ ସାମାଜିକ କ୍ଷେତ୍ରମାନଙ୍କରେ ଯେଉଁ ପରିବର୍ତ୍ତନ ଘଟିଛି ସେଥିର ପ୍ରବାହ ସାହିତ୍ୟ ଉପରେ ମଧ୍ୟ ପଡ଼ିଛି । ମନୁଷ୍ୟର ଚେତନା ବିକାଶରୁ ସାହିତ୍ୟର ଜନ୍ମ । ପରିସ୍ଥିତି ସହିତ ଚେତନାର ସମ୍ପର୍କ । ଏଣୁ ପରିସ୍ଥିତି ହିଁ ସାହିତ୍ୟ ସୃଷ୍ଟି କରିଥାଏ । ଆଧୁନିକ ଭାରତର ସାହିତ୍ୟ କ୍ରମେ କ୍ରମେ ପ୍ରାଚୀନ ସାହିତ୍ୟକୁ ସମ୍ମାନର ସହିତ ବିଦାୟ ଦେଇଛି । କିନ୍ତୁ ପାଶ୍ଚାତ୍ୟ ଦେଶମାନଙ୍କ ସାହିତ୍ୟର ସ୍ଥିତି ସହିତ ତୁଳନା କଲେ ଭାରତୀୟ ସାହିତ୍ୟର ବିଶେଷତ୍ୱ ପରିଲକ୍ଷିତ ହୁଏ । ପ୍ରାଚୀନ ଗ୍ରୀକ୍ ସାହିତ୍ୟର ପ୍ରଭାବ ପାଶ୍ଚାତ୍ୟ ସବୁ ସାହିତ୍ୟରୁ ପ୍ରାୟ ଲୋପ ପାଇଛି । କିନ୍ତୁ ଭାରତରେ ବାଲ୍ମୀକି ଓ ବ୍ୟାସଙ୍କ ପ୍ରଭାବ ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ । ଠିକ୍ ଏହିପରି ଚୀନ୍ ସାହିତ୍ୟର ସ୍ଥିତି । ହଜାର ହଜାର ବର୍ଷ ପୂର୍ବର ସାହିତ୍ୟ ଆଜିସୁଦ୍ଧା ସମ୍ପୂର୍ଣ୍ଣ ପରିବର୍ତ୍ତିତ ପରିସ୍ଥିତିରେ ଚୀନ୍‌ରେ ଆଲୋଚିତ ହେଉଛି । ଆଧୁନିକ ଭାରତରେ ଯେତେବେଳେ ସମାଜ ସଂସ୍କାର ପ୍ରତି ମନୀଷୀମାନଙ୍କ ଦୃଷ୍ଟି ଗଲା, ସେତେବେଳେ ସାହିତ୍ୟ ମଧ୍ୟ ସେଥିରେ ଅଗ୍ରଣୀ ହେଲା । ପୁଣି ଯେତେବେଳେ ଜାତୀୟ ସ୍ୱତନ୍ତ୍ରତା ପ୍ରବାହ ବହିବାକୁ ଆରମ୍ଭ ହେଲା, ସେତେବେଳେ ସାହିତ୍ୟ ମଧ୍ୟ ତାହାର ଅଗ୍ରଦୂତ ହେଲା । ଭାରତର ସମସ୍ତ ପ୍ରାଦେଶିକ ସାହିତ୍ୟରେ ପରିବର୍ତ୍ତନ ଘଟିଲା । ଓଡ଼ିଆ ସାହିତ୍ୟ ସହିତ ପରିଚିତ ବଙ୍ଗ ସାହିତ୍ୟରୁ କେତୋଟି ଉଦାହରଣ ଦେଉଛି । ମାଇକେଲ୍ ମଧୁସୂଦନ ଦତ୍ତଙ୍କ 'ମେଘନାଦ ବଧ' ପ୍ରାଚୀନ ସାହିତ୍ୟର ଅନୁଗାମୀ । କିନ୍ତୁ ବଙ୍କିମଚନ୍ଦ୍ର, ଦ୍ୱିଜେନ୍ଦ୍ର ଲାଲ ରାୟ, ନବୀନ ସେନ୍, ରମେଶଚନ୍ଦ୍ର ଦତ୍ତ ଏମାନେ ସମସ୍ତେ ରାଜକର୍ମଚାରୀ ଥିଲେ ମଧ୍ୟ ସେମାନଙ୍କ ସାହିତ୍ୟ ଜାତୀୟତାର ପରିପୋଷକ ଥିଲା । ବଙ୍କିମଚନ୍ଦ୍ର, ଓଡ଼ିଶାର ଯାଜପୁର ଓ ଭଦ୍ରକରେ ସବ୍‌ଡିଭିଜନ ଅଫିସର ଥିଲେ, ତାଙ୍କରି ଲିଖିତ 'ଆନନ୍ଦ ମଠ' ପରବର୍ତ୍ତୀ ଯୁଗରେ ବିପ୍ଳବୀମାନଙ୍କ ଉତ୍ସାହବର୍ଦ୍ଧକ ସାହିତ୍ୟ ହୋଇଛି । ତାଙ୍କର 'ବନ୍ଦେ ମାତରମ୍' ସଙ୍ଗୀତ ଆଜିସୁଦ୍ଧା ଜାତୀୟତା ଉଦ୍ଦୀପକ ହୋଇରହିଛି । ଆସାମର ବେଜ୍‌ବରୁଆ ସମ୍ବଲପୁରରେ ବହୁ ବର୍ଷ ରହି ଆସାମୀ ଭାଷାରେ ଆଧୁନିକ

Digitized by PPRACHIN, SOA

ସାହିତ୍ୟର ସୂତ୍ରପାତ କରିଥିଲେ । ସେ ଏଠାରେ ଏକ କମ୍ପାନୀର କର୍ମକର୍ତ୍ତା ଥିଲେ । କେବଳ ଜାତୀୟତା ନୁହେଁ, ସମାଜ ସଂସ୍କାରକ ସାହିତ୍ୟ ମଧ୍ୟ ବହୁ ପରିମାଣରେ ଲିଖିତ ହୋଇଛି । ଏହାର କାରଣ ବଙ୍ଗ ଦେଶରେ ବ୍ରାହ୍ମ ସମାଜ ହିଁ ନବଚେତନାର ଜନ୍ମଦାତା । ବଙ୍ଗ-ଭଙ୍ଗ ଆନ୍ଦୋଳନରେ ଭାରତର ଜାତୀୟତା ଯେପରି ପ୍ରଶ୍ରୟ ପାଇଲା, ସେଥିରେ ବଙ୍ଗ, ମରହଟ୍ଟା, ହିନ୍ଦୀ ପ୍ରଭୃତି ଅନ୍ୟ ପ୍ରାଦେଶିକ ସାହିତ୍ୟ ମଧ୍ୟ ତଦନୁସାରେ ପ୍ରଭାବିତ ହେଲେ । ବଙ୍ଗ-ଭଙ୍ଗ ଆନ୍ଦୋଳନ ହିଁ ଭାରତରେ ବିପ୍ଳବ ପରିକଳ୍ପନାର ସୂତ୍ରପାତ କରିଥିଲା । ସେ ବିପ୍ଳବର କାହାଣୀ ଆଜିସୁଦ୍ଧା ରୋମାଞ୍ଚ ଜାତ କରାଏ । ପୁଣି ହିଂସାତ୍ମକ ବିପ୍ଳବ ପରେ ଯେତେବେଳେ ମହାତ୍ମାଗାନ୍ଧିଙ୍କ ଅହିଂସାତ୍ମକ ଆନ୍ଦୋଳନ ଚାଲିଲା, ସେତେବେଳେ ହିନ୍ଦୀ, ଗୁଜରାଟ, ଆନ୍ଧ୍ର, ତାମିଲ ପ୍ରଭୃତି ସାହିତ୍ୟ ଯେତେ ପରିମାଣରେ ପ୍ରଭାବିତ ହୋଇଛି ସେତେ ବଙ୍ଗ ମରହଟ୍ଟା ସାହିତ୍ୟ ହୋଇ ନାହିଁ । କାରଣ ଏ ଦୁଇଟି ପ୍ରଦେଶରେ ଅହିଂସାତ୍ମକ ବିପ୍ଳବର ଦର୍ଶନ ସବୁ ସ୍ତରରେ ଗୃହୀତ ହୋଇ ନ ଥିଲା । ବଙ୍ଗର ଶ୍ରୀଅରବିନ୍ଦ ଏବଂ ମହାରାଷ୍ଟ୍ର ବାଳ ଗଙ୍ଗାଧର ତିଳକ ଏମାନଙ୍କ ଦର୍ଶନ ମହାତ୍ମାଗାନ୍ଧିଙ୍କ ଦର୍ଶନଠାରୁ ପୃଥକ ଥିଲା । ସ୍ୱାଧୀନତାପାଇଁ ଗଣଆନ୍ଦୋଳନ ୧୯୨୦ ରୁ ୧୯୪୭ ସାଲ ପର୍ଯ୍ୟନ୍ତ ଚାଲିଥିଲା । ଇତି ମଧ୍ୟରେ ସବିନୟ ଆଇନ୍ ଅମାନ୍ୟ ସତ୍ୟାଗ୍ରହ, ବ୍ୟବସ୍ଥାପକସଭା ବର୍ଜନ ଓ ପୁଣି ଅଧିକାର ଇତ୍ୟାଦି ଯେତେ କାର୍ଯ୍ୟକ୍ରମ ଚାଲିଥିଲା ଏହାର ପ୍ରଭାବ ବଙ୍ଗ, ମରହଟ୍ଟା, ହିନ୍ଦୀ ପ୍ରଭୃତି ସାହିତ୍ୟମାନଙ୍କ ଉପରେ ପଡ଼ିଛି । ବିଶେଷତଃ, ଏହାର ପ୍ରଭାବ ଗୁଜରାଟ ଓ ଦକ୍ଷିଣ-ଭାରତର ସାହିତ୍ୟମାନଙ୍କ ଉପରେ ପଡ଼ିଛି । ବଙ୍ଗ ସାହିତ୍ୟ ଚରମ ଉତ୍କର୍ଷ ଲାଭ କରି ରବୀନ୍ଦ୍ର ସାହିତ୍ୟରେ ପହୁଞ୍ଚିଲା ।

ଊନବିଂଶ ଶତାବ୍ଦୀର ଭାବଧାରା ଥିଲା ଜାତୀୟତା । ଏହି ଭାବଧାରା ଯୋଗେ ସ୍ୱାଧୀନତାପାଇଁ ଜାତି ଜାତି ମଧ୍ୟରେ ସଂଘର୍ଷ । ବିଂଶ ଶତାବ୍ଦୀର ଭାବଧାରା ହେଲା ସମାଜବାଦ । ଏ ଭାବଧାରା ଭାରତରେ ପ୍ରବେଶ କରିଛି ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲାବେଳେ । ଏହା ଦୃଢ଼ୀଭୂତ ହେଲା ସ୍ୱାଧୀନତା ପରେ । ଭାରତର ସମ୍ବିଧାନ ଗଣତାନ୍ତ୍ରିକ ସମାଜବାଦଭିତ୍ତିକ ହେଲା । ସମାଜବାଦଦ୍ୱାରା ବଙ୍ଗ ସାହିତ୍ୟ ଅନ୍ୟ ସାହିତ୍ୟମାନଙ୍କ ଅପେକ୍ଷା ବେଶି ପ୍ରଭାବିତ ହୋଇଛି । ମାତ୍ର ବିଶ୍ଳେଷଣ କଲେ ଜଣାଯିବ ବଙ୍ଗ ସାହିତ୍ୟ ବା ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟ ମାର୍କ୍ସଙ୍କ ଶ୍ରେଣୀ ସଂଘର୍ଷକୁ ଭିତ୍ତିରୂପେ ଗ୍ରହଣ କରି ନାହିଁ ।

ଦରିଦ୍ର ଦୁଃସ୍ଥ ଅବହେଳିତ ନିଷ୍ପେଷିତ ଶ୍ରେଣୀପ୍ରତି ସହାନୁଭୂତି ଏବଂ ସେମାନଙ୍କୁ ଆନ୍ଦୋଳନ ମାଧ୍ୟମରେ ସାହାଯ୍ୟ ପହୁଞ୍ଚାଇବା ହେଉଛି ସାଧାରଣ ମାନବିକତାର ଦର୍ଶନ । ଏହା ଭାରତର ମଧ୍ୟ ପରମ୍ପରା । ମାର୍କ୍ସବାଦ ହେଉଛି ସର୍ବହରାକୁ

Digitized by PPRACHIN, SOA

ସଂଗଠିତ କରି ଧନିକ ଶ୍ରେଣୀକୁ ଲୋପ କରିବା ଏବଂ ସମ୍ପତ୍ତିରେ ବ୍ୟକ୍ତିଗତ ଅଧିକାରକୁ ଲୋପ କରିବା । ଏ ଲକ୍ଷ୍ୟ ହାସଲପାଇଁ ହିଂସାତ୍ମକ ବିପ୍ଳବ ହିଁ ଆବଶ୍ୟକ । ରୁଷିଆ, ଚୀନ୍ ପ୍ରଭୃତି କମ୍ୟୁନିଷ୍ଟ ଦେଶମାନଙ୍କରେ ଯେପରି ମାର୍କ୍‌ସପନ୍ଥୀ ସାହିତ୍ୟ ସୃଷ୍ଟି ହୋଇଛି ଏବଂ ପ୍ରସାର ଲାଭ କରିଛି ସେପରି ଭାରତରେ ହୋଇ ନାହିଁ । କିନ୍ତୁ ଲେନିନ୍‌ଙ୍କୁ କେନ୍ଦ୍ରକରି ପଶ୍ଚିମବଙ୍ଗରେ ବହୁଳ ଗଣ ସାହିତ୍ୟ ସୃଷ୍ଟି ହୋଇଛି ।

ଭାରତ ସ୍ୱାଧୀନ ହେଲା । କିନ୍ତୁ ସ୍ୱାଧୀନତାର ଉଦ୍ଦୀପନା ବହୁ ପରିମାଣରେ ବ୍ୟାହତ ହେଲା, ଦେଶଟି ଦୁଇ ଭାଗରେ ବିଭକ୍ତ ହେବାରୁ । ଯେଉଁ ବଙ୍ଗ-ଭଙ୍ଗ ଆନ୍ଦୋଳନକୁ ବିପ୍ଳବରେ ପରିଣତ କରିଥିଲା, ସେହି ବଙ୍ଗ ସ୍ୱାଧୀନତା ପରେ ବଙ୍ଗ-ଭଙ୍ଗକୁ ଗ୍ରହଣ କଲା । ଏହା ଅନିବାର୍ଯ୍ୟ ଥିଲା । କିନ୍ତୁ ଏଥିରେ ବଙ୍ଗବାସୀଙ୍କ ଭାବଧାରା ପୂର୍ବପରି ସ୍ରୋତସ୍ୱିନୀ ନଦୀପରି ଗତିଶୀଳ ନ ହୋଇ, ସ୍ଥାଣୁପ୍ରାୟ ଅବସ୍ଥାକୁ ଆସିଯାଇଛି । ଏହାକୁ ସମାଜବାଦ ଉଦ୍ଧାର କରିବାକୁ ପ୍ରୟାସ କରୁଛି ମାତ୍ର ବଙ୍ଗ ସାହିତ୍ୟରେ ପୂର୍ବର ଉଦ୍ଦାମତା ନାହିଁ । ବର୍ତ୍ତମାନ ଏହା କେବଳ ପୂର୍ବ ପରମ୍ପରାର ବେଗରେ ଚାଲିଛି ।

ଭାରତରେ ଆଧୁନିକତା ସମ୍ବନ୍ଧରେ ଏହି ସଂକ୍ଷିପ୍ତ ବିବରଣୀ ଜାଣିଲା ପରେ ଓଡ଼ିଶାର ସ୍ଥିତି ବିଚାର କରିବା ସହଜ ହେବ । ପ୍ରଥମତଃ, ଇଂରେଜ ଶାସନ ଫଳରେ ଆଧୁନିକୀକରଣର ସୁଯୋଗ ଓ ସୁବିଧା ଯେପରି ଅନ୍ୟ ପ୍ରଦେଶମାନଙ୍କୁ ମିଳିଲା ଓଡ଼ିଶାକୁ ତାହା ମିଳିଲା ନାହିଁ । ତାହାର କାରଣ ଆଜିର ଓଡ଼ିଶା ସେ ସମୟରେ ତିନୋଟି ପ୍ରଦେଶର ଶେଷ ଭାଗରେ ପ୍ରାଦେଶିକ କେନ୍ଦ୍ରର ଦୃଷ୍ଟିର ବହୁ ଦୂରରେ ଥିଲା । ସମ୍ବଲପୁର ମଧ୍ୟପ୍ରଦେଶରେ, ଉପକୂଳବର୍ତ୍ତୀ ଜିଲ୍ଲାମାନ ବଙ୍ଗ ପ୍ରଦେଶରେ ଏବଂ ଗଞ୍ଜାମ, କୋରାପୁଟ ପ୍ରଭୃତି ମାନ୍ଦ୍ରାଜ ପ୍ରଦେଶରେ । ଏତଦ୍‌ବ୍ୟତୀତ ଏହି ଜିଲ୍ଲାମାନ ବହୁ ଗଡ଼ଜାତ ସମୂହ ମଧ୍ୟରେ ସମୁଦ୍ର ଭିତରେ ଦ୍ୱୀପପରି ହୋଇ ରହିଥିଲେ । ଏ ଗଡ଼ଜାତମାନଙ୍କରେ ଇଂରେଜ ଶାସନ ପ୍ରବର୍ତ୍ତିତ ଆଇନ୍‌ର ଶାସନ ନ ଥିଲା । ଏପରିକି ପ୍ରଦେଶାନ୍ତର୍ଗତ କେତେକ ଅଞ୍ଚଳ ମଧ୍ୟ ଆଇନର ଶାସନର ବହିର୍ଭୂତ ଥିଲେ, ଯଥା – ଅନୁଗୁଳ, ଗଞ୍ଜାମର ମାଳ ଅଞ୍ଚଳ ଫୁଲବାଣୀ, କୋରାପୁଟ ପ୍ରଭୃତି । ବଙ୍ଗ ଏବଂ ମାନ୍ଦ୍ରାଜ ସହିତ ଇଂରେଜ ଶାସନର ସମ୍ପର୍କ ବହୁ ପୂର୍ବରୁ ଥିବାରୁ ସେଠାରେ ଆଧୁନିକ ଶିକ୍ଷାର ପ୍ରସାର ବହୁ ପୂର୍ବରୁ ହୋଇଥିଲା । ଓଡ଼ିଶାରେ ଆଧୁନିକ ଶିକ୍ଷାର ପ୍ରସାରପାଇଁ ଉଦ୍ୟମ ହେଲା ଖ୍ରୀ. ୧୮୬୬ରେ, ଦୁର୍ଭିକ୍ଷରେ ପ୍ରାୟ ଦଶ ଲକ୍ଷ ଜୀବନ ଯିବାପରେ । ଏ ମର୍ମନ୍ତୁଦ ଘଟଣା ସାରା ପୃଥିବୀରେ ଏପରି ଚହଳ ପକାଇଥିଲା ଯେ ବ୍ରିଟିଶ ଶାସନ ଏହାର କାରଣ ଅନୁସନ୍ଧାନରେ ତତ୍ପର ହେଲେ । ଗୋଟିଏ କାରଣ ସ୍ପଷ୍ଟ ଜଣାପଡ଼ିଲା ଯେ ଆଧୁନିକ ଶିକ୍ଷା ନ ଥିବାରୁ ଲୋକେ ସେମାନଙ୍କ ଦୁର୍ଦ୍ଦଶା ସରକାରଙ୍କୁ ଜଣାଇ ପାରିଲେ ନାହିଁ ।

Digitized by PPRACHIN, SOA

Prof. J.K.Samal ଏ ସମ୍ବନ୍ଧୀୟ ସେ କାଳର କାଗଜପତ୍ର ତାଙ୍କର 'Orissa under the British Crown' ପୁସ୍ତକରେ ପ୍ରକାଶ କରିଛନ୍ତି । ତା'ପରେ ଆରମ୍ଭ ହେଲା କେତୋଟି ହାଇସ୍କୁଲ ଏବଂ ଦୁର୍ଭିକ୍ଷ ସମୟର କମିସନର ଟି. ରେଭେନ୍‌ସାଙ୍କ ଉଦ୍ୟମରେ କଲେଜଟିଏ ସ୍ଥାପିତ ହେଲା । ଏ ଶିକ୍ଷା ପ୍ରସାର ଲାଭ କରିବାକୁ ବହୁ ବର୍ଷ ଲାଗିଲା । ଶିକ୍ଷା ପ୍ରସାର ଦିଗରେ ଓଡ଼ିଶା ବଙ୍ଗଠାରୁ ପ୍ରାୟ ପଚାଶ ବର୍ଷ ପଛରେ ରହିଲା । ଇତି ମଧରେ ଇଂରେଜ ଶାସନରେ କର୍ମଚାରୀ ହେବାପାଇଁ ତତ୍‌କାଳୀନ ବଙ୍ଗୀୟ ଇଂରେଜୀ ଶିକ୍ଷିତ ଲୋକଙ୍କୁ ଆଣିବାକୁ ହେଲା । ଆଜି ଶୁଣିଲେ ବିସ୍ମିତ ହେବେ ୧୯୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ୍‌ମାନଙ୍କରେ ମଧ ବଙ୍ଗାଳୀ ଶିକ୍ଷକ ଥିଲେ ଏବଂ କୋର୍ଟ କଚେରିରେ ବଙ୍ଗାଳୀ ଓକିଲମାନେ ଥିଲେ । ଓଡ଼ିଶାର ଏ ଦୁର୍ଦ୍ଦଶାରେ ହିନ୍ଦୀଭାଷୀମାନେ ସମ୍ବଲପୁରକୁ ହିନ୍ଦୀଭାଷୀ କରିବାକୁ ଉଦ୍ୟମ କଲେ ଓ ବଙ୍ଗଭାଷୀମାନେ ଓଡ଼ିଆ ଭାଷାକୁ ଲୋପ କରିଦେଇ ଓଡ଼ିଶାରେ ବଙ୍ଗଭାଷା ଚଳାଇବାପାଇଁ ବିପୁଳ ଉଦ୍ୟମ କଲେ । ଏପରି ଉଦ୍ୟମ ଇଂରେଜୀ ଶିକ୍ଷାରେ ଗବତ ତତ୍‌କାଳୀନ ଶାସନର ସହାୟକ ବଙ୍ଗଭାଷୀମାନେ ଆସାମରେ ଚଳାଇ ଆସାମୀ ଭାଷାକୁ ଲୋପ କରିଦେଇ ସେଠାରେ ବଙ୍ଗ ଭାଷା ପ୍ରଚଳନ କରାଇଥିଲେ । ଦୀର୍ଘ ତିରିଶ ବର୍ଷ ପରେ ଆସାମବାସୀ ଆସାମୀ ଭାଷା ଫେରିପାଇଲେ । କିନ୍ତୁ ସୌଭାଗ୍ୟର ବିଷୟ ସମ୍ବଲପୁରର ତତ୍‌କାଳୀନ ନେତାମାନଙ୍କ ଉଦ୍ୟମରେ ସମ୍ବଲପୁରରେ ଓଡ଼ିଆ ଭାଷା ରହିଲା ଓ ସମ୍ବଲପୁର ଓଡ଼ିଶାରେ ମିଶିଲା । ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଭାଷା ସଂଗ୍ରାମରେ ଓଡ଼ିଆ ଭାଷା ଜୟୀ ହେଲା । କିନ୍ତୁ ଗଞ୍ଜାମରେ ତେଲଗୁ ଭାଷାହିଁ ସରକାରୀ ଭାଷା ହୋଇରହିଲା । ଏହାହିଁ ସେ ଅଞ୍ଚଳରେ ଓଡ଼ିଆମାନଙ୍କ ହୃଦୟରେ ଏକ ଗଭୀର ବେଦନା ହୋଇ ରହିଥିଲା । ଗଡ଼ଜାତମାନଙ୍କରେ ରାଜାମାନେ ପ୍ରଥମେ ଡିଭିଜନେଲ୍ କମିସନର ପରେ ପଲିଟିକାଲ ଏଜେଣ୍ଟଙ୍କ ଅଧୀନସ୍ଥ ହୋଇ ଶାସନ ଚଳାଇଲେ । ପ୍ରତ୍ୟକ୍ଷ ଇଂରେଜ ଶାସିତ ଅଞ୍ଚଳମାନଙ୍କରେ ଦ୍ୱିବିଧ ଶାସନ ରେଗୁଲେଟେଡ୍ ଅର୍ଥାତ୍ ଆଇନ୍‌ର ଶାସନ ଓ ନନ୍ ରେଗୁଲେଟେଡ୍ ଅର୍ଥାତ୍ ଅଫିସରଙ୍କ ନିର୍ଦ୍ଦେଶ ଏପରି ଚାଲିଲା । ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଜମିଜମା ଆଇନ୍ ପ୍ରଚଳିତ ହେଲା । ଆଜିକାଲି ବିଶ୍ୱାସ କରିବେ କି ସ୍ୱାଧୀନତା ପୂର୍ବରୁ କୋରାପୁଟ୍, ଫୁଲବାଣୀ, ଅନୁଗୁଳ ପ୍ରଭୃତି ଅଞ୍ଚଳରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ହିଁ ସର୍ବେସର୍ବା ଥିଲେ । ଯାହାହେଉ ବିଭିନ୍ନ ପ୍ରଦେଶରେ ଖଣ୍ଡବିଖଣ୍ଡ ଓଡ଼ିଶା ଏବଂ ସେଥିରେ ପୁଣି ବିଭିନ୍ନ ଶାସନ ବିଧି ଏଥିରେ ଇଂରେଜ ଶାସନ ପରି ଏକ ଦୃଢ଼ ଉନ୍ନତ ଆଧୁନିକ ଶାସନର ସୁବିଧା ଅନ୍ୟ ପ୍ରଦେଶମାନେ ଯେପରି ପାଇଲେ ଓଡ଼ିଶାକୁ ତାହା ମିଳିଲା ନାହିଁ । ଇଂରେଜ ଶାସନରେ ଆଧୁନିକତାର ସୁବିଧା ହେଉଛି, ଯଥା – ରେଳ ଯୋଗାଯୋଗ, ଶିକ୍ଷାର ପ୍ରସାର ଓ ସମସ୍ତଙ୍କ ପ୍ରତି

Digitized by PPRACHIN, SOA

ସମାନ ଆଇନର ପ୍ରଚଳନ । ଏ ସବୁରୁ ଓଡ଼ିଶା ବଞ୍ଚିତ ହେଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଇଂଲଣ୍ଡର ଶିଳ୍ପ ବ୍ୟବସାୟ ଦୃଷ୍ଟିରୁ ଏବଂ ଏ ବିଶାଳ ଦେଶରେ କେନ୍ଦ୍ରୀଭୂତ ଶାସନର ଆବଶ୍ୟକତା ବିଚାରରେ ସମଗ୍ର ଭାରତରେ ମାତ୍ର ତିନୋଟି ବନ୍ଦରଭିତ୍ତିକ ନଗର ସ୍ଥାପନରେ ବ୍ରତୀ ହେଲେ – କଲିକତା, ମାନ୍ଦ୍ରାଜ ଏବଂ ବମ୍ବେ । କଲିକତା ହେଲା ଶାସନର କେନ୍ଦ୍ର । ଏହି କେନ୍ଦ୍ର ସହିତ ମାନ୍ଦ୍ରାଜର ଯୋଗାଯୋଗପାଇଁ ରେଳ ଲାଇନ ଓଡ଼ିଶାର ଉତ୍ତରାଞ୍ଚଳ ଦେଇ କଲିକତାରୁ ବମ୍ବେ, ଓଡ଼ିଶାର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ସହିତ ରେଲ ଯୋଗାଯୋଗ ନ ହେବାରୁ ଓଡ଼ିଶାର ସଂହତି ବ୍ୟାହତ ହେଲା । ପୂର୍ବେ କୁହାଯାଇଛି ଆଧୁନିକ ଶିକ୍ଷା ଓଡ଼ିଶାରେ ବହୁ ବିଳମ୍ବରେ ପ୍ରବର୍ତ୍ତିତ ହେଲା । ଶାସନର କାର୍ଯ୍ୟ ଚଳାଇବାପାଇଁ ଶିକ୍ଷିତ ବଙ୍ଗାଳୀ ଏବଂ ଗଞ୍ଜାମରେ ଶିକ୍ଷିତ ଆନ୍ଧ୍ର ବା ତାମିଲମାନଙ୍କୁ ନିଯୁକ୍ତ କରାହେଲା ।

ଆର୍ଥନୀତିକ କ୍ଷେତ୍ରରେ ଏପରି କେତେକ ଶାସନଗତ ବ୍ୟବସ୍ଥା ହେଲା ଯଦ୍ୱାରା ଓଡ଼ିଶାର ଆର୍ଥନୀତିକ ମେରୁଦଣ୍ଡ ଭାଙ୍ଗିଗଲା । ଶାସନର ପ୍ରଥମରେ ଇଂଲଣ୍ଡର ଲିଭରପୁଲ ଲବଣ ବ୍ୟବସାୟୀଙ୍କ ସ୍ୱାର୍ଥରେ ଓଡ଼ିଶାର ଉପକୂଳବର୍ତ୍ତୀ ଲବଣ ଶିଳ୍ପକୁ ବନ୍ଦ କରିଦିଆହେଲା । ସେତେବେଳେ କୃଷି ସାଙ୍ଗକୁ ଏହି ଶିଳ୍ପଟି ଜନତାର ସହାୟକ ଥିଲା । ଯୋଜନାନୁସାରେ ଜାୟଗିରି ଜମିଦାରୀ ମଧ ସ୍ୱତ୍ୱାଧିକାରୀ ଇତ୍ୟାଦି ଭୋଗ କରୁଥିବା ମଧ୍ୟବିତ୍ତ ଶ୍ରେଣୀଟି ମଧ ଲୋପ କରିଦିଆହେଲା । ଏଇଥିପାଇଁ ଖ୍ରୀ. ୧୮୨୦ରେ ବିଖ୍ୟାତ ପାଇକ ବିଦ୍ରୋହ ହୋଇଥିଲା । ଏ ବିଦ୍ରୋହକୁ କେବଳ ଦମନ କରାହେଲା ତାହା ନୁହେଁ; ତା'ପରେ ଓଡ଼ିଆମାନଙ୍କୁ ସୈନ୍ୟବିଭାଗରେ ନିଆହେବ ନାହିଁ ବୋଲି ଯେଉଁ ନୀତି ନିର୍ଦ୍ଦିଷ୍ଟ ହେଲା ସେଥିରେ ଓଡ଼ିଆ ଜାତି ମ୍ରିୟମାଣ ହୋଇଗଲା । ବଙ୍ଗଦେଶରେ ସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ କରିବାଦ୍ୱାରା ସେଠାରେ ଏକ ସୁଦୃଢ଼ ମଧ୍ୟବିତ୍ତ ଶ୍ରେଣୀ ଗଠିତ ହେଲା । କିନ୍ତୁ ଓଡ଼ିଶାରେ ଅସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ କରିବାଦ୍ୱାରା ମଧ୍ୟବିତ୍ତ ଶ୍ରେଣୀଟିଏ ଗଠିତ ହୋଇପାରିଲା ନାହିଁ । ଦେଶର ସବୁ କ୍ଷେତ୍ରରେ ନେତୃତ୍ୱ ମଧ୍ୟବିତ୍ତ ଶ୍ରେଣୀ ହିଁ ନେଇଥାଆନ୍ତି । ଏହି ମଧ୍ୟବିତ୍ତ ଶ୍ରେଣୀଟି ହେତୁ ଆଜି ଅନ୍ୟ ପ୍ରଦେଶମାନେ ସବୁ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି । ଏପରିକି ଆଜି ସବୁ ମତବାଦର ରାଜନୀତିକ ନେତାମାନେ ଏହି ମଧ୍ୟବିତ୍ତ ଶ୍ରେଣୀର । ଓଡ଼ିଶାରେ ଏହି ଶ୍ରେଣୀଟିର ଅଭାବ ହେତୁ ସବୁ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ିଯାଇଛି । ମଧ୍ୟବିତ୍ତ ଶ୍ରେଣୀଟି ହିଁ ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ପ୍ରବେଶ କରନ୍ତି । ସେହି ଶ୍ରେଣୀଟି ହିଁ ରାଜନୀତି କରନ୍ତି । ସେହି ଶ୍ରେଣୀଟି ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଏବଂ ସହାୟକ ହୁଅନ୍ତି । ଓଡ଼ିଶାରେ ଗଡ଼ଜାତ ରାଜାମାନଙ୍କୁ ଛାଡ଼ିଦେଲେ ଅଳ୍ପସଂଖ୍ୟକ ସ୍ଥାୟୀ ବନ୍ଦୋବସ୍ତ ଭୋଗ କରୁଥିବା ଜମିଦାର ଏବଂ ମୁଷ୍ଟିମେୟ ମଠାଧୀଶ ମଧ୍ୟବିତ୍ତ ଶ୍ରେଣୀର ହୋଇରହିଲେ । ଶିକ୍ଷା ପ୍ରସାର ଲାଭ କରି

Digitized by PPRACHIN, SOA

ନ ଥିବାରୁ ଓଡ଼ିଆ ଡାକ୍ତର, ଇଂଜିନିୟର ବା ବଡ଼ ଓକିଲଙ୍କ ସଂଖ୍ୟା ଅଳ୍ପ । ସୁଦୃଢ଼ ମଧ୍ୟବିତ୍ତ ଶ୍ରେଣୀଟିଏ ଓଡ଼ିଶାରେ ଆଜି ମଧ୍ୟ ନାହିଁ ।

ଏହି ପରିସ୍ଥିତିରେ ଆଧୁନିକ ଭାରତର କାଳକ୍ରମେ ଜାତ ହେଉଥିବା ବିଭିନ୍ନ ପ୍ରବାହ ଓଡ଼ିଶାରେ ପ୍ରବେଶ କରିପାରିଲା ନାହିଁ । ସମାଜ ସଂସ୍କାରର ଯେଉଁ ପ୍ରବାହ ଅନ୍ୟ ପ୍ରଦେଶରେ ଚାଲିଲା ଓଡ଼ିଶାରେ ତାହା କ୍ଷୀଣ ଭାବରେ ସ୍ପର୍ଶ କରିଥିଲା । ଫକୀରମୋହନ, ଭକ୍ତକବି ମଧୁସୂଦନ ପ୍ରଭୃତି ଅଳ୍ପ କେତେକ ବିଶିଷ୍ଟ ବ୍ୟକ୍ତି ସମାଜ ସଂସ୍କାର ଦିଗରେ ଅଗ୍ରଣୀ ହେଲେ; ମାତ୍ର ସାଧାରଣ ସ୍ତରରେ ସମାଜ ସଂସ୍କାର କାର୍ଯ୍ୟକାରୀ ହେଲା ନାହିଁ । ଓଡ଼ିଶାରେ ବ୍ରାହ୍ମଧର୍ମ ଯେ କିଛି ହେଲେ ସ୍ଥାନ ପାଇଲା ତାହା ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓଡ଼ିଶାରେ ତାଙ୍କର ଥିବା ବିସ୍ତୃତ ଜମିଦାରୀକୁ ଆସୁଥିବାରୁ ।

ସାହିତ୍ୟରେ ସଂସ୍କାରମୂଳକ ଲେଖା ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟରେ ଓ ଜଗମୋହନ ଲାଲାଙ୍କ ନାଟକରେ ସାମାନ୍ୟ ପ୍ରକାଶ ପାଇଥିଲା । ମାତ୍ର ଏହାଙ୍କୁ କୁସଂସ୍କାର ବିରୋଧରେ ଅଭିଯାନ ବୋଲି କହିହେବ ନାହିଁ । ବ୍ରାହ୍ମ ସଂସ୍କାରକମାନେ ଖ୍ରୀଷ୍ଟିୟାନମାନଙ୍କ ପରି ପ୍ରାଚୀନ ପରମ୍ପରାକୁ ଯେପରି ନିଷ୍ଠୁରଭାବେ ସମାଲୋଚନା କଲେ, ତା'ର କଠୋର ପ୍ରତିକ୍ରିୟା ପ୍ରକାଶ ପାଇଲା ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ଓ ଲେଖାରେ । ବିବେକାନନ୍ଦ ବାସ୍ତବିକ ଭାରତୀୟ ସମାଜକୁ ଗଭୀର ତନ୍ଦ୍ରାରୁ ଜାଗ୍ରତ କରାଇଲେ । ବିବେକାନନ୍ଦଙ୍କ ପ୍ରଚାର ସଂସ୍କାର ଓ ଜାତୀୟତାକୁ ଉଦ୍‌ବୁଦ୍ଧ କଲା । ଏ ଜାତିର ଉପନିଷଦ୍ ଯୁଗର ଗୌରବମୟ ଇତିହାସକୁ ସେ ବଜ୍ରନିର୍ଘୋଷରେ ସ୍ମରଣ କରାଇଦେଲେ । ସ୍ୱାମୀ ବିବେକାନନ୍ଦ ଓଡ଼ିଆ ସମାଜ ଉପରେ ପ୍ରଭୂତ ପ୍ରଭାବ ପକାଇଥିଲେ ମଧ୍ୟ ସାହିତ୍ୟ ବା ସାଧାରଣ ଜୀବନରେ ତାହା କୌଣସି ରୂପରେ ପ୍ରକାଶିତ ହେଲା ନାହିଁ । ସେହିପରି ଜାତୀୟତାର ଉଦ୍ଦୀପନାଜନିତ ପରାଧୀନତାର ବିରୋଧୀ ପ୍ରବାହରେ ବଙ୍ଗ, ମାନ୍ଦ୍ରାଜ, ମହାରାଷ୍ଟ୍ର ପ୍ରଭୃତି ପ୍ରଦେଶମାନେ ପ୍ଲାବିତ ହେଉଥିଲେ ମଧ୍ୟ ଓଡ଼ିଶାରେ ତାହା ପ୍ରବେଶ କରି ନ ଥିଲା । ଏପରି କି ଖ୍ରୀ. ୧୯୧୪ରେ ବାଲେଶ୍ୱର ନିକଟବର୍ତ୍ତୀ ଚଷାଖଣ୍ଡ ଗ୍ରାମରେ ଯତୀନ୍ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବିପ୍ଳବୀମାନଙ୍କ ସହିତ ସଶସ୍ତ୍ର ପୋଲିସର ଯେଉଁ ସଂଘର୍ଷ ହୋଇଥିଲା ଏବଂ ଯାହା ଆଜି ଚଷାଖଣ୍ଡକୁ ବଙ୍ଗାଳୀମାନଙ୍କପାଇଁ 'ରକ୍ତତୀର୍ଥ'ରେ ନାମିତ କରିଛି ତାହାର ଲେଶ ସୁଦ୍ଧା ଓଡ଼ିଶାକୁ ସ୍ପର୍ଶ କରି ନ ଥିଲା । ଏଥିପାଇଁ ଦାୟୀ ସେ ସମୟର ଓଡ଼ିଆ ସାହିତ୍ୟ । ରାଧାନାଥ, ମଧୁସୂଦନ, ଗଙ୍ଗାଧର ସାହିତ୍ୟିକମାନେ ସ୍ୱଦେଶର ବନ୍ଦନା କରିଛନ୍ତି; କିନ୍ତୁ ସେମାନେ ପରାଧୀନତା ବିରୋଧରେ ପରୋକ୍ଷ ଭାବରେ ସୁଦ୍ଧା ସ୍ୱର ଉଠାଇ ନାହାନ୍ତି । ସେମାନେ ସରକାରୀ ଅଫିସର ଥିଲେ, ଏ କୈଫିୟତ ଯୁକ୍ତିଯୁକ୍ତ ନୁହେଁ । ବଙ୍କିମଚନ୍ଦ୍ର, ଦ୍ୱିଜେନ୍ଦ୍ର ଲାଲ ରାୟ,

Digitized by PPRACHIN, SOA

ନବୀନ ସେନ, ରମେଶ ଦତ୍ତ ପ୍ରମୁଖ ଶାସନ ବିଭାଗର ଉଚ୍ଚପଦସ୍ଥ ଅଫିସର ଥିଲେ ମଧ୍ୟ ସେମାନଙ୍କ ସାହିତ୍ୟ ସ୍ୱାଧୀନତାପ୍ରାପ୍ତି ଉଦ୍ଦୀପନା ସୃଷ୍ଟି କରୁଥିଲା । ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଜାତୀୟ ଗର୍ବର କିଞ୍ଚିତ୍ ସୂଚନା ମିଳେ । ଅନ୍ୟଥା ରାଧାନାଥଙ୍କ ପ୍ରକୃତି ଚିତ୍ରଣକୁ ବାଦ ଦେଲେ ଅନ୍ୟ କାବ୍ୟଗୁଡ଼ିକରେ ଯେଉଁ ଚରିତ୍ରମାନ ଉପସ୍ଥାପିତ କରିଛନ୍ତି, ସେଥିରେ ସମାଜ ଗର୍ବ ଅନୁଭବ କରିବା ପରିବର୍ତ୍ତେ ଲଜ୍ଜା ଅନୁଭବ କରିବ । ମଧୁସୂଦନ ରାଓ ଭକ୍ତକବି ଥିଲେ । ସେ ସମୟର ଯେତେ ଲେଖକ କେହି ଜାତୀୟତା ପ୍ରବାହକୁ ଅନୁଭବ କରୁଥିବା ପରି ମନେହେଉ ନାହିଁ । ଜାତୀୟତା କହିଲେ କେବଳ ସ୍ୱଦେଶର ବନ୍ଦନା ନୁହେଁ ; ଜାତୀୟତା ହେଉଛି ସ୍ୱଦେଶକୁ ବିଦେଶୀ ଶାସନରୁ ଉଦ୍ଧାରର ଭାବ । ଓଡ଼ିଆ ସାହିତ୍ୟର ଏ ଦୁର୍ବଳତା ଆଜିସୁଦ୍ଧା ଅଛି । ୧୯୨୧ ପରେ ଯେଉଁ ଜାତୀୟ ସାହିତ୍ୟ ସୃଷ୍ଟି ହୋଇଛି ସେ ସାହିତ୍ୟକାରମାନଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ଥାନ ଦିଆ ହେଉ ନାହିଁ । ବହୁ ବିଳମ୍ବରେ ଗୋପବନ୍ଧୁଙ୍କୁ ସାମାନ୍ୟ ସ୍ଥାନ ଦିଆଯାଇଛି । ଅଥଚ ସେସମୟର ଓଡ଼ିଆ ଜାତୀୟ ସାହିତ୍ୟ କେବଳ ଓଡ଼ିଶାରେ ନୁହେଁ ପ୍ରତିବେଶୀ ବଙ୍ଗ ଦେଶର ମେଦିନୀପୁର ଜିଲ୍ଲାରେ ମଧ୍ୟ ଉନ୍ମାଦନା ସୃଷ୍ଟି କରିଥିଲା ।

ଏହିପରି ପାଶ୍ଚାତ୍ୟ ଶାସନର ଆଧୁନିକତା ଓଡ଼ିଶା ପକ୍ଷରେ ଘଟିଲା ନାହିଁ । ସାହିତ୍ୟ ମଧ୍ୟ ସଂକୁଚିତ ହୋଇ ରହିଲା । ଜାତି ପକ୍ଷରେ ଏହା ଏକ ସଂକଟଜନକ ଅବସ୍ଥା । କିନ୍ତୁ ନିଜକୁ ପ୍ରାଚୀର ମଧ୍ୟରେ ବେଷ୍ଟିତ କରି ରଖିଲେ ମଧ୍ୟ ନାନା ସୂତ୍ରରେ ଭାରତୀୟ ଭାବଧାରା ଓଡ଼ିଶାରେ ପ୍ରବେଶ କରିବାକୁ ଆରମ୍ଭ କଲା । ଶିକ୍ଷା ପ୍ରସାର ଦିଗରେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରାହେଲା ସେଥିରେ ବହୁ ଜାତୀୟତାବାଦୀ ବଙ୍ଗାଳୀ ଶିକ୍ଷକ ଓଡ଼ିଶାର ସ୍କୁଲମାନଙ୍କୁ ଆସିଲେ । ପ୍ରଖ୍ୟାତ ରାଜନୀତିକ ନେତା ବିପିନ ବିହାରୀ ପାଲ କଟକ ପ୍ୟାରୀମୋହନ ଏକାଡେମୀର ହେଡ୍‌ମାଷ୍ଟର ହୋଇ ଆସିଥିଲେ । ଏହି ଶ୍ରେଣୀର ବହୁ ବଙ୍ଗାଳୀ ଶିକ୍ଷକ ସେତେବେଳ ବିଭିନ୍ନ ସ୍କୁଲରେ ଶିକ୍ଷକ ହେଲେ । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ବଙ୍ଗାଳୀମାନେ ବୈପ୍ଳବିକ୍ ଭାବଧାରାକୁ ନିଜ ରକ୍ତ ମାଂସରେ ମିଶାଇ ଦେଇଥିଲେ । ସେମାନେ ଶିକ୍ଷା ମାଧ୍ୟମରେ ସ୍ୱାଧୀନତାର ଭାବଧାରା ସୃଷ୍ଟି କରୁଥିଲେ । ପଣ୍ଡିତ ନୀଳକଣ୍ଠ ନିଜ ଆତ୍ମଜୀବନୀରେ ସେ ଦୁଇ ଜଣ ଶିକ୍ଷକଙ୍କ ନାମ ଉଲ୍ଲେଖ କରିଛନ୍ତି ଯେଉଁମାନେ ବିପ୍ଳବରେ ବିଶ୍ୱାସୀ ହୋଇ ସବୁପ୍ରକାର ସ୍ୱୀକାର ତ୍ୟାଗ କରିଥିବେ ।

ନୀଳକଣ୍ଠ ଏବଂ ତାଙ୍କର କେତେକ ସହପାଠୀ ଛାତ୍ରାବସ୍ଥାରେ ପ୍ରତିଜ୍ଞା କଲେ ସେମାନେ ସରକାରୀ ବା କୌଣସି ଚାକିରି ନ କରି ଦେଶ ସେବାରେ ଜୀବନକୁ ନିୟୋଜିତ କରିବେ । ଏହା ସେ ସମୟର ପରିସ୍ଥିତିରେ ଏକ ବୈପ୍ଳବିକ ଚିନ୍ତା ଓ ସିଦ୍ଧାନ୍ତ । ବିଶ୍ଳେଷଣ କଲେ ଜଣାଯିବ ଏହା ଥିଲା ସେ ସମୟର ଶିକ୍ଷକମାନଙ୍କର

Digitized by PPRACHIN, SOA

ଛାତ୍ରମାନଙ୍କ ଉପରେ ନୈତିକ ପ୍ରଭାବ । ନୀଳକଣ୍ଠଙ୍କ ଛାତ୍ର ଜୀବନର ଏକ ବିଶେଷ ଘଟଣା ସମ୍ବଲପୁରର ସ୍ୱର୍ଗତ ଭରତ ଚନ୍ଦ୍ର ନାୟକ ତାଙ୍କ ଜୀବନୀରେ ଉଲ୍ଲେଖ କରିଛନ୍ତି । ନୀଳକଣ୍ଠ ଭରତ ଚନ୍ଦ୍ରଙ୍କ ସହିତ କଲେଜରେ ସହପାଠୀ ଥିଲେ । ୧୯୦୫ ସାଲ ଅପ୍ରେଲ ମାସରେ ଇଂରେଜ ସରକାରଙ୍କ ଦୁଇଟି ଘୋଷଣା ଦିନକ ପରେ ଦିନେ ପ୍ରକାଶିତ ହେଲା । ଗୋଟିଏ ହେଉଛି ବଙ୍ଗପ୍ରଦେଶ· ଦ୍ୱିଭାଗରେ ବିଭକ୍ତ ହେବ: ଆଉ ଗୋଟିଏ ହେଉଛି ସମ୍ବଲପୁର ଓଡ଼ିଶାରେ ମିଶିବ । ସମ୍ବଲପୁର ଘୋଷଣାନେଇ ସମ୍ବଲପୁର ଛାତ୍ରମାନେ ଉଲ୍ଲସିତ ହୋଇ ଆମୋଦ ପ୍ରମୋଦର ବ୍ୟବସ୍ଥା କଲେ । ବଙ୍ଗାଳୀ ଛାତ୍ରମାନେ ମର୍ମାହତ ହୋଇ ସ୍ଥିର କଲେ ନଗ୍ନ ପାଦରେ ଏକ ନୀରବ ଶୋଭାଯାତ୍ରା କରିବେ । ନୀଳକଣ୍ଠ ସମ୍ବଲପୁର ଛାତ୍ରମାନଙ୍କ ସହିତ ଯୋଗ ନ ଦେଇ ବଙ୍ଗାଳୀ ଛାତ୍ରମାନଙ୍କ ସହିତ ଯୋଗଦେଇଥିଲେ । ଛାତ୍ରାବସ୍ଥାରୁ ତାଙ୍କ ମନରେ ବୈପ୍ଳବିକ ଭାବ ଘୋଷଣାର ଏହା ଏକ ସୂଚନା । ସେତେବେଳର ବଙ୍ଗାଳୀ ହଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ସମ୍ବଲପୁର ଛାତ୍ରମାନଙ୍କୁ ଆମୋଦପ୍ରମୋଦପାଇଁ ଟଙ୍କାଏ ଲେଖାଏଁ ଜୋରିମାନା କରିଥିଲେ । ପରେ ଅବଶ୍ୟ ତାହାକୁ ଛାଡ଼ କରିଦିଆଯାଇଥିଲା । ସେତେବେଳର ବଙ୍ଗାଳୀ ଶିକ୍ଷକ ଓ ଅଧ୍ୟାପକମାନଙ୍କଦ୍ୱାରା ବୈପ୍ଳବିକ ଜାତୀୟତାର ଭାବ କିପରି ଛାତ୍ର ମହଲରେ ପ୍ରସାରିତ ହୋଇଥିଲା, ତାହାର ଏ ଏକ ସୂଚନା । ଏପରିକି ଆମେ ଛାତ୍ରାବସ୍ଥାରେ ବଙ୍ଗାଳୀ ଶିକ୍ଷକମାନଙ୍କଦ୍ୱାରା ଜାତୀୟ ରାଜନୀତିରେ ଉଦ୍‌ବୁଦ୍ଧ ହେଉଥିଲୁଁ । ୧୯୪୨ ସାଲ ଭାରତଛାଡ଼ ଆନ୍ଦୋଳନରେ ରେଭେନ୍‌ସା କଲେଜର ଯେଉଁ ଛାତ୍ରମାନେ କାରାବରଣ କରିଥିଲେ ସେମାନେ ପୁରୀରେ ଆସି ଲୁଚି ରହିଥିବା ଜଣେ ବଙ୍ଗାଳୀ ବିପ୍ଳବୀ ଯୁବକଙ୍କଦ୍ୱାରା ପ୍ରଭାବିତ ହୋଇଥିଲେ ।

କେହି କେହି କହିଛନ୍ତି ମଧୁସୂଦନ ଦାସଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ସତ୍ୟବାଦୀ ସ୍କୁଲ ପ୍ରତିଷ୍ଠା କଲେ । ଏହା ଭ୍ରମାତ୍ମକ । ସରକାରୀ ଚାକିରି ନ କରିବାର ସିଦ୍ଧାନ୍ତ ମଧୁବାବୁଙ୍କ ଖ୍ୟାତି ପୂର୍ବରୁ ନୀଳକଣ୍ଠ ଏବଂ ସହକର୍ମୀମାନେ ଗ୍ରହଣ କରିଥିଲେ । ମଧୁବାବୁଙ୍କ ପୂର୍ବରୁ ପ୍ୟାରୀମୋହନ ଶିକ୍ଷା ପ୍ରସାର ଦିଗରେ ଅଗ୍ରସର ହୋଇ ଏକାଡେମୀ ସ୍ଥାପନ କରିଥିଲେ । ମଧୁବାବୁ ପ୍ରସିଦ୍ଧ ହେଲେ ବଙ୍ଗ ବ୍ୟବସ୍ଥାପକସଭାରେ ବିଭିନ୍ନ ଉଚ୍ଚକୋଟୀର ଭାଷଣ ଓ ଚିନ୍ତାଧାରା ଯୋଗେ । ସେ ଓଡ଼ିଆମାନଙ୍କ ମନରୁ ହୀନମନ୍ୟତା ଦୂର କରିଥିଲେ । ସେ ଥିଲେ ସେସମୟର ଗୋପାଳଚନ୍ଦ୍ର ଗୋଖଲେଙ୍କ ପରି ଇଂରେଜ ଶାସନରେ ବିଶ୍ୱାସୀ ଏବଂ ସେହି ଶାସନରେ ଦେଶର ସର୍ବାଙ୍ଗୀଣ ଉନ୍ନତି ସାଧନ କରିବାପାଇଁ ପ୍ରୟାସୀ । ଏମାନଙ୍କୁ ମଡରେଟ୍ ରାଜନୀତିକ ବ୍ୟକ୍ତି ବୋଲି ଆଖ୍ୟା ଦିଆ ହେଉଥିଲା । ମଧୁବାବୁ ଥିଲେ ସେ ସମୟର ଭାରତର ଚିନ୍ତାନାୟକମାନଙ୍କ ମଧ୍ୟରେ ଅନ୍ୟତମ ।

Digitized by PPRACHIN, SOA

ଏହି ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀର ସୃଷ୍ଟିର ଇତିହାସ ଜାଣିବା ଦରକାର । ୧୮୮୫ ରେ ଭାରତୀୟ ଜାତୀୟ କଂଗ୍ରେସ ସେ ସମୟର ପ୍ରଖ୍ୟାତ ଓକିଲ, ବାରିଷ୍ଟର ଓ ସେହି ଶ୍ରେଣୀର ବ୍ୟକ୍ତିମାନଙ୍କଦ୍ୱାରା ଗଠିତ ହୋଇଥିଲା । ଏଥିରେ ଓଡ଼ିଶାରୁ ମଧୁବାବୁ, ଗୌରୀଶଙ୍କରବାବୁ, ବାଲେଶ୍ୱରର ମହାରାଜା ବୈକୁଣ୍ଠନାଥ ଦେ ପ୍ରଭୃତି ଯୋଗ ଦେଉଥିଲେ । ଖ୍ରୀ. ୧୮୮୭ ରେ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ବର୍ମା ସମ୍ବନ୍ଧରେ କେତେକ ସମସ୍ୟା ଉତ୍‌ଥାପିତ ହେଲା । ସେହି ଅଧିବେଶନରେ ସ୍ଥିର ହେଲା ଯେ ପ୍ରାଦେଶିକ ସମସ୍ୟାମାନ ବିଚାର କରିବାପାଇଁ ପ୍ରାଦେଶିକ ସମ୍ମିଳନୀମାନ ଅନୁଷ୍ଠିତ ହେଉ; ଜାତୀୟ କଂଗ୍ରେସରେ କେବଳ ଭାରତୀୟ ସମସ୍ୟାମାନ ଆଲୋଚିତ ହେଉ । ଏହି ସିଦ୍ଧାନ୍ତ ଅନୁସାରେ ବଙ୍ଗପ୍ରଦେଶରେ (ବିହାର, ଓଡ଼ିଶା ଓ ଆସାମକୁ ମିଶାଇ) ଖ୍ରୀ. ୧୮୮୮ରେ ପ୍ରାଦେଶିକ ସମ୍ମିଳନୀର ଆରମ୍ଭ ହେଲା । ଏଥିରେ ଓଡ଼ିଶାର ପ୍ରତିନିଧି ହିସାବରେ ମଧୁବାବୁ ପ୍ରମୁଖ ଯୋଗ ଦେଇଥିଲେ । ଖ୍ରୀ. ୧୯୦୨ରେ ମଧୁବାବୁ ବଙ୍ଗ ପ୍ରାଦେଶିକ ସମ୍ମିଳନୀକୁ ଓଡ଼ିଶାକୁ ଆମନ୍ତ୍ରଣ କଲେ ଏବଂ ସେ ଆମନ୍ତ୍ରଣ ଗୃହୀତ ହେଲା । ମଧୁବାବୁ ଏ ସମ୍ମିଳନୀର ଆୟୋଜନ କରିବାରୁ, ଗଞ୍ଜାମରେ ତତ୍‌କାଳୀନ ଖଲିକୋଟ ରାଜାବାହାଦୁର, ହରିହର ପଣ୍ଡା ପ୍ରମୁଖ ବ୍ୟକ୍ତିମାନେ ଏଥିରେ ପ୍ରବଳ ବାଧା ସୃଷ୍ଟି କଲେ । ସେତେବେଳକୁ ଗଞ୍ଜାମରେ ଓଡ଼ିଆ ଭାଷା ରକ୍ଷା କରିବାପାଇଁ ଓଡ଼ିଆ ନେତାମାନେ ଉଦ୍ୟମ ଚଳାଇଥାନ୍ତି ଏବଂ ଓଡ଼ିଶା ସହିତ ମିଶିବାପାଇଁ ଆଗ୍ରହ ପ୍ରକାଶ କରୁଥାନ୍ତି । ଏମାନଙ୍କ ଯୁକ୍ତି ହେଲା ଯଦି କଟକରେ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ହୋଇଯାଏ ତେବେ ଗଞ୍ଜାମ ଏକଘରିଆ ହୋଇଯିବ । ସେତେବେଳକୁ ସମ୍ବଲପୁର ମଧ ଓଡ଼ିଶାରେ ମିଶି ନ ଥାଏ । ଏହି ସମସ୍ୟା ଆଲୋଚନା କରିବାପାଇଁ ବ୍ରହ୍ମପୁରରେ ଏକ ସଭା ଆହୂତ ହେଲା । ସେଥିରେ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ବ୍ୟକ୍ତିମାନେ ଓଡ଼ିଆ ଭାଷାଭାଷୀମାନଙ୍କ ସମ୍ମିଳନୀ କରିବାପାଇଁ ଦାବି କଲେ । ଏହା ଗୃହୀତ ହେଲା । ୧୯୦୨ରେ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ହୋଇ ନାହିଁ । ୧୯୦୩ ରେ ମଧ ହୋଇ ନାହିଁ । ୧୯୦୩ ରେ ଓଡ଼ିଆ ଭାଷାଭାଷୀମାନଙ୍କ ଉତ୍କଳ ସମ୍ମିଳନୀ କଟକରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଦେଶ ମିଶ୍ରଣ ହେଲା ଏହି ସମ୍ମିଳନୀର କାର୍ଯ୍ୟକ୍ରମ । ତେଣୁ ଉତ୍କଳ ସମ୍ମିଳନୀର ନାମ ଉତ୍କଳ ୟୁନିଅନ୍ କନ୍‌ଫରେନ୍‌ସ । ଏହାର ପ୍ରତିଷ୍ଠାପାଇଁ ଗଞ୍ଜାମବାସୀଙ୍କୁ ଧନ୍ୟବାଦ ଦେବାକୁ ହେବ । ଏ ସମ୍ମିଳନୀ ଓଡ଼ିଆମାନଙ୍କ ମଧରେ ନୂତନ ଜାଗରଣ ସୃଷ୍ଟି କଲା । ବଙ୍ଗାଳୀ ଓ ତେଲଙ୍ଗାଙ୍କ ପ୍ରଭାବରେ ଓଡ଼ିଆମାନେ ଯେ ଚାପି ହୋଇଯାଇଥିଲେ, ସେ ଚାପରୁ ସେମାନଙ୍କୁ ମୁକ୍ତ କରିବାରେ ସମ୍ମିଳନୀ ସମର୍ଥ ହେଲା । ଏ ସମ୍ମିଳନୀରେ ଗୋପବନ୍ଧୁ ଯୋଗ ଦେଇଥିଲେ ଏବଂ ଏହାର

Digitized by PPRACHIN, SOA

ଏକ ଅଧିବେଶନରେ ସଭାପତି ମଧ୍ୟ ହୋଇଥିଲେ । କିନ୍ତୁ ସରକାରୀ ଚାକିରି କରିବେ ନାହିଁ ସିଦ୍ଧାନ୍ତ କରି ନୀଳକଣ୍ଠ ପ୍ରଭୃତି ଯେଉଁ ଯୁବକମାନେ ଦେଶ ସେବାର ବ୍ରତ ନେଇଥିଲେ ସେହିମାନଙ୍କୁ ନେଇ ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ କଲେ । ଏ ବିଦ୍ୟାଳୟ ଭାରତୀୟ ପ୍ରବାହ ସହିତ ଘନିଷ୍ଠ ସମ୍ପର୍କ ରଖି ଚାଲିଲା । ତଦନୁସାରେ ସାହିତ୍ୟ ମଧ୍ୟ ସୃଷ୍ଟି ହେଲା । ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ସୁଦୂର ଅତୀତର ଗୌରବମୟ ଇତିହାସକୁ ଯୁବକମାନଙ୍କୁ ସ୍ମରଣ କରାଇଦେଲା । ଓଡ଼ିଆଙ୍କ ମଧ୍ୟରେ ଅତୀତ ପ୍ରତି ଗର୍ବଭାବ ଜାତ କରିବାପାଇଁ 'ଖାରବେଳ' ଓ 'କୋଣାର୍କେ' କାବ୍ୟ ଆକାରରେ ଲେଖିଲେ । ଓଡ଼ିଶା ଇତିହାସରେ ପ୍ରଖ୍ୟାତ ଖାରବେଳ ଏବଂ କୋଣାର୍କ ନିର୍ମାଣରେ ନରସିଂହଦେବଙ୍କୁ କେବଳ ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ସ୍ଥାନ ଦେଇଛନ୍ତି । ସମାଜ ସଂସ୍କାର ଦିଗରେ ସାହସ ସହକାରେ ନୀଳକଣ୍ଠ ପ୍ରାଚୀନ ବ୍ରାହ୍ମଣ ଶାସନରେ ମଧ୍ୟ ଆଗଭର ହୋଇ ବାହାରିଲେ । ସେତେବେଳର 'ସତ୍ୟବାଦୀ' ପତ୍ରିକାରେ ନୀଳକଣ୍ଠଙ୍କ ଲେଖା ନୂତନ ଉନ୍ମାଦନା ସୃଷ୍ଟି କଲା । ଜାତୀୟ କଂଗ୍ରେସରେ ମଡରେଟପନ୍ଥୀମାନଙ୍କ ପ୍ରଭାବ କ୍ରମଶଃ ହ୍ରାସ ପାଇ ଆସୁଥିଲା । ମଧୁବାବୁ ୧୯୧୩ ପର୍ଯ୍ୟନ୍ତ କଂଗ୍ରେସ ଅଧିବେଶନରେ ଯୋଗ ଦେଉଥିଲେ । ତା'ପରେ କଂଗ୍ରେସ ଇତିହାସରେ ତାଙ୍କ ନାମ ମିଳେ ନାହିଁ । ଗୋପବନ୍ଧୁ ୧୯୧୬ରେ ପୁରୀରେ ଜାତୀୟ କଂଗ୍ରେସର ଏକ ଜିଲ୍ଲା ଶାଖା ସ୍ଥାପନ କଲେ ଓ କଂଗ୍ରେସରେ ସକ୍ରିୟ ଅଂଶ ଗ୍ରହଣ କଲେ ।

ଉତ୍କଳ ସମ୍ମିଳନୀର ପ୍ରଥମାବସ୍ଥାରେ ବଙ୍ଗ ଦେଶରେ ବଙ୍ଗ-ଭଙ୍ଗ ବିରୋଧୀ ଆନ୍ଦୋଳନରେ ବିଦେଶୀ ବର୍ଜନ ଓ ସ୍ୱଦେଶୀ ବ୍ୟବହାର ପ୍ରଚାର ଏକ ଅଂଶ ଥିଲା । କଲିକତା ସହିତ ମଧୁବାବୁଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ସେ ଉତ୍କଳ ସମ୍ମିଳନୀ ପ୍ରଚାର କାର୍ଯ୍ୟରେ ଚାରିଆଡ଼କୁ ନ ଯାଇ ସ୍ୱଦେଶୀର ମଧ୍ୟ ପ୍ରଚାର କରୁଥିଲେ । ଏହି ମହତ୍ତ୍ୱପୂର୍ଣ୍ଣ ବିଷୟଟି ମଧୁବାବୁଙ୍କ ଜୀବନୀ ଲେଖକମାନେ ଦର୍ଶାଇ ନାହାନ୍ତି । କିନ୍ତୁ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି । ବଙ୍ଗ-ଭଙ୍ଗ ଆନ୍ଦୋଳନ ହିଂସାତ୍ମକ ଥିବାରୁ ଏହାକୁ ଦମନ କରିବାକୁ ଇଂରେଜ ସରକାର ସମର୍ଥ ହୋଇଥିଲେ । ପରେ ପରେ ଗାନ୍ଧିଙ୍କ ଅହିଂସା ଆନ୍ଦୋଳନର ସୂତ୍ରପାତ ହେଲା । ଏ ଆନ୍ଦୋଳନ ଜାତୀୟତାକୁ ଉପର ଶ୍ରେଣୀର ଉଚ୍ଚଶିକ୍ଷିତ ଶ୍ରେଣୀରୁ ଆଣି ବିଶାଳ ଅଶିକ୍ଷିତ ଦରିଦ୍ର ଜନତା ମଧ୍ୟରେ ପହୁଞ୍ଚାଇ ଦେଲା । ଏହି ପରିବର୍ତ୍ତନକୁ ଓଡ଼ିଶାରେ ସତ୍ୟବାଦୀ ଗୋଷ୍ଠୀ ପ୍ରବର୍ତ୍ତନ କରାଇଥିଲେ । ଗୋପବନ୍ଧୁ ୧୯୧୬ରେ କଂଗ୍ରେସରେ ସକ୍ରିୟଭାବେ ଯୋଗ ଦେଇଥିଲେ । ୧୯୨୦ ଡିସେମ୍ବର ଶେଷରେ ସେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସର ବିଶେଷ ଅଧିବେଶନରେ ଯୋଗଦେଇ ଫେରିବା ବାଟରେ ସିଂହଭୂମରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଯୋଗଦେଲେ । ସମ୍ମିଳନୀର ଉଦ୍ଦେଶ୍ୟ

Digitized by PPRACHIN, SOA

ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣ ପରିବର୍ତ୍ତେ କଂଗ୍ରେସର ଉଦ୍ଦେଶ୍ୟ 'ଶାନ୍ତିପୂର୍ଣ୍ଣ ନ୍ୟାୟ ନିର୍ମଳ ଉପାୟରେ ସ୍ୱରାଜ୍ୟ ପ୍ରାପ୍ତି' ହେଉ ବୋଲି ଗୋପବନ୍ଧୁ ପ୍ରସ୍ତାବ କଲେ ଏବଂ ବିପୁଳ ଉତ୍ସାହରେ ଏହା ସମ୍ମିଳନୀରେ ଗୃହୀତ ହେଲା । ସେଇଠି ଉତ୍କଳ ସମ୍ମିଳନୀର ଇତି ହେଲା ଏବଂ ଓଡ଼ିଶାରେ ନୂତନ ଯୁଗ ପ୍ରବର୍ତ୍ତିତ ହେଲା । ପ୍ରବର୍ତ୍ତକ ଥିଲେ ସତ୍ୟବାଦୀ ଗୋଷ୍ଠୀ । ଗୋପବନ୍ଧୁଙ୍କ ସହାୟକ ନୀଳକଣ୍ଠବାବୁ ହିଁ ପ୍ରଧାନ ଥିଲେ । ନୀଳକଣ୍ଠ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ପ୍ରଚାର କାର୍ଯ୍ୟରେ ସମ୍ବଲପୁରରେ କିଛିକାଳ ଥିଲେ । ସତ୍ୟବାଦୀ ଯୁଗର ନୀଳକଣ୍ଠଙ୍କ ସାହିତ୍ୟ ହେଉଛି ତାଙ୍କର ସାହିତ୍ୟ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଅବଦାନ ।

୧୯୨୦ ପର୍ଯ୍ୟନ୍ତ ନୀଳକଣ୍ଠଙ୍କ ସାହିତ୍ୟ କୃତି ପରବର୍ତ୍ତୀ ଅବସ୍ଥାରେ ଭିନ୍ନମାର୍ଗରେ ଗତି କଲା । ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ । ପୁଣି ବ୍ୟବସ୍ଥାପକସଭାର ସଭ୍ୟ ହେଲେ । ଓଡ଼ିଶାରେ ଅନ୍ୟତମ ରାଜନୀତିକ ନେତା ହେଲେ । କିନ୍ତୁ ସେ ସ୍ୱଭାବତଃ ଯୁକ୍ତିପରାୟଣ ଥିଲେ । ଯୁକ୍ତି-ସିଦ୍ଧ ନ ହେଲେ କୌଣସି ବିଷୟ ତାଙ୍କ ପକ୍ଷରେ ଗ୍ରହଣୀୟ ନୁହେଁ । ଏହା ତାଙ୍କର ଜୀବନ ଦର୍ଶନ ଥିବାରୁ ସେ ଗାନ୍ଧିଜୀଙ୍କ ଅହିଂସା ତତ୍ତ୍ୱକୁ ପୂର୍ଣ୍ଣପ୍ରାଣରେ ଗ୍ରହଣ କରିପାରି ନ ଥିଲେ । କାରଣ ଏ ତତ୍ତ୍ୱ ଥିଲା ମୁଖ୍ୟତଃ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଏଥିପାଇଁ ଗୋପବନ୍ଧୁ ଯେପରି ଓଡ଼ିଶାରେ ଗାନ୍ଧି ପରିଚାଳିତ କଂଗ୍ରେସର ଅଦ୍ୱିତୀୟ ନେତା ହୋଇଥିଲେ ସେପରି ନୀଳକଣ୍ଠ ହୋଇପାରିଲେ ନାହିଁ ତଥାପି ରାଜନୀତି କ୍ଷେତ୍ରରେ ସେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ଶେଷ ପର୍ଯ୍ୟନ୍ତ ରହିଲେ । ରାଜନୀତିକ ଜୀବନ ମଧ୍ୟରେ ସେ ସାହିତ୍ୟ ଦିଗରେ ମନ ଦେବାପାଇଁ ମଧ୍ୟ ସମୟ ପାଉଥିଲେ । ଓଡ଼ିଆ ସାହିତ୍ୟର କ୍ରମବିକାଶ, ତିଳକଙ୍କ ଗୀତା ରହସ୍ୟ ଧାରାରେ ଶ୍ରୀମଦ୍ ଭଗବଦ୍‌ଗୀତାର ନିଜସ୍ୱ ଭାଷା, ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଆଲୋଚନା, 'ନବ ଭାରତ' ପତ୍ରିକା ପ୍ରକାଶ ଇତ୍ୟାଦି ତାଙ୍କର ରାଜନୀତିକ ଜୀବନ ମଧ୍ୟରେ ସାହିତ୍ୟ କୃତି । ନୀଳକଣ୍ଠଙ୍କ ସମସ୍ତ ଜୀବନୀ ଆଲୋଚନା କଲେ ସ୍ପଷ୍ଟ ଜଣାଯିବ ଓଡ଼ିଶାରେ ଆଧୁନିକତା ପ୍ରବେଶ କରାଇବାରେ ସେ ଥିଲେ ଅନ୍ୟତମ ପୁରୋଧା । ସରକାରୀ ଚାକିରି ନ କରି ଦେଶସେବାରେ ବ୍ରତୀ ହେବାର ସିଦ୍ଧାନ୍ତ ହିଁ ନୀଳକଣ୍ଠଙ୍କ ଜୀବନୀ । ଏପରି ସିଦ୍ଧାନ୍ତ ଗୋପବନ୍ଧୁ ମଧ୍ୟ ତାଙ୍କ ଛାତ୍ର ଜୀବନରେ କରିଥିଲେ ସୁଦ୍ଧା ସେ ଅଧ୍ୟୟନ ପରେ ଶିକ୍ଷକତା ଏବଂ ଓକିଲାତି ମଧ୍ୟ କରିଥିଲେ ।

୧୯୨୧ରୁ ଓଡ଼ିଶାରେ ଏକ ନୂତନ ଯୁଗ ଆରମ୍ଭ ହେଲା । ଏହାପରେ ଭାରତୀୟ ରାଜନୀତି ଓ ତତ୍ ସଙ୍ଗେ ସଙ୍ଗେ ଅନ୍ୟ ପ୍ରଦେଶରେ ଯେପରି ଓଡ଼ିଶାରେ ମଧ୍ୟ ସେହିପରି ରାଜନୀତି ଚାଲିଥିଲା । ଅନ୍ୟ ପ୍ରଦେଶମାନଙ୍କ ତତ୍‌କାଳୀନ ରାଜନୀତିକ ଇତିହାସ ବିଶ୍ଳେଷଣ କଲେ ଜଣାଯିବ ଓଡ଼ିଶାରେ ଯେପରି ଭାରତୀୟ ଓ ପ୍ରାଦେଶିକ ରାଜନୀତି ପରସ୍ପର ସହିତ ସମନ୍ୱୟ ରଖି ଚାଲିଥିଲା ସେପରି ଅନ୍ୟ

Digitized by PPRACHIN, SOA

କୌଣସି ପ୍ରଦେଶରେ ହୋଇ ନାହିଁ । ଏହି ସମନ୍ୱୟ ହେତୁ ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ଭବ ହେଲା । ଏଥିପାଇଁ ଆନ୍ଧ୍ର ନେତାମାନେ ଓଡ଼ିଶାର ନେତାମାନଙ୍କୁ ଈର୍ଷା କରୁଥିଲେ । କାରଣ ଆନ୍ଧ୍ରର ସ୍ୱତନ୍ତ୍ର ପ୍ରଦେଶ ହେବାର ଦାବି ଗୃହୀତ ହେଲା ନାହିଁ । ଓଡ଼ିଶା ହେଉଛି ଭାଷାସୂତ୍ରରେ ଗଠିତ ପ୍ରଥମ ପ୍ରଦେଶ । ସମନ୍ୱୟର କୌତୂହଳଜନକ ବିବରଣୀ ଏହି । ଖ୍ରୀ. ୧୯୨୭ ରେ ଭାରତର ଶାସନ ସଂସ୍କାର ସମ୍ବନ୍ଧରେ ଅନୁଧ୍ୟାନ କରିବାପାଇଁ ସାଇମନ୍ କମିସନ ଆସିଲେ । କଂଗ୍ରେସ ଏହାକୁ ସବୁ ଶକ୍ତି ଦେଇ ବର୍ଜନ କରିଥିଲା । ସର୍ବତ୍ର 'ସାଇମନ୍ ଫେରିଯାଅ' ସ୍ୱରରେ ସମଗ୍ର ଭାରତ କମ୍ପିଉଠିଲା । କିନ୍ତୁ ସେ କମିସନ ପାଟଣା ଆସି ରେଳ ଷ୍ଟେସନରେ ଦେଖନ୍ତି କମିସନକୁ ଅଭିନନ୍ଦନ ଜ୍ଞାପନ କରି ପ୍ରଚାରପତ୍ର ଚାରିଆଡ଼େ । ଏହାର ବନ୍ଦୋବସ୍ତ କରିଥିଲେ ତତ୍‌କାଳୀନ ବିହାର ସରକାରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍ ମେମ୍ବର ରାଜାବାହାଦୁର ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ । ଏଥିରେ ଅଂଶ ଗ୍ରହଣ କରିଥିଲେ ପାଟଣାରେ ପଢୁଥିବା କେତେକ ଛାତ୍ର ଓ ଓଡ଼ିଆ ସରକାରୀ କର୍ମଚାରୀ । ଛାତ୍ରମାନଙ୍କ ମଧ୍ୟରେ ଥିଲେ ଆଜିର ପୂର୍ବତନ ବିଚାରପତି ହରିହର ମହାପାତ୍ର । ସବୁ ସମ୍ବାଦପତ୍ରରେ ପ୍ରକାଶିତ ହେଲା ଓଡ଼ିଶା ସାଇମନ୍ କମିସନ୍‌କୁ ଅଭିନନ୍ଦନ କରିଛି । ଏହାପରେ କଲିକତାରେ ଅନୁଷ୍ଠିତ ହୋଇଥିବା ନିଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନରେ ସଭାପତି ପଣ୍ଡିତ ମୋତିଲାଲ ନେହରୁ ପଣ୍ଡିତ ନୀଳକଣ୍ଠଙ୍କୁ ଆକ୍ଷେପ କରି ଓଡ଼ିଶା କଂଗ୍ରେସକୁ ନିନ୍ଦା କଲେ । ନୀଳକଣ୍ଠ ଓ ଅନ୍ୟ ସଭ୍ୟମାନେ ପ୍ରତିବାଦ କରି ସଭା ଛାଡ଼ି ଚାଲି ଆସିଥିଲେ । ତା'ପରେ ମୋତିଲାଲ ଦୁଃଖ ପ୍ରକାଶ କରିବାରୁ ପୁଣି ଓଡ଼ିଶା ସଭ୍ୟମାନେ ଅଧିବେଶନରେ ଯୋଗ ଦେଇଥିଲେ । ସାଇମନ୍ କମିସନକୁ ଅଭିନନ୍ଦନ ଜ୍ଞାପନ କରିଥିବା ହେତୁ ଓଡ଼ିଶା କଂଗ୍ରେସ ତତ୍‌କାଳୀନ ଓଡ଼ିଶାର ପ୍ରାଦେଶିକ ନେତାମାନଙ୍କୁ ସମାଲୋଚନା କରି ନ ଥିଲେ । ସାଇମନ୍ କମିସନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପାଇଁ ସୁପାରିସ କଲେ । ତା'ପରେ ରାଉଣ୍ଡ ଟେବୁଲ୍ କନ୍‌ଫରେନ୍‌ସରେ ପାରଳା ମହାରାଜାଙ୍କ ବଳିଷ୍ଠ ଭାଷଣ ଇତ୍ୟାଦି ପ୍ରାଦେଶିକ ରାଜନୀତି ସ୍ତରରେ ଚାଲିଥିଲା । ଏଥିରେ ଭାରତୀୟ ରାଜନୀତି ବାଧା ନ ଦେଇ ଏହାକୁ ନିଜ ପଥରେ ଚାଲିବାକୁ ଦେଇଥିଲା । ଖ୍ରୀ. ୧୯୩୦ ଓଡ଼ିଶାର ଲବଣ ସତ୍ୟାଗ୍ରହ ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଗୋପବନ୍ଧୁଙ୍କ ମହାପ୍ରୟାଣ ହେଲା ୧୯୨୮ ରେ । ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପକସଭା ଘେନି ବ୍ୟସ୍ତ ଥିଲେ ମଧ୍ୟ ସେ କାରାବରଣ କରିଥିଲେ । କାରାଗାରରେ ସେ ଓଡ଼ିଆ ବ୍ୟାକରଣ ସମ୍ବନ୍ଧରେ ଗବେଷଣା କରୁଥିଲେ ।

ଉତ୍କଳ ସମ୍ମିଳନୀ, ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ନୀଳକଣ୍ଠଙ୍କ ଭୂମିକା ଗୌଣ ନ ଥିଲା । ଏହାର ବିସ୍ତୃତ ବିବରଣୀ ସେ ତାଙ୍କ ଆତ୍ମଜୀବନରେ ବର୍ଣ୍ଣନା କରିଛନ୍ତି । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ୧୯୩୬ରେ ।

Digitized by PPRACHIN, SOA

୧୯୩୭ରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା । ପାରଳାଖେମୁଣ୍ଡି ମହାରାଜାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ସମ୍ପର୍କରେ ଯେଉଁ କମିଟି ଗଠିତ ହୋଇଥିଲା, ନୀଳକଣ୍ଠ ଥିଲେ ତାହାର ସଭାପତି । ତାଙ୍କର ରିପୋର୍ଟ ଅନୁସାରେ ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଏହାପରେ ନୀଳକଣ୍ଠ କିଛିକାଳ ଭାରତୀୟ ରାଜନୀତିରୁ ଅପସରିଗଲେ ମଧ୍ୟ ସାହିତ୍ୟ ଚର୍ଚ୍ଚାକୁ ଅକ୍ଷୁଣ୍ଣ ରଖିଥିଲେ । ସାହିତ୍ୟ ଏକାଡେମୀରେ ସେ ସଭାପତି ହୋଇଥିଲେ । ପରେ ପୁଣି ଭାରତୀୟ ରାଜନୀତିକୁ ଆସି ଓଡ଼ିଶା ବିଧାନସଭାର ଅଧ୍ୟକ୍ଷ ହେଲେ ।

ଏ ସବୁ ବିବରଣୀ ଦେବା ଆବଶ୍ୟକ ହେଉଛି ଏଥିପାଇଁ ଯେ ନୀଳକଣ୍ଠଙ୍କୁ କେବଳ ସାହିତ୍ୟ ଦିଗରୁ ବିଚାର କଲେ ତାଙ୍କର ବ୍ୟକ୍ତିତ୍ୱକୁ ସଂକୁଚିତ କରାହେବ । ଓଡ଼ିଶାର ଜୀବନୀ ଲେଖକମାନଙ୍କ ଏକ ତ୍ରୁଟି ହେଉଛି ସେମାନେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କ କେତୋଟି ବାହାରର କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ମଧୁସୂଦନ ଦାସ ତାଙ୍କ ସମୟରେ ସମଗ୍ର ଭାରତରେ ଅନ୍ୟତମ ଚିନ୍ତାନାୟକ ଥିଲେ । ରାଉରକେଲାର ଉତ୍କଳ ପ୍ରଗତି ସଂଘଦ୍ୱାରା ତାଙ୍କର ସମସ୍ତ ଭାଷଣ ପ୍ରକାଶିତ ହୋଇଛି । ଖ୍ରୀ. ୧୮୯୬ରୁ ଖ୍ରୀ. ୧୯୦୦ ପର୍ଯ୍ୟନ୍ତ ବଙ୍ଗ ବ୍ୟବସ୍ଥାପକ ସଭାରେ ଶିକ୍ଷା ଓ କୃଷି ସମ୍ବନ୍ଧରେ ଯାହା କହିଥିଲେ ୧୯୩୩ରେ ମହାତ୍ମା ଗାନ୍ଧି ତାହାହିଁ ପ୍ରଚାର କଲେ । ଅଥଚ ମଧୁବାବୁଙ୍କୁ ସାମାନ୍ୟ ଉତ୍କଳ ଟେନେରୀରେ ସୀମାବଦ୍ଧ କରିଦିଆହୋଇଛି । ପଣ୍ଡିତ ଗୋପବନ୍ଧୁ ଓଡ଼ିଶାରେ ଏକ ଯୁଗ ପ୍ରବର୍ତ୍ତନ କଲେ । ଅଥଚ ତାଙ୍କୁ ରିଲିଫ୍ ଚାଉଳ ବାଣ୍ଟିବାରେ ରଖି ଦିଆହୋଇଛି । ସେହିପରି ନୀଳକଣ୍ଠଙ୍କୁ କେବଳ ତାଙ୍କ ସାହିତ୍ୟରେ ସୀମିତ ନ କରି ତାଙ୍କୁ ଓଡ଼ିଶାର ଅନ୍ୟତମ ଯୁଗପ୍ରବର୍ତ୍ତକ ବୋଲି ଗ୍ରହଣ କରିବାକୁ ହେବ ।

ଆଧୁନିକ ଭାରତରେ ଆଧୁନିକ ଓଡ଼ିଶାକୁ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ, ସେମାନଙ୍କ ମଧ୍ୟରେ ନୀଳକଣ୍ଠ ଅନ୍ୟତମ । ତେଣୁ ସେ ଚିରସ୍ମରଣୀୟ ।

Digitized by PPRACHIN, SOA

# ଓଡ଼ିଆ ସାହିତ୍ୟ ଓ ନୀଳକଣ୍ଠ

ଏ ଆଲୋଚନାପାଇଁ ମୁଁ ସମୟ ଧାର୍ଯ୍ୟ କରୁଛି ସେହି ସମୟଠାରୁ ଯେବେ ପାଶ୍ଚାତ୍ୟ ସାହିତ୍ୟ ସବୁ ପ୍ରାଦେଶିକ ସାହିତ୍ୟକୁ ପ୍ରଭାବିତ କଲା ଏବଂ ଓଡ଼ିଆ ସାହିତ୍ୟ ସେଥିରେ ପ୍ରଭାବିତ ହେଲା । ସ୍ଥୂଳତଃ, କହିବାକୁ ହେଲେ ରାଧାନାଥ ଯୁଗରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେତେବେଳେ ନୂତନତ୍ୱର ସୃଷ୍ଟି ହେଲା ସେହି ସମୟକୁ ଆଦି ବୋଲି ଧରିନେଇ ଏ ଆଲୋଚନା କରୁଛି । ରାଧାନାଥ ଯୁଗରେ ପ୍ରାଚୀନ ଓ ନବୀନ ମଧ୍ୟରେ ତୁମୂଳ ସଂଘର୍ଷ ଚାଲିଥିଲା । ଏଥିପାଇଁ ଇନ୍ଦ୍ରଧନୁ ଓ ବିଜୁଳି ନାମରେ ଦୁଇଟି ପତ୍ରିକା ମଧ୍ୟ ପ୍ରକାଶିତ ହେଉଥିଲା । ଦୁଇ ପକ୍ଷ ସବଳ ଶକ୍ତିଶାଳୀ ଥିଲେ । ସେତେବେଳେ ନୀଳକଣ୍ଠ ସ୍କୁଲ ଛାତ୍ର: କିନ୍ତୁ ତାଙ୍କ ଆତ୍ମଜୀବନୀରୁ ଜଣାଯାଏ ସେ ସମୟରୁ ରାଧାନାଥଙ୍କ ସାହିତ୍ୟ ପ୍ରତି ତାଙ୍କର ବିତୃଷ୍ଣା ଥିଲା । ଗୋପବନ୍ଧୁ ଛାତ୍ରାବସ୍ଥାରେ ରାଧାନାଥଙ୍କୁ ଅକ୍ଷେପ କରି ଏକ ପଦ୍ୟ ରଚନା କରିଥିଲେ ବୋଲି ତାଙ୍କୁ ସ୍କୁଲରୁ ବହିଷ୍କାର ଆଦେଶ ହୋଇଥିଲା । ପୁଣି କେତେକ ଭଦ୍ରବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ସେ ଆଦେଶ ପ୍ରତ୍ୟାହୃତ ହୋଇଥିଲା । ଏହାର ବିସ୍ତୃତ ବିବରଣୀ ନୀଳକଣ୍ଠ ତାଙ୍କ ଜୀବନୀରେ ଲେଖିଛନ୍ତି । ଏହି ଘଟଣାଟି ଛାତ୍ର ନୀଳକଣ୍ଠଙ୍କ ଉପରେ କି ପ୍ରଭାବ ପକାଇଥିବ ତାହା ସହଜରେ ଅନୁମେୟ । ଶେଷ ପର୍ଯ୍ୟନ୍ତ ସେ ରାଧାନାଥଙ୍କ ତୀବ୍ର ସମାଲୋଚକ ଥିଲେ । ଏହା ବୋଲି ସେ ଯେ ପ୍ରାଚୀନ ସାହିତ୍ୟକୁ ଧରି ରଖିଥିଲେ ତାହା ନୁହେଁ । ପରେ ସତ୍ୟବାଦୀ ସ୍କୁଲରେ ଯେଉଁ ସାହିତ୍ୟ ସୃଷ୍ଟି ହେଲା, ତାହା ଯେ ଭଞ୍ଜୀୟ ଯୁଗର ସାହିତ୍ୟକୁ ଅନୁସରଣ କଲା ତାହା ନୁହେଁ । ରାଧାନାଥ ବାସ୍ତବିକ ଓଡ଼ିଆ ସାହିତ୍ୟରେ ଏକ ଯୁଗପ୍ରବର୍ତ୍ତକ । କିନ୍ତୁ ସେ ଯୁଗର ସାହିତ୍ୟର ଉତ୍ସ ଥିଲା ଇଂରେଜୀରେ ସେକ୍ସପିଅର ବା ସଂସ୍କୃତରେ କାଳିଦାସ । ପାଶ୍ଚାତ୍ୟ ସାହିତ୍ୟ ସେ ଯୁଗର ସବୁ ପ୍ରଦେଶର ସାହିତ୍ୟକୁ ସର୍ବତୋଭାବେ ପ୍ରଭାବିତ କରିଥିଲା । ସତ୍ୟବାଦୀ ସାହିତ୍ୟର ଉତ୍ସହେଲା ଉପନିଷଦ୍ ଯୁଗର ଭାରତୀୟ ପରମ୍ପରା । ଏହାର ପ୍ରବର୍ତ୍ତକ ପଣ୍ଡିତ ନୀଳକଣ୍ଠ । ନୀଳକଣ୍ଠ ଜଣେ ଦାର୍ଶନିକ ଥିଲେ । ତାଙ୍କର ଦାର୍ଶନିକ ମନୋବୃତ୍ତି ତାଙ୍କୁ ଭାବପ୍ରବଣ କରି ନାହିଁ । ତେଣୁ ସେ କବି ହିସାବରେ ସର୍ବୋତ୍କୃଷ୍ଟ ଥିଲେ ବୋଲି କହି ହେଉ ନାହିଁ । କିନ୍ତୁ ତାଙ୍କର ପ୍ରବନ୍ଧମାନ ଉଚ୍ଚକୋଟୀର ଏବଂ ଭାରତୀୟ ସମାଜକୁ ଏହାର

Digitized by PPRACHIN, SOA

ପରମ୍ପରା ଆଡ଼କୁ ଫେରାଇ ନେବାପାଇଁ ଉଦ୍ଦିଷ୍ଟ । ସେ ସମୟରେ ସତ୍ୟବାଦୀ ପତ୍ରିକାରେ ଉପନିଷଦ୍‌ର ଉପାଖ୍ୟାନମାନ ପ୍ରକାଶିତ ହେଉଥିଲା । ଆର୍ଯ୍ୟ ଜୀବନର ଆଦର୍ଶ ନୀଳକଣ୍ଠ ପାଶ୍ଚାତ୍ୟ ସଭ୍ୟତାଦ୍ୱାରା ପ୍ରଭାବିତ ସମାଜ ଆଗରେ ଉପସ୍ଥାପିତ କଲେ । ଏ ପରମ୍ପରାରେ କାଳକ୍ରମେ ବହୁ ଆବର୍ଜନା ପ୍ରବେଶ କରିଥିଲା । ବହୁ ଅଯୁକ୍ତିକର ଅନ୍ଧବିଶ୍ୱାସ ମଧ୍ୟ ପ୍ରବେଶ କରିଥିଲା । ଏହା ବିରୋଧରେ ନୀଳକଣ୍ଠ ସ୍ୱର ଉଠାଇଥିଲେ । ସାମାନ୍ୟ ଲୁଣ ମାରିବାର ଅଧିକାର ସାବ୍ୟସ୍ତ କରି ସ୍ୱାଧୀନତା ପ୍ରାପ୍ତିପାଇଁ ସତ୍ୟାଗ୍ରହ ଯେପରି, ଜାତିପ୍ରଥା ଲୋପ କରିବାପାଇଁ ଅସ୍ପୃଶ୍ୟତା ବର୍ଜନ ସେପରି କାର୍ଯ୍ୟକ୍ରମ । ବ୍ରାହ୍ମଣ ହୋଇ ନିଶ ରଖିବା ମଧ୍ୟ ସେହିପରି ପୂର୍ଣ୍ଣ ସମାଜ ସଂସ୍କାରପାଇଁ ଉଦ୍ଦିଷ୍ଟ । ସେ ସମୟରେ 'ମୋ ନିଶ' ପ୍ରବନ୍ଧ ସମାଜରେ ଚହଳ ପକାଇଥିଲା ଏବଂ ନିଶ ସଙ୍ଗେ ସଙ୍ଗେ ସମାଜ ସଂସ୍କାରାଭିମୁଖୀ ହୋଇଥିଲା । ନୀଳକଣ୍ଠ ଉପବୀତ ପରିତ୍ୟାଗ କରିଥିଲେ । ଦୈନିକ କର୍ମକାଣ୍ଡରେ ତାଙ୍କର ବିଶ୍ୱାସ ନ ଥିଲା । ସତ୍ୟବାଦୀ ଗୋଷ୍ଠୀଙ୍କ ମଧ୍ୟରେ ନୀଳକଣ୍ଠ ହିଁ ଥିଲେ ସଂସ୍କାର ବିଶ୍ୱାସୀ ଏବଂ ଗୋଦାବରୀଶ ତାଙ୍କର ସହଯୋଗୀ । ଏପରିକି ଗୋପବନ୍ଧୁ ମଧ୍ୟ ସଂସ୍କାରପନ୍ଥୀ ସମାଜ ବିରୋଧୀ ନ ଥିଲେ । 'ସମାଜ' ପତ୍ରିକାର ପ୍ରଥମ ପ୍ରକାଶରେ 'ସମାଜ' କାହିଁକି ଦିଆଗଲା, ସେଥିରେ ଏକ ପ୍ରାଚୀନ ସମାଜ ଯେ କିପରି ଚାରିଆଡୁ ଆଘାତ ପାଉଛି ଏଥିପାଇଁ ସେ ବ୍ୟଥା ପ୍ରକାଶ କରିଥିଲେ । ସମାଜକୁ ଘେନି ପତ୍ରିକା ଚାଲିବ ବୋଲି ନାମ ତା'ର 'ସମାଜ' ରଖା ହୋଇଥିଲା ।

ରାଧାନାଥ ଯୁଗ ପରବର୍ତ୍ତୀ ସାହିତ୍ୟ ଯୁଗକୁ ସତ୍ୟବାଦୀ ଯୁଗ କହିଲେ ଭୁଲ ହେବ ନାହିଁ । ସତ୍ୟବାଦୀ ଯୁଗର ଉତ୍‌ଥାନ ବେଳେ 'ଉତ୍କଳ ସାହିତ୍ୟ' ଥିଲା ରାଧାନାଥ ଯୁଗ ସାହିତ୍ୟର ମୁଖପତ୍ର । ଉତ୍କଳ ସାହିତ୍ୟ ସମାଜ ଥିଲା ସେହି ଯୁଗର ପ୍ରତିଷ୍ଠାନ । ଏହାର ପ୍ରଭାବକୁ ଆହ୍ୱାନ କଲା ସତ୍ୟବାଦୀ ଯୁଗ । ମୋର ମନେଅଛି ଉତ୍କଳ ସାହିତ୍ୟ ସମାଜର ଏକ ବାର୍ଷିକ ସାଧାରଣ ଅଧିବେଶନରେ କିପରି ନୀଳକଣ୍ଠ ଓ ଗୋଦାବରୀଶ ସେ ଅନୁଷ୍ଠାନକୁ ଆୟତ୍ତାଧୀନ କରିବାକୁ ଉଦ୍ୟମ କରିଥିଲେ ଏବଂ କିପରି ବିଶ୍ୱନାଥ କର ଓ ଶଶିଭୂଷଣ ରାୟଙ୍କ କୌଶଳରେ ତାହା ହୋଇପାରି ନ ଥିଲା । ସେ ସମୟରେ ଉତ୍କଳ ସାହିତ୍ୟରେ ପ୍ରକାଶିତ କବିତା, ପ୍ରବନ୍ଧ ଇତ୍ୟାଦିର ସମାଲୋଚନା ବ୍ରହ୍ମପୁରରେ ପ୍ରକାଶିତ 'ଆଶା' ପତ୍ରିକାରେ ପ୍ରକାଶିତ ହେଉଥିଲା । ଛାତ୍ରାବସ୍ଥାରେ ଆଗ୍ରହର ସହିତ ଏହି ସମାଲୋଚନା ସବୁକୁ ପଢୁଥିଲୁଁ ଏବଂ ନୀଳକଣ୍ଠଙ୍କ ଅଗାଧ ପାଣ୍ଡିତ୍ୟ ସମ୍ବନ୍ଧରେ ଧାରଣା ପୋଷଣ କରୁଥିଲୁଁ । ତଥାକଥିତ ସବୁଜ ସାହିତ୍ୟକୁ ମଧ୍ୟ ନୀଳକଣ୍ଠ ସମାଲୋଚନା କରୁଥିଲେ ।

Digitized by PPRACHIN, SOA

ଦାର୍ଶନିକ ନୀଳକଣ୍ଠ କବି ହେବାପାଇଁ ମନ ବଳାଇଲେ କାରଣ ଓଡ଼ିଆ ସମାଜ ଆଗରେ ଅତୀତର ଇତିହାସପାଇଁ ଗର୍ବ ଅନୁଭବ କରିବାକୁ ଓ ପ୍ରଖ୍ୟାତନାମା ଐତିହାସିକ ପୁରୁଷମାନଙ୍କୁ ସାହିତ୍ୟରେ ସ୍ଥାନ ଦେବାକୁ ହେବ । ରାଧାନାଥଙ୍କ ସାହିତ୍ୟର ରଚନା କୁଶଳତା ଯାହା ହୋଇଥାଉ ତାଙ୍କ କବିତାରେ ଗର୍ବ ଅନୁଭବ କରିବାପାଇଁ କୌଣସି ଚରିତ୍ର ଉପସ୍ଥାପିତ ହୋଇ ନ ଥିଲା । ଏକ ବିଶିଷ୍ଟ ତୀର୍ଥସ୍ଥଳ 'କେଦାରଗୌରୀ'କୁ ସେକ୍ସପିଅରଙ୍କ 'Mid Summer Night's Dream'ର ଏକ ଅଂଶକୁ କାବ୍ୟାକାରରେ ଉପସ୍ଥାପିତ କରି ରାଧାନାଥ ସେ ତୀର୍ଥପ୍ରତି ଅନ୍ୟାୟ କରିଛନ୍ତି । ଏ ସବୁର ଉତ୍ତରରେ ପଣ୍ଡିତ ନୀଳକଣ୍ଠ ଖାରବେଳଙ୍କୁ କାବ୍ୟ ଆକାରରେ ଉପସ୍ଥାପନ କଲେ । ପ୍ରଥମଥରପାଇଁ ଖାରବେଳଙ୍କୁ ନୀଳକଣ୍ଠ ସାହିତ୍ୟ ଆକାରରେ ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ତା'ପରେ ଆଉ ମଧ୍ୟ କେହି ଖାରବେଳଙ୍କୁ ସାହିତ୍ୟ କ୍ଷେତ୍ରକୁ ଆଣି ନାହାନ୍ତି । ସେହିପରି ତାଙ୍କ ସର୍ବୋତ୍କୃଷ୍ଟ କାବ୍ୟ 'କୋଣାର୍କ' ରେ କୋଣାର୍କର ଶିଳ୍ପ ଓ ନରସିଂହ ଦେବଙ୍କୁ କାବ୍ୟ ଆକାରରେ ଉପସ୍ଥାପିତ କଲେ । ଆଶ୍ଚର୍ଯ୍ୟର ବିଷୟ ନୀଳକଣ୍ଠଙ୍କ ପୂର୍ବରୁ ପୃଥିବୀ ପ୍ରସିଦ୍ଧ କୋଣାର୍କକୁ କେହି ସାହିତ୍ୟ କ୍ଷେତ୍ରକୁ ଆଣିବାକୁ ମନ ଦେଇ ନ ଥିଲେ । ନୀଳକଣ୍ଠଙ୍କ ପରେ ଗୋପବନ୍ଧୁ ଏକ ଗ୍ରାମ୍ୟ କିମ୍ବଦନ୍ତୀ 'ପୁଅର ଦାଏ ନା ବାରଶହ ବଢ଼େଇର ଦାଏ'କୁ ଧର୍ମପଦ ନାମରେ ଯେଉଁ କାବ୍ୟ ସୃଷ୍ଟି କଲେ ତାହା ଓଡ଼ିଶାର ଶିଳ୍ପୀକୁଳ ଏବଂ କୋଣାର୍କକୁ ଭାରତୀୟ ସାହିତ୍ୟରେ ପ୍ରତିଷ୍ଠିତ କରିଛି । 'ଧର୍ମପଦ'କୁ ଭିତ୍ତିକରି ହିନ୍ଦୀରେ ନାଟକ ଓ କାବ୍ୟ ରଚିତ ହୋଇଛି ।

ନୀଳକଣ୍ଠଙ୍କ ସାହିତ୍ୟିକ ଜୀବନ ସତ୍ୟବାଦୀ ସ୍କୁଲରେ ପ୍ରାୟ ଶେଷ ହୋଇଛି । ସେ ଅସହଯୋଗ ଆନ୍ଦୋଳନର ଅନ୍ୟତମ ନେତା ହେଲେ । ପୁଣି କଂଗ୍ରେସ ସ୍ୱରାଜ୍ୟ ପାର୍ଟିର ଅନ୍ୟତମ ନେତା ହେଲେ । ବ୍ୟବସ୍ଥାପକସଭା ରାଜନୀତିରେ ସେ ଶେଷ ପର୍ଯ୍ୟନ୍ତ ନିଜକୁ ନିୟୋଜିତ କଲେ । ତଥାପି କାରାଗାରରେ ଏବଂ ବାହାରେ ଯେଉଁ ସମୟରେ ସେ ବ୍ୟବସ୍ଥାପକସଭାରେ ସଭ୍ୟ ନ ରହିପାରୁଥିଲେ ସେତେବେଳେ ସାହିତ୍ୟକୁ ହିଁ ସେ ଚିତ୍ତବିନୋଦନର କାର୍ଯ୍ୟକ୍ରମ କରିଥିଲେ । ତିଳକଙ୍କ ଗୀତା ରହସ୍ୟ, ଯାହାକୁ ଜ୍ଞାନଭଣ୍ଡାର ବୋଲି କୁହାଯାଏ; ସେହିପରି ନୀଳକଣ୍ଠ ଗୀତାର ଭାଷ୍ୟ ଲେଖିଲେ । ଏହା 'ଗୀତା ରହସ୍ୟ'ର ଅନୁବାଦ ବୋଲି ସନ୍ଦେହ କରି 'ଗୀତା ରହସ୍ୟ' ପ୍ରକାଶକମାନେ ଆଇନ୍‌ର ଆଶ୍ରୟ ନେବାପାଇଁ ଚିନ୍ତା କରୁଥିଲେ । କିନ୍ତୁ ନୀଳକଣ୍ଠ ଗୀତା ରହସ୍ୟରୁ ଅଧିକାଂଶ ଉପାଦାନ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କର

Digitized by PPRACHIN, SOA

ଭାଷା ଓ ଶୈଳୀ ସ୍ୱତନ୍ତ୍ର ଥିଲା । ତେଣୁ ଏହା ଅନୁବାଦ ନୁହେଁ ବୋଲି ସାବ୍ୟସ୍ତ ହେଲା । 'ଓଡ଼ିଆ ସାହିତ୍ୟର କ୍ରମ ବିକାଶ' ସେହିପରି ରାଜନୀତିର ଅବସର ସମୟର ଲେଖା । ଏହା ମଧ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ନୁହେଁ । ଓଡ଼ିଆ ସାହିତ୍ୟରେ ସଂସ୍କୃତ ବ୍ୟାକରଣ ପ୍ରୟୋଗ ମଧୁସୂଦନ ରାଓ କରିଛନ୍ତି ବୋଲି ସେ ସମାଲୋଚନା କରୁଥିଲେ । ତାଙ୍କ ମତରେ ଓଡ଼ିଆ ସାହିତ୍ୟର ଏକ ନିଜସ୍ୱ ବ୍ୟାକରଣ ଅଛି । ପ୍ରାଚୀନ ସାହିତ୍ୟରୁ ଏହି ବ୍ୟାକରଣ ସଂଗ୍ରହ କରି ପ୍ରକାଶ କରିବାପାଇଁ ଇଚ୍ଛା କରିଥିଲେ; ମାତ୍ର ତାହା ପୂର୍ଣ୍ଣ ହୋଇପାରିଲା ନାହିଁ । କାରାଗାରରେ ସେ 'ଲାବଣ୍ୟବତୀ'ର ଏକ ଟୀକା ମଧ ପ୍ରସ୍ତୁତ କରିଥିଲେ । ତାହା ପ୍ରକାଶିତ ହୋଇ ନାହିଁ । 'ନବଭାରତ' ପତ୍ରିକା ପ୍ରକାଶ କରି ସେଥିରେ ଯେଉଁ ସମ୍ପାଦକୀୟମାନ ଲେଖୁଥିଲେ ସେସବୁର ସଂକଳନ ମଧ ହୋଇ ନାହିଁ ।

ନୀଳକଣ୍ଠଙ୍କ ସମସ୍ତ ସାହିତ୍ୟିକ କୃତିକୁ ବିଚାରକୁ ନେଲେ ଜଣାଯିବ ତାଙ୍କର ମୌଳିକ ଚିନ୍ତାର ସମାପ୍ତି ସତ୍ୟବାଦୀ ସ୍କୁଲରେ ହିଁ ଘଟିଛି । ତା'ପରେ ତାଙ୍କର ସାହିତ୍ୟ ସେହି ସମୟର ବେଗରେ ଚାଲିଥିଲା । ଆଉ ନୂତନ କିଛି ସେ ସାହିତ୍ୟକୁ ଦେଇପାରି ନାହାନ୍ତି ।

ଆଜି ଓଡ଼ିଆ ସାହିତ୍ୟର କ୍ରମବିକାଶ ଯେଉଁଠି ପହଞ୍ଚିଛି ସେଥିରେ ନୀଳକଣ୍ଠଙ୍କ ମତ କଅଣ ହୋଇଥାନ୍ତା ତାହା ଗୋଟିଏ କୌତୂହଳଜନକ ଘଟଣାରୁ ଅନୁମାନ କରିହେବ । ୧୯୫୭ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷଣା କରାହେଲା ସ୍ୱାଧୀନତା ଦିବସ ଉପଲକ୍ଷେ ରଚିତ ଜାତୀୟ କବିତାର ପ୍ରତିଦ୍ୱନ୍ଦ୍ୱିତା ହେବ, ସେଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ପାଞ୍ଚ ଶହ, ତିନି ଶହ ଓ ଦୁଇ ଶହ ଟଙ୍କା ଲେଖାଏଁ ଉପାୟନ ଦିଆହେବ । ବିଚାରକମଣ୍ଡଳୀ ନୀଳକଣ୍ଠବାବୁ, ଡକ୍ଟର ପରିଜା ଓ ମୋତେ ନେଇ ଗଠିତ ହେଲା । ପ୍ରାୟ ଦୁଇଶହ କବିତା ଆସିଥିଲା । ସଭାପତି ନୀଳକଣ୍ଠବାବୁଙ୍କୁ ଦିଆହେଲା ତାଙ୍କର ମତ ଦେବାପାଇଁ । ସେ ସ୍ପଷ୍ଟ ମତ ଦେଲେ କୌଣସି କବିତା ପୁରସ୍କାର ପାଇବାପାଇଁ ଯୋଗ୍ୟ ନୁହେଁ । କେଉଁଥିରେ ଛାନ୍ଦ ଦୋଷ, କେଉଁଥିରେ ଭାଷା ଦୋଷ, କେଉଁଥିରେ ବ୍ୟାକରଣ ଦୋଷ ଏହିପରି ଦର୍ଶାଇ ସବୁକୁ ପୁରସ୍କାର ଅଯୋଗ୍ୟ ବୋଲି ମତ ଦେଲେ । ଆମ୍ଭେମାନେ ଅଡୁଆରେ ପଡ଼ିଲୁ । ବହୁ ଚିନ୍ତାକରି ଡକ୍ଟର ପରିଜା ଓ ମୁଁ ଦୁହେଁ ବସି କବିତାମାନଙ୍କୁ ବାଛି ତିନୋଟି କବିତା ସ୍ଥିର କଲୁ । ତଦନୁସାରେ ପୁରସ୍କାର ଦିଆହେଲା । ତା'ପରେ ନୀଳକଣ୍ଠ ବିରକ୍ତ ହୋଇ କହିଲେ

Digitized by PPRACHIN, SOA

ଆମ୍ଭେମାନେ ଓଡ଼ିଆ ସାହିତ୍ୟର କ୍ଷତି ଘଟାଉଛୁଁ । ୧୯୫୭ରୁ ଆଜି ୨୪ ବର୍ଷ ଅତୀତ ହେଲାଣି । ଇତିମଧ୍ୟରେ କବିତା ସମ୍ପୂର୍ଣ୍ଣ ନୂତନ ରୂପ ନେଲାଣି । World Anthology Poems ରେ ଭାରତର କବିତା ହିସାବରେ ସୀତାକାନ୍ତ ମହାପାତ୍ରଙ୍କ କବିତା ମନୋନୀତ ହୋଇ ପ୍ରକାଶିତ ହୋଇଛି । ଏ କବିତାକୁ ନୀଳକଣ୍ଠ ଦେଖିଥିଲେ କଅଣ ମନେକରିଥାନ୍ତେ ମୁଁ କଳ୍ପନା କରିପାରୁ ନାହିଁ । ତେବେ ନୀଳକଣ୍ଠଙ୍କ ପ୍ରଚାର ଫଳରେ କବିତାରେ ଉପଧା ମିଳନ ପ୍ରଥା ଯେ ରାଧାନାଥ ଯୁଗରୁ ପ୍ରଚଳିତ ଥିଲା ତାହା ଆଜି ଉଠିଯାଇଛି । ସେ ଯୁଗର ଅମିତ୍ରାକ୍ଷର ଛନ୍ଦ ଆଜି ଛନ୍ଦଯୁକ୍ତ ପ୍ରଥାରେ ପହୁଞ୍ଚିଛି । ଗଦ୍ୟ ପଦ୍ୟ ମଧ୍ୟରେ ପ୍ରଭେଦ ଲୋପ ପାଇଯାଇଛି । ଏସବୁ ନୀଳକଣ୍ଠଙ୍କ କଠୋର ସମାଲୋଚନାର ବିଷୟବସ୍ତୁ ହୋଇଥାଆନ୍ତା ।

ନୀଳକଣ୍ଠ ଜଣେ ସିଦ୍ଧହସ୍ତ ପ୍ରବନ୍ଧ ଲେଖକ ଥିଲେ । ତାଙ୍କର ପ୍ରବନ୍ଧମାନ ତତ୍‌କାଳୀନ ସତ୍ୟବାଦୀ ପତ୍ରିକାରେ ପ୍ରକାଶିତ ହେଉଥିଲା ଏବଂ 'ନବଭାରତ' ପତ୍ରିକାରେ ମଧ୍ୟ ପ୍ରକାଶିତ ହେଉଥିଲା । ଏସବୁର ସଂକଳନ ଆବଶ୍ୟକ ।

ସାହିତ୍ୟ କ୍ଷେତ୍ରକୁ ସର୍ବଶ୍ରେଷ୍ଠ ଅବଦାନ ହେଉଛି ତାଙ୍କର ଆତ୍ମଜୀବନୀ । ତାଙ୍କ ଲିଖିତ ପୂର୍ବ ପ୍ରବନ୍ଧମାନଙ୍କ ଭାଷାଠାରୁ ଏହାର ଭାଷା ସ୍ୱତନ୍ତ୍ର ଓ ସରଳ ।

ସାହିତ୍ୟ ଇତିହାସରେ 'ସତ୍ୟବାଦୀ ଯୁଗ' ବୋଲି ଯାହାକୁ ନିର୍ଣ୍ଣୟ କରାଯାଏ ସେ ଯୁଗର ପ୍ରତୀକ ନୀଳକଣ୍ଠ ଏବଂ ତାଙ୍କ ସାଙ୍ଗକୁ ପଣ୍ଡିତ ଗୋଦାବରୀଶ ମିଶ୍ର । ସେ ଯୁଗ ବର୍ତ୍ତମାନ ସୁଦୂର ଅତୀତ । ସ୍ୱାଧୀନତୋତ୍ତର ସାହିତ୍ୟ ପକ୍ଷରେ ସେ ଯୁଗର ସାହିତ୍ୟ ପ୍ରାଚୀନ ସାହିତ୍ୟରୂପେ ବିବେଚିତ ହେଲାଣି । ସାମାଜିକ ପରିସ୍ଥିତି ଯେପରି କ୍ଷିପ୍ର ଗତିରେ ବଦଳୁଛି, ସାହିତ୍ୟ ଗତି ସେପରି ପରିବର୍ତ୍ତିତ ହେଉଛି । ପାଞ୍ଚ ବର୍ଷର ଲେଖା ଆଜି ପ୍ରାଚୀନ ବୋଲି ମନେହେଉଛି । ପୁଣି ବିଶ୍ୱ ସାହିତ୍ୟ ସଙ୍ଗେ ଓଡ଼ିଆ ସାହିତ୍ୟକୁ ତୁଳନା କଲେ ଦୁଃଖର ସହିତ କହିବାକୁ ହେବ, ଆମ୍ଭେମାନେ ଆଣବିକ ଯୁଗର ପୂର୍ବାବସ୍ଥାରେ ଅଛୁଁ । କିନ୍ତୁ ଓଡ଼ିଆ ସାହିତ୍ୟ ଅଗ୍ରସର ହେଉଛି । ଏହାର ଗତି ଆହୁରି କ୍ଷିପ୍ର ହେଉ ଏହାହିଁ କାମନା ।

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ଏକ ଅମ୍ଳାନ ପ୍ରତିଭା

ଗଙ୍ଗାଧର ମହାପାତ୍ର

ପଣ୍ଡିତ ନୀଳକଣ୍ଠ ଏକ ଅମ୍ଳାନ ପ୍ରତିଭା ଥିଲେ କହିଦେଲେ ସବୁକିଛି ବୁଝାଯାଏ ନାହିଁ । ତାଙ୍କୁ ନିକଟରୁ ଓ ଦୂରରୁ ଦେଖିଥିବା ଲୋକେ ଏ ବିଷୟରେ ଯାହା ଜାଣିଛନ୍ତି ତାହା ଅନ୍ଧର ହାତୀ ଦେଖାପରି । ଯେଉଁ ଦିଗରୁ ଦେଖିଲେ ସେ ଏକ ତୁଙ୍ଗ ବ୍ୟକ୍ତିତ୍ୱ ଭଳି ମନେ ହୁଅନ୍ତି । ଶିକ୍ଷା, ପାଣ୍ଡିତ୍ୟ, ଓଡ଼ିଆ ଓ ଭାରତୀୟ ଜାତୀୟତାବାଦ, ଆଦର୍ଶ ଚିନ୍ତାଧାରା, କର୍ମତତ୍ପରତା ଆଦି ସବୁ ଦିଗରୁ ସେ ଥିଲେ ଏକ ନିଷ୍ଠାପର ଅଗ୍ରଗଣ୍ୟ ମନୀଷୀ । ମୁଁ ଯଦିଓ ତାଙ୍କୁ ପିଲାଦିନୁ ମୋ ମାଉସୀଘର ଗାଁରେ ଦେଖୁଥିଲି ତଥାପି ୧୯୩୧ ମସିହାରେ ପୁରୀ ଜିଲ୍ଲା ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଥିବାବେଳେ ତାଙ୍କୁ ଟିକିଏ ନିକଟରୁ ଦେଖିଲି । ସେତେବେଳେ ପୁରୀରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ କଂଗ୍ରେସ ଅଧିବେଶନର ଆୟୋଜନ ହେଉଥାଏ । ପୁରୀ ବଡ଼ଦାଣ୍ଡରେ ମରିଚକୋଟ ଛକ ନିକଟରେ ଥିବା ମହାବିରିଆ କୋଠାରେ କଂଗ୍ରେସ ଅଧିବେଶନରେ ଅଭ୍ୟର୍ଥନା କମିଟି ଅଫିସ୍ କରାଯାଇଥାଏ । ଭାରତୀୟ ରାଜନୀତିରେ କଂଗ୍ରେସ ଏକ ପ୍ରବଳ ସ୍ରୋତରୂପେ ପ୍ରବାହିତ ହେଉଥିଲା । ଗାନ୍ଧୀ, ମୋତିଲାଲ ନେହରୁ, ମୌଲାନା ଆଜାଦ, ଜବାହରଲାଲ ନେହରୁ, ସୁଭାଷ ବୋଷ, ସର୍ଦ୍ଦାର ପଟେଲ, ପଟାଭି ସୀତାରାମାୟା, ବୁଲାଭାଇ ଦେଶାଇ, ରାଜେନ୍ଦ୍ର ପ୍ରସାଦ, ଚିତ୍ତରଞ୍ଜନ ଦାସ ପ୍ରଭୃତି ନେତାମାନେ ଭାରତର ବିଭିନ୍ନ କୋଣରେ ଏକ ସ୍ୱାଧୀନ ଭାରତର ସ୍ୱପ୍ନକୁ ସାକାର କରିବାପାଇଁ ଇଂରେଜ ସରକାର ବିରୋଧରେ ଦେଶବାସୀଙ୍କୁ ଭାରତରେ ଏକ ଅଦ୍ୱିତୀୟ ମୁକ୍ତି ସଂଗ୍ରାମର ସାରଥି ରୂପେ ନେତୃତ୍ୱ ଦେଉଥିଲେ । କଂଗ୍ରେସ ସେତେବେଳେ କେବଳ ଉଚ୍ଚ ଶିକ୍ଷିତମାନଙ୍କର ଆନ୍ଦୋଳନ ହୋଇ ଆଉ ନ ଥିଲା । ଏହା ଛାତ୍ର, ସାଧାରଣ ଜନତା, ସରକାରୀ କର୍ମଚାରୀ, ଶ୍ରମଜୀବୀ, ଆଦିବାସୀ ଓ ହରିଜନ ସଂପ୍ରଦାୟ ସହିତ ମୁସଲମାନ ଓ ଖ୍ରୀଷ୍ଟିୟାନ ପ୍ରଭୃତିଙ୍କ ମଧ୍ୟରେ ଏକ ଉନ୍ମାଦନା ଓ ପ୍ରେରଣାର ଉତ୍ସରୂପେ ଜାତୀୟତାର ତରଙ୍ଗରେ ଚଳଚଞ୍ଚଳ ହୋଇଉଠିଥିଲା । ସାମ୍ବାଦିକ, ଓକିଲ, ଉଚ୍ଚ ଓ ନିମ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ସମାଜ ମଧ୍ୟ ଜାତୀୟ ଭାବରେ ଅନୁପ୍ରାଣିତ ହୋଇସାରିଥିଲେ । କଂଗ୍ରେସ ଏହାକୁ ଅଧିକ ସକ୍ରିୟ କରିବାପାଇଁ ଛାତ୍ରମାନଙ୍କୁ ନେଇ କଂଗ୍ରେସ ସେବାଦଳର ଅନୁଷ୍ଠାନ ଆୟୋଜନ କରିବାକୁ ଆରମ୍ଭ କରିଥିଲା । ଏହାର ପ୍ରଭାବରେ ପ୍ରତି

Digitized by PPRACHIN, SOA

ଘରେ ସ୍ୱାଧୀନ ଭାରତର ସ୍ୱପ୍ନ, ଚିନ୍ତା ଓ କର୍ମର ପ୍ରବାହ ତୀବ୍ର ହୋଇଉଠିଲା । ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁ କଂଗ୍ରେସର ଯାଦୁକରୀ ନାମକୁ ଓଡ଼ିଆ ଜାତୀୟତା ଦିଗକୁ ପ୍ରସାର କରିଥିଲେ । ଏହାପରେ ତାଙ୍କର ଶ୍ରେଷ୍ଠତମ ସହଯୋଗୀରୂପେ ପଣ୍ଡିତ ନୀଳକଣ୍ଠ କଂଗ୍ରେସକୁ ଓଡ଼ିଶାରେ ଏକ ଆନ୍ଦୋଳନର ଉଗ୍ର ଜାତୀୟତାର ଝଲକରେ ଆଲୋକିତ କରିଥିଲେ । ତାଙ୍କ ନେତୃତ୍ୱ କେବଳ ଓଡ଼ିଶାର ସୀମା ମଧ୍ୟରେ ଆଉ ଆବଦ୍ଧ ହୋଇ ନ ଥିଲା । ସର୍ବଭାରତୀୟ ସ୍ତରରେ ସେ ପ୍ରତିଷ୍ଠିତ ହୋଇସାରିଥିଲେ ଏବଂ ତାଙ୍କରି ଉଦ୍ୟମରେ ପୁରୀରେ ସର୍ବଭାରତୀୟ କଂଗ୍ରେସ ଅଧିବେଶନ କରିବା ପ୍ରସ୍ତାବକୁ ଭାରତର ଜାତୀୟ କଂଗ୍ରେସର ନେତୃବର୍ଗ ଗ୍ରହଣ କରିଥିଲେ । ପୂର୍ବ-ଭାରତରେ ବଙ୍ଗଳାର ବଡ଼ ବଡ଼ ନେତାମାନେ ଥିବା ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ନିଜ ବ୍ୟକ୍ତିତ୍ୱ ବଳରେ କଂଗ୍ରେସ ଅଧିବେଶନ ଓଡ଼ିଶାର ଜଗନ୍ନାଥ-ପୁରୀ ଧାମରେ କରାଇବା ନିଷ୍ପତ୍ତି ନେବାରେ ସଫଳ ହୋଇଥିଲେ । ଏହା ସେତେବେଳେ କମ୍ ଆୟାସସାଧ୍ୟ ନ ଥିଲା । ତାଙ୍କୁ ପୁରୀ କଂଗ୍ରେସ ଅଧିବେଶନ ନିମନ୍ତେ ଅଭ୍ୟର୍ଥନା ସଭାର ସଭାପତି ନିର୍ବାଚିତ କରାଯାଇଥିଲା ।

ପୁରୀରେ କଂଗ୍ରେସ ଅଧିବେଶନ ନିମନ୍ତେ ହେଉଥିବା ଆୟୋଜନରେ ଦୁଇଟି ସମସ୍ୟା ଉଠିଥିଲା । ଏଥିରେ ଅଭ୍ୟର୍ଥନା କମିଟିରେ କେଉଁମାନେ କର୍ମକର୍ତ୍ତା ହେବେ ଓ ଏଠାକୁ ଆସୁଥିବା ବିଭିନ୍ନ ପ୍ରାନ୍ତର ପ୍ରତିନିଧିମାନଙ୍କର କିପରି ଯତ୍ନ ନିଆଯିବ । ଅଭ୍ୟର୍ଥନା କମିଟିର କର୍ମକର୍ତ୍ତା ଭାବରେ ରହିବା ନିମନ୍ତେ ଓଡ଼ିଶାର ଅନ୍ୟ ବିଶିଷ୍ଟ କଂଗ୍ରେସ ନେତାମାନେ ମଧ୍ୟ ଉଦ୍ୟମ କରିଥିଲେ । ମାତ୍ର ପଣ୍ଡିତ ନୀଳକଣ୍ଠଙ୍କ ମତ ଥିଲା ପୁରୀ ଜିଲ୍ଲା କଂଗ୍ରେସର ଅଧିକ ସଭ୍ୟ ଏଥିରେ ରହିଲେ ତାହାର ପରିଚାଳନା ସୁଗମ ହେବ । ଏଥିପାଇଁ ବିବାଦର ସୂତ୍ରପାତ ଘଟିଲା । କିନ୍ତୁ ଏହି ଦ୍ୱନ୍ଦ୍ୱ ପରେ ସ୍ଥିର ହେଲା ଯେ ଯେଉଁ ଜିଲ୍ଲାରୁ ଅଧିକ ଅଭ୍ୟର୍ଥନା କମିଟି ସଭ୍ୟ ହେବେ, ସେହି ଜିଲ୍ଲାରୁ ଅଭ୍ୟର୍ଥନା କମିଟିର ସଭାପତି ହେବେ । କେଉଁ ଭିତ୍ତିରେ କର୍ମକର୍ତ୍ତା ନିର୍ବାଚିତ ହେବେ ଏବଂ ଅଧିବେଶନପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ କିଏ ନେବେ ଏଥିପାଇଁ କିଛି ମତଭେଦ ଘଟିଥିଲା । ପରେ ୫ ଜଣିଆ କମିଟି ପଣ୍ଡିତ ନୀଳକଣ୍ଠ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ପ୍ରଭୃତିଙ୍କୁ ନେଇ ଗଠିତ ହେଲା । ଶେଷରେ ସ୍ଥିର ହେଲା ଯେ ଯେଉଁ ଜିଲ୍ଲାରୁ ଅଧିକ ଅଭ୍ୟର୍ଥନା କମିଟି ସଭ୍ୟ ସଂଗୃହୀତ ହୋଇପାରିବ ସେହି ଜିଲ୍ଲା ଦାୟିତ୍ୱରେ ଥିବା ନେତା ଅଭ୍ୟର୍ଥନା କମିଟିର ସଭାପତି ହେବେ । ଏଥିରେ ବିବ୍ରତ ହୋଇ ପଣ୍ଡିତ ନୀଳକଣ୍ଠ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତକରି ସର୍ବାଧିକ ୩୦୦ ସଭ୍ୟ ସଂଗ୍ରହ କରିଥିଲେ । ସେତେବେଳେ ଅଭ୍ୟର୍ଥନା କମିଟି ସଭ୍ୟ ଚାନ୍ଦା ଥାଏ ୨୫ଟଙ୍କା । ଶେଷରେ ପଣ୍ଡିତ ନୀଳକଣ୍ଠ ଅଭ୍ୟର୍ଥନା କମିଟିର ସଭାପତି ନିର୍ବାଚିତ ହେଲେ । ସେହିଦିନଠାରୁ କଂଗ୍ରେସ ଦଳରେ ପଣ୍ଡିତ ନୀଳକଣ୍ଠଙ୍କ

Digitized by PPRACHIN, SOA

ବିରୋଧରେ ଓଡ଼ିଶାରେ ଗୋଟିଏ ବିରୋଧ ଗୋଷ୍ଠୀ ସୃଷ୍ଟି ହେବାର ସୂଚନା ମିଳିଲା ଏବଂ ପରବର୍ତ୍ତୀ ଅବସ୍ଥାରେ ସେହି ଦ୍ୱନ୍ଦ୍ୱ ଏପରି ଆକାର ଧାରଣ କଲା ଯେ ଯାହା ଫଳରେ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ୧୯୩୭ ମସିହା ନିର୍ବାଚନରେ ବିପୁଳ ବିଜୟ ହାସଲ କଲେ ସୁଦ୍ଧା ପଣ୍ଡିତ ନୀଳକଣ୍ଠ କଂଗ୍ରେସ ବ୍ୟବସ୍ଥାପକସଭାର ଦଳପତି ପଦରୁ ବଞ୍ଚିତ ହେଲେ । ପରବର୍ତ୍ତୀ କାଳରେ ଏହା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମଧ୍ୟରେ ଆଞ୍ଚଳିକ ପ୍ରାଧାନ୍ୟ ନିମନ୍ତେ ଦ୍ୱନ୍ଦ୍ୱର ବୀଜ ବପନ କରିଥିଲା ଏବଂ ଦୁର୍ଭାଗ୍ୟବଶତଃ ତାହା ଏକପ୍ରକାର ଜାତିଆଣ ବିଭାଗୀକରଣର ବୀଜ ବପନ କରିଥିଲା ।

ପୁରୀ କଂଗ୍ରେସ ଅଧିବେଶନ ନିମନ୍ତେ ଆସୁଥିବା ପ୍ରତିନିଧି ଓ କର୍ମୀମାନଙ୍କର ଯତ୍ନ ନେବା ନିମନ୍ତେ ଏକ କଂଗ୍ରେସ ସେବାଦଳ ସଂଗଠନର ଆବଶ୍ୟକତା ଅନୁଭବ କରାଯାଇଥିଲା । କଂଗ୍ରେସର ପୂର୍ବ ଅଧିବେଶନମାନଙ୍କରେ ମଧ୍ୟ ସେବାଦଳ ନିମନ୍ତେ ଯୁବକର୍ମୀ ସଂଗ୍ରହ କରାଯାଉଥିଲେ । ପୁରୀ ଅଧିବେଶନରେ ମୋ ସହିତ ବହୁ ଛାତ୍ର ପଣ୍ଡିତ ନୀଳକଣ୍ଠଙ୍କ ନିର୍ଦ୍ଦେଶରେ ଏହି ସେବାଦଳ ବାହିନୀରେ ଯୋଗ ଦେବାପାଇଁ ଉତ୍ସାହ ପ୍ରକାଶ କରିଥିଲେ । ସତ୍ୟବାଦୀ ହାଇସ୍କୁଲର ଛାତ୍ରମାନେ ପୂର୍ବରୁ କଟକର ଉତ୍କଳ ସମ୍ମିଳନୀରେ ଦାୟିତ୍ୱର ସହିତ କରିଥିବା କାର୍ଯ୍ୟ ଦୃଷ୍ଟେ ନୀଳକଣ୍ଠବାବୁ ଛାତ୍ରମାନଙ୍କୁ ବିଶେଷ ଭାବରେ ଶୃଙ୍ଖଳାର ସହିତ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ପାରିବେ ବୋଲି ବିଚାରିଥିଲେ । ସେହି ସମୟରେ ମୋର ବଡ଼ଭାଇ ହରିଭାଇନା (ପରେ ଜଷ୍ଟିସ୍ ହରିହର ମହାପାତ୍ର)ଙ୍କ ଭଉଣୀ ତାରାମଣୀ ମହିଳା ସେବାଦଳରେ ସ୍ୱେଚ୍ଛାସେବୀ ରୂପେ ନିଆଯାଇଥିଲେ । ପୁରୀ ସେବାଦଳର ପରିଚାଳକ ଥିଲେ ଆଚାର୍ଯ୍ୟ ହରିହର ଦାସ । ତାଙ୍କ ସାନଭାଇ ଡାକ୍ତର ଶଙ୍କର ଦାସଙ୍କୁ ତାରାମଣୀ ପୂର୍ବରୁ ବିବାହ କରିଥିଲେ । କିନ୍ତୁ ଆମ୍ଭମାନଙ୍କର ସେବାଦଳରେ ଯୋଗଦେବାକୁ ମୋର ନନା ଦାମୋଦର ମହାପାତ୍ର ଆଦୌ ପସନ୍ଦ କରି ନ ଥିଲେ । ସେ ଶୁଣିଥିଲେ ଯେ ସେବାଦଳରେ ସେବିକା ଭାବରେ ଯେଉଁମାନେ ଯୋଗ ଦେବେ ସେମାନଙ୍କୁ କଂଗ୍ରେସ ଅଧିବେଶନରେ ଯୋଗଦେବାକୁ ଆସିଥିବା ପ୍ରତିନିଧିମାନଙ୍କପାଇଁ ଉଦ୍ଦିଷ୍ଟ ଟ୍ରେଞ୍ଚ ଖୋଳା ହୋଇଥିବା ପାଇଖାନାକୁ ବାଲି ଘୋଡ଼ାଇ ଫିନାଇଲ ପକାଇ ସଫା କରିବାପାଇଁ କାମ କରିବାକୁ ପଡ଼ିବ । ତତ୍‌କାଳୀନ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ହିସାବରେ ସେ ଏହାକୁ ନାପସନ୍ଦ କରି ଆଚାର୍ଯ୍ୟ ହରିହରଙ୍କୁ ଏଥିପାଇଁ ବିରକ୍ତ ହୋଇଥିଲେ । ମାତ୍ର ଆଚାର୍ଯ୍ୟ ହରିହର ତାଙ୍କୁ ବୁଝାଇବାରେ ସଫଳ ହୋଇଥିଲେ । ମୁଁ ଜିଲ୍ଲା ସ୍କୁଲ୍‌ରେ ଭଲ ବକ୍ତୃତା ଦେଇପାରୁଥିବାରୁ ଛାତ୍ରମାନଙ୍କୁ ନେଇ ଗଢ଼ାଯାଇଥିବା ସେବକମାନଙ୍କର ଏକପ୍ରକାର ନେତାରୂପେ କାର୍ଯ୍ୟ କରୁଥିଲି । ସେହି କ୍ରମରେ ପଣ୍ଡିତ ନୀଳକଣ୍ଠଙ୍କ ସହିତ ମୋର ସଂପର୍କ ଖୁବ୍ ଅଳ୍ପ ଓ ସାମୟିକ ଭାବରେ ଥରେ ଥରେ ଘଟୁଥିଲା । ତଥାପି ଆମର

Digitized by PPRACHIN, SOA

ମୁଖ୍ୟ ଥିଲେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁଅ ଅଶୋକ ଦାସ (ପରେ ଆଡ଼ଭୋକେଟ୍ ଜେନେରାଲ) । ତାଙ୍କ ସହିତ ଥିଲେ ସଚ୍ଚିଦାନନ୍ଦ ମିଶ୍ର, ସ୍ୱରାଜ ମଲ୍ଲ ସାହା (ପରେ ପାର୍ଲିଆମେଣ୍ଟ ସଭ୍ୟ), ବିଭୁଧେନ୍ଦ୍ର ମିଶ୍ର (ପରବର୍ତ୍ତୀ କାଳରେ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ) ଓ ଅନ୍ୟମାନେ । ସେତେବେଳେ ପୁରୀରେ ବର୍ତ୍ତମାନ ଲକ୍ଷ୍ମୀ ଟକିଜଠାରେ ଆଚାର୍ଯ୍ୟ ହରିହର ଗୋଟିଏ ଆଶ୍ରମ କରି ସେବା ଦଳର କର୍ମୀମାନଙ୍କୁ ସେବା କାର୍ଯ୍ୟ ସଂପର୍କରେ ତାଲିମ ଦେଉଥାନ୍ତି ଏବଂ ଆଶ୍ରମ ପରିଚାଳନା ମୁରାରି ତ୍ରିପାଠୀଙ୍କ ସହଯୋଗରେ କରୁଥାନ୍ତି । ପୁରୀ ସମୁଦ୍ର କୂଳରେ ବଳିଆପଣ୍ଡାଠାରେ କଂଗ୍ରେସ ଅଧିବେଶନ ନିମନ୍ତେ ତାଳତାଟିର ଘରସବୁ ତିଆରି କରାଗଲା ।

କଂଗ୍ରେସ ଅଧିବେଶନ ପୂର୍ବରୁ ମହାତ୍ମାଗାନ୍ଧି ତତ୍କାଳୀନ ବଡ଼ଲାଟଙ୍କ ସହିତ ଆଲୋଚନାରେ ବିଫଳ ହୋଇଥାନ୍ତି । ଲଣ୍ଡନରେ ୧୯୩୧ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ୍ ବୈଠକରେ ଗାନ୍ଧିଜୀ ଅସନ୍ତୋଷ ପ୍ରକାଶ କରି ଭାରତ ଫେରିଆସି ଏକ ନୂତନ ଆନ୍ଦୋଳନପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥାନ୍ତି ଏବଂ ସମଗ୍ର ଭାରତରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଦ୍ୱିତୀୟ ପର୍ଯ୍ୟାୟ ସତ୍ୟାଗ୍ରହ ସଂଗ୍ରାମର ସୂଚନା ମିଳୁଥାଏ । ଭାରତବର୍ଷର ଏହି ସନ୍ଧିକ୍ଷଣ ବେଳେ ବ୍ରିଟିଶ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିବାପାଇଁ ସ୍ଥିର କଲେ । ତେଣୁ କଂଗ୍ରେସ କାର୍ଯ୍ୟରେ ସହଯୋଗ କରୁଥିବା ଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନଙ୍କଦ୍ୱାରା ଏଥିରୁ ନିବୃତ୍ତ କରିବାପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ସେତେବେଳେ ପୁରୀ ଜିଲ୍ଲା ସ୍କୁଲ୍‌ର ହେଡ୍‌ମାଷ୍ଟର ଥିଲେ ଆନନ୍ଦଚନ୍ଦ୍ର ପତି (ବିଶିଷ୍ଟ କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପତିଙ୍କ ପିତା) । ସେ ସରକାରଙ୍କ ଅତ୍ୟନ୍ତ ଅନୁରକ୍ତ କର୍ମଚାରୀ ଥିଲେ ଏବଂ କଂଗ୍ରେସ ଆନ୍ଦୋଳନରେ ଛାତ୍ରମାନଙ୍କ ସହଯୋଗର ଘୋର ବିରୋଧୀ ଥିଲେ । ଏହି ପରିସ୍ଥିତିରେ ଆମ୍ଭେମାନେ ପୁଲିସର କୋପ ଦୃଷ୍ଟିରେ ପଡ଼ିଥିଲୁ । ମୁଁ ପ୍ରଥମ ଥରପାଇଁ ଅନ୍ୟ କେତେକ ବନ୍ଧୁଙ୍କ ସହିତ ମଧ୍ୟ ଗିରଫ ହୋଇଥିଲି ଏବଂ ପୁରୀ ଜିଲ୍ଲା ସ୍କୁଲରୁ ବିତାଡ଼ିତ ହୋଇଥିଲି । କିନ୍ତୁ ତତ୍କାଳନୀ ପୁରୀ କଲେକ୍ଟର ଏମ୍. କେ. ଥଡ଼ାନି ଯେ କି ସିନ୍ଧୁ ପ୍ରଦେଶର ଲୋକ ଥିଲେ ଓ ଜଣେ ସ୍ୱାଧୀନଚେତା ଅଫିସରରୂପେ ସ୍ୱାଧୀନତା ଆନ୍ଦୋଳନର ହାର୍ଦ୍ଦିକ ନୀରବ ସମର୍ଥକ ଥିଲେ ସେ ଲିଖିତ ନିର୍ଦ୍ଦେଶ ଦେଇ ଛାତ୍ରମାନଙ୍କୁ ଖଲାସ କରିଦେଇଥିଲେ । ସେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କୁ ଡାକି ଜଣାଇଦେଲେ ଯେ କଂଗ୍ରେସକୁ ବେଆଇନ୍ ଘୋଷଣା କରିବାକୁ ଏକ ଗୋପନବାର୍ତ୍ତା କେନ୍ଦ୍ର ସରକାରଙ୍କ ନିକଟରୁ ତାଙ୍କ ପାଖକୁ ଆସିଛି । ତେଣୁ ସେମାନେ ବାର ଘଣ୍ଟା  ମଧ୍ୟରେ ଅଧିବେଶନ ସ୍ଥଳରେ ଥିବା ସମସ୍ତ ଆସବାବପତ୍ରକୁ ତୁରନ୍ତ ଉଠାଇ ନ ନେଲେ ସରକାରଙ୍କଦ୍ୱାରା ତାହା ବାଜ୍ୟାପ୍ତ କରାଯିବ ଏବଂ ସମସ୍ତ କର୍ମୀଙ୍କୁ ଗିରଫ କରାଯିବ । ତେଣୁ ପଣ୍ଡିତ ନୀଳକଣ୍ଠଙ୍କ ନିର୍ଦ୍ଦେଶରେ କଂଗ୍ରେସ କର୍ମୀ ଓ

Digitized by PPRACHIN, SOA

ସେବା ଦଳର ସେବକମାନେ ରାତାରାତି ତାଳତାଟିଘର ଓ ସମସ୍ତ ସଂଗୃହୀତ ଆସବାବପତ୍ରକୁ ଭାଙ୍ଗି ନେଇଯାଇଥିଲେ । ପରେ ତାହା ଟ. ୧୮,୦୦୦/- ରେ ନିଲାମ ହୋଇ କଂଗ୍ରେସ ପାଣ୍ଠିକୁ ଯାଇଥିଲା ଓ ତତ୍କାଳୀନ କଂଗ୍ରେସ ଅଧିବେଶନର କୋଷାଧ୍ୟକ୍ଷ ଜଗନ୍ନାଥ ମିଶ୍ରଙ୍କ ନିକଟରେ ଏହା ଗଚ୍ଛିତ ରହିଲା ।

ପୁରୀରେ କଂଗ୍ରେସ ଅଧିବେଶନ ପୂର୍ବରୁ ବହୁ ସନ୍ତ୍ରାସବାଦୀ, ବିଶେଷକରି ବଙ୍ଗ ଦେଶରୁ, ଗୋପନରେ ପଳାଇ ଆସି ପୁରୀରେ ଗୁପ୍ତଭାବରେ ରହୁଥାନ୍ତି ଏବଂ ବହୁ ଛାତ୍ରଙ୍କୁ ଗୋପନରେ ସାକ୍ଷାତ୍ କରି ସନ୍ତ୍ରାସବାଦୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ କରିବାପାଇଁ ଉଦ୍ୟମ କରୁଥାନ୍ତି । ଏହି ସନ୍ତ୍ରାସବାଦୀଙ୍କ ମଧ୍ୟରୁ କଲିକତାର କେତେକଙ୍କ ସହିତ ମୋର ଓ ଅନେକ ତତ୍‌କାଳୀନ ଛାତ୍ରଙ୍କର ସଂପର୍କ ମଧ୍ୟ ସ୍ଥାପିତ ହୋଇଥାଏ । Mr. Guha ଥିଲେ ବଙ୍ଗ ଦେଶର ସନ୍ତ୍ରାସବାଦୀ । ସେ ଏହି ସଙ୍ଗଠନର ଏକପ୍ରକାର ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲେ । ଏହା ଅନୁଶୀଳନ ଦଳ ରୂପେ ପରିଚିତ ଥିଲା । ପଣ୍ଡିତ ନୀଳକଣ୍ଠଙ୍କ ପୁତ୍ର ଅଶୋକ ଦାସ ଏହି ଅନୁଶୀଳନ ଦଳର ନେତାମାନଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରଖି ଆମ୍ଭମାନଙ୍କୁ ସେତେବେଳେ ପ୍ରଭାବିତ କରୁଥିଲେ । ଏସବୁ ପଣ୍ଡିତ ନୀଳକଣ୍ଠଙ୍କ ଜ୍ଞାତସାରରେ ଚାଲିଥିଲା । କଂଗ୍ରେସ ଅଧିବେଶନ ବନ୍ଦ ହୋଇଯିବା ପରେ ଆମେ ସବୁ ପୁଣି ସ୍କୁଲ୍‌କୁ ଯାଇ ପାଠପଢ଼ାରେ ମନ ଦେଲୁ । ସନ୍ତ୍ରାସବାଦୀମାନଙ୍କ ସହିତ ଆମର ସଂପର୍କ ଛିନ୍ନ ହୋଇ ନ ଥିଲା ।

୧୯୩୨ ମସିହା ଏପ୍ରିଲ ମାସରେ କଂଗ୍ରେସ ଅଧିବେଶନ ହେବାର ଥାଏ ଏବଂ ସେଥିପାଇଁ ବିରାଟ ଆୟୋଜନ ଚାଲିଥାଏ । କିନ୍ତୁ ଜାତୀୟ କଂଗ୍ରେସକୁ ୧୯୩୨ ମସିହା ଜାନୁଆରୀ ୫ରେ ବେଆଇନ୍ ଘୋଷଣା କରାଯିବା ଫଳରେ କଂଗ୍ରେସ ଅଧିବେଶନ ପୁରୀରେ ହୋଇପାରିଲା ନାହିଁ ଏବଂ ପରବର୍ତ୍ତୀ ସମୟରେ ୧୯୬୪ରେ ଭୁବନେଶ୍ୱରଠାରେ ଅଭ୍ୟର୍ଥନା କମିଟି ଗଠନ ହୋଇ କାମରାଜଙ୍କ ଅଧ୍ୟକ୍ଷତାରେ ୬୮ତମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ୧୯୩୨ ମସିହାର ପୁରୀ ଅଧିବେଶନ ବାତିଲ ହେଲାପରେ ଏବଂ କଂଗ୍ରେସ ବେଆଇନ୍ ଘୋଷିତ ହୋଇଥିବା ସତ୍ତ୍ୱେ ଦିଲ୍ଲୀରେ ୧୯୩୨ ଏପ୍ରିଲ ମାସରେ ୫୦୦ ପ୍ରତିନିଧିଙ୍କ ସମାଗମରେ ପୋଲିସ ଘେର ଭିତରେ ଏକ ଜରୁରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମଦନ ମୋହନ ମାଲବ୍ୟ ଉକ୍ତ ଅଧିବେଶନରେ ସଭାପତି ଭାବରେ ଯୋଗ ଦେବାପାଇଁ ଆସିଲାବେଳେ ବାଟରେ ଗିରଫ ହେଲେ ଏବଂ ଏହି ଅଧିବେଶନରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ସମଗ୍ର ଦେଶରେ ଲବଣ ସତ୍ୟାଗ୍ରହ ପ୍ରତି ସଂପୂର୍ଣ୍ଣ ସମର୍ଥନ ଜଣାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ସେତେବେଳକୁ ପଣ୍ଡିତ ନୀଳକଣ୍ଠ ଗିରଫ ହୋଇ ଜେଲରେ ଥିଲେ । ସେତେବେଳକୁ ମୁଁ ୧୧ଶ ଶ୍ରେଣୀର ଛାତ୍ର ଭାବରେ ପୁରୀ ଜେଲରୁ ଆସି ମାଟ୍ରିକ ପରୀକ୍ଷା ଦେଉଥାଏ ।

Digitized by PPRACHIN, SOA

ମାଟ୍ରିକ ପାସ୍ କରିବା ପରେ ମୁଁ ୧୯୩୨ ମସିହାରେ କଟକର ରେଭେନ୍ସା କଲେଜରେ ଆଇ.ଏସ୍‌ସି. ପଢ଼ିବାପାଇଁ ଗଲି । ସେତେବେଳେ ରେଭେନ୍ସା କଲେଜର ପ୍ରିନ୍‌ସିପାଲ ଥିଲେ W.V. Duke ସାହେବ । ଏହି ସମୟରେ କଂଗ୍ରେସକୁ ବେଆଇନ ଘୋଷଣା କରାଯାଇଥାଏ । ସେଥିପାଇଁ ଆଇନ୍ ଅମାନ୍ୟ ଆନ୍ଦୋଳନର ତୀବ୍ରତା ସବୁଆଡ଼େ ଅନୁଭୂତ ହୋଇଥିଲା । ଛାତ୍ରମାନେ ସକ୍ରିୟ ଭାବରେ ଏଥିରେ ଭାଗ ନେବାକୁ ଆରମ୍ଭ କରିଥିଲେ । ପୁରୀ କଂଗ୍ରେସ ଅଧିବେଶନ ଓ ଅଫିମଦୋକାନ ପିକେଟିଂ ସମୟରେ ଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ କର୍ମ ତତ୍ପରତା ହେତୁ ସେମାନଙ୍କୁ ସଂଗଠିତ କରିବାପାଇଁ ପଣ୍ଡିତ ନୀଳକଣ୍ଠ ଆଗରୁ ନିର୍ଦ୍ଦେଶ ଦେଇଥିଲେ । ସେଇ ସମୟରୁ ଛାତ୍ର ସଂଗଠନ ବିପ୍ଳବର ଏକ ଅଙ୍ଗ ରୂପେ ଆତ୍ମପ୍ରକାଶ କଲା । କଂଗ୍ରେସ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବାରୁ ଓଡ଼ିଶାର ଅବିସମ୍ବାଦିତ କଂଗ୍ରେସ ନେତା ପଣ୍ଡିତ ନୀଳକଣ୍ଠ ଗିରଫ ହୋଇ ଜେଲ୍ ଗଲେ । ତାଙ୍କୁ ଦୁଇ ମାସ ଯାଏଁ ପୁରୀ ଜେଲ୍‌ରେ ରହିବାକୁ ପଡ଼ିଲା । ପଣ୍ଡିତ ନୀଳକଣ୍ଠ କଂଗ୍ରେସ ଆନ୍ଦୋଳନକୁ ଉଗ୍ରରୂପ ଦେବା ଫଳରେ ତାଙ୍କୁ ଗିରଫ କରାଯାଇ ୧୯୩୨ଠାରୁ ୧୯୩୪ ପର୍ଯ୍ୟନ୍ତ ପୁରୀ ଜେଲ୍‌ରେ ରଖାଗଲା । ପରେ ତାଙ୍କୁ ସ୍ଥାନାନ୍ତର କରାଯାଇ ହଜାରୀବାଗ ଜେଲ୍‌ରେ ବନ୍ଦୀ କରାଗଲା । ସେ ଓଡ଼ିଶାରୁ ଏକମାତ୍ର ପ୍ରଥମଶ୍ରେଣୀ ବନ୍ଦୀରୂପେ ସୁବିଧା ସୁଯୋଗ ପାଇଥିଲେ । ପରେ ତାଙ୍କର ସହଧର୍ମିଣୀ ରାଧାମଣୀ ଦେବୀ ମଧ୍ୟ ଗିରଫ ହୋଇ ପ୍ରଥମ ଶ୍ରେଣୀ ବନ୍ଦୀ ରୂପେ ଗୃହୀତ ହୋଇଥିଲେ । ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ସେତେବେଳେ ହଜାରିବାଗ ଜେଲ୍‌ରେ ବନ୍ଦୀ ହୋଇଥାନ୍ତି । ଜେଲ୍‌ରେ ସେ ଗୀତାର ଭାଷ୍ୟ ଓ ଅନ୍ୟ କେତେକ ପୁସ୍ତକ ରଚନା କରିଥିଲେ । ସେ ୧୯୩୩ ମସିହାରେ ନବଭାରତ ପ୍ରେସ୍ ପ୍ରତିଷ୍ଠା କଲେ । ସେଥିରୁ 'ନବଭାରତ' ମାସିକ ଆକାରରେ ପ୍ରକାଶ ପାଇଲା । ଏହାପରେ ସାପ୍ତାହିକ ହେଲା । ସେ ମଧ୍ୟ 'ଲୋକମତ' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଏହି ନବଭାରତ ପ୍ରେସ୍ ଆମ ଛାତ୍ରମାନଙ୍କର ରାଜନୀତିକ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ଥିଲା । ପଣ୍ଡିତ ନୀଳକଣ୍ଠ ଜେଲ୍‌ରେ ଥିବା ହେତୁ ଅଶୋକ ଦାସ ଓ ଚିନ୍ତାମଣି ମିଶ୍ର ନବଭାରତର ପରିଚାଳନା କରୁଥିଲେ ଓ ଅନ୍ୟ ପ୍ରମୁଖ ଯୁବ ଛାତ୍ରମାନେ ଏହିଠାରେ ମିଳିତ ହୋଇ ସ୍ୱାଧୀନତା ଆନ୍ଦୋଳନ ତଥା କଂଗ୍ରେସ ଆନ୍ଦୋଳନର ବିଭିନ୍ନ ଆଲୋଚନା କରି ନିଷ୍ପତ୍ତି ନେଉଥିଲେ । ଏହି ଛାତ୍ରମାନଙ୍କ ମଧ୍ୟରେ ଥିଲେ ବିଭୁଧେନ୍ଦ୍ର ମିଶ୍ର, ସଚ୍ଚି ରାଉତରାୟ (ବିଶିଷ୍ଟ କବି), ସୂରଯମଲ୍ଲ ସାହା, ବଳରାମ ମହାନ୍ତି ପ୍ରଭୃତି । ଅଶୋକ ଦାସ ଛାତ୍ର ନେତା ଭାବରେ ଆନ୍ଦୋଳନରେ ଅଧିକ ଭାଗ ନେବା ଫଳରେ ତାଙ୍କୁ ରେଭେନ୍ସା କଲେଜରୁ ୧୯୩୪ ମସିହାରେ ରସ୍‌ଟିକେଟ୍ କରାଯାଇଥିଲା । ତେଣୁ ସେ କଲିକତା ଚାଲିଯାଇଥିଲେ । ସେଠାରେ କଲିକତାର ପ୍ରଖ୍ୟାତ ନେତା ପଣ୍ଡିତ

Digitized by PPRACHIN, SOA

ନୀଳକଣ୍ଠଙ୍କ ବାଲ୍ୟବନ୍ଧୁ ପୁରୀ ଜିଲ୍ଲା ସ୍କୁଲ୍‌ର ଛାତ୍ର ନଗେନ୍ଦ୍ର ନାଥ ରକ୍ଷିତଙ୍କ ଘରେ ରହି ପଢ଼ାପଢ଼ି କଲେ । ଏଇ ନଗେନ୍ଦ୍ର ନାଥ ରକ୍ଷିତଙ୍କ ଘର କେନ୍ଦ୍ରୀୟ ବିଧାନସଭାର ସଭ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଦିଲ୍ଲୀ ଯିବା ବାଟରେ ଏବଂ କଲିକତାରେ ରହିବା କାଳରେ ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳ ଥିଲା ।

୧୯୩୭ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥାଇ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ କଂଗ୍ରେସ ୩୬ଟି ସ୍ଥାନରୁ ପ୍ରାର୍ଥୀ ଦେଇ ୩୫ଟି ସ୍ଥାନରେ ବିପୁଳ ସଂଖ୍ୟାରେ ଜୟଯୁକ୍ତ ହୋଇଥିଲେ । ସେତେବେଳେ ବିଧାନସଭାର ସଭ୍ୟ ସଂଖ୍ୟା ଥିଲା ୬୦ । ନୀଳକଣ୍ଠବାବୁ ସେତେବେଳେ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ ଥାନ୍ତି ଏବଂ ନିର୍ବାଚନ ପରିଚାଳନା କରିବାପାଇଁ ବିଧାନସଭାରେ ପ୍ରାର୍ଥୀ ହେବାକୁ ମନାକରି ସମଗ୍ର ଓଡ଼ିଶାରେ କଂଗ୍ରେସକୁ ଜୟଯୁକ୍ତ କରିବାରେ ମୁଖ୍ୟ ଭୂମିକା ନେଇଥାନ୍ତି । ଠିକ୍ ଏହି ସମୟରେ ତାଙ୍କ ବିରୋଧୀ ଗୋଷ୍ଠୀ ସ୍ୱାମୀ ବିଚିତ୍ରାନନ୍ଦଙ୍କ ପରାମର୍ଶରେ ଏକ ନିୟମ କରିଦେଲେ ଯେ ବିଧାନସଭାକୁ ନିର୍ବାଚିତ ହୋଇ ନ ଥିବା ବ୍ୟକ୍ତି ବିଧାନସଭା କଂଗ୍ରେସ ଦଳର ନେତୃତ୍ୱ ନେଇପାରିବେ ନାହିଁ । ଏହା କେବଳ ପଣ୍ଡିତ ନୀଳକଣ୍ଠଙ୍କୁ ପ୍ରଧାନମନ୍ତ୍ରୀ ନ କରାଇବାପାଇଁ ଉଦ୍ଦିଷ୍ଟ ଥିଲା ଯଦିଓ ବିଧାନସଭା କଂଗ୍ରେସ ଦଳରେ ତାଙ୍କ ସପକ୍ଷରେ ୩୬ ଜଣ ସଭ୍ୟଙ୍କ ଭିତରୁ ୨୨ଜଣ ସଭ୍ୟଙ୍କ ସମର୍ଥନ ଥିଲା । ଏହା ସେତେବେଳର କଂଗ୍ରେସ ଦଳରେ ଏକ ବିରାଟ ଚହଳ ପକାଇ ଦେଇଥିଲା । ବିଶ୍ୱନାଥଦାସଙ୍କୁ ପ୍ରଧାନମନ୍ତ୍ରୀ ରୂପେ ଏହି ନିୟମ ଅନୁସାରେ ଦାୟିତ୍ୱ ନେବାପାଇଁ କଂଗ୍ରେସ ଦଳ ସ୍ଥିର କଲେ । ପଣ୍ଡିତ ନୀଳକଣ୍ଠ ସର୍ଦ୍ଦାର ପଟେଲଙ୍କ ପାଖରେ ଆପତ୍ତି କଲେ ସୁଦ୍ଧା ବିଶେଷ ଫଳ ହେଲା ନାହିଁ । ମୁଁ ସେତେବେଳେ ପାଟଣା କଲେଜରେ ଫାଇନାଲ ଏମ.ଏ. ଅର୍ଥନୀତିରେ ପଢୁଥାଏ ଏବଂ ପାଟଣାରେ ସେତେବେଳକୁ ଓଡ଼ିଆଙ୍କ ଭିତରେ ଜଣେ ବଳିଷ୍ଠ ଛାତ୍ର ନେତା ଭାବରେ କାର୍ଯ୍ୟ କରୁଥାଏ । ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ ପରାଜୟରେ ଆମେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଲୁ ଓ କିପରି ଓଡ଼ିଶା ଆସିବୁ ଏବଂ ପଣ୍ଡିତ ନୀଳକଣ୍ଠଙ୍କ ସହିତ ସହଯୋଗ କରିବୁ ସେଥିପାଇଁ ଉଦ୍‌ବେଗ ପ୍ରକାଶ କରିଥିଲୁ ।

ସ୍ୱରାଜ ପାର୍ଟି ୧୯୨୭ ମସିହାରେ ପୁନର୍ବାର କଂଗ୍ରେସରେ ମହାତ୍ମାଗାନ୍ଧିଙ୍କ ନିର୍ଦ୍ଦେଶରେ ଯୋଗ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ୧୯୨୪ରୁ ୧୯୪୫ ପର୍ଯ୍ୟନ୍ତ କେନ୍ଦ୍ର ଆସେମ୍ବ୍ଲିରେ ଜଣେ କଂଗ୍ରେସ ଦଳ ସଭ୍ୟ ଏବଂ ସ୍ୱରାଜ ପାର୍ଟିର ମୁଖ୍ୟ ଭାବରେ ଥିଲେ । ସେ ସମଗ୍ର ଭାରତରେ ଜଣେ ଦକ୍ଷ ସାଂସଦ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ୧୯୩୨ରେ ସେ ଦ୍ୱିତୀୟଥରପାଇଁ ସତ୍ୟାଗ୍ରହରେ ଯୋଗଦେଇ ଦେଢ଼ ବର୍ଷ ଜେଲ୍‌ରେ ଥିଲେ ଏବଂ ଜେଲ୍‌ରୁ ଫେରି କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲେ । ଏତିକିବେଳେ କେନ୍ଦ୍ର ଆସେମ୍ବ୍ଲିରେ କେନ୍ଦ୍ର କଂଗ୍ରେସର ନେତୃତ୍ୱ ନେଇଥିଲେ ବୁଲାଭାଇ ଦେଶାଇ । ସ୍ୱାଧୀନତା ପରେ ୧୯୪୭ ରେ ତାଙ୍କୁ ନିର୍ବାଚନରେ

Digitized by PPRACHIN, SOA

କଂଗ୍ରେସ ଟିକେଟ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜରିଆରେ ମନା କରି ଦିଆଯାଇଥିଲା । ଏହି ଦିନଠାରୁ କଂଗ୍ରେସ ସହିତ ତାଙ୍କର ସମ୍ପର୍କ ଛିନ୍ନ ହେବାକୁ ଲାଗିଲା । ୧୯୩୮-୩୯ରେ ତ୍ରିପୁରା କଂଗ୍ରେସରେ ସେତେବେଳେ ଓଡ଼ିଶାରୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ମହାତ୍ମାଗାନ୍ଧିଙ୍କ ସୁପାରିସ ସତ୍ତ୍ୱେ ଅନ୍ୟମାନଙ୍କ ଚକ୍ରାନ୍ତରେ ମହତାବବାବୁଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନିଆଗଲା, ଫଳରେ କଂଗ୍ରେସ ସହିତ ତାଙ୍କର ସଂପର୍କ ଛିନ୍ନ ହେବାକୁ ଆରମ୍ଭ କଲା ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ କଂଗ୍ରେସ ଛାଡ଼ିଲେ । ସେହିଠାରୁ ନେତାଜୀଙ୍କ ସହିତ ତାଙ୍କର ସଂପର୍କ ଘନୀଭୂତ ହେବାକୁ ଲାଗିଲା । ୧୯୪୬ଠାରୁ ୧୯୫୭ ପର୍ଯ୍ୟନ୍ତ ତାଙ୍କର କଂଗ୍ରେସ ସହିତ କୌଣସି ସଂପର୍କ ନ ଥିଲା । ୧୯୫୭ ମସିହାରେ ପଣ୍ଡିତ ଜବାହରଲାଲ ନେହରୁଙ୍କ ଅନୁରୋଧକ୍ରମେ ସେ ପୁନର୍ବାର  ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ୨ୟ ଥରପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହେଲେ ।  ୧୯୩୯ ମସିହାରେ ନେତାଜୀଙ୍କ ସହିତ ତାଙ୍କର ପ୍ରତ୍ୟକ୍ଷ ସଂପର୍କ କଲିକତାଠାରେ ହେବାପରେ ନେତାଜୀ ଫରୱାର୍ଡ଼ ବ୍ଲକ୍‌ର ସର୍ବଭାରତୀୟ ନେତା ଭାବରେ ଓଡ଼ିଶାକୁ ଆସିଲେ ଏବଂ ପଣ୍ଡିତ ନୀଳକଣ୍ଠଙ୍କ ସହିତ ୧୯୩୮ ମସିହାଠାରୁ ୧୯୪୩ ମସିହା ପର୍ଯ୍ୟନ୍ତ ମୁଁ, ସୂରଯମଲ୍ଲ ଶାହା, ବିଭୁଧେନ୍ଦ୍ର ମିଶ୍ର, ଅଶୋକ ଦାସ, ବଳରାମ ମହାନ୍ତି ଘନିଷ୍ଠ ଭାବରେ ରାଜନୀତିକ ସଂପର୍କ ରଖିଥିଲୁ ଏବଂ Forward Block ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲୁ । ଆମ ସହିତ ଶ୍ରୀହର୍ଷ ମିଶ୍ର ଏବଂ ଦିବାକର ପଟ୍ଟନାୟକ ଓତପ୍ରୋତ ଭାବରେ ପଣ୍ଡିତ ନୀଳକଣ୍ଠଙ୍କ ସହିତ ସଂପର୍କ ରଖିଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ନେତାଜୀ ସୁଭାଷ ବୋଷ ଭାରତ ଛାଡ଼ି ଯାଇ ୟୁରୋପର ଜର୍ମାନୀ, ଜାପାନ ଓ ସିଙ୍ଗାପୁରରେ ମିତ୍ରଶକ୍ତିଙ୍କ ସହଯୋଗରେ 'ଭାରତୀୟ ଜାତୀୟ ସେନା ବାହିନୀ' (I.N.A.) ଗଠନ କରି 'ଦିଲ୍ଲୀ ଚଲ୍ଲୋ' ଅଭିଯାନ ଆରମ୍ଭ କଲେ । ସେତେବେଳକୁ ପୁରୀଠାରେ ଆମର ଯେଉଁ ଗୁପ୍ତ ସଂଗଠନ ଥିଲା ସେ ଗୁପ୍ତ ସଂଗଠନକୁ ସମସ୍ତ ସଙ୍କେତ ଆସୁଥିଲା । ନେତାଜୀଙ୍କର ସମ୍ପାଦକ ଶ୍ରୀ ମୁକୁନ୍ଦଲାଲ ସରକାର ଏବଂ ତାଙ୍କର ସହଯୋଗୀମାନେ ଆମ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଗୋପନୀୟ ଭାବରେ ରଖୁଥିଲେ । ତାହା ଜଣାପଡ଼ିବାରୁ ପୋଲିସ ଘେରାଉ କରି ବିଭୁଧେନ୍ଦ୍ର ମିଶ୍ର, ସୂରଯମଲ୍ଲ ଶାହା, ବଳରାମ ମହାନ୍ତି, ହରିହର ପୂଜାପଣ୍ଡା ଏବଂ ତାଙ୍କର ଭିଣୋଇ ପ୍ରଭୃତିଙ୍କୁ ଗିରଫ କଲାବେଳେ ମୁଁ ଆତ୍ମଗୋପନ କରି ରାତାରାତି ପୁରୀ ଛାଡ଼ି ଚାଲି ଆସି ପଣ୍ଡିତ ନୀଳକଣ୍ଠଙ୍କ ଜ୍ଞାତସାରରେ ଓ ତାଙ୍କ ପରାମର୍ଶରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଘରେ ଆତ୍ମଗୋପନ କରିରହିଲି ।

୧୯୩୮ ମସିହାରେ ଯେଉଁ ବିରାଟ ଐତିହାସିକ ଛାତ୍ର ଆନ୍ଦୋଳନ ଓଡ଼ିଶାରେ ଆରମ୍ଭ ହୁଏ, ସେତେବେଳକୁ ବିଶ୍ୱନାଥ ଦାସ ଥିଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଏବଂ

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଓ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ । ସେତେବେଳକୁ କଂଗ୍ରେସ ଭିତରେ ଘୋର କନ୍ଦଳ ସୃଷ୍ଟି ହୋଇଯାଇଥାଏ । ଅଶୋକ ଦାସଙ୍କ ଇଙ୍ଗିତରେ ମୁଁ ଏମ୍.ଏ. ଉପାଧି ପାଇ ସରକାରୀ ଚାକିରିର ସମସ୍ତ ପ୍ରଲୋଭନ ଏଡ଼ାଇ ଓଡ଼ିଶା ଫେରିଆସିଲି ଛାତ୍ର ଆନ୍ଦୋଳନରେ ନେତୃତ୍ୱ ନେବାପାଇଁ । ସେତେବେଳେ ଶ୍ରୀ ସଚ୍ଚୀ ରାଉତରାୟ, ନୀଳମଣି ରାଉତରାୟ, ବୀରେନ୍ ମିତ୍ର, ବିଭୁଧେନ୍ଦ୍ର ମିଶ୍ର, ରାମକୃଷ୍ଣ ପତି, ସୂରଯମଲ୍ଲ ଶାହା, ଉଦୟ ନାଥ ମିଶ୍ର ପ୍ରମୁଖ ଛାତ୍ର ନେତାମାନେ ଓଡ଼ିଶାରେ କେତେକ ଛାତ୍ର ସମସ୍ୟା ନେଇ ଆନ୍ଦୋଳନ ଆରମ୍ଭ କରିଥାନ୍ତି । ରେଭେନ୍ସା କଲେଜ ସେହି ଆନ୍ଦୋଳନର କେନ୍ଦ୍ର ଥାଏ । ଶ୍ରୀ ବିଭୁଧେନ୍ଦ୍ର ମିଶ୍ର ଏବଂ ସୂରଯମଲ୍ଲ ଶାହାଙ୍କୁ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯାଇଥାଏ । ଡକ୍ଟର ମୋତିଲାଲ ତ୍ରିପାଠୀ, ନୃସିଂହଚରଣ ସାମନ୍ତସିଂହାର, ଗୁରୁଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ମନମୋହନ ମିଶ୍ର ପ୍ରଭୃତି ଆମେ ସମସ୍ତେ ବାରମ୍ବାର ଜେଲ୍ ବରଣ କରି ଛାତ୍ର ଆନ୍ଦୋଳନକୁ ବଞ୍ଚାଇ ରଖୁଥିଲୁ । ସେତେବେଳେ ଛାତ୍ର କଂଗ୍ରେସ ନ ଥାଏ ଏବଂ ନିଖିଳ ଭାରତ ଛାତ୍ରସଂଘ କମ୍ୟୁନିଷ୍ଟ ନେତା, ପୂର୍ବତନ ଶକ୍ତିମନ୍ତ୍ରୀ କୁମାର ମଙ୍ଗଳମଙ୍କ ପିତାଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ଭାବାପନ୍ନ ଛାତ୍ର ନେତାମାନଙ୍କଦ୍ୱାରା ପ୍ରଭାବିତ ହେଉଥାଏ । କିନ୍ତୁ ମୁଁ ଓଡ଼ିଶା ଛାତ୍ର ସଂଘର ସଂପାଦକ ଥାଏ । କେରଳ ହାଇକୋର୍ଟର ବର୍ତ୍ତମାନ ମୁଖ୍ୟ ବିଚାରପତି ଶ୍ରୀ ଅରଜିତ ପଶାୟତଙ୍କ ପିତା ବିଶ୍ୱନାଥ ପଶାୟତ ଓ ଶ୍ରୀ ନୀଳମଣି ରାଉତରାୟ (ପୂର୍ବତନ ମୁଖ୍ୟମନ୍ତ୍ରୀ) ସଂପାଦକ ଭାବରେ କାର୍ଯ୍ୟ କରୁଥାନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ସହିତ ସେତେବେଳେ ଆମର ସଂପର୍କ ଅତି ନିବିଡ଼ । ନବଭାରତ ପ୍ରେସ ସେତେବେଳେ ଥାଏ ଆମ୍ଭମାନଙ୍କର ନୀଳକଣ୍ଠବାବୁଙ୍କ ସହିତ ପରାମର୍ଶ ଓ ଆଲୋଚନାର କେନ୍ଦ୍ରସ୍ଥଳୀ । ସେତେବେଳକୁ ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନିର୍ଦ୍ଦେଶରେ ୧୯୩୯ ବେଳକୁ ଫରୱାର୍ଡ ବ୍ଲକ୍ ଓଡ଼ିଶାରେ ଗଠନ କରିବାର ମସୁଧା ଚାଲିଥାଏ । କିନ୍ତୁ ପଣ୍ଡିତ ନୀଳକଣ୍ଠ ସେତେବେଳେ ମଧ୍ୟ ଓଡ଼ିଶା କଂଗ୍ରେସ କମିଟିର ସଭାପତି ଥାନ୍ତି । ଡକ୍ଟର ହରେକୃଷ୍ଣ ମହତାବ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ହେଲାପରେ ଏହି ଛାତ୍ର ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଏବଂ ପଣ୍ଡିତ ନୀଳକଣ୍ଠ ଦାସ ଏହି ଆନ୍ଦୋଳନକୁ ତେଜାଇ ଥିବାର ସନ୍ଦେହ କରି ଆନ୍ଦୋଳନକୁ ପ୍ରତ୍ୟାହାର କରିବାପାଇଁ ଘୋଷଣା କରାଇବାରେ ସଫଳ ହୋଇଥିଲେ । ସେତେବେଳକୁ ସମଗ୍ର ଓଡ଼ିଶାରେ ଛାତ୍ର ଆନ୍ଦୋଳନ ଏବଂ ମେଡ଼ିକାଲ୍ ସ୍କୁଲ୍ strike ତୀବ୍ର ଆକାର ଧାରଣ କରିଥାଏ ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ ପ୍ରତି ଏକ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ । ମହତାବବାବୁ ଏହା ପଣ୍ଡିତ ନୀଳକଣ୍ଠଙ୍କ ଇଙ୍ଗିତରେ ହେଉଛି ବୋଲି ହୃଦ୍‌ବୋଧ କରି ନେତାଜୀ ସୁଭାଷ ବୋଷଙ୍କ ସହିତ ପରାମର୍ଶ କରି ସମସ୍ତ ସମସ୍ୟାର

Digitized by PPRACHIN, SOA

ସମାଧାନ କରିବେ ଏବଂ ଛାତ୍ରମାନଙ୍କ ଦାବିର ସମ୍ମାନଜନକ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ଏହି ଆନ୍ଦୋଳନରୁ ଆମ୍ଭମାନଙ୍କୁ କ୍ଷାନ୍ତ କରିବାରେ ସଫଳ ହୋଇଥିଲେ ।

୧୯୩୯ ମସିହାରେ ପଣ୍ଡିତ ନୀଳକଣ୍ଠ ନେତାଜୀ ସୁଭାଷ ବୋଷଙ୍କ ସହିତ କଲିକତାଠାରେ ବିସ୍ତୃତ ଆଲୋଚନା କରି ଭାରତୀୟ ଜାତୀୟ ବାହିନୀ ଗଠନ ପରେ ଜାପାନ ସାହାଯ୍ୟରେ ଆକ୍ରମଣ କରିବେ ବୋଲି ତାଙ୍କର ଅଭିମତ ଜଣାଇଥିଲେ । ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମରେ ତିନୋଟି ମନ୍ତ୍ରିମଣ୍ଡଳ ଗଠିତ ହୋଇ ଜାତୀୟ ସେନାବାହିନୀକୁ ସ୍ୱାଗତ କରିବାପାଇଁ ମିଳିତ ମନ୍ତ୍ରିମଣ୍ଡଳ ଗଠନର ଆବଶ୍ୟକତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଆଲୋଚନା ବେଳେ ପଣ୍ଡିତ ଗୋଦାବରୀଶ, ଯଦୁମଣି ମଙ୍ଗରାଜ ମଧ୍ୟ ଉପସ୍ଥିତ ଥିଲେ । ଆସାମରେ ସ୍ୱର୍ଗତ ବର୍ଦୋଲୋଇ ଓ ଫକିରୁଦ୍ଦିନ, ବଙ୍ଗଳାରେ ଶରତ ବୋଷ, ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଏ ଦାୟିତ୍ୱ ନେବାପାଇଁ ସ୍ଥିର ହେଲା । ସେ ପଣ୍ଡିତ ନୀଳକଣ୍ଠଙ୍କୁ ମଗାଇଥିଲେ ଏବଂ ଫରୱାର୍ଡ ବ୍ଲକ୍‌ର ଜାତୀୟ କାର୍ଯ୍ୟକାରୀ କମିଟିରେ ପଣ୍ଡିତ ନୀଳକଣ୍ଠଙ୍କୁ ସଭ୍ୟ କରିବାପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ନୀଳକଣ୍ଠବାବୁ ଦିବାକରବାବୁଙ୍କ ନାମ ସୁପାରିସ କରିଥିଲେ ଏବଂ ସେ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବାରେ ନେତୃତ୍ୱ ନେବେ ବୋଲି ନେତାଜୀ ସୁଭାଷ ବୋଷଙ୍କୁ ସ୍ୱୀକୃତି ଦେଇଥିଲେ । ତଦନୁଯାୟୀ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲା । ନେତାଜୀ ସୁଭାଷ ବୋଷଙ୍କ ନିର୍ଦ୍ଦେଶରେ, ତତ୍‌କାଳୀନ ଗଭର୍ଣ୍ଣର ପଣ୍ଡିତ ଗୋଦାବରୀଶଙ୍କୁ ମନ୍ତ୍ରିମଣ୍ଡଳରେ ନେବାପାଇଁ ଅନିଚ୍ଛା ପ୍ରକାଶ କରିଥିଲେ ସୁଦ୍ଧା ପଣ୍ଡିତ ନୀଳକଣ୍ଠଙ୍କ ପରାମର୍ଶରେ ପାରଳାଖେମୁଣ୍ଡି ମହାରାଜା ଓଡ଼ିଶା ଗଭର୍ଣ୍ଣରଙ୍କୁ ଡକାଇ ପଣ୍ଡିତ ଗୋଦାବରୀଶଙ୍କୁ ମନ୍ତ୍ରିମଣ୍ଡଳରେ ନେଲେ ଏବଂ ମୁସଲିମଲିଗ୍ ତରଫରୁ ଶୋଭାନ୍ ଖାଁଙ୍କୁ ମନ୍ତ୍ରିମଣ୍ଡଳରେ ନିଆଯାଇଥିଲା । ନେତାଜୀଙ୍କ ସେନାବାହିନୀର ଅଭିଯାନ ବ୍ୟାପକ ହେବାରେ ଲାଗିଥାଏ କିନ୍ତୁ ନେତାଜୀ ସୁଭାଷ ବୋଷ ମିତ୍ରଶକ୍ତିଙ୍କ ସହାୟତାରେ ବିରାଟ ସେନାବାହିନୀ ଗଠନ କରି ଯେଉଁ ଅଭୂତପୂର୍ବ ଶକ୍ତି ଦେଖାଇଥିଲେ ତାହା ପୃଥିବୀରେ ଅଦ୍ୱିତୀୟ ଏବଂ ଯଦି ନେତାଜୀଙ୍କର ଉଡ଼ାଜାହାଜ ଦୁର୍ଘଟଣାରେ ଅପ୍ରତ୍ୟାଶିତ ବିୟୋଗ ଘଟି ନ ଥାନ୍ତା, ତାହାହେଲେ ଭାରତବର୍ଷର ଇତିହାସ ବଦଳି ଯାଇଥାନ୍ତା । ନେତାଜୀଙ୍କର ଅଭୂତପୂର୍ବ ସଂଗଠନ ଶକ୍ତି ଫଳରେ ଭାରତର ପୂର୍ବ ସୀମାରେ କୋହିମା ପର୍ଯ୍ୟନ୍ତ ସାହସର ସହିତ ଜାତୀୟ ସେନାବାହିନୀ ଭାରତୀୟ ସୀମାରେ ପହଞ୍ଚିଲେ ଏବଂ ବ୍ରିଟିଶ ସେନାବାହିନୀ ସହିତ ପ୍ରବଳ ବିରୋଧର ସମ୍ମୁଖୀନ ହେଲେ ଓ ପରାଜୟ ସ୍ୱୀକାର କଲେ । ତାହା ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ଏବଂ ସେହି ଗୌରବମୟ ଅଧ୍ୟାୟର ଅୟମାରମ୍ଭରେ ଯେଉଁ ଯୋଜନା ପ୍ରସ୍ତୁତ ହୋଇଥିଲା ତାହା କଲିକତାସ୍ଥିତ ୩୨/୨ Algin road ରେ ଶରତ ଚନ୍ଦ୍ର ବୋଷଙ୍କ ନିବାସରେ ହେଉଥିଲା । ସେହି ଆଲୋଚନା

Digitized by PPRACHIN, SOA

ଫଳରେ ଭାରତବର୍ଷରେ ୩/୪ଟି ପୂର୍ବାଞ୍ଚଳ ପ୍ରଦେଶରେ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଥିଲା ଭାରତୀୟ ସେନାବାହିନୀକୁ ସ୍ୱାଗତ କରିବାପାଇଁ । ଦିଲ୍ଲୀର ବ୍ରିଟିଶ ସିଂହାସନକୁ ଦଖଲ କରିବାପାଇଁ ପରିକଳ୍ପନା ଏବଂ କାର୍ଯ୍ୟପନ୍ଥା ପ୍ରାଥମିକ ସ୍ତରରେ ପଣ୍ଡିତ ନୀଳକଣ୍ଠ ନେତାଜୀଙ୍କ ସହିତ ଆଲୋଚନା ମାଧ୍ୟମରେ କରିଥିଲେ । ନେତାଜୀଙ୍କର ଓଡ଼ିଶା ଗସ୍ତ ଏବଂ ପଣ୍ଡିତ ନୀଳକଣ୍ଠଙ୍କଦ୍ୱାରା ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ ସେହି ଯୋଜନାର ଅନ୍ତର୍ଗତ ଏଥିରେ ସନ୍ଦେହ ନାହିଁ । ମୁଁ ଗର୍ବିତ ଯେ ମୁଁ, ବିଭୁଧେନ୍ଦ୍ର ମିଶ୍ର, ସୂରଯମଲ୍ଲ ଶାହା, ନୀଳମଣି ରାଉତରାୟ, ବଳରାମ ମହାନ୍ତି ଆମେ ଯେଉଁ କେତେକ ଯୁବକ ଥିଲୁ ସେମାନେ ପଣ୍ଡିତ ନୀଳକଣ୍ଠଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ନେତାଜୀଙ୍କର କାର୍ଯ୍ୟକ୍ରମରେ ନିଜକୁ ଓତପ୍ରୋତ ଭାବରେ ସଂପର୍କ ରଖି ସାମିଲ ଥିଲୁ ଏବଂ ଓଡ଼ିଶାରେ ଗୁପ୍ତ ସଂଗଠନର ଦାୟିତ୍ୱ ନେଇଥିଲୁ । ନେତାଜୀ ସୁଭାଷ ବୋଷ ୧୯୪୧ ମସିହା ଜାନୁଆରୀ ୨୬ ତାରିଖରେ ବ୍ରିଟିଶ ଆଖିରେ ଧୂଳି ଦେଇ ଭାରତବର୍ଷର ପଶ୍ଚିମ ସୀମାନ୍ତ ଅତିକ୍ରମ କରି ଜର୍ମାନୀରେ ପହଞ୍ଚିଥିଲେ । ଏବଂ ଶ୍ରୀ ରାସବିହାରୀ ବୋଷଙ୍କ ସହିତ ଏକତ୍ର ହୋଇ ଭାରତୀୟ ସେନାବାହିନୀ ଗଠନର ନେତୃତ୍ୱ ନେଇଥିଲେ । ୧୯୪୫ ମସିହା ପରଠାରୁ ୧୯୫୭ ମସିହା ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠବାବୁଙ୍କ ସହିତ ମୋର ଆଉ ପ୍ରତ୍ୟକ୍ଷ ରାଜନୀତିକ ସଂପର୍କ ନ ଥିଲା ।

ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆଗେଇ ଥିଲା । ପଣ୍ଡିତ ନୀଳକଣ୍ଠଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଏକ ଦିଗରେ ବିହାର ଓ ଅନ୍ୟ ଦିଗରେ ମାନ୍ଦ୍ରାଜ ପ୍ରଦେଶର ସ୍ୱାର୍ଥରେ ବହୁ ଆଞ୍ଚ ଆଣିଥିଲା, ତଥାପି ଏହା ବ୍ୟାପକ ନ ଥିବା ହେତୁ ସେଠାରେ ସେତେ ପରିମାଣରେ ପ୍ରତିକ୍ରିୟା ଦେଖା ଯାଇ ନ ଥିଲା । ତଥାପି ଏହି ପ୍ରଦେଶର ନେତାମାନେ ସତର୍କତାର ସହିତ ସେମାନଙ୍କ ସ୍ୱାର୍ଥରକ୍ଷାପାଇଁ ପ୍ରସ୍ତୁତ ଥିଲେ । ଏଥିରେ ବିହାର ଓ ମଧ୍ୟପ୍ରଦେଶର ହିନ୍ଦୀଭାଷୀ ନେତାମାନେ ପଣ୍ଡିତ ନୀଳକଣ୍ଠଙ୍କର ବିରୋଧୀ ଭୂମିକା ଗ୍ରହଣ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ହଜାରିବାଗ ଜେଲ୍‌ରେ ଥିଲାବେଳେ ଓଡ଼ନେଲ କମିଟି ଆଗରେ ଏକ ବ୍ୟାପକ ମେମୋରାଣ୍ଡମ (Memorandum) ଦେବାପାଇଁ ପ୍ରସ୍ତୁତ କରିଥିଲେ ସୁଦ୍ଧା ତତ୍‌କାଳୀନ ବିଶିଷ୍ଟ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉଦ୍ୟମରେ ତାହା ସମ୍ଭବପର ହୋଇପାରି ନ ଥିଲା । ଫଳରେ ଓଡ଼ନେଲ କମିଟି ଆଗରେ ସାକ୍ଷ୍ୟ ଦେବାପାଇଁ ଏବଂ ସେ Memorandum ସପକ୍ଷରେ ଯୁକ୍ତି ବାଢ଼ିବାପାଇଁ ନୀଳକଣ୍ଠବାବୁ ସମର୍ଥ ହୋଇ ନ ଥିଲେ; ଯଦିଓ ସେତେବେଳକୁ ଭାଷାଭିତ୍ତିରେ ପ୍ରଦେଶ ଗଠନ କରିବାପାଇଁ ୧୯୨୦ ନାଗପୁର କଂଗ୍ରେସରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ତଥାପି ନୀଳକଣ୍ଠବାବୁ ବିହାର ନେତାମାନଙ୍କର ବିରାଗଭାଜନ ହୋଇଥିଲେ ।

Digitized by PPRACHIN, SOA

ହିନ୍ଦୀ ଭାଷାଭାଷୀମାନଙ୍କ ବିରୋଧ ହେତୁ ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ ଜୀବନରେ ପତନର ଏକପ୍ରକାର ଆଦ୍ୟସୋପାନ ପ୍ରସ୍ତୁତ ହେଲା, ଯଦିଓ ଓଡ଼ିଶା ନିମନ୍ତେ ତାଙ୍କର ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଗର୍ବର ବିଷୟ ଥିଲା । ତଥାପି ଭବିଷ୍ୟତ୍‌ରେ ଓଡ଼ିଶାର ସ୍ୱାର୍ଥପାଇଁ ଲଢ଼େଇ କରିବାର ଭିତ୍ତି ପଣ୍ଡିତ ନୀଳକଣ୍ଠଙ୍କପାଇଁ ଦୁର୍ବଳ ହୋଇଯାଇଥିଲା । ସେହିପରି ମାନ୍ଦ୍ରାଜ ପ୍ରଦେଶର ସ୍ୱାର୍ଥ ନିମନ୍ତେ ଓଡ଼ିଶା ପ୍ରଦେଶ ଗଠନ ଏକ ହାନିକାରକ ବ୍ୟାପାର ଥିଲା । ସେଥିରୁ ପ୍ରେରଣା ଲାଭକରି ତେଲଗୁ ଭାଷାଭାଷୀ ଲୋକେ ଏକ ସ୍ୱତନ୍ତ୍ର ପ୍ରଦେଶପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ଫଳରେ ଆଞ୍ଚଳିକ ଦାବି ଏହାଦ୍ୱାରା ବ୍ୟାହତ ହେଲା । ସେଥିପାଇଁ ମାନ୍ଦ୍ରାଜର ତାମିଲ ଓ ତେଲୁଗୁ ନେତାମାନେ ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ ବିରୋଧୀ ହୋଇପଡ଼ିଲେ । ଏହି ସମୟରେ କେବଳ ବଙ୍ଗଳାର ନେତାମାନେ ହିଁ ପଣ୍ଡିତ ନୀଳକଣ୍ଠଙ୍କ ସପକ୍ଷରେ ସମର୍ଥନ ପ୍ରଦାନ କରୁଥିଲେ । ମାତ୍ର ସମ୍ଭବତଃ ତାହା ଭାରତ ସରକାରଙ୍କ ବଙ୍ଗଭଙ୍ଗ ଭୂମିକା ବିରୋଧରେ ହିଁ ଉଦ୍ଦିଷ୍ଟ ଥିଲା, କିନ୍ତୁ ଓଡ଼ିଶା ତଥା ପଣ୍ଡିତ ନୀଳକଣ୍ଠଙ୍କ ସପକ୍ଷବାଦୀ ନ ଥିଲା । ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଦାବି ବିହାରର ଆର୍ଥିକ, ଆଞ୍ଚଳିକ ଓ ହିନ୍ଦୀ ଭାଷାର ପ୍ରତ୍ୟକ୍ଷ ବିରୋଧୀ ଥିବା ହେତୁ ବିହାରର ନେତାମାନେ ବିଶେଷତଃ ବିହାରର ପ୍ରମୁଖ ନେତା ରାଜେନ୍ଦ୍ର ପ୍ରସାଦଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲା । ସେହି ଦୃଷ୍ଟିରୁ ରାଜେନ୍ଦ୍ର ପ୍ରସାଦ କଂଗ୍ରେସର ଆଞ୍ଚଳିକ ଅଧ୍ୟକ୍ଷ ଭାବେ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ନେଲ କମିଟିରେ ସାକ୍ଷ୍ୟପ୍ରଦାନକୁ ବର୍ଜନ କରିବା ନିମନ୍ତେ ୧୯୩୧ ମସିହାରେ ଆଦେଶ ଦେଇଥିଲେ । ନୀଳକଣ୍ଠଙ୍କ ବଳିଷ୍ଠ ଯୁକ୍ତି, ବୁଝାଇବାରେ ପାଣ୍ଡିତ୍ୟ ଓ ଦୃଢ଼ତା କମିସନଙ୍କୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ଥିବା ହେତୁ ରାଜେନ୍ଦ୍ର ପ୍ରସାଦ ଏପରି ଆଦେଶ ଦେଇଥିଲେ । ଏହାଦ୍ୱାରା ସେ ତାଙ୍କ ପ୍ରାଦେଶିକ ସ୍ୱାର୍ଥ ରକ୍ଷା କରିଥିଲେ ମଧ୍ୟ ଓଡ଼ିଶାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବାପାଇଁ ତାଙ୍କର କୌଣସି ଆନ୍ତରିକତା ନ ଥିଲା । ଏହାସତ୍ତ୍ୱେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ଦାବିକୁ ପ୍ରତ୍ୟାଖ୍ୟାନ କରିବା ଭାରତ ସରକାରଙ୍କ ପକ୍ଷରେ ଆଦୌ ସମ୍ଭବ ନ ଥିଲା । କାରଣ, ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବିଧାନସଭା ବିରୋଧୀଦଳର ସେକ୍ରେଟେରୀ ଥିଲେ । ତେଣୁ ରାଜେନ୍ଦ୍ର ପ୍ରସାଦ ଭାରତ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଓଡ଼ିଶାକୁ ଏକ ଉପପ୍ରଦେଶ କରିବା ନିମନ୍ତେ ପଣ୍ଡିତ ନୀଳକଣ୍ଠଙ୍କୁ ପ୍ରବର୍ତ୍ତାଇବାକୁ ସମ୍ମତ କରାଇଥିଲେ । ଏଥିପାଇଁ ଭାରତ ସରକାରଙ୍କ ଅର୍ଥସଚିବ ମୁଡିମାନ୍ ସାହେବ ପଣ୍ଡିତ ନୀଳକଣ୍ଠଙ୍କ ବସାକୁ ଆସି ତାଙ୍କ ସହିତ ବାରମ୍ବାର ଆଲୋଚନା କରିଥିଲେ । ଏପରିକି ଏଥିପାଇଁ ପଣ୍ଡିତଙ୍କୁ ସାର୍ ଉପାଧି ଦେବାପାଇଁ ମଧ୍ୟ ପ୍ରଲୋଭନ ଦେଖାଇଥିଲେ । ମାତ୍ର ସେ ନିର୍ଭୀକ ଭାବରେ ତାଙ୍କୁ 'You have come to a

Digitized by PPRACHIN, SOA

wrong door' କହି ଫେରାଇଦେବା ଫଳରେ ଉପପ୍ରଦେଶ ଗଠନ ପ୍ରଚେଷ୍ଟା ବନ୍ଦ ହୋଇଯାଇଥିଲା । ଏହା ମଧ୍ୟ ରାଜେନ୍ଦ୍ର ପ୍ରସାଦଙ୍କ ନିମନ୍ତେ ଏକ ପରାଜୟ ପରି ହୋଇଥିଲା । ଫଳସ୍ୱରୂପ ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସାକାର ହେଲା । ପଣ୍ଡିତ ନୀଳକଣ୍ଠ ନିଜର ରାଜନୀତିକ ଭବିଷ୍ୟତ୍‌ର ବିନିମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଲେ, ମାତ୍ର ଓଡ଼ିଶାରେ ବିଶେଷତଃ ଓଡ଼ିଶା କଂଗ୍ରେସଦ୍ୱାରା ସେ ପ୍ରତ୍ୟାଖ୍ୟାତ ହେଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ଗଠନ ଦିଗରେ ପ୍ରୟାସୀ ହେଲେ । ଓଡ଼ନେଲ୍ କମିଟି ୧୯୩୧ ମସିହାରେ ତାଙ୍କ ରିପୋର୍ଟରେ ଓଡ଼ିଶା ପାଟନା ବିଶ୍ୱବିଦ୍ୟାଳୟ ସହିତ ପୂର୍ବପରି ରହିବାପାଇଁ ମତ ଦେଇଥିଲେ । ଏହା ତାଙ୍କୁ ମର୍ମାହତ କରିଥିଲା । ତାହାର ପ୍ରତିକାର ତାଙ୍କ ମନ ମଧ୍ୟରେ ଥିଲା । ସେଥିପାଇଁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ ସେ ବେସରକାରୀ ସୂତ୍ରରେ ଉଦ୍ୟମ ଆରମ୍ଭ କରିଦେଇଥିଲେ । ଏଥିପାଇଁ ନବଭାରତର ବିଭିନ୍ନ ସଂଖ୍ୟାରେ ଅଗ୍ରଲେଖାମାନଙ୍କ ସାହାଯ୍ୟରେ ଲୋକମତ ସୃଷ୍ଟି କରିବାକୁ ସେ ଆରମ୍ଭ କଲେ । ସେ ଲେଖିଥିଲେ, "ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବାପାଇଁ ବିଶ୍ୱବିଦ୍ୟାଳୟ ଏକାନ୍ତ ଲୋଡ଼ା । କାରଣ ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାରଦ୍ୱାର, ତେରପିଣ୍ଡା ହେଉଥିବା, ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି ?" ସେହିପରି ବିଶ୍ୱବିଦ୍ୟାଳୟପାଇଁ ଅର୍ଥ ପ୍ରସଙ୍ଗରେ ସେ କହିଛନ୍ତି "ଆମ୍ଭେମାନେ ମନେକରୁ କଲେଜରେ ବର୍ତ୍ତମାନ ଯେତେ ଖର୍ଚ୍ଚ ହେଉଛି, ତାହା ଉପରେ ଟ.୭୦,୦୦୦/- ଅଧିକ ଖର୍ଚ୍ଚ ଲାଗିବ । ଓଡ଼ିଆ ଜାତିର ଯଦି ଆତ୍ମସମ୍ମାନ ଜ୍ଞାନ ଥାଏ, ତେବେ ଆମ୍ଭେମାନେ ମନେକରୁ, ଏ ଅର୍ଥର ଅଭାବ ରହିବ ନାହିଁ । ଏତେ ବଡ଼ କାର୍ଯ୍ୟରେ ଯଦି ଏତିକି ଅର୍ଥ ନ ମିଳେ, ତେବେ ଏ ଜାତିର ହୃତ୍‌ପିଣ୍ଡରେ ରକ୍ତ ନାହିଁ ବୋଲି ଜାଣିବାକୁ ହେବ ।" ବିଶ୍ୱବିଦ୍ୟାଳୟପାଇଁ ପଣ୍ଡିତ ନୀଳକଣ୍ଠଙ୍କ ସଭାପତିତ୍ୱରେ ଏକ ବେସରକାରୀ କମିଟି ୧୯୩୬ ମସିହାରେ ଗଠନ କରାଯାଇଥିଲା । ବିଶ୍ୱନାଥ ଦାସ ୧୯୩୭ ମସିହା ଜୁଲାଇ ମାସରେ ପ୍ରଧାନମନ୍ତ୍ରିତ୍ୱ ଗ୍ରହଣ କରିଥିଲେ ଏବଂ ୧୯୩୯ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଖୁବ୍ ସମ୍ଭବ ପଣ୍ଡିତ ନୀଳକଣ୍ଠ ୧୯୩୭ ମସିହାରେ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ସରକାରୀ ବିଶ୍ୱବିଦ୍ୟାଳୟ କମିଟିର ସଭାପତି ରୂପେ ନିଯୁକ୍ତ ହୋଇଥିଲେ ଏବଂ ୧୯୩୮ ମସିହାରେ ବିଶ୍ୱବିଦ୍ୟାଳୟ କମିଟି ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ । ଏହି ରିପୋର୍ଟକୁ ଭିତ୍ତିକରି ପଣ୍ଡିତ ନୀଳକଣ୍ଠଙ୍କଦ୍ୱାରା ଗଠିତ ମନ୍ତ୍ରିମଣ୍ଡଳ ଓଡ଼ିଶାରେ

Digitized by PPRACHIN, SOA

ଦାୟିତ୍ୱ ନେବା ସମୟରେ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶିକ୍ଷାମନ୍ତ୍ରିତ୍ୱ କାଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପୂର୍ବରୁ ପଣ୍ଡିତ ନୀଳକଣ୍ଠଙ୍କ ଅକ୍ଳାନ୍ତ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ୍ ଓଡ଼ିଶା ବିଧାନସଭାରେ ୧୯୪୩ ମସିହା ଜୁନ୍ ୩୦ ତାରିଖରେ ଗୃହୀତ ହୋଇଥିଲା ।

ଲକ୍ଷ୍ନୌରେ କଂଗ୍ରେସର ୪୯ତମ ଅଧିବେଶନ ୧୯୩୬ ମସିହାରେ ପଣ୍ଡିତ ଜବାହରଲାଲ ନେହରୁଙ୍କ ସଭାପତିତ୍ୱରେ ବସିଥିଲା । ଏଥିରେ ନିଷ୍ପତ୍ତି ନିଆଯାଇ ଥିଲା ଯେ ପ୍ରାଦେଶିକ ବିଧାନସଭାମାନଙ୍କପାଇଁ ହେଉଥିବା ନିର୍ବାଚନରେ ଭାଗ ନେଇ କଂଗ୍ରେସ ସଦସ୍ୟମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ । ସେଥି ସହିତ ସ୍ଥିର କରାଯାଇଥିଲା ଯେ ରାଜ୍ୟର ପ୍ରାଦେଶିକ ନିର୍ବାଚନ କେବଳ ରାଜ୍ୟ କଂଗ୍ରେସ ନେତୃତ୍ୱରେ ପରିଚାଳିତ ହେବ । ଏହାଦ୍ୱାରା ପରୋକ୍ଷ ଭାବରେ ରାଜ୍ୟ ନେତୃତ୍ୱ ନିମନ୍ତେ ଅଧିକ ଗୁରୁତ୍ୱ ଆରୋପ ହୋଇଥିଲା ଏବଂ ସର୍ବଭାରତୀୟ ନେତୃତ୍ୱ ନିମନ୍ତେ ଉଦ୍ୟମ ଏକ ଦ୍ୱିତୀୟ ପର୍ଯ୍ୟାୟ ବ୍ୟାପାରରେ ପରିଣତ ହେଲା । କଂଗ୍ରେସର ୫୧ତମ ଅଧିବେଶନ ହରିପୁରାଠାରେ ହୋଇଥିଲା ଏବଂ ଏଥିରେ ସୁଭାଷଚନ୍ଦ୍ର ବୋଷ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । କିନ୍ତୁ ଗାନ୍ଧିଜୀଙ୍କ ପ୍ରତିନିଧି ଥିଲେ ମାନ୍ଦ୍ରାଜ ପ୍ରଦେଶର ପଟ୍ଟାଭି ସୀତାରାମାୟା । ତାଙ୍କର ପରାଜୟକୁ ଗାନ୍ଧିଜୀ ନିଜର ପରାଜୟରୂପେ ଘୋଷଣା କରିଥିଲେ । ଏହାର କାରଣ ଗାନ୍ଧିଜୀ ଭାରତୀୟ ଜାତୀୟ କଂଗ୍ରେସକୁ ବଙ୍ଗୀୟ ନେତାଙ୍କଦ୍ୱାରା ପ୍ରଭାବିତ ଉଗ୍ରବାଦୀ ବିପ୍ଳବଠାରୁ ଭିନ୍ନ ଏକ ଅହିଂସ ଅସହଯୋଗ ଆନ୍ଦୋଳନରେ ପରିବର୍ତ୍ତିତ କରିବାପାଇଁ ଚାହୁଁଥିଲେ । ଏହି ସମୟରେ ପ୍ରାଦେଶିକ କଂଗ୍ରେସ ମନ୍ତ୍ରିମଣ୍ଡଳଗୁଡ଼ିକ ବିଶେଷ ଭାବରେ କର୍ମକ୍ଷେତ୍ରରେ ଅଗ୍ରଗତି କରିପାରିଥିଲେ । ସୁଭାଷ ବୋଷ କଂଗ୍ରେସ ଆନ୍ଦୋଳନକୁ ତୀବ୍ର ଭାବରେ ଏବଂ ବୈପ୍ଳବିକ ମୋଡ଼ ଦେଇ ଚଳାଇବା ନିମନ୍ତେ ଉଦ୍ୟମ କରୁଥିଲେ । ମାତ୍ର ଗାନ୍ଧିଜୀଙ୍କ ଅନୁଗତମାନେ ଏହାର ଘୋର ବିରୋଧୀ ଥିଲେ । ଏ ସଂପର୍କରେ ଉପରିଲିଖିତ ସାମସମୟିକ ଘଟଣାବଳୀର ଏକ ବିସ୍ତୀର୍ଣ୍ଣ ବିବରଣୀ ଦେଇଛି ଏବଂ ଯେଉଁ ତଥ୍ୟ ପ୍ରକାଶ କରିଛି ତା'ର ପୁନରାବୃତ୍ତି କରିବା ଆବଶ୍ୟକ ମନେ କରୁ ନାହିଁ । କେବଳ ଏତିକି ସୂଚନା ଦେବାକୁ ଚାହେଁ ଯେ କଲିକତାଠାରେ ନେତାଜୀ ସୁଭାଷ ବୋଷ ପଣ୍ଡିତ ନୀଳକଣ୍ଠଙ୍କ ସହିତ ଆଲୋଚନା କରିବା ପୂର୍ବରୁ ଛାତ୍ର ନେତା ଭାବରେ ମୁଁ, ବିଭୁଦେନ୍ଦ୍ର ମିଶ୍ର, ସୂରଯମଲ୍ଲ ଶାହା, ମନମୋହନ ମିଶ୍ର ଏବଂ ଉଦୟନାଥ ମିଶ୍ର ପ୍ରଭୃତି ନାଗପୁରଠାରେ ସୁଭାଷ ବୋଷଙ୍କ ସହିତ ସାକ୍ଷାତ୍‌ବେଳେ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ସେ ଓଡ଼ିଶାରେ ଏକ ସଂଗଠନ କରିବାପାଇଁ ଇଚ୍ଛୁକ ବୋଲି ଆମେ ସୂଚନା ପାଇଥିଲୁ । ନେତାଜୀ ସୁଭାଷ ବୋଷଙ୍କ ସହିତ ପଣ୍ଡିତ ନୀଳକଣ୍ଠଙ୍କର ଆଲୋଚନା ପରେ

Digitized by PPRACHIN, SOA

ନେତାଜୀଙ୍କର ଓଡ଼ିଶା ଗସ୍ତ ଆରମ୍ଭ ହେଲା ଏବଂ ଫରୱାର୍ଡ ବ୍ଲକ ଦିବାକର ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହେଲା । ନୀଳକଣ୍ଠବାବୁ ତା'ପରେ ପ୍ରଦେଶ କଂଗ୍ରେସ କମିଟିର ନେତୃତ୍ୱ ଛାଡ଼ିବାକୁ ବାଧ ହେଲେ ।

ସୁଭାଷ ବୋଷଙ୍କ ଚିନ୍ତାସହ ପଣ୍ଡିତ ନୀଳକଣ୍ଠ ଏକମତ ହୋଇ ୧୯୩୯ରେ ପ୍ରାଦେଶିକ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ । ସୁଭାଷ ବୋଷ ଏହି ବର୍ଷ ଫରୱାର୍ଡ ବ୍ଲକ ସଭାପତି ଭାବରେ ଉତ୍କଳ ଯୁବ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିଲେ । ନୀଳକଣ୍ଠ ସୁଭାଷ ବୋଷଙ୍କୁ କଟକରେ ସମ୍ବର୍ଦ୍ଧନା ଜଣାଇ ତାଙ୍କ ସହିତ କଟକ ସହରରେ ହାତୀରେ ସହର ପରିକ୍ରମା କରିଥିଲେ । ଏହି ସମୟରେ ରାଡିକାଲ ଡେମୋକ୍ରାଟିକ୍ ଦଳର ନେତା ଓ ମହାତ୍ମାଗାନ୍ଧିଙ୍କ ବିରୋଧୀ ମାନବେନ୍ଦ୍ର ରାୟ ଓଡ଼ିଶା ଗସ୍ତରେ ଆସିଥିଲେ । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାପାଇଁ ହୋଇଥିବା ସଭାରେ ପଣ୍ଡିତ ନୀଳକଣ୍ଠ ସଭାପତିତ୍ୱ କରିବା ହେତୁ ତାଙ୍କୁ କଂଗ୍ରେସରୁ ବାହାର କରିବାପାଇଁ ତତ୍‌କାଳୀନ କଂଗ୍ରେସ ସେକ୍ରେଟେରୀ ଆଚାର୍ଯ୍ୟ କୃପାଳିନୀ ପ୍ରସ୍ତାବ କରିଥିଲେ । ମାତ୍ର ରାଜେନ୍ଦ୍ରପ୍ରସାଦଙ୍କ ପରାମର୍ଶ ଫଳରେ ଉକ୍ତ ପ୍ରସ୍ତାବ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ପଡ଼ିପାରି ନ ଥିଲା । ଏହାଦ୍ୱାରା ପଣ୍ଡିତ ନୀଳକଣ୍ଠ ଜଣେ ଗାନ୍ଧିବିରୋଧୀ ଉଗ୍ରବାଦୀ ରାଜନୀତିଜ୍ଞ ରୂପେ ଗାନ୍ଧିଙ୍କ ସମର୍ଥକମାନଙ୍କ ନିକଟରେ ପରିଚିତ ହେବା ଫଳରେ ସେ ସେମାନଙ୍କ ସମର୍ଥନରୁ ବଞ୍ଚିତ ହୋଇଥିଲେ । ଅନ୍ୟ ପକ୍ଷରେ ପଣ୍ଡିତ ନୀଳକଣ୍ଠ ଫରୱାର୍ଡ଼ ବ୍ଲକରେ ଯୋଗଦେଇ ସୁଭାଷ ବୋଷଙ୍କ ଦୃଢ଼ ସମର୍ଥକରୂପେ ନିଜକୁ ପ୍ରତିଷ୍ଠିତ କରିବାଦ୍ୱାରା ପୂର୍ବଭାରତୀୟ ତଥା ଓଡ଼ିଶାର କଂଗ୍ରେସ ସହିତ ସମ୍ପର୍କ-ରହିତ ହୋଇଥିଲେ । ସୁଭାଷ ବୋଷଙ୍କ ଲକ୍ଷ୍ୟ ଥିଲା ବିଦେଶରୁ ତାଙ୍କ ସେନାବାହିନୀ ଭାରତ ଆକ୍ରମଣ କରିବେ ଓ ଆସାମ, ବଙ୍ଗଳା ଓ ଓଡ଼ିଶା ପରି ଦୁଇ ବା ତିନୋଟି ରାଜ୍ୟର ସରକାର ଏ ଆକ୍ରମଣକାରୀ ସୈନ୍ୟବାହିନୀଙ୍କୁ ସ୍ୱାଗତ କରିବେ । ତାଙ୍କର ଏ ଯୋଜନାକୁ ରୂପଦେବା ନିମନ୍ତେ ପଣ୍ଡିତ ନୀଳକଣ୍ଠ ଗୋଦାବରୀଶଙ୍କୁ ଧରି ପାରଳା ମହାରାଜାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ ସହ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିବାରେ କ୍ଷମ ହେଲେ । ଏହି ମନ୍ତ୍ରିମଣ୍ଡଳକୁ ନିରଙ୍କୁଶ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରିବା ନିମନ୍ତେ ସେ ଯୁଦ୍ଧ ସାମ୍ମୁଖ୍ୟର ସଭାପତି ହୋଇ ସରକାରୀ ସପକ୍ଷବାଦୀ ରୂପେ ନିଜକୁ ଦର୍ଶାଇବାକୁ ଚେଷ୍ଟା କରିଥିଲେ । ସେଥିପାଇଁ ସେ କଂଗ୍ରେସ ସମର୍ଥକମାନଙ୍କ ଆକ୍ଷେପକୁ ଅମ୍ଳାନ ବଦନରେ ସହ୍ୟ କରୁଥିଲେ । ସୁଭାଷଙ୍କର କାର୍ଯ୍ୟକୁ ଅଧିକ ସ୍ପଷ୍ଟକରି ସେ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଇଂରେଜ ସରକାର ବିରୋଧୀ ବାତାବରଣ ସୃଷ୍ଟି ଓ ସନ୍ତ୍ରାସବାଦୀ କାର୍ଯ୍ୟକଳାପର ପ୍ରଚଳନକୁ ପ୍ରୋତ୍ସାହିତ କରିଥିଲେ । ଛାତ୍ରମାନଙ୍କ ମଧ୍ୟରୁ ଅଶୋକ ଦାସ, ବିଭୁଧେନ୍ଦ୍ର ମିଶ୍ର, ସୂରଯମଲ୍ଲ ସାହା, ଶ୍ରୀହର୍ଷ ମିଶ୍ର ଓ ଅନ୍ୟ କେତେକ ଯୁବକ

Digitized by PPRACHIN, SOA

ଏଥି ସହିତ ସଂପୃକ୍ତ ଥିବା ହେତୁ ପୁରୀଠାରେ ସେତେବେଳେ ଗିରଫ ହୋଇଥିଲେ । ମୁଁ ସେତେବେଳେ ଏଠାରୁ ଖସିଆସି ଆନ୍ଦୋଳନ ଚଳାଇବାକୁ ଗୋଦାବରୀଶଙ୍କ ଘରେ ଆତ୍ମଗୋପନ କରିଥିଲି । ମୁଁ ୧୯୩୮ ମସିହାରେ ଓଡ଼ିଶା ଛାତ୍ର କଂଗ୍ରେସର ସେକ୍ରେଟେରୀ ରୂପେ ଅଶୋକ ଦାସଙ୍କର ପରାମର୍ଶ ଓ ସମର୍ଥନରେ ଦାୟିତ୍ୱ ନେଇଥିଲି । ନବଭାରତ ପ୍ରେସ୍ ଆମ୍ଭମାନଙ୍କର ମିଳନପୀଠ ଥିଲା । ନବଭାରତ ପ୍ରେସ୍ ଖାନ୍‌ତଲାସ ହୋଇ ଆମ୍ଭମାନଙ୍କର ଫର୍‌ୱାର୍ଡ଼ ବ୍ଲକ୍ ସହିତ ସମ୍ପର୍କ ପ୍ରକାଶ ଫଳରେ ଏହି ଛାତ୍ର ନେତାମାନେ ଗିରଫ ହେଲେ ଓ ମୁଁ ୬ ମାସ ପର୍ଯ୍ୟନ୍ତ ପଣ୍ଡିତ ଗୋଦାବରୀଶଙ୍କ ଘରେ ଆତ୍ମଗୋପନ କରିଥିଲି । ଫଳରେ ଗିରଫରୁ ରକ୍ଷା ପାଇଥିଲି । ପଣ୍ଡିତ ନୀଳକଣ୍ଠ କଂଗ୍ରେସରୁ ଦୂରେଇ ରହିବାଦ୍ୱାରା କଂଗ୍ରେସ କର୍ମୀରୂପେ ଆମ୍ଭମାନଙ୍କ ସମ୍ପର୍କ ତାଙ୍କଠାରୁ କ୍ରମେ ଛିନ୍ନ ହୋଇ ମହତାବଙ୍କ ନେତୃତ୍ୱକୁ ଗ୍ରହଣ କଲା । ଏହା ଫଳରେ ପଣ୍ଡିତ ନୀଳକଣ୍ଠ କଂଗ୍ରେସ ସମର୍ଥନ ହରାଇ କେନ୍ଦ୍ରୀୟ ବିଧାନସଭା ବା ଓଡ଼ିଶା ବିଧାନସଭାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେଲା ।

ମୋର ପଣ୍ଡିତ ନୀଳକଣ୍ଠଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କର ଆଉ ଏକ ଦିଗ ଏଠାରେ ଉଲ୍ଲେଖ କରିବା ଉଚିତ ମନେ କରୁଛି । ୧୯୩୬ ମସିହାରେ ମୁଁ ବି.ଏ. ପାସ୍ କଲି । ମୋର ଆର୍ଥିକ ସ୍ଥିତି ଭଲ ନ ଥାଏ । ପଣ୍ଡିତ ନୀଳକଣ୍ଠ ଶ୍ରୀରାମଚନ୍ଦ୍ରପୁରରେ ରହୁଥାନ୍ତି । ସେ ଛାତ୍ର ସଂଗଠନ ସମ୍ପର୍କରେ ମୋ ସହ କଥା ହେବାକୁ ଡାକିଥିଲେ । ମୁଁ ସେଠାକୁ ଗଲି ଓ ତାଙ୍କୁ ଦେଖାକରିବାପାଇଁ ପ୍ରାୟ ଗୋଟିଏ ଦିନ ଅପେକ୍ଷା କରିବାକୁ ପଡ଼ିଲା । ସେ ସେତେବେଳେ ଗୀତାର ଭାଷ୍ୟ ଲେଖିସାରି ତା'ର ମୁଖବନ୍ଧ ବା ଗୀତାପ୍ରବେଶ ରଚନା କରୁଥାନ୍ତି । ଗୋଟିଏ ଘରେ ନିଜକୁ ବନ୍ଦ କରି ସେ ରହୁଥାନ୍ତି । କେବଳ ସ୍ତ୍ରୀ ରାଧାମଣୀଦେବୀ ଗୋଟିଏ ଓଦା ଗାମୁଛା ଦୁଆର ଫାଙ୍କରେ ସେ ଘର ଭିତରକୁ ଠେଲି ଦେଉଥିଲେ । ସେଥିରେ ପୋଛିହୋଇ ତାଙ୍କର ଗାଧୁଆ ସରୁଥିଲା । କିପରି କେତେବେଳେ ସେ କ'ଣ ଖାଉଥିଲେ ଓ ନିଜର ନିତ୍ୟକର୍ମ କରୁଥିଲେ ତା' ଜାଣିବା କଷ୍ଟକର ଥିଲା । ପ୍ରାୟ ୧୦ ଘଣ୍ଟା ଅପେକ୍ଷା ପରେ ତାଙ୍କ ସହ ଦେଖାହେଲା । ମୋର ଆର୍ଥିକ ଦୁରବସ୍ଥା ହେତୁ ମୋ ପକ୍ଷରେ ଅଧିକ ପଢ଼ିବା ସମ୍ଭବ ନ ଥିବା କଥା ତାଙ୍କୁ ଜଣାଇଲି । ପଣ୍ଡିତ ନୀଳକଣ୍ଠ ଏ ବିଷୟ ଶ୍ରୀରାମଚନ୍ଦ୍ରପୁରରୁ ମୋ ମଉସା ମାଉସୀଙ୍କଠାରୁ ଜାଣିଥିଲେ । ସେ ତତ୍‌କାଳୀନ ବେଙ୍ଗଲ ନାଗପୁର ରେଲୱେ ଜେନେରାଲ ମ୍ୟାନେଜରଙ୍କ ପାଖକୁ ମୋପାଇଁ ଏକ ଗୁପ୍ତପତ୍ର ସିଲ୍ କରି ଦେଇଥିଲେ । ସେ ସୁପାରିସ ପତ୍ର ବଳରେ ମୁଁ ଠିକ୍ M.A. ଉପାଧି ପାଇବା ପରେ ୧୯୩୮ ମସିହା ମଧଭାଗରେ ବେଙ୍ଗଲ ନାଗପୁର ରେଲୱେରେ ମାସିକ ୩୦୦ଟଙ୍କା ବେତନରେ ଏକ ଉଚ୍ଚପଦବୀରେ ନିଯୁକ୍ତି ପାଇଲେ । ସେତେବେଳେ ଓଡ଼ିଶାର ସବ୍‌ଡେପୁଟି

Digitized by PPRACHIN, SOA

କଲେକ୍ଟରମାନଙ୍କର ଦରମା ଥିଲା ୧୦୦ ଟଙ୍କା । ଏବଂ ସେଥିପାଇଁ ମଧ୍ୟ ମୋର ନାମ ସୁପାରିସ କରାଯାଇଥିଲା । କିନ୍ତୁ ଅଶୋକ ଦାସଙ୍କ ଇଙ୍ଗିତରେ ଓଡ଼ିଶାର ଛାତ୍ର ଆନ୍ଦୋଳନର ନେତୃତ୍ୱ ନେବାପାଇଁ ମୁଁ ସମସ୍ତ ପ୍ରଲୋଭନ ଛାଡ଼ି ଓଡ଼ିଶା ଫେରିଆସି ରେଭେନ୍ସା କଲେଜ ଆଇନ୍ ଶ୍ରେଣୀରେ ଦ୍ୱିତୀୟ ବର୍ଷରେ ନାମ ଲେଖାଇ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଲି, ନୀଳକଣ୍ଠଙ୍କ ଜ୍ଞାତସାରରେ ।

ଉପରେ ମୁଁ ବର୍ଣ୍ଣନା କରିଛି ଯେ, ୧୯୪୬ ପରଠାରୁ ୧୯୫୧ ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠଙ୍କର କଂଗ୍ରେସ ରାଜନୀତିରେ କୌଣସି ଭୂମିକା ନ ଥିଲା ଓ ଜାତୀୟ ସ୍ତରରେ ସ୍ୱାଧୀନତା ବେଳେ ବା ପରେ ବିଶେଷ କିଛି ଭାଗ ନେବାପାଇଁ ସେ ସମର୍ଥ ହୋଇପାରି ନ ଥିଲେ । କାରଣ ସେତେବେଳକୁ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶା କଂଗ୍ରେସର ଶ୍ରେଷ୍ଠ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଓ ଓଡ଼ିଶାର ପ୍ରଧାନମନ୍ତ୍ରୀ ପଦରେ ପ୍ରତିଷ୍ଠିତ ଥିଲେ । ନୀଳକଣ୍ଠବାବୁଙ୍କୁ ରାଜନୀତିରୁ ଦୂରେଇ ରଖିବାକୁ ମହତାବ ଓ ନବକୃଷ୍ଣ ଚୌଧୁରୀଙ୍କର ଲକ୍ଷ୍ୟ ଥିଲା ।

ନେତାଜୀ ସୁଭାଷ ବୋଷଙ୍କର ବିୟୋଗ ପରେ ଭାରତର ରାଜନୀତିକ ପରିସ୍ଥିତି ଭାରତଛାଡ଼ ଆନ୍ଦୋଳନରେ ପରିଣତ ହୋଇଥିଲା । ଏହାର ଅବ୍ୟବହିତ ପରେ କ୍ଷମତା ହସ୍ତାନ୍ତର ପର୍ଯ୍ୟାୟ ସଂପର୍କରେ ଯେଉଁସବୁ ଘଟଣାମାନ ଘଟିଥିଲା ସେଥିରେ ପଣ୍ଡିତ ନୀଳକଣ୍ଠଙ୍କୁ ଜାତୀୟ ତଥା ପ୍ରାଦେଶିକ ସ୍ତରରେ କଂଗ୍ରେସ ଦଳ କୌଣସି ସୁଯୋଗ ଦେବାକୁ ପ୍ରସ୍ତୁତ ନ ଥିଲେ । କାରଣ କେନ୍ଦ୍ର ନେତୃତ୍ୱ ସେତେବେଳେ ଭାବୁଥିଲା ପଣ୍ଡିତ ନୀଳକଣ୍ଠ ଏବଂ ତାଙ୍କ ସହଯୋଗୀମାନେ ଭାରତଛାଡ଼ ଆନ୍ଦୋଳନରେ ବ୍ରିଟିଶ ସରକାରଙ୍କୁ ସହଯୋଗ ଦେବାପାଇଁ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ । ନେତାଜୀଙ୍କର ଅକସ୍ମାତ୍ ବିୟୋଗ ହୋଇ ନ ଥିଲେ ନୀଳକଣ୍ଠବାବୁଙ୍କୁ ରାଜନୀତିରୁ ଦୂରେଇ ରଖିବାର ସୁଯୋଗ ହୁଏତ ସମ୍ଭବପର ହୋଇ ନ ଥାନ୍ତା ।

ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ ଶେଷ ପର୍ଯ୍ୟାୟ ସଂପର୍କରେ ଆଉ ଏକ ଘଟଣା ଉଲ୍ଲେଖ କରିବାକୁ ଚାହେଁ । ମୁଁ ଆଗରୁ କହିଛି ୧୯୫୧ ମସିହା ନିର୍ବାଚନ ବେଳେ ପଣ୍ଡିତ ନୀଳକଣ୍ଠ ଦାସ ସ୍ୱାଧୀନ ଜନସଂଘ ନାମରେ ଏକ ପ୍ରାଦେଶିକ ଦଳ ଗଢ଼ିଥିଲେ । ପଣ୍ଡିତ ଗୋଦାବରୀଶ ଓ ଯଦୁମଣି ମଙ୍ଗରାଜଙ୍କ ସହାୟତାରେ । ସେହି ଦଳ ପକ୍ଷରୁ ୧୯୫୧ ମସିହା ବିଧାନସଭାକୁ ୪ ଜଣ ନିର୍ବାଚିତ ହୋଇଥିଲେ । କିନ୍ତୁ ୧୯୫୭ ମସିହାରେ ପଣ୍ଡିତ ନେହରୁଙ୍କ ନିର୍ଦ୍ଦେଶକ୍ରମେ ଡକ୍ଟର ହରେକୃଷ୍ଣ ମହତାବ ନୀଳକଣ୍ଠବାବୁଙ୍କୁ ତାଙ୍କର ଅନିଚ୍ଛାସତ୍ତ୍ୱେ ସତ୍ୟବାଦୀରୁ ନିର୍ବାଚନ ଲଢ଼ିବାପାଇଁ ଅନୁରୋଧ କରିଥିଲେ । ଏହି ଘଟଣା ପୂର୍ବରୁ ଡକ୍ଟର ମହତାବ ମତେ ସତ୍ୟବାଦୀ ବିଧାନସଭାପାଇଁ ପ୍ରାର୍ଥୀ ହେବାପାଇଁ ସୂଚନା ଦେଇଥାନ୍ତି । କିନ୍ତୁ ଯେହେତୁ ପଣ୍ଡିତ ନୀଳକଣ୍ଠ ନିର୍ବାଚନ ଲଢ଼ିବାପାଇଁ ନେହରୁଙ୍କର ନିର୍ଦ୍ଦେଶ ଆସିଲା, ମୋତେ ୧୯୫୭ ମସିହାରେ ପୁରୀ

Digitized by PPRACHIN, SOA

ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ କରାଗଲା ଏବଂ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇ ବିଧାନସଭାର ବାଚସ୍ପତି ହେଲେ ।

ଓଡ଼ିଶା ବିଧାନସଭା ଇତିହାସରେ ସେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପଣ୍ଡିତ ନୀଳକଣ୍ଠ ବାଚସ୍ପତି ଥିବା ଅବସ୍ଥାରେ ମହତାବବାବୁଙ୍କ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇ କିଛି ମାସ ପାଇଁ ରାଷ୍ଟ୍ରପତି ଶାସନ ଜାରି ହେଲା । ସେହି ସମୟ ଭିତରେ ହଠାତ୍ ୧୯୬୦ ମସିହା ଶେଷ ଭାଗରେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ପଣ୍ଡିତ ନୀଳକଣ୍ଠ ବାଚସ୍ପତି ଆସନ ଶୂନ୍ୟ ପଡ଼ିବ ନାହିଁ ବୋଲି ଏବଂ ସେ ବାଚସ୍ପତି ଭାବରେ ବିଧାନସଭା ଭାଙ୍ଗି ଗଲେ ସୁଦ୍ଧା ଅନ୍ୟ ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ରହି ପାରିବେ ବୋଲି ଦାବି ଉପସ୍ଥାପିତ କରିଥିଲେ । ସମ୍ବିଧାନର ୧୬୯ ଧାରା ୨ ଉପଧାରା ଅନୁଯାୟୀ ତତ୍କାଳୀନ ରାଜ୍ୟପାଳ ଶ୍ରୀ ସୁକ୍ତଙ୍କରଙ୍କ ଆଗରେ ସେ ଏକ ଲିଖିତ ମେମୋରାଣ୍ଡମ୍ (Memorandum) ଦେଇ ପରବର୍ତ୍ତୀ ନିର୍ବାଚନରେ ନୂତନ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ତାଙ୍କର ବାଚସ୍ପତି ହେବାର ଅଧିକାର ଅଛି ବୋଲି ଦାବି କରିଥିଲେ । ରାଜ୍ୟପାଳ ତାଙ୍କର ଦାବି ଯୁକ୍ତିଯୁକ୍ତ ବୋଲି ଅବଶେଷରେ ସ୍ୱୀକାର କଲେ । ଓଡ଼ିଶା ବିଧାନସଭା ଇତିହାସରେ ଏହା ଥିଲା ଏକ ଅସାଧାରଣ ଘଟଣା । ପଣ୍ଡିତ ନୀଳକଣ୍ଠ ଦାସ ଏହି ସମ୍ପର୍କରେ ଭାରତ ସରକାରଙ୍କ ସହିତ ଯେଉଁ ସବୁ ଚିଠିପତ୍ର ଦେଇ ଯୁକ୍ତି ଉପସ୍ଥାପିତ କରିଥିଲେ ତାହା ସେତେବେଳେ ଭାରତର ପ୍ରମୁଖ ଦୈନିକ ଇଂରାଜୀ ପତ୍ରିକାମାନଙ୍କରେ ବିଶେଷକରି 'ଷ୍ଟେଟ୍‌ସମ୍ୟାନ' ଓ 'ହିନ୍ଦୁ'ରେ ପ୍ରକାଶିତ ହୋଇଥିଲା ।

ପଣ୍ଡିତ ନୀଳକଣ୍ଠ କେବଳ ଯେ ରାଜନୀତିକ ନେତା ବା ବୈପ୍ଳବିକ ସ୍ୱାଧୀନଚେତା ରାଷ୍ଟ୍ରନୀତିଜ୍ଞ ଥିଲେ ତାହା ନୁହେଁ, ସେ ଏକାଧାରରେ ସମାଜ ସଂସ୍କାରକ, ଅଧ୍ୟବସାୟୀ ଶିକ୍ଷାବିତ୍, ଜାତୀୟବାଦୀ ଓଡ଼ିଆ, ଅତ୍ୟନ୍ତ ଉଚ୍ଚକୋଟୀର ଗବେଷକ, ଭାଷା ସାହିତ୍ୟ ଏବଂ କାବ୍ୟ-କବିତାର ସ୍ରଷ୍ଟା ରୂପେ ନିଜର ଅମ୍ଳାନ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଏହି କବି ମନୀଷୀ, ଦାର୍ଶନିକ, ସାହିତ୍ୟିକ, ନିର୍ଭୀକ ନେତା, ସଂସ୍କାରକ, ରାଜନୀତିଜ୍ଞ, ପ୍ରଜ୍ଞାପୁରୁଷ, ସାଧକଙ୍କ ମୃତ୍ୟୁର ଦୀର୍ଘ ୩୨ ବର୍ଷ ପରେ ଡକ୍ଟର ସଦାଶିବ ମିଶ୍ର ଯଥାର୍ଥରେ କହିଥିଲେ ''ମଡେଲ୍ ଡ୍ରଇଁଠାରୁ ଗୀତା ଭାଷ୍ୟ ପର୍ଯ୍ୟନ୍ତ ଅଧ୍ୟାପନା, ସଂଗଠନ, କେନ୍ଦ୍ର ଓ ରାଜ୍ୟ ବିଧାନସଭା, କାରାବାସ, ସକଳ କ୍ଷେତ୍ରରେ ତଥା ସାହିତ୍ୟ ମାଧ୍ୟମରେ ନୀଳକଣ୍ଠଙ୍କର ମନୀଷା ପ୍ରବାହିତ ହୋଇଥିଲା (ଗ୍ରନ୍ଥ ପ୍ରବେଶ, ମନୀଷୀ ନୀଳକଣ୍ଠ, ଅଧ୍ୟାପକ ଚିନ୍ତାମଣି ଦାଶ ୧୯୭୮) । ''ସଂସ୍କୃତ ଶବ୍ଦବହୁଳ 'ପ୍ରଣୟିନୀଠାରୁ ଗାଉଁଲି ଭାଷାରେ ବିକଶିତ' ଦାସ ନାଏକ'' ପର୍ଯ୍ୟନ୍ତ ରଚନା ତାଙ୍କ ପକ୍ଷରେ ହିଁ ସମ୍ଭବ । କୋଣାର୍କ କାବ୍ୟର ଅପୂର୍ବ ପ୍ରଥମ ଭାଗ 'ରାମଚଣ୍ଡୀଠାରେ ରାତ୍ରି ଓ ସକାଳ' ସେ ସାତ ଦିନ ମଧ୍ୟରେ ଶେଷ କରିଥିଲେ ।

Digitized by PPRACHIN, SOA

ଏହି କାବ୍ୟର ଅପରୂପ ଦ୍ୱିତୀୟ ଭାଗ 'ମାୟାଦେବୀ' ପୁଣି ସାତ ଦିନ ଭିତରେ ସମାପ୍ତ ହୋଇଥିଲା । ଅସାମାନ୍ୟ ତାଙ୍କ ପ୍ରତିଭା । ଐତିହାସିକ କାବ୍ୟ 'ଖାରବେଳ'ର ନମସ୍କ୍ରିୟା ପାଠକକୁ ଅଭିଭୂତ କରିଦିଏ (ଏଜନ୍) । ସେ ରାଶି ରାଶି ଗ୍ରନ୍ଥ ଅଧ୍ୟୟନ କରୁଥିଲେ । କାଳକ୍ରମେ ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କର ଜୀବନଧାରା, ରଚନା ଓ ରାଜନୀତିକ ଚିନ୍ତାଧାରା ସଂପର୍କରେ ଯେପରି ବ୍ୟାପକ ଓ ଗଭୀର ଅନୁଶୀଳନ ହେବା କାମ୍ୟ ତାହା ହୋଇପାରି ନାହିଁ । ନୀଳକଣ୍ଠଙ୍କ ସମସ୍ତ ରଚନାବଳୀ ଏବେବି ମୁଦ୍ରିତ ହୋଇ ନାହିଁ । ସେ ବିଶ୍ୱବିଦ୍ୟାଳୟଟିଏ ନ ହେଲେ ଶିକ୍ଷକ ମିଳିବେ କାହୁଁ ବୋଲି ବଳିଷ୍ଠ ଯୁକ୍ତି ଦେଖାଇ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ଶିକ୍ଷା, ସଂସ୍କୃତି ଓ ସାହିତ୍ୟର ବିକାଶପାଇଁ ଓଡ଼ିଶାର ପ୍ରଥମ ଓ ପ୍ରଧାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ଏକ ବିଶିଷ୍ଟ ଅଂଶ ଗ୍ରହଣ କରିଥିଲେ । ସେ ଅଦ୍ୱିତୀୟ ଅନନ୍ୟ ସାଧାରଣ ପ୍ରତିଭାଶାଳୀ କବିମନୀଷୀ ରାଜନୀତିଜ୍ଞ ଓ ଅସାଧାରଣ ବାଗ୍ମୀ; ସାରସ୍ୱତ ସାଧନା ତାଙ୍କର ରାଜନୀତିକ ଜୀବନରେ କେବେହେଲେ ଲଘୁ ହୋଇ ନାହିଁ । ଅସହଯୋଗ ଆନ୍ଦୋଳନ, ତାଙ୍କ ବନ୍ଦୀ ଜୀବନ, ପ୍ରଦେଶ କଂଗ୍ରେସର ସଭାପତି, ୧୯୩୬-୩୭ ମସିହାରେ ପ୍ରଥମ ନିର୍ବାଚନରେ ସମଗ୍ର ଭାରତରେ ଓଡ଼ିଶାରେ ତାଙ୍କ ନେତୃତ୍ୱରେ ତତ୍‌କାଳୀନ କଂଗ୍ରେସର ଐତିହାସିକ ବିଜୟ, ପରବର୍ତ୍ତୀ ଅବସ୍ଥାରେ ରାଜ୍ୟର ପ୍ରଧାନମନ୍ତ୍ରୀ ନ ହୋଇପାରି ତତ୍‌କାଳୀନ ରାଜନୀତିକ ଘନଘଟା, କଂଗ୍ରେସ ପରିତ୍ୟାଗ, ନେତାଜୀଙ୍କ ସହିତ ସଂପର୍କ ଓ ପରବର୍ତ୍ତୀ ଅବସ୍ଥାରେ ଓଡ଼ିଶାରେ ଏକ ନୂତନ ମନ୍ତ୍ରିମଣ୍ଡଳର କର୍ଣ୍ଣଧାର ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଜୀବନର ଅନ୍ତିମ ପର୍ଯ୍ୟାୟରେ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ, ବିଧାନସଭାର ବାଚସ୍ପତି ଭାବରେ ବିଧାନସଭାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାପାଇଁ ନୂତନ ଆଭିମୁଖ୍ୟ 'Office of Speaker. never falls vacant' ଯେପରି 'King never dies'. ବାଚସ୍ପତିଙ୍କ ସଚିବାଳୟର ସ୍ୱାତନ୍ତ୍ର୍ୟ ପ୍ରଭୃତି ବହୁବିଧ ସଂଘର୍ଷମୟ ରାଜନୀତିକ ଜୀବନ ମଧ୍ୟରେ ସାରସ୍ୱତ ସାଧନା କବି ମନୀଷୀ ନୀଳକଣ୍ଠ ଜୀବନରେ କେବେହେଲେ ପରିହାର କରି ନାହାନ୍ତି । ଦାର୍ଶନିକ ମନୀଷୀ ନୀଳକଣ୍ଠଙ୍କ ଆଧ୍ୟାତ୍ମିକ ଦର୍ଶନ, ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ଚେତନା ବିଶ୍ୱ ଚେତନାର ପ୍ରତିବିମ୍ବ ବୋଲି ପ୍ରତିପାଦିତ କରିବାରେ ତାଙ୍କର ବାଗ୍ମିତା, ପ୍ରଜ୍ଞା, ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ଚିରନ୍ତନ ହୋଇ ରହିଥିବ ଏ ଜାତିକୁ ଦିଗ୍‌ଦର୍ଶନ ଦେବାପାଇଁ । ଏ ଜାତି ରାଜନୀତିଜ୍ଞ ଭାବେ ତାଙ୍କୁ ଭୁଲିଯିବାର ଆଶଙ୍କା ଥାଇପାରେ, କିନ୍ତୁ ଜଣେ ମହାନ୍ ଦାର୍ଶନିକ, ସାହିତ୍ୟ, ସାଧକ, କବି, ବାଗ୍ମୀ ଭାବେ ସେ ଯେଉଁ ସ୍ଥାନ ଓଡ଼ିଆ ପ୍ରାଣରେ ସୃଷ୍ଟି କରିଛନ୍ତି, ଏକ ସାଂସ୍କୃତିକ ଚେତନା ସୃଷ୍ଟି କରି ଏ ଜାତିର ସ୍ୱାଭିମାନକୁ ଭାରତୀୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠା କରିଛନ୍ତି ତାହା ଏ ଜାତି କେବେ ହେଲେ ଭୁଲିବ ନାହିଁ । ତାଙ୍କ

Digitized by PPRACHIN, SOA

ଲେଖାର ମାପକାଠି ସେ ନିଜ ରଚନାରେ ପ୍ରଦାନ କରି ଉଲ୍ଲେଖ କରିଛନ୍ତି, ‘‘ମୁଁ ମୋ ପଢ଼ିବାପାଇଁ ଲେଖେ ନାହିଁ। ଅନ୍ୟମାନଙ୍କ ପଢ଼ି ବୁଝିବା ଓ ଗ୍ରହଣ କରିବାପାଇଁ ଲେଖୁଛି । ସେଇ ମାପକାଠି ମୁଁ ସବୁବେଳେ ମନେ ରଖିଥାଏ ।’’ ତାଙ୍କ ରଚନାର ଅନ୍ୟ ଏକ ପଦ୍ଧତି କୋଣାର୍କ କାବ୍ୟର ଲେଖା ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ସୂଚାଇ କହିଛନ୍ତି ଯେ ‘‘ପ୍ରତିଦିନ ଲେଖାହୁଏ, ବାସୁଦେବ ଓ ରଘୁନାଥ ମିଶ୍ରଙ୍କୁ ପଢ଼ାଇ ଶୁଣାଇ ଦିଆଯାଏ ।’’ ଏକ ଲେଖକ ନିଜ ଜୀବନ କାଳରେ ସୃଷ୍ଟି କରିବା ପରେ ଅନ୍ୟର ସ୍ୱୀକୃତିକୁ ଏବଂ ଅନ୍ତରଙ୍ଗମାନଙ୍କ ନିକଟରେ ତାହାର ଆଦ୍ୟ ପ୍ରକାଶକୁ ମେଲି ଦେବାରେ ଅନ୍ତରର ରୁଦ୍ଧ ଆବେଗକୁ ପ୍ରବାହିତ କରି ଦେବାରେ ଯେଉଁ ଆତ୍ମସନ୍ତୋଷ ତାହା ଥିଲା ପଣ୍ଡିତ ନୀଳକଣ୍ଠଙ୍କ କୋମଳ ପ୍ରାଣର ଅଭିବ୍ୟକ୍ତି । ରାଜନୀତିକ କଠୋର ପଦକ୍ଷେପମାନଙ୍କ ସହିତ ଏହାର ଯେପରି କୌଣସି ସାମଞ୍ଜସ୍ୟ ନାହିଁ ।

ଏହିପରି ଏକ ଆବେଗମୟ ମୁହୂର୍ତ୍ତରେ ସେ ପଣ୍ଡିତ ଗୋପବନ୍ଧୁଙ୍କ ଗହଣରେ ଭାର୍ଗବୀ ନଦୀ ବନ୍ଧ ତଳେ ନିଜ ଜୀବନର ଏକ ଚରମ ଲକ୍ଷ୍ୟ ସ୍ଥିର କରିଥିଲେ । ସେଥିରେ ସରକାରୀ ଚାକିରି କରିବା ନାହିଁ, ଦେଶକୁ ଯେଉଁ ଅବସ୍ଥାରେ ଦେଖୁଛେ ମଲାବେଳକୁ ତା’ଠାରୁ ଆହୁରି ଉନ୍ନତ ଅବସ୍ଥାରେ ଛାଡ଼ିଯିବା ।’’ ଏହା ସେ ଜୀବନରେ କେତେ ପରିମାଣରେ ପୂରଣ କରିଛନ୍ତି ଓ ସେଥିରେ କେତେ ସଫଳତା ଲାଭ କରିଛନ୍ତି ତାହା ଆଗାମୀ ପିଢ଼ିର ଓଡ଼ିଆମାନେ ନିର୍ଣ୍ଣୟ କରିବେ । ତେବେ ସେ ଦେଶକୁ ଏକ ସମ୍ମାନିତ ଆସନରେ ଦେଖିବା ନିମନ୍ତେ ତାଙ୍କର ପ୍ରାଣ ପ୍ରାୟଶ୍ଚିତ୍ତ କରିଯାଇଛନ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ। ଜଣେ ଅସାଧାରଣ ବାଗ୍ମୀ ଭାବରେ ତାଙ୍କର ଦାର୍ଶନିକ ପ୍ରଜ୍ଞାର ତୁଳନା କରିବାପାଇଁ ମୋ ପରି ଜଣେ ସାମାନ୍ୟ, ସତ୍ୟବାଦୀ ସାଧକଙ୍କର ନମ୍ର ଅନୁଗାମୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ‘ସତ୍ୟବାଦୀ ଚେୟାର’ ସ୍ଥାପନ କରିବାରେ ସଫଳତା ଲାଭ କରିଥିବାରୁ ନିଜକୁ ବିଶେଷ ଗର୍ବିତ ମନେ କରୁଛି । ପଣ୍ଡିତ ନୀଳକଣ୍ଠ ସ୍ମୃତି କମିଟି, ଡକ୍ଟର ବଂଶୀଧର ପଣ୍ଡାଙ୍କ ଟ୍ରଷ୍ଟ, ରାଜ୍ୟ ସରକାର ଏଥିପାଇଁ ଯେଉଁ ସହାୟତା କରିଛନ୍ତି ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସାହିତ୍ୟିକ ତଥା ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ କମିଟିର ସଭାପତି ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଶ୍ରୀମତୀ ଓ ଶ୍ରୀ ବଂଶୀଧର ପଣ୍ଡା, ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର କର୍ମକର୍ତ୍ତା ବିଖ୍ୟାତ ସ୍ୱର୍ଗତ ଡକ୍ଟର ସଦାଶିବ ମିଶ୍ର ଓ ସଂପାଦକ ଇଞ୍ଜିନିୟର ମଧୁସୂଦନ ଦାଶଙ୍କ ପାଖରେ ଆମେ ଚିର ଋଣୀ ହୋଇ ରହିବା । ସାଧାରଣ ଜୀବନରେ ମୋର ‘ସତ୍ୟବାଦୀ ଚେୟାର’ ପ୍ରତିଷ୍ଠା ଦୀର୍ଘ ସାଧାରଣ ଜୀବନର ଚରମ ସଫଳତା ବୋଲି ମୁଁ ମନେ କରେ ।

ରାଜ୍ୟ ମନ୍ତ୍ରିମଣ୍ଡଳରେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ସତ୍ୟବାଦୀ ଯୁଗର ଦିଗ୍‌ଦର୍ଶକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶତବାର୍ଷିକୀ ରାଜ୍ୟବ୍ୟାପୀ

Digitized by PPRACHIN, SOA

ପାଳନ, ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ଓ ପଣ୍ଡିତ ଗୋଦାବରୀଶଙ୍କ ଶତବାର୍ଷିକୀ ପାଳନପାଇଁ ମୋର ମନ୍ତ୍ରିତ୍ୱ କାଳରେ ରାଜ୍ୟ ସରକାର ଯେପରି ଭାବରେ ସହଯୋଗ କରିଛନ୍ତି ବିଶେଷକରି ଶିକ୍ଷାବିଭାଗ, ଶିକ୍ଷକ ସମାଜ, ଶିକ୍ଷାନୁଷ୍ଠାନମାନ ସମଗ୍ର ରାଜ୍ୟରେ ଏହି ମନୀଷୀମାନଙ୍କୁ ସ୍ମରଣ କରି ତାଙ୍କର ଦେଶ ପ୍ରେମ, ସାହିତ୍ୟସେବା, ଅସାଧାରଣ ବ୍ୟକ୍ତିତ୍ୱ ଓ ପ୍ରଜ୍ଞାପ୍ରତି ଶ୍ରଦ୍ଧା ଜ୍ଞାପନ କରିଛନ୍ତି ତାହା ଆମପାଇଁ ଓ ରାଜ୍ୟର ସାହିତ୍ୟପ୍ରେମୀଙ୍କୁ ବିଶେଷ ଗର୍ବ ଓ ଗୌରବ ଆଣି ଦେବାରେ ସହାୟକ ହୋଇଛି । ଗୋପବନ୍ଧୁନଗର, ନୀଳକଣ୍ଠନଗର, ଆଚାର୍ଯ୍ୟ ବିହାର ପ୍ରଭୃତି ଭୁବନେଶ୍ୱରର ବହୁ ଅଞ୍ଚଳକୁ ନାମିତ କରିବାରେ ଏବଂ ଋଷିପ୍ରତିମ ଆଚାର୍ଯ୍ୟଙ୍କ ନାମରେ ଭୁବନେଶ୍ୱରଠାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ଯେଉଁମାନେ ସହାୟକ ହୋଇଛନ୍ତି ସେମାନଙ୍କୁ ଏହି ଅବସରରେ ମୁଁ କୃତଜ୍ଞତା ଜଣାଉଛି । ଏଥିପାଇଁ ବିଶିଷ୍ଟ ସାହିତ୍ୟିକା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ବିଶିଷ୍ଟ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଦୀର୍ଘବର୍ଷଧରି ରାଜ୍ୟ ଶାସନର ମୁଖ୍ୟ ଭାବେ ଅଧିଷ୍ଠିତ ସାରସ୍ୱତ ସାଧକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସମଗ୍ର ରାଜ୍ୟବାସୀଙ୍କ କୃତଜ୍ଞତାର ପାତ୍ର ଅଟନ୍ତି ।

ସ୍ୱଳ୍ପ ସମୟ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ବକ୍ତୃତାମାଳା ପ୍ରଦାନ କରିବାପାଇଁ ମୋତେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଅନୁରୋଧ କରିଥିବାରୁ ମୁଁ ଯଥାସାଧ୍ୟ ସେ ଦିଗରେ ଉଦ୍ୟମ କରିଛି । ଏଥିରେ ମୋତେ ମୋର ଭାଇ ଡଃ ରବିନାରାୟଣ ଦାଶ ସାହାଯ୍ୟ କରି ନ ଥିଲେ ଏହାକୁ ଠିକ୍ ସମୟରେ ପ୍ରସ୍ତୁତ କରିବା ସମ୍ଭବ ହୋଇ ନ ଥାନ୍ତା । ତେଣୁ ଏଥିରେ ଥିବା ତ୍ରୁଟିବିଚ୍ୟୁତିପାଇଁ ମୁଁ ଦାୟୀ । ଉଦାରତାର ସହିତ ଆପଣମାନେ ଏହାକୁ ଗ୍ରହଣ କଲେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ମୋର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଅର୍ପିତ ହୋଇଥିବା ମନେ କରିବି ।

ଆପଣମାନେ ଧୈର୍ଯ୍ୟର ସହିତ ଏତେ ସମୟ ମୋର ଏହି ପ୍ରବନ୍ଧଟି ଶୁଣିବାରେ ଯେପରି ଆଗ୍ରହ ପ୍ରକାଶ କରିଛନ୍ତି ସେଥିପାଇଁ ଉପସ୍ଥିତ ସମସ୍ତ ସଜ୍ଜନଙ୍କୁ ମୁଁ ପ୍ରଣାମ ଜଣାଇ ମୋର ବକ୍ତବ୍ୟ ଶେଷ କରୁଛି ।

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟିରେ ସ୍ୱାତନ୍ତ୍ର୍ୟ

ଆଦିତ୍ୟ ପ୍ରସାଦ ପାଢ଼ୀ

ବିଂଶ ଶତକରେ ଓଡ଼ିଶାର ନବ ଜାଗରଣରେ ଯେଉଁ କେତେଜଣ ଆଦର୍ଶ ବୁଦ୍ଧିଜୀବୀ ସହାୟତା କରିଥିଲେ ସେମାନଙ୍କ ମଧ୍ୟରେ ସତ୍ୟବାଦୀର ବରେଣ୍ୟ ସାଧକ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଥିଲା ପ୍ରଶଂସନୀୟ । ଚଳିତ ଶତକର ରାଜନୀତିକ, ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ଜୀବନକୁ ତାଙ୍କର ଦାନ ସୁବିପୁଳ । ସେ ଥିଲେ ଏକାଧାରରେ ଜଣେ ରାଜନୀତିଜ୍ଞ, ଦାର୍ଶନିକ, ଐତିହାସିକ, ସାମ୍ବାଦିକ, ସାହିତ୍ୟିକ, ସ୍ୱାଧୀନଚିନ୍ତକ, ଓଡ଼ିଆ ଜାତୀୟତାର ଉପାସକ ଓ ଆର୍ଯ୍ୟଋଷିଙ୍କର ବରପୁତ୍ର । ସାଧନାରେ ଥିଲା ତାଙ୍କର ଗଭୀର ବିଶ୍ୱାସ ଓ ସେ କର୍ତ୍ତବ୍ୟ ପାଳନକୁ ଜୀବନର ପୁଣ୍ୟ ସାଧନା କ୍ଷେତ୍ର ଭାବରେ ଗ୍ରହଣ କରିଥିଲେ । ସେ ଭଲ ଭାବରେ ଜାଣିଥିଲେ – ଜୀବନ ସାଧନାମୟ । ସାଧନାରେ ସିଦ୍ଧି ହୁଏ, ଉଦ୍ଦେଶ୍ୟ ସାଧିତ ହୁଏ । ଆଦର୍ଶ ପ୍ରାପ୍ତି ହୁଏ । ଆର୍ଯ୍ୟଭୂମିରେ ଏକଥା ନୂଆ ନୁହେଁ । ବ୍ୟକ୍ତି ଜୀବନରେ, ପରିବାରରେ, ସମାଜରେ ସର୍ବତ୍ର ଆର୍ଯ୍ୟଜୀବନ ସାଧନାମୟ ।

ଆର୍ଯ୍ୟମାନଙ୍କର ଜଣେ ଯଥାର୍ଥ ଦାୟାଦ ରୂପେ ସେ ଜୀବନରେ ସିଦ୍ଧି, ଆଦର୍ଶ ଓ ଉଦ୍ଦେଶ୍ୟର ଚରିତାର୍ଥତାପାଇଁ ସାଧନାକୁ ଆପଣାର କରିଥିଲେ । ଏହି ସାଧନା ତାଙ୍କୁ ପ୍ରତି ପର୍ଯ୍ୟାୟରେ ଜୀବନରେ ପ୍ରତିଷ୍ଠା ଦେବାରେ ସାହାଯ୍ୟ କରିଥିଲା । ତାଙ୍କର ରାଜନୀତି କ୍ଷେତ୍ରରେ ଯେତିକି ଆଗ୍ରହ ଥିଲା; ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ଜନସେବାମୂଳକ କାର୍ଯ୍ୟରେ ତା'ଠାରୁ ଅଧିକ ଆଗ୍ରହ ରହିଥିଲା । ସେଥିପାଇଁ ତାଙ୍କ ପରିଚୟ ପ୍ରଦାନପୂର୍ବକ ଶାନ୍ତିନିକେତନରେ ଏକ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଲେଖକ ଅନ୍ନଦାଶଙ୍କର ରାୟ କହିଥିଲେ, ଆଧୁନିକ ଉତ୍କଳର ସାଂସ୍କୃତିକ ଜୀବନର ଶ୍ରେଷ୍ଠ ପ୍ରତିନିଧି ହେଉଛନ୍ତି 'ପଣ୍ଡିତ ନୀଳକଣ୍ଠ ଦାସ', ସେ ହେଉଛନ୍ତି ଓଡ଼ିଆ ଜାତିର ଏକ ସ୍ୱୟଂସମୃଦ୍ଧ ଅନୁଷ୍ଠାନ ।''

ସେ ଥିଲେ ଆଜନ୍ମ ସଂସ୍କାରକ, ଜାତୀୟତାର ପୂଜାରୀ ଓ ନୂତନ ମାର୍ଗର ପଥିକ । ସମାଜରୁ ଅନୀତି, ଦୁର୍ନୀତି, ବ୍ୟଭିଚାର, ଅନ୍ଧବିଶ୍ୱାସ ଓ କୁସଂସ୍କାର ରୂପକ ଆବର୍ଜନା

Digitized by PPRACHIN, SOA

ଦୂର କରି ଏ ଜାତିକୁ ସେବା, ତ୍ୟାଗ ଓ ମାନବୀୟ ଆଦର୍ଶର ବାଣୀ ଶୁଣାଇବାରେ ସେ ଅଶେଷ ଆନନ୍ଦ ଅନୁଭବ କରୁଥିଲେ । ସେ ମର୍ମେ ମର୍ମେ ବୁଝିଥିଲେ – ଜୀବନ ଭୌତିକ ବିଗ୍ରହ ବା ଜଡ଼ପିଣ୍ଡ ନୁହେଁ । ଜୀବନ ଗୋଟିଏ କ୍ରମବର୍ଦ୍ଧନଶୀଳ ନୀତି ବା ନିୟମ । ଚାରିଆଡୁ ସର୍ବଦା କେତେ ଶକ୍ତି, ସଂପର୍କ, ସଂସର୍ଗ, ସାହଚର୍ଯ୍ୟ ଏହି କ୍ରମବର୍ଦ୍ଧନର ବିକାଶ କରୁଅଛି । ପୁଣି ଏହି ନୀତି ସହିତ ପରମ୍ପରା ଓ ଆଦର୍ଶ ସଂଶ୍ଲିଷ୍ଟ ହୋଇ ମଣିଷକୁ ମଣିଷପଣିଆର ପଥ ନିର୍ଦ୍ଦେଶ କରୁଛି, ଜାତୀୟତାର ବୃହତ୍ତର ପରିଧି ଭିତରେ ଜୀବନ ଯାପନପାଇଁ ପ୍ରେରଣା ପ୍ରଦାନ କରୁଅଛି ।

ପଣ୍ଡିତ ନୀଳକଣ୍ଠ ପୁରୀ ଜିଲ୍ଲାର ଏକ ରକ୍ଷଣଶୀଳ ବ୍ରାହ୍ମଣ ଶାସନ ଶ୍ରୀରାମଚନ୍ଦ୍ରପୁରରେ ଜନ୍ମ ଗ୍ରହଣ କରିଥିଲେ ହେଁ ତାଙ୍କର ବାଲ୍ୟ କାଳରୁ ଧର୍ମ ପ୍ରତି ଓ ଜୀବନ ପ୍ରତି ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ଥିଲା । ସେ ଧର୍ମ ନାମରେ ରକ୍ଷଣଶୀଳତାକୁ ଆଦୌ ପ୍ରଶ୍ରୟ ଦେଉ ନ ଥିଲେ । ସେ ଧର୍ମ କହିଲେ ବୁଝୁଥିଲେ, ମାନବ ଧର୍ମ, ମାନବ କଲ୍ୟାଣ ଓ ନୈତିକ ଜୀବନ ଯାତ୍ରା । ସେ ସକାଶେ ସେ ପିଲାବେଳୁ ପୌତ୍ତଳିକତାଠାରୁ ନିଜକୁ ଦୂରେଇ ରଖୁଥିଲେ । ଏପରିକି ଥରେ ପିଲାଦିନେ ସେ ତାଙ୍କ ଗାଁର ଅଧିଷ୍ଠାତ୍ରୀ ଦେବୀ ହରଚଣ୍ଡୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଭୋଗପାଇଁ ତାଙ୍କ ମା' ରଖିଥିବା ପାଚିଲା କଦଳୀକୁ ସେ ଖାଇ ଦେଇଥିଲେ । ପୁଣି ମହାଭାରତରେ ଶ୍ରୀକୃଷ୍ଣଙ୍କ ନାମ ନ ଥିଲେ ତ ଚଳିଥାଆନ୍ତା ବୋଲି ସେ କହିବାକୁ ସଂକୋଚବୋଧ କରି ନ ଥିଲେ ।

ସେ ଥିଲେ ଭାକ୍ତିକ ମିଥ୍ୟାର ସଂହାରକ । ଧର୍ମ ନାମରେ ପ୍ରତିମା ପୂଜା, ଭକ୍ତି ନାମରେ ତନ୍ତ୍ର ଉପାସନା, ଧର୍ମ ଧାରଣାରେ ଅନ୍ଧ ସ୍ତାବକତା, ଧର୍ମକାର୍ଯ୍ୟ ନାମରେ ବ୍ରାହ୍ମଣମାନଙ୍କ ଯଥେଚ୍ଛାଚାରକୁ ସେ ଆଦୌ ସହ୍ୟ କରିପାରୁ ନ ଥିଲେ । ତାଙ୍କ ଦୃଷ୍ଟିରେ: ଯେଉଁଠାରେ ଧର୍ମ ଧର୍ମ ମଧ୍ୟରେ ସମନ୍ୱୟଶୀଳ ଭାବ ନାହିଁ; ଅନ୍ୟକୁ ଗ୍ରହଣ କରିବାରେ ବୃହତ୍ତର ଦୃଷ୍ଟିଭଙ୍ଗୀ ନାହିଁ, ସେଠାରେ ଧର୍ମକୁ ଏକ ପ୍ରବଞ୍ଚନା ଛଡ଼ା ଅନ୍ୟ କିଛି କୁହାଯାଇ ନ ପାରେ । ସେ ଭାରତବର୍ଷରେ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ – ଏହି ଚାରି ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଘଟିଛି ବୋଲି କହନ୍ତି । ରାଜନୀତିଠାରୁ ଧର୍ମକୁ ଦୂରେଇ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି । ଆତ୍ମଜୀବନୀରେ ସେ ଲେଖିଛନ୍ତି – ''ପୁଣି ଦେଖାଯାଉଛି ଧର୍ମ ବହୁ ସ୍ଥାନରେ ରାଜନୀତିକୁ ନିୟନ୍ତ୍ରଣ କରୁଛି । ତା'ହେଲେ ଯେଉଁଠି ମନରେ ମଣିଷର ଧର୍ମ ଧାରଣାରେ ଏତେ ଫରକ୍, ସେଠି ଠାକୁରର ନାମ ଧର୍ମଭାବ ଉଦୟ କରିପାରିବ କି ? କୃଷ୍ଣଙ୍କୁ ଯଦି ଆଲ୍ଲା ସହି ନ ପାରେ; ଆଲ୍ଲାଙ୍କୁ ଯଦି ଯୀଶୁଖ୍ରୀଷ୍ଟ ସହି ନ ପାରନ୍ତି, ତେବେ ଧର୍ମ ପ୍ରାଣର ଭାବାବେଗ ଏସବୁ ଉପରେ ପ୍ରତିଷ୍ଠିତ ବୋଲି

Digitized by PPRACHIN, SOA

କହିବାର ଯୁକ୍ତି କାହିଁ ?'' ପଣ୍ଡିତ ନୀଳକଣ୍ଠ ଧର୍ମକୁ ସାର୍ବଜନୀନ ଦୃଷ୍ଟିକୋଣରୁ ବିଚାର କରୁଥିଲେ । ତାଙ୍କ ମତରେ ଧର୍ମ ହେଉଛି ନୀତିନିଷ୍ଠ, କାଳାତୀତ ଓ ବିଶ୍ୱବ୍ୟାପ୍ତ ।

ଏଭଳି କାଳାତୀତ ଓ ବିଶ୍ୱବ୍ୟାପ୍ତ ଧର୍ମ ହେଉଛି ଶ୍ରୀଜଗନ୍ନାଥ ଧର୍ମ । ସେ ଜଗନ୍ନାଥଙ୍କୁ ସାମ୍ୟଧର୍ମର ପ୍ରତୀକ, ବିଶ୍ୱମାନବିକତାର ବିଗ୍ରହ, ମାନବ ସମାଜର ମୁକ୍ତିଦାତା, ଗୀତା ଧର୍ମର ସମନ୍ୱୟ – ସଂକେତ ମୈତ୍ରୀଦେବ ରୂପେ ଗ୍ରହଣ କରିଛନ୍ତି । ସେ ଜଗନ୍ନାଥଙ୍କ ଭିତରେ ଉତ୍କଳର ମହନୀୟତା ଅନୁଶୀଳନ କରିଥିଲେ । ଏହି ଜଗନ୍ନାଥ ଧର୍ମରେ କୌଣସି ମତାନ୍ଧତା ଓ କର୍ମରେ ଭେଦଜ୍ଞାନ ନାହିଁ । ରାଜା-ପ୍ରଜା, ଧନୀ-ଦରିଦ୍ର, ଉଚ୍ଚ-ନୀଚ, ଥିଲାବାଲା-ନ ଥିଲାବାଲା ସମସ୍ତଙ୍କପାଇଁ ଜଗନ୍ନାଥ ସମାନ ଆତିଥେୟତା ଦେଖାଇ ବିଶ୍ୱକୁ ସାମ୍ୟର ମହାମନ୍ତ୍ର ଶିକ୍ଷା ଦେଇଛନ୍ତି । ସେ ଜଗନ୍ନାଥ ଧର୍ମର ସାମ୍ୟ ଭାବନାକୁ ଗୀତାର ଜୀବପ୍ରତି ଦୟାଭାବ ଓ ସକଳ ଆତ୍ମାର ସମୀକରଣ ବୋଲି କହିବାକୁ ଭୁଲି ନାହାନ୍ତି । ସେ ଜଗନ୍ନାଥ ଧର୍ମ ପ୍ରସଙ୍ଗ ଉଠିଲେ ଗୀତାର ଧ୍ୟାନଯୋଗ (ଷଷ୍ଠ ଅଧ୍ୟାୟ)ର ଦ୍ୱାତ୍ରିଂଶ ଶ୍ଳୋକଟିକୁ ଭାବପ୍ରବଣ କଣ୍ଠରେ ଉଚ୍ଚାରଣ କରୁଥିଲେ –

''ଆତ୍ମୌପମ୍ୟେନ ସର୍ବତ୍ର
ସମଂ ପଶ୍ୟତି ଯୋଽର୍ଜୁନ !
ସୁଖଂ ବା ଯଦିବା ଦୁଃଖଂ
ସଯୋଗୀ ପରମୋ ମତଃ ।।''

ଏହାର ଅର୍ଥ ହେଉଛି – ''ସୁଖ ହେଉ ବା ଦୁଃଖ ହେଉ, ଆପଣାର ଯେପରି ହୁଏ ଅନ୍ୟର ସେହିପରି ହୁଏ ବୋଲି ଆପଣାର ଉପମା ଧରି ସେ ଲୋକ ସବୁଠି ସମାନ ବ୍ୟବହାର କରେ, ସେ ହିଁ ଯୋଗିଶ୍ରେଷ୍ଠ ରୂପେ ଗଣନୀୟ ।'' ଏହାହିଁ ହେଉଛି ଜଗନ୍ନାଥଙ୍କ ସାମ୍ୟଧର୍ମ ଯେଉଁଠି ସବୁ ମଣିଷ ସମାନ ବ୍ୟବହାର ପାଏ, ଆପଣାର ଅଧିକାର ସାବ୍ୟସ୍ତ କରି ଆନନ୍ଦରେ ବଞ୍ଚିବାର ସୁଯୋଗ ପାଏ ।

ସେ ଆମର ସଂସ୍କୃତିକୁ ମଧ୍ୟ ଜଗନ୍ନାଥଙ୍କ ଭିତରେ ଦେଖିଛନ୍ତି । ଏହାକୁ ସେ ଶବର ସଂସ୍କୃତିରୂପେ ଅଭିହିତ କରିବାକୁ ଭୁଲି ନାହାନ୍ତି । ସାଂସ୍କୃତିକ କ୍ଷେତ୍ରରେ ଜଗନ୍ନାଥଙ୍କର ମହତ୍ତ୍ୱ ସୂଚାଇବାକୁ ଯାଇ ସେ ଲେଖିଛନ୍ତି, ''କଳିଙ୍ଗର ଧର୍ମ ଓ ସଂସ୍କୃତିକୁ ଏକ କଥାରେ କୁହାଯିବ 'ଜଗନ୍ନାଥ' । ଏଠାରେ କର୍ମରେ ଭେଦଜ୍ଞାନ ନାହିଁ – ଧର୍ମରେ ଅନ୍ଧତା ନାହିଁ । ଏହାହିଁ ବିଶ୍ୱଧର୍ମରେ ମହାସମନ୍ୱୟର ବିଗ୍ରହ ।

Digitized by PPRACHIN, SOA

କଳିଙ୍ଗର ବୃଦ୍ଧ ଶବର ଦୃପ୍ତ ମାଳବରାଜାଙ୍କୁ ଏହା ଶିଖାଇ ଚିରକାଳପାଇଁ ଭାରତର ଧର୍ମର ଏଇ ନିତ୍ୟ ପ୍ରତିଷ୍ଠାନରେ ପ୍ରାଣପ୍ରତିଷ୍ଠା କରିଯାଇଛନ୍ତି । ଏହା କଳିଙ୍ଗ ତଥା ଶବର ସଂସ୍କୃତିର ନିତ୍ୟ ସଂକେତ ରୂପେ ଭେଦଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ସିନ୍ଧୁ ସମୀର ଦୋଳିତ ସମୁନ୍ନତ ବିରଳ ସଂକେତରେ ପ୍ରଚାର କରୁଅଛି ।'' (ଗୀତା ପ୍ରବେଶ - ପୃଷ୍ଠା-୨୮୬)

ପଣ୍ଡିତ ନୀଳକଣ୍ଠ ଧର୍ମକୁ ଚିନ୍ତା କରିବାର, ଜାଣିବାର, ବୁଝିବାର ଓ ମଣିଷ-ମଣିଷ ଭିତରୁ ଭେଦଭାବ ଦୂର କରିବାର ଶ୍ରେଷ୍ଠ ନିୟାମକ ରୂପେ ବିଚାର କରୁଥିଲେ । ସେ ଏପରିକି ଗୀତାର ତାତ୍ତ୍ୱିକ ଅର୍ଥ ନ ବୁଝି ତାକୁ ପାରାୟଣ କରିବା ମୂଲ୍ୟହୀନ ବୋଲି କହୁଥିଲେ । ସେ ଏ ସଂପର୍କରେ ଏକଦା ବକ୍ତୃତା ଛଳରେ କହିଥିଲେ – ''ଗୀତାରେ ଅଛି ମହନୀୟ ଧର୍ମତତ୍ତ୍ୱ । ମାତ୍ର ତାକୁ ପାରାୟଣ କଲେ ଧର୍ମ ହେବ କାହିଁକି ? ପାରାୟଣରେ ଯେବେ ଧର୍ମ ହୁଏ, ତେବେ ନଈବଢ଼ି ଗୀତ, ଡଙ୍ଗାବୁଡ଼ି ଗୀତ ପାରାୟଣ କଲେ ମଧ୍ୟ ଧର୍ମ ହେବ । ଗୀତାର ତତ୍ତ୍ୱ ସନ୍ଧାନ କରି ନ ପାରିଲେ ପାରାୟଣ ନିରର୍ଥକ ।'' (କୋଣାର୍କ – ୫୩ଶ ସଂଖ୍ୟା-ନୀଳକଣ୍ଠ ବିଶେଷାଙ୍କ – ୧୯୮୪-ପୃଷ୍ଠା - ୧୬)

ସେ ଏପରିକି କିଛି ନ ବୁଝି, ବିଚାର ନ କରି ସରସ୍ୱତୀ ପୂଜା କରିବାକୁ ପସନ୍ଦ କରୁ ନ ଥିଲେ । ମୂର୍ତ୍ତି ପୂଜା ସଂପର୍କରେ ତାଙ୍କର ଦୃଷ୍ଟିକୋଣ ଥିଲା ଭିନ୍ନ । ଏ ସଂପର୍କରେ ତାଙ୍କର 'ଶ୍ରୀ ପଞ୍ଚମୀ' କବିତାଟି ପ୍ରଣିଧାନଯୋଗ୍ୟ । ସେଥିରେ ଲେଖାଅଛି –

''ଭାରତ ପତିତ ଆଜି, ହୀନ ଆର୍ଯ୍ୟ ହିନ୍ଦୁ
ହରାଇଛି ଜ୍ଞାନର ସେ ସ୍ନେହ
ତୂଳିରେ ପ୍ରତିମା ରଚି ନାରିକେଳ ପରେ
ଗଢ଼େ ତେଣୁ ଭୌତିକ ବିଗ୍ରହ ।
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ ଉପବାସ କରେ:
ଅର୍ଚ୍ଚନା ସେ କରଇ ଜ୍ଞାନର
ଭୂତି ଅତି ଭୂତି ଭେଦ ଭୁଲିଣ ସତତ
ହେଉଅଛି ଅଜ୍ଞାନ ବର୍ବର ।''

ଏଇ କେତେ ପଦରୁ ତାଙ୍କର ପ୍ରତିମା ପୂଜା ପ୍ରତି ନେତିବାଚକ ମନୋଭାବ ସୂଚିତ ହୁଏ ।

Digitized by PPRACHIN, SOA

ସେ ଭକ୍ତି ନାମରେ ମିଥ୍ୟାର ଆଶ୍ରୟ ନେବା କିମ୍ବା ସହଜ ବିଶ୍ୱାସ ଜନ୍ମାଇ କୌଣସି କଥା କହିବାକୁ ଆଦୌ ପସନ୍ଦ କରୁ ନ ଥିଲେ । କେଉଁ ପଣ୍ଡିତ, ମୁନି, ଋଷି କହୁଥିବା ବିଶ୍ୱାସମୂଳକ କିମ୍ବଦନ୍ତୀପୂର୍ଣ୍ଣ କଥାକୁ ସେ ଭକ୍ତି ଭାବର ଦ୍ୟୋତକ ବୋଲି ଭାବୁ ନ ଥିଲେ । ଏହାକୁ ସେ ଭକ୍ତି ନାମରେ ନିରାଟ ମିଥ୍ୟା ବୋଲି ମତ ପୋଷଣ କରିଥିଲେ । ଯାହାକୁ ସେ 'ଭାକ୍ତିକ ମିଥ୍ୟା' ଆଖ୍ୟା ଦେଇଥିଲେ । ସୁତରାଂ, ଧର୍ମ କହିଲେ ସେ ନୀତି, ଆଦର୍ଶ, ତତ୍ତ୍ୱ ଓ ସୁସ୍ଥ ସାମାଜିକ ନିୟମକୁ ବୁଝୁଥିଲେ ।

ପଣ୍ଡିତ ନୀଳକଣ୍ଠ ସବୁବେଳେ ଥିଲେ ନୂତନତାର ଉପାସକ । ସେ ଆମର ପ୍ରଚଳିତ ଶିକ୍ଷା, ରାଜନୀତି ଓ ସମାଜକୁ ନୂଆ ଦୃଷ୍ଟିକୋଣରୁ ଦେଖୁଥିଲେ । ତାଙ୍କର 'ସତ୍ୟବାଦୀ ବନବିଦ୍ୟାଳୟ' (ପ୍ରତିଷ୍ଠା କାଳ – ୧୨-୮-୧୯୦୯) ଥିଲା ଶିକ୍ଷା କ୍ଷେତ୍ରରେ ଏକ ନୂତନ ପରୀକ୍ଷାଗାର । ସେ ଥିଲେ ଏହି ସ୍କୁଲର ପ୍ରଧାନ ଶିକ୍ଷକ । ଏହାକୁ କୁହାଯାଉଥିଲା 'ମଣିଷ ଗଢ଼ା କାରଖାନା' । ସତ୍ୟବାଦୀର ବକୁଳ ଛୁରିଅନା ବୃକ୍ଷର ସୁଶୀତଳ ଛାୟାରେ ବସି ଛାତ୍ରମାନଙ୍କୁ ଶିକ୍ଷକମାନେ କେବଳ ପୋଥିଗତ ବିଦ୍ୟା ଶିକ୍ଷା ଦେଉ ନ ଥିଲେ, ଅଧିକନ୍ତୁ ପବିତ୍ର ଆଦର୍ଶ, ଉନ୍ନତ ଜୀବନ ଯାପନ ପଦ୍ଧତି ଓ ପଥ ଶିକ୍ଷା ଦେଉଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଆଣିଥିଲା ଏକ ଅଭୂତପୂର୍ବ ବୈପ୍ଳବିକ ପରିବର୍ତ୍ତନ । ଏ ସଂପର୍କରେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସଦାଶିବ ମିଶ୍ର ସୂଚନା ଦେଇ ଲେଖିଛନ୍ତି – ''ସତ୍ୟବାଦୀ ସ୍କୁଲ ପ୍ରତିଷ୍ଠାରେ ଥିଲା ପ୍ରାଚୀନ ଗୁରୁକୁଳର ଆଦର୍ଶ । University କୁ ଆମେ ବିଶ୍ୱବିଦ୍ୟାଳୟ ବୋଲି ଅନୁବାଦ କରିଛୁ । University ସହିତ Universe ବା ବିଶ୍ୱର କୌଣସି ସମ୍ବନ୍ଧ ନାହିଁ । University ଶବ୍ଦର ଆକ୍ଷରିକ ଅର୍ଥ ଶିକ୍ଷକମାନଙ୍କ ପ୍ରତିଷ୍ଠିତ ଶିକ୍ଷା ନିଗମ । ଏହାର ଯଥାର୍ଥ ପ୍ରତିଶବ୍ଦ ଗୁରୁକୁଳ – ଛାତ୍ର ଏବଂ ଶିକ୍ଷକଙ୍କର ଏକ ସମନ୍ୱିତ ପରିବାର । ବୋଡ଼ିଂରେ ଶଯ୍ୟାତ୍ୟାଗର ଘଣ୍ଟା ବଜାନ୍ତି ଆଚାର୍ଯ୍ୟ ହରିହର । ସେଇଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ । ସେଥିରେ ଥିଲେ ଅଧକ୍ଷ ପଣ୍ଡିତ ନୀଳକଣ୍ଠ । ସେ ଥିଲେ କୁଳପତି । 'କୋଣାର୍କେ' କାବ୍ୟର ଦ୍ୱିତୀୟ ଭାଗ 'ମାୟାଦେବୀ'ର ଆରମ୍ଭରେ ସେ ଲେଖିଛନ୍ତି; ''ଗୁରୁ ଶ୍ମଶ୍ରୁ ଭେଦି, କୁଳପତି ଭାଷେ କି ସୁଖ ଲଭିବ, ଶୁଣିବ କିପାଁ ?'' ଉତ୍କଳର ସବୁଆଡୁ ଆସିଲେ ଛାତ୍ର । ବହୁ ବିଶିଷ୍ଟ ବ୍ୟକ୍ତି ଆସିଲେ ଦେଖିବାଲାଗି । ସ୍କୁଲ୍‌ର ପରିବେଶ, ଶୃଙ୍ଖଳା ଓ ଶିକ୍ଷାଦାନ ଦେଖି ଉତ୍କଳଗୌରବ ମଧୁସୂଦନ କହିଲେ – ''ଗୋପବନ୍ଧୁ ! ତୁମେ ଗୋଟିଏ ନାଳନ୍ଦା ଗଢ଼ିଦେଲ ।'' ଗୋପବନ୍ଧୁ ଉତ୍ତର ଦେଇଥିଲେ, ''ମୁଁ ନୁହେଁ – ନୀଳକଣ୍ଠ ।''

Digitized by PPRACHIN, SOA

ବ୍ରିଟିଶ ସରକାର କିନ୍ତୁ ଏ ସ୍କୁଲକୁ ସନ୍ଦେହ ଚକ୍ଷୁରେ ଦେଖିଲେ । ଏ ନିଶ୍ଚୟ ବିପ୍ଳବର ଏକ କାରଖାନା । ଗୁଇନ୍ଦା ଆସିଲେ । ତଥ୍ୟ ସଂଗ୍ରହ କଲେ । ବୋମା ଦେଖିଲେ ନାହିଁ । ଅସ୍ତ୍ରାଗାର ଦେଖିଲେ ନାହିଁ । ଦେଖିଲେ ଶିକ୍ଷା କ୍ଷେତ୍ରରେ, ସଂସ୍କୃତି ରାଜ୍ୟରେ, ସାମାଜିକ ଚେତନାରେ ଏକ ବୈପ୍ଳବିକ ଅଭିଯାନ ।'' (କୋଣାର୍କ-୫୩ଶ ସଂଖ୍ୟା – ନୀଳକଣ୍ଠ ବିଶେଷାଙ୍କ-୧୯୮୪ – ପୃଷ୍ଠା- ୧୩-୧୪) । ଛାତ୍ରମାନଙ୍କୁ ବାସ୍ତବ କ୍ଷେତ୍ରରେ କିପରି ଜାତିର ଓ ସମାଜର ମଙ୍ଗଳ କରିବାକୁ ହେବ, ସେ ସମ୍ପର୍କରେ ଏଠାରେ ଶିକ୍ଷା ଦିଆଯାଉଥିଲା । ବୈଜ୍ଞାନିକ ମନୋଭାବର ବିକାଶପାଇଁ ଏହି ବିଦ୍ୟାଳୟ ଛାତ୍ରମାନଙ୍କୁ ଯଥେଷ୍ଟ ଉତ୍ସାହ ପ୍ରଦାନ କରିଥିଲା । ଜାତି ଧର୍ମର ପ୍ରାଚୀର ଲଙ୍ଘନ କରି ଉଦାର ମାନବିକ ଭାବନା ନେଇ ବଞ୍ଚିବା ସକାଶେ ଏହି ବିଦ୍ୟାଳୟର ଆହ୍ୱାନ ଥିଲା ପ୍ରଶଂସନୀୟ ।

ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ପ୍ରଥମେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ । ସେ ତାହାଙ୍କ ପ୍ରତିଷ୍ଠିତ 'ନବ ଭାରତ' (ପ୍ରତିଷ୍ଠା ସମୟ-୧୯୩୪)ରେ ଏ ସଂପର୍କରେ ଅନେକ ଲେଖା ଲେଖିଥିଲେ । ସେ ଦୃଢ଼ ଯୁକ୍ତି ଦେଇ ଏକଦା 'ନବଭାରତ' ପତ୍ରିକାରେ ଲେଖିଥିଲେ, ''ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବାପାଇଁ ବିଶ୍ୱବିଦ୍ୟାଳୟ ଏକାନ୍ତ ଲୋଡ଼ା । କାରଣ ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ପୁଣି ବିଶ୍ୱବିଦ୍ୟାଳୟ ନ ହେଲେ ଜାତିର ଆବଶ୍ୟକତା ଅନୁସାରେ ଶିକ୍ଷକ ବା ଗଢ଼ିବା କାହୁଁ ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାର ଦ୍ୱାର ତେର ପିଣ୍ଡା ହେଉଥିବା ତା'ହେଲେ କେବେ ନିଜର ବିଶେଷତ୍ୱ ଫୁଟିବ କି ?'' ସେ ୧୯୩୪ ମସିହାରୁ ଧାରାବାହିକ ଭାବରେ ନବଭାରତ ପତ୍ରିକାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା (୧୯୪୩) ପର୍ଯ୍ୟନ୍ତ ଏହିପରି ସଂପାଦକୀୟମାନ ବିଭିନ୍ନ ବିଷୟରେ ଲେଖିଥିଲେ । ସେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଓ ଓଡ଼ିଆମାନଙ୍କର ମର୍ଯ୍ୟାଦା ରକ୍ଷା ସକାଶେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ମସୀ-ଅସୀ ମାଧ୍ୟମରେ ଯେଉଁ ସଂଗ୍ରାମ ଚଳାଇଥିଲେ, ତାହାର ପଟାନ୍ତର ନାହିଁ ।

ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଶିକ୍ଷା ମଣିଷକୁ ଅନ୍ଧାରରୁ ଆଲୋକକୁ ଆଣିବାପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ । ସେ ଶିକ୍ଷାକୁ ଆତ୍ମଚୈତନ୍ୟ ବା ଆତ୍ମ ଉପଲବ୍ଧିର ମାର୍ଗ ରୂପେ ଗ୍ରହଣ କରିଥିଲେ । ତାଙ୍କ ମତରେ ଶିକ୍ଷା ମଣିଷକୁ ବିଶେଷଜ୍ଞ କରିବା ଅପେକ୍ଷା ତା'ର ସାଧୁତା, ନୈତିକତା, ମାନବିକତା ଓ ସହନଶୀଳତାର ବିକାଶ ପଥରେ ସହାୟକ ହେବା ବିଧେୟ ।

Digitized by PPRACHIN, SOA

ନୀଳକଣ୍ଠଙ୍କୁ ଜଣେ ବିଶିଷ୍ଟ ଦାର୍ଶନିକ ରୂପେ ଗ୍ରହଣ କରାଯାଇପାରେ । ସେ ଥିଲେ ଦର୍ଶନର ଛାତ୍ର । ପୁଣି ଅନେକ ଦାର୍ଶନିକ ପ୍ରବନ୍ଧର ରଚୟିତା । ତାଙ୍କର ବଞ୍ଚିବାର ମାର୍ଗଟି ମଧ୍ୟ ଥିଲା ଦାର୍ଶନିକ-ସୁଲଭ । ସେ ଜୀବନରେ ଦର୍ଶନର ମୂଲ୍ୟ ସଂପର୍କରେ ସୂଚାଇବାକୁ ଯାଇ ଲେଖିଥିଲେ, ‘‘ତଥାପି ଜୀବଧର୍ମରେ ଅନ୍ୟ ଜନ୍ତୁ ସହ ସମାନ ହେଲେହେଁ ମନୁଷ୍ୟ ଜନ୍ତୁ ନୁହେଁ । ମନୁଷ୍ୟ, ମନୁଷ୍ୟ । ସେ ପ୍ରଗତିର ସାମାଜିକ ପ୍ରାଣୀ । ଏକଆଡ଼େ ତା’ର ସାମାଜିକ ପରଂପରା, ଅନ୍ୟଆଡ଼େ ପୁରୋଦୃଷ୍ଟି, ପଛରେ ଇତିହାସ, ଆଗକୁ ଦର୍ଶନ ।’’ (ନବଭାରତ – ନୂତନ ପ୍ରସ୍ଥ -ଜୁନ୍- ୧୯୪୭ – ପୃଷ୍ଠା-୪୦୮) । ନୀଳକଣ୍ଠ ଦର୍ଶନକୁ ଆତ୍ମପ୍ରଗତିର ନିୟାମକରୂପେ ଗ୍ରହଣ କରିଥିଲେ । ସେ ମଣିଷକୁ ଏ ସଂସାରର ଶ୍ରେଷ୍ଠ ଜୀବ ରୂପେ ସମ୍ମାନ ଦେଉଥିଲେ । ସେ କହୁଥିଲେ ମଣିଷ ସହିତ ସବୁବେଳେ ବିଶ୍ୱ ଶକ୍ତିର ଏକ ଅଦ୍ଭୁତ ସଂପର୍କ ରହିଛି । ଏହି ବିଶ୍ୱଶକ୍ତି ସବୁ ମଣିଷ ଭିତରେ ସତତ ବିଦ୍ୟମାନ । ‘ମୁଁ’ ଓ ବିଶ୍ୱ ଏକ ଓ ଅଭିନ୍ନ । ମୋର ଅସ୍ତିତ୍ୱ ଭିତରେ ରହିଛି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଅସ୍ତିତ୍ୱ ଓ ମୁଁ ନ ଥିଲେ ଏ ବିଶ୍ୱବ୍ରହ୍ମାଣ୍ଡର ଅସ୍ତିତ୍ୱ ନାହିଁ ।

ନୀଳକଣ୍ଠ ଭାରତୀୟ ଦର୍ଶନକୁ ଆପଣା ଦୃଷ୍ଟିକୋଣରୁ ବିଚାର କରିଥିଲେ । ଏ ସଂପର୍କରେ ତାଙ୍କର ‘Religious and Philosophical Developments in Orissa’ ଶୀର୍ଷକ ନିବନ୍ଧଟି ଅତ୍ୟନ୍ତ ଉପାଦେୟ ସୃଷ୍ଟି । ତାଙ୍କ ମତରେ ଆତ୍ମଦର୍ଶନ ହେଉଛି ମଣିଷପାଇଁ ଶ୍ରେଷ୍ଠ ଧ୍ୟେୟ । ଏଥିରେ ଯେଉଁ ମଣିଷ ସିଦ୍ଧି ଲାଭ କରେ ସେ ଏକରେ ଅନେକ, ଅନେକରେ ଏକ, ଭୋଗ ଭିତରେ ତ୍ୟାଗ, ତ୍ୟାଗ ମଧ୍ୟରେ ଭୋଗ, ଭୂତରେ ଆତ୍ମା ଓ ଆତ୍ମାରେ ଭୂତ ଦର୍ଶନ କରିବାକୁ ସମର୍ଥ ହୁଏ । ଏହି ଆତ୍ମଦର୍ଶନଦ୍ୱାରା ମଣିଷ ସଂସାରର ବହୁ ରହସ୍ୟ ଭେଦ କରିବାକୁ କ୍ଷମ ହୋଇପାରେ । ଯାହାର ଦର୍ଶନ ସଂପର୍କରେ ଜ୍ଞାନ ଅନୁପସ୍ଥିତ, ଯେ ତତ୍ତ୍ୱ ବିଚାର କରିବାରେ କ୍ଷମ ନୁହେଁ, ସେ ଚକ୍ଷୁ ଥାଇ ସୁଦ୍ଧା ଅନ୍ଧ । ମଣିଷର ବ୍ୟକ୍ତିତ୍ୱର ବିକାଶପାଇଁ ଦର୍ଶନ ସେ ସବୁଠାରୁ ପ୍ରଶସ୍ତ ମାର୍ଗ ଏହା ସେ ବାରମ୍ବାର ତାଙ୍କର ଲେଖାରେ ସୂଚାଇଛନ୍ତି ।

ପଣ୍ଡିତ ନୀଳକଣ୍ଠ ରାଜନୀତି କ୍ଷେତ୍ରରେ ଥିଲେ ନୂତନତାର ପଥିକ । ସେ ଥିଲେ ମୂଲ୍ୟବୋଧଭିତ୍ତିକ ରାଜନୀତିର ପ୍ରବର୍ତ୍ତକ । ସେ ଥିଲେ ଓଡ଼ିଶା ବିଧାନସଭାର ମାନ୍ୟବର ବିଧାୟକ ଓ ବାଚସ୍ପତି । ସେ ବାଚସ୍ପତି ଭାବରେ ଏକ ନୂତନ ନିୟମ ପ୍ରଚଳନ କରିଥିଲେ । ତାଙ୍କ ମତରେ କୌଣସି ମନ୍ତ୍ରିମଣ୍ଡଳର ପତନ ଘଟିଲେ ବାଚସ୍ପତି ବିଦାୟ ନେବେ ନାହିଁ । ଏକ ନୂଆ ମନ୍ତ୍ରିମଣ୍ଡଳ ଗଠନ ହେବାଯାଏ ଓ

Digitized by PPRACHIN, SOA

ଜଣେ ନୂଆ ବାଚସ୍ପତି ନିର୍ବାଚିତ ହେବାଯାଏ, ପୁରୁଣା ବାଚସ୍ପତି ଗୃହର ସେଇ ଆସନରେ ରହିପାରିବେ ।

ରାଜନୀତିକୁ ସେ ସେବା, ତ୍ୟାଗ ଓ ଜାତୀୟ ଉନ୍ନତିର ମାଧ୍ୟମରୂପେ ବ୍ୟବହାର କରିଥିଲେ । ରାଜନୀତି ଥିଲା ତାଙ୍କର ଜୀବନର ବ୍ରତ । ଏହା ତାଙ୍କପାଇଁ ଆଜି କାଲି ପରି ଭୋଗ ପୂଜାର ମଣ୍ଡପ ନ ଥିଲା । ସେ ଦଳର ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥ ଓ ଜାତିର ସ୍ୱାର୍ଥକୁ ସବୁବେଳେ ଗୁରୁତ୍ୱ ଦେଇଥିଲେ । ଏପରିକି ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ କଂଗ୍ରେସ ଦଳରୁ ବିଦାୟ ନେବାକୁ କୁଣ୍ଠିତ ହୋଇ ନ ଥିଲେ ।

ପଣ୍ଡିତ ନୀଳକଣ୍ଠ ଜାତୀୟ ଜୀବନର ବିକାଶପାଇଁ ଇତିହାସ ଓ ସାହିତ୍ୟକୁ ମୁଖ୍ୟ ଅବଲମ୍ବନରୂପେ ବାଛି ନେଇଥିଲେ । ତାଙ୍କପାଇଁ "ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂମି ଖଣ୍ଡରେ ଜାତୀୟତା ରହେ ନାହିଁ । ଜାତୀୟତା ରହେ ଭାବରେ, ଆଦର୍ଶରେ, ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ ।" ଏହି ଜାତୀୟ ଭାବ ଚେତନାର ବିକାଶପାଇଁ ଭାଷା ସାହିତ୍ୟର ଅନୁଶୀଳନ ଓ ଇତିହାସର ଅଧ୍ୟୟନ ଅପରିହାର୍ଯ୍ୟ । ସେଥିପାଇଁ ସେ ଉତ୍କଳର କୀର୍ତ୍ତି ଭାସ୍କର ଐତିହ୍ୟ ସଂପର୍କରେ ତାଙ୍କ କାବ୍ୟକବିତାରେ ବେଶ୍ ପ୍ରଗଳ୍‌ଭ ଥିଲେ । ସେ ତାଙ୍କର 'କୋଣାର୍କେ' କାବ୍ୟରେ ଅତି ଚମତ୍କାର ଭାବରେ ତାଙ୍କର ଏଇ ଭାବନାକୁ ବ୍ୟକ୍ତ କରି ଲେଖିଛନ୍ତି –

"ଐତିହାସିକ ଭୂମି ଏ ଏଥି ବାଳକକୁଳ
ଇତିହାସ ସ୍ମୃତି ପୁଲକେ ଲବେ ହେବେ ବିହ୍ୱଳ ।
ଅତୀତ ବିଭବ କାହାଣୀ କହି ବିବିଧ ରଙ୍ଗେ
ଆତ୍ମାକୁ ବିସୋରି ମିଶିବେ ପୂର୍ବ ପୁରୁଷ ସଙ୍ଗେ ।
ଅତୀତୁ ଅତୀବ ପ୍ରସାରେ ବହି ଜୀବନ ଧାରା
ବ୍ୟାପିଯିବ ମହା ବିସ୍ତାରେ ଭେଦି ଶରୀର କାରା ।"

ସେ ଜାତୀୟତା, ସ୍ୱଦେଶ ପ୍ରୀତି ନାମରେ ଏପରି ଭାବବିହ୍ୱଳ ହୋଇପଡୁଥିଲେ ଯେ କୌଣସି ବିଜାତୀୟ ଭାବନାକୁ ସହ୍ୟ କରିପାରୁ ନ ଥିଲେ । ସେ ସାହିତ୍ୟ ଆଲୋଚନାରେ ସୁଦ୍ଧା ଜାତୀୟତା ଦୃଷ୍ଟିରୁ ଏହାର ବିଶ୍ଳେଷଣ କରୁଥିଲେ । ଏଥିପାଇଁ ବୋଧହୁଏ ସେ ରାଧାନାଥଙ୍କ ସାହିତ୍ୟର ପାଶ୍ଚାତ୍ୟ ସାହିତ୍ୟରୁ ଭାବ ଆହରଣ ପ୍ରକ୍ରିୟାକୁ ସ୍ମରଣ କରି ବିରାଗରେ ପଛକୁ ମୁହଁ ଫେରାଇ ନେଇଥିଲେ ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷା, ବର୍ଣ୍ଣ ଓ ଲିପିରେ କାଳୋଚିତ ସଂସ୍କାରପାଇଁ ବହୁବିଧ ଉଦ୍ୟମ କରିଥିଲେ । ଓଡ଼ିଆ ଲିପିରେ ସଂସ୍କାର ନିହାତି ଦରକାର ବୋଲି ସେ କହୁଥିଲେ । ଲୋକ-ମୁଖର ଓଡ଼ିଆ ଭାଷାକୁ ନେଇ କିପରି ଓଡ଼ିଆ ବ୍ୟାକରଣ ରଚନା କରାଯାଇପାରିବ, ସେ ଦିଗରେ ତାହାଙ୍କର ନିଷ୍ଠା ଅବିସ୍ମରଣୀୟ । ଆଜି ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନର ଧାରା ଆରମ୍ଭ ହୋଇଛି । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ନୀଳକଣ୍ଠଙ୍କର ଏପରି ସଦୁଦ୍ୟମ ବାସ୍ତବରେ ଶ୍ଳାଘ୍ୟ । ଓଡ଼ିଆ ଭାଷା ମୁଦ୍ରାଯନ୍ତ୍ରରେ ଓ ଟାଇପ୍ ଯନ୍ତ୍ରରେ କିପରି ସୁବିଧାରେ ପ୍ରକାଶ ପାଇପାରିବ ସେଥିପାଇଁ ସେ ଆଜୀବନ ଚିନ୍ତିତ ଥିଲେ । ଏବେ କମ୍ପ୍ୟୁଟରରେ ଓଡ଼ିଆ ଲିପିର ଚେହେରା ଦେଖି ସେ ବଞ୍ଚିଥିଲେ ନିଶ୍ଚିତ ଆତ୍ମପ୍ରସାଦ ଅନୁଭବ କରିଥାନ୍ତେ ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ଅସାମାନ୍ୟ ମଣିଷ । ସେ ଥିଲେ ପ୍ରକୃତରେ ବହୁ ମଣିଷର ସମାହାର । ସେ ଥିଲେ ଯଥାର୍ଥରେ ନବ ଓଡ଼ିଶାର ଅନ୍ୟତମ ନିର୍ମାତା । ତାଙ୍କ ବିନା ଓଡ଼ିଶୀ ସଂସ୍କୃତିର ନବୀକରଣ ପ୍ରସଙ୍ଗ ଭାବିହୁଏନା । ଏହିପରି ଏକ କର୍ମମୟ ଜୀବନର ଅବସାନ ୧୯୬୭ ମସିହା ନଭେମ୍ବର ୬ ତାରିଖରେ ଘଟିଥିଲା । ସେ ଇହଲୋକରେ ଆଜି ନାହାନ୍ତି ସତ୍ୟ, ମାତ୍ର ସେ ତାଙ୍କର ମୌଳିକ ଭାବନା, ଜ୍ଞାନଦୀପ୍ତ ଗ୍ରନ୍ଥ, ଜନସେବା, ବିଧାନସଭାର ବିବରଣୀ ଓ ଜଣେ ମାନବବାଦୀ ଉଦାର ମଣିଷ ଭାବରେ ଆମ ଗହଣରେ ଆଜି ଜୀବନ୍ତ ଭାବରେ ରହିଛନ୍ତି । ତାଙ୍କର କର୍ମ ଓ କୃତିତ୍ୱ ଆମପାଇଁ ଆଜି ଆଲୋକବର୍ତ୍ତିକା ହୋଇ ରହିଛି ଓ ସେ ଆମପାଇଁ ହୋଇଛନ୍ତି ପ୍ରେରଣାର ଅସରନ୍ତି ଉତ୍ସ, କାରଣ ତାଙ୍କର ସୃଷ୍ଟି ଓ ଦୃଷ୍ଟିରେ ଚିନ୍ତା ଓ ଚିନ୍ତନରେ ଥିଲା ସ୍ୱାତନ୍ତ୍ର୍ୟ ଓ ଚିରନ୍ତନତ୍ୱ ।

Digitized by PPRACHIN, SOA

# ସଂସ୍କାରକ ଓ ସଂଗଠକ ପଣ୍ଡିତ ନୀଳକଣ୍ଠ ଦାସ

କୈଳାସଚନ୍ଦ୍ର ଦାଶ

ସ୍ୱର୍ଗର ଅମର ତୁମ୍ଭେ ନୀଳକଣ୍ଠ ଦାସ
ସାଧନାର ତୀର୍ଥତବ ଏ ମହୀ ପ୍ରବାସ ।।

ସ୍ୱାର୍ଥତ୍ୟାଗୀ ଆତ୍ମତ୍ୟାଗୀ ଆଦର୍ଶ ହୃଦୟ
ଜନନୀର ଯୋଗ୍ୟପୁତ୍ର ତୁମ୍ଭେ ହେ ନିଶ୍ଚୟ ।।

ନୀରବ କର୍ତ୍ତବ୍ୟ ବୀର ନିତ୍ୟ ନବଦ୍ୟୋଗୀ
ଦେଶପାଇଁ ହୋଇଅଛ ତୁମ୍ଭେ କର୍ମଯୋଗୀ ।।

ଦେଖାଇଲ କୃତି ଯେଉଁ ଆଦର୍ଶ ଉତ୍କଳେ
ବିରଳ ତୁଳନ ତାହା ବଚନକୁ ବଳେ ।।

ଯେ ଅଗାଧ ବିଦ୍ୟା ତୁମ୍ଭେ ଉପାର୍ଜଇ ଭାଇ
ନୁହେଁ ଏକା ତୁମ୍ଭପାଇଁ ତାହା ଦେଶପାଇଁ ।।

କରେ ଖାଲି ଆପଣାକୁ ତାରା ଭାରତର
ମାତ୍ର ଚରାଚର ଦୀପ୍ତ କରେ ଶଶଧର ।।

ଆନପକ୍ଷେ ଆନୁକର୍ଯ୍ୟ ତବ ବଡ଼ପଣ
ନିଜେ ବଡ଼, ଗଢୁଅଛ ବଡ଼ ବଡ଼ ପଣ ।।

ଜାତୀୟ ଅଦୃଷ୍ଟ ତୁମ୍ଭେ ଗଢୁଛି ନୀରବେ
ଏ ପ୍ରତିଯୋଗିତା ଯୁଗ କଠୋର ଆହବେ ।।

ଦେଶୋନ୍ନତି ହୋଇଅଛି ଜୀବନ ଜୀବିକା
ତୋଳୁଅଛ କର୍ମକ୍ଷେତ୍ରେ କୀର୍ତ୍ତି ଅଟ୍ଟାଳିକା ।।

୧୯୧୫ ମସିହା ମେ' ୨୯ର 'ସମ୍ବଲପୁର ହିତୈଷିଣୀ' ସଂଖ୍ୟାରେ ନୀଳକଣ୍ଠ ଦାସଙ୍କ ସମ୍ପର୍କରେ କବିଶେଖର ଚିନ୍ତାମଣି ମହାନ୍ତି ଏହିପରି ମତ ଦେଇଥିଲେ । ଓଡ଼ିଶାର ଶିକ୍ଷା କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ, ରାଜନୀତିକ କ୍ଷେତ୍ରରେ, ସେବା

Digitized by PPRACHIN, SOA

କ୍ଷେତ୍ରରେ, ପାର୍ଲିଆମେଣ୍ଟ ଓ ବିଧାନସଭା କ୍ଷେତ୍ରରେ ଏକ ବିରାଟ ଦୀପସ୍ତମ୍ଭ ରୂପେ ଏକ ଶତାବ୍ଦୀର ଦୁଇ-ତୃତୀୟାଂଶ କାଳ କାର୍ଯ୍ୟ କରିଆସିଥିବା ସତ୍ୟବାଦୀ ବନବିଦ୍ୟାଳୟର ଚାଳକ, ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସହଚର ଏବଂ ପଞ୍ଚସଖାଙ୍କ ଭିତରୁ ଅନ୍ୟତମ ବୟୋଜ୍ୟେଷ୍ଠ ସଖା, ଜ୍ଞାନୀ, ବିପ୍ଳବୀ, ସଙ୍ଗଠକ ଓ ସଂସ୍କାରକ ଥିଲେ ନୀଳକଣ୍ଠ ଦାସ । ସକଳ ପ୍ରକାର ବାଧାବିଘ୍ନ, ଦୁଃଖକଷ୍ଟ, ବିପଦ ଓ ବିରୋଧର ପ୍ରତିରୋଧ କରିବା ତାଙ୍କର ସ୍ୱାଭାବିକ ପ୍ରବୃତ୍ତି । ସେ ଏପରି ଏକ ଚିନ୍ତାଶୀଳ ବୁଦ୍ଧିଜୀବୀ ବ୍ୟକ୍ତି ଥିଲେ ଯେ କାହାର ନେତୃତ୍ୱ ବା ଅଧିକାର ପାଖରେ ହାର ବା ପୋଷା ମାନୁ ନ ଥିଲେ । ତାଙ୍କର ବିଚାରବୁଦ୍ଧି ଓ ବ୍ୟକ୍ତିଗତ ସ୍ୱାଧୀନ ଚିନ୍ତା ତାଙ୍କର ସ୍ୱାତନ୍ତ୍ର୍ୟକୁ ସବୁ କ୍ଷେତ୍ରରେ ଓ ସବୁ କଥାରେ ପରିସ୍ଫୁଟ କରାଇ ଦେଉଥିଲା । ନିଜର ସ୍ୱାଧୀନ ମତ ପ୍ରକାଶ କରିବାକୁ ସେ ଭୟ ବା ସଂକୋଚ ପ୍ରକାଶ କରୁ ନ ଥିଲେ । କାରଣ ତାଙ୍କର ପ୍ରଗାଢ଼ ଆତ୍ମବିଶ୍ୱାସ ଓ ଆତ୍ମପ୍ରାଧାନ୍ୟ ଜ୍ଞାନ ଥିଲା । ଏକ ରକ୍ଷଣଶୀଳ ପରିବାରରେ ଜନ୍ମ ଗ୍ରହଣ କରି ଜଣେ ବିପ୍ଳବୀ ଅଥଚ ପ୍ରଗାଢ଼ ଧର୍ମବିଶ୍ୱାସୀ ବୟୋଜ୍ୟେଷ୍ଠ, ଶ୍ରଦ୍ଧେୟ ଓ ସମ୍ମାନନୀୟ ନେତୃସ୍ଥାନୀୟ ସାଥୀ ଗୋପବନ୍ଧୁଙ୍କ ପ୍ରଭାବରେ କ୍ରମେ ଏକ ବିପ୍ଳବୀ ଯୁବକ ରୂପେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଶିକ୍ଷା ଓ ସାଧାରଣ କ୍ଷେତ୍ରରେ ଉଭା ହେଲେ ।

କଲିକତା ବିଶ୍ୱବିଦ୍ୟାଳୟରେ (୧୯୦୯)ରେ ଛାତ୍ର ଥିବା ସମୟରେ ସେ ହିନ୍ଦୁସମାଜ ନାମରେ ଏକ ସଂସ୍କାରବାଦୀ ଅନୁଷ୍ଠାନ କଲିକତାରେ ଗଠନ କରିଥିଲେ । ଅସ୍ପୃଶ୍ୟତା ନିବାରଣ, ଜାତି-ଧର୍ମ ନିର୍ବିଶେଷରେ ଓଡ଼ିଶାରେ ବିବାହପାଇଁ ଏହା ଉଦ୍ଦିଷ୍ଟ ଥିଲା । କଲିକତା ଛାଡ଼ିବାପରେ ଓଡ଼ିଶାରେ ତାଙ୍କର ସଂସ୍କାର ଓ ସଙ୍ଗଠନର ପ୍ରାଥମିକ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ତାଙ୍କର ପ୍ରଥମ ବିଦ୍ରୋହ କୌଳିନ୍ୟ ବା ଆଭିଜାତ୍ୟ ବିରୋଧରେ, ସାମାଜିକ ସଂକୀର୍ଣ୍ଣତା ଓ କୁସଂସ୍କାର ବିରୋଧରେ । ତାଙ୍କର ତରୁଣ ଉଦ୍‌ବେଳିତ ଭାବପୂର୍ଣ୍ଣ ଲେଖା ‘ମୋ ନିଶ’ କୌଳିନ୍ୟର ସଂକୀର୍ଣ୍ଣତା ବିରୋଧରେ ପ୍ରକାଶ ପାଇଥିଲା । ସେ ବିଦ୍ରୋହୀ ଯୋଦ୍ଧାରୂପେ ସାମାଜିକ ବାସନ୍ଦ, ବିରୋଧ, ତାଡ଼ନା ଓ ଭର୍ତ୍ସନାକୁ ଭ୍ରୂକ୍ଷେପ ନ କରି ଉଦ୍ଦାମ ଭାବପ୍ରବଣତା ସହିତ ମିଶ୍ରିତ ତାର୍କିକତାର ପ୍ରଭାବରେ ସେସବୁର ପ୍ରତିରୋଧ କରି ତାଙ୍କର ସଂଗ୍ରାମ ଶକ୍ତି ବଳରେ କନିଷ୍ଠ, ଜ୍ୟେଷ୍ଠ ଏପରିକି ନିଜର ଆତ୍ମୀୟସ୍ୱଜନ ଓ ମାନନୀୟ ଗୁରୁଜନଙ୍କର ନିର୍ଦ୍ଦେଶର ଖଣ୍ଡନ ଓ ତାଡ଼ନରେ ସୁଦ୍ଧା ପଶ୍ଚାତ୍‌ପଦ ହେଲେ ନାହିଁ । ପୁରୀ ରାହାଙ୍ଗ ଅଞ୍ଚଳର ବ୍ରାହ୍ମଣମାନେ ନିଶ ରଖୁ ନ ଥିଲେ । ଘରୁ, ଗାଁରୁ ଓ ସମାଜରୁ ବିତାଡ଼ିତ ହେବା ଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ସୁଦ୍ଧା ସେ ଏ ବିଦ୍ରୋହରେ ଅବିଚଳିତ

Digitized by PPRACHIN, SOA

ରହିଲେ । ନିଜର ଦାୟିକତାରେ ସେ ଯେ କେବଳ ନିଶ ରଖିଲେ ତାହା ନୁହେଁ, ସେ ତାଙ୍କର ସମବୟସ୍କ ସାଙ୍ଗସାଥୀ ଏପରିକି ବୟୋଜ୍ୟେଷ୍ଠ ଲୋକଙ୍କୁ ସୁଦ୍ଧା ପ୍ରଭାବିତ କରି ନିଶ ରଖାଇଲେ । ନିରୀହ, ସରଳ, ଏକାନ୍ତ ସମଶୀତଳ ଭାବାପନ୍ନ, ସାଧୁ, ଏକାନ୍ତ ସହନଶୀଳ ଅଥଚ ପରମସ୍ନେହୀ ଓ କୋମଳ ହୃଦୟ ବିଶେଷରେ ବୟୋଜ୍ୟେଷ୍ଠ ଗୁରୁଜନଙ୍କଠାରେ ଭକ୍ତିପରାୟଣ, ତାଙ୍କଠାରୁ ବୟୋଜ୍ୟେଷ୍ଠ ଋଷିପ୍ରତିମ ଆଚାର୍ଯ୍ୟ ହରିହର ଦାସଙ୍କୁ ସୁଦ୍ଧା ସେ ଏ ନିଶ ଆନ୍ଦୋଳନରେ ପ୍ରଭାବିତ କରି ତାଙ୍କୁ ନିଶ ରଖାଇଲେ । ଗୋଦାବରୀଶ, ବାସୁଦେବଙ୍କଠାରୁ ଆରମ୍ଭକରି ଅନେକ ଯୁବକ ତାଙ୍କଦ୍ୱାରା ପ୍ରଭାବିତ ହେଲେ । ଗାଁକୁ ଗାଁ ବ୍ରାହ୍ମଣ ଗୋଷ୍ଠୀର ସଭା ବସିଲା । ଏ ନିଶୁଆଙ୍କର ଛି ଛି କାର କରାଗଲା, ସାମାଜିକ ବାସନ୍ଦର ଧମକ ଦିଆଗଲା । ସମାଜ ସଂସ୍କାରପାଇଁ ବିଦ୍ରୋହ ସଙ୍ଗେ ସଙ୍ଗେ ସାଧାରଣ ଓ ରକ୍ଷଣଶୀଳଙ୍କ ଭିତରେ ଭାରତୀୟ ଶିକ୍ଷାର ଭିତ୍ତି ଉପରେ ଆଧୁନିକ ଶିକ୍ଷାର ପ୍ରଚାର ଓ ପ୍ରସାରପାଇଁ ୧୯୦୯ରେ ସେ ସତ୍ୟବାଦୀରେ ଯେଉଁ ବନବିଦ୍ୟାଳୟ ପ୍ରତିଷ୍ଠାରେ ସହାୟକ ହେଲେ ବିଦ୍ରୋହୀ ସଂସ୍କାରକ ହେବାରୁ ତାହାର ପ୍ରତିକ୍ରିୟାରେ ସେ ବିଦ୍ୟାଳୟ ଭବନକୁ ଲୋକ ପୋଡ଼ିଦେଲେ । ତାଙ୍କୁ ସେଠାରୁ ନିକାଲି ଦେବାପାଇଁ ଉଦ୍ୟମ କଲେ । ଏ ଉଚ୍ଚଶିକ୍ଷିତ ଯୁବକ ଦଳ କଲିକତାରୁ ଉଚ୍ଚଶିକ୍ଷା ପାଇ ଆସି ସ୍ୱଦେଶୀ ଆନ୍ଦୋଳନର ଆବରଣ ତଳେ ବିପ୍ଳବୀ ସନ୍ତ୍ରାସବାଦୀ ରୂପେ ଇଂରେଜ ଶାସନ ବିରୋଧରେ ଯୁଦ୍ଧ ଷଡ଼୍‌ଯନ୍ତ୍ର କରୁଥିବା ଓ ଗୋପନରେ ବୋମା ତିଆରି କରୁଥିବା ଭଳି ଅଭିଯୋଗ କରାଇ ଏମାନଙ୍କୁ ବନ୍ଦିଶାଳାରେ ଆବଦ୍ଧ କରାଇବାପାଇଁ କ୍ରୋଧ ଓ ପ୍ରତିଶୋଧବଶତଃ ସରକାରୀ ଅଫିସରଙ୍କଦ୍ୱାରା ପ୍ରବଳ ବ୍ୟୂହ ରଚନା କଲେ ସୁଦ୍ଧା ନିର୍ଭୀକ, ଆଶାବାଦୀ ଓ ଦୃଢ଼ବିଶ୍ୱାସସମ୍ପନ୍ନ ମତିବାନ୍ ଯୁବକ ନୀଳକଣ୍ଠ ଦୃଢ଼ ସଂଗ୍ରାମ ଚଳାଇଲେ ।

ନୀଳକଣ୍ଠ କଲିକତାରୁ ଏମ୍.ଏ. ପାସ୍ କରି ଆସିବାବେଳେ ନିଶ ରଖି ଆସିଥିଲେ । ସେ ବିଷୟ ଆଲୋଚନା କରି ପୁରୀ ପଣ୍ଡିତମାନଙ୍କ ମନରେ ଧର୍ମନାଶର ଆଶଙ୍କା ବଳବତୀ ଥିଲା । ଏପରି ଧର୍ମବିଦ୍ୱେଷୀମାନଙ୍କୁ ସମାଜରୁ ତଡ଼ିଦେବାପାଇଁ ବ୍ରାହ୍ମଣ ଗ୍ରାମମାନଙ୍କରେ ଏକ ବିଜ୍ଞାପନ ଦେଇ ୧୯୧୧ ଅକ୍ଟୋବର ୨୯ ତାରିଖ ଦିନ ମୁକ୍ତିମଣ୍ଡପରେ ସମସ୍ତ ଶାସନୀ ବ୍ରାହ୍ମଣମାନଙ୍କର ଏକ ସଭା ଆହ୍ୱାନ କଲେ । ବିଜ୍ଞାପନଟି ଥିଲା– ''ବର୍ତ୍ତମାନ ସମୟରେ ବ୍ରାହ୍ମଣମାନଙ୍କ ମଧ୍ୟରୁ କେତେ ଜଣ ନବ୍ୟଶିକ୍ଷିତ ଯୁବକ ସମାଜ ବିରୋଧରେ ବ୍ୟବହାର କରିବାଦ୍ୱାରା ଏହି ସମାଜରେ ବିପ୍ଳବ ଘଟୁଛି । ତାହା ନିବାରଣ ସମ୍ବନ୍ଧେ ଏ ସଭା ।'' ନୀଳକଣ୍ଠ ଦାସଙ୍କୁ କିମ୍ବା ତାଙ୍କର ସମ୍ପର୍କୀୟ ଲୋକଙ୍କୁ ଏ ସଭା ପ୍ରକାଶ୍ୟ ଭାବରେ ନିମନ୍ତ୍ରଣ କରି ନ ଥିଲେ ।

Digitized by PPRACHIN, SOA

ନୀଳକଣ୍ଠ ଏହା ଜାଣି ସଭାର ସମ୍ପାଦକ ପଣ୍ଡିତ ସଦାଶିବ ମିଶ୍ର ମହାମହୋପାଧ୍ୟାୟଙ୍କ ନିକଟକୁ ଗଲେ । ସେ ନିଜେ ସଭାକୁ ନ ଯାଇ ତାଙ୍କ ବିରୋଧରେ ସଭା ହେବା ଉଚିତ ନୁହେଁ ବୋଲି କହି ତାଙ୍କୁ ସଭାରେ ଯୋଗଦେବାକୁ ପ୍ରାର୍ଥନା କଲେ । ତାହା କାର୍ଯ୍ୟରେ ପରିଣତ ନ ହେବାରୁ ବିପ୍ଳବର ସୂତ୍ରପାତ ହେଲା । ନୀଳକଣ୍ଠଙ୍କୁ ଗ୍ରାମାଞ୍ଚଳର ଅଧିକାଂଶ ଶିକ୍ଷିତ ଲୋକ ସମର୍ଥନ କରି ସଭାରେ ଯୋଗଦେବାକୁ ସଂକଳ୍ପ କଲେ । ପଣ୍ଡିତମାନେ ନବ୍ୟ ରୁଚିର ଜଥା ନ ଶୁଣି ହୀନ ବନ୍ଦୋବସ୍ତ କରିବାର କଥା ମଧ୍ୟ ଶୁଣାଗଲା । ପଣ୍ଡିତମାନେ ମନ୍ଦିରର ମ୍ୟାନେଜରଙ୍କର ସମର୍ଥନ ନ ପାଇବାରୁ ଭିକାରୀ ମିଶ୍ରଙ୍କର କୋଠାରେ ସଭା କରିବାକୁ ଗଲେ । ସଭାରେ ସଂସ୍କାର ବିରୋଧୀ ଚିନ୍ତାଧାରା ପ୍ରକାଶ ପାଇଲା । ଏହାକୁ 'ସୁରାଟ ଜାତୀୟ ମହାସମିତି' (Surat National Mahasamiti)ର ଅଭିନୟ ବୋଲି ଉତ୍କଳଦୀପିକା ମେ ୧୮, ୧୯୧୨ରେ ପ୍ରକାଶ କରିଥିଲେ । ନୀଳକଣ୍ଠ ଦାସଙ୍କର 'ମୋ ନିଶ' ପ୍ରବନ୍ଧ ୧୯୧୧ ଅକ୍ଟୋବର ମୁକୁର ସଂଖ୍ୟାରେ ପ୍ରକାଶ ପାଇବା ପରେ ପରେ ତାଙ୍କ ବକ୍ତବ୍ୟକୁ ଅନେକେ ସମର୍ଥନ କରିଥିଲେ । ଧର୍ମାନନ୍ଦ ଶର୍ମା, ଉତ୍ତରାଞ୍ଚଳୀୟ ଉତ୍କଳୀୟ ବ୍ରାହ୍ମଣ ଏହାକୁ ସମର୍ଥନ କରି ଉତ୍କଳ ଦୀପିକା ୧୯୧୧ ନଭେମ୍ବର ୧୮ ସଂଖ୍ୟାରେ ଏକ ପ୍ରେରିତ ପତ୍ରରେ ଲେଖିଥିଲେ । ସେଥିରେ ସେ ମୁକ୍ତିମଣ୍ଡପର ପୂର୍ବ ପ୍ରତିଷ୍ଠା ସତ୍ତ୍ୱେ ୧୯୧୧ ପୂର୍ବରୁ କେତେକ ବର୍ଷ ଧରି ତାହାର ଅବସ୍ଥା ଯେପରି ଶୋଚନୀୟ ହୋଇଥିଲା ତାହାର ସୂଚନା ଦେଇଥିଲେ । ସେ କହିଥିଲେ ସାଧାରଣତଃ ଯେଉଁ ଶ୍ରେଣୀର ବ୍ରାହ୍ମଣମାନେ ସେଠାରେ ବସି ହିନ୍ଦୁ ସାଧାରଣଙ୍କ ଉପରେ ଯେପରି ଅନଧିକାର ଓ ଅପ୍ରୀତିକର ପ୍ରଭୁତ୍ୱ ଦେଖାଇଛନ୍ତି, ସେଥିରେ ଶୃଙ୍ଖଳାବଦ୍ଧ ହୋଇ ସାମାଜିକ ବିଷୟରେ କେତେଗୁଡ଼ିଏ ନିର୍ଦ୍ଧାରଣ ସ୍ଥିର କରିବା ପରମାହ୍ଲାଦ ଓ ଆଶାର ବିଷୟ । ମୁକ୍ତିମଣ୍ଡପ ପୁରୀ ନିକଟବର୍ତ୍ତୀ କେତେକ ବ୍ରାହ୍ମଣ ଶାସନର ଅଧିକାର ସ୍ଥାନ ହେଲେହେଁ ଉକ୍ତ ମଣ୍ଡପ ଏକ ଭୁକ୍ତି ମଣ୍ଡପରେ ପରିଣତ ହୋଇଥିବାର ସେ ସୂଚନା ଦେଇଥିଲେ । ଏହିପରି ମଣ୍ଡପର ନିର୍ଦ୍ଧାରଣ ଅନେକଙ୍କ ପକ୍ଷେ ସମସ୍ୟା ସୃଷ୍ଟି କଲା । ସେଥିପାଇଁ ନିଜେ ସଦାଶିବ କାବ୍ୟକଣ୍ଠ ସମୟୋପଯୋଗୀ ସଂସ୍କାର ସପକ୍ଷରେ ଗୋଟିଏ ନୂତନ ସ୍ମୃତି ସଂକଳନ ଆରମ୍ଭ କରିଥିଲେ ୧୯୧୧ ବେଳକୁ । ତାହାର ପ୍ରକାଶ ପୂର୍ବରୁ ମୁକ୍ତିମଣ୍ଡପର ଏପରି ନିର୍ଦ୍ଧାରଣ ସମସ୍ତଙ୍କୁ ଅଡୁଆରେ ପକାଇଥିଲା । ଏପରି ନିର୍ଦ୍ଧାରଣ ମହାମହୋପାଧ୍ୟାୟଙ୍କର ପରାମର୍ଶରେ ହୋଇ ନାହିଁ ବୋଲି ସେତେବେଳେ ସେ ମତ ଦେଇଥିଲେ । ଜଣେ ନବ ଯୁବକର ନିଶ ବିରୋଧରେ ଷୋଳ ଶାସନ ଭୋଗୋପଲକ୍ଷେ ସମବେତ ପଞ୍ଚଶତ ସଂଖ୍ୟକ ଶାସନୀୟ ବିରାଟ ବ୍ରାହ୍ମଣ ମଣ୍ଡଳୀ ନିର୍ଦ୍ଧାରଣମାନଙ୍କର

Digitized by PPRACHIN, SOA

ପ୍ରସ୍ତାବ ଅନୁମୋଦନ ଓ ସମର୍ଥନଦ୍ୱାରା ମହାଜନ ଭିକାରୀ ମିଶ୍ରଙ୍କ ଅଟ୍ଟାଳିକାକୁ ଟଳମଳ କରି ନିର୍ଦ୍ଧାରଣମାନଙ୍କର ନିର୍ଘୋଷ ନିମନ୍ତେ ପ୍ରୟାସୀ ହେଲେ । ନିଶ ରଖିବା ଯେବେ ଉଚ୍ଛୃଙ୍ଖଳତା ପ୍ରଣୋଦିତ କୁକ୍ରିୟାମାନଙ୍କର ଅନ୍ୟତମ ହୁଏ – ମୁକ୍ତିମଣ୍ଡପର ସଭାକୁ ସେ ପଚାରିଥିଲେ – 'ଗଞ୍ଜାମର ଶ୍ୟାମସୁନ୍ଦର ରାଜଗୁରୁ, କାନ୍ଥିନିବାସୀ ରାଧାନାଥ ପତି, ମୟୂରଭଞ୍ଜର ରାମନାରାୟଣ ଷଡ଼ଙ୍ଗୀ, ଢେଙ୍କାନାଳର ଦେବାନ୍ ରାଜକିଶୋର ତ୍ରିପାଠୀ, କଳାହାଣ୍ଡିର ମ୍ୟାନେଜର ଯୁଗଳ କିଶୋର ତ୍ରିପାଠୀ ଏମାନେ ସମସ୍ତେ ବ୍ରାହ୍ମଣମାନଙ୍କର ପ୍ରତିନିଧି ହୋଇ ମଧ ନିଶଧାରୀ । ଏମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ସେ ପ୍ରଶ୍ନ କରିଥିଲେ । ନୀଳକଣ୍ଠଙ୍କୁ ନିଶ ରଖିବା ଆନ୍ଦୋଳନ ପରବର୍ତ୍ତୀ ପର୍ଯ୍ୟାୟରେ ମୁକ୍ତିମଣ୍ଡପ ସଂସ୍କାରପାଇଁ ଉଦ୍ୟମ କରିବାକୁ ପ୍ରଲୁବ୍ଧ କରିଥିଲା ।

ଏହି ଘଟଣା ପରେ ନୀଳକଣ୍ଠ କେବଳ ସତ୍ୟବାଦୀ ନୁହେଁ, ଧର୍ମକ୍ଷେତ୍ର ପୁରୀଧାମ ନୁହେଁ, ସମଗ୍ର ଓଡ଼ିଶାର ସାମାଜିକ କ୍ଷେତ୍ରରେ ଏପରିକି ରାଜନୀତିକ କ୍ଷେତ୍ରରେ ସେ ଏକ ବିଚିତ୍ର ପ୍ରକାର ବିଦ୍ରୋହର ବିଦ୍ୟୁତ୍‌ରେଖା ଖେଳାଇ ଦେଇଥିଲେ । ତାଙ୍କର ଗଠନମୂଳକ ଆନ୍ଦୋଳନ ଦୁର୍ଦ୍ଦମନୀୟ ସଂସ୍କାରମୂଳକ ବିଦ୍ରୋହରେ ପରିଣତ ହେଲା । କ୍ରମେ ପ୍ରତିରୋଧୀ ପ୍ରତିଦ୍ୱନ୍ଦ୍ୱୀମାନେ ତାଙ୍କର ତ୍ୟାଗ, ବିଶ୍ୱାସ, ପ୍ରତିଭା ଓ ସଙ୍ଗଠନରେ ଅଭିଭୂତ ହୋଇପଡ଼ିଲେ । ବିରୋଧ ମଉଳିଗଲା । ବିରୋଧୀମାନେ ପ୍ରବୋଧୀରେ ପରିଣତ ହୋଇଗଲେ । ଦରିଦ୍ର ଉପେକ୍ଷିତ ଗୋଷ୍ଠୀ ଓ ଜନସାଧାରଣଙ୍କ ମନରେ ସେ ଆଶାର ସଞ୍ଚାର କଲେ । ଆଲୋକର ପଥ ଦେଖାଇଲେ । ହଇଜା, ମହାମାରୀ ଓ ବନ୍ୟା-ଦୁର୍ଭିକ୍ଷରେ ସେବା କରି ଏମାନଙ୍କ ଭିତରେ ସାମାଜିକ ଚେତନା ଓ ଜାତୀୟ ଭାବନାର ଉଦ୍ରେକ କରାଇଲେ ।

୧୯୧୪ ବେଳକୁ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ନୀଳକଣ୍ଠଙ୍କର ସଂସ୍କାରଧର୍ମୀ ଓ ସଙ୍ଗଠନପ୍ରବଣ ମନୋଭାବ ବିଶେଷ ଭାବେ ପ୍ରକାଶ ପାଇଥିଲା । ଆଦର୍ଶ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଥିଲା ତାଙ୍କ ସଂସ୍କାର ଆନ୍ଦୋଳନର ଏକ ପୁଣ୍ୟପୀଠ । ସେତେବେଳେ ଲିପି ସଂସ୍କାର ଘେନି ପତ୍ରପତ୍ରିକାମାନଙ୍କରେ ଅନେକ ବିତର୍କ ଦେଖାଦେଇଥିଲା ଏବଂ ତହିଁରେ କେହି କେହି ସତ୍ୟବାଦୀ ଦଳକୁ ସଂଶ୍ଳିଷ୍ଟ କରିଥିଲେ । ଦଳ କଥା କହି କେହି କେହି ସତ୍ୟବାଦୀ ସ୍କୁଲ ଓ ନୀଳକଣ୍ଠଙ୍କୁ କଟାକ୍ଷ କରିଥିଲେ । ନୀଳକଣ୍ଠ ଉତ୍କଳ ଦୀପିକା ମେ ୨, ୧୯୧୪ର ଏକ ସଂଖ୍ୟାରେ ପ୍ରକାଶ କରିଥିଲେ – ସତ୍ୟବାଦୀରେ କୌଣସି ଦଳ ନାହିଁ । କେବଳ ଆମ୍ଭେମାନେ ଦୁଇ ଚାରି ଜଣ ଏକତ୍ର ହୋଇ ଗୋଟିଏ ସ୍କୁଲ ସ୍ଥାପନ ଚେଷ୍ଟା କରି ତହିଁରେ ଅକିଞ୍ଚନ ଭାବରେ କାଳାତିପାତ

Digitized by PPRACHIN, SOA

କରୁଅଛୁ । ଉତ୍କଳବାର୍ତ୍ତା ଯଥାର୍ଥ ଲେଖିଥିଲେ ଯେ, ଆମ୍ଭମାନଙ୍କ ଦେଶରେ ଦୁଇ ବ୍ୟକ୍ତି ବା ଦଳ ମଧ୍ୟରେ କୌଣସି ଗୋଟିଏ ବିଷୟରେ ମତାନ୍ତର ହେଲେ ଏକର ଅନ୍ୟ ସମସ୍ତ କ୍ରିୟା ଏବଂ ଗୁଣ ଅନ୍ୟର ଚକ୍ଷୁଃଶୂଳ ଏବଂ ବିରକ୍ତିକର ହୁଏ । ମୁଁ ନିଶ ରଖିଲେ ଯେଉଁଠାରେ ସତ୍ୟବାଦୀ ବିଦ୍ୟାଳୟ ଉପରେ ବିପଦପାତର ଆଶଙ୍କା ହୁଏ ସେଠାରେ ମୋର ଶ୍ରଦ୍ଧେୟ ସହଯୋଗୀ ଶିକ୍ଷକ ଗୋଦାବରୀଶବାବୁ ଲିପିସଂସ୍କାର ସପକ୍ଷରେ ମତ ଦେଲେ ସତ୍ୟବାଦୀ ସ୍କୁଲ ଉପରେ କଟାକ୍ଷ ହେବା ବିଚିତ୍ର ନୁହେଁ । ସତ୍ୟବାଦୀର ଶିକ୍ଷକମାନେ ଦଳଗତ ଭାବରେ ଲିପିସଂସ୍କାର ଉଦ୍ୟମରେ ସମ୍ପୃକ୍ତ ନୁହନ୍ତି । ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ଭଳି ଏ ପର୍ଯ୍ୟନ୍ତ ଯାହା ପ୍ରକାଶିତ ହୋଇଅଛି ତାହା କେବଳ ଗୋଦାବରୀଶବାବୁଙ୍କର କେତେଖଣ୍ଡି ପତ୍ର । ବ୍ୟକ୍ତିଗତ ଭାବରେ ମୁଁ ଲିପି ସଂସ୍କାରର ପକ୍ଷପାତୀ ହେଲେ ହେଁ ଗୋଦାବରୀଶବାବୁ ଓ ଆଶାର ସମ୍ପାଦକ ଏବଂ ଅନ୍ୟାନ୍ୟ କେତେକ ସଂସ୍କାର ପ୍ରୟାସୀଙ୍କ ସହିତ ମୋର କେତେକ ବିଷୟରେ ମତଭେଦ ଅଛି । ବିଷୟ ଗୁରୁତର ଏବଂ ମୁଁ ଏ ସମ୍ବନ୍ଧେ ଆଜି ସୁଦ୍ଧା ସନ୍ତୋଷଜନକ ଅନୁଶୀଳନ କରିବାର ସୁଯୋଗ ପାଇ ନ ଥିବାରୁ କୌଣସି ମତବ୍ୟକ୍ତ କରିବାକୁ ସାହସୀ ହୋଇ ନାହିଁ । ଏପରି ସ୍ଥଳରେ ସତ୍ୟବାଦୀରେ ଏକ ଦଳ କଳ୍ପନା କରି ଯେଉଁମାନେ ତାକୁ ଏବଂ ତତ୍ ସଙ୍ଗେ ସତ୍ୟବାଦୀ ବିଦ୍ୟାଳୟକୁ ମାସିକ ପତ୍ରିକାଠାରୁ ସାପ୍ତାହିକ ପତ୍ରିକା ପର୍ଯ୍ୟନ୍ତ ନାନା କାଗଜରେ ଗଦ୍ୟ, ପଦ୍ୟାଦିରେ ସୌଜନ୍ୟ ଓ ମର୍ଯ୍ୟାଦାର ସୀମା ଲଂଘନ କରି କଟାକ୍ଷ କରୁଅଛନ୍ତି ସେମାନେ ନିଶ୍ଚୟ ଭୁଆଁ ବୁଲୁଅଛନ୍ତି । କୌଣସି ଗୁରୁତର ସମସ୍ୟାର ସମାଧାନ ନିମନ୍ତେ ହୃଦୟକୁ ସର୍ବଦା ସରଳ ଏବଂ ଉନ୍ମୁକ୍ତ ରଖିବା ଆବଶ୍ୟକ । ନିଜର ମତରକ୍ଷା କରିବା ନିମନ୍ତେ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଅନ୍ୟର ମତ ପ୍ରତି ଆସ୍ଥା ନ କଲେ କୌଣସି ବିଷୟର ସୁସଙ୍ଗତ ମୀମାଂସା ଅସମ୍ଭବ । କିନ୍ତୁ ଦୁଃଖର କଥା ଆମ୍ଭମାନଙ୍କ ଦେଶରେ ସାଧାରଣ କାର୍ଯ୍ୟ କ୍ଷେତ୍ରରେ ଏପରି ଭାବ ବଡ଼ ବିରଳ । ଅତି ଅଳ୍ପକେ ମର୍ଯ୍ୟାଦାର ସୀମା ଅନେକେ ଲଂଘନ କରନ୍ତି । ଅନେକ ସ୍ଥଳରେ ଏପରି ଘଟଣା ଆବରଣରେ କେହି କେହି ବ୍ୟକ୍ତିଗତ ବିଦ୍ୱେଷ ଚରିତାର୍ଥ କରିବାର ସୁଯୋଗ ପାଇଥାନ୍ତି । ଏକେ ମନୁଷ୍ୟ ଦୁର୍ବଳ । କୌଣସି ବିଷୟରେ ଆଲୋଚନା ବେଳେ ସେ ନାନାପ୍ରକାର ବ୍ୟକ୍ତିଗତ, ସାମାଜିକ ଇତ୍ୟାଦି ଭାବ ଓ ସଂସ୍କାରଦ୍ୱାରା ଚାଳିତ ହେବା ସ୍ୱାଭାବିକ । ପୂର୍ବରୁ ଯାହା ହୋଇଆସୁଅଛି ତହିଁରେ ତିଳାର୍ଦ୍ଧ ବିଲୀନ ପ୍ରସ୍ତାବପତ୍ର ସାଧାରଣ ମନୁଷ୍ୟକୁ ସ୍ୱଭାବତଃ ବିଚଳିତ କରେ । ସୁତରାଂ ଦୃଢ଼ ନିଷ୍ଠା, ଆନ୍ତରିକତା ଏବଂ ଆତ୍ମପରୀକ୍ଷାଦ୍ୱାରା କେବଳ କୌଣସି ବିଷୟର ସାଧୁ ଗବେଷଣା ସମ୍ଭବପର । ଗାଳି, କଳି, ବ୍ୟଙ୍ଗବିଦ୍ରୂପ, କୁତ୍ସା, କଦର୍ଥ

Digitized by PPRACHIN, SOA

ଯୁକ୍ତି ନୁହେଁ । ଦୁଃଖର କଥା ଓଡ଼ିଶାରେ ବର୍ତ୍ତମାନ ଏହି ଶ୍ରେଣୀର ଯୁକ୍ତିର ଆଧିକ୍ୟ । ସେ ଯାହାହେଉ ବ୍ୟକ୍ତିଗତ ଭାବରେ ଗୋଦାବରୀଶବାବୁଙ୍କୁ ଆଉ ଯାହାକୁ ହେଉ ସେ ଯାହା କୁହନ୍ତୁ କାହାରି ଆପତ୍ତି ନାହିଁ । ତେବେ ଆମ୍ଭମାନଙ୍କୁ ଗୋଟିଏ ଦଳ ତୟାର କରି ଦେବାର ପ୍ରୟୋଜନ କଣ ?

ଜାତୀୟ ଆନ୍ଦୋଳନ କାର୍ଯ୍ୟରେ ଅଗ୍ରଣୀ ନୀଳକଣ୍ଠ ହିନ୍ଦୁ ସଙ୍ଗଠନର କାର୍ଯ୍ୟର ଭାର ଓ ଦାୟିତ୍ୱ ୧୯୨୫ ବେଳକୁ ଗ୍ରହଣ କରିଥିଲେ । ଜୁନ୍ ମାସ ୧୯୨୫ରେ ସେ ଏହି ସଙ୍ଗଠନପାଇଁ ନିଜର ପୁନରୁତ୍‌ଥାନବାଦୀ ଭାବନାର ପ୍ରକାଶପାଇଁ ବ୍ରହ୍ମପୁର, ଆସିକା, ରସୁଲକୋଣ୍ଡା, ବେଲମୁଣ୍ଡା (ଅଧୁନା ବେଲଗୁଣ୍ଠା) ଇତ୍ୟାଦି ସ୍ଥାନମାନଙ୍କରେ ହିନ୍ଦୁ ସଙ୍ଗଠନର ସୂତ୍ରପାତ କରିଥିଲେ । ଜୁଲାଇ ୧୯୨୫ରେ ଗଞ୍ଜାମରେ ହିନ୍ଦୁ ସଭାପାଇଁ ପ୍ରଧାନ ସ୍ଥାନମାନଙ୍କରେ ନୀଳକଣ୍ଠ ଉପସ୍ଥିତ ରହିଥିଲେ । ସେ ମଞ୍ଜୁସା, ପାରଳା, ଚାଙ୍ଗୁଡ଼ି, ଚିକିଟି, ସୋରଳ, ଗିରିସୋଲା ପ୍ରଭୃତି ସ୍ଥାନମାନଙ୍କୁ ଯାଇଥିଲେ । ଗଞ୍ଜାମର ଈଶ୍ୱର ସାହୁ ଓ ମଞ୍ଜୁଷାର ନରସିଂହ ପାଣିଗ୍ରାହୀ ତାଙ୍କ ସଙ୍ଗରେ ଥିଲେ । ସେତେବେଳେ ନୀଳକଣ୍ଠଙ୍କୁ ଅନେକ ଠାରେ ପ୍ରଶ୍ନ ହୋଇଥିଲା–'ହିନ୍ଦୁ ସମାଜର ଅଭାବ କ'ଣ ଏବଂ ସେସବୁ ଅଭାବ ଦୂର କରିବାପାଇଁ କି କି ଉପାୟ ଅବଲମ୍ବନ କରିବାକୁ ହିନ୍ଦୁ ମହାସଭାର ଆଦେଶ ବା ଉପଦେଶ କ'ଣ ?' ନୀଳକଣ୍ଠ ବୁଝାଇ ଦେଇଥିଲେ – ହିନ୍ଦୁ ସମାଜର ଅଭାବ କ'ଣ ଏକଥା ପଚାରିବାର ନୁହେଁ । ପ୍ରଥମେ ହିନ୍ଦୁ ସମାଜ ବୋଲି କିଛି ସ୍ଥାୟୀ ଜିନିଷ ଏ ଦେଶରେ ଅଛି କି ନା, ଏ ବିଷୟରେ ସନ୍ଦେହ ଅଛି । ଅଭାବ ଦେଖିବାକୁ ଗଲେ ସବୁଆଡ଼େ ଖାଲି ଅଭାବ ହିଁ ଦିଶିବ । ସେ ସମାଜରେ ଛୋଟ ଜାତିଙ୍କ ଅବସ୍ଥା, ବିଧବା ପ୍ରତି ଅତ୍ୟାଚାର, ବାଲ୍ୟବିବାହର ଅନାଚାର, ଅନୁଷ୍ଠାନର ନୀରସତା ଓ ବିଳାସ, ସାମାଜିକ କ୍ରିୟାରେ ଅଯଥା ବ୍ୟୟ, ଧର୍ମାଧିଷ୍ଠାନମାନଙ୍କରେ ଅସଙ୍ଗତ ଅପଚାର, ଲୋକଙ୍କର ସାମାଜିକ ଜ୍ଞାନର ଅଭାବ, ସମାଜର ଦୈନନ୍ଦିନ କ୍ଷୟ ଓ ତହିଁରେ ଲୋକଙ୍କର ନିରୁଦ୍‌ବେଗ ଭାବ, ପ୍ରାଚୀନ ପଦ୍ଧତିର ନାମମାତ୍ର ଅନୁକରଣ, ନାନାବିଧ ସଂସ୍କାରର ଅଯଥା ଆଡ଼ମ୍ବର, ଧର୍ମଧ୍ୱଜୀର ଅହଂକାର, ପ୍ରେମଧର୍ମର ଦୁରାଚାର, ବେଦାନ୍ତବାଦୀର ପ୍ରତାରଣା ପ୍ରଭୃତି ଅନେକ ଅଭାବ ବିଶ୍ଳେଷଣ କରି ବୁଝାଇଥିଲେ ।' ମାତ୍ର ସେ କହିଥିଲେ – 'ଅଭାବ ଏକ ଦିନକେ ଘୁଞ୍ଚିବ ନାହିଁ, କିମ୍ବା ହିନ୍ଦୁଠାରେ ସାମାଜିକ ଜ୍ଞାନ ନ ଆସିଲେ ଏସବୁ ଘୁଞ୍ଚାଇବାର ଯତ୍ନ ଓ ପରିଶ୍ରମ ମଧ୍ୟ ପଣ୍ଡ ହେବ । ସେଥିପାଇଁ ବର୍ତ୍ତମାନ ଯେକୌଣସି ପ୍ରକାରେ, ଯେକୌଣସି ସଙ୍ଗତ ଓ ସଂଘତ ଉପାୟରେ ସମାଜରେ ସାମାଜିକ ଜ୍ଞାନ ଜାଗ୍ରତ

Digitized by PPRACHIN, SOA

କରାଇବାକୁ ହେବ । ବର୍ତ୍ତମାନ କେବଳ ପ୍ରତ୍ୟେକ ସ୍ଥାନୀୟ ସଭାରେ ଗୋରକ୍ଷା, ଜାତି, ବର୍ଣ୍ଣ ନିର୍ବିଶେଷରେ ସାମାଜିକ ସେବା ଓ ଯଥାସମ୍ଭବ ଧର୍ମ ଓ ସାମାଜିକ ଭାବର ପ୍ରଚାରପାଇଁ ବ୍ୟବସ୍ଥା ମାତ୍ର କରିବାକୁ ହେବ ଏବଂ ଲୋକଙ୍କର ଜ୍ଞାନ ଉଦ୍ରେକ ପାଇଁ ମଧ୍ୟେ ମଧ୍ୟେ ସଭାରେ ସାମାଜିକ ଅଭାବ ଓ ଦୁର୍ନୀତିମାନଙ୍କର ଆଲୋଚନା କରିବାଦ୍ୱାରା ଜଡ଼ତାରେ ଜୀବନ ଆଣିବାପାଇଁ ଚେଷ୍ଟା କରିବାକୁ ହେବ । ସମାଜର ବର୍ତ୍ତମାନ ଅବସ୍ଥା ଯେପରି, ସେଥିରେ ମହାସଭାର କୌଣସି ଏକ ଆଦେଶ ସମସ୍ତଙ୍କ ପକ୍ଷରେ ପାଳିବା ସମ୍ଭବ ନୁହେଁ । ପ୍ରତ୍ୟେକ ସ୍ଥାନୀୟ ସଭାରେ ସାମାଜିକ ଜ୍ଞାନର ବିକାଶ ସଙ୍ଗେ ସଙ୍ଗେ ସାମାଜିକ କ୍ରିୟା ସ୍ୱତଃ ଫୁଟିଉଠିବ ।' (ଜୁଲାଇ ୨୦, ୧୯୨୫, ଆଶା)

୧୯୨୫ ଜୁଲାଇ ୨୩ରେ କଟକରେ ହିନ୍ଦୁ ମହାସଭାର ପ୍ରାଦେଶିକ ସମିତି ଗଠିତ ହୋଇଥିଲା । ଜାନକୀନାଥ ବୋଷ ସଭାପତି, ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଲକ୍ଷ୍ମୀଧର ମହାନ୍ତି ଦୁହେଁ ସମ୍ପାଦକ ଥିଲେ । ହିନ୍ଦୁ ସମାଜର ସଙ୍ଗଠନର ଆବଶ୍ୟକତା ଉପରେ ସେତେବେଳେ ନୀଳକଣ୍ଠ ବେଶ୍ ଗୁରୁତ୍ୱ ଦେଇଥିଲେ । ଜୁଲାଇ ୪ ତାରିଖ ୧୯୨୫ରେ ଗୁଡ଼ାମାରି (ଗଞ୍ଜାମ)ର ସମ୍ମିଳନୀ ସଙ୍ଗେ ଗୋଟିଏ ହିନ୍ଦୁ ସମ୍ମିଳନୀର ବ୍ୟବସ୍ଥା ମଧ୍ୟ ହୋଇଥିଲା । ସେଥିରେ ନୀଳକଣ୍ଠ ସଭାପତି ହୋଇ ହିନ୍ଦୁ ସଙ୍ଗଠନର ଆବଶ୍ୟକତା ଉତ୍ତରରୂପେ ବୁଝାଇ ଦେଇଥିଲେ । ତାଙ୍କ ନେତୃତ୍ୱରେ ଓଡ଼ିଶାରେ ହିନ୍ଦୁ ସଙ୍ଗଠନ କାର୍ଯ୍ୟ ସୁନ୍ଦରରୂପେ ନିର୍ବାହିତ ହୋଇପାରିଥିଲା । କୁସଂସ୍କାରବଦ୍ଧ ହିନ୍ଦୁ ସମାଜର ବିଶୋଧନପାଇଁ ନୀଳକଣ୍ଠୀୟ ଅଭିଯାନ ସେତେବେଳେ ତୀବ୍ର ରୂପ ନେଇଥିଲା । ଚଣ୍ଡାଳଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଏକ ବିରାଟ ହିନ୍ଦୁ ଭାବ ଜାଗ୍ରତ କରାଇବାକୁ ସେ ଉଦ୍‌ବୋଧନ ଦେଇଥିଲେ । ହିନ୍ଦୁର ଆତ୍ମସଙ୍ଗଠନ, ହିନ୍ଦୁ ସମାଜର ସମସ୍ତ ଜାତି ଓ ଉପଜାତିଙ୍କୁ ନେଇ ସେମାନଙ୍କୁ ଗୋଟିଏ ଶରୀରର ଅଙ୍ଗପ୍ରତ୍ୟଙ୍ଗ କରି ଗଢ଼ିବାପାଇଁ ସେ ଉଦ୍ୟମ ଚଳାଇଥିଲେ ।

ସେହି ପର୍ଯ୍ୟାୟରେ ସଂସ୍କାର ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇ ଶାରଦା ଆଇନ ସମ୍ବନ୍ଧେ ପଣ୍ଡିତ ନୀଳକଣ୍ଠ ୧୯୨୯ରେ କେତେକ କଥା କହିଥିଲେ । ଭାରତରେ ନାରୀର ଭବିଷ୍ୟତ୍, ହିନ୍ଦୁସମାଜରେ ତା'ର ସ୍ଥିତି ସଂସ୍ଥାନ, ଆଶୁ ସଂସ୍କାର ଆବଶ୍ୟକ ବୋଲି ହରବିଳାସ ଶାରଦା ୧୯୨୯ରେ ବ୍ୟବସ୍ଥା ପରିଷଦରେ ଏକ ବିଲ ଆଗତ କରିଥିଲେ । ସେ ନିଜେ ମଧ୍ୟ ୧୯୨୯ ଡିସେମ୍ବର ୨୬ରେ ଲାହୋରଠାରେ ନିଖିଳ ଭାରତ ସାମାଜିକ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ଶାରଦା ବିଲ୍ ସମ୍ପର୍କରେ ନୀଳକଣ୍ଠ କେତେକ ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ସେଥିରେ ସେ କହିଥିଲେ ମୋର ବକ୍ତୃତାରେ ବ୍ୟବସ୍ଥାପକସଭାରେ ମୁଁ ସ୍ପଷ୍ଟ କରିଥିଲି

Digitized by PPRACHIN, SOA

ଶାରଦା ବିଲ୍ ଯେଉଁ ନୀତି ଉପରେ ପ୍ରତିଷ୍ଠିତ ସେ ନୀତିରେ ମୋର - ଭୟଙ୍କର ସମପ୍ରାଣତା ଅଛି । ମାତ୍ର ସଂସ୍କାରକ ଭାବେ ବ୍ୟକ୍ତିବିଶେଷ ପକ୍ଷରେ ଯାହା କହିବା ବା ନିର୍ଦ୍ଧାରଣ କରିବା ସମ୍ଭବ ଓ ଉଚିତ ବ୍ୟବସ୍ଥାପକସଭାରେ ତାହା କହିବା ଯୁକ୍ତିଯୁକ୍ତ ନୁହେଁ । ଯେତେବେଳେ ମୁଁ କଳ୍ପନା କଲି ବାଳିକାର ଚଉଦ ବର୍ଷ ଅନେକ ହିନ୍ଦୁଙ୍କ ପକ୍ଷରେ ବାସ୍ତବିକ ନାନା କାରଣରୁ ଘୋର ଅସୁବିଧାଜନକ ଓ ଅସହନୀୟ ହେବ ସେତେବେଳେ ମୁଁ ୧୨ ବର୍ଷ କରାଯାଉ ବୋଲି ଲଢ଼ିଲି । ମୋର ଏବେ ମଧ୍ୟ ଆଶଙ୍କା ମଫସଲ ଜାଗାମାନଙ୍କରେ ଏହି ଚଉଦବର୍ଷ ବାଳିକା ବିବାହ ଆଇନ ଫଳରେ ପରଦା ଘନୀଭୂତ ହେବ । ବ୍ରାହ୍ମଣ, କରଣ କଥା ତୁଳନା କଲେ ତାହା ଏବେ ମଧ୍ୟ ଦେଖାଯାଏ । ମଫସଲର କରଣ-ବାଳିକା ଆସନ୍ନଯୌବନା ହେବା ପରେ ବାସ୍ତବରେ ବିବାହ ପରେ ବହୁ ବର୍ଷ ପର୍ଯ୍ୟନ୍ତ ଅସୂର୍ଯ୍ୟଂପଶ୍ୟା ହୁଏ । ମୁଁ ଏସବୁ କଥା ବ୍ୟବସ୍ଥାପକସଭାରେ ବୁଝାଇ କହିଥିଲି । ପୁଣି କହିଥିଲି ଦେଶର ଏକ ବିଶିଷ୍ଟ ଅଂଶମେୟ ଲୋକଙ୍କୁ ଅନିଚ୍ଛାରେ ଢିଙ୍କି ଗିଳାଇବା ମଧ୍ୟ ବ୍ୟବସ୍ଥାପକର ଉଚିତ ନୁହେଁ । ସଂସ୍କାରକର ଅଧୀରତା ନିମନ୍ତେ ପ୍ରଜାତନ୍ତ୍ରର ସାମ୍ୟବାଦ ଏବେ ଅବକାଶ ଦେବ ନାହିଁ । ମାତ୍ର ଧର୍ମ ଏଥିରେ ଚାଲିଯିବ – 'ଏ ମତ ମୋର ନୁହଁ । ମୁଁ ମନେକରେ ଉଦାର ହିନ୍ଦୁ ଧର୍ମ କୌଣସି ଯୁକ୍ତିଯୁକ୍ତ ବ୍ୟବସ୍ଥା ବା କ୍ରିୟାରେ ବିନଷ୍ଟ ହୁଏ ନାହିଁ । ଅଧିକାରୀ ଭେଦରେ ଏକ ଶାସ୍ତ୍ର ବଚନର ମଧ୍ୟ ଭିନ୍ନ ଭିନ୍ନ ବ୍ୟାଖ୍ୟା ହୁଏ । ହିନ୍ଦୁ ସବୁ ବ୍ୟାଖ୍ୟାପାଇଁ ସ୍ଥାନ ରଖିଛି । ମାତ୍ର ଯଦି କେହି ବିଶ୍ୱାସ କରେ କୌଣସି ଅବସ୍ଥାରେ ତା'ର ଧର୍ମ ଗଲା ତେବେ ତାକୁ ଖଡ୍‌ଗଧାର ଦେଖାଇ ଅନ୍ୟ ମତକୁ ନେବା । ଅର୍ଥାତ୍ ରାଜଦଣ୍ଡ ଭୟରେ ନିଜ ପଟକୁ ଆଣିବା ଆର୍ଯ୍ୟ ସଂସ୍କୃତିର ଅନୁକୂଳ ପନ୍ଥା ନୁହେଁ, ଏହି ହେତୁରୁ ପଣ୍ଡିତମାନଙ୍କ ମଧ୍ୟରେ ଏ ବିଷୟରେ ଚାଞ୍ଚଲ୍ୟ ଦେଖି ମୁଁ ସେମାନଙ୍କ ପ୍ରତି ସମବେଦନା ପ୍ରକାଶ କରେ । ପୁରୀର ପଣ୍ଡିତମାନଙ୍କୁ ସ୍ପଷ୍ଟ କହିଛି ମୋର ଶାସ୍ତ୍ରବୋଧ ତଥା କ୍ରିୟା ବ୍ୟବସ୍ଥାର ଜ୍ଞାନ ସେମାନଙ୍କ ସଙ୍ଗେ ଏକ ନ ହେଲେ ମଧ୍ୟ ସେମାନେ ଯଦି ଏଥିରେ ବାସ୍ତବିକ ଧର୍ମ ଗଲା ବୋଲି ବିଶ୍ୱାସ କରନ୍ତି ତେବେ ମୋର ମନେ ହୁଏ ଏ ଆର୍ଯ୍ୟ ଭୂମିରେ ସେମାନଙ୍କୁ ଡରାଇ, ଧମକାଇ ନିଜ ମତ ଓ କ୍ରିୟାରୁ ଭ୍ରଷ୍ଟ କରାଇବାର ଅଧିକାର କାହାର ନାହିଁ । ଜ୍ଞାନରେ ଆର୍ଯ୍ୟ ମୁକ୍ତି ଲୋଡ଼େ, ଆଇନରେ ନୁହେଁ । ଯଦି କୌଣସି ଆର୍ଯ୍ୟଭୂମିରେ ସଂସ୍କାରକ ଆଜି ଜ୍ଞାନପ୍ରଚାର ପ୍ରକ୍ରିୟାରେ ହତାଶ ହୋଇ ଏ ଆଇନ ବନ୍ଦ ଲୋଡ଼ିଥାନ୍ତି, ତେବେ ପ୍ରକୃତ ଆର୍ଯ୍ୟ ସଂସ୍କାରକ ଏ ଦେଶରେ ଚିରକାଳପାଇଁ ପରାସ୍ତ ଓ ବିଧ୍ୱସ୍ତ ବୋଲିବାକୁ ହେବ । ଚୈତନ୍ୟଙ୍କ ସର୍ବଜାତି ସମନ୍ୱୟରେ ଜେଲ ଭୟ ନ ଥିଲା । ଆର୍ଯ୍ୟର ଏ ସଂସ୍କୃତି ଯେଉଁମାନେ ବୁଝିଛନ୍ତି ସେମାନେ ଏବେ ମଧ୍ୟ ମୋର ମତ ଅସ୍ପଷ୍ଟ ଅଛି

Digitized by PPRACHIN, SOA

ବୋଲି କହିବେ ନାହିଁ ।' ଏଥିରୁ ନୀଳକଣ୍ଠଙ୍କର ସଂସ୍କାରକ ଦୃଷ୍ଟିକୋଣର ବିଶେଷ ପରିଚୟ ମିଳେ । ୧୯୩୩ବେଳକୁ ଓଡ଼ିଶାର ଶାରଦା ପଣ୍ଡିତ ନୀଳକଣ୍ଠ ଦାଶଙ୍କର ବିଧବା ବିବାହ ବିଲର ଆଲୋଚନା ତାଙ୍କ ସଂସ୍କାରକ ଜୀବନର ଅନ୍ୟ ଏକ ବିଶିଷ୍ଟ ଦିଗ । (ଆଶା, ୯ ଅକ୍ଟୋବର, ୧୯୩୩) ଓଡ଼ିଶା କାଉନ୍‌ସିଲରେ ସେ ଏହି ବିଲ୍ ପାଠ କରି କହିଥିଲେ – 'ବର୍ତ୍ତମାନ ଜଗତରେ ସଂସ୍କାରର ଯୁଗ ଆସିଛି । ଜଗତରେ ସବୁଠାରେ ସବୁ ସମାଜରେ ଅତୀତର ସ୍ଥିରୀକୃତ ପ୍ରଥାମାନ ଭାଙ୍ଗିରୁଜି ଦେବା ଦରକାର ଅନୁଭୂତ ହେଲାଣି । ଓଡ଼ିଶାର ଅତୀତରେ ଯେଉଁ କୁସଂସ୍କୃତି କଥାମାନ ଜଡ଼ିତ ହୋଇ ରହିଛି ତାକୁ ଉଠାଇ ନ ଦେଲେ ଏ ଦେଶରେ ଉନ୍ନତି ସମୂହର ପରାହତ । ଓଡ଼ିଶାର ମହାନଦୀ ମହାଦେବ, ଭୁବନେଶ୍ୱର, ବଡ଼ଦାଣ୍ଡ, ବଡ଼ଦେଉଳ, ସ୍ୱର୍ଗଦ୍ୱାର ଓ ସ୍ୱର୍ଗଗଙ୍ଗାକୁ ଚାହିଁ ଗର୍ବରେ ବକ୍ଷ ସ୍ଫୀତ କଲାବେଳେ ସ୍ୱତଃ ସମାଜର ସହସ୍ର ସହସ୍ର ବିଧବାମାନଙ୍କର କରୁଣ ଦୃଶ୍ୟ ସଙ୍କୁଚିତ କରିଦିଏ । ଏ ଦେଶରେ ନାରୀ କଣ ଏଡ଼େ ଅଭିଶପ୍ତା ? ଏ ଦେଶ କଣ ବିଧବାର କାରାଗାର ?

ଏହି ବିଲ୍ ଆଗତ କରିବା ପୂର୍ବରୁ ତାଙ୍କ ପଛରେ ଯେତେ ବାଧାବିଘ୍ନ ଥିଲା ସେସବୁ ପ୍ରତି ଭ୍ରୂକ୍ଷେପ ନ କରି ଜଗନ୍ନାଥଙ୍କର ପବିତ୍ର ନାମ ସ୍ମରଣ କରିଥିଲେ । ମାତୃଜାତିର ଅମୃତ ଆଶିଷ ଗ୍ରହଣ-ପୂର୍ବକ ଏହି ବିଲ୍ ଆଗତ କରିଥିଲେ । ଏହି ବିଲ୍‌କୁ 'ଆଶା'ର ସୁଦକ୍ଷ ସମ୍ପାଦକ ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ ସମର୍ଥନ କରିଥିଲେ । କିନ୍ତୁ ନୀଳକଣ୍ଠ ପ୍ରହରାଜ, ସଦାଶିବ ଗଦ୍ୟଭୂଷଣ ପ୍ରଭୃତି ରକ୍ଷଣଶୀଳ ପଣ୍ଡିତମାନେ ନୀଳକଣ୍ଠଙ୍କୁ ଦେଶଦ୍ରୋହୀ ବୋଲି କହିଥିଲେ । ସନାତନୀ ଦଳ ଏବଂ ରକ୍ଷଣଶୀଳ ଗୋଷ୍ଠୀ ଏହାକୁ ଘୋର ବିରୋଧ କରିଥିଲେ । ସେମାନେ କହିଥିଲେ – ଏହି ଦେଶକୁ ନିର୍ବେଦ କରିବାପାଇଁ, ଏ ସମାଜକୁ ଅଥର୍ବ କରିବାପାଇଁ, ଏ ଜାତିକୁ ରସାତଳଗତ କରିବାପାଇଁ ପଣ୍ଡିତ ନାମଧାରୀ ଦୁର୍ଦ୍ଦଣ୍ଡ-ପାଷଣ୍ଡ-ପ୍ରଚଣ୍ଡ-ଷଣ୍ଢ ଦୁରାସଦ ନୀଳକଣ୍ଠ ଯେଉଁ ବିଲ୍ ଆଣିଛନ୍ତି, ତାହାକୁ ସମର୍ଥନ କରିବା କୌଣସି ମାନ ପକ୍ଷେ ଗ୍ରହଣୀୟ ନୁହେଁ ।

ପୁରୀ ମନ୍ଦିରରେ ହରିଜନ ପ୍ରବେଶ ଅଧିକାର ଓ ମୁକ୍ତିମଣ୍ଡପ ପଣ୍ଡିତସଭାର ନବକଳେବର ନୀଳକଣ୍ଠ ସଂସ୍କାରକ ଜୀବନର ଦୁଇଟି ବିଶିଷ୍ଟ ଘଟଣା । ପୁରୀ ମନ୍ଦିରରେ ହରିଜନ ପ୍ରବେଶାଧିକାର ନେଇ ବହୁ ବିତର୍କ ୧୯୩୩ ମସିହାରୁ ଆରମ୍ଭ ହୋଇଥିଲା । ଜଗନ୍ନାଥଙ୍କର ପ୍ରସିଦ୍ଧ ହଜୁରୀ ବଳଭଦ୍ର ଖୁଣ୍ଟିଆ ଅସ୍ପୃଶ୍ୟ ଜାତିମାନଙ୍କୁ ମନ୍ଦିର ମଧ୍ୟରେ ପ୍ରବେଶ କରିବା କଥା ପ୍ରମାଣ ସହିତ ପ୍ରକାଶ କରିବାରୁ ପୁରୀର ରାଜାସାହେବ ତାଙ୍କ ଉପରେ ନୋଟିସ୍ ଦେଇଥିଲେ । ହଜୁରୀଙ୍କ ବିଷୟର ସମର୍ଥନରେ ଦୈନିକ

Digitized by PPRACHIN, SOA

ଆଶା ୧୯୩୩ ମେ ୨୨ ସଂଖ୍ୟାରେ ଅନେକ କଥା ପ୍ରକାଶ ପାଇଥିଲା । ଜଗନ୍ନାଥ ଦେଉଳରେ ସବୁ ଜାତିର ଲୋକେ ପ୍ରବେଶ କରିବା ସପକ୍ଷରେ ପୁରୀ ପଣ୍ଡା-ପଢ଼ିଆରୀମାନଙ୍କର ଇସ୍ତାହାର ମଧ୍ୟ ବାହାରିଥିଲା । ସେତେବେଳର ପୁରୀ ରାଜା ଏବଂ ଏମାର ମଠ ମହନ୍ତ ନାନା ପ୍ରକାର କୌଶଳ ଅବଲମ୍ବନ କରି କେତେକ ପଣ୍ଡାଙ୍କୁ ନିଜଆଡ଼କୁ ନେଇ ଏ ଆନ୍ଦୋଳନକୁ ବିରୋଧ କରିଥିଲେ । ସେହି ପର୍ଯ୍ୟାୟରେ ନୀଳକଣ୍ଠ ଉତ୍କଳର ସାମ୍ୟଧର୍ମର ପ୍ରଦୀପ ଜଗନ୍ନାଥ ଧର୍ମରେ ଭେଦ ନାହିଁ, ଅଛୁଆଁଙ୍କୁ ଶ୍ରୀମନ୍ଦିରରେ କେହି ରୋକିପାରିବେ ନାହିଁ ବୋଲି ମତ ଦେଇ ସଂସ୍କାରକ ଦୃଷ୍ଟିର ଉଚ୍ଚାରଣ କରିଥିଲେ । ନୀଳକଣ୍ଠ ମେ ମାସ ପହିଲା ୧୯୩୩ରେ ଜେଲ୍‌ରୁ ବାହାରିଲା ପରେ ମହାତ୍ମାଙ୍କର ଅନନ୍ୟ ନିଷ୍ଠାର କଥା ଜାଣିପାରିଲେ । ସଙ୍ଗେ ସଙ୍ଗେ ପୁରୀମନ୍ଦିର ଓ ଅସ୍ପୃଶ୍ୟ ସମ୍ବନ୍ଧୀୟ କାର୍ଯ୍ୟ ତିନି ସପ୍ତାହପାଇଁ କରିବେ ବୋଲି ସ୍ଥିର କରି ମେ ୮ ତାରିଖରୁ କାମରେ ଲାଗିଲେ । ମେ ୧୪ ତାରିଖ ଦିନ ଓଡ଼ିଶା ଅସ୍ପୃଶ୍ୟତା ନିବାରଣ କମିଟି ତାଙ୍କୁ ଡକାଇ ସମସ୍ତ ପ୍ରକାର ସାହାଯ୍ୟ ଦେବାର ଅଙ୍ଗୀକାର ନେଲେ । ସେ ୨୮ ତାରିଖ ପର୍ଯ୍ୟନ୍ତ ଅତନ୍ଦ୍ରିତ ଭାବରେ ବଡ଼ ତୀବ୍ରତାର ସହିତ ପୁରୀମନ୍ଦିର ସମ୍ପର୍କୀୟ ଅସ୍ପୃଶ୍ୟତା କାର୍ଯ୍ୟରେ ଅଗ୍ରସର ହେଲେ । ପୁରୀର ଓକିଲ ଲୋକନାଥ ମିଶ୍ର, ରଘୁନାଥ ମିଶ୍ର ଓ ଗଙ୍ଗାଧର ମିଶ୍ର ପ୍ରଭୃତି ଜେଲଫେରନ୍ତା କଂଗ୍ରେସ କର୍ମୀମାନେ ପ୍ରାଣପଣେ ତାଙ୍କ ସଙ୍ଗେ ଯୋଗ ଦେଲେ । ରଘୁନାଥ ମିଶ୍ର, ଜୟନାରାୟଣ ଦାସ (?) ଓ ଆର୍ତ୍ତତ୍ରାଣ ଦାସ ତଥା ଜିଲ୍ଲା ବୋର୍ଡ଼ର ଚେୟାର୍‌ମାନ୍, ଭାଇସ୍ ଚେୟାର୍‌ମାନ୍ ପ୍ରଭୃତି ଯଥାସମ୍ଭବ କାର୍ଯ୍ୟଟି ଅଗ୍ରସର କରାଇବାରେ ଯତ୍ନ କଲେ । ଅତି ଅଳ୍ପ କାଳ ମଧ୍ୟରେ ପୁରୀର ଜନମତ ତିଆରି ହୋଇଗଲା, ଲୋକେ ଏ କାର୍ଯ୍ୟରେ ଜାତୀୟ ଗର୍ବ ଅନୁଭବ କଲେ । ପଣ୍ଡାମାନେ ଉନ୍ମୁକ୍ତ ପ୍ରାଣରେ ଯୋଗ ଦେଲେ, ତଥାକଥିତ ରକ୍ଷଣଶୀଳମାନେ କଥାଟିର ଯୁକ୍ତିଯୁକ୍ତତା ବୁଝି ନୀରବ ହେଲେ । ଯୋଗ୍ୟ ଲୋକ ଓ ପଣ୍ଡିତମାନେ କେତେକ ସାହାଯ୍ୟ ଦେଇ ନ ପାରିଲେ ମଧ୍ୟ ଆପତ୍ତି କଲେ ନାହିଁ ।

ଭାରତବର୍ଷରେ ସର୍ବତ୍ର ଯେତେବେଳେ ଅସ୍ପୃଶ୍ୟମାନଙ୍କପାଇଁ ମନ୍ଦିର ମେଲା କରିଦିଅ ବୋଲି ଡାକ ପଡ଼ିଲା ବିଶେଷତଃ କର୍ଣ୍ଣାଟକ ଓ ମାଲବାର କୂଳର ଜାମୋରିନ୍‌ଙ୍କ ତତ୍ତ୍ୱାବଧାନରେ ଥିବା ଗୁରୁବାୟୁର ମନ୍ଦିର ସମ୍ବନ୍ଧରେ ଯାହା ଘଟିଥିଲା ଓ ସେ ସମ୍ବନ୍ଧରେ ମାନ୍ଦ୍ରାସ ପ୍ରଭୃତିରେ ଯେଉଁ ଆଇନ୍ ବା ଫଇସଲା ଥିବାର ଆଭାସ ମିଳିଲା ଓ ସେଥିପାଇଁ ବଡ଼ଲାଟ ସଭାରେ ଯେଉଁସବୁ ଉଦ୍ୟମ ଲାଗିଲା, ସେହିସବୁ ଘେନି ସାରା ଭାରତକୁ ଏହି ଭାବ ଘୋଟିଗଲା । ଉତ୍କଳର ଲୋକେ ମଧ୍ୟ ସେହି ଭାବରେ ଭୁଲିଯାଇଥିଲେ । ଦ୍ରାବିଡ଼ ସ୍ମାର୍ତ୍ତଧର୍ମର ଏହି ଉଦ୍‌ବେଳ ହିଲ୍ଲୋଳରେ ଜଗନ୍ନାଥ ସାମ୍ୟଧର୍ମ ବା କଳିଙ୍ଗୋତ୍କଳ ଓଡ୍ରର କୁଳ ଧର୍ମ ବୁଡ଼ିଯିବାକୁ ବସିଲା, ପୁରୀରେ ମଧ୍ୟ

Digitized by PPRACHIN, SOA

ଲୋକେ ଜଗନ୍ନାଥ ମନ୍ଦିରକୁ ଅଛୁଆଁମାନଙ୍କ ଦର୍ଶନଲାଗି ଛାଡ଼ି ଦେବାକୁ କହିବାକୁ ଲାଗିଲେ । ନୀଳକଣ୍ଠ ଏ ଭ୍ରାନ୍ତଧାରଣା (ଦଳିତ/ଅସ୍ପୃଶ୍ୟମାନଙ୍କ ମନ୍ଦିର ପ୍ରବେଶାଧିକାର ନାହିଁ) ବଦଳାଇବାରେ ଲାଗିଗଲେ । ତାଙ୍କ ମତ ହେଲା – 'ଭାରତର ଅନ୍ୟାନ୍ୟ ସ୍ଥାନରେ ଯାହା ହେଉ ଜଗନ୍ନାଥ ଧର୍ମ ଉତ୍କଳର କୁଳ ଧର୍ମ । ଏହା କୈବଲ୍ୟ ଧର୍ମ । କୈବଲ୍ୟ ଅର୍ଥ କେବଳ ଭାବ ବା ଏକତାର ଅଭାବ । ଜଗନ୍ନାଥ ଧର୍ମରେ ଭେଦ ନାହିଁ । ରୋକିବାର ବିଧି ନାହିଁ । କାଳକ୍ରମେ ସ୍ମାର୍ତ୍ତମାନେ ବହୁ ପରିଶ୍ରମ କରି ଦୁଇ ହଜାରରୁ ଅଧିକ ବର୍ଷ ଲାଗି ପୁରୀ ଆଖପାଖ ପଞ୍ଚକ୍ରୋଶୀ ଭିତରର କେତେକ ତଥାକଥିତ ଅଛୁଆଁଙ୍କୁ ରୋକିପାରିଲେ ବୋଲି ଆତ୍ମଶ୍ଲାଘା କରନ୍ତି ସତ କିନ୍ତୁ ପ୍ରକୃତ ବିଚାର କରି ବସିଲେ ଏ ସବୁ କ୍ଷୁଦ୍ର କ୍ରିୟା ମଧ୍ୟ ଉତ୍କଳ କୁଳଧର୍ମର ବିରୋଧୀ । ଆଜି ବହୁକାଳ ସ୍ମାର୍ତ୍ତ ପ୍ରପୀଡ଼ିତ ଭାରତ ବିଶେଷରେ ଉତ୍ତର, ପଶ୍ଚିମ ଓ ଦକ୍ଷିଣ-ଭାରତ ଯେଉଁ ସାମ୍ୟଧର୍ମ ଘେନି ମାନବ ଜଗତରେ ପ୍ରତିଷ୍ଠିତ ହେବାକୁ ବସିଅଛି, ତାହା ଚିରକାଳ ଉତ୍କଳର କୁଳଧର୍ମ ରୂପେ ନୀଳାଚଳ ବେଳାରେ ଜଗନ୍ନାଥ କୈବଲ୍ୟ ଦୀପ ଧରି ଚିରକାଳ ମାନବକୁ ଆହ୍ୱାନ କରୁଅଛି । ଏହା ଯେତେବେଳେ ଲୋକେ ବୁଝିଗଲେ, ସେତେବେଳେ ପୂର୍ବପୁରୁଷର କୀର୍ତ୍ତି ଘେନି ଜନ ସମାଜର ପ୍ରାଣ ଫୁଲିଉଠିଲା ଓ ଜଗନ୍ନାଥ ଧର୍ମର ଦୀପ୍ତିରେ ପୁରୀବାସୀ ଜାତିର ଭବିଷ୍ୟତ୍ ଉଜ୍ଜ୍ୱଳ ଦେଖିଲେ । ଏହାହିଁ ପ୍ରମାଣ କରିବ ମୋର କାର୍ଯ୍ୟ ହେଲା । ଏହି ବକ୍ତବ୍ୟରୁ ଜଣାଯାଏ ଯେ ନୀଳକଣ୍ଠ କୌଣସି ନୂଆ କଥା କରିବାକୁ ଯାଉ ନ ଥିଲେ । ଏ କ୍ଷେତ୍ରରେ ଉତ୍କଳକୁ ନୂଆ କଥା କରିବାକୁ ହେବ ନାହିଁ ବୋଲି ସେ ପ୍ରଚାର କଲେ । ସମସ୍ତ ଜନମତ ସତ୍ତ୍ୱେ କେହି ଜଣେ ହେଲେ ଏ କଥା ଅସ୍ୱୀକାର କରିବାର ବାଟ ନ ରଖିବାର କାର୍ଯ୍ୟପନ୍ଥା ସେ ଠିକ୍ କରିଦେଲେ । ସେ କାର୍ଯ୍ୟପନ୍ଥାଟି ନିମ୍ନୋକ୍ତମତେ ଉପସ୍ଥାପନ ହେଲା ।

୧. ମନ୍ଦିର ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥାର ଅଧିକାରୀ ପୁରୀର ମୁକ୍ତିମଣ୍ଡପ । ଏପରିକି ପ୍ରକୃତ ପ୍ରାଚୀନ ବ୍ୟବସ୍ଥାନୁସାରେ ଯଦି କାର୍ଯ୍ୟ ହୁଏ ତେବେ ମନ୍ଦିରରେ କୌଣସି ବାସନ୍ଦ ପ୍ରଭୃତି କାର୍ଯ୍ୟ ମଧ୍ୟ ମୁକ୍ତିମଣ୍ଡପର ଅନୁମୋଦନ ବିନା ହୋଇ ନ ପାରେ । ମାତ୍ର ସେହି ମୁକ୍ତିମଣ୍ଡପ ସଭାର ଅଧିକାରୀମାନେ ନିଜ ମଧ୍ୟରେ ଯଥାର୍ଥ ନିର୍ବାଚନ ପ୍ରଣାଳୀରେ ମନୋନୀତ କରି ସଭା ଗଢ଼ି ନ ଥିବାରୁ ଏବଂ ସେହି ହେତୁରୁ ମୁକ୍ତିମଣ୍ଡପର ଅଧିକାରୀମାନଙ୍କ ମଧ୍ୟରେ ମତଭେଦ ହେଉଥିବାରୁ ମୁକ୍ତିମଣ୍ଡପର ମତ ସର୍ବବାଦିସମ୍ମତ ହେଉ ନାହିଁ । ସେଥିପାଇଁ ନିର୍ବାଚନ ବିଧିରେ ମୁକ୍ତିମଣ୍ଡପ ସଭା ଗଢ଼ିବା ହିଁ ପ୍ରଧାନକାର୍ଯ୍ୟ, ନୀଳକଣ୍ଠ ୧୪ ତାରିଖରେ ଠିକ୍ ପରେ ଏହି ନିର୍ବାଚନରେ ମୁକ୍ତିମଣ୍ଡପ ଗଢ଼ିବା କାର୍ଯ୍ୟ ଆରମ୍ଭ କରିଥିଲେ ।

୨. ଏହି ସଭା ଏଡ଼େ ବଡ଼ ଗୁରୁ ବିଷୟରେ ମତ ଦେବା ସହଜ ନୁହେଁ । ସେଥିପାଇଁ ନୀଳକଣ୍ଠ ବିଚାର କରିଥିଲେ ଏହି ମୁକ୍ତିମଣ୍ଡପ ସଭା ଗଢ଼ା ହେବା ସଙ୍ଗେ

Digitized by PPRACHIN, SOA

ସଙ୍ଗେ ସେ ସଭା ଏ ବିଷୟରେ ଗୋଟିଏ ବିଶେଷ କମିଟି ବସାଇବେ । ଦରକାର ହେଲେ ସେହି କମିଟିରେ ରାଜାଙ୍କ ପକ୍ଷର ଲୋକ, ପୁଣି ବଡ଼ ଓକିଲ୍ ଓ ପେନ୍‌ସନ୍‌ପ୍ରାପ୍ତ ପ୍ରତିଷ୍ଠିତ ସରକାରୀ କର୍ମଚାରୀ ଶ୍ରେଣୀର ଲୋକ ରହିବେ ଏବଂ ଏହି କମିଟି ସବୁଶ୍ରେଣୀର ଲୋକଙ୍କଠାରେ ଶାସ୍ତ୍ରୀୟ ଓ ପରମ୍ପରାଗତ ପ୍ରମାଣ ନେବେ ଏବଂ ଦରକାର ହେଲେ ପ୍ରମାଣ ଦେଉଥିବା ସାକ୍ଷୀମାନଙ୍କୁ ଜେରା କରି ଯଥାସାଧ୍ୟ ସତ୍ୟ ବାହାର କରିବେ । ଏହିପରି ସଂଗୃହୀତ ସମସ୍ତ ପ୍ରମାଣମାନଙ୍କ ଉପରେ କମିଟି ମୁକ୍ତିମଣ୍ଡପ ସଭାକୁ ସୁପାରିସ କରିବେ । ଏହି ସୁପାରିସ ଉପରେ ମୁକ୍ତିମଣ୍ଡପ ନିଜର ଶେଷ ସିଦ୍ଧାନ୍ତ ପ୍ରଚାର କରିବେ ।

୩. ଏହି ସିଦ୍ଧାନ୍ତ ପ୍ରଚାରିତ ହେଲା ଉତ୍ତାରୁ ଆଉ କେହି କୌଣସି ଜାତିକୁ ମନ୍ଦିରରେ ପଶିବାକୁ ମନା କରିବେ ନାହିଁ । ତଥାପି ଯଦି କେହି ଦୁଃସାହସ କରି ଜୋରଜବରଦସ୍ତ କରି କାହାକୁ ମନା କରନ୍ତି, ତେବେ ନମଃଶୂଦ୍ର ପ୍ରଭୃତି ଯେଉଁ ଜାତିମାନେ ପୁରୁଷାନୁକ୍ରମେ ଦର୍ଶନ କରି ଆସୁଅଛନ୍ତି ସେମାନଙ୍କୁ ଘେନି ସର୍ବପ୍ରକାର ଆପତ୍ତି ଧ୍ୱଂସ କରିଦେବାକୁ ହେବ ।

ଏସବୁ କଳ୍ପନା ପ୍ରକାଶ କଲାବେଳେ ନୀଳକଣ୍ଠ ମନେ ମନେ ବୁଝିଥିଲେ ଯେ ପୁରୀ ମନ୍ଦିରରେ ଅସ୍ପୃଶ୍ୟମାନଙ୍କୁ ମନା ଅଛି । ସେ ପ୍ରକାଶ କରିଥିଲେ, 'ଗଡ୍ଡଳିକା ପ୍ରବାହରେ ପଡ଼ି ଗତାନୁଗତିକ ଲୋକେ ନିଜ ଘରେ ବସି ବହୁ ପ୍ରଳାପ କରିପାରନ୍ତି, ଟଙ୍କା ଖର୍ଚ୍ଚ କରି ମୁଦ୍ରାଯନ୍ତ୍ର ସାହାଯ୍ୟରେ ଆବର୍ଜନା ପ୍ରକାଶ କରି ଲୋକମତରେ ଭେଦଭର୍ତ୍ତି କରିବାର ବୃଥା ଉଦ୍ୟମ କରିପାରନ୍ତି । କିନ୍ତୁ ମୋର ଦୃଢ଼ ମତ ଓ ବିଶ୍ୱାସ, ସତ୍ୟ ପ୍ରକାଶିତ ହେଲେ ଏସବୁ ଆବର୍ଜନା ନିଜର ଘୃଣିତ ସ୍ଥାନରେ ସଙ୍କୁଚିତ ହେବ । ଜଗନ୍ନାଥ ଯେତେବେଳେ ଉଜ୍ଜ୍ୱଳ ଦୀପ୍ତିରେ ପୁଣି ଆତ୍ମପ୍ରକାଶ କରିବେ, ସେତେବେଳେ ଏସବୁ ନିଶାଚର ପରି ଇତସ୍ତତଃ ହେବେ ସନ୍ଦେହ ନାହିଁ ।' ମେ ୨୯ ତାରିଖରେ ତାଙ୍କର ସ୍ୱାସ୍ଥ୍ୟର ଅବନତି ଘଟିବାରୁ ଆଚାର୍ଯ୍ୟ ହରିହର ଦାସଙ୍କୁ ଡକାଇ କର୍ମୀମାନଙ୍କ ସପକ୍ଷରେ ତାଙ୍କୁ ମୁକ୍ତିମଣ୍ଡପ ସଭା ଗଢ଼ିବାର ଭାର ଦେଇଥିଲେ । ଯଥାସମ୍ଭବ କାର୍ଯ୍ୟପ୍ରଣାଳୀ ବୁଝାଇଦେଲେ । ମେ ୨୦ ତାରିଖ ପୂର୍ବରୁ ଅବଶ୍ୟ ଆଚାର୍ଯ୍ୟ ହରିହର ଦାସ ଜେଲରେ ଥିବାବେଳେ ମଧ୍ୟ ତାଙ୍କରିଦ୍ୱାରା ଏ ସଭା ଗଢ଼ାଇବା କାର୍ଯ୍ୟ ନୀଳକଣ୍ଠ କରାଇବେ ବୋଲି ଲୋକରେ ପ୍ରଚାର କରିଦେଇଥିଲେ । ୨୯ ତାରିଖ ଦିନ ହରିହର ଏ କାର୍ଯ୍ୟଭାର ନେବାରୁ ନୀଳକଣ୍ଠ ଆନନ୍ଦିତ ହୋଇଥିଲେ ।

ଜୁନ୍ ୩୦ରେ ନୀଳକଣ୍ଠ ଏହିପରି କହିଥିଲେ – 'ଆଚାର୍ଯ୍ୟ ହରିହର ନିଜର ଦୃଢ଼ ଭାବରେ ମୁକ୍ତିମଣ୍ଡପ ସଭା ଗଢ଼ିବାରେ ଲାଗିଛନ୍ତି, କିନ୍ତୁ ମୁଁ ହଠାତ୍ ଏ କାର୍ଯ୍ୟରେ

Digitized by PPRACHIN, SOA

ଯୋଗ ଦେଇ ନ ପାରି ସମ୍ପୂର୍ଣ୍ଣ ବିଶ୍ରାମରେ ରହି କଲିକତା ଯିବାର ଉପାୟ ଲୋଡୁଛି । ଜଗନ୍ନାଥଙ୍କ କୃପା ହେଲେ ଆଶା କରେ ଆଚାର୍ଯ୍ୟ ହରିହର ମୁକ୍ତିମଣ୍ଡପ ସଭା ଗଢ଼ି ସାରିଲା ବେଳକୁ ମୁଁ ଆସି ପୁଣି କାର୍ଯ୍ୟରେ ଯୋଗଦେବି, ଉତ୍କଳବାସୀ ମନେ ରଖନ୍ତୁ ଜଗନ୍ନାଥଙ୍କର ସାମ୍ୟଧର୍ମ ଉତ୍କଳ ବେଳାରୁ କେହି ଲୋପ କରିପାରିବେ ନାହିଁ । ସ୍ୱାର୍ଥର ଅହଂକାର, ଧନସମ୍ପଦର ଗର୍ବ ଓ କ୍ଷମତା ଦର୍ପ ଏସବୁ ଯୁଗେ ଯୁଗେ ଜଗନ୍ନାଥର କୈବଲ୍ୟ ଧର୍ମ ପାଖେ ମୁଣ୍ଡ ନୁଆଁଇ ଆଜି ପୃଥିବୀରେ ଉତ୍କଳର ଜୈତ୍ରକେତନ, କଳିଙ୍ଗର ବିଶାଳ ମାନବୀୟତା ଓ ଶାବର ଓଡ୍ର ଧର୍ମର ପୁଣ୍ୟପ୍ରାଣ ନୀଳାଚଳ ବେଳାରେ ଜୀବନ୍ତ ରଖିଛି । ବିଶ୍ୱାସ ରଖନ୍ତୁ ଉତ୍କଳବାସୀ, ବିଶ୍ୱାସୀ ଭକ୍ତକୁ ଜଗନ୍ନାଥ ଆପେ ମିଳିବେ' । (ଆଶା, ଜୁଲାଇ ୨, ୧୯୩୩)

ପୁରୀ ଜଗନ୍ନାଥ ମନ୍ଦିରରେ ଅଚ୍ଛବ/ଅସ୍ପୃଶ୍ୟମାନଙ୍କର ପ୍ରବେଶ ଅଧିକାର ସମ୍ବନ୍ଧେ ପଣ୍ଡିତ ନୀଳକଣ୍ଠ ଦାଶ ନିମ୍ନ ମର୍ମରେ ଗୋଟିଏ ଇସ୍ତାହାର 'ନିଉ ଓଡ଼ିଶା'ରେ ପ୍ରକାଶ କରିଥିଲେ – 'ହିନ୍ଦୁ ସମାଜର ଜଗନ୍ନାଥ ମନ୍ଦିର ହେଉଛି ଆଧ୍ୟାତ୍ମିକ ସଂସ୍କୃତିର ଚରମ ଚିହ୍ନ । ପୂର୍ବଭାରତର ଅର୍ଥାତ୍ ଅଙ୍ଗ, ବଙ୍ଗ, କଳିଙ୍ଗର ଏହା ସାମ୍ୟଧର୍ମର ପରିଚୟ ହେଉଛି । ନାନା ଜାତି ସମ୍ବଳିତ ହିନ୍ଦୁ ସମାଜ ମଧ୍ୟରେ ସର୍ବସାଧାରଣ ହିନ୍ଦୁ ଜାତି, ଧର୍ମ ନିର୍ବିଶେଷରେ କେବଳ ଜଗନ୍ନାଥ ମନ୍ଦିରରେ ପୂଜା ଓ ଦର୍ଶନ କରିଆସିଅଛନ୍ତି । ସେଥିପାଇଁ ଭାରତର ଅନ୍ୟାନ୍ୟ ଦେବାଳୟ ଓ ବିଗ୍ରହ ମଧ୍ୟରେ ପୁରୀ ଜଗନ୍ନାଥଙ୍କ ମହିମା ଓ ପ୍ରାଧାନ୍ୟ ବେଶି । ପୁରାଣ କହେ ସର୍ବସାଧାରଣଙ୍କ ସୁବିଧାପାଇଁ ବଡ଼ଦେଉଳ ଗୋଟିଏ ବୈଷ୍ଣବ ମନ୍ଦିର ରୂପେ ପ୍ରତିଷ୍ଠିତ ହେଲା । ପ୍ରଥମେ ଏହି ଦେବତା ଶବରଦେବତା ଥିଲେ । ପରେ ଉଚ୍ଚଜାତି ହିନ୍ଦୁମାନେ ଏହି ଦେବତାର ପୂଜା ଆରାଧନା କଲେ । ସେହି ଶବର ବା ଦଇତାମାନଙ୍କର ବଂଶଧରମାନେ ଅଦ୍ୟାପି ସେହି ପବିତ୍ର ଜାତିର ଦାୟାଦ ରୂପେ ରହିଛନ୍ତି । ଜଗନ୍ନାଥ ବିଗ୍ରହ ଏମାନଙ୍କ ହାତରେ ନ୍ୟସ୍ତ ହୋଇଛି ।

ପଣ୍ଡାମାନେ ଦେଉଳକୁ ଦେବଦର୍ଶନପାଇଁ ଆସୁଥିବା ଯାତ୍ରୀମାନଙ୍କର ନାମ ଧାମ ଲେଖି ରଖିଥାଆନ୍ତି । ଭାରତର ବିଭିନ୍ନ ପ୍ରାନ୍ତରୁ ଏମାନେ ଆସନ୍ତି । ଏହି ତାଲିକାରେ ଧୋବା, ଚମାର, ଧେଡ, ନମଶୂଦ୍ର ବର୍ତ୍ତମାନ ଯେଉଁମାନଙ୍କୁ ଅଚ୍ଛବ ଜାତି ବୋଲି କୁହାଯାଉଛି ସେମାନେ ଦର୍ଶନ କରିଥିବା ପ୍ରମାଣ ଏହି ଖାତାରୁ ମିଳେ । ୫୦ବର୍ଷ ତଳର ଯାତ୍ରୀ ଖାତା ମଧ୍ୟ ଏ ସମ୍ବନ୍ଧେ ଅଛି । ଏହି ଖାତାରେ ଦେବାଳୟର ସେବା ଆରାଧନା ସମ୍ବନ୍ଧେ ୩୬ ପ୍ରକାର ବିଧାନର ବ୍ୟବସ୍ଥା ଉଲ୍ଲେଖ ହୋଇଛି । ଦେଉଳ

Digitized by PPRACHIN, SOA

ଭିତରେ ଦର୍ଶନପାଇଁ ପ୍ରବେଶ କରୁଥିବା କୌଣସି ଯାତ୍ରୀର ନାମ, ଧାମ, ଜାତି ଗୋତ୍ର ପ୍ରଶ୍ନ କରିବାପାଇଁ କୌଣସିଠାରେ କାହାକୁ ଅଧିକାର ଦିଆଯାଇ ନାହିଁ । ଅଛୁଆ ଜାତିର ଲୋକମାନଙ୍କୁ ଦେବଦର୍ଶନ ସୁବିଧା ଦିଆଯିବ ନାହିଁ, ଏ ବିଷୟ କୌଣସିଠାରେ ନାହିଁ । ମହାତ୍ମାଗାନ୍ଧୀ ଯେତେବେଳେ ପ୍ରଥମଥର ହରିଜନଙ୍କପାଇଁ ଉପବାସ ବ୍ରତ ଗ୍ରହଣ କରିଥିଲେ, ମୁଁ ସେତେବେଳେ ଜେଲ୍‌ରେ ଥିଲି । ଗୁରୁବାୟୁରଠାରେ ଯେପରି ପ୍ରଣାଳୀ ଅନୁସୃତ ହୋଇଥିଲା ଏଠାରେ ମଧ୍ୟ ସେପରି ଆନ୍ଦୋଳନ କେତେକ କର୍ମୀ କରିପକାଇଥିଲେ । ପୁରୀ ଦେଉଳରେ କୌଣସି ହରିଜନକୁ ପ୍ରବେଶ ନିଷେଧ ନାହିଁ ଏହା ପ୍ରଚାର ନ କରି ଏମାନେ ଦେଉଳ କର୍ତ୍ତୃପକ୍ଷଙ୍କଠାରୁ ପ୍ରବେଶ ଅନୁମତି ଲୋଡ଼ି ବସିଲେ । ଏହି ସୁବିଧା ନେଇ ପୁରୀର ରକ୍ଷଣଶୀଳମାନେ ବିରୁଦ୍ଧ ଆନ୍ଦୋଳନ ସୃଷ୍ଟି କଲେ । ଉତ୍ତରାଞ୍ଚଳର କେତେକ ମହନ୍ତ ପୁରୀରାଜାଙ୍କୁ ପ୍ରଭାବିତ କଲେ । ସେ ହେଉଛନ୍ତି ଦେଉଳର ସୁପରିଣ୍ଟେଣ୍ଡେଣ୍ଟ । ଅଛୁଆମାନଙ୍କୁ ଦେଉଳ ଭିତରେ ପ୍ରବେଶ ଅଧିକାର ନ ଦେବାଦ୍ୱାରା ସେ ଯେଉଁ ଅଧିକାର ପାଇଛନ୍ତି, ଏହାଦ୍ୱାରା ସେ ଅନେକ ଧନଲାଭ କରିପାରିବେ ବୋଲି ଏହି ରକ୍ଷଣଶୀଳ ଲୋକେ ପୁରୀ ରାଜାଙ୍କୁ କହିଥିବା ପ୍ରକାଶ । ରାଜା ମଧ୍ୟ ପଣ୍ଡାଙ୍କୁ ବ୍ୟକ୍ତିବିଶେଷଙ୍କୁ ଦେଉଳରେ ପ୍ରବେଶ କରାଇଥିବା ଅପରାଧରେ ଜୋରିମାନା କରିପାରନ୍ତି ବୋଲି ଏମାନେ କହିଥିବା ପ୍ରକାଶ । କିନ୍ତୁ ଏହି ବିରୁଦ୍ଧ ଆନ୍ଦୋଳନର ବିଶେଷ ଶକ୍ତି ନ ଥିଲା । ଏହାଦ୍ୱାରା ଜନମତ ସେମାନଙ୍କ ସପକ୍ଷରେ ପ୍ରଭାବିତ ହୋଇପାରିଲା ନାହିଁ । କିନ୍ତୁ ଧନୀମାନଙ୍କ ଧନ ପ୍ରଭାବରେ ଆନ୍ଦୋଳନକୁ ସଙ୍ଗଠିତ କରିବା ସମୟରେ ମୁଁ ଜେଲ୍‌ରୁ ମୁକ୍ତି ପାଇଲି, ସେତେବେଳକୁ ମହାତ୍ମାଗାନ୍ଧୀ କଠୋର ପ୍ରାୟୋପବେଶନର ଘୋଷଣା କରିସାରିଥିଲେ । ପୁରୀ ଦେଉଳ ସମ୍ବନ୍ଧେ ଏଥିପୂର୍ବ ଯେଉଁ ଭୁଲ ମାର୍ଗ ଅବଲମ୍ବନ କରାଯାଇଛି, ସେ ସମ୍ବନ୍ଧେ ମୁଁ ଭାବିତ ନ ଥିଲି ଓ ହଠାତ୍ କାର୍ଯ୍ୟ ଆରମ୍ଭ କରିବା ବାଞ୍ଛନୀୟ ମନେ କଲି । ମୋର କାର୍ଯ୍ୟପନ୍ଥା ପ୍ରକାଶ କଲି । ପତ୍ରପତ୍ରିକା ଓ ବକ୍ତୃତାମାନଙ୍କର ପ୍ରଚାର ଫଳରେ ଜନମତ କ୍ରମେ ଶକ୍ତିଶାଳୀ ହୋଇଉଠିଲା । ମହନ୍ତମାନେ ଓ ପୁରୀର ରାଜାସାହେବ ବୁଝିପାରିଲେ ଯେ ସେମାନଙ୍କ ପଛରେ ଜନମତର ସମର୍ଥନ ନାହିଁ ।

ଜନମତଦ୍ୱାରା ପ୍ରଭାବିତ ଓ ଉତ୍ସାହିତ ହୋଇ ପଣ୍ଡାମାନେ ସେମାନଙ୍କର ଇସ୍ତାହାର ପତ୍ରିକାରେ ପ୍ରକାଶ କଲେ । ଏହି ଇସ୍ତାହାରରେ ଏମାନେ ପୁରାତନ ଓ ନୂତନ ଖାତାମାନ ଦେଖି ହରିଜନମାନେ କୌଣସି ସମୟରେ ଦେବାଳୟରେ ପ୍ରବେଶ କରି ଦେବଦର୍ଶନରୁ ବିରତ କିମ୍ବା ନିଷିଦ୍ଧ ହୋଇ ନାହାନ୍ତି ଏହାର ପ୍ରାମାଣିକତା

Digitized by PPRACHIN, SOA

ଦେଖାଇଲେ । ପଣ୍ଡାମାନଙ୍କ ଏହି ଇସ୍ତାହାର ଫଳରେ ବିଶେଷ ଚାଞ୍ଚଲ୍ୟ ଉପସ୍ଥିତ ହେଲା । ମୋର କର୍ମ ଯୋଜନା ନିମ୍ନୋକ୍ତ ପ୍ରକାରେ ପ୍ରକାଶ କଲି ।

୧. ପୁରୀ ଓ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଏ ସମ୍ବନ୍ଧେ ଜନମତ ଶକ୍ତିଶାଳୀ କରିବାପାଇଁ ପତ୍ରିକା ଓ ବକ୍ତୃତାଦ୍ୱାରା ପ୍ରଚାର, ଏହି ପ୍ରଚାରରେ ଜଗନ୍ନାଥ ମନ୍ଦିରର ପ୍ରକୃତ ଉଦ୍ଦେଶ୍ୟ ବୁଝାଇବା ଓ ଆମ୍ଭମାନଙ୍କ ହାତରେ ଯେଉଁ ସାମ୍ୟଧର୍ମର ସମ୍ପତ୍ତି ପରମ୍ପରାକ୍ରମେ ସମର୍ପିତ ହୋଇଆସିଛି, ସେଥିରେ ରକ୍ଷଣଶୀଳତାର ଗନ୍ଧ ପ୍ରବେଶ କରାଇ ଧର୍ମହତ୍ୟା କରିବା କିପରି ଅନୁଚିତ ତାହା ବୁଝାଇବାପାଇଁ ଏହି ପ୍ରଚାର ଚାଲିଲା ।

୨. ମୁକ୍ତିମଣ୍ଡପର ପୁନର୍ଗଠନ, ବୟଃପ୍ରାପ୍ତ ପୁରୁଷମାନେ ଭୋଟ ଦେଇ ନିର୍ବାଚିତ ପ୍ରତିନିଧିଙ୍କୁ ଏହି ସଭାକୁ ପଠାଇବାପାଇଁ ବ୍ୟବସ୍ଥା ହେଲା । ମେ ୧୬ ତାରିଖରେ ଏ କାର୍ଯ୍ୟ ଆରମ୍ଭ ହେଲା ଓ ୧୭ ତାରିଖରେ ଭୋଟଦାତାଙ୍କ ଲିଷ୍ଟ ପ୍ରସ୍ତୁତ ହୋଇଗଲା ।

୩. ତୃତୀୟ ପନ୍ଥା ହେଲା ମୁକ୍ତିମଣ୍ଡପ ସଭା । ଗୋଟିଏ ବିଶେଷ ଅନୁସନ୍ଧାନ କମିଟି ବସାଇ ଏହି ବିବାଦ ସମ୍ବନ୍ଧେ ତଦନ୍ତ କରିବେ । ଏହି କମିଟିରେ ଜଣେ ବେସରକାରୀ ବିଚାରପତି (ଯଦି ମିଳନ୍ତି), ଜଣେ ଶାସ୍ତ୍ର ବିଶାରଦ ପଣ୍ଡିତ, ରାଜା ଓ ମହନ୍ତଙ୍କ ମନୋନୀତ ପଣ୍ଡିତ ପ୍ରଭୃତି ଏହି କମିଟିରେ ରହିବେ । ଏ କମିଟି ସାକ୍ଷ୍ୟ ନେବେ । ଏ କମିଟିର ସୁପାରିସ ଉପରେ ମୁକ୍ତିମଣ୍ଡପ ସଭା ନିଷ୍ପତ୍ତି ଦେବେ ।

ଏହିପରିଭାବେ ନୀଳକଣ୍ଠ ପୁରୀ ମନ୍ଦିରରେ ଅସ୍ପୃଶ୍ୟମାନଙ୍କର ପ୍ରବେଶାଧିକାର ଏବଂ ମୁକ୍ତିମଣ୍ଡପର ସଂସ୍କାର ଓ ପୁନର୍ଗଠନପାଇଁ ୧୯୩୩-୩୪ରେ ଉଦ୍ୟମ ଚଳାଇଥିଲେ । ତାଙ୍କର ଉଗ୍ରସଂସ୍କାରକ ରୂପ ଏଥିରୁ ଆବିଷ୍କାର କରାଯାଇପାରେ ।

ନୀଳକଣ୍ଠଙ୍କର ସଂସ୍କାରକ ପ୍ରାଣ ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାରେ ବିଶେଷ ପ୍ରକାଶିତ ହୋଇଥିଲା । ଉତ୍କଳ ସାହିତ୍ୟ ଓ ମୁକୁର ପରି ସାହିତ୍ୟ ପତ୍ରିକା ଦ୍ୱୟରେ ତାଙ୍କର ସଂସ୍କାରଧର୍ମୀ ରଚନାମାନ ପ୍ରକାଶ ପାଇଥିଲା । ଏପରିକି ନିଜ ସମ୍ପାଦିତ ନବ୍‌ଭାରତ ଓ ସେବାରେ ମଧ୍ୟ ସେ ସମାଜରେ ପ୍ରତିବାଦ ଓ ପୁନର୍ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ୧୯୨୮ ମସିହାରେ ଓଡ଼ିଆ ସାହିତ୍ୟର ଗତି ସମ୍ପର୍କରେ ଆଲୋଚନା କରି ଆଶାର ପ୍ରତିନିଧିମାନଙ୍କୁ ଏକ ଚମତ୍କାର ଅଭିମତ ଦେଇଥିଲେ – 'ସାରସ୍ୱତ ସେବା ଓଡ଼ିଆରେ ଏବେ ମଧ୍ୟ ବିରଳ ଏବଂ ସାହିତ୍ୟର ରୁଚି ଓଡ଼ିଶା ପାଇଁ ନାହିଁ । ଇଂରାଜୀରେ ଯାହାକୁ ? ର କହନ୍ତି ସେହିପରି ଆଲୋଚନା ଗବେଷଣା ଓ ତତ୍ତ୍ୱ ବିନିର୍ଣ୍ଣୟ ମୂଳକ ଲେଖାସବୁର ଶୀଘ୍ର ଆଦର ନ ହେଲେ ଓଡ଼ିଆ ସାହିତ୍ୟ ଗଭୀର

Digitized by PPRACHIN, SOA

ମୌଳିକତା ଓ ଅସ୍ପୃଶ୍ୟତା ଆଦର୍ଶରେ ପ୍ରତିଷ୍ଠିତ ହେବାରେ ବିଳମ୍ବ ହେବ । ଏ ଯୁଗରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି କୌଣସି କାରଣରୁ ହେଲେ ହୀନଦୃଷ୍ଟି ପକାଇବା କୌଣସି ଓଡ଼ିଆ ତଥା ଭାରତ ଜାତୀୟ ଧର୍ମୀର ଅଧିକାର ନାହିଁ ବୋଲି ମୋର ମତ । ବଙ୍ଗଳା ଓଡ଼ିଆ ସାମଞ୍ଜସ୍ୟ ବହୁତ ବେଶି ଏବଂ ବଙ୍ଗଳା ସାହିତ୍ୟ ଇଂରେଜ ସାମ୍ରାଜ୍ୟରେ ଇଂରେଜୀ ତଳେ ଠିକ୍ ଦ୍ୱିତୀୟ ସ୍ଥାନ ମାଡ଼ି ବସିଅଛି । ତାହାର ଗତିରୋଧ କରିବା ଅସମ୍ଭବ ହେଲେହେଁ ପ୍ରାଚୀନ ସାହିତ୍ୟ ଓ ମୌଳିକ ଭାଷାର ସମ୍ୟକ୍ ଆଦର ଓ ଅନୁଶୀଳନରେ ଅତି ଶୀଘ୍ର ଓଡ଼ିଆ ପ୍ରାଣପ୍ରତିଷ୍ଠା ସର୍ବଥା କରଣୀୟ । ଆଦାନରେ ଦୋଷ ନାହିଁ କିନ୍ତୁ ଦୁର୍ବଳ ଅନୁକରଣ ବ୍ୟକ୍ତିତ୍ୱ ହ୍ରାସ କଲେ । ଜୀବନ୍ତ ବ୍ୟକ୍ତିତ୍ୱର ଆଦାନ ପରିପାଟୀ ବୁଝି ସାହିତ୍ୟିକମାନଙ୍କର କର୍ମକ୍ଷେତ୍ରରେ ଅଗ୍ରସର ହେବା ବାଞ୍ଛନୀୟ ।' (ଆଶା, ଅଗଷ୍ଟ ୨୭, ୧୯୨୮)

ଉତ୍କଳ ସାହିତ୍ୟ ସମାଜର ଦୁର୍ଗତିକୁ ଲକ୍ଷ୍ୟ କରି ଲକ୍ଷ୍ମୀନାରାୟଣ ସାହୁ (ସାହିତ୍ୟ ସମାଜ ସମ୍ପାଦକ)ଙ୍କୁ ୧୯୩୪ ଜାନୁଆରୀ ୧୫ରେ ଗୋଟିଏ ପତ୍ର ପଠାଇଥିଲେ । ସେଥିରେ ସେ ଲେଖିଥିଲେ – 'ଉତ୍କଳ ସାହିତ୍ୟ ସମାଜରେ ଯୋଗ ଦେଇ କାର୍ଯ୍ୟ କରିବି ବୋଲି ଯୌବନରେ ମୋର ଏବଂ କେତେକ ସାହିତ୍ୟିକ ବନ୍ଧୁଙ୍କର ବହୁ ପରିକଳ୍ପନା ଥିଲା । କିନ୍ତୁ ବିଧାତା ତାହା କରିଦେଲେ ନାହିଁ । ଏତେ ଦିନ ଧରି ସମାଜ ବଞ୍ଚିରହିଛି ସତ, କିନ୍ତୁ ମୁଁ ବୁଝିବାରେ କିଛି ଉନ୍ନତି ହୋଇଛି ବୋଲି ମନେହୁଏ ନାହିଁ । ଫକୀରମୋହନ, ଗୋପୀନାଥ ନନ୍ଦ, ମୃତ୍ୟୁଞ୍ଜୟ ରଥ ପ୍ରଭୃତିଙ୍କ ପରି ପ୍ରତିଭାଶାଳୀ ଓ ଅଧ୍ୟବସାୟୀ ସାହିତ୍ୟସେବୀଙ୍କ ପରେ ଆଉ ସାହିତ୍ୟର ସୋପାନ ଯଥାର୍ଥରେ ଉଚ୍ଚକୁ ଉଠିଥିବାର ମୋ ଆଖିରେ ପଡ଼ି ନାହିଁ । ଯଦି ଆମର ସାହିତ୍ୟ ସମାଜର ଆଲୋଚନାରେ ଗୋଟିଏ ବୈଜ୍ଞାନିକ ଧାରା ଫୁଟିଉଠେ, ତେବେ ମୁଁ ମଧ୍ୟ ଉକ୍ତ ବିଷୟମାନଙ୍କରେ ପ୍ରସ୍ତୁତ ହୋଇ ଆଲୋଚନା ଆରମ୍ଭ କରିବାକୁ ବାହାରିପାରେ ।

ନବଭାରତ ପୃଷ୍ଠାରେ ମାନବ ପ୍ରକୃତିର ଧାରା ପ୍ରତିକ୍ରିୟାର ପରମ୍ପରା ପ୍ରବନ୍ଧର ଚାରି କିସ୍ତିର ଆଲୋଚନା, ବିଧାତାଙ୍କ ସୃଷ୍ଟି ପରି ପ୍ରବନ୍ଧଗୁଡ଼ିକ ନୀଳକଣ୍ଠୀୟ ସମାଜତାତ୍ତ୍ୱିକ ତଥା ଦାର୍ଶନିକ ଦୃଷ୍ଟିକୋଣର ପରିଚାୟକ । ସେହିପରି ୧୯୩୮ରେ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ତାଙ୍କର ସଭାପତି ଅଭିଭାଷଣ ତାଙ୍କ ପ୍ରସାରିତ ଦୃଷ୍ଟିକୋଣର ସୂଚକ । ୧୯୩୧ ମସିହାଠାରୁ ୧୯୩୮ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ କାଳରେ ନୀଳକଣ୍ଠ ଆର୍ଥନୀତିକ ସଂସ୍କାର ଓ ସଙ୍ଗଠନ କାର୍ଯ୍ୟରେ ବେଶ୍ ଆଗେଇ ଯାଇଥିଲେ । ସେ କହିଥିଲେ – 'ମତରେ ମାତ ନାହିଁ,

Digitized by PPRACHIN, SOA

କାର୍ଯ୍ୟ କରି ଚାଲ । ୧୯୩୮ ରେ ପ୍ରଜାସ୍ୱତ୍ୱ ଆଇନ ଉପରେ ସେ ଭୁବନେଶ୍ୱରଠାରେ ଯେଉଁ ଭାଷଣ ଦେଇଥିଲେ ତାହା ପ୍ରଚଣ୍ଡ ସଂସ୍କାରଧର୍ମୀ ଏବଂ ତାଙ୍କ ଆର୍ଥନୀତିକ ପୁନର୍ଗଠନ କାର୍ଯ୍ୟକ୍ରମର ସୂଚନା ବହନ କରେ । C 1938. Government of Orissa. File No. 156, Accession No - 958. Orissas State Archives, Bhubaneswar) ୧୯୩୪ ମସିହାରେ ନିଖିଳ ଉତ୍କଳ ଯୁବକ ସମ୍ମିଳନୀର ଉଦ୍‌ଘାଟନ ବେଳେ ପଣ୍ଡିତ ନୀଳକଣ୍ଠ ଦାସ କହିଥିଲେ – 'ଗଛର ନୂଆ ପତ୍ର ସୂର୍ଯ୍ୟ ଆଡ଼କୁ ସ୍ୱାଧୀନ ଭାବରେ ଫିଟିଲା ପରି ତରୁଣର ପ୍ରାଣପ୍ରବାହ ସ୍ୱାଧୀନ ଭାବରେ ମୁକ୍ତି ଆଡ଼କୁ ଉନ୍ମୁକ୍ତ । ପ୍ରବୀଣ ହିସାବ କିତାବ କରି ସେ ଭାବର ଅବରୋଧ କରେ । ପ୍ରବୀଣର ତାହା ଉଚିତ ନୁହେଁ । କିନ୍ତୁ ତରୁଣ ମଧ୍ୟ ପରମ୍ପରା ଓ ପ୍ରବୀଣତାର ପାଠ ଉପରେ ନିଜର ବ୍ୟକ୍ତିତ୍ୱ ପ୍ରତିଷ୍ଠିତ ନ କଲେ ତରୁଣର ପ୍ରାଣ ବିଶୃଙ୍ଖଳ ହୁଏ । ଏଇ ଗଛ ଆଡ଼କୁ ଦେଖ । ବସନ୍ତର ନୂଆ ପତ୍ର ସବୁ ସୂର୍ଯ୍ୟ ଆଡ଼କୁ ସ୍ୱାଧୀନ ଭାବରେ ଫୁଟିଯାଉଛି । ଏହି ନୂତନତା ହିଁ ପ୍ରକୃତିର ସୌନ୍ଦର୍ଯ୍ୟ । ଏଥିରେ ହିଁ ପ୍ରକୃତିର ସ୍ୱତଃ ବିକାଶ । ହଳଦିଆ ପତ୍ର ଡେମ୍ଫରୁ ଖସି ତଳେ ପଡ଼ିଯାଉଛି । ନୂଆ ପତ୍ର ଓ ଫୁଲର ବିକାଶ ଗତି ବା ପ୍ରଗତି ଯଦି ପାଚିଲା ପତ୍ରରେ ଅବରୁଦ୍ଧ ହୁଏ, ତାହା ହେଲେ ପ୍ରଗତି ଘୋର ଅଗ୍ରଗତିରେ ଅବିଚ୍ଛିନ୍ନ ହେବ । କିନ୍ତୁ ଏହା ବୋଲି ପୁରୁଣା ପତ୍ରର କ୍ରିୟା ନୂତନ ପତ୍ରର ସ୍ୱାଧୀନତା ପୀଠ । ପତ୍ର ପାଚି ଖସିପଡୁଛି । ଆତ୍ମଦାନ କରି ଖତରୂପେ ତାହା ଗଛର ରସ ହୋଇ ନୂତନ ପତ୍ରର ପ୍ରାଣପୀଠରୂପେ ତା'ର ସ୍ୱାଧୀନ ବିକାଶରେ ସାହାଯ୍ୟ କରୁଛି । ଏହାହିଁ ବ୍ୟକ୍ତି, ସମାଜ ତଥା ଜାତିର ପରମ୍ପରା । ପରମ୍ପରା ପ୍ରାଚୀନ ହେଲେହେଁ ତାହାହିଁ ତରୁଣ ପ୍ରାଣର ରସ, ସ୍ୱାଧୀନ ବିକାଶର ଭିତ୍ତି । ବିଶୃଙ୍ଖଳ ସ୍ୱାଧୀନତାର ଏହି ସଂଯତ ବିକାଶ ହିଁ ନୂତନତା ଓ ପ୍ରବୀଣତାର ଏହି ମଧୁର ସଂଶ୍ଳେଷଣ ହିଁ ଜାତୀୟତା ତଥା ବ୍ୟକ୍ତିତ୍ୱ । (ଏପ୍ରିଲ ୨, ୧୯୩୪, ଆଶା)

ରାଜନୀତିକ ଜୀବନରେ ନୀଳକଣ୍ଠ ଥିଲେ ଅତ୍ୟନ୍ତ ସଂଗ୍ରାମଶୀଳ । କଲିକତା ଓ ଓଡ଼ିଆ ସମାଜ ସଙ୍ଗଠନଠାରୁ ଆରମ୍ଭକରି ମହାତ୍ମାଗାନ୍ଧୀଙ୍କର ଆଦର୍ଶ ଅହିଂସା ଆନ୍ଦୋଳନ ପର୍ଯ୍ୟନ୍ତ ପ୍ରାଦେଶିକ କଂଗ୍ରେସ ସଙ୍ଗଠନଠାରୁ ଫରୱାର୍ଡ଼ ବ୍ଲକ ପ୍ରତି ଉଦାର ମନୋଭାବ ପର୍ଯ୍ୟନ୍ତ ରାଷ୍ଟ୍ରନୀତିରେ ଅଂଶଗ୍ରହଣ କରି ନୀଳକଣ୍ଠ ବିଷ ହିଁ ପାଇଥିଲେ ବେଶି, ଅମୃତ ପ୍ରାୟ ତାଙ୍କ ଭାଗ୍ୟରେ ଜୁଟି ନ ଥିଲା । (ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରବନ୍ଧ, ପ୍ରଜାତନ୍ତ୍ର, ୧୫ ନଭେମ୍ବର ୧୯୬୭) ଏ ପଥରେ ବହୁ କ୍ଳାନ୍ତି ଓ ବିପର୍ଯ୍ୟୟ ଛଡ଼ା ତାଙ୍କୁ ଶାନ୍ତି ଓ ଆରାମ ମିଳନ୍ତା ନାହିଁ । ସମ୍ମାନର ସବୁ ସମ୍ଭାବନାକୁ ସେ ପଦାଘାତ କରି ରାଜନୀତିକ ଜୀବନରେ ବେଶ୍ କିଛି ବାଟ ଆଗେଇ ଯାଇଛନ୍ତି । ରାଜନୀତିରେ ସମସ୍ତ ସଂଘର୍ଷ,

Digitized by PPRACHIN, SOA

ସମସ୍ତ ଉତ୍‌ଥାନ ପତନ ତଥା କର୍ମପ୍ରବଣତାକୁ ଗ୍ରହଣ କରିନେଇଥିଲେ । ନୀଳକଣ୍ଠ ରାଷ୍ଟ୍ରନୀତିର ନିଷିଦ୍ଧ ଅଞ୍ଚଳରେ ପଶି ସେ ଯେପରି କ୍ଷତ ହିଁ ପାଇଲେ ବେଶି, ଜୟମାଲ୍ୟ ଖୁବ୍ କମ୍ । ସେ କ୍ଷତର ଜ୍ୱାଳା ତାଙ୍କର ଅଦମ୍ୟ । ପୌରୁଷକୁ ହୁଏତ ରଷି ଦାମ୍ଭିକତାରେ ପରିଣତ କରିଦେଇଥିଲା ।

ନୀଳକଣ୍ଠ ସଂସ୍କାରକ ଓ ସଙ୍ଗଠକ ହିସାବରେ ଓଡ଼ିଶାରେ ବେଶ୍ ସୁପରିଚିତ । ତାଙ୍କ ଦୃଷ୍ଟିକୋଣର ନିରପେକ୍ଷ ବିଚାର ହେଲେ ଏବଂ ତାଙ୍କର ସାମାଜିକ ଚିନ୍ତା ଗର୍ଭିତ ଆଲୋଚନାଗୁଡ଼ିକର ସଂଗ୍ରହ ହେଲେ ତାଙ୍କ ସମ୍ପର୍କିତ ଅଧ୍ୟୟନ ଅଧିକ ପ୍ରସାରିତ ହେବ ।

*(ବି.ଦ୍ର – ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମିତି ଭୁବନେଶ୍ୱର ଆନୁକୂଲ୍ୟରେ ନୀଳକଣ୍ଠ ଦାସଙ୍କ ୩୬ତମ ଶ୍ରାଦ୍ଧଦିବସ ଉପଲକ୍ଷେ ୬ ନଭେମ୍ବର ୨୦୦୩ରେ ଉପସ୍ଥାପିତ ସ୍ମାରକୀ ବକ୍ତୃତାମାଳା)*

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ବୈଶିଷ୍ଟ୍ୟ

**ବିଜୟାନନ୍ଦ କର**

ଅଦ୍ୟ ଅଧିବେଶନର ସଭାପତି ଶ୍ରୀଯୁକ୍ତ ଅମିୟ ଭୂଷଣ ତ୍ରିପାଠୀ ମହୋଦୟ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଶରତ କୁମାର କର ମହୋଦୟ, ସ୍ମୃତି ସମିତିର ସମ୍ପାଦକ ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ ମହୋଦୟ ଏବଂ ଉପସ୍ଥିତ ସୁଧୀବୃନ୍ଦ ।

ପ୍ରତି ବର୍ଷ ପଣ୍ଡିତ ନୀଳକଣ୍ଠଙ୍କ ଶ୍ରାଦ୍ଧଦିବସ ଅବସରରେ ସ୍ମୃତି ସମିତି ସ୍ମାରକୀ ବକ୍ତୃତାର ଆୟୋଜନ କରିଥାଏ । ଚଳିତ ବର୍ଷ (୨୦୦୮), ସ୍ମୃତି ସମିତି ମତେ ଏହି ବକ୍ତୃତା ପ୍ରଦାନ ନିମନ୍ତେ ଅନୁରୋଧ କରିଥିବାରୁ ସମିତି ପ୍ରତି ମୁଁ କୃତଜ୍ଞ ।

ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ପ୍ରଖ୍ୟାତ ରାଜନୀତି ବିଶାରଦ ଭାବେ ଅବଶ୍ୟ ପରିଗଣିତ । ଓଡ଼ିଆ ଭାଷା ତଥା ସାହିତ୍ୟ ପ୍ରତି ତାଙ୍କର ଅବଦାନ ବାସ୍ତବିକ ଅବିସ୍ମରଣୀୟ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଗତ ଶତାବ୍ଦୀରେ ଓଡ଼ିଶାରେ ଯେଉଁ 'ପଞ୍ଚସଖା'ର ଉଦ୍ରେକ ହୋଇଥିଲା, ସେଥିରେ ଓଡ଼ିଆ ସାମାଜିକ ଚାଲିଚଳଣ ତଥା ଚିରାଚରିତ ବ୍ୟବସ୍ଥା ଉପରେ ସଂସ୍କାରମୂଳକ ପଦକ୍ଷେପ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ବିବେଚିତ ହୋଇଛି । ସେଥିରେ ନୀଳକଣ୍ଠଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଏହିସବୁ ପ୍ରସଙ୍ଗ ଉପରେ ଓଡ଼ିଶାର ବୌଦ୍ଧିକ ଗୋଷ୍ଠୀ ପର୍ଯ୍ୟାଲୋଚନା କରିଛନ୍ତି । କହିବା ବାହୁଲ୍ୟ ନୁହେଁ ଯେ ଉପରୋକ୍ତ ବିବିଧ ବିଷୟଗୁଡ଼ିକରେ ନୀଳକଣ୍ଠଙ୍କ ବିମର୍ଶନ ସାଧାରଣତଃ ସ୍ୱାଗତଯୋଗ୍ୟ ।

କିନ୍ତୁ, ଏ'ସବୁ ବ୍ୟତୀତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ଏକ ଅଲଂଘନୀୟ ଦୃଷ୍ଟିଭଙ୍ଗୀକୁ ଓଡ଼ିଶାର ବୌଦ୍ଧିକ ଗୋଷ୍ଠୀ ଉଲ୍ଲେଖନୀୟଭାବେ ଚର୍ଚ୍ଚା କରି ନାହାନ୍ତି । ତାହା ପ୍ରାୟତଃ ଅବହେଳିତ ହୋଇଛି ବୋଲି ମୋର ଧାରଣା । ଏଠାରେ ମୁଁ ସେହି ବିଷୟକୁ ଉପସ୍ଥାପିତ କରି ତାହାର ଉପାଦେୟତା ଏବଂ ସାମ୍ପ୍ରତିକ ପରିସ୍ଥିତିରେ ତାହାର ଉଭୟ ବୈଧତା ଏବଂ ଉପଯୋଗିତା ସମ୍ବନ୍ଧରେ ଯତ୍‌କିଞ୍ଚିତ୍ ଅନୁଶୀଳନ କରିବି ଏବଂ ମୋର ବିନମ୍ର ମନ୍ତବ୍ୟ ବ୍ୟକ୍ତ କରିବି ।

Digitized by PPRACHIN, SOA

ସେହି ଅବହେଳିତ ଦୃଷ୍ଟିଭଙ୍ଗୀଟି ହେଉଛି ନୀଳକଣ୍ଠଙ୍କ ଦାର୍ଶନିକ ବୈଶିଷ୍ଟ୍ୟ । ଏହା ଅବଶ୍ୟ ଉଲ୍ଲେଖ କରିବା କଥା ଯେ ତାଙ୍କର ଶୈକ୍ଷିକ ଅବଧିର ଶେଷ ପର୍ଯ୍ୟାୟରେ ସେ ଦର୍ଶନ ବିଷୟରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । ଯଦିଓ ରୁଗ୍ଣ ଅବସ୍ଥାରେ ପରୀକ୍ଷା ଦେଇ ସେ ବିଶେଷ ସଫଳତା ପାଇ ନ ଥିଲେ, ତଥାପି ତାଙ୍କର ପ୍ରତିଭା ଛାତ୍ରାବସ୍ଥାରୁ ହିଁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଗୋଷ୍ଠୀ ଏବଂ ତତ୍କାଳୀନ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେଥିଯୋଗୁଁ ସେ ବିଶ୍ୱବିଦ୍ୟାଳୟରେ ନୂତନଭାବେ ଖୋଲାଯାଇଥିବା ତୁଳନାତ୍ମକ ଭାଷା-ତତ୍ତ୍ୱ ବିଭାଗରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିଲେ । ଅବଶ୍ୟ ସେହି ନିଯୁକ୍ତି ସ୍ୱଳ୍ପକାଳପାଇଁ ରହିଥିଲା । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଓ ଗୋପବନ୍ଧୁଙ୍କ ପ୍ରେରଣାରେ ନୀଳକଣ୍ଠ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ତ୍ୟାଗ କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ପଞ୍ଚସଖାର ଅନ୍ୟମାନଙ୍କ ସାହଚର୍ଯ୍ୟରେ ସତ୍ୟବାଦୀ ବକୁଳ ବନବିଦ୍ୟାଳୟ ସ୍ଥାପନା କରି ସେଥିରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ ।

ଇତି ମଧ୍ୟରେ ଅସହଯୋଗ ଆନ୍ଦୋଳନର ସକ୍ରିୟ ଭୂମିକା ନେଇଥିବାରୁ ସେ ତତ୍କାଳୀନ ସରକାରଙ୍କଦ୍ୱାରା ହଜାରିବାଗ ଜେଲ୍‌ରେ କାରାବରଣ କରିଥିଲେ । ସେଠାରେ ତାଙ୍କର ରାଜେନ୍ଦ୍ରପ୍ରସାଦ (ଯେ କି ପରବର୍ତ୍ତୀ କାଳରେ ସ୍ୱାଧୀନ ଭାରତର ଅନ୍ୟତମ ରାଷ୍ଟ୍ରପତି)ଙ୍କ ସହ ପରିଚୟ ହୋଇଥିଲା । ସେହିଠାରେ ବନ୍ଦୀ ଅବସ୍ଥାରେ ଉଭୟଙ୍କ ମଧ୍ୟରେ ରାଜନୀତି, ଜାତୀୟତାବୋଧ, ସାମାଜିକ ସଂସ୍କାର, ଇତିହାସର ପୁନର୍ବିନ୍ୟାସ, ସଂସ୍କୃତିର ପୁନର୍ବିଚାର, ଧର୍ମୀୟ ବ୍ୟବସ୍ଥାର ପରିବର୍ତ୍ତନ ତଥା ଦାର୍ଶନିକ ଦୃଷ୍ଟି ନେଇ ବହୁଳ ଚର୍ଚ୍ଚା ହୋଇଥିଲା ଏବଂ ସେହି ସମୟରେ ଗାନ୍ଧିଙ୍କ ଗୀତା ବିଷୟକ ଧାରଣା ନେଇ ମଧ୍ୟ ପାରସ୍ପରିକ ଆଲୋଚନା ହୋଇଥିଲା । ନୀଳକଣ୍ଠ ଗାନ୍ଧୀଙ୍କ ଗୀତା ବିଷୟକ ମତବାଦକୁ ଗ୍ରହଣ କରୁ ନ ଥିଲେ ଏବଂ ରାଜେନ୍ଦ୍ର ପ୍ରସାଦଙ୍କ ପ୍ରବର୍ତ୍ତନାରେ ଗୀତାର ଗଭୀର ଅଧ୍ୟୟନ ତଥା ଅନୁଶୀଳନ କରିଥିଲେ । ଫଳତଃ, ତାଙ୍କ ରଚିତ ଶ୍ରୀମଦ୍ ଭଗବଦ୍‌ଗୀତା ପୁସ୍ତକ ପ୍ରକାଶ ପାଇଛି ।

ପୁସ୍ତକଟି ଓଡ଼ିଆରେ ଲେଖାଯାଇଛି । ଗୀତାର ପ୍ରତ୍ୟେକ ସଂସ୍କୃତ ଶ୍ଳୋକର ଅନୁବାଦ ସହିତ ନୀଳକଣ୍ଠ ନିଜର ବ୍ୟାଖ୍ୟା ଯୋଗ କରିଛନ୍ତି । ଗୀତା ଉପରେ ଅବଶ୍ୟ ହିନ୍ଦୁ ଧର୍ମୀୟ ତଥା ବହୁ ବୌଦ୍ଧିକ ବିଶାରଦଗଣ ସ୍ୱ ସ୍ୱ ଦୃଷ୍ଟିରୁ ଭାଷ୍ୟରଚନା କରିଛନ୍ତି । ପ୍ରାଚ୍ୟ ପରମ୍ପରାରେ ଶଙ୍କର ଓ ରାମାନୁଜଙ୍କଦ୍ୱାରା ରଚିତ ଗୀତାଭାଷ୍ୟ

Digitized by PPRACHIN, SOA

ସୁବିଦିତ । ଏହାଛଡ଼ା ଗୀତା ଉପରେ ଆଧୁନିକ ଯୁଗରେ ଅନେକ ବିଦ୍ୱାନ୍ ଭାରତୀୟ ଏବଂ କିଛି ବିଦେଶୀ ଗବେଷକମାନେ ପର୍ଯ୍ୟାପ୍ତ ବିବେଚନା କରିଛନ୍ତି । ତନ୍ମଧ୍ୟରେ ତିଲକ୍ (ଗୀତା ରହସ୍ୟ), ବିନୋବା ବାଭେ (Talks on G i t ), ଶ୍ରୀଅରବିନ୍ଦ (Essays on G t ) ପ୍ରଭୃତି ପ୍ରମୁଖ ଭାବେ ଗଣ୍ୟ । ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଗୀତାର ପ୍ରାଧାନ୍ୟ ଦୃଷ୍ଟିରୁ ତାହା ଉପରେ ବହୁ ବ୍ୟାଖ୍ୟାନ ସମ୍ଭବ ହୋଇଛି ।

ଏହି ପ୍ରସଙ୍ଗରେ ନୀଳକଣ୍ଠଙ୍କ ଉଦ୍ୟମ ସେହି ଦିଗରେ କେବଳ ଆଉ ଏକ ପ୍ରଚେଷ୍ଟା ବୋଲି ବିଚାରିଲେ ତାଙ୍କ ଚିନ୍ତାପ୍ରସୂତ ସୃଜନୀ ଶକ୍ତିର ଯଥାର୍ଥ ମୂଲ୍ୟାଙ୍କନ ହେବ ନାହିଁ ବୋଲି ମୋର ଧାରଣା । ତାଙ୍କ ରଚିତ ଶ୍ରୀମଦ୍ ଭଗବଦ୍‌ଗୀତା ଓଡ଼ିଶାରେ ବିଶେଷକରି ବୌଦ୍ଧିକ ଗୋଷ୍ଠୀର ଦୃଷ୍ଟି ଆକର୍ଷଣ କରି ବେଶ୍ ପ୍ରତିଷ୍ଠିତ ହୋଇପାରିଛି । ଅନେକ ସଂସ୍କରଣ ପରେ ଏବେ ନୂତନ ସଂସ୍କରଣ (୧୯୯୯) ପ୍ରକାଶ ପାଇଛି । ପୁସ୍ତକରେ ସନ୍ନିବେଶିତ ଗୀତା ସମ୍ବନ୍ଧୀୟ ବିସ୍ତୃତ ବିଚାରବିମର୍ଶ, (ଭୂମିକା, ମୁଖବନ୍ଧ, ଗୀତା-ପ୍ରବେଶ ସମେତ ବିବିଧ ଆଲୋଚନା) ଅର୍ଦ୍ଧାଧିକ ଭାଗ (୪୨୪/୮୦୦ ପୃଷ୍ଠା) ମଣ୍ଡନ କରିଛି । ଏହି ବୃହତ୍ ପ୍ରାକ୍ କଥନରେ ନୀଳକଣ୍ଠ ଗୀତାରେ ଭଣିତ ବିଷୟବସ୍ତୁର ସାରମର୍ମ ସ୍ୱକୀୟ ଦାର୍ଶନିକ ଦୃଷ୍ଟିକୋଣରୁ ପ୍ରଦାନ କରିଛନ୍ତି । ଏହିପ୍ରକାର ଦୃଷ୍ଟି ଗୀତାର ଶ୍ଳୋକଗୁଡ଼ିକର ଆକ୍ଷରିକ ଅର୍ଥ ଉପରେ କେବଳ ନିର୍ଭରଶୀଳ ନ ହୋଇ ତାହାର ଲାକ୍ଷଣିକ ତଥା ସାଂକେତିକ ଅର୍ଥକୁ ପ୍ରକାଶ କରିବାରେ ବ୍ୟାପୃତ । ଏପରି ପ୍ରକ୍ରିୟା ଗୀତାର ଏକ ସାଂପ୍ରତିକ ଯୁଗୋପଯୋଗୀ ଏବଂ ଯୌକ୍ତିକ ବିଚାରଣ ଉପରେ ବ୍ୟବସ୍ଥିତ । ଏହିପରି ପଦକ୍ଷେପ ନେଇ ନୀଳକଣ୍ଠ ତଥାକଥିତ ପରମ୍ପରାକ୍ରମେ ସ୍ୱୀକୃତ ବହୁ ଅନ୍ଧାନୁସରିତ, ଅବୈଜ୍ଞାନିକ, ଅହେତୁକ କଳ୍ପନା ପ୍ରସୂତ ଅତିଶୟୋକ୍ତିଗୁଡ଼ିକୁ ପରିହାରପୂର୍ବକ ଏକ ସାଧାରଣଭାବେ ବୋଧଗମ୍ୟ, ଅଣରହସ୍ୟାତ୍ମକ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି । ସେଭଳି ବିଚାର କେବଳ ଯେ ତାଙ୍କୁ ଏକ ପ୍ରମୁଖ ଗୀତା ବ୍ୟାଖ୍ୟାକାର ଭାବେ ସ୍ୱୀକୃତି ଦେଇଛି, ତାହା ନୁହେଁ । ବରଂ ତାଙ୍କୁ ଏକ ଅନନ୍ୟ ଦର୍ଶନଜ୍ଞ ଭାବେ ପ୍ରତିଷ୍ଠିତ କରିଛି ।

ଅନ୍ୟ ଗୀତା ଭାଷ୍ୟକାରଙ୍କ ସଦୃଶ, ନୀଳକଣ୍ଠ ଗୀତାକୁ ଏକ ଐଶ୍ୱରିକ ଧର୍ମଶାସ୍ତ୍ରଭିତ୍ତିକ ଗ୍ରନ୍ଥଭାବେ ଗ୍ରହଣ ନ କରି, ତାହାକୁ ଏକ ଈଶ୍ୱରବିହୀନ, ନୀତିପରକ ଅଧ୍ୟାତ୍ମ ଜ୍ଞାନ/ବିଦ୍ୟାର ପରିପ୍ରକାଶକ ଭାବେ ବ୍ୟକ୍ତ କରିଛନ୍ତି । ଏହି ପ୍ରସଙ୍ଗରେ ଗୀତାର ସାରମର୍ମ ମାନବଧର୍ମରେ ହିଁ ପର୍ଯ୍ୟବସିତ । 'ମାନବଧର୍ମ' କଥନଟି ଗୀତାରେ ଅବଶ୍ୟ କୌଣସିଠାରେ ଉଲ୍ଲେଖ ହୋଇ ନାହିଁ । ତଥାପି ନୀଳକଣ୍ଠ ସେଭଳି ଏକ

Digitized by PPRACHIN, SOA

ସମ୍ପୂର୍ଣ୍ଣ ନୂତନ ବିଚାରକୁ ଗୀତାର ସାରମର୍ମ ଭାବେ ବ୍ୟକ୍ତ କରିବାରେ ଆଦୌ ଦ୍ୱିଧା ପ୍ରକାଶ କରି ନାହାନ୍ତି । ବରଂ ନିଜର ବିବେକାନୁମୋଦିତ ହେତୁପରକ ସିଦ୍ଧାନ୍ତକୁ ପ୍ରତିପାଦନ କରିବାକୁ ପ୍ରୟାସ କରିଛନ୍ତି । ଏଠାରେ 'ନିଜର ବିବେକ' ନୀଳକଣ୍ଠଙ୍କ ବ୍ୟକ୍ତିଗତ ବ୍ୟାପାର ନୁହେଁ । ଏହା ମନୁଷ୍ୟର ସାର୍ବଜନିକ ନୀତିଗତ ବିବେଚନକୁ ନିର୍ଦ୍ଦେଶ କରୁଛି । ଏହି ପରିପ୍ରେକ୍ଷୀରେ ନୀଳକଣ୍ଠ ସାଂସ୍କୃତିକ ପରମ୍ପରାରେ ଗଭୀର ଭାବେ ଆଚ୍ଛାଦିତ ଅଯୌକ୍ତିକ ଓ ଭାକ୍ତିକ ମନୋଭାବଠାରୁ ଦୂରେଇ ଯିବାପାଇଁ ଆଦୌ ପଛାଇ ନାହାନ୍ତି । ସେଥିପାଇଁ ତାଙ୍କର ଅନେକ ବିରୋଧୀ ହୋଇଛନ୍ତି । କିନ୍ତୁ ସେ ସେଥିପ୍ରତି କାତର ନ ହୋଇ ନିର୍ଭୀକଭାବେ ନିଜର ବକ୍ତବ୍ୟ ପ୍ରକାଶ କରିଛନ୍ତି ।

ଏହି ସଂକ୍ରାନ୍ତରେ ତାଙ୍କର ସଂଯୋଜିତ 'ଭାକ୍ତିକ ମିଥ୍ୟା' କଥନଟି ଅବଶ୍ୟ ପ୍ରଣିଧାନଯୋଗ୍ୟ । ଏହାର ଉଲ୍ଲେଖ ତଥା ଉପଯୋଗ କେବଳ ଯେ ଶ୍ରୀମଦ୍ ଭଗବଦ୍‌ଗୀତାରେ ସ୍ଥାନ ପାଇଛି, ତାହା ନୁହେଁ । ଏହା ତାଙ୍କ ରଚିତ ଆତ୍ମଜୀବନୀ, ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ ଏବଂ ବିଖ୍ୟାତ ନବ ଭାରତ ପତ୍ରିକାରେ ପ୍ରକାଶିତ ବହୁ ପ୍ରବନ୍ଧରେ ବିତରିତ ହୋଇଛି । ତାଙ୍କ ଦୃଷ୍ଟିରେ ଅଧ୍ୟାତ୍ମ-ଧର୍ମ କହିଲେ ମଣିଷ କୌଣସି ବାହ୍ୟ ଶକ୍ତିର ଅହେତୁକ କଳ୍ପନା ନ କରି ନିଜର ବୁଦ୍ଧି-ବିଚାର ବ୍ୟବସ୍ଥିତ ଏବଂ ବିବେକାନୁମୋଦିତ ନିର୍ଦ୍ଦେଶକୁ ପାଳନ କରିବାରେ ବ୍ରତୀ ହୋଇ କର୍ତ୍ତବ୍ୟନିଷ୍ଠ ହେବାକୁ ବୁଝାଏ । ନୀଳକଣ୍ଠ ଅବଶ୍ୟ ସ୍ୱୀକାର କରିଛନ୍ତି ଯେ ଅପରପକ୍ଷରେ ଭାରତରେ ବୈଦିକ ସାଂସ୍କୃତିକ ଚେତନାର ଦ୍ୱାହି ଦେଇ କେତେକ ଈଶ୍ୱର ନିର୍ଦ୍ଦେଶିତ ଭକ୍ତି-ଧର୍ମର ଉପସ୍ଥାପନା କରିଛନ୍ତି । ଏହି ଭକ୍ତି-ଧର୍ମ ପ୍ରକୃତପକ୍ଷେ ଭୌତିକ ଧର୍ମ । କାରଣ ଏହା ବାହାରୁ କୌଣସି ଶକ୍ତି ବା ଈଶ୍ୱରଙ୍କଠାରୁ ନିର୍ଦ୍ଦେଶିତ ବୋଲି କଳ୍ପନା କରାଯାଇଥାଏ । ଏଥିରେ ଯୌକ୍ତିକତା ଅପେକ୍ଷା କପୋଳକଳ୍ପିତ ଭାବାବେଗକୁ ଅଧିକ ଗୁରୁତ୍ୱ ଦିଆଯାଇ ଜ୍ଞାନଗତ ଅନୁସନ୍ଧିତ୍ସାକୁ ଅବଜ୍ଞା କରାଯାଏ । ଫଳତଃ, ସେହି ପ୍ରକାର ତଥାକଥିତ ଧର୍ମ-ଭାବ ସାଧାରଣ ମାନବର ସମସ୍ତ ପ୍ରକାର ଆବଶ୍ୟକୀୟ ବୌଦ୍ଧିକ ବିକାଶ, ବିଚାରଗତ ପ୍ରାଞ୍ଜଳତା ତଥା ସୂକ୍ଷ୍ମଦର୍ଶିତାକୁ ଅକାରଣେ ଅବହେଳା କରି ଅଜ୍ଞାନତା ଏବଂ ମିଥ୍ୟାଚାରିତାକୁ ପ୍ରଶ୍ରୟ ଦିଏ । ଏତଦ୍ୱାରା ସାମୂହିକଭାବେ ମନୁଷ୍ୟ ଜ୍ଞାନଗତ ପ୍ରଗତିଠାରୁ ଅପସରିଯାଏ । କେବଳ ସେତିକି ନୁହେଁ, ଅନ୍ଧାନୁସରିତ କଳ୍ପନାଭିତ୍ତିକ ଭୟାତୁର ଆବେଗରେ ମଗ୍ନ ଥିବାରୁ ମନୁଷ୍ୟ ଅବିବେକୀ ହୋଇ ଅନୀତିକର ପନ୍ଥାକୁ ଆବୁରି ନେବାରେ ପଶ୍ଚାତ୍‌ପଦ ହୁଏ ନାହିଁ ଏବଂ ଅହେତୁକ ଭାବେ ମାନବଧର୍ମ ବ୍ୟତିରେକେ ଏକ ଅତିମାନବୀୟ କିମ୍ବା ଅବମାନବୀୟ କଳ୍ପନାକୁ ସତ୍ୟାତ୍ମକ ବୋଲି ଧରିନେଇ ପ୍ରକୃତ ଜ୍ଞାନାନ୍ୱେଷଣ ଉପରେ ବ୍ୟାଘାତ ଜନ୍ମାଏ ।

Digitized by PPRACHIN, SOA

ଭକ୍ତି ଧର୍ମରେ ମାନବ, ଈଶ୍ୱର/ବିଧାତାଙ୍କୁ କଳ୍ପନା କରି ତାଙ୍କଠାରେ ନିଜକୁ ଦାସ (ଦାସୋଽହଂ) ଭାବେ ସମର୍ପଣ ବା ଉତ୍ସର୍ଗ କରେ । ନିଜର ବିଚାରବୁଦ୍ଧିର ସ୍ୱାଧୀନ ଅନୁଶୀଳନ କରେ ନାହିଁ । ବୈଜ୍ଞାନିକ ପରୀକ୍ଷଣ, ବୌଦ୍ଧିକ ବିଚାରକୁ ସଂପୂର୍ଣ୍ଣଭାବେ ଅବଜ୍ଞା କରି କେବଳ ଈଶ୍ୱରଙ୍କୁ ସ୍ତୁତି, ଆରାଧନା କରିବାହିଁ ଶ୍ରେୟସ୍କର ବୋଲି ବଖାଣି ନିଜକୁ କର୍ମ-ବିମୁଖ ତଥା ଜ୍ଞାନ-ବିରାଗୀ କରିଥାଏ । ଫଳରେ ସେଭଳି ଦୃଷ୍ଟିଭଙ୍ଗୀ ବସ୍ତୁତଃ ଅବୈଜ୍ଞାନିକ, ଅଯୁକ୍ତିକର ଏବଂ ନୀତିଦୃଷ୍ଟିରୁ ଅଧର୍ମୀୟ ମଧ୍ୟ ।

ସେଥିଯୋଗୁଁ ନୀଳକଣ୍ଠଙ୍କ ଦୃଷ୍ଟିରେ ଭକ୍ତି ଧର୍ମ ଅମାନବୀୟ । ଏହା କେବଳ ଯେ ଭାରତୀୟ ହିନ୍ଦୁ ସାଂସ୍କୃତିକ ପରମ୍ପରାରେ ବିଭିନ୍ନ ଅଞ୍ଚଳରେ ତଥା ବିଭିନ୍ନ ଭାଷାରେ ବହୁଳଭାବେ ପ୍ରସାରିତ ହୋଇଛି, ତାହା ନୁହେଁ: ବରଂ ଏହାର ପ୍ରଭାବ ଓଡ଼ିଶାର ବିଶେଷକରି ମଧ୍ୟଯୁଗୀୟ ସାହିତ୍ୟିକ ରଚନାରେ ମଧ୍ୟ ଦୃଷ୍ଟିଗୋଚର ହୋଇଛି ଏବଂ ତାହା ଜନ-ମାନସକୁ ପ୍ରଭାବିତ କରିଛି । ସେଥିପାଇଁ ନୀଳକଣ୍ଠ ତତ୍‌କାଳୀନ ରଚିତ ଭକ୍ତଚରଣ ଦାସଙ୍କ ମଥୁରାମଙ୍ଗଳ, ଦୀନକୃଷ୍ଣ ଦାସଙ୍କ ରସ କଲ୍ଲୋଳ ଆଦି ବିବିଧ ଲେଖାଗୁଡ଼ିକ ଉଦ୍ଧୃତକରି, ତାହା କିପରି ଓଡ଼ିଆ ଜନମାନସକୁ ପ୍ରଗତିସୂଚକ ଆଚାର ତଥା ବିଚାରର ପରାଙ୍ମୁଖୀ ହେବାରେ ଇନ୍ଧନ ଯୋଗାଇଛି, ତାହାର ପ୍ରାଞ୍ଜଳ ଉପସ୍ଥାପନା କରିଛନ୍ତି ।

ସାମ୍ପ୍ରତିକ ଅବସ୍ଥା ଦୃଷ୍ଟିରୁ ନୀଳକଣ୍ଠଙ୍କ ଦର୍ଶନଭିତ୍ତିକ ଧର୍ମୀୟ ବ୍ୟାଖ୍ୟା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଏହା ପୁରାତନ, ଅମାନବୀୟ ରାଜା-ରାଜୁଡ଼ା ସାମନ୍ତବାଦର ବିରୋଧୀ । ଈଶ୍ୱରଙ୍କୁ ସ୍ୱାମୀ ଭାବରେ କଳ୍ପନା କରି ନିଜକୁ ତାଙ୍କର ଦାସ ବା ଭୃତ୍ୟଭାବେ ଗଣନା କରିବା ଏବଂ ଧର୍ମର ଏତାଦୃଶ ବ୍ୟାଖ୍ୟା କରି ତାହାକୁ ଗ୍ରହଣ କରିବା ମୂଳରେ ସାମନ୍ତବାଦୀ ଚିନ୍ତାଧାରା ପ୍ରଚ୍ଛନ୍ନଭାବେ ନିହିତ । ଏହା ଅଗଣତାନ୍ତ୍ରିକ, ଅସାଂସାରିକ ଏବଂ ପାରଲୌକିକ । ଗୀତାର ସାରମର୍ମକୁ ମାନବଧର୍ମ ଆଖ୍ୟାଦେଇ ଏଥିରେ ବଡ଼-ସାନର ବିଚାର ନାହିଁ ବୋଲି ସେ ସୂଚାଇଛନ୍ତି । ସମସ୍ତେ ବିବେକ-ବୁଦ୍ଧି ନିୟୋଜିତ କରି ନ୍ୟାଯ୍ୟ ଚିନ୍ତନ ତଥା ପନ୍ଥା ନିରୂପଣ କରି ସ୍ୱାଧୀନ ତଥା ସ୍ୱରାଟ୍‌ଭାବେ ଆଗେଇ ଯିବାହିଁ ଗୀତାର ଲକ୍ଷ୍ୟ । ନୀଳକଣ୍ଠଙ୍କ ଦର୍ଶନଭିତ୍ତିକ ଧର୍ମୀୟ ଅନୁଶୀଳନ ଆଧୁନିକ ଲୌକିକ ମାନବବାଦର ସନ୍ନିକଟ ବୋଲି ବିଚାରିଲେ ସତ୍ୟର ଅପଳାପ ବୋଧେ ହେବ ନାହିଁ । ଚିରାଚରିତ ଧର୍ମ-ଧାରଣାରେ ସଂସ୍କାର ତଥା ସଂଶୋଧନ ଆଣିବାରେ ତାଙ୍କ ଉଦ୍ୟମ ଅବଶ୍ୟ ସ୍ୱାଗତଯୋଗ୍ୟ । ଏହା ମାନବ ସମାଜ, ବିଶେଷକରି ଭାରତୀୟ ଜନମାନସକୁ

Digitized by PPRACHIN, SOA

ରହସ୍ୟାତ୍ମକ, ଐନ୍ଦ୍ରଜାଲିକ ପରଲୋକାଭିମୁଖୀ ନ କରି ଇହଲୋକ ସାପେକ୍ଷ ମାନବୀୟ ମୂଲ୍ୟବୋଧପରକ ମୈତ୍ରୀ ତଥା ସାମ୍ୟଭାବ ଏବଂ ଉନ୍ନତ ଆଚାରବିଚାରକୁ ପୁଷ୍ଟ କରିବାରେ ଉଲ୍ଲେଖନୀୟଭାବେ ସହାୟକ ହୋଇଛି ।

ଆଉ ଗୋଟିଏ ପ୍ରସଙ୍ଗ ଉତ୍ଥାପନ କରି ମୋର ଆଜିର ବକ୍ତବ୍ୟ ଶେଷ କରୁଛି । ନୀଳକଣ୍ଠ ତାଙ୍କର ବନ୍ଧୁମାନଙ୍କ ପାଖକୁ ପ୍ରେରିତ ପତ୍ରରେ 'ଜଗନ୍ନାଥେ ଭଲ କରନ୍ତୁ' ବୋଲି ଲେଖୁଥିଲେ । ତାହା ଦର୍ଶାଇ ଅନେକ ତାଙ୍କର ଅନ୍ତରାତ୍ମା ପ୍ରଚ୍ଛନ୍ନଭାବେ ଈଶ୍ୱର-ବିଶ୍ୱାସରେ ପ୍ରତିଷ୍ଠ ବୋଲି ଧରିନିଅନ୍ତି । କିନ୍ତୁ ତାଙ୍କର ସାମଗ୍ରିକ ଅବଦାନକୁ ସୂକ୍ଷ୍ମଭାବରେ ଅନୁଶୀଳନ କଲେ ଉପର୍ଯ୍ୟୁକ୍ତ ମତ ଅସାର ବୋଧହୁଏ । ଘଟଣାଚକ୍ରରେ ନୀଳକଣ୍ଠ ପୁରୀ ଜିଲ୍ଲାର ଶାସନୀ ବ୍ରାହ୍ମଣକୁଳରେ ଜନ୍ମ ହୋଇଥିଲେହେଁ ତାଙ୍କର ଦାର୍ଶନିକ ଅନୁସନ୍ଧିତ୍ସା ତାଙ୍କୁ କଦାଚନ ଅଯୁକ୍ତିକର, କପୋଳକଳ୍ପିତ, ଆବେଗାତ୍ମକ ଭାବନାକୁ ଆବୁରିବା ନିମନ୍ତେ ପ୍ରଶ୍ରୟ ଦେଇ ନ ଥିଲା । ପୁରୀରେ ପ୍ରତିଷ୍ଠିତ ଏବଂ ପୂଜିତ ଜଗନ୍ନାଥ ବିଗ୍ରହ ଯେ ବିଶ୍ୱାତ୍ମା ପରମେଶ୍ୱର ସେଭଳି ଆଞ୍ଚଳିକ ମନୋଭାବର ସେ କେବେହେଲେ ପୃଷ୍ଠପୋଷକ ନ ଥିଲେ । ଏହାଛଡ଼ା ତାଙ୍କ ବିଚାରରେ ଜଗନ୍ନାଥ ସ୍ୱାମୀ, ପରମେଶ୍ୱର, ପରମପୁରୁଷ ନୁହନ୍ତି । 'ଜଗନ୍ନାଥ' ପ୍ରତ୍ୟୟଟି ସାଂକେତିକ ଭାବରେ କେବଳ ମନୁଷ୍ୟର ଅନ୍ତରାତ୍ମାଭାବେ ନିଜର ବିବେକାନୁମୋଦିତ ବିଚାରସମ୍ମତ ଜ୍ଞାନପରକ ଚିନ୍ତନକୁ ହିଁ ନିର୍ଦ୍ଦେଶ କରୁଛି । ତାହାକୁ ସଦାସର୍ବଦା ଜାଗରୂକ କରିବା ନିମନ୍ତେ ନୀଳକଣ୍ଠ ପରିଜନମାନଙ୍କୁ ସେଭଳି ଉକ୍ତିଦ୍ୱାରା କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଆହ୍ୱାନ ଅଥବା ନିବେଦନ କରିଛନ୍ତି । ଏଠାରେ ଈଶ୍ୱରଙ୍କ ବିଷୟରେ ଆସ୍ତିକତା ବା ନାସ୍ତିକତା ନେଇ କୌଣସି ଉଲ୍ଲେଖ ନାହିଁ । ସେଭଳି ଭାବନା ପଣ୍ଡିତ ଦାସଙ୍କ ମୌଳିକ ଦାର୍ଶନିକ ବିଚାର ପ୍ରତି ଅବମାନନା ମନେହୁଏ । ପାରମ୍ପରିକ ଧର୍ମୀୟ ଭାବକୁ ଉଜ୍ଜୀବିତ କରିବାକୁ ହେଲେ, ସେଥିରେ ଯୁଗୋପଯୋଗୀ ସଂସ୍କାର ଆଣିବା ଯେ ଅବଶ୍ୟମ୍ଭାବୀ, ଏଥିରେ ବିରୋଧିତାର ଅବକାଶ ରହି ନ ପାରେ ।

* ଡକ୍ଟର ବିଜୟାନନ୍ଦ କର, ପ୍ରାକ୍ତନ ପ୍ରଫେସର ଓ ମୁଖ୍ୟ ଅଧ୍ୟକ୍ଷ, ସ୍ନାତକୋତ୍ତର ଦର୍ଶନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଅଧୁନା ବରିଷ୍ଠ ଗବେଷକ, ଭାରତୀୟ ଦାର୍ଶନିକ ଗବେଷଣା ସଂସ୍ଥା, ନିଉ ଦିଲ୍ଲୀ ।

ଠିକଣା : – ଏ.ଏମ୍ - ୨୬, ଭି.ଏସ୍.ଏସ୍ ନଗର ଭୁବନେଶ୍ୱର - ୭୫୧୦୦୭ (ଦୂରଭାଷ : ୦୬୭୪-୨୫୮୧୦୪୨)

Digitized by PPRACHIN, SOA

# ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ

ବିଜୟ ପ୍ରସାଦ ମହାପାତ୍ର

ଓଡ଼ିଆ ଭାଷା ଉଚ୍ଛେଦ ଆନ୍ଦୋଳନ ଓଡ଼ିଆ ଭାଷା ଇତିହାସର ଏକ କଳଙ୍କିତ ପୃଷ୍ଠା, ଯେଉଁ ଦୁର୍ବିପାକରୁ ଓଡ଼ିଆ ଭାଷାକୁ ରକ୍ଷା କରିବାପାଇଁ ବହୁ ମନୀଷୀଙ୍କର ଅବଦାନ ରହିଛି । କିନ୍ତୁ ଏହି ଭାଷା ସୁରକ୍ଷା ଆନ୍ଦୋଳନର ଆମେ ଯେତେବେଳେ ଆଜି ସ୍ମୃତିଚାରଣ କରୁ, ସେତେବେଳେ ସାଧାରଣତଃ ଆମେ କେବଳ ଓଡ଼ିଆ କବି, ଲେଖକମାନଙ୍କୁ ହିଁ ମନେ ପକାଇଥାଉ । ଆମେ ସାହିତ୍ୟିକ ଓ ସାହିତ୍ୟ ସ୍ରଷ୍ଟାମାନଙ୍କ ଭୂମିକାକୁ ଖର୍ବ କରିବାକୁ ଚାହୁଁ ନାହିଁ । ଏ କଥା ଅବସ୍ୱୀକାର୍ଯ୍ୟ ଯେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର, ଭକ୍ତକବି ମଧୁସୂଦନଙ୍କର ଅବଦାନ ଓଡ଼ିଆ ଭାଷା ସାହିତ୍ୟପାଇଁ ଅତୁଳନୀୟ । ଏହି ସାହିତ୍ୟିକ କୃତିଗୁଡ଼ିକ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ, ଓଡ଼ିଆ ଯେ ଗୋଟିଏ ଉନ୍ନତ ଓ ସ୍ୱତନ୍ତ୍ର ଭାଷା, ତାହା ଅକ୍ଷରେ ଅକ୍ଷରେ ପ୍ରମାଣିତ କରିଯାଇଛନ୍ତି ।

ସାହିତ୍ୟିକମାନଙ୍କ ଛଡ଼ା ଅନ୍ୟ ଏକ ଗୋଷ୍ଠୀର ପଣ୍ଡିତମାନଙ୍କର ବି ଓଡ଼ିଆ ଭାଷା ସୁରକ୍ଷାକୁ ଉଲ୍ଲେଖନୀୟ ଅବଦାନ ରହିଛି । ଏମାନେ ଯେ ସମସ୍ତେ ଓଡ଼ିଆ ତା'ବି ନୁହେଁ । ଏ. ଆର. ହର୍ନେଲ୍, ଜନ୍ ବୀମ୍ସ ଓ ଜର୍ଜ ଆବ୍ରାହାମ ଗ୍ରିଏର୍‌ସନ୍‌ଙ୍କ ପରି ବହୁ ପାଶ୍ଚାତ୍ୟ ବିଦ୍ୱାନ୍ ସେମାନଙ୍କ ଅମରକୃତିରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱଦରବାରରେ ପ୍ରତିଷ୍ଠିତ କରିଯାଇଛନ୍ତି । ହର୍ନେଲ୍ ଓ ବୀମ୍ସ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାଗୁଡ଼ିକର ବିବର୍ତ୍ତନର ଇତିହାସରେ ଓଡ଼ିଆ ଭାଷାକୁ ଏକ ପ୍ରମୁଖ ସ୍ଥାନ ଦେଇଯାଇଛନ୍ତି । ସେହିପରି ଭାରତୀୟ ଭାଷାଗୁଡ଼ିକର ସର୍ବେକ୍ଷଣରେ ସାର୍ ଜର୍ଜ ଗ୍ରିଏର୍‌ସନ୍ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ପ୍ରତିଷ୍ଠିତ କରିଯାଇଛନ୍ତି । (ଦ୍ରଷ୍ଟବ୍ୟ : Hoernel. A.F.R., 1880, A comparative grammar of the Eastern Hindi compared with other Gaudian languages, London ଓ Essays in and of the comparative grammar of the Gaudian languages, vol. 41, part-I, 1872, Journal of the Asiatic Society of Bengal. Vol. 42, Part-I, 1873, Vol. 43, Part-I, 1874.

Digitized by PPRACHIN, SOA

Beams Jon, 1872-79, A Comparative Grammar of the Modern Aryan Languages of India, 3 volumes. London.

Grierson, G.A. 1927, Linguistic Survey of India vol.5, Part-II, London) । ଏହି ପାଶ୍ଚାତ୍ୟ ପଣ୍ଡିତମାନଙ୍କର ସାହାଯ୍ୟ ଓ ସହଯୋଗ ନ ମିଳିଥିଲେ, ଓଡ଼ିଆ ଭାଷା ବିଶ୍ୱ ଦରବାରରେ ପହଞ୍ଚିପାରି ନ ଥାଆନ୍ତା । ଆଜି ଯଦି ଓଡ଼ିଆ ଭାଷା ପ୍ରତିଷ୍ଠିତ ହୋଇଥାଏ, ସ୍ୱତନ୍ତ୍ର ଭାଷା ଭାବେ ମାନ୍ୟତା ପାଉଥାଏ, ତାହା ପଛରେ ରହିଛି ଏହି ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଅମ୍ଳାନ, ନିରପେକ୍ଷ ପାଣ୍ଡିତ୍ୟ । ଏମାନେ ସବୁ କିନ୍ତୁ ସାହିତ୍ୟିକ ନ ଥିଲେ, ଏମାନେ ଥିଲେ ତତ୍‌କାଳୀନ ଭାରତୀୟ ଭାଷାତତ୍ତ୍ୱର ପଛ-ପୁରୋଧା । ଏଇମାନେ ହିଁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରନ୍ତି ଆମ ଭାଷା ପ୍ରତି । ଏହିମାନଙ୍କ ପାଣ୍ଡିତ୍ୟ ବଳରେ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଏ । ଏହିମାନଙ୍କ ପ୍ରେରଣାରେ ବହୁ ସ୍ଥାନୀୟ ପଣ୍ଡିତ ଓ ବିଦ୍ୱାନ୍ ବି ଉଦ୍‌ବୁଦ୍ଧ ହୁଅନ୍ତି ଓ ଓଡ଼ିଆ ଭାଷା ଚର୍ଚ୍ଚାର ଏକ ପରମ୍ପରା ଗଢ଼ିଉଠେ, ଏବଂ ଓଡ଼ିଆ ଭାଷାର ଅଧ୍ୟୟନ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଏକ ଆନ୍ଦୋଳନରେ ପରିଣତ ହୁଏ । ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନର ମୁଖବନ୍ଧରୁ ଏହି ଆନ୍ଦୋଳନର କିଛିଟା ପରିଚୟ ମିଳେ । ତାଙ୍କ କଥାରେ – "ବହୁ ବର୍ଷ ପୂର୍ବେ ପଣ୍ଡିତମଣ୍ଡଳୀ ସମଳଂକୃତ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବର୍ଦ୍ଧନାର୍ଥ ଖଣ୍ଡିଏ ବୃହତ୍ ଓଡ଼ିଆ ଅଭିଧାନ, ଓଡ଼ିଆର ସମ୍ପୂର୍ଣ୍ଣ ବ୍ୟାକରଣ ଆଉ ସେହି ଭାଷା ଓ ସାହିତ୍ୟର ଇତିହାସ ପ୍ରଣୟନର ସଂକଳ୍ପ କରିଥିଲେ ।" ଏ ହେଲା ଓଡ଼ିଆ ଭାଷାତତ୍ତ୍ୱ ଅଧ୍ୟୟନର ଅୟମାରମ୍ଭ ଯାହା ସେ କାଳରେ କିଛିଟା ମଗାଯଚା କରି ଆରମ୍ଭ ହୋଇଥିଲା । ଓଡ଼ିଆ ଭାଷାର ଖଣ୍ଡିଏ ଅଭିଧାନ, ଖଣ୍ଡିଏ ଆକରଣ ଓ ଖଣ୍ଡିଏ ଇତିହାସ ପ୍ରଣୟନ କରିବାର ଯେଉଁ ସଂକଳ୍ପ ଏହି ଶତାବ୍ଦୀର ପ୍ରଥମ ଦଶକରେ ନିଆଯାଇଥିଲା, ବର୍ତ୍ତମାନ ଶେଷ ଦଶକରେ ପହଞ୍ଚି ବି ତାହା ପୂରଣ ହୋଇପାରି ନାହିଁ । ଯଦିବା ହୋଇଛି ଓ ଯେଉଁ ଭାବରେ ହୋଇଛି ତା'ର ପ୍ରଧାନ ପୁରୋଧା ହେଉଛନ୍ତି ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ।

ବିଂଶ ଶତକର ଦ୍ୱିତୀୟ ତୃତୀୟ ଦଶକ ହେଉଛି ଓଡ଼ିଆ ନବ ଜାଗରଣର ଯୁଗ । ବହୁ କୃତୀ ସନ୍ତାନଙ୍କ ନିଷ୍ଠା ଆଉ ଅଧ୍ୟବସାୟ ବଳରେ ଏହି ସମୟରେ ହିଁ ଓଡ଼ିଆ ଭାଷାର ପ୍ରାଣ-ପ୍ରତିଷ୍ଠା ହୁଏ । ସେହି ପ୍ରାଣ-ପ୍ରତିଷ୍ଠା ପଛରେ ଯେଉଁମାନଙ୍କର ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ପଣ୍ଡିତ ଗୋପୀନାଥ ନନ୍ଦ, ଗୋପାଳଚନ୍ଦ୍ର ପ୍ରହରାଜ ଓ ପଣ୍ଡିତ ନୀଳକଣ୍ଠ ଦାସ ହେଉଛନ୍ତି ଅଗ୍ରଗଣ୍ୟ । ଏହି ସମୟରେ ଓଡ଼ିଆ

Digitized by PPRACHIN, SOA

ଭାଷା ଯେଉଁ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଥିଲା, ଅର୍ଥାତ୍ ଚିରଦିନପାଇଁ ଲୋପ ପାଇଯିବାର, ସେହି ଦୁର୍ଭାଗ୍ୟକୁ ଯଦି କେହି ତାଙ୍କ ଏକାଗ୍ର ଅଧ୍ୟବସାୟ ଫଳରେ ପ୍ରତିରୋଧ କରିଥାନ୍ତି, ସେମାନେ ହେଉଛନ୍ତି ଏହି ବିଦ୍ୱାନ୍‌ମାନେ । ଓଡ଼ିଆର ବ୍ୟାକରଣ, ଅଭିଧାନ ଓ ଇତିହାସ ତିନୋଟିଯାକ କ୍ଷେତ୍ରରେ ସେମାନଙ୍କର ମୌଳିକ ଗବେଷଣା ହିଁ, ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଏହି ସମୟରେ ପ୍ରକାଶିତ ହୁଏ ପଣ୍ଡିତ ନନ୍ଦଙ୍କର ବହୁ ଆୟାସସାଧ୍ୟ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ'; ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର ବିଶାଳ ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓ ପଣ୍ଡିତ ନୀଳକଣ୍ଠଙ୍କର ଅଦ୍ୱିତୀୟ ଓଡ଼ିଆ ବ୍ୟାକରଣ । ଏହି ଦେଶୀୟ ପ୍ରଚେଷ୍ଟା ସହିତ, ଅନ୍ୟ ଜଣେ ବିଦେଶୀ ମିସନାରୀ ପଣ୍ଡିତ, ଯାହାଙ୍କ ନାମ ଉଲ୍ଲେଖ କରାଯାଇପାରେ, ସେ ହେଉଛନ୍ତି ଆମୋସ୍ ସଟନ୍ । ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ ଲେଖି ସେ ଏହି ଚର୍ଚ୍ଚାର ଦ୍ୱାର ଉନ୍ମୋଚନ କରନ୍ତି । ଏଥିରେ ଉଦ୍‌ବୁଦ୍ଧ ହୋଇ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ବିଦେଶୀ ମିସନାରୀମାନେ ବି ଭାଷାଚର୍ଚ୍ଚାରେ ନିୟୋଜିତ ହୁଅନ୍ତି । ତେବେ ଏହି ଭାଷା ପଣ୍ଡିତମାନଙ୍କ ମଧ୍ୟରେ, ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଥିଲା ସାମାନ୍ୟ ଭିନ୍ନ । ସେ ଖାଲି ଓଡ଼ିଆ ଭାଷା ଉପରେ ବହୁ ଉପାଦେୟ ଓ ଅନନ୍ୟ ବିଚାରଧାରାର ମୁଖ୍ୟ ପ୍ରବର୍ତ୍ତକ ନୁହନ୍ତି, ସେ ବି ଥିଲେ ଓଡ଼ିଆ ଭାଷାର ଅଗ୍ରଣୀ ଦିଗ୍‌ଦର୍ଶକ ଓ Conscience keeper । ସେ ହିଁ ଓଡ଼ିଆ ଭାଷାର ପ୍ରଥମ ଦାର୍ଶନିକ । ସେ ହିଁ କୁଆଡ଼େ ଗୋପାଳଚନ୍ଦ୍ର ଭାଷାକୋଷକୁ କହିଥିଲେ – 'ପାଳକୋଷ' ଓ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ବ୍ୟୁତ୍ପତ୍ତିବାଦର କଟୁ ସମାଲୋଚନା କରିଥିଲେ । ପଣ୍ଡିତ ନୀଳକଣ୍ଠ ଅସୂୟାପରବଶ ହୋଇ ବା ଖାମ୍‌ଖିଆଲ୍‌ରେ ଏହା କରି ନାହାନ୍ତି, ସେ କେବଳ ଓଡ଼ିଆ ଭାଷାର ଦିଗ୍‌ଦର୍ଶକ ଭାବେ ନିଜ ଭୂମିକାର କର୍ତ୍ତବ୍ୟ ପାଳନ କରିଛନ୍ତି । ଓଡ଼ିଆ ଭାଷାର ବିଦ୍‌ବତ୍ତା କ୍ଷେତ୍ରରେ ଏ ପର୍ଯ୍ୟନ୍ତ ବି ତାଙ୍କ ଭାଷାଦର୍ଶନର ସମୁଚିତ ମୂଲ୍ୟାୟନ ହୋଇ ନାହିଁ, ବରଂ ଆଜିର ପଣ୍ଡିତମାନେ ନୀଳକଣ୍ଠଙ୍କ ପାଣ୍ଡିତ୍ୟର ସମ୍ପୂର୍ଣ୍ଣ ଅବହେଳା କରିଚାଲିଛନ୍ତି । ଭାଷା ବିଷୟରେ ଯାହା ମନକୁ ଯାହା ଆସିଲା ଲୋକେ କହିଚାଲିଛନ୍ତି, ଯାହା ଫଳରେ ଏ ଭାଷାର ଯଥେଷ୍ଟ ସ୍ୱାର୍ଥହାନି ଘଟୁଛି । ଓଡ଼ିଆ ଭାଷାର ସ୍ୱାର୍ଥ ଓ ସମ୍ମାନ କେଉଁଥିରେ ଅଛି, ତାହା ଏ ପର୍ଯ୍ୟନ୍ତ ବି ଅନେକଙ୍କ ନିକଟରେ ସ୍ପଷ୍ଟ ନୁହେଁ । ସେ ଯୁଗରେ ବି ନ ଥିଲା । ତେଣୁ ନୀଳକଣ୍ଠଙ୍କୁ ବହୁ ସ୍ଥଳରେ ଅତ୍ୟନ୍ତ କଠୋର ଓ ଅପ୍ରିୟ ସତ୍ୟ କହିବାକୁ ପଡ଼ିଛି । ଏହା ନ କରିଥିଲେ ସେ ଏ ଜାତିପାଇଁ ଅନ୍ୟାୟ କରିଥାନ୍ତେ, ଯାହା ସେ କୁତ୍ରାପି କରି ନାହାନ୍ତି ।

Digitized by PPRACHIN, SOA

ଓଡ଼ିଆ ଭାଷାତତ୍ତ୍ୱକୁ ପଣ୍ଡିତ ନୀଳକଣ୍ଠଙ୍କ ଅନନ୍ୟ ଅବଦାନକୁ ବୁଝିବାକୁ ହେଲେ, ପ୍ରଥମେ ଭାଷାର ପ୍ରକୃତି ବିଷୟରେ ଅବଗତ ହେବା ବାଞ୍ଛନୀୟ । ପ୍ରତ୍ୟେକ ଭାଷାର ଦୁଇଟି ଦିଗ ଅଛି– ଗୋଟିଏ ହେଉଛି ଭାଷାର ଐତିହ ବା ଏହାର diachronical ଚରିତ୍ର ଓ ଅନ୍ୟଟି ଏହାର ଗଠନ ବା synchronical ସ୍ୱରୂପ । ଅନ୍ୟ କଥାରେ, ଏଇ ଦୁଇଟି ଦିଗ ହେଲା – ଭାଷାର ଉତ୍ପତ୍ତି ବା ଇତିହାସ ଓ ଅନ୍ୟଟି ଭାଷାର ଗଠନ ବା ବ୍ୟାକରଣ । ଓଡ଼ିଆ ଭାଷାର ଏଇ ଦୁଇଟିଯାକ ଦିଗ ପ୍ରତି ନୀଳକଣ୍ଠଙ୍କର ମୌଳିକ ଚିନ୍ତାର ଯଥେଷ୍ଟ ଉଦାହରଣ ରହିଛି । ସେତିକି ହିଁ ଆଲୋଚନା କରିବା ଆମ ବକ୍ତବ୍ୟର ଲକ୍ଷ୍ୟ ।

ପ୍ରଥମେ ଓଡ଼ିଆ ଭାଷାର ଉତ୍ପତ୍ତି ବିଷୟଟି ନିଆଯାଉ । ବିଂଶ ଶତକର ଆଦ୍ୟ ଚରଣରେ ଓଡ଼ିଆ ଭାଷା ଇତିହାସର ନିଜତ୍ୱ ନିର୍ଣ୍ଣୟ କରିବାପାଇଁ ଆଲୋଚନାର ଯେଉଁ ସୂତ୍ରପାତ ହୋଇଥିଲା, ବର୍ତ୍ତମାନ ଭାଷା ବିଜ୍ଞାନର ପରିପ୍ରେକ୍ଷୀରେ ତାହାର ମୂଲ୍ୟାୟନ କରିବାକୁ ଗଲାବେଳେ ଆମେ ଦେଖୁଛୁ ଯେ, ଓଡ଼ିଆ ଭାଷା ଇତିହାସର ଦାର୍ଶନିକ ଭିତ୍ତିସ୍ଥାପନ ଅତ୍ୟନ୍ତ ଦୂରଦୃଷ୍ଟିର ସହିତ କରାଯାଇଥିଲା ଏବଂ ସେହି ମାର୍ଗଦର୍ଶନର ସ୍ୱରୂପ ମୁଖ୍ୟତଃ ପଣ୍ଡିତ ନୀଳକଣ୍ଠଙ୍କର ହିଁ ଜ୍ଞାନପ୍ରସୂତ । ତେବେବି ଏହି ମାର୍ଗଦର୍ଶନର ସ୍ୱରୂପ ଏ ପର୍ଯ୍ୟନ୍ତ ବି ଅନେକଙ୍କ ନିକଟରେ ସ୍ପଷ୍ଟ ନୁହେଁ । ତେଣୁ ପ୍ରଥମେ ଆମକୁ ଓଡ଼ିଆ ଭାଷାର ଉତ୍ପତ୍ତି ଓ ପରିଣତିର ଧାରାଟି ଠିକ୍ କରିବାକୁ ପଡ଼ିବ, ଯେଉଁ ଦର୍ଶନର ପୃଷ୍ଠଭୂମିରେ ଓଡ଼ିଆ ଶବ୍ଦଭଣ୍ଡାର ଓ ବ୍ୟାକରଣର ବ୍ୟୁତ୍ପତ୍ତିଗତ ବୈଶିଷ୍ଟ୍ୟ ନିର୍ଣ୍ଣୀତ ହୋଇପାରିବ । ଦୀର୍ଘ ବୟାଅଶୀ ବର୍ଷ ପୂର୍ବେ ୧ ୯ ୨ ୭ ମସିହାରେ ଯେତେବେଳେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ପ୍ରକାଶିତ ହୁଏ, ସେହି ଗ୍ରନ୍ଥର ଭୂମିକା ଲେଖିବା ଅବସରରେ ନୀଳକଣ୍ଠ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅବତାରଣା କରନ୍ତି, ଯାହା ତାଙ୍କ ମତରେ ଓଡ଼ିଆ ଭାଷା ଇତିହାସର ମୂଳ ପ୍ରଶ୍ନ । ପ୍ରଥମତଃ, ଓଡ଼ିଆ ଭାଷାର ଅସଲ ପ୍ରକୃତିଟି କ ଣ ଓ କାହିଁରେ ଏ ଭାଷାର ବୈଶିଷ୍ଟ୍ୟ ବିଦ୍ୟମାନ ? ଏ ପ୍ରଶ୍ନର ଉତ୍ତର ପରବର୍ତ୍ତୀ ସମୟରେ ବିଶଦଭାବେ ବ୍ୟାଖ୍ୟା କରି ସେ କୁହନ୍ତି– ''ହଠାତ୍ ଦେଖିବାପାଇଁ ଓଡ଼ିଆ ସଭ୍ୟତା ଆର୍ଯ୍ୟ ସଭ୍ୟତା । ତାହାଇ ଓଡ଼ିଆର ଭାଷା ଓ ସାହିତ୍ୟ ।'' (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ୧ ୯ ୪ ୮, ପୃ.୨୭) । କିନ୍ତୁ ପଣ୍ଡିତ ନୀଳକଣ୍ଠ କୁହନ୍ତି -- ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଭାରତର ବହୁ ଅନ୍ୟାନ୍ୟ ସଭ୍ୟତା ବି ଆର୍ଯ୍ୟ ସଭ୍ୟତା । ଏଥି ଭିତରୁ ଓଡ଼ିଆର ବୈଶିଷ୍ଟ୍ୟ କେଉଁଠି ଖୋଜିବାକୁ ପଡ଼ିବ ? ଏ ପ୍ରଶ୍ନର ଉତ୍ତରରେ ନୀଳକଣ୍ଠ କୁହନ୍ତି ଯେ, ଓଡ଼ିଆ ସଭ୍ୟତା ତିନୋଟି ସ୍ରୋତର ସଙ୍ଗମରୁ ସୃଷ୍ଟି । ''ଓଡ଼ିଆ ଭୂମିରେ

Digitized by PPRACHIN, SOA

ଆଦିମ ଓ ଆଗନ୍ତୁକ ଲୋକ-ସମାଗମ ଓ ଲୋକମିଶ୍ରଣ କଥା କୁହାଯାଇଚି । ସେ ସବୁ ଭିତରେ ସଭ୍ୟତାର ତିନୋଟି ଧାରା ମୋଟାମୋଟି ଦେଖାଯାଏ । ସେ ତିନୋଟି ହେଉଚି – ଶବର, କଳିଙ୍ଗ, ଆର୍ଯ୍ୟ ।'' (ତତ୍ରୈବ, ପୃ.୨୮) । ନୀଳକଣ୍ଠଙ୍କ ଏହି ତିନୋଟି ଧାରାକୁ ଓଡ଼ିଶାର ତିନୋଟି ମୁଖ୍ୟ ଭାଷା-ପରିବାର, ଯଥାକ୍ରମେ ଅଷ୍ଟ୍ରିକ ବା ଶବର, ଦ୍ରାବିଡ଼ ଓ ଆର୍ଯ୍ୟ ସଙ୍ଗେ ଚିହ୍ନିତ କରିବା କଷ୍ଟସାଧ ନୁହେଁ । ଭାରତୀୟ ଭାଷାତାତ୍ତ୍ୱିକ ଚିନ୍ତାଧାରାର ତତ୍କାଳୀନ ବାୟୁମଣ୍ଡଳରେ ଓଡ଼ିଆ ପରି ଏକ ଆର୍ଯ୍ୟ ଭାଷାର ପ୍ରକୃତି ବିଷୟରେ ପଣ୍ଡିତ ନୀଳକଣ୍ଠଙ୍କର ଏ ମନ୍ତବ୍ୟ ବା ହାଇପୋଥିସିସ୍‌ର ଖାଲି ମୌଳିକତା ନୁହେଁ । ଏଥିରେ ଯେଉଁ ଦାମ୍ଭିକତା ରହିଛି, ତାହା ଅବଶ୍ୟ ଲକ୍ଷ୍ୟ କରିବାର କଥା । ସଗୋତ୍ର ଏବଂ ଓଡ଼ିଆର ଅତି ନିକଟ ସମ୍ପର୍କୀୟ ବଙ୍ଗଳା ଭାଷା କ୍ଷେତ୍ରରେ ବି ଶୁଦ୍ଧତା ପ୍ରତିପାଦିତ କରିବାକୁ ଯାଇ ଅଧ୍ୟାପକ ସୁନୀତି କୁମାର ଚାଟାର୍ଜୀ ମହାଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇ ଶେଷକୁ ଦାବି କରନ୍ତି ଯେ, ବଙ୍ଗଳା ବହୁବଚନ - ଗୁଲ/ ଗୁଲି ଓ -ରା ଦ୍ରାବିଡ଼ ଭାଷାର ଯେତେ ନିକଟବର୍ତ୍ତୀ ମନେହୁଅନ୍ତୁ ନା କାହିଁକି, ଏଗୁଡ଼ିକ ସେ ଭାଷାର - କଲ୍/ଗଲ୍ ଓ -ଆର୍‌ରୁ ବାହାର ନ କରି ସଂସ୍କୃତ 'କୁଳ' ଶବ୍ଦରୁ ବ୍ୟୁତ୍ପନ୍ନ କରିବାକୁ ହିଁ ହେବ । (ଦ୍ରଷ୍ଟବ୍ୟ-ଚାଟାର୍ଜୀ, ୧୯୨୬, The Origin and Development of Bengali Language, ୧ମ ଖଣ୍ଡ, ପୃ.୯୭) । ତାଙ୍କ ନିଜ କଥାରେ, ବଙ୍ଗଳାର ଏହି ବହୁବଚନଗୁଡ଼ିକର ମୂଳ ଦ୍ରାବିଡ଼ୀୟ ତାମିଲ୍ ଭାଷାର- ଗଲ୍, -ଆର୍, ଇତ୍ୟାଦିରେ ଖୋଜିବା ଅତ୍ୟନ୍ତ ବିପଜ୍ଜନକ, ଯଦିଓ ଏକଥା ଅନସ୍ୱୀକାର୍ଯ୍ୟ ଯେ ତାମିଲ୍-ଆର୍ ପରି ବଙ୍ଗଳାର - ରା ମଧ୍ୟ କେବଳ ପ୍ରାଣିବାଚକ ବିଶେଷ୍ୟ କ୍ଷେତ୍ରରେ ପ୍ରଯୁକ୍ତ ହୋଇଥାଏ । (ତତ୍ରୈବ, ପୃ. ୧୭୩) ହୋଇପାରେ, ଅଧ୍ୟାପକ ସୁନୀତି ଚାଟାର୍ଜୀଙ୍କ ବଙ୍ଗଳା ଭାଷା ଦର୍ଶନ ଦୃଷ୍ଟିରୁ ଦ୍ରାବିଡ଼ ସମ୍ବନ୍ଧ ବଙ୍ଗଳା ଭାଷାପାଇଁ ଅତ୍ୟନ୍ତ ବିପଜ୍ଜନକ, କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାଦର୍ଶନକୁ ବିଚାରକୁ ନେଇ ଆମେ ଦେଖୁଛୁ ଯେ, ଓଡ଼ିଆ ଭାଷାପାଇଁ ଏହା ବିପଜ୍ଜନକ ହେବା ପରିବର୍ତ୍ତେ, ଏକାନ୍ତ ଭାବେ ସ୍ପୃହଣୀୟ । ତା'ର କାରଣ ହେଉଛି – ଓଡ଼ିଆର ସୀମାରେ ରହିଛି ଦ୍ରାବିଡ଼ ଭାଷା, ଓଡ଼ିଶାର ଇତିହାସରେ ରହିଛି ଦ୍ରାବିଡ଼ ଭାଷା, ଓଡ଼ିଆର ସଂସ୍କୃତିରେ ରହିଛି ଦ୍ରାବିଡ଼ ଭାଷା । ଦ୍ରାବିଡ଼ ସମ୍ବନ୍ଧ ଆମ ପକ୍ଷରେ ସ୍ୱାଭାବିକ ଓ ଏହା ପଛରେ ଆମର କୌଣସି ହୀନମନ୍ୟତା ନାହିଁ । କିନ୍ତୁ ବଙ୍ଗଳା ଭାଷା କ୍ଷେତ୍ରରେ ଦ୍ରାବିଡ଼ ସମ୍ବନ୍ଧ ଦେଖାଇବାପାଇଁ ଓଡ଼ିଆ ପରି ସ୍ୱାଭାବିକ ପରିବେଶ ନାହିଁ, ତା'ହେଲେ ବଙ୍ଗଳା ଦ୍ରାବିଡ଼ ସମ୍ବନ୍ଧକୁ କେଉଁ ସୂତ୍ରରେ ପାଇଲା ? ଦ୍ରାବିଡ଼ ସମ୍ବନ୍ଧକୁ ସ୍ୱୀକୃତି ଦେବାକୁ ହେଲେ ବଙ୍ଗଳାଭାଷା ସିଧାସଳଖ ତାହା ଦେଖାଇ ପାରିବ ନାହିଁ, ସେଥିପାଇଁ

Digitized by PPRACHIN, SOA

ଓଡ଼ିଆ ଭାଷା ମାଧ୍ୟମରେ ତାକୁ ଯିବାକୁ ହିଁ ହେବ, ଯେପରି ଓଡ଼ିଆରେ ଚଳୁଥିବା କିଛି ପର୍ତ୍ତୁଗୀଜ ଶବ୍ଦକୁ ବୁଝାଇବାକୁ ହେଲେ ଆମକୁ ବଙ୍ଗଳା ଭାଷା ମାର୍‌ଫତ୍‌ରେ ହିଁ ଯିବାକୁ ହେବ । ସେହି ଏକ ଭୟରୁ ଅଧ୍ୟାପକ ସୁକୁମାର ସେନ୍ ମଧ୍ୟ ତାଙ୍କର 'An Etymological Dictionary of Bengal' ରେ ଚେତାବନୀ ଶୁଣାଇଛନ୍ତି । ସେ କୁହନ୍ତି – ଭାରତୀୟ ଆର୍ଯ୍ୟ ଭାଷାଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନଗୁଡ଼ିକରେ ଦ୍ରାବିଡ଼ୀୟ ସମ୍ବନ୍ଧ ଦେଖାଇବା ଏବେ ଅତି ସାଧାରଣ ହୋଇପଡ଼ିଛି । ବଙ୍ଗଳା ଭାଷା କ୍ଷେତ୍ରରେ ମୁଁ ତାହା କରି ନାହିଁ । କାରଣ ମୋର ବିଶ୍ୱାସ, ଗୋଟିଏ ଦୁଇଟି ଶବ୍ଦକୁ ଛାଡ଼ିଦେଲେ (ଯଥା : ନାମ ହିସାବରେ ବଲ୍ଲାଳ), ପ୍ରାଚୀନ ବଙ୍ଗଭାଷାର କ୍ୱଚିତ୍ ଶବ୍ଦ ସିଧାସଳଖ ଦ୍ରାବିଡ଼ରୁ ଆସିଛନ୍ତି । ବଙ୍ଗଳାର ସବୁ ଶବ୍ଦ ପ୍ରାକୃତରୁ ଆସିଛନ୍ତି । ଏପରିକି ଯେଉଁ ଶବ୍ଦକୁ ମୂଳତଃ ଦ୍ରାବିଡ଼ ବୋଲି କୁହାଯାଇଥାଏ, ସେସବୁ ବି ପ୍ରାକୃତ ମାଧ୍ୟମରେ ଶୁଦ୍ଧ ହୋଇ, ଏପରିକି ଉଚ୍ଚାରଣ ଦୃଷ୍ଟିରୁ ମାର୍ଜିତ ହୋଇ ବଙ୍ଗଳା ଭାଷାରେ ପ୍ରବେଶ କରିଛନ୍ତି । ସେହି ଏକ କଥା ବି ଅଷ୍ଟ୍ରିକ ଶବ୍ଦ କ୍ଷେତ୍ରରେ ପ୍ରଯୁଜ୍ୟ । (ତତ୍ରୈବ, ୧୯୭୧, ୧ମ ଖଣ୍ଡ, ମୁଖବନ୍ଧ-୪) । ବଙ୍ଗଳାର ଏହି ଭାଷା ବ୍ୟୁତ୍ପତ୍ତିବାଦର ସମ୍ପୂର୍ଣ୍ଣ ବିପରୀତ ହେଉଛି ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା ବ୍ୟୁତ୍ପତ୍ତିବାଦ, ଯାହାର ରେଖାଙ୍କନ କରିବା ଭିତରେ ପଣ୍ଡିତ ଗୋପୀନାଥ ନନ୍ଦ ନୀଳକଣ୍ଠଙ୍କର ଶରବ୍ୟ ହୋଇଛନ୍ତି । ସେ ଓଡ଼ିଆ ଭାଷା ଇତିହାସର ଅନ୍ୟ ଏକ ଦିଗ, ଯାହାର ଆଲୋଚନା ଆମେ ଅନ୍ୟତ୍ର କରିବୁ ।

ପଣ୍ଡିତ-ମହାଶୟଙ୍କ ଏହି ଭାଷା ଦର୍ଶନ କଣ କଲା ଆମ ଭାଷାର ଇତିହାସକୁ ? ଏହା ଆମ ସମଗ୍ର ଭାଷାର ବ୍ୟୁତ୍ପତ୍ତିକୁ ବଦଳାଇ ଦେଲା, ଅର୍ଥାତ୍ ଆଜି ଆମେ ଯେତେବେଳେ କହୁଛୁ ଯେ, ପୁରୀ ଜଗନ୍ନାଥ ମନ୍ଦିରର 'ମାଦଳା ପାଞ୍ଜି'ର ନାମକରଣ ସଂସ୍କୃତ 'ମର୍ଦ୍ଦଳ' ଶବ୍ଦକୁ ଧରି ହୋଇଛି ବୋଲି, ସେତେବେଳେ ଏହି ଦର୍ଶନ ଅନ୍ୟ ଏକ ସମ୍ଭାବନା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରୁଛି । ସେ ସମ୍ଭାବନାଟି ହେଉଛି – ମାଦଳାପାଞ୍ଜି ସଂସ୍କୃତ ମତରେ 'ମାଦଳ ଆକାରର ପାଞ୍ଜି' ନା ଏହା ହେଉଛି ପ୍ରକୃତରେ 'ମୁଦଲ ପାଞ୍ଜି', ଯାହାର ଅର୍ଥ ହେଉଛି ଦ୍ରାବିଡ଼ରେ 'ପ୍ରମାଣ ପଞ୍ଜିକା' । ଦ୍ରାବିଡ଼ ଭାଷାରେ 'ମୁଦଲ'ର ଅର୍ଥ ହେଉଛି 'ପ୍ରମାଣ' । ମନ୍ଦିରର ବିଭିନ୍ନ ନୀତିନିୟମର ଏହା ଏକ 'ପ୍ରମାଣ ପଞ୍ଜିକା' ଏବଂ ଏହି ଅର୍ଥରେ 'ମୁଦଲ' ଶବ୍ଦଟି ମଧ୍ୟ ପାଞ୍ଜିରେ ଏକାଧିକ ବାର ବ୍ୟବହୃତ ହୋଇଛି । ତେଣୁ ମାଦଳା ପାଞ୍ଜିର ନାମକରଣ ସଂସ୍କୃତ 'ମର୍ଦ୍ଦଳ' ଶବ୍ଦରୁ ଆସିଥିବାର ଯେତିକି ସମ୍ଭାବନା ରହିଛି, ତା'ଠାରୁ ବେଶି ସମ୍ଭାବନା ରହିଛି ଏହାକୁ ଦ୍ରାବିଡ଼ 'ମୁଦଲ ପାଞ୍ଜି' ଭାବେ ଦେଖିବାର । ଠିକ୍ ସେହିପରି

Digitized by PPRACHIN, SOA

ବଡ଼ଦେଉଳର ପୂର୍ବଦ୍ୱାରକୁ ‘ସିଙ୍ଗି ଦୁଆର’ କହିବାର । ‘ସିଙ୍ଗିଦୁଆର’ ହୁଏତ ସଂସ୍କୃତ ‘ସିଂହଦ୍ୱାର’ରୁ ଆସିଛି; ତା’ ସଙ୍ଗେ ସଙ୍ଗେ ଏହା ଶବର ଭାଷାର ‘ସିଙ୍ଗିଦୁଆର’ରୁ ମଧ୍ୟ ଆସି ଥାଇପାରେ । ଶବର ଭାଷାରେ ‘ସିଙ୍’ ଶବ୍ଦର ଅର୍ଥ ହେଉଛି ମନ୍ଦିର, ଦେବସ୍ଥାନ ବା ପୂଜାସ୍ଥଳୀ । ତେଣୁ ସିଙ୍ଗିଦୁଆର ହେଉଛି ‘ମନ୍ଦିରର ମୁଖ୍ୟ ଦ୍ୱାର’, ସିଂହ ବସିଥିବା ଦ୍ୱାର ନୁହେଁ । ଏହାଦ୍ୱାରା ଓଡ଼ିଆ ଭାଷାର ଇତିହାସ ସଂସ୍କୃତରୁ ହୋଇଥିବା ସ୍ୱତଃ ସିଦ୍ଧ ନୁହେଁ । ସଂସ୍କୃତ ଛଡ଼ା ଦ୍ରାବିଡ଼ୀୟ ଓ ଶବର ଭାଷାର ବହୁ ଉପାଦାନ ମଧ୍ୟ ଛଦ୍ମବେଶରେ ଏହି ଭାଷା ଭିତରେ ଲୁଚିଛନ୍ତି, ସେହି ସବୁ ଉପାଦାନକୁ ଟାଣିଓଟାରି ସଂସ୍କୃତ କରିବାର କୌଣସି ପ୍ରୟୋଜନ ନାହିଁ ।

ସେହିପରି ସଂସ୍କୃତ ଭାଷା ସହିତ ଓଡ଼ିଆ ଭାଷାର ସମ୍ବନ୍ଧ । ସଂସ୍କୃତବାଦୀମାନଙ୍କ ମତରେ ଓଡ଼ିଆ ଭାଷା ସିଧାସଳଖ ଭାବେ ସଂସ୍କୃତ ଭାଷାରୁ ଉଦ୍‌ଭୂତ । କିନ୍ତୁ ପଣ୍ଡିତ ନୀଳକଣ୍ଠ ସେ କଥା ସ୍ୱୀକାର କରି ନାହାନ୍ତି । ତାଙ୍କ ମତରେ ଓଡ଼ିଆ ଭାଷା ସଂସ୍କୃତରୁ ଆସି ନାହିଁ । ଓଡ଼ିଆ ଭାଷା ଆସିଛି ଅନ୍ୟ ଏକ ପ୍ରାକୃତରୁ, ଯେଉଁ ପ୍ରାକୃତ ଭାଷା ସଂସ୍କୃତ ଭାଷାର ପୂର୍ବବର୍ତ୍ତୀ ହୋଇପାରେ । ତେଣୁ, ସଂସ୍କୃତ ଭାଷା ଓଡ଼ିଆ ଭାଷାର ଜନନୀ ନୁହେଁ, ବରଂ ଏହାକୁ ଦୂର ସଂପର୍କିୟା ମାଉସୀ କହିବା ବେଶି ଯୁକ୍ତିଯୁକ୍ତ ହେବ । ଓଡ଼ିଆ ଭାଷାର ପ୍ରକୃତ ଜନନୀ ହେଉଛି ପ୍ରାକୃତ । ପଣ୍ଡିତ ନୀଳକଣ୍ଠଙ୍କର ଏହି ଉକ୍ତିଟିରୁ ଏହା ସ୍ପଷ୍ଟ - ‘‘ଅତି ପ୍ରାଚୀନ ପ୍ରାକୃତ (ଲୋକ ପ୍ରଚଳିତ) ଭାଷାରେ, ଅର୍ଥାତ୍ ଯେଉଁ ଭାଷାରୁ ସଂସ୍କୃତ ବାହାର କରାହୋଇଛି ।’’ (ଓଡ଼ିଆ ବ୍ୟାକରଣ, ୧୯୩୫, ପୃ.୭୦), ଓଡ଼ିଆ ଭାଷା ମଧ୍ୟ ସେହି ପ୍ରାକୃତରୁ ଜନ୍ମ । ଏହି କାରଣରୁ ସେ ଗୋପୀନାଥ ନନ୍ଦଙ୍କ ଓଡ଼ିଆର ବ୍ୟୁତ୍ପତ୍ତି ଧାରାକୁ ସମାଲୋଚନା କରି କହନ୍ତି ଯେ ‘‘କୌଣସିଠାରେ ସେ (ଗୋପୀନାଥ ନନ୍ଦ) ହଠାତ୍ ସଂସ୍କୃତକୁ ଯିବାପାଇଁ ଲୋଡ଼ି ନାହାନ୍ତି ସତ, ମାତ୍ର ସ୍ୱୀକାର କରିବାକୁ ହେବ, ଏହିଠାରେ ସେ କେତେକ ପରିମାଣରେ ଭିନ୍ନ ଦ୍ୱାରରେ ଗତାନୁଗତିକ ପନ୍ଥାରେ ପ୍ରବେଶ କରିଅଛନ୍ତି । ପ୍ରାକୃତକୁ ସର୍ବଦା ସଂସ୍କୃତର ବିକୃତି ବୋଲି ସ୍ଥିର କରି ସେ ପ୍ରାକୃତରେ ଜୀବନ୍ତ ସରସତା ଫୁଟାଇପାରି ନାହାନ୍ତି । ଶବ୍ଦାଦିର ପ୍ରକୃତି ନିର୍ଣ୍ଣୟ କରିବାରେ ସେ ପ୍ରାକୃତ ବାଟେ ଗଲେ ମଧ୍ୟ ଏବଂ ‘ଗୋଡ଼’ ପ୍ରଭୃତିର କେବଳ ପ୍ରାକୃତ ମୂଳ ସ୍ୱୀକାର କଲେ ହେଁ, ଯଥାସାଧ୍ୟ ସବୁ ସଂସ୍କୃତରୁ ବାହାର କରିବାର ପ୍ରୟାସ କରିଛନ୍ତି । ସଂସ୍କୃତ ଯେ କେବଳ ପ୍ରାକୃତର ବିକୃତି, ଏହା ସେ ସ୍ୱୀକାର କରି ନାହାନ୍ତି ।’’ (ଦାସ ନୀଳକଣ୍ଠ, ୧୯୨୭, ଓଡ଼ିଆ ଭାଷାତତ୍ତ୍ୱ, ଗ୍ରନ୍ଥ ପ୍ରବେଶ, ନିୟୁ ଷ୍ଟୁଡେଣ୍ଟ୍‌ସ ଷ୍ଟୋର୍, କଟକ) । ଏହି ବକ୍ତବ୍ୟରୁ ସ୍ପଷ୍ଟ

Digitized by PPRACHIN, SOA

ଯେ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସଂସ୍କୃତରୁ ଏକ ବିକୃତି ଭାବେ ଗ୍ରହଣ ନ କରି, ଏହାକୁ ସିଧାସଳଖ କୌଣସି ଏକ ଆଦି-ପ୍ରାକୃତରୁ ସୃଷ୍ଟ ବୋଲି ଯୁକ୍ତି ବାଢ଼ିଛନ୍ତି, ଯେଉଁ ଆଦି-ପ୍ରାକୃତକୁ ଓଡ୍ର ପ୍ରାକୃତ କହିବାରେ ସେପରି କୌଣସି ବାଧା ନାହିଁ । ପଣ୍ଡିତ-ମହାଶୟଙ୍କ ଯୁକ୍ତି ଯଦି ସତ୍ୟ ହୁଏ ତା'ହେଲେ ଓଡ଼ିଆ ଭାଷାର ଇତିହାସ ଭିନ୍ନ ଭାବେ ଲେଖା ହେବ । ଏହାର ଜନ୍ମ ଦେଢ଼ ହଜାର ବର୍ଷ ତଳେ ନ ହୋଇ ଆହୁରି ବହୁ ଶତାବ୍ଦୀ ପଛକୁ ଘୁଞ୍ଚିଯିବାର ସମ୍ଭାବନା ଦେଖାଦେଇଛି । ଏହି ଦୁଇଟି ତତ୍ତ୍ୱ ହେଉଛି ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା-ଦର୍ଶନର ମୁଖ୍ୟ ବିଷୟ । ଏ ପର୍ଯ୍ୟନ୍ତ ବି ନୀଳକଣ୍ଠଙ୍କ ଭାଷାଦର୍ଶନକୁ ଓଡ଼ିଆ ଭାଷାତାତ୍ତ୍ୱିକ ଆଲୋଚନାର ଗଣ୍ଡି ଭିତରକୁ ଅଣାଯାଇପାରି ନାହିଁ ।

ଓଡ଼ିଆ ଭାଷାରେ ଦ୍ରାବିଡ଼ ଓ ଶବର ଭାଷାର ପୋତା ଏ ପର୍ଯ୍ୟନ୍ତ ବି ପୂରା ଖୋଜାଯାଇ ନାହିଁ । ନୀଳକଣ୍ଠ ମାତ୍ର ପାଞ୍ଚ ଦଶଟି ଶବ୍ଦ ମାଧ୍ୟମରେ ଏହି ସମ୍ବନ୍ଧକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ବସ୍ତୁତଃ, ଏହି ଦୁଇଟି ଭାଷା ପରିବାରର ପ୍ରଭାବ ଓଡ଼ିଆ ଭାଷା ଉପରେ ଯଥେଷ୍ଟ ବ୍ୟାପକ । ବ୍ୟାକରଣ ଓ ଶବ୍ଦାବଳୀ, ଉଭୟ କ୍ଷେତ୍ରରେ ସେ ପ୍ରଭାବ ସ୍ପଷ୍ଟ । ଏହି କ୍ଷୁଦ୍ର ପରିସର ଭିତରେ ବ୍ୟାକରଣ ଦିଗଟି ଆଲୋଚନା ନ କରି ଆମେ କେବଳ ଶବ୍ଦାବଳୀ ଦିଗଟିକୁ ହିଁ ନେବୁ । ସ୍ଥୂଳ ଦୃଷ୍ଟିରେ ବି ଦ୍ରାବିଡ଼ ଓ ଶବର ଭାଷାରୁ ଶହ ଶହ ଶବ୍ଦ ଓଡ଼ିଆକୁ ଆସିଛନ୍ତି, ଯେଉଁମାନଙ୍କୁ ସଂସ୍କୃତରେ ଖୋଜିବା ବା 'ଦେଶୀ' ବୋଲି ଘୋଡ଼ାଇ ପକାଇବାର କୌଣସି ଆବଶ୍ୟକତା ଅନ୍ତତଃ ଓଡ଼ିଆ ଭାଷା ପାଇଁ ନାହିଁ । ଯେଉଁମାନେ ଏହା କରନ୍ତି, ସେମାନଙ୍କର ଓଡ଼ିଆ ଭାଷାର ପ୍ରକୃତି ବିଷୟରେ ଆଦୌ ଧାରଣା ନାହିଁ । ଏପରି କେତେଗୁଡ଼ିଏ ଦ୍ରାବିଡ଼ମୂଳକ ଶବ୍ଦ ହେଲେ – ଅଇଁଠା, ଆଟିକା, ଆଟୁ, ଅମାଳୁ, ଅଡ଼ଙ୍ଗ, ଆରିସା, ଆଳିପଣା, ଅଣ, ଅଣକ, ଇନ୍ଦୁଡ଼ି, ଉଙ୍କିମାରିବା, ଓଳଗି, ଓଦା, ଏଣ୍ଡୁଅ, ହେକୁଟି, ହାଇ, ହୁଗୁଳା, ହୁଡ଼ା, କୋଚଟ, କାଞ୍ଜୁଲା, କାଢ଼, କୟାଁ, କୁନି, କଳେଇ, ଖଣ୍ଡୁଆ, ଖୋପ, ଖୁଆ, ଗିନା, ଗିରା, ଗେଡ଼ା, ଗୋଡ଼ି, ଗୋବ, କୋଲ, କାବାଡ଼ି, ଖଙ୍କାର, ଖୁରୁଡ଼, ଖୋପା, କୋତରା, କୋଦା, କୋଟ, କୋରାଇବା, ଚୋବାଇବା, ଚଡ୍ଡୁ, ଚାଞ୍ଚ, ଚୋପା, ଚଡ଼ି, ଛାଟ, ଛେଣି, ଡିପ, ଥୋଡ଼, ଧଡ଼ା, ତେଲୁଗୁଣି, ତୋଡ଼ା, ତଣ୍ଟି, ତୋଟା, ଦନା, ନୋଳିଆ, ପୋଡୁଅ, ପଟ, ପଟୁକା, ପଟି, ପଟା, ଭାଣ୍ଡ, ଭାଣ୍ଡିଆ, ପତୁଲି, ପନ୍ଦାଡ଼, ପଲମ, ପାଟକ, ବଣା, ବିଲେଇ, ପିଲା, ପିଚୁ, ମୁନ ଇତ୍ୟାଦି । (ଦ୍ରଷ୍ଟବ୍ୟ, Burrow T. M. B. Emeneane, 1961. Dravidian

Digitized by PPRACHIN, SOA

Etymological Dictionary, Clarendon Press, Oxford) । ଏପରିକି ଓଡ଼ିଆର ଏହି ସାଙ୍ଗିଆଗୁଡ଼ିକ, ଯଥା : ମୁଦୁଲି, ମେକାପ, ପଲାଇ, ଲେଙ୍କା, ଜେନା, ବାରିକ ଇତ୍ୟାଦିକୁ ଦ୍ରାବିଡ଼ରେ ଖୋଜିବାକୁ ପଡ଼ିବ । ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ର ଏହି ପ୍ରଭାବ ଏତେ ଗହନ ଯେ, ଓଡ଼ିଆରେ ମୂର୍ଦ୍ଧଣ୍ୟ ବର୍ଣ୍ଣ ଟ, ଠ, ଡ, ଢ ରୁ ଆରମ୍ଭ ପ୍ରାୟ ସମସ୍ତ ଶବ୍ଦକୁ ନିବିଡ଼ ଭାବେ ପରୀକ୍ଷା କରିବାର ଯଥେଷ୍ଟ ଆବଶ୍ୟକତା ଅଛି ।

ନୀଳକଣ୍ଠଙ୍କର ଅନ୍ୟ ଧାରାଟି ହେଲା ଶବର ବା ଅଷ୍ଟ୍ରିକ୍ । ଏପରିକି ଓଡ଼ିଆ ଜାତିର ନାମକରଣ ଏହି ସୂତ୍ରରୁ ଆସିପାରିଥାଏ । ଶବର ଭାଷାରେ ଓର୍‌ର-ମରନ୍ ଅର୍ଥ 'ଚାଷୀ ମଣିଷ', ଯାହା ଓଡ୍, ଓଡ଼ିଆ ନାମର ମୂଳ ହୋଇପାରେ । (ଦ୍ରଷ୍ଟବ୍ୟ, ଲେଖକର, ୧୯୮୪, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ସାହିତ୍ୟ କ୍ରମ ପରିଣାମର ତତ୍ତ୍ୱ ନିରୂପଣ, ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, କଟକ) । ଏହି ସୂତ୍ରରୁ ଆସିଥିବା ବହୁ ସମ୍ଭବ ଶବ୍ଦ ହେଲା – କୁଣ୍ଡ, ଭାତୁଡ଼ି, ଥୋମଣି, ଫଡ଼ିଆ, ପୋଷ, ବଜବଜ (ଛେପ), କୁତୁକୁତୁ, ବାୟା, ଖୁଣ୍ଟା, କେମ୍ପା, ଛୋଟା, କାଲ, ବୋକା, ଫୁଙ୍ଗୁଳା, ଧୋକଡ଼ି, ଭେଣ୍ଡା, ବେଣ୍ଟକାର, ସାରୁଆ (ବ୍ରାହ୍ମଣ), ଡେଉଁରିଆ, ପାଣ୍ଡୋଇ, ଡୋଲି, ଚାଙ୍ଗୁଡ଼ି, ସପ, ପଟି, ଡଙ୍କି, କୁଣ୍ଡେଇ, ପାଲ, ଡେଙ୍ଗୁରା, ରଞ୍ଜା, କରିଆ, ପଦର, ପଦା, ଝିଙ୍କ, ଝୁମ୍ପା, ଗୁଣ୍ଡୁଚି, ଡାହାଳ, ଭୁଆ, ବାଦୁଡ଼ି, ବୁଢ଼ିଆଣୀ, ଟିଙ୍କ, ବନ୍ତଳ (କଦଳୀ), ସୋଲ, ସାରୁ, ସିଅ, କେଣ୍ଡା, କଖାରୁ, ଡାଙ୍ଗ, କୁମ୍ପା, ଟାଙ୍କୁ, ଫୋପଡ଼ା, ତୁମ୍ୱା, ସଢ଼ିବା, କୁଣ୍ଡାଇବା, ବୋବାଇବା, ଚୁଇଁବା, ଡେରିବା, ତୋହିବା, ବତୁରିବା, ହୁରୁଡ଼ିବା, ବୋଳିବା, ଝିଙ୍କିବା, ରାମ୍ପିବା, ଧପୁଡ଼ିବା ଇତ୍ୟାଦି । ଯଦିବା ଅଧ୍ୟାପକ ସୁକୁମାର ସେନ୍‌ଙ୍କ ଦାବିକୁ ମାନି ନିଆଯାଏ, ଯଥା: ଏଥିରୁ ବହୁ ଶବ୍ଦ ପ୍ରାକୃତ ମାଧ୍ୟମରେ ପଶି, ଶୁଦ୍ଧ ହୋଇ, ସଂସ୍କୃତ ହୋଇ, ଓଡ଼ିଆ ବା ବଙ୍ଗଳାକୁ ଆସିଥିଲେ, ତେବେବି ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିର ସାରବତ୍ତା ଆଦୌ ଲାଘବ ହେଉ ନାହିଁ । କାରଣ ନୀଳକଣ୍ଠ ଦାବି କରନ୍ତି ଯେ, ସଂସ୍କୃତ ବହୁକାର ବା ବଳୀବର୍ଦ୍ଦ ଶବ୍ଦରୁ ଓଡ଼ିଆ ପହରା ବା ବଅଲ (ବଳଦ) ଶବ୍ଦର ଉତ୍ପତ୍ତି ନୁହେଁ, ବରଂ ଓଡ଼ିଆ ପ୍ରାକୃତରୁ ନେଇ ସଂସ୍କୃତ ଏଗୁଡ଼ିକୁ ନିଜସ୍ୱ କରିଛି । ତେଣୁ ବହୁ କ୍ଷେତ୍ରରେ ବ୍ୟୁତ୍ପତ୍ତିର ଧାରାକୁ ଅନ୍ଧ ଭାବେ ସଂସ୍କୃତରୁ ଓଡ଼ିଆକୁ ନ ଆଣି ଉଜାଣି ଧାରାଟି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ । ଆଜି ନୀଳକଣ୍ଠଙ୍କ ଓଡ଼ିଆ ଭାଷା-ଦର୍ଶନକୁ ବିଚାରକୁ ନେଲାବେଳେ ତାଙ୍କ ଯୁକ୍ତିର ଗୁରୁତ୍ୱ ଆମେ ଅବଶ୍ୟ ଉପଲବ୍ଧି କରୁଛୁ ।

ତେବେ ମନେ ରଖିବାକୁ ହେବ ଯେ, ଦ୍ରାବିଡ଼ ଓ ଶବର ସମ୍ବନ୍ଧରେ ଓଡ଼ିଆ ଭାଷାର ଇତିହାସ ଶେଷ ନୁହେଁ । ଅନ୍ୟାନ୍ୟ ଅନେକ ସ୍ରୋତର ଅବଦାନ ଏ ଭାଷାର

Digitized by PPRACHIN, SOA

ବିବର୍ତ୍ତନରେ ଅଙ୍କିତ ହୋଇ ରହିଛି । ଏହି ସ୍ରୋତଗୁଡ଼ିକ ଓଡ଼ିଆର ସମଗୋତ୍ରୀ ମଧ୍ୟପ୍ରଦେଶର ଛତିଶଗଡ଼ୀ ହାଲବି ହୋଇପାରନ୍ତି, ଔପଭାଷିକ ସମ୍ବଲପୁରୀ, ଭୂୟାଁଠାର ହୋଇପାରନ୍ତି ବା ହୋଇପାରନ୍ତି କ୍ଷୁଦ୍ରାତିକ୍ଷୁଦ୍ର ଅନାର୍ଯ୍ୟ, ଆଦିବାସୀ ଭାଷା । ପ୍ରସଙ୍ଗକ୍ରମେ ଏହିପରି ଏକ କ୍ଷୁଦ୍ର ଦ୍ରାବିଡ଼ ଭାଷା ମାଲ୍‌ତୋର ଉଲ୍ଲେଖ କରାଯାଇପାରେ, ଯେଉଁ ଭାଷା ଓ ଆଦିବାସୀ ଗୋଷ୍ଠୀ ସହିତ ସମ୍ପ୍ରତି ଓଡ଼ିଆର କୌଣସି ଭୌଗୋଳିକ ବା ସାମାଜିକ ଯୋଗାଯୋଗ ନାହିଁ । ଏହି ଦ୍ରାବିଡ଼ ଆଦିବାସୀ ଭାଷାଟି ବିହାରର ସାନ୍ତାଳପ୍ରଗନାରେ ଅଧୁନା କଥିତ ହୋଇଥାଏ । ଅଥଚ ଅଧ୍ୟୟନ କଲେ ଦେଖାଯାଏ ଯେ, ଓଡ଼ିଆ ଓ ମାଲ୍‌ତୋ ଭାଷାରେ ବହୁ ତୁଳନୀୟ ଶବ୍ଦ ରହିଛି, ଯାହାର ଏକ ସହଜ କାରଣ ଦେବା ହଠାତ୍ ସମ୍ଭବ ନୁହେଁ । ଏହିପରି କେତେଗୁଡ଼ିଏ ଶବ୍ଦ ହେଲେ, ଓଡ଼ିଆ - ହେରିବା, ମାଲ୍‌ତୋ - ଏର୍: କାନକୁଟୁଲି ପୋକ - ମାଲ୍‌ତୋ କନ୍‌କୋଟୁ, କେନ୍ଦେରା - ମାଲ୍‌ତୋ କେନ୍ଦ୍ରେ, କୁତ୍ରା - ମାଲ୍‌ତୋ କୋଟାରୀ, ଗାଣ୍ଡୁ - ମାଲ୍‌ତୋ ଗାଣ୍ଡ୍ରୋ, ଚିରିଗୁଣି - ମାଲ୍‌ତୋ ଚେଡଗ୍ନି, ଟାକୁଆ - ମାଲ୍‌ତୋ ଟାଟ୍‌କୋୟା, ବାଦୁଡ଼ି - ମାଲ୍‌ତୋ ବଦୁଡ଼େ ଇତ୍ୟାଦି ଇତ୍ୟାଦି ।

ସେ ଯାହାହେଉ, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷା ଦର୍ଶନ ଆମ ଭାଷାକୁ ଏଇ ସୁଯୋଗ ଦେଇଛି । ଓଡ଼ିଆ, ସଂସ୍କୃତ ଭାଷାର ଏକାନ୍ତ ଅବରୋଧରୁ ମୁକ୍ତ ହୋଇ ସମଗ୍ର ଭାରତର ଭାଷା-ମାନଚିତ୍ରରେ ନିଜର ସ୍ଥାନ ପାଇଛି । ଭାରତର ବିଭିନ୍ନ ଭାଷାଗୁଡ଼ିକ ସହିତ ନିଜର ସମ୍ପର୍କ ପ୍ରତିଷ୍ଠା କରିପାରିଛି । ଏହିସବୁ ସମ୍ପର୍କ ଆମ ଭାଷା ଇତିହାସର ସମ୍ପତ୍ତି, ଯାହାଦ୍ୱାରା ଓଡ଼ିଆ ଜାତିର ଇତିହାସର ନାନା ଦିଗ ଉଦ୍‌ଘାଟିତ ହୋଇଛି । ଇତିହାସ ଦୃଷ୍ଟିରୁ, ଏହାହିଁ ଆମର ପରମ୍ପରା, ଆମର ଐତିହ ଓ ଆମର ବିଶେଷତ୍ୱ । ଏହି ଦର୍ଶନକୁ ଭୁଲିଯିବା ଜାତି ପକ୍ଷରେ ଆତ୍ମଘାତୀ । କିନ୍ତୁ ବହୁ ଓଡ଼ିଆ ପଣ୍ଡିତଙ୍କ ନିକଟରେ ଆମ ଭାଷାର ଏ ବୈଚିତ୍ର୍ୟ ଏବେବି ସ୍ପଷ୍ଟ ନୁହେଁ ଏବଂ ସେମାନେ ଏବେବି ସଂସ୍କୃତରୁ ଲାଙ୍ଗୁଡ଼ ହୋଇ ଏ ଭାଷାର ଚରିତ୍ର-ସଂହାର କରିଚାଲିଛନ୍ତି । ଏ ମନୋଭାବର ଅନ୍ତ ହେବା ଏ ଭାଷା ପାଇଁ ଅବଶ୍ୟ ଶୁଭଙ୍କର ହେବ ବୋଲି ଆମର ବିଶ୍ୱାସ ।

ଏହି ଆଲୋଚନାରୁ ସ୍ପଷ୍ଟ ଯେ, ପଣ୍ଡିତ ନୀଳକଣ୍ଠ ତାଙ୍କର ଓଡ଼ିଆ ଭାଷାଦର୍ଶନର ମାଧ୍ୟମରେ ଓଡ଼ିଆ ଭାଷାକୁ ଦୁଇ ଭାବେ ଦେଖିଛନ୍ତି । ପ୍ରଥମେ, ଓଡ଼ିଆ ଭାଷା ଗୋଟିଏ ଆର୍ଯ୍ୟ ଭାଷା ହେଲେହେଁ, ଏହାର ବିବର୍ତ୍ତନ, ଅନ୍ୟ ଦୁଇଟି ମୁଖ୍ୟ ଭାଷା ପରିବାର, ଯଥା : ଦ୍ରାବିଡ଼ ଓ ଶବରଦ୍ୱାରା ବହୁଭାବେ ପ୍ରଭାବିତ ହୋଇଛି । ଏହି

Digitized by PPRACHIN, SOA

ପ୍ରଭାବ ବାହ୍ୟିକ ନୁହେଁ, ଏକାନ୍ତ ଅନ୍ତରଙ୍ଗ । ଅର୍ଥାତ୍, ଇଂରାଜୀ ଓ ଆରବ ଫାର୍ଶୀ ପରି ଏ ଭାଷାଗୁଡ଼ିକ ଖାଲି ଆମକୁ ଉଧାର ସୂତ୍ରରେ ଖାଲି କିଛି ଶବ୍ଦ ଦେଇ ନାହାନ୍ତି, ଆମର ମୂଳପିଣ୍ଡ ବି ସେମାନଙ୍କ ଦାନରେ ଗଠିତ । ଏପରିକି ଆମର ବ୍ୟାକରଣ ବା ଗଠନଧାରା ବି ଏ ଭାଷାଗୁଡ଼ିକଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛି । ଏ ସବୁ ଭାଷା ଆମ ଧାତୁରେ ମିଶିକରି ଅଛନ୍ତି । ଏହାହିଁ ଆମ ଭାଷାର ବିଶେଷତ୍ୱ । ଏହାହିଁ ଆମର ଇତିହାସ । ଏହା ହୁଏତ ଏକ ସାମାନ୍ୟ କଥାଭାବେ ଅନେକଙ୍କର ମନେ ହୋଇପାରେ, କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନ । ଏହି ଦର୍ଶନ ଆମ ଭାଷାର ସମଗ୍ର ବ୍ୟୁତ୍ପତ୍ତିର ଧାରାକୁ ବଦଳାଇ ଦେଇଛି । ମାଦଳା ପାଞ୍ଜି ହୋଇଛି ଦ୍ରାବିଡ଼ ମୃଦଳ ପାଞ୍ଜି ଓ ସିଙ୍ଗିଦୁଆର ସଂସ୍କୃତ ସିଂହଦ୍ୱାରରୁ ଆସିଥିବାର ସମ୍ଭାବନା ସାଙ୍ଗକୁ ଏହା ଶବର ସିଙ୍ଗ୍ ବା ଦେବସ୍ଥଳୀକୁ ମଧ୍ୟ ଏକ ସମ୍ଭବ ସୂତ୍ର ଭାବେ ଅଧିକାର ଦେଇଛି । ଅଳ୍ପ କଥାରେ, ତାଙ୍କ ଦର୍ଶନ ଆମ ଭାଷାର ଇତିହାସକୁ ବଦଳାଇ ଦେଇଛି ଏବଂ ତା' ସହିତ ସଂସ୍କୃତ ସହିତ ଆମର ସମ୍ବନ୍ଧକୁ ବି । ସଂସ୍କୃତକୁ ଓଡ଼ିଆ ଭାଷାର ଜନନୀ କହିବା ପରିବର୍ତ୍ତେ ସେ ଓଡ଼ିଆ ଭାଷାର ଉଦ୍‌ଭବକୁ ପ୍ରାକୃତରେ ହିଁ ଦେଖିଛନ୍ତି । ତାଙ୍କ ମତରେ ପ୍ରାକୃତରୁ ହିଁ ସଂସ୍କୃତ ଭାଷାର ଉଦ୍‌ଭାବ ଓ ସେହି ପ୍ରାକୃତରୁ ହିଁ ଓଡ଼ିଆ ଭାଷାର ଜନ୍ମ । ସେହି ପ୍ରାକୃତକୁ ଓଡ୍ରପ୍ରାକୃତ କହିବାରେ ତାଙ୍କର କୌଣସି ଦ୍ୱିଧା ନାହିଁ । ଯଦିଓ ଓଡ୍ରପ୍ରାକୃତ କଥାଟି ସେ କେଉଁଠି ବ୍ୟବହାର କରି ନାହାନ୍ତି । ଓଡ଼ିଆର ଅନେକ ଶବ୍ଦକୁ ପରେ ସଂସ୍କୃତ ଗ୍ରହଣ କରି ସେଗୁଡ଼ିକର ସଂସ୍କୃତ ରୂପ ତିଆରି କରିଛି । ତାଙ୍କ ମତରେ, ଏହିପରି କେତେଗୁଡ଼ିଏ ଶବ୍ଦ ହେଲେ - ଛଇଲ (ସଂସ୍କୃତ ଛବିଳ), ପହରା (ସଂସ୍କୃତ ବହୁକାର), ବଅଲ, ବଳଦ (ସଂସ୍କୃତ ବଳିବର୍ଦ୍ଦ), ଇତ୍ୟାଦି । ଫଳସ୍ୱରୂପ, ଏହା ଆମ ଭାଷାର ଇତିହାସକୁ ଆହୁରି ଦେଢ଼ ହଜାର ବର୍ଷକୁ ପଛେଇ ନେଇଛି । ଓଡ଼ିଆ ଇତିହାସକୁ ପଣ୍ଡିତ ନୀଳକଣ୍ଠଙ୍କର ଏହି ଦୁଇଟି ହେଉଛି ପ୍ରଧାନ ଅବଦାନ । ଏହି ଦିଗ୍‌ଦର୍ଶନର ମର୍ମ ଓ ମହତ୍ତ୍ୱକୁ ଏ ପର୍ଯ୍ୟନ୍ତ ବି ଓଡ଼ିଆ ବିଦ୍ୱାନ୍‌ମାନେ ଉପଲବ୍ଧି କରିପାରି ନାହାନ୍ତି ଓ ଏ ସଂପର୍କରେ ବର୍ତ୍ତମାନ ସୁଦ୍ଧା ନାନା ବିତଣ୍ଡା କରାଯାଇଥାଏ । ଅନ୍ଧବିଶ୍ୱାସ ଉପରେ ନିର୍ଭର କରି ଓ ଓଡ଼ିଆ ଭାଷାକୁ ପଣ୍ଡିତ ନୀଳକଣ୍ଠ ଦେଇଥିବା ଗୌରବକୁ ହୃଦ୍‌ବୋଧ ନ କରି, ଅନେକେ ଏପରି ମତମାନ ଉପସ୍ଥାପନ କରିଥାନ୍ତି, ଯାହା ଓଡ଼ିଆ ଭାଷାର ପ୍ରଭୂତ କ୍ଷତି କରିଥାଏ । ଆଜିକାଲିର ସଂସ୍କୃତ ପଣ୍ଡିତମାନଙ୍କ ଅପେକ୍ଷା ନୀଳକଣ୍ଠ କମ୍ ସଂସ୍କୃତପ୍ରେମୀ ନ ଥିଲେ ନା ସଂସ୍କୃତ ପ୍ରତି ତାଙ୍କର କୌଣସି ବିଦ୍ୱେଷ ନ ଥିଲା । କିନ୍ତୁ ସେ ଥିଲେ ଜଣେ ପ୍ରକୃତ ସତ୍ୟନିଷ୍ଠ ଓଡ଼ିଆ ବିଦ୍ୱାନ୍, ଏବଂ ସତ୍ୟର ସ୍ୱାର୍ଥରେ ନିଜର ବ୍ୟକ୍ତିଗତ ପସନ୍ଦ

Digitized by PPRACHIN, SOA

ଅପସନ୍ଦକୁ ସେ ସମ୍ପୂର୍ଣ୍ଣ ଭାବେ ପରିହାର କରିଛନ୍ତି । ଏହାହିଁ ଥିଲା ତାଙ୍କର ବିଦ୍‌ବତ୍ତା । ବିଦ୍ୟାନୁରାଗରେ ସେ ଓଡ଼ିଆ ଭାଷାର ଯେଉଁ ଇତିହାସ ଗଢ଼ିଯାଇଛନ୍ତି ତାହା ତଥ୍ୟକୁ ଓ ସତ୍ୟକୁ ହିଁ ଆଶ୍ରୟ କରି ଗଢ଼ାଯାଇଛି । ଏହାହିଁ ତାଙ୍କର ଭାଷାତତ୍ତ୍ୱକୁ ମୁଖ୍ୟ ଓ ମୌଳିକ ଅବଦାନ । ଓଡ଼ିଆ ବ୍ୟାକରଣ ଓ ଶବ୍ଦଭଣ୍ଡାର ଭିତରେ ଯେଉଁ ଅଜସ୍ର ଅଣସଂସ୍କୃତ ଉପାଦାନ ରହିଛି, ସେସବୁକୁ ବୁଝାଇବାକୁ ହେଲେ ନୀଳକଣ୍ଠ ଭାଷାଦର୍ଶନ ଛଡ଼ା ଓଡ଼ିଆ ଭାଷାର ଅନ୍ୟ ଗତି ନାହିଁ । ଭାଷାର ଏହି ଅକାଟ୍ୟ ସଙ୍କେତଦ୍ୱାରା ଆମର ସଂସ୍କୃତି, ସାହିତ୍ୟ ଓ ଇତିହାସ ମଧ୍ୟ ଉଦ୍‌ବୁଦ୍ଧ ହେବା ବାଞ୍ଛନୀୟ । ତା' ବି ନୀଳକଣ୍ଠ କରିଯାଇଛନ୍ତି ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ସେହି ଏକ ଆଦର୍ଶ ଭିତରକୁ ଟାଣି ।

ଓଡ଼ିଆ ଜାତି ସୃଷ୍ଟି ହେବାର ହଜାରକରୁ ଦେଢ଼ ହଜାର ବର୍ଷର ଇତିହାସ ଭିତରେ ଯେଉଁ ବିଭିନ୍ନ ଦର୍ଶନ ବା ଚିନ୍ତାଧାରା ଉପରେ ଆମର ଭିତ୍ତି ପ୍ରତିଷ୍ଠିତ ହୋଇଛି ବା ଯାହା ଆମକୁ ଆନ୍ଦୋଳିତ କରିଯାଇଛି, ତାହାହିଁ ହେଉଛି ଆମର ପରମ୍ପରା । ତାହାରି ଭିତରେ ଗଢ଼ିଉଠିଛି ଏ ଜାତିର ବ୍ୟକ୍ତିତ୍ୱ । କେତେବେଳେ ହୁଏତ ମଧ୍ୟାହ୍ନର ସୂର୍ଯ୍ୟପରି ଉଦ୍‌ଭାସିତ ହୋଇଛି ତ କେତେବେଳେ ମେଘ ତଳେ ଢାଙ୍କି ହୋଇପଡ଼ିଛି । ଏ ପରମ୍ପରା ଭିତରେ ପୁଣି ସାହିତ୍ୟର ଏପରିକି ଓଡ଼ିଆ ଭାଷାର ସ୍ଥାନ ମାତ୍ର କେଇ ଶହ ବର୍ଷର ଘଟଣା, ଯଦି ସାହିତ୍ୟକୁ 'ଲେଖା ସାହିତ୍ୟ' ଭାବେ ଧରାଯାଏ । କିନ୍ତୁ ପଣ୍ଡିତ-ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ – ''ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ । ସେପରି ବୁଝିଲେ, ଧଉଳିଗିରିର ଅଶ୍ୱତ୍ଥାମା ହାତୀଠାରୁ ଉଦୟଗିରି ଗୁମ୍ଫା, ଭୁବନେଶ୍ୱର, ଖିଚିଙ୍ଗ୍, ଜଗନ୍ନାଥ, କୋଣାର୍କ ପ୍ରଭୃତିର ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତି ପୂର୍ତ୍ତ କର୍ମ, ଏପରିକି କଣ୍ଟିଲୋର ବାସନ, କଟକର ତାରକସୀ କାମ ପ୍ରଭୃତି ବାଟେ ସାମାଜିକ ଅନୁଷ୍ଠାନ, ବ୍ୟବହାର, କଥା, କିମ୍ବଦନ୍ତୀ, ପୁଣି ସାରଳା ଦାସଙ୍କ ମହାଭାରତାଦି ସମେତ ଏବର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ ।'' ( ୧ମ ଭାଗ, ପୃ. ୧ ) ତେବେ ଏହି ଲେଖା ସାହିତ୍ୟ ସୃଷ୍ଟି ହେବା ପୂର୍ବରୁ କି ପ୍ରକାରର ସାହିତ୍ୟ ଆମ ସମାଜରେ ପ୍ରଚଳିତ ଥିଲା, ଏବଂ ସେ ସାହିତ୍ୟର ଅବଦାନ କଣ ? ପଣ୍ଡିତ-ମହାଶୟଙ୍କ ମତରେ – 'ଲେଖାରେ ପ୍ରକାଶ ନ ପାଇ କଥାରେ ବା ପରମ୍ପରାରେ ଶୁଣି ଶିଖିବା ଗୀତ, ଗପ ଓ କାହାଣୀରେ ଲେଖାସାହିତ୍ୟ ଭଳି, କିମ୍ବା ତା'ଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ । ସେ କାଳେ ଅକ୍ଷର ନ ଥିଲା, ତେଣୁ ଲେଖା ନ ଥିଲା । ଅକ୍ଷର ଥିବା କାଳରେ ମଧ୍ୟ ବ୍ରତକଥା,

Digitized by PPRACHIN, SOA

ଲୋକକଥା ବା ରୂପକଥା, ଶିଶୁବୁଝା ଓ ଶିଶୁସମ୍ପର୍କୀ ଗୀତ, ପୁରାଣ, କାହାଣୀ ଓ ସେଇଭଳି ବିଷୟର ଗୀତ ପ୍ରଭୃତି ଶୁଣିବାର ପରମ୍ପରା ଚଳୁଥିଲା । ଏବେବି ତା' କେତେକ ଚଳେ । ... ଏସବୁ ଏବେବି ଓଡ଼ିଆ ସାହିତ୍ୟ ହୋଇରହିଛି ।

ପଣ୍ଡିତ-ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ, ପ୍ରତ୍ୟେକ ଜାତୀୟ ପରମ୍ପରା ଗୋଟିଏ ସଂଗଠନ ବା system । ଏହି ସଂଗଠନର ପ୍ରାଣ ହେଉଛି ଏହାର ସଂହତି ବା ଶୃଙ୍ଖଳା । ଅନ୍ୟ ଯେ କୌଣସି ସଂହତି ପରି ଉପାଦେୟ ପଦାର୍ଥକୁ ନିଜର ଗଠନ କାର୍ଯ୍ୟରେ ଲଗାଇବାର, ହଜମ କରିବାର ଶକ୍ତି ଯେପରି ଅଛି, ନିଜର ଶୃଙ୍ଖଳା ଭିତରୁ ବହିଷ୍କାର କରିବାର ଶକ୍ତି ବି ସେହି ପରିମାଣରେ ଅଛି । ଏହି ଶକ୍ତିକୁ ହିଁ ଜୀବନର, ସ୍ୱାସ୍ଥ୍ୟର ସୂଚନା ଆମକୁ ମିଳିଥାଏ । ଯେତେବେଳେ ଏ ଶକ୍ତି ଲୋପ ପାଇଯାଏ, ଅର୍ଥାତ୍ ନିଜର ସାର ଅସାର ବୁଝିବାର ଜ୍ଞାନ ରୁହେ ନାହିଁ, ସେ ସଂହତି ମରଣୋନ୍ମୁଖ ବା ମୃତ । ଏହି ଦିଗରୁ ଦେଖିଲେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଜୈବିକ ଶକ୍ତିର ବିଶେଷତ୍ୱ ଉପଲବ୍ଧ ହୁଏ । ଏହି ଶକ୍ତି ଯେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଥିଲା, ଅନ୍ୟ କଥାରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ଯେ ନିଜକୁ ଗୋଟିଏ ସଂହତିର ପ୍ରାଣପ୍ରାଚୁର୍ଯ୍ୟରେ ଜୀବନ୍ତ କରିରଖିଥିଲା, ସେୟା ହିଁ ପଣ୍ଡିତ ନୀଳକଣ୍ଠ ପ୍ରମାଣ କରିଯାଇଛନ୍ତି । ସେତିକି ହିଁ ତାଙ୍କର ଅବିସ୍ମରଣୀୟ ଦାନ ଆଉ ସେଇ ସିଦ୍ଧି ବଳରେ ସେ ଓଡ଼ିଆ ସାହିତ୍ୟର କଳେବର ଉପରେ ବେଳେବେଳେ ଯେଉଁ ଅତ୍ୟନ୍ତ ନିଦାରୁଣ ଅସ୍ତ୍ରୋପଚାର କରିଛନ୍ତି, ତାହାର ଯଥେଷ୍ଟ ମହତ୍ତ୍ୱ ଅଛି ବୋଲି ଆମର ଧାରଣା । ବସ୍ତୁତଃ, ଯେଉଁ ଦର୍ଶନ ସେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠିତ କରିଯାଇଛନ୍ତି, ସେ ଏକା ସଂହତି ସେ ପାଇଛନ୍ତି ସାହିତ୍ୟ ଓ ସଂସ୍କୃତିରେ । ସେଇ ଏକ ଭାଷାଦର୍ଶନ ତାଙ୍କ ସାହିତ୍ୟ ଓ ସଂସ୍କୃତିର ଦର୍ଶନକୁ ଏକ ସୂତ୍ରରେ ବାନ୍ଧିଛି । ଏହା ଏ ଜାତିର ଏକ ସାମୂହିକ ଦର୍ଶନ । ଭାଷା, ସାହିତ୍ୟ, ସଂସ୍କୃତି ସେଇ ଏକ ପୀଠରେ ସମତଳିତ ହୋଇଛନ୍ତି । କୌଣସି ଗୋଟିକୁ ଛାଡ଼ି ଅନ୍ୟ ଗୋଟିକର ସ୍ୱତନ୍ତ୍ରତାକୁ ବୁଝିହେବ ନାହିଁ । ସେଇ ସମଷ୍ଟିଙ୍କୁ ନେଇ ହିଁ ଗଢ଼ିଉଠିଛି ସମଗ୍ର ଓଡ଼ିଆ ଜାତିର ସଭ୍ୟତା ।

ଏହାପରେ ଓଡ଼ିଆ ଭାଷାତତ୍ତ୍ୱର ଦ୍ୱିତୀୟ ପ୍ରସଙ୍ଗ, ଅର୍ଥାତ୍ ଓଡ଼ିଆ ଭାଷାର କଳେବରକୁ ପଣ୍ଡିତ ନୀଳକଣ୍ଠଙ୍କ ଦାନ । ଏହା ଓଡ଼ିଆ ଭାଷାତତ୍ତ୍ୱର ଅନ୍ୟ ଏକ ମୁଖ୍ୟ ଦିଗ । ଏହା ହେଉଛି ଓଡ଼ିଆ ଭାଷାର ଗଠନ ବା ବ୍ୟାକରଣ । ୧୯୨୧ ମସିହାରେ ପଣ୍ଡିତ ନୀଳକଣ୍ଠଙ୍କୁ ସତ୍ୟବାଦୀ ସ୍କୁଲର ଶିକ୍ଷକଭାବେ, ତଳ ଶ୍ରେଣୀରେ ଗୋଟିଏ ମାସପାଇଁ ଓଡ଼ିଆ ବ୍ୟାକରଣ ପଢ଼ାଇବାକୁ ପଡ଼ିଥିଲା ଆଉ ସେଇ ଉପଲକ୍ଷ୍ୟରେ

Digitized by PPRACHIN, SOA

ନୀଳକଣ୍ଠ ଲେଖିଯାଆନ୍ତି ମାତ୍ର ଦୁଇଟି ଅଧ୍ୟାୟର ଗୋଟିଏ ଅପୂର୍ଣ୍ଣ ବ୍ୟାକରଣ । ୧୯୩୫ରେ ଏହି ବ୍ୟାକରଣଟି ପ୍ରଥମେ ପ୍ରକାଶିତ ହୋଇଥିଲେ ହେଁ ଏହି ଅମୂଲ୍ୟ ବ୍ୟାକରଣଟିକୁ ଓଡ଼ିଆ ଜାତି ହରାଇ ବସିଛି । ଏପରିକି ଏପରି ଗୋଟିଏ ଅଧ୍ୟୟନ ଯେ ଓଡ଼ିଆ ଭାଷାପାଇଁ ତିଆରି ହୋଇଥିଲା ତାହାର କୌଣସି ସ୍ମୃତି ଏ ଜାତି ରଖି ନାହିଁ, ତା'ର ଚର୍ଚ୍ଚା ତ ଆହୁରି ଦୂରର କଥା । ଏଇ ବର୍ଷ ସୌଭାଗ୍ୟବଶତଃ ସେ ବ୍ୟାକରଣଟି ଉତ୍କଳ ସମ୍ମେଳନୀ ଓ ନୀଳକଣ୍ଠ ସ୍ମୃତି ସମିତି ଦ୍ୱାରା ପୁନଃ ପ୍ରକାଶିତ ହୁଏ ଓ ଏହି କ୍ଷୁଦ୍ର ପୁସ୍ତକଟି ଓଡ଼ିଆ ଭାଷାତତ୍ତ୍ୱର ଯେ ଏକ ପ୍ରତିଭାଦୀପ୍ତ କୃତି, ସେ କଥା କହିବାପାଇଁ ଆମର ତିଳେହେଲେ ଦ୍ୱିଧା ନାହିଁ । ତେବେ ନୀଳକଣ୍ଠୀୟ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରିବାପୂର୍ବରୁ, ପ୍ରଥମେ ଆମେ ଆମ ଭାଷାର ବ୍ୟାକରଣ ପରମ୍ପରାଟିକୁ ଦେଖିବା ଆବଶ୍ୟକ । ବିଶେଷକରି ଏହାର ତାତ୍ତ୍ୱିକ ପରମ୍ପରାକୁ । (ସର୍ବଶେଷ ଆଲୋଚନାପାଇଁ ଦ୍ରଷ୍ଟବ୍ୟ ଲେଖକର - ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରା – ୧୯୯୭, ଝଙ୍କାର, ବିଷୁବ ସଂଖ୍ୟା ।)

ଓଡ଼ିଆ ବ୍ୟାକରଣର ତାତ୍ତ୍ୱିକ ପରମ୍ପରାକୁ ଦେଖିବାକୁ ଗଲେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଧାରା ଦେଖିବାକୁ ମିଳେ – ଗୋଟିଏ ହେଉଛି ସଂସ୍କୃତ ବ୍ୟାକରଣର ଧାରା ଯାହା ସ୍ଥାନୀୟ ପଣ୍ଡିତମାନଙ୍କଦ୍ୱାରା ଓଡ଼ିଆ ଭାଷାର ବ୍ୟାକରଣ ଲେଖିବାପାଇଁ ଅନୁସୃତ ହୋଇଛି ଓ ଅନ୍ୟଟି ହେଉଛି ଲାଟିନ୍ ବ୍ୟାକରଣର ଧାରା, ଯାହା ମୁଖ୍ୟତଃ ପାଶ୍ଚାତ୍ୟ ମିସନାରୀମାନଙ୍କଦ୍ୱାରା ଓଡ଼ିଆ ବ୍ୟାକରଣ ଲେଖିବା ଦିଗରେ ଅନୁସୃତ ହୋଇଛି । ଏ ଦୁଇଟିଯାକ ପରମ୍ପରାରେ ଏକାଧିକ ଓଡ଼ିଆ ବ୍ୟାକରଣ ଲେଖାହୋଇଛି । କେଉଁ ଧାରାଟି ଭଲ, କେଉଁ ଧାରାଟି ସେତେ ଭଲ ନୁହେଁ, ସେ ବିଷୟରେ ନର୍ଦ୍ଧିଷ୍ଟ ମନ୍ତବ୍ୟ ଦେବା ପୂର୍ବରୁ, ପ୍ରଥମେ ବୁଝିବା ଉଚିତ ଗୋଟିଏ ସଫଳ ବ୍ୟାକରଣ କହିଲେ କ'ଣ ବୁଝାଯାଏ । ଅନ୍ୟ ଭାବେ ପଚାରିଲେ -- ଗୋଟିଏ ବ୍ୟାକରଣ କେଉଁ କେଉଁ ଦିଗରୁ ଉତ୍ତୀର୍ଣ୍ଣ ହୋଇଥିଲେ, ତାକୁ ଗୋଟିଏ ସଫଳ ବ୍ୟାକରଣ କୁହାଯିବ । ଗୋଟିଏ ଭଲ ବ୍ୟାକରଣ କହିଲେ ବୁଝିବାକୁ ହେବ ଯେଉଁ ବ୍ୟାକରଣ ଭାଷାର ସମସ୍ତ ବିଭବପାଇଁ, ଯଥା : ବାକ୍ୟ, ପଦ, ଶବ୍ଦ, ବର୍ଣ୍ଣ ଇତ୍ୟାଦିପାଇଁ ଏପରି ଗୁଡ଼ିଏ ସୂତ୍ରର ଅବତାରଣା କରିଛନ୍ତି, ଯାହା ଉକ୍ତ ଭାଷାପାଇଁ ପର୍ଯ୍ୟାପ୍ତ । ଏହିପରି ଗୋଟିଏ ଦୁଇଟି ସୂତ୍ର ନିଆଯାଉ, ଯଥା : ବିଶେଷ୍ୟରେ ସଂଖ୍ୟାବାଚକ ବିଶେଷଣ 'ଗୋଟିଏ' ଲାଗିଥିଲେ, ସେଥିରେ ଆଉ - ଟିଏ/-ଟାଏ' ଲାଗେ ନାହିଁ । ତେଣୁ କେହି ଯଦି କହେ – 'ତାଙ୍କର ଗୋଟିଏ ଝିଅଟିଏ ଥିଲା:– ଉପରୋକ୍ତ ସୂତ୍ର ଅନୁସାରେ ଏହା ଓଡ଼ିଆରେ ଅସିଦ୍ଧ ଓ ଅଶୁଦ୍ଧ । କାରଣ ଝିଅ ପୂର୍ବରୁ ଗୋଟିଏ ଲାଗିଥିବାରୁ ପୁଣି

Digitized by PPRACHIN, SOA

ସେଥିରେ ଟିଏ ଲାଗିବା ଅଶୁଦ୍ଧ । ସେହିପରି ବିଶେଷ୍ୟରେ 'ବହୁ, ଅନେକ' ଲାଗିଲେ ଆଉ - ମାନେ ବା - ଗୁଡ଼ିଏ ଯୋଗ ହୁଏ ନାହିଁ, ଯଥା : ବହୁ ଲୋକମାନେ ଆସିଥିଲେ । ଅର୍ଥାତ୍, 'ବହୁ' ଲାଗିଥିବା ହେତୁ ପୁଣି ବିଶେଷ୍ୟରେ-ମାନେ ଯୋଗ ଓଡ଼ିଆରେ ଅସିଦ୍ଧ । ଏଗୁଡ଼ିକ ସବୁ ବ୍ୟାକରଣର ସୂତ୍ର ଓ ଏହି ସୂତ୍ରଗୁଡ଼ିକ ଧରି ହିଁ ଭାଷାର ସମ୍ଭବ/ଅସମ୍ଭବ ବା ଶୁଦ୍ଧ/ଅଶୁଦ୍ଧ, ସିଦ୍ଧ/ଅସିଦ୍ଧ ପ୍ରତିପାଦିତ ହୋଇଥାଏ । ସମ୍ଭବ/ସିଦ୍ଧ/ଶୁଦ୍ଧ ଦିଗଟି ହେଉଛି ଓଡ଼ିଆ ଭାଷା ଓ ଅସମ୍ଭବ/ଅସିଦ୍ଧ/ଅଶୁଦ୍ଧ ଦିଗଟି ହେଉଛି ଓଡ଼ିଆ ଭାଷା ବହିର୍ଭୂତ ।

କିପରି ଜାଣିବା ଆମେ ଭାଷାରେ ଶୁଦ୍ଧ କଣ ଓ ଅଶୁଦ୍ଧ କଣ ? ଶିଷ୍ଟ ବ୍ୟବହାର କଣ ଓ ଅଶିଷ୍ଟ ବ୍ୟବହାର କଣ ? କିଏ ଦେବ ଆମକୁ ସେ ବିଚାରବୁଦ୍ଧି ? ବ୍ୟାକରଣ ହିଁ ସେହି ଜ୍ଞାନ ଦେବାପାଇଁ ଉଦ୍ଦିଷ୍ଟ । ଯେତେବେଳେ ଗୋଟିଏ ବ୍ୟାକରଣ ସେହି ଜ୍ଞାନ ଦିଏ ନାହିଁ, ବା ଦେବାରେ ସଫଳ ହୁଏ ନାହିଁ, ତାହାକୁ ବ୍ୟାକରଣର ଅସଫଳତା ବୋଲି ବୁଝିବାକୁ ହେବ । ଧରନ୍ତୁ, ଜଣେ ବ୍ୟାକରଣକାର ଗୋଟିଏ ସିଦ୍ଧ ବାକ୍ୟର ଉଦାହରଣ ଦେଲେ - ଝିଅଟି ବଡ଼ କାନ୍ଦ କାନ୍ଦିଲା । ଏହି ବ୍ୟାକରଣ ଅନୁସାରେ କ୍ରିୟାବାଚକ 'କାନ୍ଦ' ବିଶେଷଣ ନେଇପାରେ । ସେ କଥା ସେଇଠି ସରିଲା ନାହିଁ । ଏହି ସୂତ୍ରକୁ ଅନୁସରଣ କରି କେହି ହୁଏତ କହିପାରେ – କେଲୁଚରଣ ବଡ଼ ନାଚ ନାଚିଲେ, ବା ସେ ମୋ ଉପରେ ବଡ଼ ରାଗ ରାଗିଲେ । କିନ୍ତୁ ଓଡ଼ିଆ ସମାଜର ଶିଷ୍ଟମାନେ ଏହି ବାକ୍ୟଗୁଡ଼ିକୁ ଗ୍ରହଣ କରିବେ ନାହିଁ, କାରଣ କ୍ରିୟାବାଚକ ବିଶେଷ୍ୟ 'ବଡ଼ପରି' ବିଶେଷଣ ନେଇ ନ ଥାଏ । ଏହିପରି ଭ୍ରମ, ବ୍ୟାକରଣର ଅସଫଳତାକୁ ସୂଚାଇଥାଏ । ଗୋଟିଏ ବର୍ଣ୍ଣନାତ୍ମକ ବ୍ୟାକରଣ ବା descriptive grammar ଭାଷାର ଶୁଦ୍ଧ ବ୍ୟବହାରଟିକୁ ସୂତ୍ରବଦ୍ଧ କରିବାପାଇଁ ଚେଷ୍ଟା କରିଥାଏ । ଏହିପରି ଏକ ଆଦର୍ଶର ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରାଯାଇପାରେ ।

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣଟି ଏକ ବର୍ଣ୍ଣନାତ୍ମକ ବ୍ୟାକରଣ । ଏହାର ଆଲୋଚ୍ୟ ହେଉଛି ଓଡ଼ିଆ ଶିଷ୍ଟ ଭାଷା । ଆମେ ଆଗରୁ କହିଛୁ ଯେ, ଓଡ଼ିଆ ବ୍ୟାକରଣ ରଚନାରେ ମୁଖ୍ୟତଃ ଦୁଇଟି ଆଦର୍ଶ ଦେଖିବାକୁ ମିଳେ – ଗୋଟିଏ ସଂସ୍କୃତ ବ୍ୟାକରଣର ଆଦର୍ଶ ଓ ଅନ୍ୟଟି ଲାଟିନ୍ ବ୍ୟାକରଣର । ଲାଟିନ୍ ବ୍ୟାକରଣର ପରମ୍ପରା ପଣ୍ଡିତ ନୀଳକଣ୍ଠଙ୍କୁ ସେପରି ଆକୃଷ୍ଟ ନ କରିବା ସ୍ୱାଭାବିକ, କାରଣ ସଂସ୍କୃତ ବ୍ୟାକରଣର ପରମ୍ପରା ଲାଟିନ୍ ବ୍ୟାକରଣ ପରମ୍ପରାଠାରୁ ଖାଲି ଉନ୍ନତ ବୋଲି ନୁହେଁ, ସଂସ୍କୃତ ବ୍ୟାକରଣର ଜ୍ଞାନ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଧାନ ମାର୍ଗଦର୍ଶକ

Digitized by PPRACHIN, SOA

ଓ ପୁଞ୍ଜି । କିନ୍ତୁ ସେ ସଂସ୍କୃତ ପରମ୍ପରାରେ ଲିଖିତ ତତ୍‌କାଳୀନ ଓଡ଼ିଆ ବ୍ୟାକରଣଗୁଡ଼ିକୁ ଅନୁସରଣ କରି ନାହାନ୍ତି ଓ ସେଗୁଡ଼ିକୁ ସଂସ୍କୃତର ଅନ୍ଧ ଅନୁକରଣ କହି ନିଜ ବିଚାରରୁ ହଟାଇ ଦେଇଛନ୍ତି । ଫଳସ୍ୱରୂପ ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ ଏକ ସ୍ୱତନ୍ତ୍ର ପରମ୍ପରା ହେବାର ଗୌରବ ଅର୍ଜନ କରିଛି । ପଣ୍ଡିତ ନୀଳକଣ୍ଠ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରି ନାହାନ୍ତି କି ଅନୁସରଣ କରି ନାହାନ୍ତି । ତାଙ୍କ ନିଜ ଭାଷାରେ – ‘‘ସେତେବେଳେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ସବୁ ଦେଖି ମନେହେଲା ସେସବୁ ଇତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର ! ସେଠାରୁ ମୁଁ ନିଜେ ଅତି ମୂଳରୁ ଆରମ୍ଭକରି ଓଡ଼ିଆ ବ୍ୟାକରଣ ଆଲୋଚନାରେ ଚିନ୍ତା ଚଳାଇବାକୁ ବାଧ ହେଲି ।’’ (ଓଡ଼ିଆ ବ୍ୟାକରଣ ମୁଖବନ୍ଧ, ୧୯୩୫, ପୃ.ଘ) । କିନ୍ତୁ ସଂସ୍କୃତ ବ୍ୟାକରଣର ଯେଉଁ ତାତ୍ତ୍ୱିକ ସାର୍ବଜନୀନତା ବା theoretical universality ଅଛି ସେହି ତତ୍ତ୍ୱକୁ ସେ ଓଡ଼ିଆ ଭାଷା ଉପରେ ପ୍ରୟୋଗ କରିଛନ୍ତି, ଏବଂ ଏୟା ହିଁ ହେଲା ପଣ୍ଡିତ ନୀଳକଣ୍ଠଙ୍କ ବ୍ୟାକରଣର ବିଶେଷତ୍ୱ । ଏହି ବ୍ୟାକରଣ ଭାରତୀୟ ଭାଷାତତ୍ତ୍ୱ ଉପରେ ଆଧାରିତ, ସଂସ୍କୃତ ବ୍ୟାକରଣ ଉପରେ ନୁହେଁ ।

ଭାରତୀୟ ଭାଷାତତ୍ତ୍ୱ କଣ ? ଭାରତରେ ଭାଷା ବିଷୟକ ଆଲୋଚନାପାଇଁ ପ୍ରଧାନତଃ ଦୁଇଟି ଦିଗରୁ ଆଗ୍ରହ ପ୍ରକାଶ ପାଇଥିଲା - ଗୋଟିଏ ହେଉଛି ଭାଷାଦର୍ଶନ ଓ ଅନ୍ୟଟି ଭାଷାତତ୍ତ୍ୱ । ଭାଷାତତ୍ତ୍ୱ କହିଲେ ସାଧାରଣତଃ ଭାଷାର ଗଠନ - ସମ୍ବନ୍ଧୀୟ ସମସ୍ତ ପ୍ରକାର ସୌତ୍ରିକ ଆଲୋଚନା ହିଁ ଆଲୋଚକର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଭାଷା ତ କେବଳ କଥାର ମାଧ୍ୟମ ନୁହେଁ, ଚିନ୍ତାର ମଧ୍ୟ ଆଧାର । ଫଳରେ, ଭାଷା ବିଷୟକ ଗବେଷଣାରେ ଅନେକଙ୍କୁ ପ୍ରବୃତ୍ତ ହେବାକୁ ପଡ଼ିଛି । ପତଞ୍ଜଳି ଓ ଭର୍ତ୍ତୃହରିଙ୍କ ପରି ଭାଷାତତ୍ତ୍ୱବିଦ୍‌ମାନେ ଯେପରି ଏକାଧାରରେ ଦାର୍ଶନିକ ଓ ବୈୟାକରଣ, ସେହିପରି ଦାର୍ଶନିକ ଶଙ୍କର ଓ ବୈୟାୟିକ କୁମାରିଲ ମଧ୍ୟ ଭାଷା ସମ୍ବନ୍ଧରେ ବହୁ ଉପାଦେୟ ଆଲୋଚନା କରିଯାଇଛନ୍ତି । ସେ ଭାରତୀୟ ଭାଷାତତ୍ତ୍ୱର ଅନ୍ୟ ଏକ ଧାରା । ବର୍ତ୍ତମାନ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ମୂଲ୍ୟାୟନ କରିବାପାଇଁ, ଆମେ କେବଳ ତାଙ୍କ ବ୍ୟାକରଣର ଧାରାଟିକୁ ହିଁ ପରୀକ୍ଷା କରିବୁ । ଭାରତୀୟ ଭାଷାତତ୍ତ୍ୱରେ ବ୍ୟାକରଣ କହିଲେ କଣ ବୁଝାଯାଏ ? ପତଞ୍ଜଳି ଏହି ପ୍ରଶ୍ନର ଉତ୍ତର ଅତି ସଂକ୍ଷେପରେ ଦେବାକୁ ଯାଇ କହିଛନ୍ତି – ସୂତ୍ରମ୍ । ତେଣୁ ବ୍ୟାକରଣ ହେଉଛି କେତେଗୁଡ଼ିଏ ସୂତ୍ରର ସମାହାର ମାତ୍ର । ଆଦର୍ଶ ବ୍ୟାକରଣ ସୂତ୍ରର ବୈଶିଷ୍ଟ୍ୟ ହେଉଛି ଏହା ‘ସାରବତ୍’ (ଅର୍ଥାତ୍ ଅର୍ଥପୂର୍ଣ୍ଣ), ‘ନିର୍ଦ୍ଦୋଷ’, ‘ଅସନ୍ଦିଗ୍ଧ’ (unambiguous) ହେବା ସଙ୍ଗେ ସଙ୍ଗେ ସ୍ୱଳ୍ପାକ୍ଷରବିଶିଷ୍ଟ (ecortomical) ହୋଇଥିବା ଉଚିତ ଓ ଏହାର ‘ବିଶ୍ୱତୋମୁଖିତା’

Digitized by PPRACHIN, SOA

ବା widest application ଥିବା ଉଚିତ । ଏହି ଗୁଣଗୁଡ଼ିକର ପରିପ୍ରେକ୍ଷୀରେ ନୀଳକଣ୍ଠ ବ୍ୟାକରଣର ସଫଳତାକୁ ପରୀକ୍ଷା କରାଯାଇପାରେ ।

ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣଟି 'ବାକ୍ୟ ବିଚାର'ରୁ ହିଁ ଆରମ୍ଭ ହୋଇଛି, ଯଦିଓ ଅନ୍ୟାନ୍ୟ ଓଡ଼ିଆ ବ୍ୟାକରଣଗୁଡ଼ିକ, ଏପରିକି ମିସନାରୀ ବ୍ୟାକରଣଗୁଡ଼ିକ ବି ଅକ୍ଷର ବା ବର୍ଣ୍ଣରୁ ଆରମ୍ଭ ହୋଇଥିବା ସର୍ବତ୍ର ଲକ୍ଷ୍ୟ କରାଯାଇଥାଏ । ଭାଷା ବିଶ୍ଳେଷଣପାଇଁ ବର୍ଣ୍ଣ, ଶବ୍ଦ, ପଦ, ବାକ୍ୟ, ପ୍ରଭୃତି ସମସ୍ତେ ଭାଷାଗଠନର ଗୋଟିଏ ଗୋଟିଏ ଏକକ ବା unit. ଯାହା ଭାଷାର ବିଭିନ୍ନ ସ୍ତରକୁ ବର୍ଣ୍ଣନା କରିବାପାଇଁ ଉଦ୍ଦିଷ୍ଟ । ଏ ସବୁ ଏକକଗୁଡ଼ିକ ଯଦିଓ ଭାଷା ବିଶ୍ଳେଷଣପାଇଁ ଏକାଧାରରେ ଅପରିହାର୍ଯ୍ୟ, ବାକ୍ୟ ହେଉଛି ଭାଷାର ଏକମାତ୍ର ଅକୃତ୍ରିମ ଏକକ: ଅର୍ଥାତ୍ – ବର୍ଣ୍ଣ, ଶବ୍ଦ, ପଦ, ପରି ବାକ୍ୟ ବୈୟାକରଣମାନଙ୍କଦ୍ୱାରା ସୃଷ୍ଟି ହୋଇ ନାହିଁ । ପଦ, ଶବ୍ଦ, ବର୍ଣ୍ଣ ହେଉଛନ୍ତି କୃତ୍ରିମ ଏକକ: ସେମାନଙ୍କୁ ଭାଷା ବିଶ୍ଳେଷଣର ସ୍ୱାର୍ଥରେ ସୃଷ୍ଟି କରାଯାଇଛି । ବାକ୍ୟ ହେଉଛି ଭାଷାର ଏକମାତ୍ର ଅକୃତ୍ରିମ ଏକକ, ଅର୍ଥାତ୍ ଏହା ବ୍ୟାକରଣକାରମାନଙ୍କଦ୍ୱାରା ସୃଷ୍ଟି କରା ନ ହୋଇ ଭାଷାଭାଷୀମାନଙ୍କ ବ୍ୟବହାରରୁ ପ୍ରତିଷ୍ଠିତ ହୋଇଛି । ଏହି ବ୍ୟାକରଣର ଦୁଇଟି ଉଦାହରଣ ଦେଇ, ଯଥା : ଧାନ ପାଚୁଛି, ଗାଈ ଚରୁଛି, ପଣ୍ଡିତ-ମହାଶୟ ବାକ୍ୟର ଅକୃତ୍ରିମତା ଉପରେ ଗୁରୁତ୍ୱ ଦେଇଛନ୍ତି, ଏପରିକି ସେ ବାକ୍ୟର ସଂଜ୍ଞାଟିଏ ଦେବାପାଇଁ ମଧ ଚେଷ୍ଟା କରି ନାହାନ୍ତି । ବାକ୍ୟ ସ୍ୱାଭାବିକ, ଅକୃତ୍ରିମ ଓ ସ୍ୱୟଂସିଦ୍ଧ । ସମସ୍ତେ ଜାଣନ୍ତି ବାକ୍ୟ କଣ । ତେଣୁ ଏହାକୁ ବୁଝାଇବାକୁ ଚେଷ୍ଟା ନ କରି, ସେ ବାକ୍ୟର କୃତ୍ରିମ ବିଭାଜନ କରିଛନ୍ତି ଦୁଇ ଭାଗରେ – ଉଦ୍ଦେଶ୍ୟ ବା subject ଓ ବିଧେୟ ବା predicate । ଏହି ଦୁଇଟି ଭାଗକୁ ବୁଝାଇବାକୁ ଯାଇ ସେ କୁହନ୍ତି – ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ତାହାକୁ 'ଉଦ୍ଦେଶ୍ୟ': ପୁଣି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ, ସେ କୁହାଯିବା କଥାକୁ 'ବିଧେୟ' କୁହନ୍ତି । ଏହି ଅର୍ଥରେ, 'ଧାନ ପାଚୁଛି' ବାକ୍ୟରେ 'ଧାନ' ଉଦ୍ଦେଶ୍ୟ ଓ 'ପାଚୁଛି' ବିଧେୟ । ଗାଈ ଚରୁଛି ବାକ୍ୟରେ ଗାଈ ଉଦ୍ଦେଶ୍ୟ ଓ ଚରୁଛି ବିଧେୟ । ଏହି ସୂତ୍ରରେ ଏ ଏକକଗୁଡ଼ିକର କୃତ୍ରିମତାକୁ ବୁଝାଇବାକୁ ଯାଇ ସେ କୁହନ୍ତି – ଖାଲି ଧାନ ବା ଗାଈ କହିଲେ ଏହା ବାକ୍ୟ ହେଲା ନାହିଁ । ସେ ସବୁ ଗୋଟିଏ ଗୋଟିଏ ନାମ । ଧାନ କଣ ହେଉଛି ? – ପାଚୁଛି । ଗାଈ କଣ କରୁଛି ? – ଚରୁଛି । ଏହିପରି କଥାଟିମାନ ଲଗାଇ ଗୋଟିଏ ଗୋଟିଏ ବାକ୍ୟ କଲୁ । ତା'ହେଲେ ବାକ୍ୟ ବ୍ୟାକରଣ ଦୃଷ୍ଟିରୁ ହେଲା - ଉଦ୍ଦେଶ୍ୟ + ବିଧେୟ । ପୁଣି ଉଦ୍ଦେଶ୍ୟ ହେଲା

Digitized by PPRACHIN, SOA

ନାମ ବା ବିଶେଷ୍ୟ ଓ ବିଧେୟ ହେଲା କ୍ରିୟା । ଅତଏବ ବାକ୍ୟଟି ହେଲା ବିଶେଷ୍ୟ ପଦ + କ୍ରିୟାପଦ । ବିଶେଷ୍ୟ ହେଉଛି ଗାଇ, ଧାନ, ଇତ୍ୟାଦି ଓ କ୍ରିୟା ହେଉଛି ପାଚୁଛି, ଚରୁଛି ଇତ୍ୟାଦି ।

ସବୁ ବାକ୍ୟ ଏଇ ଦୁଇଟି ଭାଗରେ ଗଢ଼ା । ତାଙ୍କ କଥାରେ – ''ବାକ୍ୟ ଯେତେ ବଡ଼ ହେଲେ ମଧ୍ୟ ସେଥିରେ ଏହି ଉଦ୍ଦେଶ୍ୟ ବିଧେୟ ଛଡ଼ା ଆଉ କିଛି ରହି ନ ପାରେ ।'' ଯଦି କୌଣସି ବାକ୍ୟରେ ଉଦ୍ଦେଶ୍ୟ ବା ବିଧେୟର ଅଭାବ ଦେଖାଯାଏ, ଏପରି ବାକ୍ୟରେ ଉଦ୍ଦେଶ୍ୟ ବି ବିଧେୟ 'ଉହ୍ୟ' ବା ଅପ୍ରକାଶିତ ଅଛି ବୋଲି ଧରିବାକୁ ହେବ । ଏହି ଉହ୍ୟ ପଦଗୁଡ଼ିକର ଉଦାହରଣ ଦେଇ ସେ କୁହନ୍ତି – 'ଆପଣାକୁ ବଡ଼ ବୋଲି ବିଚାର ନାହିଁ' ବାକ୍ୟରେ ଉଦ୍ଦେଶ୍ୟ 'ତୁମେ' ଉହ୍ୟ । ସେହିପରି ଅନ୍ୟ କେତେକ ବାକ୍ୟରେ ବିଧେୟ ବି ଉହ୍ୟ ଥାଇପାରେ, ଯଥା : କିଏ କଦଳୀ ଖାଉଛି ? ଉତ୍ତର – ମୁଁ । ପୂର୍ଣ୍ଣ ବାକ୍ୟଟି ହେବ – ମୁଁ କଦଳୀ ଖାଉଛି । ବିଧେୟ 'କଦଳୀ ଖାଉଛି, ଏଠାରେ ଉହ୍ୟ ।

ଗାଇ ଚରୁଛି ପରି ଗୋଟିଏ ଅତି କ୍ଷୁଦ୍ର ବାକ୍ୟରେ ଉଦ୍ଦେଶ୍ୟ ଓ ବିଧେୟରେ ମାତ୍ର ଗୋଟିଏ କରି ପଦ ଅଛନ୍ତି, ଯଥା : ଗାଇ ଓ ଚରୁଛି । ଏହି କ୍ଷୁଦ୍ର ପଦଗୁଡ଼ିକୁ ସଂପ୍ରସାରିତ କରାଗଲେ ବି ବାକ୍ୟଗଠନରେ କୌଣସି ପରିବର୍ତ୍ତନ ଆସେ ନାହିଁ । ସେହି ସଂପ୍ରସାରଣର ଗୋଟିଏ ଉଦାହରଣ ଦେଇ ନୀଳକଣ୍ଠ ଏକ ବିରାଟ ବାକ୍ୟ ସୃଷ୍ଟି କରିଛନ୍ତି, ଯଥା : କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି । ଏହି ଦୀର୍ଘ ବାକ୍ୟରେ 'କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ' ହେଉଛି ଉଦ୍ଦେଶ୍ୟ ଓ 'ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି' ହେଉଛି ବିଧେୟ । ବାକ୍ୟରେ ଏହି ଦୁଇଟିଯାକ ଦୀର୍ଘ ଅଂଶର ବ୍ୟାକରଣ ଯାହା, ଗାଈ ଚରୁଛିର ବ୍ୟାକରଣ ମଧ୍ୟ ସେୟା । ଉଦ୍ଦେଶ୍ୟ ଭାବେ ଗାଈ/କାଳି ଗାଈ/ନୂଆ ହୋଇ କିଣାହୋଇଥିବା ସେହି କାଳି ଗାଈ/କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆହୋଇ କିଣାହୋଇଥିବା ସେହି କାଳି ଗାଈ ଓ ବିଧେୟ ଭାବେ ଚରୁଛି/ଘାସ ଚରୁଛି/ବିଲରେ କଅଁଳ ଘାସ ଚରୁଛି/ଦୁଇଚାରିଦିନ ତଳେ ହଳ ହୋଇଥିବା, ତାଙ୍କ ବିଲରେ କଅଁଳ ଘାସ ଚରୁଛି, ବ୍ୟାକରଣ ଦୃଷ୍ଟିରୁ ସମାନ । ତେଣୁ, ବାକ୍ୟରେ ଗୋଟିଏ ପଦ ବା ବିଭିନ୍ନ ପଦ ଯୁକ୍ତ ହୋଇ ତିଆରି ହୋଇଥିବା ବାକ୍ୟାଂଶ (endocentric expansion) ବଡ଼ ବା

Digitized by PPRACHIN, SOA

ଛୋଟ ହେବା ବ୍ୟାକରଣ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ, ଯଦି ବାକ୍ୟାଂଶଟି ଏକ ବ୍ୟାକରଣିକ କାର୍ଯ୍ୟ ସମ୍ପନ୍ନ କରୁଥାଏ । ଭାଷାର ଏହି ପ୍ରକୃତି ଯୋଗୁଁ ଭାଷାକୁ ବର୍ଣ୍ଣନା କରିବାପାଇଁ ବ୍ୟାକରଣକୁ ପ୍ରଚଣ୍ଡ ଶକ୍ତି ମିଳିଥାଏ, ଯେପରି ଗାଈ ପରି ଗୋଟିଏ ବିଶେଷ୍ୟ, ଯାହା ବାକ୍ୟର ଉଦ୍ଦେଶ୍ୟ, ତାହା କାଳିଗାଈ ସହିତ ସମାନ । ସେହିପରି ବିଧେୟରେ ଘାସ ଚରୁଛି ପରି କ୍ରିୟା, କଅଁଳ ଘାସ ଚରୁଛି ସହିତ ସମାନ, ଯାହାକୁ ବ୍ୟାକରଣର ଭାଷାରେ କହିଲେ ହେବ – ବିଶେଷଣ + ବିଶେଷ୍ୟର ବ୍ୟାକରଣ, ବିଶେଷ୍ୟର ବ୍ୟାକରଣ ସହିତ ସମାନ । ତେଣୁ ଏହି ବିରାଟ ବାକ୍ୟର ଅନ୍ତର୍ନିହିତ ବାକ୍ୟଟି ହେଉଛି କ୍ଷୁଦ୍ର 'ଗାଈ ଚରୁଛି' । ଗାଈ ଚରୁଛିର ବ୍ୟାକରଣ ଯାହା ସଂପ୍ରସାରିତ ବାକ୍ୟାଂଶଟିର ବ୍ୟାକରଣ ବି ସେୟା । ଭାଷାର ବ୍ୟାକରଣ ଯେ ଗୋଟିଏ ସୂତ୍ରକୁ ବାରମ୍ବାର ବ୍ୟବହାର କରି ନୂଆ ବାକ୍ୟ ସୃଷ୍ଟି କରିଥାଏ, ଏହା ତାଙ୍କର ଏହି ଆଲୋଚନାଦ୍ୱାରା ପ୍ରାଞ୍ଜଳ ହୋଇଛି । ବ୍ୟାକରଣର ଏହି ପୌନଃପୁନିକତା ଯୋଗୁଁ ହିଁ ଭାଷା ପରି ଅସୀମ ଏକ ସୃଷ୍ଟିକୁ ଅଳ୍ପ କେତୋଟି ବ୍ୟାକରଣ ସୂତ୍ର ଦ୍ୱାରା ପ୍ରକାଶ କରିବା ସମ୍ଭବ । ବ୍ୟାକରଣର ପ୍ରଥମ ଓ ପ୍ରଧାନ ଗୁଣ ହେଉଛି ଏହାର ମିତାଚାର । ତା' ନ ହୋଇଥିଲେ ମାନବ ଶିଶୁ ପକ୍ଷରେ ଭାଷାକୁ ଶିକ୍ଷା କରିବା ଅସମ୍ଭବ ହୋଇପଡ଼ିଥାନ୍ତା ବା ଶହ ଶହ ବର୍ଷ ଲାଗିଯାଇଥାନ୍ତା, ଭାଷାଟିଏ ଶିକ୍ଷା କରିବାପାଇଁ । ଏହା ଖାଲି ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ମାନବ ଜାତିର ଯେତେ ଭାଷା ଅଛି ସମସ୍ତେ ଏହି ପ୍ରଣାଳୀରେ ଗଠିତ ।

ଏହାପରେ ପଣ୍ଡିତ-ମହାଶୟ ପଦ-ବିଭାଗକୁ ବିଚାର କରି ଦେଖାଇଛନ୍ତି ଯେ ଉଦ୍ଦେଶ୍ୟ ଓ ବିଧେୟ ଗୋଟିଏ ଗୋଟିଏ ପଦଦ୍ୱାରା ନିଷ୍ପନ୍ନ ହୋଇପାରେ ବା ଏକାଧିକ ପଦଦ୍ୱାରା । ଓଡ଼ିଆରେ ଏହି ପଦ ଅନେକ ପ୍ରକାରର ହୁଏ, ଯଥା : ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା ଇତ୍ୟାଦି । ଏ କ୍ଷେତ୍ରରେ ସଂସ୍କୃତ ଭାଷାର ପଦ ବିଭାଗ ସହିତ ଓଡ଼ିଆ ଭାଷାକୁ ତୁଳନା କରି ସେ କହନ୍ତି ଯେ – ସଂସ୍କୃତର ପଦବିଭାଗ ତିନି ପ୍ରକାରର : ସୁବନ୍ତ ବା କାରଣ ବିଭକ୍ତିଯୁକ୍ତ ପଦ, ତିଙନ୍ତ ବା କ୍ରିୟାବିଭକ୍ତି ଯୁକ୍ତ ପଦ ଓ କୌଣସି ବିଭକ୍ତି ଯୋଗ ହେଉ ନ ଥିବା ଅବ୍ୟୟ । ଅଥଚ ଓଡ଼ିଆ ଭାଷାରେ ବିଶେଷଣ ପ୍ରଭୃତିରେ ମଧ ବିଭକ୍ତି ନାହିଁ । ଏହିପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧାପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ପଦର ବିଭାଗ ଓ ବ୍ୟାଖ୍ୟା କରାଯାଉଛି, ତାହା ବହୁ ପରିମାଣରେ ଇଂରାଜୀ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଆ ବ୍ୟାକରଣ ରଚନାରେ

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଖାଲି ସଂସ୍କୃତ ବ୍ୟାକରଣକୁ ଅନୁସରଣ କରି ନାହାନ୍ତି, ବୈଦେଶିକ ବ୍ୟାକରଣର ବିଚାରଧାରାକୁ ମଧ୍ୟ ସେ କ୍ଷେତ୍ର ବିଶେଷରେ ଉପଯୁକ୍ତ ମର୍ଯ୍ୟାଦା ଦେଇଛନ୍ତି । ଏହି ବିଭିନ୍ନ ପ୍ରକାରର ପଦଗୁଡ଼ିକୁ ବୁଝାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ କୁହନ୍ତି - ବିଶେଷ୍ୟ -ବାକ୍ୟରେ ବ୍ୟବହୃତ ହୋଇଥିବା ବସ୍ତୁ, ଜନ୍ତୁ, କାର୍ଯ୍ୟ ପ୍ରଭୃତିର ନାମକୁ ବିଶେଷ୍ୟ କୁହନ୍ତି, କ୍ରିୟା ଯେଉଁ ଶବ୍ଦ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ୍ୟ ନିର୍ଦ୍ଦେଶ କରନ୍ତି, ସେମାନଙ୍କୁ କ୍ରିୟାପଦ କୁହନ୍ତି ।

ବିଶେଷକ ବା ବିଶେଷଣ ପଦ – ବିଶେଷଣ ବ୍ୟାକରଣରେ ଦୁଇ ପ୍ରକାରର : (୧) ବିଶେଷ୍ୟକୁ ବିଶେଷ୍ୟ କଲେ ବିଶେଷ୍ୟର ବିଶେଷଣ ଓ (୨) କ୍ରିୟାକୁ ବିଶେଷ କଲେ କ୍ରିୟା ବିଶେଷଣ, ସର୍ବନାମ – ବିଶେଷ୍ୟ ପଦ ବଦଳରେ ଯେଉଁ ପଦମାନ ବ୍ୟବହୃତ ହୋଇଥାଏ, ସେମାନଙ୍କୁ ସର୍ବନାମ କୁହାଯାଏ ।

ଏ କ୍ଷୁଦ୍ର ପରିସର ଭିତରେ ନୀଳକଣ୍ଠଙ୍କ ବ୍ୟାକରଣର ସବୁ ବିଷୟଗୁଡ଼ିକୁ ଆଲୋଚନା କରିବା ସମ୍ଭବ ନୁହେଁ । ଏକ ସମ୍ପୂର୍ଣ୍ଣ ଆଲୋଚନାପାଇଁ ଦ୍ରଷ୍ଟବ୍ୟ ଲେଖାକର – 'ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଏକ ଭାଷ୍ୟ ।' (ପ୍ରକାଶ୍ୟ ଅପେକ୍ଷାରେ) । ତେବେ ଏଠାରେ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ନୀଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣ, ସମଗ୍ର ଓଡ଼ିଆ ବ୍ୟାକରଣ ସାହିତ୍ୟରେ ଏକ ଅନନ୍ୟ କୃତି । ଓଡ଼ିଆ ଭାଷାର ଯେ ଏକ ସମ୍ପୂର୍ଣ୍ଣ ବ୍ୟାକରଣ ଏ ପର୍ଯ୍ୟନ୍ତ ଲେଖା ହୋଇପାରି ନାହିଁ, ସେ କଥା ସମସ୍ତେ ଜାଣନ୍ତି । ତେବେ ଆମର କହିବାରେ ସାମାନ୍ୟତମ ଦ୍ୱିଧା ନାହିଁ ଯେ, ଯଦି ନୀଳକଣ୍ଠଙ୍କ ବ୍ୟାକରଣଟିର ଚର୍ଚ୍ଚା ଓଡ଼ିଆ ବିଦ୍ୱଜ୍ଜନମଣ୍ଡଳୀରେ ହୋଇଥାନ୍ତା, ତେବେ ଏତେବେଳକୁ ଓଡ଼ିଆ ବ୍ୟାକରଣ ଯଥେଷ୍ଟ ଅଗ୍ରଗତି କରିଥାନ୍ତା । କିନ୍ତୁ ଦୁଃଖର ବିଷୟ, ନୀଳକଣ୍ଠଙ୍କ ବ୍ୟାକରଣକୁ ଧରି ବ୍ୟାକରଣ ଚର୍ଚ୍ଚାର କୌଣସି ପରମ୍ପରା ଗଢ଼ି ଉଠିପାରିଲା ନାହିଁ । ତଥାପି, ଓଡ଼ିଆ ଭାଷାତତ୍ତ୍ୱକୁ ତାଙ୍କର ଏହି ବ୍ୟାକରଣଟି ଅପୂର୍ଣ୍ଣ ହେଲେ ମଧ୍ୟ ଏକ ଅନବଦ୍ୟ ଦାନ । ଭବିଷ୍ୟତ୍‌ପାଇଁ ଆମେ ଏତିକି କହିପାରୁ ଯେ, ନୀଳକଣ୍ଠ ବ୍ୟାକରଣକୁ ବାଦ୍ ଦେଇ ଓଡ଼ିଆ ବ୍ୟାକରଣ ଲେଖାଯାଇପାରିବ ନାହିଁ । ଭାଷାତତ୍ତ୍ୱର ଅନ୍ୟାନ୍ୟ କ୍ଷେତ୍ରପରି, ବ୍ୟାକରଣ କ୍ଷେତ୍ରରେ ମଧ୍ୟ ନୀଳକଣ୍ଠଙ୍କ ପ୍ରଚେଷ୍ଟାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ମାର୍ଗଟିକୁ ନ ବୁଝିଲେ ଓଡ଼ିଆ ବ୍ୟାକରଣର ଅଗ୍ରଗତି କିଛିଟା ଅସମ୍ଭବ ମନେ ହୁଏ ।

ଏ ଦୁଇଟି ମୁଖ୍ୟ ବିଷୟ ଛଡ଼ା ପଣ୍ଡିତ ନୀଳକଣ୍ଠଙ୍କ ମୌଳିକ ବିଚାରଧାରା ଓଡ଼ିଆ ଭାଷାତତ୍ତ୍ୱର ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ପ୍ରକାଶ ପାଇଛି, ଯେପରି

Digitized by PPRACHIN, SOA

ତାଙ୍କର ବିଶେଷ ଓଡ଼ିଆ ବନାନ୍ ପ୍ରଣାଳୀ । ନୀଳକଣ୍ଠ, ଆଜିର ଭାଷାବିଜ୍ଞାନୀମାନଙ୍କ ପରି ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ଯେ, ଭାଷାର ଆଦର୍ଶ ଶିଷ୍ଟ କଥିତଭାଷା ହିଁ ହେବା ଉଚିତ । ସେଥିପାଇଁ ସେ ନିଜେ ବହୁ ଆୟାସ ସହକାରେ ସେହି ବନାନ୍ ଚଳାଇଥିଲେ, ଯାହା ସଚ୍ଚିଦାନନ୍ଦ ରାଉତରାୟଙ୍କ ପରି ବହୁ ଆଧୁନିକ ଲେଖକ ବର୍ତ୍ତମାନ ଅନୁସରଣ କରିବାରେ ବ୍ରତୀ । ନୀଳକଣ୍ଠଙ୍କ ଭାଷାତାତ୍ତ୍ୱିକ ବିଚାରଧାରା ଓଡ଼ିଆ ଭାଷାତତ୍ତ୍ୱର ଏକ ଅତ୍ୟନ୍ତ ବିଚକ୍ଷଣ ପରମ୍ପରା, କିନ୍ତୁ ଏହାର ଆଦର ଏ ପର୍ଯ୍ୟନ୍ତ ବି ଓଡ଼ିଆ ଭାଷା କ୍ଷେତ୍ରରେ ଉପଯୁକ୍ତ ଭାବେ ହୋଇପାରି ନାହିଁ । ନାନା ପ୍ରକାରର ଭ୍ରାନ୍ତ, ପ୍ରାମାଣିକ ଅନ୍ଧବିଶ୍ୱାସ ହିଁ ବର୍ତ୍ତମାନ ଓଡ଼ିଆ ଭାଷା ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଭାବେ କବଳିତ କରିଛି । ଓଡ଼ିଆ ଭାଷାର ଇତିହାସ ଯେ ନାହିଁ, ବ୍ୟାକରଣ ଯେ ନାହିଁ, ସେଥିପାଇଁ ନୀଳକଣ୍ଠ ଦାୟୀ ନୁହନ୍ତି । ଏ ସବୁ ଅଧ୍ୟୟନ କ୍ଷେତ୍ରକୁ ତାଙ୍କର ଯେଉଁ ଦିଗ୍‌ଦର୍ଶନ ରହିଛି, ତାହାର ସାମାନ୍ୟତମ ଚର୍ଚ୍ଚା ହୋଇଥିଲେ, ଓଡ଼ିଆ ଭାଷା ତାହାର ଗତିପଥକୁ ନିର୍ଣ୍ଣୟ କରିପାରିଥାନ୍ତା । ତାହା ହୋଇ ନାହିଁ । ଓଡ଼ିଶା ମାଟିର ଏଇ ତଥାକଥିତ ଋଷିପ୍ରତିମ ଦୁର୍ବାସା, ଓଡ଼ିଆ ଭାଷାକୁ ଯାହା ଦେଇଯାଇଛନ୍ତି, ଉତ୍ତରକାଳ ତା'ର ସଦୁପଯୋଗ କରିପାରି ନାହିଁ । ସେଥିରୁ କିଛି ପ୍ରେରଣା ପାଇଥିଲେ ଆମ ଭାଷା, ଆମ ଇତିହାସ, ଆମ ପରମ୍ପରାର ଚେହେରା ଯେ ଅନେକ ବଦଳି ଯାଇଥାନ୍ତା, କହିବାରେ ଆମର କୌଣସି କୁଣ୍ଠା ନାହିଁ ।

Digitized by PPRACHIN, SOA

# ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ

ପ୍ରତାପ ଚନ୍ଦ୍ର ଚନ୍ଦର

ମର୍ମାନୁବାଦ – ଅଧ୍ୟାପକ ବନମାଳୀ ମିଶ୍ର

ପଣ୍ଡିତ ନୀଳକଣ୍ଠ ଭାରତର ଜଣେ ସ୍ୱନାମଧନ୍ୟ ବ୍ୟକ୍ତି । ଛାତ୍ରାବସ୍ଥାରୁ ସେ ଗୋପବନ୍ଧୁ ଦାସଙ୍କ ସଙ୍ଗେ ଦେଶ ସେବାର ବ୍ରତ ଗ୍ରହଣକରି ଦୁଃଖୀ ଓ ରୋଗୀର ସେବା କରୁଥିଲେ । ବିଦ୍ୟାଧ୍ୟୟନ ପରେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦେଶରେ ସୁନାଗରିକ ଗଢ଼ିବାରେ ଚେଷ୍ଟିତ ହେଲେ ଓ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟର କୁଳପତି ନୀଳକଣ୍ଠଙ୍କ ଏହି କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ଭାବେ ନିଯୁକ୍ତ କଲେ । ମାତ୍ର କେତେ ମାସ ପରେ ନୀଳକଣ୍ଠ ଅଧ୍ୟାପନା ପରିତ୍ୟାଗ କରି ଦେଶର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ ଓ ଏଥିଲାଗି ସେ ଅବିରତ ସଂଗ୍ରାମ ଚଳାଇଥିଲେ । ସ୍ୱାଧୀନତା ଲାଭ ପରେ ମଧ୍ୟ ଦେଶର ବିଭିନ୍ନ ବିଭାଗର ବିକାଶ ଲାଗି ସେ ନାନା ଭାବରେ ଉଦ୍ୟମ କରିଯାଇଅଛନ୍ତି । ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ ବିଶିଷ୍ଟ ଜାତୀୟବାଦୀ, କବି ଓ ଦେଶସେବକ, କର୍ମୀପୁରୁଷ ଓ ଶିକ୍ଷାବିତ୍, ସାମ୍ବାଦିକ ତଥା ପ୍ରସିଦ୍ଧ ବ୍ୟବସ୍ଥାପକ ଥିଲେ । ବାଲ୍ୟକାଳୁ ମୁଁ ତାଙ୍କୁ ବ୍ୟବସ୍ଥାପକ ଭାବେ ଜାଣେ । ସେ ମୋର ପିତା ନିର୍ମଳ ଚନ୍ଦ୍ର ଚନ୍ଦରଙ୍କର ବନ୍ଧୁ ଥିଲେ – ଦୁହେଁ ସରକାରୀ ଚାକିରି ନ କରି ଦେଶପାଇଁ ଜୀବନ ପଣ କରିଥିଲେ । ଉଭୟେ ସ୍ୱାଧୀନ ବୃତ୍ତି ଗ୍ରହଣ କରିଥିଲେ । ପଣ୍ଡିତ ନୀଳକଣ୍ଠ ହେଲେ ଶିକ୍ଷକ, ମୋ ପିତା ହେଲେ ଓକିଲ । ଉଭୟେ ୧୯୨୧ରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଜେଲବରଣ କରିଥିଲେ । ଉଭୟେ କଂଗ୍ରେସ (ସ୍ୱରାଜ୍ୟ) ପାର୍ଟିରେ ଯୋଗଦେଇ କେନ୍ଦ୍ର ବ୍ୟବସ୍ଥାପକସଭାରେ ବହୁ ବର୍ଷ ଧରି କାର୍ଯ୍ୟ କରିଥିଲେ । ଉଭୟେ ନେତାଜୀ ସୁଭାଷଙ୍କୁ ଅକୁଣ୍ଠ ଚିତ୍ତରେ ସମର୍ଥନ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଜଣେ ନିଜେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ ଥିଲେ । ମୋ ପିତା କିନ୍ତୁ ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ । ମୋର ମନେପଡୁଚି ପଣ୍ଡିତ୍‌ଜୀ ବହୁବାର ଆମ

Digitized by PPRACHIN, SOA

କଲିକତା ବାସଭବନରେ ଆସି ରହୁଥିଲେ । ମୋ ପିତାଙ୍କ ବୈଠକଖାନାରେ ପ୍ରଖ୍ୟାତ ଔପନ୍ୟାସିକ ଶରତ ଚନ୍ଦ୍ର ଚାଟାର୍ଜୀ, ବିଖ୍ୟାତ ଅଭିନେତା ଶିଶିର କୁମାର ଭାଦୁଡ଼ି ଓ ହାସ୍ୟରସିକ ଶରତ ଚନ୍ଦ୍ର ପଣ୍ଡିତଙ୍କ ସହ ମୋ ପିତା ଓ ନୀଳକଣ୍ଠ ଯୋଗ ଦେଉଥିଲେ । ଏଠାରେ ଯେଉଁ ସରଗରମ ଆଲୋଚନା ହେଉଥିଲା, ଆମେ ପିଲାଏ ସେଥିରେ ଭାରି ଖୁସି ହେଉଥିଲୁ ।

### ନୀଳକଣ୍ଠଙ୍କ ବ୍ୟବସ୍ଥାପକ ଜୀବନକାଳ

ପଣ୍ଡିତ ନୀଳକଣ୍ଠ ୧୯୨୪, ୧୯୨୭, ୧୯୩୦ ଓ ୧୯୩୫ରେ ଚାରି ଥର କେନ୍ଦ୍ର ବ୍ୟବସ୍ଥାପକସଭାକୁ ନିର୍ବାଚିତ ହୋଇଥିଲେ । ତେବେ ୧୯୩୦ରେ ମାତ୍ର ଅଳ୍ପ ଦିନ ଲାଗି ସେ ବ୍ୟବସ୍ଥାପକସଭାରେ ସଭ୍ୟ ଥିଲେ ଓ ପରେ ପରେ ସଭ୍ୟ ପଦ ତ୍ୟାଗକରି ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ । ସେହିପରି ୧୯୩୫ରେ ନିର୍ବାଚିତ ହୋଇ ୧୯୪୫ ଯାଏ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟରୂପେ ରହିଥିଲେ ସେ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଏବର ପାର୍ଲାମେଣ୍ଟ ପରି ସେବେ ବ୍ୟବସ୍ଥାପକସଭାର ସାର୍ବଭୌମ କ୍ଷମତା ନ ଥିଲା କିମ୍ୱା ନିର୍ବାଚନ କେବଳ ସାବାଳକ ଭିତ୍ତିରେ ହେଉ ନ ଥିଲା । ସେତେବେଳେ ଶିକ୍ଷା ଓ ସମ୍ପତ୍ତିର ନିର୍ଦ୍ଦିଷ୍ଟ ମାନ ଉପରେ ମାତ୍ର ଅଳ୍ପସଂଖ୍ୟକ ଲୋକଙ୍କୁ ଭୋଟ ଅଧିକାର ମିଳୁଥିଲା । ଏପରିକି ୧୯୩୪ରେ ସମଗ୍ର ଭାରତରେ କେନ୍ଦ୍ର ବ୍ୟବସ୍ଥାପକସଭାର ଭୋଟରଙ୍କ ସଂଖ୍ୟା ଥିଲା ମାତ୍ର ୧୪, ୧୫, ୮୯୨ ଏବଂ ସେଥିମଧ୍ୟରୁ ମହିଳା ଭୋଟର ଥିଲେ ୮୧, ୬୦୨ । ବସ୍ତୁତଃ, କେନ୍ଦ୍ର ବ୍ୟବସ୍ଥାପକସଭାକୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଭୋଟରେ ସଭ୍ୟମାନେ ନିର୍ବାଚିତ ହେଉଥିଲେ । ଏପରି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କଦ୍ୱାରା ନିର୍ବାଚିତ ହୋଇଥିଲେହେଁ, ପଣ୍ଡିତ ନୀଳକଣ୍ଠ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି କେନ୍ଦ୍ର ବ୍ୟବସ୍ଥାପକସଭାରେ ଅହରହ ସଂଗ୍ରାମ ଚଳାଇଥିବାର ଦେଖାଯାଏ । ଇଂରେଜ ସରକାର 'ସୀମିତ ନିର୍ବାଚନ ନୀତି'ଦ୍ୱାରା ଭାରତୀୟଙ୍କ କ୍ଷମତା ସଙ୍କୁଚିତ କରି ରଖିବାପାଇଁ ଉଦ୍ୟମ କରୁଥିଲେ । ଏଥିରେ କଂଗ୍ରେସ ତଥା ସ୍ୱରାଜ୍ୟପନ୍ଥୀମାନେ ଅସନ୍ତୁଷ୍ଟ ହୋଇ ଲୋକଙ୍କ ହାତକୁ କିପରି ଅଧିକ କ୍ଷମତା ଆସିବ, ସେଥିଲାଗି କେନ୍ଦ୍ର ସଭାରେ ବରାବର ଆନ୍ଦୋଳନ ଚଳାଉଥିଲେ ଓ ଇଂରେଜମାନେ ଭାରତୀୟଙ୍କୁ ପର୍ଯ୍ୟାୟକ୍ରମେ ସାମାନ୍ୟ ସାମାନ୍ୟ କରି କ୍ଷମତା ବିକେନ୍ଦ୍ରୀକରଣ କରିବାକୁ ବାଧ୍ୟ ହେଉଥିଲେ । ପଣ୍ଡିତ ନୀଳକଣ୍ଠଙ୍କ ପରି କଂଗ୍ରେସର ଯେଉଁ ପରିବର୍ତ୍ତନବାଦୀମାନେ (Prochangers) ଆସେମ୍ବ୍ଲି ପ୍ରବେଶକୁ ନୀତିରୂପେ ଗ୍ରହଣ କରିଥିଲେ ଏହା ସେମାନଙ୍କର ଅବଦାନ ବୋଲି ବୁଝିବାକୁ ହେବ ।

Digitized by PPRACHIN, SOA

## କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ସଂଖ୍ୟା ଓ ଆସେମ୍ବ୍ଲିର ସଙ୍କୁଚିତ କ୍ଷମତା

ପ୍ରଥମ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ସଂଖ୍ୟା ଥିଲା ମାତ୍ର ୧୪୩ । ସେଥିରେ ୧୦୩ ନିର୍ବାଚିତ ସଭ୍ୟ ଓ ୪୦ ଜଣ ମନୋନୀତ ସଭ୍ୟ । ଏହି ମନୋନୀତ ସଭ୍ୟଙ୍କ ମଧ୍ୟରେ ୨୫ ଜଣ ସରକାରୀ କର୍ମଚାରୀ । ନିର୍ବାଚିତ ସଭ୍ୟଙ୍କ ମଧ୍ୟରୁ ୫୧ଟି ସାଧାରଣ ନିର୍ବାଚନ ମଣ୍ଡଳୀରୁ ୩୦ଟି ମୁସଲମାନ ପ୍ରତିନିଧି, ୨ ଜଣ ଶିଖ ପ୍ରତିନିଧି, ୭ଜଣ ଜମିଦାର ପ୍ରତିନିଧି, ୯ଜଣ ଗୋରା ସାହେବଙ୍କ ପ୍ରତିନିଧି, ୪ ଜଣ ବଣିକ ପ୍ରତିନିଧି ରହୁଥିଲେ ।

ଅବଶ୍ୟ ନିର୍ବାଚିତ ପ୍ରତିନିଧିଗଣ ଏକଜୁଟ ହେଲେ ସରକାରଙ୍କୁ ପରାସ୍ତ କରିପାରୁଥିଲେ । ମାତ୍ର ଆସେମ୍ବ୍ଲିରେ ପରାସ୍ତ ହେଲେ ମଧ୍ୟ ସରକାର ଭାଙ୍ଗୁ ନ ଥିଲା – କେବଳ ଜନଚକ୍ଷୁରେ ସରକାର ଅପଦସ୍ତ ହେବା ଛଡ଼ା ତହିଁରେ ଆଉ କୌଣସି ଫଳ ହେଉ ନ ଥିଲା । ୧୯୨୭ରେ କେନ୍ଦ୍ର ବ୍ୟବସ୍ଥାପକସଭାରେ ୩୫ଥର ଭୋଟ ନିଆ ହେବାରେ ସରକାର ୧୭ଥର ପରାସ୍ତ ହୋଇଥିଲେ । କିନ୍ତୁ ବଡ଼ଲାଟଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ବ୍ୟବସ୍ଥାପକସଭାରେ ରଦ୍ଦ ହୋଇଥିବା ବିଲଗୁଡ଼ିକୁ ମଧ୍ୟ ସେ ସ୍ୱୀକୃତି ଦେଇ ଆଇନରେ ପରିଣତ କରିପାରୁଥିଲେ ।

## ୧୯୧୯ର ଶାସନବ୍ୟବସ୍ଥା ପ୍ରତି କଂଗ୍ରେସ ଓ ସ୍ୱରାଜ୍ୟ ଦଳର ମନୋଭାବ

୧୯୧୯ର ଶାସନବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ବ୍ୟବସ୍ଥାପକସଭାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ଏହି ଶାସନ ପଦ୍ଧତିକୁ ଘୋର ସମାଲୋଚନା କରି ୧୯୨୦ର ପ୍ରଥମ ନିର୍ବାଚନରେ ଯୋଗ ଦେଇ ନ ଥିଲେ । ୧୯୨୦ରେ ନାଗପୁର କଂଗ୍ରେସ ଅଧିବେଶନରେ ଅସହଯୋଗ ପ୍ରସ୍ତାବ ଗୃହୀତ ହୁଅନ୍ତେ ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କ ସହ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ୧୯୨୧ରେ ଗାନ୍ଧିଜୀଙ୍କର ଓଡ଼ିଶା ପରିଭ୍ରମଣ ଫଳରେ ଓଡ଼ିଶାରେ ଆନ୍ଦୋଳନ ପ୍ରବଳ ହୋଇଉଠିଲା । (ସତ୍ୟବାଦୀଠାରେ ନୀଳକଣ୍ଠଙ୍କର ଗାନ୍ଧିଜୀଙ୍କ ସହ ଆଲୋଚନା ହୋଇଥିଲା, ଅସହଯୋଗର ଅନ୍ୟତମ ଅଙ୍ଗ ସୂତାକଟାରେ ସ୍ୱରାଜ୍ୟ ମିଳିପାରିବ ନାହିଁ ବୋଲି ନୀଳକଣ୍ଠ ଯୁକ୍ତି ବାଢ଼ିଥିଲେ ।) ଏହି ଆନ୍ଦୋଳନକୁ ମୁକାବିଲା କରିବାପାଇଁ ଇଂରେଜ ସରକାର ଘୋର ଦମନଲୀଳା ଚଳାଇଲେ । ପଣ୍ଡିତ ନୀଳକଣ୍ଠ ତଥା ଓଡ଼ିଶାର ନେତୃବର୍ଗ କାରାରୁଦ୍ଧ ହେଲେ । ୧୯୨୨ରେ ଚୌରିଚୌରା ହିଂସାକାଣ୍ଡ ଯୋଗୁଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେଲେ । ଗାନ୍ଧିଜୀଙ୍କର ଏହି

Digitized by PPRACHIN, SOA

କାର୍ଯ୍ୟକୁ ବହୁ କଂଗ୍ରେସ ନେତା ବିରୋଧ କଲେ । ଚିତ୍ତରଞ୍ଜନ, ମୋତିଲାଲ, ଜୟକାର, ଭିଥଲଭାଇ ପଟେଲ ପ୍ରଭୃତି ନେତା ନିର୍ବାଚନରେ ଭାଗ ନେବାକୁ ଚାହିଁଲେ ଏବଂ ସେମାନଙ୍କର ଯୁକ୍ତି ଥିଲା, ବ୍ୟବସ୍ଥାପକସଭାରେ ସରକାରଙ୍କ ସହ ବିରୋଧ ଅସହଯୋଗର ଏକ ସମ୍ପ୍ରସାରିତ ଅଙ୍ଗ ମାତ୍ର । ଗୟା କଂଗ୍ରେସର ସଭାପତି ଶ୍ରୀ ସି.ଆର୍. ଦାସ ଏହି ପ୍ରସ୍ତାବଟି ଅଧିବେଶନରେ ଆଗତ କଲେ, ମାତ୍ର ଏହା ଗୃହୀତ ନ ହେବାରୁ ସେ ସଭାପତି ପଦରୁ ଇସ୍ତଫା ଦେଲେ । ୧୯୨୨ ଡିସେମ୍ବର ୩୧ ତାରିଖରେ ସ୍ୱରାଜ୍ୟଦଳ ଗଠିତ ହେଲା ।

## ପଣ୍ଡିତ ନୀଳକଣ୍ଠଙ୍କର ସ୍ୱରାଜ୍ୟ ଦଳରେ ଯୋଗଦାନ ଓ କେନ୍ଦ୍ର ଆସେମ୍ଲିରେ ପ୍ରବେଶ

ପଣ୍ଡିତ ନୀଳକଣ୍ଠ ଏ ସମୟରେ ଜେଲରେ ଥିଲେ । ସେଇ ଜେଲ୍‌ରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ପରାମର୍ଶ କରି ୧୯୨୩ରେ ଜେଲ ମୁକ୍ତିପରେ ସେ ଏହି ଦଳରେ ଯୋଗଦେଲେ । ଗାନ୍ଧିଜୀ ୧୯୨୪ରେ ଜେଲରୁ ଖଲାସ ହେବାପରେ ସ୍ୱରାଜ୍ୟପନ୍ଥୀଙ୍କ ସହ ମିଳାମିଶାପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସେ ଉଦ୍ୟମ ବିଫଳ ହେଲା ନିର୍ବାଚନରେ ଜୟଯୁକ୍ତ ହୋଇ ସ୍ୱରାଜ୍ୟପନ୍ଥୀମାନେ କେନ୍ଦ୍ର ଓ ପ୍ରାଦେଶିକ ବ୍ୟବସ୍ଥାପକସଭାରେ ପ୍ରବେଶ କଲେ । ପଣ୍ଡିତ ନୀଳକଣ୍ଠ ଏହି ଦଳ ପକ୍ଷରୁ କେନ୍ଦ୍ର ଆସେମ୍ଲିକୁ ନିର୍ବାଚିତ ହେଲେ । ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାକୁ ଘେନି ତାଙ୍କର ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା । ସେ ପ୍ରଥମେ ୪୦ ବର୍ଷ ବୟସରେ ୧୯୨୪ ଜାନୁୟାରୀ ୩୦ ତାରିଖରେ କେନ୍ଦ୍ର ଆସେମ୍ଲିର ସଭ୍ୟଭାବେ ଶପଥ ଗ୍ରହଣ କରିଥିଲେ ଓ ପରେ ପରେ କେନ୍ଦ୍ର ବ୍ୟବସ୍ଥାପକସଭା ସ୍ୱରାଜ୍ୟ ଦଳର ଅନ୍ୟତମ ସେକ୍ରେଟାରୀ ରୂପେ ନିର୍ବାଚିତ ହେଲେ । ପଣ୍ଡିତ ମୋତିଲାଲ ନେହରୁ ଏହି ଦଳର ନେତା ଥିଲେ ।

## ପଣ୍ଡିତ ନୀଳକଣ୍ଠ ପ୍ରଥମରୁ ହିଁ ଜଣେ ଧୁରୀଣ ବ୍ୟବସ୍ଥାପକ ହୋଇ ଉଠିଲେ

ଓଡ଼ିଶାରୁ ପଣ୍ଡିତ ନୀଳକଣ୍ଠଙ୍କ ସହିତ ଭୁବନାନନ୍ଦ ଦାସ ମଧ୍ୟ ସ୍ୱରାଜ୍ୟ ଦଳ ଟିକେଟରେ ନିର୍ବାଚିତ ହୋଇଥିଲେ । ଉଭୟେ ବ୍ୟବସ୍ଥାପକସଭାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ ଏବଂ ସେମାନଙ୍କର ଲକ୍ଷ୍ୟ ଥିଲା ୨ଟି । ପ୍ରଥମତଃ, ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା, ଦ୍ୱିତୀୟରେ ଇଂରେଜ ଶାସନନୀତିର ନିଷ୍ଫଳତା ପ୍ରମାଣ କରିବା । ପଣ୍ଡିତ ନୀଳକଣ୍ଠ ପ୍ରଥମ କେନ୍ଦ୍ର ଆସେମ୍ଲିରେ ମଦନମୋହନ ମାଳବ୍ୟ, ପଣ୍ଡିତ ମୋତିଲାଲ, ମିଃ ଜିନ୍ନା, ତୁଳସୀଦାସ ଗୋସ୍ୱାମୀଙ୍କ

Digitized by PPRACHIN, SOA

ପରି ପ୍ରବୀଣ ରାଜନୀତିଜ୍ଞମାନଙ୍କର ସାହଚର୍ଯ୍ୟ ଲାଭକରି କ୍ରମେ ବ୍ୟବସ୍ଥାପକସଭା କାର୍ଯ୍ୟରେ ଧୁରୀଣ ହୋଇଉଠିଲେ ଓ ଅଳ୍ପଦିନ ମଧ୍ୟରେ ନାନାବିଧ ପ୍ରଶ୍ନ କାଟ ପ୍ରସ୍ତାବ, ସଂଶୋଧନ ପ୍ରସ୍ତାବ, ଜାତୀୟ ସ୍ୱାର୍ଥଗତ ପ୍ରସ୍ତାବମାନ ଆଗତ କରି ଆସେମ୍ବ୍ଲି ସଭ୍ୟ ଓ କର୍ମକର୍ତ୍ତାମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଫଳରେ କେନ୍ଦ୍ର ବ୍ୟବସ୍ଥାପକସଭାର ବହୁ ସ୍ଥାୟୀ କମିଟି ଓ ଯାଞ୍ଚ କମିଟିମାନଙ୍କରେ ସେ ସଭ୍ୟ ନିର୍ବାଚିତ ହେଲେ । ଜଣେ ନବାଗତ ସଭ୍ୟ ହେଲେହେଁ ନୀଳକଣ୍ଠ ନିଜ କାର୍ଯ୍ୟଦକ୍ଷତା ବଳରେ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇପାରିଥିଲେ । ସେ ଇଂରେଜୀରେ ଭଲ ଭାବରେ ବକ୍ତୃତା ଦେଇପାରୁଥିଲେ । ବେଳେ ବେଳେ ବକ୍ତୃତା ଖୁବ୍ ଦୀର୍ଘ ହୋଇଯାଉଥିବାରୁ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ସଂକ୍ଷିପ୍ତ କରିବାକୁ ପଡୁଥିଲା ।

## ନୀଳକଣ୍ଠଙ୍କ ପ୍ରଥମ ବ୍ୟବସ୍ଥାପକ ଜୀବନ - ୧୯୨୫ରେ ଓଡ଼ିଶା ଉପକୂଳରେ ଲବଣ ଶିଳ୍ପର ପୁନରୁତ୍‌ଥାନ ଲାଗି ଦାବି

୧୯୨୪ ମାର୍ଚ୍ଚ ୮ ତାରିଖରେ ନୀଳକଣ୍ଠ ଗୋଟିଏ ପ୍ରଶ୍ନ ଉତ୍‌ଥାପନ କରି ବ୍ୟବସ୍ଥାପକସଭାର ଉପାଦେୟତା ତଥା ଆବଶ୍ୟକତା ଜାଣିବାକୁ ଲୋଡ଼ିଥିଲେ । ନୀଳକଣ୍ଠଙ୍କ ପ୍ରଶ୍ନ ଥିଲା ବ୍ୟବସ୍ଥାପକସଭା ଗତ ୩ ବର୍ଷ (ପ୍ରଥମ କେନ୍ଦ୍ର ବ୍ୟବସ୍ଥାପକସଭା କାର୍ଯ୍ୟକାଳ ଥିଲା ୧୯୨୧-୧୯୨୩) ଭିତରେ ରାଜନୀତିକ ବନ୍ଦୀଙ୍କର ମୁକ୍ତି ଘେନି କୌଣସି ଉଦ୍ୟମ କରିଛି କି ? ଜେଲରେ ରାଜନୀତିକ ବନ୍ଦୀ ସୁବନ୍ଦୋବସ୍ତ ହେବାର କୌଣସି କର୍ମପନ୍ଥା ଗ୍ରହଣ କରିପାରିଛି କି ? ଏବଂ ବ୍ୟବସ୍ଥାପକସଭା ଏଭଳି ପ୍ରସ୍ତାବ ଗ୍ରହଣ କରିଥିଲେ ତାହା କେତେଦୂର ସଫଳ ହୋଇଛି ? ଏସବୁ ପ୍ରଶ୍ନରେ ସରକାର ବଡ଼ ଅସୁବିଧାରେ ପଡ଼ି ଜଣାଇଲେ – 'ତଥ୍ୟ ସଂଗ୍ରହ କରାଯାଉଛି' ।

ସେଇପରି ୧୯୨୪ ମାର୍ଚ୍ଚ ୨୫ ତାରିଖରେ ରାଜନୀତିକ ବନ୍ଦୀ ଓ ଜେଲ ଭିତରେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ସେ ପ୍ରଶ୍ନ ଛଳରେ ନାନା ଆପତ୍ତି ଉଠାଇଥିଲେ । ପୁଣି ଜେଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୋଧରେ ଫେରାଦ ହେବାର ସୁଯୋଗ କଏଦୀମାନଙ୍କୁ ଦେବା ଲାଗି ନୀଳକଣ୍ଠ ପ୍ରସ୍ତାବ ଆଗତ କରିଥିଲେ । ସେଇ ସମୟରେ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମପଞ୍ଚାୟତମାନଙ୍କ ସମ୍ପର୍କରେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମଧ୍ୟ ସେ ଜାଣିବାକୁ ଚାହିଁଥିଲେ । ସରକାର ନୀଳକଣ୍ଠଙ୍କର ଏପରି ବହୁ ଜଟିଳ ପ୍ରଶ୍ନରେ ଅଡୁଆରେ ପଡ଼ି 'ତଥ୍ୟ ସଂଗ୍ରହ ହେଉଛି' ବୋଲି ଉତ୍ତର ଦେଇ ନିଜକୁ ରକ୍ଷା କରୁଥିଲେ ।

Digitized by PPRACHIN, SOA

୧୯୨୪ ସେପ୍ଟେମ୍ବର ୧୬ ତାରିଖରେ ରେଳଗାଡ଼ିରେ ତୃତୀୟ ଶ୍ରେଣୀରେ ଅତିରିକ୍ତ ଯାତ୍ରୀ ନେବା ଘେନି ନୀଳକଣ୍ଠ ପ୍ରଶ୍ନ କରିଥିଲେ ଓ ରେଳଯାତ୍ରୀଙ୍କର ଅସୁବିଧା ବିଷୟରେ ସେ ବାରମ୍ବାର ଗୁଡ଼େଇ ତୁଡ଼େଇ ପ୍ରଶ୍ନ ଉଠାଇଥିଲେ । ଓଡ଼ିଶାର ଦୀନ-ଦରିଦ୍ର ଲୋକଙ୍କୁ ଘେନି ସେ ବହୁ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଏହି ସମ୍ପର୍କରେ ଲୁଣ ମାରିବାରୁ ଲୋକଙ୍କୁ ବଞ୍ଚିତ କରିବା ଫଳରେ ୧୯୧୯-୧୯୨୦ରେ ଓଡ଼ିଶାରେ ଯେଉଁ ଦୁର୍ଭିକ୍ଷ ଦେଖାଦେଇଥିଲା ସେଥିଲାଗି ସେ ସରକାରଙ୍କୁ ଦାୟୀ କରିଥିଲେ ।

୧୯୨୫ ମାର୍ଚ୍ଚ ୨୩ରେ ବଜେଟ ଆଲୋଚନାରେ ଭାଗନେଇ ଓଡ଼ିଶା ଉପକୂଳରେ ଲବଣ ଶିଳ୍ପର ପୁନରୁତ୍‌ଥାନ ଲାଗି ସେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ମନେ ରଖିବାର ଅଛି, ଗାନ୍ଧିଜୀଙ୍କର ଲବଣ ସତ୍ୟାଗ୍ରହ ଏହାର ପାଞ୍ଚ ବର୍ଷ ପରେ ଆରମ୍ଭ ହୋଇଥିଲା ।

୧୯୨୫ରେ ରେଳବାଇ ଶାସନବ୍ୟବସ୍ଥା ଓ ରାଜନୀତିକ ବନ୍ଦୀ ସଂକ୍ରାନ୍ତରେ ସେ ବହୁ ପ୍ରଶ୍ନ କରିଥିଲେ । ରେଳବାଇରେ ଓଡ଼ିଆଙ୍କ ନିଯୁକ୍ତି ତଥା ଭାରତୀୟ ଗାର୍ଡ଼ ଓ ଗୋରା ଗାର୍ଡ଼ଙ୍କ ଦରମାରେ ତାରତମ୍ୟ ନେଇ ସେ ନାନା ପ୍ରଶ୍ନ କରିବା ବ୍ୟତୀତ ଭାରତ ସରକାରଙ୍କ ଷ୍ଟୋର୍ସ ଡିପାର୍ଟମେଣ୍ଟର ଜିନିଷପତ୍ର ଖରିଦରେ ଟେଣ୍ଡର ଘେନି ସରକାରଙ୍କୁ ବହୁ ଜଟିଳ ପ୍ରଶ୍ନମାନ ପଚାରି ଅଡୁଆରେ ପକାଇଥିଲେ ।

ସେଇ ସମୟରେ ପଣ୍ଡିତ ନୀଳକଣ୍ଠ ହିନ୍ଦୁଧର୍ମ ଓ ଦାତବ୍ୟଟ୍ରଷ୍ଟ ବିଲ୍ ତଥା ମାତୃମଙ୍ଗଳ ବା (ମ୍ୟାଟର୍‌ନିଟି ବେନିଫିଟ୍) ବିଲ୍‌ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଥମୋକ୍ତ ବିଲ୍‌ର ଯାଞ୍ଚକମିଟିର ସଭ୍ୟ ନିର୍ବାଚିତ ହୋଇଥିଲେ । ମ୍ୟାଟର୍‌ନିଟି ବିଲ୍‌ର ଯାଞ୍ଚକମିଟିର ବିଚାରଲାଗି ନୀଳକଣ୍ଠ କହିଲେ, ''ଆସାମ ଚା' ବଗିଚା ଆଦିରେ ଯେତେ ପୁରୁଷ ଓ ମହିଳା କାମ କରନ୍ତି, ତା'ର ଏକ-ଚତୁର୍ଥାଂଶ ଓଡ଼ିଶାରୁ ଆସିଚନ୍ତି । ଚା' ବଗିଚା ମାଲିକମାନେ ଏମାନଙ୍କ ପ୍ରତି ସନ୍ତୋଷଜନକ ବ୍ୟବହାର କରନ୍ତି ନାହିଁ । ତେଣୁ ଶ୍ରମିକ ମଙ୍ଗଳ ଲାଗି ଆଇନ ହେବା ଉଚିତ ।''

୧୯୨୬ରେ ଦକ୍ଷିଣଆଫ୍ରିକାରେ ଭାରତୀୟମାନଙ୍କ ସମସ୍ୟା ଘେନି ସେ ବହୁ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ୧୯୨୬ ମାର୍ଚ୍ଚ ପହିଲାରେ ଭାରତୀୟ ଶୁଳ୍କ ସଂଶୋଧନ ବିଲ୍‌ର ଆଲୋଚନାରେ ଭାଗ ନେଇ ନୀଳକଣ୍ଠ କହିଲେ, ''ସରକାର ଯଦି ଚୋରା କାରବାର ରୋକିପାରନ୍ତେ ତେବେ ସରକାରଙ୍କ ଆୟ କଦାପି କମନ୍ତା ନାହିଁ ।'' ପଣ୍ଡିତଜୀଙ୍କ ଏହି ଉକ୍ତିର ସାରବତ୍ତା ଏବେବି ସ୍ୱାଧୀନ ଭାରତରେ ଉପଲବ୍ଧି କରିହେବ । ପଣ୍ଡିତ ନୀଳକଣ୍ଠ ସେହି ବର୍ଷ କେନ୍ଦ୍ର ବ୍ୟବସ୍ଥାପକସଭାର ଗୁରୁତ୍ୱପୂର୍ଣ୍ଣ କମିଟି 'ପବ୍‌ଲିକ୍ ଆକାଉଣ୍ଟ୍' କମିଟିକୁ ସଭ୍ୟ ନିର୍ବାଚିତ ହୋଇଥିଲେ ।

Digitized by PPRACHIN, SOA

## ନୀଳକଣ୍ଠଙ୍କ ଦ୍ୱିତୀୟ ଥର ସଭ୍ୟ ଜୀବନ

## ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଆଣିବାଲାଗି ବେସରକାରୀ ପ୍ରସ୍ତାବ

କେନ୍ଦ୍ର ସଭାକୁ ଦ୍ୱିତୀୟଥର ଲାଗି ନିର୍ବାଚିତ ହୋଇ ନୀଳକଣ୍ଠ ୧୯୨୭ ଜାନୁୟାରୀ ୧୯ ତାରିଖରେ ସଭ୍ୟରୂପେ ଶପଥ ଗ୍ରହଣ କଲେ ଏବଂ ଏଥର ମଧ ସେ କଂଗ୍ରେସ ଆସେମ୍ଳି ପାର୍ଟିର ସେକ୍ରେଟାରୀ ହେଲେ । ତା' ସଙ୍ଗେ ସଙ୍ଗେ ପବ୍ଲିକ ଆକାଉଣ୍ଟ କମିଟିର ସଭ୍ୟ ମଧ ହେଲେ । ଅର୍ଥ ବିଲ୍ ଆଲୋଚନାରେ ଭାଗ ନେଇ ଜାତୀୟ ଆୟ-ବ୍ୟୟ ସମ୍ପର୍କରେ ସେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଉପସ୍ଥାପିତ କରି ଜାତୀୟ ଅର୍ଥଗତ ସମସ୍ୟା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଏଇ ସମୟରେ ଇଣ୍ଡିଆନ ଲିମିଟେସନ୍ ବିଲ ଓ ମାନ୍ଦ୍ରାଜ ଲବଣ ସଂଶୋଧନ ବିଲ୍ ଉପରେ ସେ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତାମାନ ଦେଇଥିଲେ ।

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଘେନି ପଣ୍ଡିତ ନୀଳକଣ୍ଠ ବହୁ ସମୟରେ ନାନା ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଶେଷରେ ୧୯୨୭ ଫେବୃୟାରୀ ୮ ତାରିଖରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବେସରକାରୀ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ସେଥିପାଇଁ ସେ ଏକ ତଥ୍ୟପୂର୍ଣ୍ଣ ଦୀର୍ଘ ବକ୍ତୃତା ଦେଇଥିଲେ । ନୀଳକଣ୍ଠ କେବଳ ଯେ କଂଗ୍ରେସ (ସ୍ୱରାଜ୍ୟ) ଦଳର ସମ୍ପାଦକ ଥିଲେ, ତା' ନୁହେଁ, ଜଣେ ପାରଦର୍ଶୀ ବ୍ୟବସ୍ଥାପକ ରୂପେ ତାଙ୍କର ଖ୍ୟାତି ପ୍ରସାରିତ ହୋଇସାରିଥିଲା । ଫଳରେ ସରକାର ଏଥିର ସୁବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଲେ ଓ ନୀଳକଣ୍ଠ ପ୍ରସ୍ତାବଟି ପ୍ରତ୍ୟାହାର କରିନେଲେ । ଏ ସମ୍ପର୍କରେ ବ୍ରିଟିଶ କାଉନସିଲରଙ୍କ ସହ ତାଙ୍କର ବାରମ୍ବାର ଆଲୋଚନା ଓ ଶେଷରେ ତାଙ୍କ ପ୍ରସ୍ତାବରେ ଆପାତତଃ ରାଜି ହେବାରେ ନୂତନ ପ୍ରଦେଶ ଗଠନ ବିଷୟ ସ୍ଥିରୀକୃତ ହୋଇଥିବା କଥା ପଣ୍ଡିତଜୀ ନିଜ 'ଆତ୍ମଜୀବନୀରେ ଲେଖିଯାଇଛନ୍ତି ।

୧୯୨୮ରେ ପଣ୍ଡିତ ନୀଳକଣ୍ଠ 'ସାରଦା ବିଲ୍' ଘେନି ଗଠିତ ଯାଞ୍ଚ କମିଟିର ସଭ୍ୟ ହୋଇଥିଲେ । ସେହି ବର୍ଷ ପଣ୍ଡିତ ଗୋପବନ୍ଧୁଙ୍କର ମହାପ୍ରୟାଣ ପରେ ସେ ଓଡ଼ିଶାର କଂଗ୍ରେସ କାର୍ଯ୍ୟରେ ବହୁ ଭାବରେ ବ୍ୟାପୃତ ରହିଲେ । ୧୯୨୯ ଫେବୃୟାରୀ ୨୧ ତାରିଖରେ ରେଳବାଇ ବଜେଟ୍ ଆଲୋଚନାରେ ଅଂଶ ଗ୍ରହଣ କରି ନୀଳକଣ୍ଠ ରେଳ ବିଭାଗର ଗୋରା କର୍ମଚାରୀଙ୍କ ସ୍ଥାନରେ କ୍ରମେ ଭାରତୀୟମାନଙ୍କୁ ନିଯୁକ୍ତି ଦେବାପାଇଁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ତା' ବ୍ୟତୀତ ରେଳ କର୍ମଚାରୀଙ୍କ

Digitized by PPRACHIN, SOA

ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉପଯୁକ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ନୀଳକଣ୍ଠ ରେଲୱେ ଅର୍ଥ କମିଟିର ସଭ୍ୟ ଥିଲେ । ୧୯୨୯ ମାର୍ଚ୍ଚ ୨୦ ତାରିଖରେ ବଜେଟ୍ ଆଲୋଚନାରେ ଭାଗ ନେଇ କୃଷି ଶ୍ରମିକ ଓ ନାମମାତ୍ର ଚାଷୀଙ୍କର ସ୍ୱାର୍ଥ ରକ୍ଷା ଲାଗି ସେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ ।

ପଣ୍ଡିତଜୀଙ୍କ ଭାଷା ଅତି ସରଳ ଥିଲା ଓ ସେସବୁ ତାଙ୍କ ହୃଦୟ ନିଃସୃତ ପରି ପ୍ରତୀୟମାନ ହେଉଥିଲା– ସେଇ ହେତୁରୁ ତାଙ୍କ ବକ୍ତୃତା ସବୁ ସମସ୍ତଙ୍କର ହୃଦୟସ୍ପର୍ଶୀ ହେଉଥିଲା ଓ କେନ୍ଦ୍ର ବ୍ୟବସ୍ଥାପକସଭାର ବିବରଣୀରେ ଲିପିବଦ୍ଧ ହୋଇଥିବା ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ବୈଧାନିକ ପ୍ରଶ୍ନ ଓ ବକ୍ତୃତାମାନ ସଭ୍ୟମାନଙ୍କ ଉପରେ ଗଭୀର ରେଖାପାତ କରିପାରୁଥିଲା ।

ପଣ୍ଡିତ ନୀଳକଣ୍ଠ ୧୯୨୯ ଫେବୃୟାରୀ ୨ ତାରିଖରେ 'ସାଧାରଣ ନିରାପତ୍ତା ବିଲ୍'ର ବିରୋଧ କରି ଏକ ଦୀର୍ଘ ବକ୍ତୃତା ଦେଇ ଇଂରେଜ ସରକାରଙ୍କର ଘୋର ସମାଲୋଚନା କରିଥିଲେ । ସେ କହିଥିଲେ, 'ତୁମେ ଭାରତ ସାମ୍ରାଜ୍ୟକୁ ଗୋଟେ ଅନ୍ତଃପୁର କରି ରଖିପାରିବ ନାହିଁ – ଭାରତ ଭୂମିକୁ ଇଂରେଜ ସାମ୍ରାଜ୍ୟବାଦୀଙ୍କ ଅନ୍ଦର ମହଲ କରି ଅନ୍ଧକାର ଭିତରେ ଶୋଷଣ କରିପାରିବ ନାହିଁ ।' କମ୍ୟୁନିଷ୍ଟବାଦର ଭାରତ ପ୍ରବେଶରେ ସରକାରଙ୍କର ଭୟଭୀତ ହେବା ଆଶଙ୍କାକୁ ତାଚ୍ଛଲ୍ୟ କରି ସେ କହିଥିଲେ, ମୁଁ କହେ, କମ୍ୟୁନିଷ୍ଟବାଦ ଆସୁଛି – ଏହା ଆସୁ – ଆମେ ଏଠାରେ ତାହାର ସମ୍ମୁଖୀନ ହେବା । ମୁଁ କହେ ବିକାଶର ଧାରାରେ ପ୍ରତିଟି ବିଷୟ ଗୋଟିଏ ଲେଖାଏଁ କ୍ରମବିକାଶ । ବିପ୍ଳବର ଧାରଣାହିଁ ତ୍ରୁଟିପୂର୍ଣ୍ଣ ବୁଝାମଣାର ଫଳ ଏବଂ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଏହା ଏକ ଅହେତୁକ ସୃଷ୍ଟି ।'' ସେ ପୁଣି କହିଥିଲେ, 'କିଏ ଜାଣେ, ଏ ଯେଉଁ ନୂତନ ମତବାଦ ଆସୁଛି, ମାନବ ସଂସ୍କୃତି – ବିକାଶର କ୍ରମପରିଣାମରେ ଏହା ସର୍ବୋତ୍କୃଷ୍ଟ ଅବସ୍ଥା ନୁହେଁ, ଅଥବା ମନୁଷ୍ୟ ଯେଉଁ ଲକ୍ଷ୍ୟ ଘେନି ତିଷ୍ଠି ରହିଛି, ଏହା ତାହାର ଏକ ସୂଚନା ନୁହେଁ ? ଭାରତରେ ଏହାର ଏକ ପରୀକ୍ଷା ହୋଇଯାଉ ।'' ନୀଳକଣ୍ଠଙ୍କର ଏହି ବକ୍ତୃତା ଶୁଣି ଜଣେ ଇଂରେଜ ସଭ୍ୟ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିପକାଇଲେ ମାନ୍ୟବର ବନ୍ଧୁ ଶ୍ରୀଯୁକ୍ତ ନୀଳକଣ୍ଠ ଦାସ କାହିଁକି ଏପରି ଏକ କଠୋର ବକ୍ତୃତା ଦେଲେ ।

୧୯୨୯ ଏପ୍ରିଲ ୩ ତାରିଖରେ ପଣ୍ଡିତ ନୀଳକଣ୍ଠ ଶିଳ୍ପ ବିବାଦ ବିଲ୍ (Trade dispute bill) ଉପରେ ଆଲୋଚନା କରି କହିଲେ, ''ଲୋକଙ୍କୁ ଅର୍ଦ୍ଧାହାରରେ ରଖିବା ସରକାରଙ୍କର ଏକ ସୁଚିନ୍ତିତ ନୀତି; ତା'ହେଲେ ସେମାନେ କଦାପି ସ୍ୱରାଜ୍ୟ କଥା ଚିନ୍ତା କରିପାରିବେ ନାହିଁ ।'' ସରକାରଙ୍କୁ ସେ ଚେତାଇ ଦେଇ କହିଥିଲେ,

Digitized by PPRACHIN, SOA

''ରାଜନୀତି ଓ ଶ୍ରମିକମାନଙ୍କ ଭିତରେ ଦୃଢ଼ ପ୍ରାଚୀର ସୃଷ୍ଟି କରିବା ହେଉଚି, ଏକ କଳ୍ପନା-ବିଳାସ ମାତ୍ର ।'' (ଏହି ବିଲ୍ ଆଲୋଚନା କାଳରେ ବଟୁକେଶ୍ୱର ଦତ୍ତ ଓ ଭଗବତ୍ ସିଂହ କେନ୍ଦ୍ର ବ୍ୟବସ୍ଥାପକସଭାରେ ଦୁଇଟି ବୋମା ପକାଇ ଗିରଫ ହେଲେ ।)

ସାରଦା ବିଲ୍ ଆଲୋଚନା ବେଳେ ଏ ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ସେ କହିଥିଲେ, ''ହିନ୍ଦୁ ଧର୍ମ ବୋଲି କହିବା ଏକ ଭ୍ରାନ୍ତ କଥା । ହିନ୍ଦୁ ବୋଲି ସେପରି କିଛି ଅଛି ବୋଲି ମୁଁ ବିଶ୍ୱାସ କରେ ନାହିଁ । ଧର୍ମ ବୋଇଲେ ଆମେ ବୁଝୁ ଏକ ପ୍ରଚାରିତ ଧର୍ମ, ଯାହାର କୌଣସି ପୁସ୍ତକ ଅଛି ଏବଂ ବାସ୍ତବ କ୍ଷେତ୍ରରେ ଜଣେ କେହି ଉକ୍ତ ଧର୍ମକୁ ପ୍ରଚାର କରେ । ହିନ୍ଦୁ ଧର୍ମ ତେଣୁ ଏକ ଭ୍ରମାତ୍ମକ କଥା । ମୁଁ ହିନ୍ଦୁ ସଂସ୍କୃତିରେ ବିଶ୍ୱାସ କରେ ।'' ନୀଳକଣ୍ଠଙ୍କର ଏହି ମତକୁ ବହୁ ବର୍ଷ ପରେ ସର୍ବପଲ୍ଲୀ ରାଧାକୃଷ୍ଣନ୍ ସମର୍ଥନ ଜଣାଇ ତାଙ୍କ ପୁସ୍ତକରେ ଏ ସମ୍ବନ୍ଧରେ ବିଶଦ ଆଲୋଚନା କରିଛନ୍ତି । (Indian Religious. S. Radhakrishanan New Delhi 1919)

ସାରଦା ବିଲ୍ ଯାଞ୍ଚ କମିଟିରେ ପଣ୍ଡିତ ନୀଳକଣ୍ଠ ଜଣେ ସଭ୍ୟ ଥିଲେ । ଏ କମିଟିର ରିପୋର୍ଟ ଆଲୋଚନା କାଳରେ ସେ ଏକ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ ଯେ– ''୧୨ରୁ ୧୪ ବର୍ଷ ବୟସ୍କା ଝିଅମାନଙ୍କର ବିବାହ ଲାଗି କେତେକ ବିଷୟରେ ଦେବାନି ଅଦାଲତର ଅନୁମତି ନେବାର ବ୍ୟବସ୍ଥା ରହୁ ।'' ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଲ ଉପରେ ନିଜ ମତ ଅନୁସାରେ ଭୋଟ ଦେବାର ଅଧିକାର କଂଗ୍ରେସ ସଭ୍ୟମାନଙ୍କୁ ଦିଆଯାଇଥିଲା । କଂଗ୍ରେସ ସଭ୍ୟ ଶ୍ରୀ ଏ. ରଙ୍ଗାସ୍ୱାମୀ ଆୟାର ନୀଳକଣ୍ଠଙ୍କ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରିଥିଲେ । ମାତ୍ର ସଂଶୋଧନ ପ୍ରସ୍ତାବଟି ଶେଷରେ ଗୃହୀତ ହୋଇପାରି ନ ଥିଲା ଓ ବିଲ୍‌ଟି ୧୯୨୯ ସେପ୍‌ଟେମ୍ବର ୩୦ ତାରିଖ ଦିନ ଗୃହୀତ ହୋଇଗଲା । ପଣ୍ଡିତ ନୀଳକଣ୍ଠ ଶାସନ ବିଧିକୁ ଉପର ସ୍ତରରୁ ତଳେ ଜନସାଧାରଣଙ୍କ ଉପରେ ଲଦି ଦେବାକୁ ପସନ୍ଦ କରୁ ନ ଥିଲେ । ପଞ୍ଚାୟତ ପ୍ରତିଷ୍ଠା ବିଷୟରେ ସେ ୧୭-୯-୨୯ରେ ଭାଷଣ ଦେଇ କହିଥିଲେ, ''ଭାରତ ଗୋଟିଏ ଗ୍ରାମବହୁଳ ଦେଶ ଓ ଆମର ପ୍ରକୃତ ଜୀବନ ଗ୍ରାମ୍ୟ ଜୀବନରୁ ଆରମ୍ଭ ହୋଇଥାଏ । ତେଣୁ ଯେକୌଣସି ଶାସନ ପଦ୍ଧତି ଗ୍ରାମ୍ୟ ସ୍ତରରୁ ଆରମ୍ଭ ହେବା ଉଚିତ ।''

## ଟିନ୍‌ପ୍ଲେଟ କମ୍ପାନୀ ଧର୍ମଘଟ – ପଣ୍ଡିତ ନୀଳକଣ୍ଠଙ୍କ ସଂଶୋଧନ ପ୍ରସ୍ତାବରେ ସରକାରଙ୍କ ପରାଜୟ

ଏଥି ମଧ୍ୟରେ ଜାମସେଦ୍‌ପୁରର ଟିନ୍‌ପ୍ଲେଟ କାରଖାନାରେ ଶ୍ରମିକ ଧର୍ମଘଟ ଆରମ୍ଭ ହେଲା । କଂଗ୍ରେସ କାର୍ଯ୍ୟକାରୀ କମିଟି ଏ ସମ୍ପର୍କରେ ଅନୁସନ୍ଧାନ କରିବାପାଇଁ

Digitized by PPRACHIN, SOA

ସ୍ଥିର କଲେ । ପଣ୍ଡିତ ନୀଳକଣ୍ଠ Steel Protection Act- ୧୯୨୭ରେ କେବଳ ସଂଶୋଧନ ଆଣିବାପାଇଁ ବ୍ୟବସ୍ଥାପକସଭାରେ ତା ୨୪-୯-୧୯୨୯ରେ ଏକ ପ୍ରସ୍ତାବ ଉପସ୍ଥାପନ କଲେ । ଟାଟା ଟିନ୍ ପ୍ଲେଟ କମ୍ପାନୀକୁ ଯେଉଁ କେତେକ ସରକାରୀ ସୁବିଧା ଦିଆଯାଉଥିଲା, କମ୍ପାନୀ ଭାରତୀୟମାନଙ୍କୁ ଏହି ଶିଳ୍ପରେ ଆଶାନୁରୂପ ତାଲିମ ଦେବାରେ ବିଫଳ ହୋଇଥିବା ହେତୁ ସେ ସମସ୍ତ ସୁବିଧା ପ୍ରତ୍ୟାହାର କରିନେବା ପଣ୍ଡିତ୍‌ଜୀଙ୍କ ଏହି ସଂଶୋଧନ ପ୍ରସ୍ତାବର ମୂଳ ଲକ୍ଷ୍ୟ ଥିଲା । ସେ ପୁଣି ଦର୍ଶାଇଥିଲେ ଯେ, ''ଧର୍ମଘଟ ଘେନି ସେଠାରେ ଶ୍ରମିକଙ୍କ ଉପରେ ନାନା ଭାବରେ ଅତ୍ୟାଚାର ଚାଲିଛି, ଗୋରା ଲୋକଙ୍କୁ ଯେଉଁ କାମପାଇଁ ମାସିକ ତେର ଶହ ଟଙ୍କା ଦରମା ଦିଆଯାଉଛି, ଭାରତୀୟଙ୍କୁ ସେଇ କାମ ଲାଗି ମାତ୍ର ଅଠାଅଶୀ ଟଙ୍କା ଦିଆଯାଉଛି । ଉପରନ୍ତୁ ଧର୍ମଘଟ ବେଳେ ଶ୍ରମିକଙ୍କ ଉପରେ ଘୋର ଅତ୍ୟାଚାର କରାହେଉଛି । ଫଳରେ ଭାରତୀୟ କରଦାତାଙ୍କର କ୍ଷତି କରି ଏହି ସଂସ୍ଥାକୁ ସ୍ୱତନ୍ତ୍ର ସୁବିଧା ଦେବାର ଆବଶ୍ୟକତା ଆଉ ନାହିଁ ।'' କଂଗ୍ରେସ ବ୍ୟବସ୍ଥାପକସଭାର ନେତା ପ୍ରସ୍ତାବଟିକୁ ସମର୍ଥନ କରି କହିଲେ – ''ଏହା କେବଳ ସ୍ୱରାଜ୍ୟ ଦଳର ପ୍ରସ୍ତାବ ନୁହେଁ, ଭାରତୀୟ ଜାତୀୟ କଂଗ୍ରେସର ଏଥିପ୍ରତି ସମର୍ଥନ ଅଛି ।'' ପ୍ରସ୍ତାବଟି ୫୧-୪୨ ଭୋଟରେ ଗୃହୀତ ହେବାରେ ସରକାର ପରାସ୍ତ ହୋଇଥିଲେ । ଏହା ଥିଲା ପଣ୍ଡିତ ନୀଳକଣ୍ଠଙ୍କ ବ୍ୟବସ୍ଥାପକସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ।

### ବ୍ୟବସ୍ଥାପକସଭାରୁ ନୀଳକଣ୍ଠଙ୍କ ଇସ୍ତଫା

୧୯୨୯ରେ ଦେଶରେ ଏକ ଅଶାନ୍ତ ପରିସ୍ଥିତି ଉପୁଜିଥିଲା । ତା ୫।୭।୨୯ରେ କଂଗ୍ରେସ କାର୍ଯ୍ୟକାରୀ କମିଟି ନୂଆଦିଲ୍ଲୀଠାରେ ବସି କଂଗ୍ରେସ ସଭ୍ୟମାନେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେବାପାଇଁ ସ୍ଥିର କଲେ ଓ ଏଥିର ଚୂଡ଼ାନ୍ତ ନିଷ୍ପତ୍ତି ନିଃ.ଭା.କ. କମିଟି ଉପରେ ଛାଡ଼ିଦେଲେ । ଗାନ୍ଧିଜୀଙ୍କ ପରାମର୍ଶରେ କଂଗ୍ରେସର ପ୍ରକାଶ୍ୟ ଅଧିବେଶନରେ ଏହାର ବିଚାର ହେବା ସ୍ଥିର ହେଲା । ଏ ମଧ୍ୟରେ ୧୯୨୯ ଡିସେମ୍ବର ୩୧ ତାରିଖରୁ ଦେଶରେ ଅହିଂସା ଅସହଯୋଗ ଆନ୍ଦୋଳନ ଯେକୌଣସିମତେ ଚଳାଇବାପାଇଁ ଗାନ୍ଧିଜୀ ପ୍ରସ୍ତାବ ଦେଲେ । ଗାନ୍ଧିଜୀଙ୍କର ଏଇ ପ୍ରସ୍ତାବକୁ ଶ୍ରୀ ସୁଭାଷ ଚନ୍ଦ୍ର ବୋଷ ଅନୁମୋଦନ କରି କହିଥିଲେ – ''ସ୍ୱରାଜ୍ୟପନ୍ଥୀମାନେ ସ୍ପଷ୍ଟ କରିଦେଇଛନ୍ତି ଯେ ସେମାନଙ୍କର ବ୍ୟବସ୍ଥାପକସଭା ପ୍ରତି କୌଣସି ମୋହ ନାହିଁ ଓ ସବୁ ସାମ୍ମୁଖ୍ୟରେ ଇଂରେଜ ସରକାରଙ୍କୁ ଅସୁବିଧାରେ

Digitized by PPRACHIN, SOA

ପକାଇବା ହେଉଛି, ସେମାନଙ୍କର ଲକ୍ଷ୍ୟ ।'' ତେବେ ଗାନ୍ଧିଜୀ ଧରି ବସିଲେ, ୧୯୩୦ ଜାନୁୟାରୀ ପହିଲା ପୂର୍ବରୁ ସବୁ କଂଗ୍ରେସ ସଭ୍ୟଙ୍କୁ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେବାକୁ ହେବ । ତଦନୁଯାୟୀ ପଣ୍ଡିତ ନୀଳକଣ୍ଠ ଅନ୍ୟମାନଙ୍କ ସହିତ ସେହି ଡିସେମ୍ବର ମାସରେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେଲେ ।

## ନୀଳକଣ୍ଠଙ୍କର ସ୍ୱଳ୍ପକାଳ ସ୍ଥାୟୀ ତୃତୀୟ ବ୍ୟବସ୍ଥାପକ ଜୀବନ

ପଣ୍ଡିତଜୀ କଂଗ୍ରେସ ନିର୍ଦ୍ଦେଶରେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେଇଥିଲେହେଁ ପରେ ମାଲବ୍ୟଜୀଙ୍କ ଜାତୀୟ ଦଳରୁ ବ୍ୟବସ୍ଥାପକସଭାକୁ ପୁଣି ନିର୍ବାଚିତ ହେଲେ । ତା ୨୧ । ୩ । ୩୦ରେ ସେ କେନ୍ଦ୍ର ବ୍ୟବସ୍ଥାପକସଭାରେ ଲବଣ କର ଉଠାଇ ଦେବାପାଇଁ ଏକ ସଂଶୋଧନ ପ୍ରସ୍ତାବ ଆଣିଥିଲେ । ତାହା ଅବଶ୍ୟ ଗୃହୀତ ହୋଇପାରିଲା ନାହିଁ । ଆଉ ଏକ ସଂଶୋଧନ ପ୍ରସ୍ତାବରେ ଲବଣ କର ଅବ୍ୟାହତି ଦେବାର ଅଧିକାର ସରକାରଙ୍କୁ ଦେବାପାଇଁ ସେ ପ୍ରସ୍ତାବ ଆଣିଲେ । ଉକ୍ତ ପ୍ରସ୍ତାବ ମଧ୍ୟ ଭୋଟରେ କାଟ ଖାଇଗଲା । ତଥାପି ପଣ୍ଡିତଜୀ ତାଙ୍କର ଉଦ୍ୟମ ଅବ୍ୟାହତ ରଖିଥିଲେ, ଫଳରେ ଶୁଳ୍କ ବୋର୍ଡରେ ଏହି ପ୍ରସ୍ତାବର ବିଚାରପାଇଁ ସରକାର ରାଜି ହେଲେ । ଏଥର ବ୍ୟବସ୍ଥାପକସଭାରେ ଯୋଗ ଦେବାର ମାତ୍ର ଅଳ୍ପ ଦିନ ପରେ ତା ୨ । ୪ । ୩୦ରେ ନୀଳକଣ୍ଠ ତହିଁରୁ ଇସ୍ତଫା ଦେଲେ ଓ ସେଠାରୁ ଫେରି ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ କରି ୬ ମାସ ଲାଗି କାରାବରଣ କରିଥିଲେ । ତା' ପରେ ମଧ୍ୟ ଦ୍ୱିତୀୟ ଥର ଦେଢ଼ ବର୍ଷରୁ ଅଧିକ କାଳ ତାଙ୍କୁ କାରାଦଣ୍ଡ ହୋଇଥିଲା । ଫଳରେ ୧୯୩୦ରୁ ୧୯୩୪ ଯାଏ ସେ ବ୍ୟବସ୍ଥାପକସଭାରେ ରହିପାରି ନ ଥିଲେ ।

## ନୀଳକଣ୍ଠଙ୍କ ଚତୁର୍ଥ ବ୍ୟବସ୍ଥାପକ ଜୀବନ ଓ ତହିଁର ବିରାଟ ସାଫଲ୍ୟ

୧୯୩୪ ଶେଷ ଭାଗରେ ଅନୁଷ୍ଠିତ ନିର୍ବାଚନରେ ଚତୁର୍ଥଥରପାଇଁ ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥାପକସଭାକୁ ନିର୍ବାଚିତ ହେଲେ ଓ ୧୯୩୫ ଜାନୁଆରୀ ୨୧ ତାରିଖରେ ଶପଥ ଗ୍ରହଣ କଲେ । ଏଥର ଶ୍ରୀ ବୁଲାଭାଇ ଦେଶାଇ କଂଗ୍ରେସ ବ୍ୟବସ୍ଥାପକ ଦଳର ନେତୃତ୍ୱ ନେଲେ । ପଣ୍ଡିତଜୀ ପୂର୍ବ ପରି ଏହି ବ୍ୟବସ୍ଥାପକ ଦଳର ସମ୍ପାଦକରୂପେ ନିର୍ବାଚିତ ହେଲେ ଓ ମାନ୍ଦ୍ରାଜର ଶ୍ରୀ ସତ୍ୟମୂର୍ତ୍ତି ଦଳର ଅନ୍ୟତମ ସେକ୍ରେଟାରୀ ହେଲେ । ପଣ୍ଡିତଜୀ ରେଳବାଇ ସ୍ଥାୟୀ ଅର୍ଥକମିଟି ଓ ଲାଇବ୍ରେରୀ କମିଟିର ସଭ୍ୟ ନିର୍ବାଚିତ ହେଲେ । ପୂର୍ବ ପରି ମଧ୍ୟ ଏଥର ସେ ରେଳବାଇ, ଶ୍ରମ ସମସ୍ୟା ଓ ସାମ୍ୟବାଦୀ ସଂସ୍ଥା ଘେନି ନାନା ପ୍ରଶ୍ନ ପଚାରି ସରକାରଙ୍କୁ ବହୁ ଅସୁବିଧାରେ ପକାଇବା ବ୍ୟତୀତ କେତେକ ପରାମର୍ଶ ମଧ୍ୟ ଦେଉଥିଲେ । ପୁଣି

Digitized by PPRACHIN, SOA

ସପ୍ଲିମେଣ୍ଟାରୀ ଡିମାଣ୍ଡ ପ୍ରଭୃତିର ଆଲୋଚନାରେ ଭାଗ ନେଇ ପ୍ରତ୍ନତତ୍ତ୍ୱ, ପୋଲିସ ଶାସନ, କୃଷିଜାତ ଦ୍ରବ୍ୟର କିଣାବିକା, ବେତାର ପ୍ରଚାର ପ୍ରଭୃତି ବିଭିନ୍ନ ସମସ୍ୟା ଘେନି ସୁଚିନ୍ତିତ ମତ ପ୍ରକାଶ କରି ନିଜର ପ୍ରତିପତ୍ତି ବଢ଼ାଇବାରେ ଲାଗିଲେ । ରାଜସ୍ୱ ନୀତି ସଂଶୋଧନ କରି ନାମମାତ୍ର ଚାଷୀଙ୍କ ଜମି ଉପରୁ କର ଉଠାଇବାପାଇଁ ସେ ଦାବି କରିଥିଲେ । ପରୋକ୍ଷ କର ଆଦାୟ ବ୍ୟବସ୍ଥା କମାଇଦେବାପାଇଁ ସେ ପରାମର୍ଶ ଦେଇଥିଲେ । ୧୯୩୫ ମାର୍ଚ୍ଚ ୧୩ ତାରିଖରେ ଅର୍ଥ ବିଲ୍ ଉପରେ ଆଲୋଚନା କରି ସେ ଇଂରେଜ ସାମ୍ରାଜ୍ୟବାଦୀଙ୍କ ଶୋଷଣ ନୀତିକୁ ପଦାରେ ପକାଇବାରେ ସମର୍ଥ ହୋଇଥିଲେ । ଏଥିରେ ନୀଳକଣ୍ଠଙ୍କର ଭାରତୀୟ ଅର୍ଥନୀତି ଉପରେ ଗଭୀର ଜ୍ଞାନ ରହିଥିବା ପ୍ରକାଶ ପାଇଥିଲା ଓ କଂଗ୍ରେସ ଦଳ ପକ୍ଷରୁ କରତାଳିଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା ।

ଏଥରକ କେନ୍ଦ୍ର ବ୍ୟବସ୍ଥାପକସଭାରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ହୋଇ ପାରି ନ ଥିଲେ ହେଁ, ଅନ୍ୟାନ୍ୟ ଦଳଙ୍କ ସମର୍ଥନ ଲାଭ କରି ବହୁ ଜାତୀୟ ସମସ୍ୟାରେ ସରକାରଙ୍କୁ ପରାସ୍ତ କରିପାରିଥିଲେ । ତା ୨୧ । ୧ । ୩୫ରେ ସରକାରଙ୍କଦ୍ୱାରା ଆଗତ ଭାରତ-ବ୍ରିଟିଶ ବାଣିଜ୍ୟ ଚୁକ୍ତି ପ୍ରସ୍ତାବ ୬୬-୫୮ ଭୋଟରେ କାଟ ଖାଇଲା । ତା ୫ । ୨ । ୩୫ ରେ ସୀମାନ୍ତ ଗାନ୍ଧିଙ୍କ ଲାଲକୁର୍ତ୍ତା ଦଳ ଉପରୁ କଟକଣା ଉଠାଇ ଦେବା ପ୍ରସ୍ତାବ ୭୩-୪୬ ଭୋଟରେ ଗୃହୀତ ହେଲା । ରେଳବାଇ ବୋର୍ଡ୍ ଉପରେ ଆସିଥିବା କାଟ ପ୍ରସ୍ତାବମାନ ୭୫-୪୭ ଓ ୮୧-୪୪ ଭୋଟରେ ଯଥାକ୍ରମେ ଫେବୃୟାରୀ ୨୨ ଓ ୨୫ ତାରିଖରେ ଗୃହୀତ ହୋଇଗଲା । ସରକାର ଲବଣ-ଟିକସ ପୁନର୍ବାର ବସାଇବାଲାଗି ଯେଉଁ ପ୍ରସ୍ତାବ ଆଣିଥିଲେ, ତାହା ମଧ୍ୟ ୬୪-୪୧ ଭୋଟରେ କାଟ ଖାଇଗଲା । ଏହିପରି ଭାବରେ ବାରମ୍ବାର ବ୍ୟବସ୍ଥାପକସଭାରେ ପରାସ୍ତ ହୋଇ ସରକାରଙ୍କ ସମ୍ମାନ ଲୋକଚକ୍ଷୁରେ କ୍ଷୁଣ୍ଣ ହେବାକୁ ଲାଗିଲା । ହେଲେହେଁ, କହିବା ଅନାବଶ୍ୟକ ଯେ ବଡ଼ଲାଟଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ କେନ୍ଦ୍ର ଆସେମ୍ବ୍ଲିରେ କାଟ ଖାଇଯାଉଥିବା ପ୍ରସ୍ତାବମାନ ଦେଶରେ ପ୍ରଚଳନ କରାଗଲା । କେନ୍ଦ୍ର ବ୍ୟବସ୍ଥାପକସଭାରେ କଂଗ୍ରେସ ଦଳର ଏହିସବୁ ବିଜୟ ଲାଗି ନିଃ.ଭାଃ. କଂଗ୍ରେସ କମିଟି ଦଳର ନେତା ଓ ସଭ୍ୟମାନଙ୍କୁ ବଧାଇ ଜଣାଇ ଏକ ପ୍ରସ୍ତାବ ଗ୍ରହଣ କଲେ । ଏଥିରେ ଦଳର ସମ୍ପାଦକ ପଣ୍ଡିତ ନୀଳକଣ୍ଠଙ୍କର ଅଂଶ ରହିଥିଲ । ଏହା ଅନସ୍ୱୀକାର୍ଯ୍ୟ । ତା ୩-୯-୩୫ରେ ସିମଳା ବୈଠକରେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ମତ ନ ନେଇ ସରକାର ଆବିସିନିଆକୁ ଭାରତୀୟ ସୈନ୍ୟ ପଠାଇବା ସମ୍ପର୍କରେ ସରକାରଙ୍କ

Digitized by PPRACHIN, SOA

ଉପରେ ଏକ ନିନ୍ଦାସୂଚକ ପ୍ରସ୍ତାବ ଆଣିଥିଲେ । ତାଙ୍କର ଯୁକ୍ତି ହେଲା; ‘‘ଆବିସିନିଆ ପ୍ରତି ଭାରତର ସହାନୁଭୂତି ରହିଛି । ଭାରତୀୟ ସୈନ୍ୟଙ୍କୁ ପଠାଇ ସେଠାର ଭାରତୀୟମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ସେମାନଙ୍କୁ ବ୍ୟବହାର କରାଯାଇପାରେ । ମାତ୍ର ଭାରତୀୟ ସେନାଙ୍କୁ ସେଠାକୁ ପଠାଇ ଯୁଦ୍ଧରେ ନିଯୁକ୍ତି କରିବା ଉଚିତ ନୁହେଁ ।’’ ଇଟାଲୀର ଯୁଦ୍ଧଖୋର ନୀତି ଓ ମୁସୋଲିନିଙ୍କର କଳା ଲୋକଙ୍କ ପ୍ରତି ଘୃଣା ଭାବର ସେ ନିନ୍ଦା କରିଥିଲେ । ସରକାର ଗୃହରେ ବହିର୍ବ୍ୟାପାର ଆଲୋଚନା ଲାଗି ଅନୁମତି ଦେଇ ନ ଥିଲେ ହେଁ ଏଥିରେ ସରକାରଙ୍କ ଭିତିରି କାର୍ଯ୍ୟ ସବୁ ପଦାରେ ପକାଇବାରେ ନୀଳକଣ୍ଠ ସଫଳ ହୋଇଥିଲେ । ସେଇପରି ତା ୨୩-୪-୩୫ରେ କଫି କର ବିଲ୍‌ଟି ଜନମତପାଇଁ ପଠାଇବା ନିମନ୍ତେ ପଣ୍ଡିତଜୀ ଗୋଟିଏ ପ୍ରସ୍ତାବ ଆଣିଲେ, ତାହା କିନ୍ତୁ ବାଣିଜ୍ୟ ସଭ୍ୟ ଜାଫରୁଲା ଖାଁଙ୍କ ବ୍ୟକ୍ତିଗତ ସମର୍ଥନ ସତ୍ତ୍ୱେ ଏହା ଭୋଟରେ କାଟ ଖାଇଗଲା । ଆସେମ୍ବ୍ଲି ସଭ୍ୟ ମୋହନଲାଲ ସାକ୍‌ସେନାଙ୍କ ଉପରେ ବଙ୍ଗ ପ୍ରଦେଶକୁ ଯିବା କଟକଣା, ଉତ୍ତର-ପଶ୍ଚିମ ସୀମାନ୍ତରେ ମହିଳା ଓ ଶିଶୁଙ୍କ ଉପରେ ବୋମା ବର୍ଷଣ ପ୍ରଭୃତି ପ୍ରସ୍ତାବରେ କଂଗ୍ରେସ ଦଳର ବିଜୟ ହେଲା । କହିବା ବାହୁଲ୍ୟ ଯେ ଏହା ନୀଳକଣ୍ଠଙ୍କ ସଙ୍ଗଠନ ଶକ୍ତିର ପରିଚାୟକ ଥିଲା ।

## ନୀଳକଣ୍ଠଙ୍କର ମୁଲତବୀ ପ୍ରସ୍ତାବ ଓ ସଂଶୋଧନ ପ୍ରସ୍ତାବରେ ସରକାରଙ୍କର ପରାଜୟ

୧. ୧୯୩୬ ମାର୍ଚ୍ଚ ୨୦ ତାରିଖରେ ନୀଳକଣ୍ଠ ସେଇ ଏପ୍ରିଲ୍ ପହିଲାରୁ ଲୁଣକର ନିର୍ଦ୍ଦିଷ୍ଟ ପରିମାଣରେ ଉଠାଇବାପାଇଁ ଅର୍ଥ ବିଲ୍ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଣିଥିଲେ । ତାଙ୍କର ଏହି ପ୍ରସ୍ତାବରେ ସେ ପଡ଼ିଆ ଜମିରେ ଗରିବ ଜନସାଧାରଣଙ୍କୁ ଲୁଣ ମାରିବାର ଅନୁମତି ଦେବାଲାଗି ଚାହିଁଥିଲେ । ତଦ୍ୱାରା ସରକାରଙ୍କର ୮କୋଟି ଟଙ୍କା କ୍ଷତି ହେବ ବୋଲି ସରକାରୀ ପକ୍ଷ ଦର୍ଶାଇଲେ । ମାତ୍ର ନୀଳକଣ୍ଠ ମୁସଲିମ୍ ଲିଗରୁ ମିଃ ଜିନ୍ନାଙ୍କର ଏହି ପ୍ରସ୍ତାବ ଉପରେ ସମର୍ଥନ ଲାଭ କରିପାରିଥିଲେ ଓ ପଣ୍ଡିତଜୀଙ୍କ ପ୍ରସ୍ତାବ ୫୨-୪୧ ଭୋଟରେ ଗୃହୀତ ହୋଇଗଲା । ଏଥିରେ କଂଗ୍ରେସ ତଥା ଜାତୀୟବାଦୀ ଦଳ ପଣ୍ଡିତ ନୀଳକଣ୍ଠଙ୍କୁ ଉଚ୍ଛ୍ୱସିତ ଧନ୍ୟବାଦ ଜ୍ଞାପନ କରିଥିଲେ ।

୨. ତା ୨୩-୩-୧୯୩୬ରେ ସୁଭାଷ ବୋଷଙ୍କ ଉପରେ ଭାରତରେ ପ୍ରବେଶ କରିବା କଟକଣା ଉଠାଇଦେବାଲାଗି ପଣ୍ଡିତଜୀ ଗୋଟିଏ ମୁଲତବୀ ପ୍ରସ୍ତାବ ଆଣିଥିଲେ । ଏ ପ୍ରସ୍ତାବରେ ମି. ଜିନ୍ନା ଓ ତାଙ୍କ ସମର୍ଥକମାନେ ନିରପେକ୍ଷ ରହିଲେ ହେଁ ପ୍ରସ୍ତାବଟି ୬୫-୫୬ ଭୋଟ୍‌ରେ ଗୃହୀତ ହୋଇଥିଲା ।

Digitized by PPRACHIN, SOA

୩. ତା ୧୪-୪-୧୯୩୬ରେ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ ସଂସ୍ଥାମାନଙ୍କ କ୍ଷେତ୍ରରେ କରହାର ଲାଘବ କରି କେତେକ ସରକାରୀ ସାହାଯ୍ୟ ଦେବା ଲାଗି ନୀଳକଣ୍ଠ ଯେଉଁ ପ୍ରସ୍ତାବ ଆଣିଗଲେ, ସରକାରଙ୍କର ଘୋର ବିରୋଧସତ୍ତ୍ୱେ ତାହା ଗୃହୀତ ହୋଇଥିଲା ଏବଂ ପଣ୍ଡିତ ନୀଳକଣ୍ଠ ଯେ ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଉପକାରପାଇଁ ମନଃପ୍ରାଣ ଦେଇ ଲଢ଼ନ୍ତି, ଏଥିରୁ ତାହା ବହୁ ଭାବରେ ଜଣାପଡ଼ିଥିଲା ।

## କେନ୍ଦ୍ର ବ୍ୟବସ୍ଥାପକସଭାରେ ନୀଳକଣ୍ଠଙ୍କ ସମ୍ମାନ ବୃଦ୍ଧି

ପଣ୍ଡିତ ନୀଳକଣ୍ଠ ମଧ୍ୟ ରେଳବାଇ ବଜେଟ, ଲାଖ ଟିକସ ସଂଶୋଧନ ବିଲ୍, ଭାରତୀୟ ଶୁଳ୍କ ବିଲ୍, ଆର୍ଯ୍ୟ ବିବାହ ବୈଧିକରଣ ବିଲ୍, ଭାରତୀୟ କମ୍ପାନୀ ବିଲ୍ ପ୍ରଭୃତିର ଆଲୋଚନାରେ ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ । ବିନା ଟିକେଟ ଯାତ୍ରୀମାନଙ୍କ ବିଷୟରେ ସେ କହିଥିଲେ, ସରକାରୀ କର୍ମଚାରୀଙ୍କ ଦୋଷରୁ ଏହିପରି ଦୁର୍ନୀତି ଘଟୁଛି ।''

ଏ ସମସ୍ତ ଫଳରେ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପକସଭାରେ କେବଳ ଜଣେ ବିଶିଷ୍ଟ ସଭ୍ୟ ଭାବେ ପରିଚିତ ହୋଇ ନ ଥିଲେ, ଦେଶର ବିଭିନ୍ନ ସମସ୍ୟା ଉପରେ ତାଙ୍କ ଜ୍ଞାନ ଯେ ଅତି ଗଭୀର, ତାହା ଜଣାଯିବା ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ମାନ ଅନ୍ୟ ସଭ୍ୟମାନଙ୍କଠାରୁ ବହୁ ଉର୍ଦ୍ଧ୍ୱ ହୋଇପଡ଼ିଥିଲା । ସେ ପୁଣି ପେଟିସନ୍ କମିଟି ଏବଂ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ କମିଟିମାନଙ୍କର ସଭ୍ୟ ନିର୍ବାଚିତ ହୋଇଥିଲେ ।

## ପଣ୍ଡିତ ନୀଳକଣ୍ଠ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା

୧୯୨୭ରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାଲାଗି ଯେଉଁ ପ୍ରସ୍ତାବ ଆଣିଥିଲେ, ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ପରେ ତାଙ୍କୁ ଏଥିପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା । ୧୯୩୪ରେ ମଧୁବାବୁଙ୍କର ମଧ୍ୟ ମୃତ୍ୟୁ ହୋଇଗଲା । ଓଡ଼ିଶା ଓ ଓଡ଼ିଶା ବାହାରେ ଜନମତ ସୃଷ୍ଟି କରିବା ତାଙ୍କର ଅନ୍ୟତମ କାର୍ଯ୍ୟ ଥିଲା । କଂଗ୍ରେସ ଓ ମହାତ୍ମାଜୀଙ୍କୁ ଏଥିରେ ସାହାଯ୍ୟ କରିବା ଲାଗି ସେ ରାଜି କରାଇଥିଲେ ।

୧୯୩୫ରୁ ପଣ୍ଡିତଜୀ ଉତ୍କଳ କଂଗ୍ରେସର ସଭାପତି ଥିଲେ । ତେଣୁ ତାଙ୍କୁ କେନ୍ଦ୍ର ଆସେମ୍ବ୍ଲି କାର୍ଯ୍ୟ ସହିତ ଓଡ଼ିଶା କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟରେ ମଧ୍ୟ ବ୍ୟସ୍ତ ରହିବାକୁ ପଡୁଥିଲା । ଏ ସମସ୍ତ ମଧ୍ୟରେ ୧୯୩୬ ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ଓ ପଣ୍ଡିତ ନୀଳକଣ୍ଠଙ୍କର ବହୁ ଦିନର ସାଧନା ଫଳବତୀ ହେଲା । ଏ ସମ୍ବନ୍ଧରେ 'ଜାତୀୟ ଜୀବନୀମାଳା ଅଭିଧାନ' (The Dictionary of National Biography) ଯଥାର୍ଥଭାବେ ସ୍ୱୀକାର କରିଛି ଯେ, 'ପଣ୍ଡିତ ନୀଳକଣ୍ଠ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଥିଲେ ।' (Vol I P. 353)

Digitized by PPRACHIN, SOA

## ୧୯୩୬ରେ ଓଡ଼ିଶାର ପ୍ରଥମ ନିର୍ବାଚନ ଓ ନୀଳକଣ୍ଠ ସେଥିରେ ପ୍ରଧାନମନ୍ତ୍ରୀ ହୋଇ ନ ପାରିବା

ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ଥିବା ମଧ୍ୟରେ ୧୯୩୬ର ଶେଷ ଭାଗରେ ଓଡ଼ିଶାରେ ଅନୁଷ୍ଠିତ ପ୍ରଥମ ପ୍ରାଦେଶିକ ନିର୍ବାଚନ ଲାଗି ପଣ୍ଡିତ ନୀଳକଣ୍ଠଙ୍କୁ ଆପ୍ରାଣ ଉଦ୍ୟମ କରିବାକୁ ପଡ଼ିଥିଲା । ତାଙ୍କରି ନେତୃତ୍ୱରେ ଏଇ ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କଲା । ନିଜର ସମସ୍ତ ସମୟ ଓ ଶକ୍ତି ଦେଇ ପ୍ରାର୍ଥୀମାନଙ୍କୁ ଜିତାଇବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଏଥିପାଇଁ ନିଜେ ପ୍ରାର୍ଥୀ ହୋଇ ନ ଥିଲେ । ତାଙ୍କର ଏକକ ଅକ୍ଲାନ୍ତ ଉଦ୍ୟମ ଫଳରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୬ ଜଣ ବିଜୟୀ ହେଲେ । ଏଥି ମଧ୍ୟରୁ ନୀଳକଣ୍ଠ ୨୨ଜଣ କଂଗ୍ରେସ ସଭ୍ୟଙ୍କର ସମର୍ଥନ ଲାଭ କରୁଥିଲେ ମଧ୍ୟ ନାନା କୁଚକ୍ର କରି ତାଙ୍କୁ କିପରି ଓଡ଼ିଶାର ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) କରାଇ ଦିଆଯାଇ ନ ଥିଲା, ତାହା ସର୍ବଜନବିଦିତ । ଏଠାରେ ତା'ର ଆଲୋଚନା ଅନାବଶ୍ୟକ ।

## ନୀଳକଣ୍ଠଙ୍କ କେନ୍ଦ୍ର ବ୍ୟବସ୍ଥାପକ ଅନ୍ତିମ ପର୍ଯ୍ୟାୟର କୃତି

୧୯୩୯ ଫେବୃୟାରୀ ୧୬ ତାରିଖରେ ନୀଳକଣ୍ଠ ବିରୋଧୀ ଦଳ ପକ୍ଷରୁ ରେଳବାଇ ବଜେଟ୍ ଉପରେ ଆଲୋଚନା ଆରମ୍ଭ କରିବାର ଗୌରବ ଅର୍ଜନ କରିଥିଲେ । ତାଙ୍କର ଦୀର୍ଘ ବକ୍ତୃତାରେ ସେ ରେଳବାଇର ଷ୍ଟୋର୍ସ ଡିପାର୍ଟମେଣ୍ଟର ଜିନିଷ କ୍ରୟ ନୀତିର ଘୋର ସମାଲୋଚନା କରି କହିଥିଲେ, 'ରେଳବାଇର ଯେଉଁ ୨୦କୋଟି ଟଙ୍କାର ଜିନିଷ କ୍ରୟ କରାହୋଇଛି ସେଥିରେ ଭାରତ ତିଆରି ଜିନିଷର ପରିମାଣ ଅତି ନଗଣ୍ୟ ଓ ଏହା ଦିନକୁ ଦିନ କମି କମି ଯାଉଛି । ସରକାରଙ୍କ ପରିଚାଳିତ ରେଳବାଇ ସଂସ୍ଥା ୧୯୩୨-୩୩ରୁ ଶତକଡ଼ା ୫୮.୧ ଭାଗରୁ ୬୨.୯ ଭାଗ ପର୍ଯ୍ୟନ୍ତ ଜିନିଷ ବିଦେଶରୁ କିଣୁଛନ୍ତି । ଟାଟା କମ୍ପାନୀରୁ ରେଳବାଇ ଧାରଣାଗୁଡ଼ିକ କିଣାଯିବାର ସେ ଘୋର ସମାଲୋଚନା କରିଥିଲେ ଓ ରାଜତନ୍ତ୍ରର ଶୋଷଣ ନୀତିକୁ ଖିନ୍‌ଭିନ୍ କରି ପଦାରେ ପକାଇ ଦେଇଥିଲେ ।

## ଭାରତୀୟ ରାଜନୀତିରେ କନ୍ଦଳ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ

ଏହି ସମୟରେ କଂଗ୍ରେସ ଭିତରେ ଭୀଷଣ କନ୍ଦଳ ଉପୁଜିଲା । ୧୯୩୯ ନିର୍ବାଚନରେ ଗାନ୍ଧିଜୀଙ୍କ ସମର୍ଥିତ ପ୍ରାର୍ଥୀ ପଟ୍ଟାଭି. ସୀତାରାମାୟଙ୍କୁ ପରାସ୍ତ କରି ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସର ସଭାପତି ହେଲେ । ମାତ୍ର ଅବସ୍ଥା ଚକ୍ରରେ ପଡ଼ି ସେ ଏଥିରୁ ଇସ୍ତଫା ଦେଲେ ଓ ୧୯୩୯ ଅଗଷ୍ଟ ୧୧ ତାରିଖରେ ତାଙ୍କୁ କଂଗ୍ରେସ ସଭ୍ୟ

Digitized by PPRACHIN, SOA

ପଦରୁ ବହିଷ୍କାର କରାଗଲା । ଏହି ବର୍ଷ ଅଗଷ୍ଟ ୩୦ ତାରିଖରୁ ସିମଳାରେ ଅନୁଷ୍ଠିତ ବ୍ୟବସ୍ଥାପକସଭା ଅଧିବେଶନରେ କେନ୍ଦ୍ର ଆସେମ୍ଳି କଂଗ୍ରେସ ସଭ୍ୟମାନେ ବୈଠକରେ ଯୋଗ ଦେଲେ ନାହିଁ । କଂଗ୍ରେସ ସଭ୍ୟ ପଣ୍ଡିତ ନୀଳକଣ୍ଠ ମଧ୍ୟ କଂଗ୍ରେସ ନୀତି ଅନୁସରଣ କରି ବୈଠକରେ ଯୋଗ ଦେଇ ନ ଥିଲେ ।

୧୯୩୯ ସେପ୍ଟେମ୍ବର ୩ ତାରିଖରେ ଇଂଲଣ୍ଡ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏଥିଲାଗି କଂଗ୍ରେସ ଓ ସରକାର ମଧ୍ୟରେ ନାନାଭାବରେ ମତଦ୍ୱୈଧ ଉପୁଜିଲା । ସେପ୍ଟେମ୍ବର ୨୨ ତାରିଖରେ ପ୍ରାଦେଶିକ କଂଗ୍ରେସ ମନ୍ତ୍ରିମଣ୍ଡଳମାନଙ୍କୁ ଇସ୍ତଫା ଦେବାକୁ କଂଗ୍ରେସ ନିର୍ଦ୍ଦେଶ ଦେଲେ । ପଣ୍ଡିତ ନୀଳକଣ୍ଠ ଏ ପ୍ରସ୍ତାବର ପୁନର୍ବିଚାର ଲାଗି ସଭାପତି ରାଜେନ୍ଦ୍ର ପ୍ରସାଦଙ୍କୁ ଅନୁରୋଧ ଜଣାଇଲେ ଏବଂ ଏ ପରିସ୍ଥିତିରେ ଭାରତୀୟଙ୍କୁ ଯୁଦ୍ଧ ବିଦ୍ୟା ଶିଖିବାର ମିଳୁଥିବା ସୁଯୋଗ ନ ହରାଇବାପାଇଁ ପରାମର୍ଶ ଦେଇଥିଲେ । ମାତ୍ର ଏହାର କୌଣସି ଫଳ ହେଲା ନାହିଁ । ୧୯୩୯ ନଭେମ୍ବର ୪ ତାରିଖରେ ଓଡ଼ିଶାର କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଦେଲେ ।

## ପଣ୍ଡିତ ନୀଳକଣ୍ଠଙ୍କର ଯୁଦ୍ଧକାଳୀନ ଆଭିମୁଖ୍ୟ

ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ବନ୍ଧୁ ପଣ୍ଡିତ ଗୋଦାବରୀଶ ଯୁଦ୍ଧବିରୋଧୀ ପ୍ରଚାରକୁ ବିରୋଧ କଲେ । ପଣ୍ଡିତ ନୀଳକଣ୍ଠ ଏଥିରେ ନେତୃତ୍ୱ ନେଇ ଓଡ଼ିଶାରେ 'ଓଡ଼ିଶା କଂଗେସ ସ୍ୱରାଜ୍ୟ ଦଳ' ଗଠନ କଲେ ଓ ୧୯୪୦ ନଭେମ୍ବରରେ କଂଗ୍ରେସରୁ ଇସ୍ତଫା ଦେଲେ । [History & Culture of Orissa page 260] ତାଙ୍କରି ପ୍ରଚେଷ୍ଟାରେ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ତା ୨୪-୧୧-୧୯୪୧ରେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ପଣ୍ଡିତଜୀ କେନ୍ଦ୍ର ବ୍ୟବସ୍ଥାପକସଭାରେ ବକ୍ତୃତା ପ୍ରସଙ୍ଗରେ କାହିଁକି ଓ କିପରି ଏହା ଗଠନ କରାଗଲା, ସେ ସମସ୍ତ ବୁଝାଇ କହିଛନ୍ତି । ୧୯୪୧ରେ ପୁଣି ପୂର୍ବ ପରି ଉତ୍ସାହର ସହିତ ଦେଶର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପ୍ରଭୃତିରେ ସେ ଭାଗ ନେଇଛନ୍ତି । ରେଲୱେ ସମ୍ବନ୍ଧୀୟ ବିଷୟଠାରୁ ଆଜମିର-ମେରୱାଡ଼ ଓ ଆଣ୍ଡାମାନ ନିକୋବାର ଦ୍ୱୀପପୁଞ୍ଜ ଲବଣ କର ଓ ଷ୍ଟାମ୍ପ ହାର ପ୍ରଭୃତି କିଛି ତାଙ୍କ ଆଲୋଚନାରୁ ବାଦ ଯାଇ ନ ଥିଲା ।

୧୯୪୧ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ସଭାରେ ସେ ସିଭିକ୍ ଗାର୍ଡ ସମ୍ପର୍କରେ ଏକ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରି କହିଲେ, 'ଓଡ଼ିଶା ହେଉଛି, ଇଂରେଜ ସରକାରଙ୍କର ଏକ ଅବହେଳିତ ଅଞ୍ଚଳ । ଯୁଦ୍ଧ ଆରମ୍ଭ ହେଲା ପରେ ମୁଁ ସ୍ୱୀକାର କରୁଛି ଯେ, ଚରଖା ଓ ଅହିଂସା ନୀତି ଉପରୁ ମୋର ବିଶ୍ୱାସ ତୁଟି ଯାଇଛି ।

Digitized by PPRACHIN, SOA

ଅହିଂସାଦ୍ୱାରା ଯେ ଆମ ଦେଶ ରକ୍ଷା କରାଯାଇପାରିବ ନାହିଁ, ଏହା ମୋ ପରି ଅନେକ ମଧ୍ୟ ଏବେ ଅନୁଭବ କଲେଣି । ଏହି ପରିସ୍ଥିତିରେ ମୁଁ ଓଡ଼ିଶା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲି ଏବଂ ସରକାରଙ୍କ ସହ ସହଯୋଗ କରିବାପାଇଁ ଲୋଡ଼ିଲି । ଯୁଦ୍ଧ କମିଟିରେ ଯୋଗଦେବାପାଇଁ ମୁଁ ଆମନ୍ତ୍ରିତ ହେଲି । କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ କଟକଣା ଥିଲା । ଏହା ସତ୍ତ୍ୱେ ମୁଁ ଯୁଦ୍ଧ କମିଟିରେ ଯୋଗ ଦେଲି । ମୋର ଏପରି କମିଟିରେ ଯୋଗ ଦେବା କିଛି ନୂଆ କଥା ନୁହେଁ, ଯେହେତୁ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଗାନ୍ଧିଜୀ ମଧ୍ୟ ଇଂରେଜଙ୍କ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିଥିଲେ । ବର୍ତ୍ତମାନ ଯୁଦ୍ଧ ସମୟରେ ଆମେ ଦେଶ ରକ୍ଷାପାଇଁ ଯାହା ଯାହା ସବୁ ଲୋଡ଼ା, ତାହା ବୁଝି ନେବା ଉଚିତ ଓ ସେ ସବୁରେ ତାଲିମ ହେବା ଉଚିତ । ତା'ହେଲେ ଯୁଦ୍ଧ ପରେ ମଧ୍ୟ ଦେଶ ରକ୍ଷାପାଇଁ ଆମେ ପ୍ରସ୍ତୁତ ରହିପାରିବା । ଏହି ପରିସ୍ଥିତିରେ ଆମର ଯୁବକମାନଙ୍କୁ ସୈନ୍ୟ ବିଭାଗରେ ପ୍ରବେଶ କରାଇ ଯଦି ଶିକ୍ଷିତ କରା ନ ଯାଏ, ଯୁଦ୍ଧରେ ଯେତେ ଅର୍ଥ ବିନିର୍ବ୍ୟୟ କରାଯାଉଛି, ସେଥିରୁ ଆମେ କିଛି ଫାଇଦା ଉଠାଇପାରିଲୁ ନାହିଁ ବୋଲି ବୁଝାଯିବ । ଇଂରେଜମାନଙ୍କୁ ସେ ଲକ୍ଷ୍ୟ କରି କହିଲେ – ''ଗଲା ୧୮୦ ବର୍ଷ ଧରି ତୁମେ ଆମକୁ ବିଶ୍ୱାସ କରି ନାହଁ । ଏବେବି ଏ ଅସ୍ୱାଭାବିକ ପରିସ୍ଥିତିରେ ମଧ୍ୟ ସେଇ ନୀତି ଅନୁସରଣ କରୁଚ ।''

ଏହି ଦୀର୍ଘ ବିବୃତିରୁ ସ୍ପଷ୍ଟ ଜଣାଯାଏ, ନୀଳକଣ୍ଠ କୌଣସି ବ୍ୟକ୍ତିଗତ ଲାଭପାଇଁ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବାକୁ ଚାହିଁ ନ ଥିଲେ । ସେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଓ ଦେଶର ଭବିଷ୍ୟତ୍ ଚିନ୍ତା କରି ଏ କାର୍ଯ୍ୟ କରିଥିଲେ ଏବଂ ଏହା ସ୍ୱାଧୀନତା ଲାଭପାଇଁ ଏକ ପଦକ୍ଷେପ ବୋଲି ସେ କହିଥିଲେ ।

ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥାପକସଭାକୁ ନିଜ ଜାତିକୁ ସମ୍ବୋଧନ କରିବାଲାଗି ଏକ ଡାକବାଜି ଯନ୍ତ୍ର ରୂପେ ବ୍ୟବହାର କରିବାପାଇଁ ଚାହିଁଥିବା ପରି ମନେହୁଏ ଏବଂ ଥରେ ପୋଲିସ ଓ ସୈନ୍ୟଙ୍କର ଅତିରିକ୍ତ ବଳପ୍ରୟୋଗ ବିଷୟ କହୁ କହୁ 'ମୋ ଦେଶବାସୀଙ୍କୁ ମୁଁ କିଛି କହେ' ବୋଲି କହନ୍ତେ ଏହା ଡାକବାଜି ଯନ୍ତ୍ର ନୁହେଁ ବୋଲି ତାଙ୍କୁ ଚେତାଇ ଦିଆଯାଇଥିଲା ।

### ସରକାରଙ୍କ ତରଫରୁ ଅତିରିକ୍ତ ବଳପ୍ରୟୋଗ, ଖାଦ୍ୟଶସ୍ୟ ଯୋଗାଣରେ ଦୂରଦୃଷ୍ଟିର ଅଭାବ ଇତ୍ୟାଦିର ସମାଲୋଚନ. ଏବଂ ରାଷ୍ଟ୍ରସଂଘ ଗଠନ ଓ ବ୍ୟବସ୍ଥାପକମାନଙ୍କୁ ମାସିକ ଦରମା ଦେବା ପ୍ରଭୃତି ପ୍ରସ୍ତାବ

ସରକାରଙ୍କ ଯୁଦ୍ଧକାଳୀନ ଯୋଗାଣ ବ୍ୟବସ୍ଥାର କଟୁ ସମାଲୋଚନା କରି ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିରେ ଦୃଢ଼ ସ୍ୱର ଉଠାଇଥିଲେ । ବାହାରେ ଇଂରେଜ

Digitized by PPRACHIN, SOA

ସରକାରଙ୍କ ସହ ତାଙ୍କ ବନ୍ଧୁମାନେ ୧୯୪୨ରୁ ୧୯୪୫ଯାଏଁ ସଂଗ୍ରାମରେ ବ୍ୟାପୃତ ଥିଲା ବେଳେ, କହିବା ବାହୁଲ୍ୟ ଯେ, ପଣ୍ଡିତ ନୀଳକଣ୍ଠ ଇଂରେଜଙ୍କ ସହ ବ୍ୟବସ୍ଥାପକସଭାରେ ବୈଧାନିକ ପନ୍ଥାରେ ଘୋର ସଂଗ୍ରାମ ଚଳାଇଥିଲେ ।

ଦେଶରେ ସେତେବେଳେ ଅନ୍ତର୍ଘାତୀ କାର୍ଯ୍ୟର ଦମନ ଲାଗି ସରକାର ଯେଉଁ ଅତିରିକ୍ତ ବଳପ୍ରୟୋଗ କରୁଥିଲେ ସେ ଏକ ସଂଶୋଧନ ପ୍ରସ୍ତାବରେ ତାହାର ଘୋର ସମାଲୋଚନା କରିଥିଲେ ।

୧୯୪୩ ଫେବୃୟାରୀ ୧୮ ତାରିଖରେ ପଣ୍ଡିତ ନୀଳକଣ୍ଠ ବ୍ରିଟିଶ ଶାସିତ ଅଞ୍ଚଳ ଓ କରଦ ରାଜ୍ୟଗୁଡ଼ିକର ଏକତା ଆଣିବା ଉଦ୍ଦେଶ୍ୟରେ ୧୯୩୫ ଶାସନ ବ୍ୟବସ୍ଥା ଅନୁଯାୟୀ ରାଷ୍ଟ୍ରସଂଘ ଗଠନପାଇଁ କେନ୍ଦ୍ର ବ୍ୟବସ୍ଥାପକସଭାରେ ତାଙ୍କ ମର୍ଯ୍ୟାଦାସମ୍ପନ୍ନ ପ୍ରସ୍ତାବ ଆଣିଥିଲେ । ମୁସଲମାନ ସଭ୍ୟମାନେ ଏହାର ବିରୋଧ କରିଥିଲେ ଓ ଏହା ସେ ସମୟରେ ଗୃହୀତ ହୋଇପାରି ନ ଥିଲା । କିନ୍ତୁ ନୀଳକଣ୍ଠଙ୍କର ବରାବର ଦୃଢ଼ବିଶ୍ୱାସ ଥିଲା, ସେକାଳେ ରାଷ୍ଟ୍ରସଂଘ ଗଢ଼ା ହୋଇଥିଲେ ଭାରତ ଆଉ ଭାଗ ଭାଗ ହୋଇ ନ ଥାନ୍ତା ।

ପଣ୍ଡିତ ନୀଳକଣ୍ଠ ଏକ ଦୂରଦର୍ଶୀ ବ୍ୟକ୍ତି । ସେ ୧୯୪୩ରେ ଏକ ପ୍ରସ୍ତାବ ଆଣିଥିଲେ ଯେ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟମାନଙ୍କୁ ମାସିକ ଦରମା ଦିଆଯାଉ । ସେତେବେଳେ ସଭ୍ୟମାନେ କେବଳ ଦୈନିକ ଭତ୍ତାହିଁ ପାଉଥିଲେ । ବିଲ୍ ଆଗତ କରି ପଣ୍ଡିତ ଦାସ କହିଥିଲେ ବ୍ୟବସ୍ଥାପକସଭା କାର୍ଯ୍ୟରେ ସେମାନଙ୍କର ବହୁ ସମୟ ବ୍ୟୟିତ ହେଉଛି । ଜୀବିକା ନିର୍ବାହପାଇଁ ଦରମା ପାଇଲେ, ଆସେମ୍ଳି କାର୍ଯ୍ୟରେ ସେମାନେ ଅଧିକ ସମୟ ଦେଇପାରିବେ । ମାତ୍ର ବିଲ୍‌ଟି ଭୋଟରେ ଅଗ୍ରାହ୍ୟ ହୋଇଗଲା । ଏବେ କିନ୍ତୁ କେନ୍ଦ୍ର ବ୍ୟବସ୍ଥାପକସଭା ତଥା ପ୍ରାଦେଶିକ ବିଧାନ ସଭାମାନଙ୍କରେ ସଭ୍ୟମାନେ ରୀତିମତ ଦରମା ପାଉଛନ୍ତି ଓ ତାହା ବେଳକୁ ବେଳ ବଢ଼ିବାରେ ଲାଗିଛି ।

ନୀଳକଣ୍ଠ ଜନସାଧାରଣଙ୍କ ଅଭାବ ଅସୁବିଧା ପ୍ରତି ଯଥେଷ୍ଟ ସହାନୁଭୂତିଶୀଳ ଥିଲେ । ୧୯୪୩ରେ ରାଜନୀତିକ ବନ୍ଦୀଙ୍କ ପ୍ରତି ଦୁର୍ବ୍ୟବହାର ତଥା ବଙ୍ଗଳାକୁ ଚାଉଳ ଯୋଗାଇବାରେ ସରକାରୀ ଅପାରଗତାର ସେ କଠୋର ସମାଲୋଚନା କରିଥିଲେ । ବଙ୍ଗଳା ଦୁର୍ଭିକ୍ଷ ବିଷୟରେ ସେ କହିଥିଲେ – ''କେନ୍ଦ୍ର ସରକାରଙ୍କ ଦୁର୍ବଳତା, ଦୂରଦୃଷ୍ଟିର ଅଭାବ ଓ ଶୃଙ୍ଖଳାବିହୀନ କାର୍ଯ୍ୟ ଯୋଗୁଁହିଁ ବଙ୍ଗଦେଶରେ ଦୁର୍ଭିକ୍ଷ ଦେଖାଦେଇଛି ।'' ଓଡ଼ିଶାର ଖାଦ୍ୟ ପରିସ୍ଥିତି ସଂକଟଜନକ ହେବାର ଲକ୍ଷ୍ୟ କରି ସେ କହିଥିଲେ, ''ଓଡ଼ିଶାରେ ଅନାହାର ସର୍ବଦା ଲାଗିରହିଛି । ଏବେ ଓଡ଼ିଶାର ଲୋକେ ଅନାହାର ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିଗଲେଣି ।'' ସେ ଟିକି ନିଖି ହିସାବ କରି ଦେଖାଇଥିଲେ ଯେ, ଓଡ଼ିଶାରେ

Digitized by PPRACHIN, SOA

ଖାଦ୍ୟଶସ୍ୟର ଜଣ ପିଛା ହାରାହାରି ଉତ୍ପାଦନ ୧୯.୬୦୨ ହେଲେ ଖାଉଟି ଖର୍ଚ୍ଚ ମାତ୍ର ୧୩.୨ । ତା' ସତ୍ତ୍ୱେ ଓଡ଼ିଶାର ଖାଦ୍ୟ ପରିସ୍ଥିତିର ଅସହାୟ ଅବସ୍ଥାପାଇଁ ସେ ପ୍ରାଦେଶିକ କୁଶାସନକୁ ଦାୟୀ କରିଥିଲେ । ତେଣୁ ଦେଶରେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ପ୍ରତିଷ୍ଠାପାଇଁ ସେ ଯୁକ୍ତି ଉପସ୍ଥାପନ କରିଥିଲେ ।

୧୯୪୩ରେ ଡକ୍ଟର ଦେଶମୁଖ 'ସଗୋତ୍ର ବିବାହ' ବୈଧକରଣ ବିଲ୍ ଉପସ୍ଥାପିତ କରିଥିଲେ । ଏଥିରେ ପଣ୍ଡିତଜୀ ପ୍ରତିବାଦ କରି କହିଲେ, 'ହିନ୍ଦୁଧର୍ମ ତଥା ହିନ୍ଦୁମାନଙ୍କୁ ପରିଚାଳିତ କରୁଥିବା ନୀତିରେ ସରକାର ହସ୍ତକ୍ଷେପ କରିବା ଉଚିତ ନୁହେଁ । ମୁଁ କୌଣସି ଆଇନ ପାସ୍ କରିବାର ବିରୋଧୀ ନୁହେଁ, ମାତ୍ର ପଣ୍ଡିତମାନଙ୍କୁ ସମାଲୋଚନା କରି ସମାଜ ଓ ଧର୍ମରେ ବିଶୃଙ୍ଖଳା ସୃଷ୍ଟି କରିବାର କି ଆବଶ୍ୟକତା ରହିଛି ମୁଁ ବୁଝିପାରୁ ନାହିଁ ।'' ଅବଶ୍ୟ ଏଇ ସ୍ୱାଧୀନ ଭାରତରେ ଏହି ଆଇନ ପରେ ଗୃହୀତ ହୋଇଛି ।

ଯୁଦ୍ଧ ପ୍ରାୟ ସରି ଆସୁଥାଏ । କଂଗ୍ରେସ ସଭ୍ୟମାନେ ସିମଳା ଅଧିବେଶନରେ ଯୋଗଦେବାକୁ ଆସିଲେ । ସଭାଗୃହ କର୍ମ ଚଞ୍ଚଳ ହୋଇଉଠିଲା । ଏତେବେଳେ ୧୯୪୪ରେ ପଣ୍ଡିତ ଦାସଙ୍କ ପ୍ରତିଷ୍ଠିତ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳର ପତନ ଘଟିଲା । ନୀଳକଣ୍ଠ କ୍ଷୁବ୍ଧ ହୋଇ କେନ୍ଦ୍ରସଭାରେ ବିଶେଷ ଭାଗ ନେଇପାରି ନ ଥିଲେହେଁ ସେ ବାଣିଜ୍ୟ ସ୍ଥାୟୀକମିଟି ତଥା ଖାଦ୍ୟ ସ୍ଥାୟୀକମିଟି (Standing Committee) ର ସଭ୍ୟଭାବେ ନିର୍ବାଚିତ ହେଲେ । ମିଳିତ ଜାତିସଂଘରେ ଏକ ସ୍ଥାୟୀ ଖାଦ୍ୟ ଓ କୃଷି ସଙ୍ଗଠନର ଆବଶ୍ୟକତା ନେଇ ଆନୀତ ପ୍ରସ୍ତାବ ସମ୍ପର୍କରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତୃତା ଦେଇଥିଲେ ।

୧୯୪୫ରେ କେନ୍ଦ୍ର ଆସେମ୍ବ୍ଲିର କାର୍ଯ୍ୟକାଳ ପୂରିଗଲା । ଶେଷ ଅଧିବେଶନରେ ପଣ୍ଡିତଜୀ ଖାଦ୍ୟ ଓ ଏମିଗ୍ରେସନ ସ୍ଥାୟୀ କମିଟିର ସଭ୍ୟ ନିର୍ବାଚିତ ହୋଇଥିଲେ । ସେ ଯଥାଯଥ ଭାବେ ପୂର୍ବ ବର୍ଷମାନଙ୍କ ପରି ରେଳବାଇ ବଜେଟ ଆଲୋଚନାରେ ଗୁରୁତ୍ୱପୂର୍ଣ ଅଂଶ ଗ୍ରହଣ କରି ବେଙ୍ଗଲ-ନାଗପୁର ରେଲୱେରେ ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦେବାରେ ଅବହେଳାର କଟୁ ସମାଲୋଚନା କରିଥିଲେ ଓ ଶିଖ୍ମାନଙ୍କୁ ମଧ୍ୟ ଅତି କମ୍ ସଂଖ୍ୟାରେ ନିଯୁକ୍ତି ଦେବା ଅସମୀଚୀନ ହୋଇଛି ବୋଲି ମତ ଦେଇଥିଲେ । ଦାୟିତ୍ୱପୂର୍ଣ୍ଣ ସହଯୋଗ ଗ୍ରହଣ କରିବାରେ ସରକାରଙ୍କ ନିଷ୍କ୍ରିୟତା ବିଷୟ ଉଲ୍ଲେଖ କରି ଜାତୀୟ ଯୁଦ୍ଧ ସାମ୍ମୁଖ୍ୟ ସଂପର୍କରେ ସେ ନିଜର ବ୍ୟକ୍ତିଗତ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ – ''ଲୋକଙ୍କ ନୈତିକତା ରକ୍ଷା ଲାଗି ଏଥିରେ କିଛି କରା ହୋଇ ନାହିଁ । ଓଡ଼ିଶାରେ ମୋ ନିଜ ପ୍ରଚେଷ୍ଟାରେ ଗଠିତ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକ୍ରମେ

Digitized by PPRACHIN, SOA

ମୁଁ ଯୁଦ୍ଧ ସାମ୍ମୁଖ୍ୟର କର୍ମକର୍ତ୍ତା ହୋଇଥିଲି । ଦେଖିଲି ଏଥିରେ ସେଇ ବେସରକାରୀ ଲୋକଙ୍କୁ ଗ୍ରହଣ କରାଯାଉଥିଲା, ଯେଉଁମାନେ କେବଳ 'ନିରାପଦ' ବୋଲି ମନେ ହେଉଥିଲେ । ସଚ୍ଚୋଟ ବେସରକାରୀ ଲୋକଙ୍କୁ ଏଥିରେ ଗ୍ରହଣ କରାଗଲା ନାହିଁ । ଏହି ଯୁଦ୍ଧ ସାମ୍ମୁଖ୍ୟ ପ୍ରତିଷ୍ଠା ହେବାର କେତେ ମାସ ଭିତରେ ମୋତେ ଏ ଅନୁଷ୍ଠାନରୁ ସମ୍ପର୍କ ଛିନ୍ନ କରିବାକୁ ହେଲା । ଏହାହିଁ 'ଦାୟିତ୍ୱପୂର୍ଣ୍ଣ ସହଯୋଗ'ର ଦୁଃଖାବହ ପରିଣତି ।''

## ଉପସଂହାର

ଏ ସମସ୍ତରୁ ଦେଖାଯିବ ଯେ, ୧୯୨୪ରୁ ୧୯୪୫ ଯାଏଁ ୨୨ ବର୍ଷ ମଧ୍ୟରୁ ପ୍ରାୟ ୧୮ବର୍ଷ କାଳ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟ ଥିଲେ ଓ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ପରିଚାଳନା ପ୍ରଭୃତିରେ ଦୀର୍ଘ କାରାବାସ ଭୋଗି ୧୯୩୪ ଯାଏ ବ୍ୟବସ୍ଥାପକସଭା ବାହାରେ ରହିଥିଲେ । ଏହି ଦୀର୍ଘକାଳ ଧରି ସେ କଂଗ୍ରେସ (ସ୍ୱରାଜ୍ୟ) ଦଳର ସମ୍ପାଦକ ଥିଲେ ଏବଂ ନିଜ ପାଣ୍ଡିତ୍ୟ, ବ୍ୟକ୍ତିତ୍ୱ ତଥା ବ୍ୟବସ୍ଥାପକସଭାର ବିଚକ୍ଷଣ ପାରଦର୍ଶିତା ଘେନି ସେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ବହୁଦିନ ଧରି ରେଳବାଇ ବୋର୍ଡ଼, ରେଳବାଇ ସ୍ଥାୟୀ (ଷ୍ଟାଣ୍ଡିଙ୍ଗ୍) କମିଟି, ରେଳବାଇ ଅର୍ଥକମିଟି ପବ୍ଲିକ୍ ଆକାଉଣ୍ଟସ୍ କମିଟି, ପିଟିସନ୍ କମିଟି, କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପ କମିଟି, ଲାଇବ୍ରେରୀ କମିଟି, ଖାଦ୍ୟ ଓ ଇମିଗ୍ରେସନ୍ କମିଟି ପ୍ରଭୃତି କମିଟି ଓ ବିଭିନ୍ନ ଯାଞ୍ଚ୍ କମିଟିମାନଙ୍କରେ ସଭ୍ୟ ରହୁଥିଲେ । ବିରୋଧୀ ଦଳ ପକ୍ଷରୁ ବଜେଟ୍ ଉପରେ ଆଲୋଚନା ଆରମ୍ଭ କରିବାର ଗୌରବ ମଧ୍ୟ ତାଙ୍କୁ ମିଳୁଥିଲା । ତାଙ୍କର ତଥ୍ୟ ସମ୍ବଳିତ, ଓଜସ୍ୱିନୀ ଭାଷଣ ଓ ସମସ୍ୟାର ଚିକିନିଖି ଆଲୋଚନାରେ ଇଂରେଜ ସଭ୍ୟମାନେ ମଧ୍ୟ ଚମତ୍କୃତ ହୋଇପଡୁଥିଲେ । ଫଳରେ ତାଙ୍କ ଦଳ ଗୃହରେ ସଂଖ୍ୟାଗରିଷ୍ଠ ହୋଇ ନ ଥିଲେ ହେଁ ତାଙ୍କର ମୁଲତବୀ/କାଟ/ ସଂଶୋଧନ ପ୍ରସ୍ତାବମାନ ସେ ଅନେକ ସମୟରେ ଗୃହରେ ଗ୍ରହଣ କରାଇ ନେଇପାରୁଥିଲେ । ସେତେବେଳେ ଅବଶ୍ୟ ବ୍ୟବସ୍ଥାପକସଭାର ବିଶେଷ କ୍ଷମତା ନ ଥିଲା, ମାତ୍ର ପଣ୍ଡିତ ନୀଳକଣ୍ଠ ତାହାର ପୂର୍ଣ୍ଣ ଉପଯୋଗ କରି ସରକାରଙ୍କୁ ନାନା ଅସୁବିଧାରେ ପକାଇ ସେମାନଙ୍କ ଦଳର ଉଦ୍ଦେଶ୍ୟ ସାଧନ କରିପାରୁଥିଲେ ।

ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକଶାସନାଧୀନରେ ଆଣି ଓଡ଼ିଶାପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବି ନୀଳକଣ୍ଠହିଁ ପ୍ରଥମେ କେନ୍ଦ୍ର ବ୍ୟବସ୍ଥାପକସଭାରେ ଉପସ୍ଥାପିତ କରିଥିଲେ ଓ ସେଥିଲାଗି ସେ ଉଭୟ ସଭା ମଧ୍ୟରେ ଓ ବାହାରେ ଯେତେ ଯେତେ ପ୍ରଚେଷ୍ଟା କରି ସଫଳକାମ ହୋଇଥିଲେ, ସେଥିପାଇଁ ତାଙ୍କୁ ଯଥାର୍ଥରେ ଓଡ଼ିଶାର ଅନ୍ୟତମ ନିର୍ମାତା ବୋଲି କୁହାଯାଏ ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଦୀନ-ଦରିଦ୍ର ଓ ନିଷ୍ପେଷିତଙ୍କପାଇଁ ଲଢ଼ୁଥିଲେ ଓ ତାଙ୍କ ପ୍ରସ୍ତାବମାନ ଯେପରି ଭାବରେ ଗୃହୀତ ହୋଇପାରିବ, ସେଥିଲାଗି ବାରମ୍ବାର ଉଦ୍ୟମ କରୁଥିଲେ । ମହାତ୍ମାଗାନ୍ଧିଙ୍କର ଲବଣ ଆଇନ ଅମାନ୍ୟର ବହୁ ବର୍ଷ ପୂର୍ବରୁ ସେ ଯେପରି ଲବଣ କର ଛାଡ଼ ଓ ସମୁଦ୍ରକୂଳ ଅଞ୍ଚଳର ପଡ଼ିଆ ଜମିରେ ଲୁଣମରା ଲାଗି ଅନୁମତି ଦେବାପାଇଁ, ତଥା ଶ୍ରମିକମାନଙ୍କ ମଙ୍ଗଳ ଓ ତାଙ୍କ ପିଲାଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ସୁବ୍ୟବସ୍ଥା କରିବାପାଇଁ ବ୍ୟବସ୍ଥାପକସଭାରେ ଦାବି ଉପସ୍ଥାପିତ କରିଥିଲେ, ସେଇପରି ମଧ୍ୟ ପରବର୍ତ୍ତୀ କାଳରେ ବ୍ୟବସ୍ଥାପକମାନଙ୍କପାଇଁ ମାସିକ ଦରମା ପ୍ରବର୍ତ୍ତନର ବହୁପୂର୍ବରୁ ଏହାର ଆବଶ୍ୟକତା ଲାଗି ଯୁକ୍ତି ବାଢ଼ିଥିଲେ । ୧୯୨୫ରେ ନୀଳକଣ୍ଠଙ୍କର ଲବଣ କର ଛାଡ଼ ଦାବି ଗୃହୀତ ହୋଇପାରି ନ ଥିଲେ ହେଁ ୧୯୩୬ରେ ପୁଣି ସେ ଅର୍ଥ ବିଲ୍ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଣି ନିର୍ଦ୍ଦିଷ୍ଟ ପରିମାଣରେ ଲବଣକର ଛାଡ଼ପାଇଁ ବ୍ୟବସ୍ଥାପକସଭାର ଅନୁମୋଦନ ଲାଭ କରିପାରିଥିଲେ ।

ପଣ୍ଡିତ ନୀଳକଣ୍ଠ ଜଣେ ଉଚ୍ଚ ଚିନ୍ତାଶୀଳ ଓ ନିର୍ଭୀକ ଜନନେତା ଥିଲେ । ତାଙ୍କ ମନକୁ ନ ପାଇବା ଭଳି ପନ୍ଥା ଦଳର ନିର୍ଦ୍ଦେଶ ବୋଲି ସବୁବେଳେ ଗ୍ରହଣ କରିନେବାକୁ ସେ ରାଜି ହେଉ ନ ଥିଲେ । ଦେଶର ଭବିଷ୍ୟତ୍ ମଙ୍ଗଳ ବିଚାରକୁ ନେଇ ଲୋକପ୍ରିୟତା ହରାଇବାକୁ ଖାତିର ନ କରି, ଦଳର ସର୍ବୋଚ୍ଚ ପଦ ମଧ୍ୟ ପରିହାର କରିବାକୁ ସେ ପଶ୍ଚାଦ୍‌ପଦ ହେଉ ନ ଥିଲେ । ବିଶ୍ୱଯୁଦ୍ଧ ବେଳେ ଭାରତବାସୀ ଇଂରେଜଙ୍କ ଉଦ୍ୟମରେ ସାହାଯ୍ୟ କରିବା ଉଚିତ ବୋଲି ତାଙ୍କର ସ୍ପଷ୍ଟ ମତ ଥିଲା । ତା'ହେଲେ ଏଇ ମଉକାରେ ଭବିଷ୍ୟତ୍‌ରେ ଭାରତର ସ୍ୱାଧୀନତା ରକ୍ଷା ଲାଗି ଆବଶ୍ୟକୀୟ ଯୁଦ୍ଧକୌଶଳ ଭାରତବାସୀ ଶିକ୍ଷା କରିପାରିବେ ଓ ତେଣୁ ଏ ସୁଯୋଗ ହରାଇବା ଉଚିତ ହେବ ନାହିଁ ବୋଲି ସେ ଯୁକ୍ତି ବାଢ଼ିଥିଲେ । ଏଥିପାଇଁ ସେ ଓଡ଼ିଶା କଂଗ୍ରେସର ସଭାପତି ପଦରୁ ଇସ୍ତଫା ଦେଇଥିଲେ ଓ ସୁଭାଷ ବୋଷଙ୍କ ପରାମର୍ଶରେ ଓଡ଼ିଶାରେ ଏକ ଯୁଦ୍ଧକାଳୀନ ସରକାର ଗଠନର ପୁରୋଧା ହୋଇଥିଲେ ଏବଂ ଏହା ଯେ ଭାରତର ସ୍ୱାଧୀନତା ପ୍ରାପ୍ତିକୁ ତ୍ୱରାନ୍ୱିତ କରିବାଲାଗି ଉଦ୍ଦିଷ୍ଟ ଥିଲା, ଏବେ ତାହା କହି ବୁଝାଇବା ଅନାବଶ୍ୟକ ।

ପଣ୍ଡିତ ନୀଳକଣ୍ଠ ବହୁ କ୍ଷେତ୍ରରେ ନିରାଶ ହୋଇଛନ୍ତି – ମାତ୍ର ସେଥିପାଇଁ ସେ କେତେବେଳେ ହେଲେ ଭାଙ୍ଗିପଡ଼ି ନାହାନ୍ତି । ଅବଶେଷରେ ଯେତେବେଳେ କଂଗ୍ରେସକୁ ଫେରିଯିବାଲାଗି ପଣ୍ଡିତ ଜବାହରଲାଲ୍ ନେହରୁ ତାଙ୍କୁ ନିମନ୍ତ୍ରଣ ଜଣାଇଲେ, ଜୀବନର ସାୟାହ୍ନରେ ସେ ତାଙ୍କର ସମସ୍ତ ମର୍ଯ୍ୟାଦା ଫେରି ପାଇଥିଲେ ଓ କଂଗ୍ରେସରେ ପୁଣି ଯୋଗ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଜଣେ ଯୁଗସ୍ରଷ୍ଟା ବ୍ୟକ୍ତି ଥିଲେ ।

Digitized by PPRACHIN, SOA

# ଭାରତରେ ନବଜାଗରଣର ବିଭାବ

**ବକ୍ତା – ଶ୍ରୀ ଅନ୍ନଦାଶଙ୍କର ରାୟ**

**ଅନୁବାଦ – ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି**

ପଣ୍ଡିତ ନୀଳକଣ୍ଠ ଦାସ ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଭାବରେ ଥିଲେ ସର୍ବଜନବିଦିତ । ସବୁଜ ଆବେଷ୍ଟନୀରେ ପ୍ରତିଷ୍ଠିତ ଏହି ଅନନ୍ୟ ଅନୁଷ୍ଠାନ ବହନ କରିଥିଲା ପ୍ରାଚୀନ ଭାରତୀୟ ତପୋବନଗୁଡ଼ିକର ଏକ ସ୍ମୃତିଚିହ୍ନ । ଏହିପରି ତପୋବନରେ ଋଷିମାନେ ସପରିବାର ବାସ କରୁଥିଲେ ଓ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ । ଆମେ ପିଲା ଥିଲାବେଳେ ଏହି ଅନୁଷ୍ଠାନ ଆମ କଳ୍ପନାକୁ ଅଭିଭୂତ କରିଥିଲା । ମାତ୍ର ସେଠାରେ କିଛି ଦିନପାଇଁ ଶିକ୍ଷକ ଥିବା ମୋ କକା ହରିଶଚନ୍ଦ୍ର ରାୟଙ୍କ ସଙ୍ଗେ ଯେବେ ମୁଁ ସେଠାକୁ ଯାଇଥିଲି, ସେତେବେଳକୁ ତା'ର ମାହାତ୍ମ୍ୟ କମିଯାଇଥିଲା । ପଣ୍ଡିତ ନୀଳକଣ୍ଠ ତାହାଙ୍କ ସୁଖ୍ୟାତିସମ୍ପନ୍ନ ପଦବୀରୁ ଅବ୍ୟାହିତ ନେଇଥିଲେ । ମୋତେ ତାଙ୍କ ସଙ୍ଗରେ କି ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସଙ୍ଗରେ ପରିଚିତ କରାହେଲା ସେ କଥା ଆଉ ମୋର ସ୍ମରଣ ନାହିଁ । ପଣ୍ଡିତ ନୀଳକଣ୍ଠଙ୍କ ସ୍ଥାନ ଅଧିକାର କରିଥିବା ପଣ୍ଡିତ ଗୋଦାବରୀଶ ନୁହନ୍ତି ଅବଶ୍ୟ । ତା'ର କେତେକ ବର୍ଷ ପରେ ମୁଁ ପଣ୍ଡିତ ଗୋଦାବରୀଶଙ୍କୁ ପୁରୀରେ ଭେଟିଥିଲି । ସେ ମୋ କକା ଗୋଲୋକପ୍ରସାଦ ରାୟଙ୍କୁ ଦେଖାକରିବାକୁ ଆସିଥିଲେ । ତା'ର ତିରିଶ ବର୍ଷ ପରେ ଶାନ୍ତିନିକେତନରେ ପଣ୍ଡିତ ନୀଳକଣ୍ଠଙ୍କ ସଙ୍ଗେ ମୋର ସାକ୍ଷାତ୍ ହେଲା । ସେ ସେଠାରେ ଓଡ଼ିଆରେ ଏକ ଭାଷଣ ଦେଇଥିଲେ । ତାଙ୍କର ପ୍ରସଙ୍ଗ ଥିଲା 'ଜଗନ୍ନାଥ ଧର୍ମ' । ସେତେବେଳକୁ ସେ ଅତି ବୃଦ୍ଧ ଆଉ ମୋର ବୟସ ବି ଥିଲା ପ୍ରାୟ ପଚାଶ ପାଖାପାଖି ।

ସତ୍ୟବାଦୀ ସ୍କୁଲର ବାତାବରଣରେ ମୁଗ୍ଧ ହେଲେ ବି ସେଠାରେ ନାମ ନ ଲେଖାଇ ମୁଁ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲି । ସେଠାରେ ସହପାଠୀ ହେଲେ କାଳିନ୍ଦୀଚରଣ ପାଣିଗ୍ରାହୀ । ଖୁବ୍ ଶୀଘ୍ର ଆମେ ଦୁହେଁ ବନ୍ଧୁ ହୋଇଗଲୁ । ବାପା ମୋତେ ଲେଖିଲେ ଯେ ଆମ ଘରେ ଢେଙ୍କାନାଳରେ ମୋ ମାଆ ମୋ ପାଇଁ

Digitized by PPRACHIN, SOA

କାନ୍ଦୁଛନ୍ତି । ତେଣୁ ମୋତେ ପୁଣି ମୋର ପୁରୁଣା ସ୍କୁଲକୁ ଫେରିବାକୁ ହେଲା । ସ୍କୁଲରେ ନୂଆ ମୁହଁଟିଏ ଦେଖିଲି । ସେଇଟି ବୈକୁଣ୍ଠନାଥ ପଟ୍ଟନାୟକଙ୍କର । ଆମ ଭିତରେ ଖୁବ୍ ଶୀଘ୍ର ବନ୍ଧୁତା ହେଲା । ବୈକୁଣ୍ଠ ଦିନାକେତେ ସତ୍ୟବାଦୀ ସ୍କୁଲ୍‌ରେ ମୋର କକା ହରିଶ୍ଚନ୍ଦ୍ରଙ୍କ ଛାତ୍ର ଥିବା ଜଣାପଡ଼ିଲା । ବୈକୁଣ୍ଠ ଖବର ଶୁଣି ସେ ଥଟ୍ଟାରେ କହିଲେ – ''ମୁଁ ତାକୁ ସବୁବେଳେ 'ପେଟା ବୈକୁଣ୍ଠ' ଡାକୁଥିଲି । ସେ ପେଟାଟା ପରି ଦିଶେ କି ନା !''

ଦୁଇ ବର୍ଷ ପରେ ରେଭେନ୍‌ସା କଲେଜରେ ମୋର ଭେଟ ହେଲା ହରିହର ମହାପାତ୍ରଙ୍କ ସଙ୍ଗେ । ସେ ମଧ୍ୟ ଥିଲେ ସତ୍ୟବାଦୀର ଛାତ୍ର । ବୈକୁଣ୍ଠ ଓ ହରିହର ଉଭୟେ ପଣ୍ଡିତ ନୀଳକଣ୍ଠ ଦାସଙ୍କର ଛାତ୍ର ଥିଲେ । ଆମେ ଯେତେବେଳେ ଆମର ଗୋଟାଏ ଗୋଷ୍ଠୀ ଗଢ଼ି ବସିଲୁ, ସେତେବେଳକୁ ଆମର ଦୁଇ ଜଣ ସଦସ୍ୟ ବୈକୁଣ୍ଠ ଆଉ ହରିହର ସତ୍ୟବାଦୀ ଗୋଷ୍ଠୀ ସଙ୍ଗେ ସଂପୃକ୍ତ ଥିଲେ । ଅନ୍ୟ ସଭ୍ୟମାନେ ହେଲେ ମୋର ବନ୍ଧୁ ଶରତଚନ୍ଦ୍ର ମୁଖାର୍ଜୀ ଓ କାଳିନ୍ଦୀଚରଣ ପାଣିଗ୍ରାହୀ । ସେମାନେ ସମସ୍ତେ ମୋର କଲେଜ ଜୀବନରେ ସହପାଠୀ । ଏହି ଛାତ୍ର ଗୋଷ୍ଠୀଟି ପରେ ସବୁଜ ଗୋଷ୍ଠୀ ନାମରେ ପରିଚିତ ହେଲା । ଓଡ଼ିଆ, ବଙ୍ଗଳା ଓ ଇଂରାଜୀ ଏପରି ତିନୋଟି ଭାଷାରେ ଏକ ହାତଲେଖା ମାଗାଜିନ୍ ବାହାରିଲା । ବ୍ୟକ୍ତିଗତ ଭାବରେ ଗୋଷ୍ଠୀର ସଭ୍ୟମାନେ ନେତୃସ୍ଥାନୀୟ ସାହିତ୍ୟ ପତ୍ର 'ଉତ୍କଳ ସାହିତ୍ୟ' ଓ 'ପ୍ରବାସୀ' ଏବଂ କଲେଜ ମାଗାଜିନ୍ 'ରେଭେନ୍‌ସାଭିଆନ୍'କୁ ଲେଖାମାନ ପଠାଉଥିଲେ । ମୁଁ ତିନୋଟି ଯାକ ଭାଷାରେ ଲେଖା ପଠାଉଥିଲେ ବି ମୋର ଅଧିକାଂଶ ଲେଖା ଓଡ଼ିଆରେ ଥିଲା । ସବୁଜ ନାଆଁଟି ଆମ ଗୋଷ୍ଠୀ ସାଙ୍ଗରେ କିପରି ଯୋଡ଼ି ହୋଇଗଲା ସେ ବିଷୟରେ ମୁଁ ଏବେ ମଧ୍ୟ ନିଶ୍ଚିତ ନୁହେଁ । ମାତ୍ର ମୋତେ ବାରବର୍ଷ ବୟସ ବେଳେ ରବୀନ୍ଦ୍ରନାଥ ଟାଗୋରଙ୍କ ପୃଷ୍ଠପୋଷକତା ତଥା ପ୍ରମଥ ଚୌଧୁରୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ବଙ୍ଗଳା ମାଗାଜିନ୍ 'ସବୁଜପତ୍ର'ଦ୍ୱାରା ପ୍ରଭାବିତ ହୋଇଥିଲି । ମାନସ ରାଜ୍ୟରେ ମୁଁ ଏହି ସବୁଜପତ୍ର ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିଲି ଯଦିଓ ଏଥିପାଇଁ ମୁଁ କିଛି ଲେଖି ନ ଥିଲି । ମୋର ବନ୍ଧୁମାନଙ୍କର କିନ୍ତୁ ଏଭଳି କିଛି ଦୀକ୍ଷା ନ ଥିଲା । କକା ହରିଶ୍ଚନ୍ଦ୍ର ବରାବର 'ସତ୍ୟବାଦୀ' ମାସିକ ପତ୍ରଟିଏ ପାଉଥିଲେ । ତା'ର ମଧ୍ୟ ବଙ୍ଗଳା ସବୁଜପତ୍ର ପରି ମଲାଟ ରଙ୍ଗ ଥିଲା ସବୁଜ । ମୋର ଯେତେଦୂର ମନେପଡ଼େ, ପଣ୍ଡିତ ନୀଳକଣ୍ଠ ଦାସ ସମ୍ପାଦକ ନ ଥିଲେ ବି ଥିଲେ ତା'ର ମୁଖ୍ୟ ଲେଖକ । ତା'ର ମଲାଟରେ ମୁଦ୍ରିତ ବୈଦିକ ସଂସ୍କୃତ ନୀତି 'ଋତମ୍ ବଦିଷ୍ୟାମ ସତ୍ୟମ୍ ବଦିଷ୍ୟାମ' ଏବେବି ମୋର ମନେପଡ଼େ । ଏହା ତା'ର ମର୍ମକୁ ଉଦ୍‌ଘୋଷିତ କରୁଥିଲା । ସତ୍ୟବାଦୀ ସାହିତ୍ୟପତ୍ରରେ ପ୍ରକାଶିତ ଲେଖାମାନଙ୍କ ସମ୍ପର୍କରେ ମୋର ବହୁତ ଉଚ୍ଚ ଧାରଣା

Digitized by PPRACHIN, SOA

ଥାଏ ସତ: ମାତ୍ର ସେସବୁ ବୁଝିବାକୁ ମୁଁ ଥିଲି ଅବୋଧ ଶିଶୁ । ଲେଖକମାନେ ସମସ୍ତେ ଥିଲେ ସଂସ୍କୃତରେ ପଣ୍ଡିତ ଯଦିଓ ଲେଖୁଥିଲେ ଓଡ଼ିଆରେ । ସବୁଜପତ୍ର ଥିଲା କଥିତ ଭାଷାର ଅଗ୍ରଣୀ । ସେତେବେଳକୁ କିନ୍ତୁ ମୋର ଧାରଣା ସ୍ପଷ୍ଟ ହୋଇ ନ ଥିଲା ଯେ ସତ୍ୟବାଦୀ ମଧ ଥିଲା ଠିକ୍ ତା'ରି ପରି ଆଉ ଏକ ଅଗ୍ରଗାମୀ ସାହିତ୍ୟପତ୍ର । କେତେ ବର୍ଷ ପରେ 'ସମାଜ' ପ୍ରକାଶ ପାଇଲା ଏବଂ ମୋ. କକା ହରିଶ୍ଚନ୍ଦ୍ର ମୋତେ ତାକୁ ଦେଖାଇଲେ । 'ସମାଜ'ର ଭାଷା ଥିଲା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଭାଷା ପରି ଲୋକମାନଙ୍କ କଥିତ ଭାଷା । ଏହାର ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ଦାସ ଲୋକଙ୍କ ହୃଦୟକୁ କିପରି ସ୍ପର୍ଶ କରି ହେବ ସେ କଥା ଜାଣିଥିଲେ । ସେ 'ସତ୍ୟବାଦୀ'ର ସମ୍ପାଦକଙ୍କ ପରି କେବଳ ବିଜ୍ଞ ଲୋକଙ୍କ ପ୍ରତି ଦୃଷ୍ଟି ଦେଉ ନ ଥିଲେ । ସେହିପରି 'ସବୁଜପତ୍ର' ସମ୍ପାଦକ ସାଧାରଣ ଜନତାପ୍ରତି ମୋଟେ ଦୃଷ୍ଟି ଦେଉ ନ ଥିଲେ । ତାଙ୍କର ନିବେଦନ ମଧ ଥିଲା ବିଜ୍ଞ ଲୋକଙ୍କପାଇଁ ଉଦ୍ଦିଷ୍ଟ । ମାତ୍ର ପାର୍ଥକ୍ୟ ଥିଲା ସ୍ୱରରେ । ସବୁଜପତ୍ର ବିଶ୍ୱାସ କରୁଥିଲା ଯୌବନର ଆରାଧନାରେ, ବସନ୍ତର ଉପାସନାରେ । 'ସତ୍ୟବାଦୀ'ର ବିଶ୍ୱାସ ଥିଲା ପ୍ରାଚୀନ ଆର୍ଯ୍ୟ ତଥା ବୈଦିକ ଋଷିଙ୍କ ପରିଣତ ତଥା ପରିପକ୍ୱ ବିଜ୍ଞତାରେ । ଏହାର ମଲାଟ ବାଦାମିମିଶା ଈଷତ୍ ହଳଦିଆ ବା ହଳଦିଆ ହେବା ଉଚିତ ଥିଲା । ସବୁଜପତ୍ର ଆଧୁନିକ କାଳର ପାଶ୍ଚାତ୍ୟ ଜଗତ ସଙ୍ଗେ ପ୍ରାଚୀନ କାଳର ପ୍ରାଚ୍ୟ ଜଗତକୁ ଗ୍ରହଣ କରି ଉଭୟର ସୁମଧୁର ସମନ୍ୱୟ ସମ୍ପାଦନର ସ୍ୱପ୍ନ ଦେଖୁଥିଲା । ଅନ୍ୟ ପକ୍ଷରେ ସତ୍ୟବାଦୀର ଦୃଷ୍ଟି ଥିଲା ଗୌରବୋଜ୍ଜ୍ୱଳ ଅତୀତ ପ୍ରତି, କେବଳ ଭାରତର ନୁହେଁ ଓଡ଼ିଶାର ବି । ଯାହାର ପୁନରୁତ୍‌ଥାନ ଥିଲା ସେମାନଙ୍କର କାମନା । ମୁଁ ପ୍ରାଚୀନ ପ୍ରାଚ୍ୟଠାରୁ ଆଧୁନିକ ପାଶ୍ଚାତ୍ୟପ୍ରତି ଅଧିକ ପରିମାଣରେ ଆଗ୍ରହୀ ଥିବାରୁ ସବୁଜପତ୍ର ଆଡ଼କୁ ବିଶେଷ ଆକୃଷ୍ଟ ହେଲି ।

ସତ୍ୟବାଦୀ ଗୋଷ୍ଠୀର କେନ୍ଦ୍ରବିନ୍ଦୁ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ମୋର ସମ୍ପର୍କ ନ ଥିଲା । ସେ ଗଭୀରଭାବେ ରାଜନୀତିରେ ଜଡ଼ିତ ଥିଲେ । ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟପଦରୁ ସେ ଏକ ଅସହଯୋଗୀ ଓ ପରେ ପରେ ଗଣନେତାରେ ପରିଣତ ହେଲେ । ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କଦ୍ୱାରା ସେ 'ଉତ୍କଳମଣି' ଭାବରେ ସମ୍ବୋଧିତ ହେଲେ । ଦୂରରେ ଥାଇ ମଧ ମୁଁ ତାଙ୍କୁ ଖୁବ୍ ପ୍ରଶଂସା କରୁଥିଲି ଏବଂ କେତେ କାଳପାଇଁ ତାଙ୍କ ନେତୃତ୍ୱରେ ମୋର ବନ୍ଧୁ ଶରତ୍ ସଙ୍ଗେ ଜେଲ୍ ଯିବାର କଳ୍ପନା ମୋ ମୁଣ୍ଡରେ ଆନ୍ଦୋଳିତ ହେଉଥିଲା । ହେଲେ ସେପରି ହେବାକୁ ତ ଯୋଗ ନ ଥିଲା । କାଳିନ୍ଦୀ, ବୈକୁଣ୍ଠ କି ହରିହର କେହି ହେଲେ

Digitized by PPRACHIN, SOA

ସେ କଳ୍ପନାକୁ ପସନ୍ଦ କଲେ ନାହିଁ । ଆଧୁନିକ ଦୃଷ୍ଟିଭଙ୍ଗୀସମ୍ପନ୍ନ ଲେଖକ ଗୋଷ୍ଠୀଭାବରେ ଆମେ ତ ଆମର ଦେଶ ଓ ଜାତିକୁ ଅଧିକ ପରିମାଣରେ ସେବା କରିପାରିବୁ । ଲୋକଙ୍କ ମନ ଓ ହୃଦୟକୁ କର୍ଷଣ କରିବା ହେବ ଆମର ପ୍ରଥମ କର୍ତ୍ତବ୍ୟ । ଏପରି କର୍ଷଣ ବ୍ୟତିରେକେ ନୂତନ ସଂସ୍କୃତି କ'ଣ କୌଣସି ପ୍ରକାର ସଂସ୍କୃତି ମଧ୍ୟ ସମ୍ଭବ ହେବ ନାହିଁ । ସଂସ୍କୃତିର ମଧ୍ୟ ନିଜର ନାୟକମାନେ ଥାଆନ୍ତି । ସାଂସ୍କୃତିକ ଇତିହାସ ସୃଷ୍ଟି କରୁଥିବା ସେହି ପୁରୁଷଗଣ – ନିଜର ଜାତିକୁ ସଙ୍ଗୀତ ଓ ଗୀତି, ଗଳ୍ପ ଓ ପୁରାଣ ଦାନ କରନ୍ତି । ସେଇମାନେ ସୃଷ୍ଟି କରନ୍ତି ରାମାୟଣ ଓ ମହାଭାରତ, ଇଲିୟାଡ୍ ଓ ଓଡ଼େଶୀ, ମେଘଦୂତ ଓ ଗୀତଗୋବିନ୍ଦ, ଡିଭାଇନ୍ କମେଡ଼ି ଓ ପାରାଡାଇଜ୍ ଲଷ୍ଟ୍: ହାମ୍‌ଲେଟ୍ ଓ ଫାଉଷ୍ଟ୍ ।

ନୀଳକଣ୍ଠ ଓ ଗୋଦାବରୀଶ, ବୈକୁଣ୍ଠ ଓ ହରିହରଙ୍କ ଗୁରୁ ହୋଇଥିବାରୁ ଆମ ସମସ୍ତଙ୍କର ମଧ୍ୟ ହେଲେ ଗୁରୁ । ଆମ ଗୁରୁମାନେ ଜେଲ୍ ଗଲେ ଆଉ ଆମେ ପଡ଼ିରହିଲୁ ପଛରେ । ଆମର ସତେ କି ମୁକୁଟ ଖସିପଡ଼ିଲା । ଲଜ୍ଜାରେ ଜଡ଼ସଡ଼ ହେଲୁ । ବୋଧକଲୁ ଆମେ ଯେମିତି ଆମ ମାତୃଭୂମି ପ୍ରତି ବିଶ୍ୱାସଘାତକତା କରିଛୁ । ତାକୁ ବୈଦେଶିକ ଶାସନରୁ ମୁକ୍ତକରିବା କ'ଣ ଆମର ପ୍ରଥମ କର୍ତ୍ତବ୍ୟ ନୁହେଁ ? କିନ୍ତୁ ମୁକ୍ତି ଆନ୍ଦୋଳନରେ ଝାସଦେବାକୁ ହଜାର ହଜାର ସଂଖ୍ୟାରେ ଅନ୍ୟାନ୍ୟ ଲୋକେ ଥିବା ବେଳେ ଗଦ୍ୟ ଓ ପଦ୍ୟର ନୂତନ ଦିଗ୍‌ଦର୍ଶନ ଦେବାକୁ ଥିଲେ ମାତ୍ର କେତେକ ମୁଷ୍ଟିମେୟ ବ୍ୟକ୍ତି । ଏହା ମଧ୍ୟ ଥିଲା ଜରୁରୀ ।

ବାସ୍ତବର ରୂପାୟନ ପୂର୍ବରୁ ସ୍ୱପ୍ନର ହୁଏ ଆଗମନ । ଜାତି ଦରକାର କରେ ମୁକ୍ତି ଯୋଦ୍ଧାମାନଙ୍କ ସଙ୍ଗେ ସଙ୍ଗେ ସ୍ୱପ୍ନଦ୍ରଷ୍ଟାମାନଙ୍କୁ । ବଙ୍ଗଳାରେ ଉନବିଂଶ ଶତାବ୍ଦୀର ଅଭ୍ୟୁତ୍‌ଥାନ କାଳରେ ଡେରୋଜିଓ ଓ ତାଙ୍କ 'ତରୁଣ ବଙ୍ଗ' ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଆମ ଭିତରୁ କେତେକେ ବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟର ନବୀକରଣ ନିମନ୍ତେ 'ତରୁଣ ଉତ୍କଳ' ଭାବରେ ତ ସେହିପରି ଭୂମିକା ଗ୍ରହଣ କରିପାରନ୍ତି !!

ପୁରାତନ ସାମ୍ରାଜ୍ୟମାନ ଧ୍ୱଂସକରି ଓ ନୂତନ ଜାତିମାନଙ୍କୁ ଉତ୍‌ଥିତ କରାଇ ବିଶ୍ୱସାରା ପରିବର୍ତ୍ତନର ଝଟିକା ପ୍ରବାହିତ ହେଉଥିଲା । ପ୍ରାଚୀନ ହେଉ ବା ନୂତନ ହେଉ, ଜାତିମାନଙ୍କ ଅନ୍ତର୍ଦ୍ଦେଶରେ ଘଟୁଥିବା ପରିବର୍ତ୍ତନରେ କ୍ଷମତା ହସ୍ତାନ୍ତରିତ ହେଉଥିଲା । ରାଜାମାନଙ୍କଠାରୁ ପ୍ରେସିଡେଣ୍ଟ୍‌ମାନଙ୍କ ପାଖକୁ, ସମ୍ଭ୍ରାନ୍ତମାନଙ୍କଠାରୁ ଜନସାଧାରଣଙ୍କ ପାଖକୁ, ପୁଞ୍ଜିପତିମାନଙ୍କଠାରୁ ମେହନତୀମାନଙ୍କ ପାଖକୁ,

Digitized by PPRACHIN, SOA

ଏକଚ୍ଛତ୍ରବାଦୀମାନଙ୍କ ପାଖକୁ, ଧର୍ମୋପାସକମାନଙ୍କଠାରୁ ନାସ୍ତିକମାନଙ୍କ ପାଖକୁ, ପୁଞ୍ଜିବାଦୀମାନଙ୍କଠାରୁ କମ୍ୟୁନିଷ୍ଟମାନଙ୍କ ପାଖକୁ, ପୁରୁଷ ଏକାଧିପତ୍ୟବାଦୀଙ୍କଠାରୁ ନାରୀକର୍ତ୍ତୃତ୍ୱବାଦୀଙ୍କ ପାଖକୁ । ଜନସାଧାରଣଙ୍କ ମନ ମଧ୍ୟରେ ଥିବା ପୁରାତନ ନିଶ୍ଚିନ୍ତଭାବ, ପ୍ରାଚୀନ ମୂଲ୍ୟବୋଧ, ପ୍ରାଚୀନ ଆଦର୍ଶ ଓ ଚିନ୍ତାଧାରାଗୁଡ଼ିକ ଚାଲିଯାଇ ସେସବୁ ସ୍ଥାନ କବଳିତ ହେଲା ନୂତନ ଭାବଧାରାଦ୍ୱାରା । ଏହା ଯୁଦ୍ଧୋତ୍ତରକାଳୀନ ସାହିତ୍ୟରେ ପ୍ରତିଫଳିତ ହେଉଥିଲା । ଇଂରାଜୀ କବିତା ରାଜ୍ୟରେ ଇଲିଅଟ୍ ଓ ପାଉଣ୍ଡ ପ୍ରାକ୍‌ଯୁଦ୍ଧ କବିମାନଙ୍କୁ ପଛରେ ପକାଇ ନୂତନଧାରାର ପ୍ରବର୍ତ୍ତନ କଲେ । ମାର୍କ୍‌ସ, ଫ୍ରଏଡ୍ ଓ ଆଇନ୍‌ଷ୍ଟାଇନ ସେମାନଙ୍କ ସ୍ୱତନ୍ତ୍ର ପରିସର ବାହାରେ ସାମସମୟିକ ଚିନ୍ତାଧାରାକୁ ଅଧିକାର କରିବସିଲେ । ସମୀକ୍ଷକମାନେ ସାହିତ୍ୟକୁ ଶ୍ରେଣୀ ସଂଘର୍ଷ, ଯୌନବିକାର ଓ ଆପେକ୍ଷିକତା ଅର୍ଥରେ ବ୍ୟାଖ୍ୟା କରିବାକୁ ଲାଗିଲେ । ସାହିତ୍ୟର ନୂତନ ଆଦର୍ଶ ଯେ ବିଜ୍ଞାନ ଓ ବୈଷୟିକ ବିଦ୍ୟାଭିତ୍ତିକ ହେବ ଏହା ନିଶ୍ଚିତ ହୋଇଉଠୁଥିଲା । ନବ ସଙ୍ଗଠିତ ଜାତିସଂଘର ପ୍ରତିଷ୍ଠା ଯୋଗୁଁ ଲୋକଙ୍କ ମନରେ ବିଶ୍ୱଶାନ୍ତି ନିମନ୍ତେ ଥିବା ଆଗ୍ରହ ପ୍ରକଟିତ ହୋଇଥିଲା ।

ଜାତିସଂଘର ଉତ୍‌ଥାନରୁ ଏହାର ଅଙ୍ଗ ରାଷ୍ଟ୍ରଗୁଡ଼ିକ ସ୍ୱାଧୀନ ଓ ସମମର୍ଯ୍ୟାଦାସମ୍ପନ୍ନ ହେବେ ବୋଲି ଅନୁମିତ ହେଉଥିଲା । ଆମ ଜାତିପାଇଁ ସ୍ୱାଧୀନତା ଲାଭ ଓ ସମାନତା ପ୍ରାପ୍ତିପାଇଁ ଆମେ ଥିଲୁ ସଂକଳ୍ପବଦ୍ଧ । ମାତ୍ର ଏହି ମହାନ୍ ନୀତିଗୁଡ଼ିକୁ କେବଳ ରାଜନୀତିକ କ୍ଷେତ୍ରରେ ଆବଦ୍ଧ କରି ରଖିବାକୁ ଆମେ ପ୍ରସ୍ତୁତ ନ ଥିଲୁ । ସେଗୁଡ଼ିକୁ ସାମାଜିକ କ୍ଷେତ୍ରକୁ ମଧ୍ୟ ପ୍ରସାରିତ କରାଯିବା ଆବଶ୍ୟକ । ନର ଓ ନାରୀ, ସ୍ୱାଧୀନ ଓ ସମାନ ହେବା ଉଚିତ । ପିତା ଓ ପୁତ୍ର, ସ୍ୱାଧୀନ ଓ ସମାନ ହେବା ଉଚିତ । ବ୍ରାହ୍ମଣ ଓ ଶୂଦ୍ର, ସ୍ୱାଧୀନ ଓ ସମାନ ହେବା ଉଚିତ । ଉପର ଓ ତଳ ଶ୍ରେଣୀରୁ 'ଉପର' ଓ 'ତଳ' ବିଶେଷଣଗୁଡ଼ିକ ଲୋପପାଇ ସ୍ୱାଧୀନ ଓ ସମାନ ହେବା ଉଚିତ । କିନ୍ତୁ କୃଷକ ଓ ଶ୍ରମିକଙ୍କ ମୁକ୍ତି ନିମନ୍ତେ ଆମେ ଜମିଦାର ଓ ପୁଞ୍ଜିପତିଙ୍କୁ ଦୂର କରିବାକୁ ପ୍ରସ୍ତୁତ ନ ଥିଲୁ । ଯଦି ଜମିଦାର ଓ ପୁଞ୍ଜିପତିମାନେ କୃଷକ ଓ ଶ୍ରମିକମାନଙ୍କ ସହିତ ସହାବସ୍ଥାନ କରନ୍ତି ତେବେ ସେମାନେ କିପରି ସମାନତା ଅନୁଭବ କରିବେ ସେ ବିଷୟରେ ମଧ୍ୟ ଆମେ ନିଶ୍ଚିନ୍ତ ନ ଥିଲୁ । ବ୍ୟକ୍ତିଗତ ଭାବରେ ମୁଁ ବ୍ରାହ୍ମଣ ଓ ଶୂଦ୍ରଭେଦ ଦୂର କରି ଜାତିପ୍ରଥାକୁ ସମୂଳେ ବିଲୋପ କରିଦେଇପାରେ; ମାତ୍ର ତାକୁ କାର୍ଯ୍ୟକାରୀ କରିବା ସମ୍ଭବ ନ ଥିଲା । ଯାହା ସମ୍ଭବ ଥିଲା, ତାହା ହେଲା ଆନ୍ତର୍ଜାତିଗତ ବିବାହ । ମୋର ଏଥିରେ ବିଶ୍ୱାସ ଥିଲା । ଶରତର ବି । ପାରିବାରିକ ସ୍ଥିତିକୁ ଆମେ ବିଶୃଙ୍ଖଳିତ କରି ନ ପାରୁ । ମାତ୍ର

Digitized by PPRACHIN, SOA

ଆଧୁନିକ ଜଗତ ସଙ୍ଗେ ଖାପଖୁଆଇ ଏହାକୁ କ୍ଷୁଦ୍ରତର କରି ବାଟରେ ପକାଇପାରୁ । ଏକାନ୍ନବର୍ତ୍ତୀ ପରିବାର ବହୁମତେ ଉତ୍ତମ ହେଲେ ବି ବ୍ୟକ୍ତିଗତ ଉଦ୍ୟମ ନିମନ୍ତେ ତହିଁର ସ୍ଥାନ ନାହିଁ । ଜଣେ ଇଚ୍ଛାନୁସାରେ ଜୀବନ ବିତାଇବାକୁ ମନ ବଳାଇଲେ ବି ଏକାନ୍ନବର୍ତ୍ତୀ ପରିବାରର କର୍ତ୍ତାଙ୍କ ଇଚ୍ଛା ବିରୋଧରେ ତାହା କରି ନ ପାରେ । ପୁଣି ଯଦି ତୁମେ ଭରଣପୋଷଣପାଇଁ କର୍ତ୍ତାଙ୍କ ଉପରେ ନିର୍ଭର କରୁଥାଅ ତେବେ ତାଙ୍କ ଇଚ୍ଛା ବିରୋଧରେ ତ ମୋଟେ ଯାଇପାରିବ ନାହିଁ । ବ୍ୟକ୍ତିବିଶେଷର ଭାଗ୍ୟକୁ ସ୍ଥିର ନିଷ୍ପତ୍ତି କରୁଥିବା ତୁମର ଭବିଷ୍ୟତ ବୃତ୍ତି ଓ ବିବାହ ଉଭୟ କ୍ଷେତ୍ରରେ ତାଙ୍କ ଆଦେଶ ପାଖରେ ତୁମ ନିଜକୁ ସମର୍ପଣ କରିବାକୁ ପଡ଼ିବ । ମୋର ପ୍ରଥମ ଉଦ୍ଦେଶ୍ୟ ଥିଲା ପୁଅ ହେଉ ବା ଝିଅ ହେଉ ସାବାଳକ ହେବା ପରେ ତାକୁ ତା'ର ପସନ୍ଦ ଅନୁସାରେ ମନୋନୀତ ଜୀବନସଙ୍ଗୀ ବା ସଙ୍ଗିନୀ ନିର୍ବାଚନ କରିବାକୁ ଅନୁମତି ଦିଆଯିବା ଉଚିତ । ସେହି ପୁଅ ବା ଝିଅଙ୍କୁ ଆପଣା ଆପଣାର ବୃତ୍ତି ବାଛିବାକୁ ମଧ୍ୟ ଉତ୍ସାହିତ କରାଯିବା ଦରକାର ।

ମୁଁ ଥିଲି ଜଣେ ବ୍ୟକ୍ତିବାଦୀ । ମୋର ବନ୍ଧୁମାନେ ବି । ଯଦିଓ ସବୁ ବିଷୟରେ ଆମେ ସମମତସମ୍ପନ୍ନ ନ ଥିଲୁ । ଜଣେ ବ୍ୟକ୍ତିବାଦୀ ହିସାବରେ ବୁଝିପାରୁ ନ ଥିଲି ଯେ ମୁଁ କିପରି ଏକ ସାମ୍ୟବାଦୀ ହେବି ଓ ବ୍ୟକ୍ତିଗତ ଉଦ୍ୟମକୁ ଏକ ସାମ୍ୟବାଦୀ ରାଷ୍ଟ୍ରଭାବେ ପରିଗଣିତ ପରିବର୍ଦ୍ଧିତ ଏକାନ୍ନବର୍ତ୍ତୀ ପରିବାରର କର୍ତ୍ତାଙ୍କ ଇଚ୍ଛା ନିକଟରେ କିପରି ଆପଣାକୁ ବଳି ଦେବି । ମାତ୍ର ସାମ୍ୟବାଦୀମାନେ ତ ବହୁ ସଂଖ୍ୟାରେ ଥିଲେ । ଦୃଷ୍ଟାନ୍ତସ୍ୱରୂପ, ଫେବିୟାନ୍‌ମାନେ ବ୍ୟକ୍ତିପ୍ରତି ତ ଏତେ କଠୋର ନ ଥିଲେ । ସେମାନେ ଏକଛତ୍ରବାଦୀ ନ ଥିଲେ ବରଂ ଏପରି ଏକ ଗଣତନ୍ତ୍ରର ସନ୍ଧାନ କରିଥିଲେ ଯେଉଁଥିରେ କି ବ୍ୟକ୍ତିବିଶେଷପାଇଁ ପସନ୍ଦର ସ୍ୱାଧୀନତା ମିଳୁଥିଲା । ଏହି ପ୍ରଶ୍ନ ଉପରେ ମୋର ମନ ଥିଲା ଉନ୍ମୁକ୍ତ । ମୁଁ ସାମ୍ୟବାଦୀ ଗ୍ରହଣ କଲି ନାହିଁ କି ଉପେକ୍ଷା ମଧ୍ୟ କଲି ନାହିଁ । କମ୍ୟୁନିଜମ୍ ମତବାଦରେ ଶ୍ରେଣୀ ସଂଘର୍ଷ ହିଁ ଥିଲା ତା'ର ପ୍ରଥମ ସୋପାନ । ଶ୍ରେଣୀ ସଂଘର୍ଷର ସମାଧାନ କରାହେବ ଅହିଂସା ଶାନ୍ତିପୂର୍ଣ୍ଣ ପଦ୍ଧତିରେ । ଏପ୍ରକାର ପ୍ରଣାଳୀପାଇଁ ମହାତ୍ମା ଥିଲେ ଏକମାତ୍ର ପାରଦର୍ଶୀ ବ୍ୟକ୍ତି ଏବଂ ମୁଁ ସ୍ଥିରନିଶ୍ଚିତ ଥିଲି ଯେ ସେ ହିଁ ଶ୍ରେଣୀ ସଂଘର୍ଷକୁ ସ୍ୱାଧୀନ ଭାରତରେ ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବରେ ତୁଟାଇ ଦେଇପାରିବେ । ଆଗ କଥା ଆଗ । ଆଗେ ଆମର ସ୍ୱାଧୀନତା ଆସୁ । ମୋର ସନ୍ଦେହ ନ ଥିଲା ଯେ ଗାନ୍ଧିଜୀ ଆମକୁ ସ୍ୱାଧୀନତା ନିମନ୍ତେ ନେତୃତ୍ୱ ଦେବେ ଏବଂ ତାହାଙ୍କଦ୍ୱାରା ସଂଶୋଧିତ ପ୍ରଣାଳୀରେ ସେ ଏପରି କରିପାରିବେ । ମୁଁ ନିଜେ ସୂତା କାଟୁ ନ ଥିଲେ ବି ହାତକଟା ସୂତାର ଖଦି ପିନ୍ଧୁଥିଲି । ତାଙ୍କ 'ୟଙ୍ଗ ଇଣ୍ଡିଆ'ର ନିୟମିତ ପାଠକ ଥିଲି ଓ ତାଙ୍କ ପୁସ୍ତକ 'ହିନ୍ଦ୍

Digitized by PPRACHIN, SOA

ସ୍ୱରାଜ' ଓ 'ଇଣ୍ଡିଆନ୍ ହୋମ୍ ରୁଲ୍'ରେ ଥିବା ବିଚାରଗୁଡ଼ିକୁ ପାରୁପର୍ଯ୍ୟନ୍ତ ଗ୍ରହଣ କରିବାକୁ ଚେଷ୍ଟା କରୁଥିଲି ।

ଏକ ସଙ୍ଗରେ ମୁଁ 'ମଡର୍ଣ୍ଣ ରେଭିଉ' ଓ 'ପ୍ରବାସୀ'ର ମଧ୍ୟ ଗ୍ରାହକ ଥିଲି, ଯେଉଁଥିରେ କି ଟାଗୋର ଗାନ୍ଧୀଙ୍କ ମତର ବିରୋଧ କରୁଥିଲେ । ମୁଁ ମୋର ଜୀବନ-ଦର୍ଶନରେ ଥିଲି ତାଙ୍କର ଘନିଷ୍ଠ । ସାଂସ୍କୃତିକ ପ୍ରସଙ୍ଗରେ ମୁଁ ଟାଗୋରଙ୍କ ନେତୃତ୍ୱ ଗ୍ରହଣ କଲି । ଜାତୀୟତାବାଦ ଏତେ ଅଧିକ ଦୂର ନିଆଯିବା ଉଚିତ ନୁହେଁ । ଏହା ଆମକୁ ଇଂଲାଣ୍ଡ, ୟୁରୋପ କିମ୍ବା ପାଶ୍ଚାତ୍ୟ ଦେଶର ସର୍ବୋତ୍ତମ ଦାନଗୁଡ଼ିକୁ ଉପେକ୍ଷା କରିବାକୁ ଅନୁପ୍ରାଣିତ କରିବା ଉଚିତ ନୁହେଁ । କାରଣ କ'ଣ ନା ସେଗୁଡ଼ିକ ଭାରତ ବାହାରୁ ଆସିଛନ୍ତି । ଆଧୁନିକ ମାନବ ଯେତିକି ଉନ୍ନତ କୋଟୀରେ ପହଞ୍ଚିପାରିଛି, ସେମାନଙ୍କ ସାହିତ୍ୟ, ବିଜ୍ଞାନ ବା ଦର୍ଶନ ସେହି ପର୍ଯ୍ୟନ୍ତ ଯାଇଛି । ଆମେ ଇଚ୍ଛା କରିଥିଲୁ ଆଧୁନିକ ମାନବ ହେବାକୁ ଆଉ ଆମେ ଚାହିଥିଲୁ ସେହି ସ୍ତରରେ ପହଞ୍ଚିବାକୁ । ଜାତୀୟ ସ୍ୱାବଲମ୍ବନ ନାମରେ ଆମେ କେବେ ନିମ୍ନସ୍ତରରେ ରହି ନ ପାରୁ ବା ମଧ୍ୟଯୁଗୀୟ ବିଚାରଧାରା କିମ୍ବା ପ୍ରାଚୀନ ପ୍ରଥାମାନଙ୍କରେ ସନ୍ତୁଷ୍ଟ ହୋଇ ନ ପାରୁ । ଆମେ ଚାହିଁଥିଲୁ ପାଶ୍ଚାତ୍ୟ କବି ଓ ବୈଜ୍ଞାନିକମାନଙ୍କ ସହିତ ସମକକ୍ଷ ହେବାକୁ ।

ମୁଁ ଥିଲି ଗାନ୍ଧିଜୀଙ୍କ ପଟରେ ସେ ଯେତେବେଳେ ଭାରତବାସୀଙ୍କୁ ଜାତୀୟ ସ୍ୱାଧୀନତା ଓ ସ୍ୱାବଲମ୍ବନରେ ନେତୃତ୍ୱ ଦେଉଥିଲେ, ଆଉ ଥିଲି ଟାଗୋରଙ୍କ ପଟେ ସେ ଯେତେବେଳେ ଭାରତର ଭାବୁକ, ଲେଖକ ଓ ଶିଳ୍ପୀମାନଙ୍କୁ ଆନ୍ତର୍ଜାତିକ କ୍ଷେତ୍ରରେ ପରସ୍ପର ନିର୍ଭରଶୀଳତା ତଥା ସାଂସ୍କୃତିକ କ୍ଷେତ୍ରରେ ସହଯୋଗ ବିଷୟରେ ନେତୃତ୍ୱ ଦେଉଥିଲେ । ମୁଁ ଥିଲି ମୋ ଦେଶର । ମୁଁ ମଧ୍ୟ ଥିଲି ମୋର ଶତାବ୍ଦୀର । ତାହା ବି ଥିଲା ମୋର ବନ୍ଧୁମାନଙ୍କର ଧାରଣା । ଆମେ ଭଲ ପାଉଥିଲୁ ଆମର ସ୍ୱଦେଶକୁ, ଭଲ ପାଉଥିଲୁ ମଧ୍ୟ ଆମର ସ୍ୱକାଳକୁ । ଯେତେବେଳେ ସବୁଜ ଗୋଷ୍ଠୀର ନିଜ ମୁଖପତ୍ର ପ୍ରକାଶପାଇଁ ସମୟ ଆସିଲା, ସେ ପସନ୍ଦ କଲା 'ଯୁଗବୀଣା' ନାମଟିକୁ । ହରିହର ତାକୁ ସମ୍ପାଦନା କଲେ । ଏତିକିବେଳକୁ ଆମର ପ୍ରକାଶପୀଠରୂପେ କାର୍ଯ୍ୟ କଲା 'ଉତ୍କଳ ସାହିତ୍ୟ' । ଏହାର ଖ୍ୟାତନାମା ସମ୍ପାଦକ ବିଶ୍ୱନାଥ କରଙ୍କ ଦୟାପାଇଁ ଧନ୍ୟବାଦ । ତାଙ୍କ ଓ ଆମ ଭିତରେ ଥିଲା ସ୍ନେହର ବନ୍ଧନ । ଆମେ ଯେତେବେଳେ ତାହାଙ୍କ ମାସିକ ପତ୍ରରେ ଧାରାବାହିକ ଭାବରେ 'ବାସନ୍ତୀ' ଉପନ୍ୟାସ ପ୍ରକାଶ କରିବାକୁ ପ୍ରସ୍ତାବ ଦେଲୁ ସେ ଅତି ଖୁସିରେ ରାଜି ହୋଇଗଲେ । ବଙ୍ଗଳାରେ ପ୍ରକାଶ ପାଇଥିବା 'ବାରୋଆରୀ' ଉପନ୍ୟାସ ଢାଞ୍ଚାରେ ଆମେ

Digitized by PPRACHIN, SOA

ପ୍ରତ୍ୟେକେ ତହିଁରେ ଗୋଟିଏ ବା ଦୁଇଟି ଲେଖା ଅଧ୍ୟାୟ ଲେଖିବାକୁ ଲାଗିଲୁ । କାଳିନ୍ଦୀଚରଣଙ୍କ ଉପରେ ଏହାର ସମ୍ପାଦନା ଦାୟିତ୍ୱ ନ୍ୟସ୍ତ ହେଲା । ସେ ହିଁ ଏହାର କଥାବସ୍ତୁ ସଂଯୋଜନା କଲେ । ସେ କାମ ଥରେ ଆରମ୍ଭ ହୋଇଗଲାପରେ ଆମେ ଦେଖିଲୁ ଏ ଆମ ପରିସର ବାହାରକୁ ଚାଲିଯାଉଛି । ତେଣୁ ଆମେ ଆମ ଗୋଷ୍ଠୀ ବାହାରର ବ୍ୟକ୍ତିମାନଙ୍କୁ ଅବଶିଷ୍ଟ ଅଧ୍ୟାୟଗୁଡ଼ିକୁ ଲେଖିବାକୁ ନିମନ୍ତ୍ରଣ କଲୁ । ବେଶ ଉତ୍ସାହଜନକ ଉତ୍ତର ମିଳିଲା । କାଳିନ୍ଦୀ ଏହାକୁ ବିଚକ୍ଷଣତା ସହିତ ଚଳେଇ ଲାଗିଲେ ଏବଂ ସେ ନିଜେ ଆରମ୍ଭ ଓ ଶେଷ ଅଧ୍ୟାୟ ଦୁଇଟି ଲେଖିଲେ । ପ୍ରଥମଥରପାଇଁ ଓଡ଼ିଶାର ନାରୀ ଲେଖିକାମାନେ ଆଗେଇ ଆସି ପୁରୁଷମାନଙ୍କ ସହିତ ସମକକ୍ଷ ଭାବରେ ହାତ ମିଳାଇଲେ ।

କେବଳ ସାହିତ୍ୟପତ୍ରର ଧାରାବାହିକତାରେ ଗୋଷ୍ଠୀ ସନ୍ତୁଷ୍ଟ ନ ଥିଲା । ସେ ଚାହିଁଲା ଏହି ଉପନ୍ୟାସକୁ ପୁସ୍ତକ ଆକାରରେ ପ୍ରକାଶ କରିବାକୁ । ତତ୍‌ପୂର୍ବରୁ ସବୁଜ କବିତାର ଏକ ସଂକଳନ ପ୍ରକାଶ କରିବା ସ୍ଥିର ହେଲା । ତେଣୁ ସବୁଜ ସାହିତ୍ୟ ସମିତି ଗଢ଼ା ହେଲା ଏବଂ ଶରତ ଏହାକୁ ନିର୍ଦ୍ଦେଶ ଦେଲେ । ଏପରି କଲାବେଳେ ସେ ଗୋଷ୍ଠୀ ବାହାରେ ଥାଇ ଆତ୍ମପ୍ରକାଶପ୍ରୟାସୀ ସମକାଳୀନ, ଲେଖକମଣ୍ଡଳୀଙ୍କୁ ସାଦରେ ଏହାର ଅନ୍ତର୍ଭୁକ୍ତ କଲେ । ଆର୍ଥନୀତିକ କାରଣବଶତଃ ସମିତି ସଭ୍ୟମାନେ ବିଚ୍ଛିନ୍ନ ହୋଇଯିବାରୁ ସମିତି ଓ ତା'ର ମୁଖପତ୍ର 'ଯୁଗବୀଣା' ଅକାଳ ମୃତ୍ୟୁବରଣ କଲା । ପ୍ରଥମେ ଗଲି ମୁଁ । ଓଡ଼ିଶା ଛାଡ଼ି ଗଲି ବିଲାତ ଓ ତା'ପରେ ରହିଲି ବଙ୍ଗଳାରେ । ସେତେବେଳକୁ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସାରିଥିଲି । ଗୋଟିଏ ମାତ୍ର ଭାଷାକୁ ମୋର ପ୍ରକାଶର ମାଧ୍ୟମରୂପେ ଆଦରି ନେବି ଏବଂ ମୋ ବିବେଚନାରେ ସେଇଟି ଥିଲା ବଙ୍ଗଳା । ମୋର କଲେଜ ଯିବା ଓ ସବୁଜ ଗୋଷ୍ଠୀରେ ଯୋଗଦେବା ପୂର୍ବରୁ ସୁଦ୍ଧା ମୁଁ ଟଲ୍‌ଷ୍ଟୟଙ୍କ ଗୋଟିଏ ଗଳ୍ପ ବଙ୍ଗଳାରେ ଅନୁବାଦ କରିଥିଲି ଓ ତାହା 'ପ୍ରବାସୀ'ରେ ପ୍ରକାଶ ପାଇଥିଲା ।

ଏହାହିଁ ଥିଲା ଉଭୟ ସାହିତ୍ୟ ଓ ଜୀବନ ଦର୍ଶନ କ୍ଷେତ୍ରରେ ମୋର ଟଲ୍‌ଷ୍ଟୟଙ୍କ ସହିତ ଆଜୀବନ ସଂପର୍କର ସୂତ୍ରପାତ । ମାତ୍ର ସେ ସମୟରେ ମୁଁ ଏ ବିଷୟରେ ସଚେତନ ନ ଥିଲି । ମୁଁ ବିଦ୍ୟାଳୟରେ ପୁରସ୍କାର ପାଇଥିବା ତାଙ୍କ ଲିଖିତ 'ତେଇଶଟି ଗଳ୍ପ' (ଟ୍ୱେଣ୍ଟିଥ୍ରି ଟେଲ୍‌ସ) ପଢ଼ିଥିଲି ଏବଂ ପଢ଼ୁ ପଢ଼ୁ ଅତି ଶୀଘ୍ର ଅଭିଭୂତ ହୋଇଯାଇଥିଲି । ପରବର୍ତ୍ତୀକାଳରେ ପଢ଼ିଲି 'ଆନ୍ନା କାରେନିନା' ଓ 'କଳା କହିଲେ କଣ' (ହ୍ୱାଟ୍ ଇଜ୍ ଆର୍ଟ), ଗୋଟିକ ମୋତେ ଗଭୀରଭାବେ ଆକୃଷ୍ଟ

Digitized by PPRACHIN, SOA

କଲା ଓ ଆରଟି ଚିନ୍ତାନ୍ୱିତ କରିଦେଲା । ମୁଁ ତାଙ୍କ ମତାନ୍ଧ ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରିବି ନା ପ୍ରତ୍ୟାଖ୍ୟାନ କରିବି । ଅବଶେଷରେ ତାଙ୍କ 'ଯୁଦ୍ଧ ଓ ଶାନ୍ତି' (ୱାର୍ ଆଣ୍ଡ୍ ପିସ୍) ଦ୍ୱାରା ସଂପୂର୍ଣ୍ଣଭାବେ ପ୍ରଭାବିତ ହୋଇଗଲି । ମୁଁ ଟଲ୍‌ଷ୍ଟୟଙ୍କ ଦ୍ୱିବିଧ ବ୍ୟକ୍ତିତ୍ୱ ମଧ୍ୟରେ ଆନ୍ଦୋଳିତ ହେବାକୁ ଲାଗିଲି । ଜଣେ ଔପନ୍ୟାସିକ ଟଲ୍‌ଷ୍ଟୟ, ଆଉ ଅନ୍ୟ ଜଣକ ହେଲେ ମୋର ସମଗ୍ର ଜୀବନରେ କାହାଣୀର ରଚୟିତା । ଅନ୍ୟ ପକ୍ଷରେ ମୁଁ ଟାଗୋର ଓ ଗାନ୍ଧିଙ୍କ ମଧ୍ୟରେ ଆନ୍ଦୋଳିତ ହେଲି ।

ସବୁଜ ଗୋଷ୍ଠୀ ୧୯୨୧ରେ ପ୍ରତିଷ୍ଠିତ ହେଲା ଏବଂ ୧୯୩୩ ବା ୧୯୩୪ ବେଳକୁ ବିଲୟ ଭଜିଲା । ପ୍ରାୟ ବାରଟି ବର୍ଷ ଥିଲା ତା'ର କାର୍ଯ୍ୟକାଳ । ପ୍ରତିଷ୍ଠାତା ସଦସ୍ୟ ଭାବରେ ପାଞ୍ଚ ଜଣ ଥିଲେ ସୁଦ୍ଧା ଏହି ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ବାହାରର ମଧ୍ୟ ପାଞ୍ଚ ଛଅ ଜଣ ଥିଲେ । ଆମେ କେବେ ସଚେତନ ନ ଥିଲୁ ଯେ ଆମେ ଗୋଟାଏ ଯୁଗ ସୃଷ୍ଟି କରିବାକୁ ଯାଉଛୁ ଓ ତାହା ପୁଣି ପରବର୍ତ୍ତୀକାଳରେ ଆମରି ନଗଣ୍ୟ ଗୋଷ୍ଠୀଟି ନାମରେ ନାମିତ ହେବ । ବାସ୍ତବିକ ଏ ସମ୍ମାନପାଇଁ ଆମେ ଆଦୌ ଯୋଗ୍ୟ ନୋହୁଁ । ମୁଁ ତ ମୋଟେ ନୁହେଁ । ମୋ ମନରେ ଗୋଟାଏ ଅବଶୋଷ ରହିଗଲା ଯେ ମୋତେ ବାଇଶ ବର୍ଷ ହେବା ପରଠାରୁ ମୁଁ ଓଡ଼ିଶାପାଇଁ, ବିଶେଷକରି ତା'ର ସାହିତ୍ୟପାଇଁ ଆଉ କିଛି କରିପାରିଲି ନାହିଁ । କିନ୍ତୁ ଲିଖନ କଳା ଏକ କଷ୍ଟସାଧ୍ୟ କଳା । ଦୁଇ ନାଆରେ ପାଦଦେବା ବ୍ୟକ୍ତିପରି କୌଣସି ଲୋକ ଅଧା ଅଧା ଅଭ୍ୟାସ କରି କେବେ ଦୁଇଟିଯାକ କାମରେ ସଫଳତା ଲାଭ କରି ନ ପାରେ । ସାହିତ୍ୟ ସାମ୍ବାଦିକତା ନୁହେଁ । ମୋର ମୂଳ ଯୋଜନା ଥିଲା ଏକ ସାମ୍ବାଦିକ ହେବା । ମୁଁ ସେପରି ଜଣେ ହୋଇପାରିଥିଲେ ଓଡ଼ିଆ, ବଙ୍ଗଳା ଓ ଇଂରାଜୀରେ ଲେଖିପାରିଥାନ୍ତି । ପ୍ରଥମେ ଓଡ଼ିଶାପାଇଁ, ଦ୍ୱିତୀୟରେ ବଙ୍ଗଳାପାଇଁ, ତୃତୀୟରେ ଭାରତର ଅବଶିଷ୍ଟ ଅଞ୍ଚଳପାଇଁ... ।

୧୯୨୧ରେ ମୋର କଳ୍ପନାରେ ଥିଲା ଗୋଟିଏ ଓଡ଼ିଆ ଦୈନିକ । କଲିକତାର କୌଣସି ଏକ ସମ୍ବାଦପତ୍ରରେ ଜଣେ ସାମ୍ବାଦିକ ଭାବେ ଯୋଗଦେବା ସ୍ୱପ୍ନ ଭଳି କାଳକ୍ରମେ ଏ ସ୍ୱପ୍ନ ମଧ୍ୟ ଧୂଳିସାତ୍ ହୋଇଗଲା । ଜଣେ ସାମ୍ବାଦିକ ହେବା ସ୍ଥଳେ ହେଲି ଜଣେ ସିଭିଲିଆନ୍ ପ୍ରଶାସକ ଓ ତା' ସଙ୍ଗେ ସଙ୍ଗେ ଜଣେ କବି, ପ୍ରାବନ୍ଧିକ ଓ ଔପନ୍ୟାସିକ । ୧୯୧୯ଠାରୁ କାଳିନ୍ଦୀ ଓ ବୈକୁଣ୍ଠ ଏବଂ ୧୯୨୧ଠାରୁ ଶରତ ଓ ହରିହରଙ୍କ ସଙ୍ଗେ ବନ୍ଧୁତା ଯୋଗୁଁ ଏହା ସମ୍ଭବ ହୋଇଥିବାରୁ ମୁଁ ସେମାନଙ୍କଠାରେ ଋଣୀ । 'ଉତ୍କଳ ସାହିତ୍ୟ' ଓ 'ସହକାର' ସଂପାଦକ ବିଶ୍ୱନାଥ କର ଓ ଲକ୍ଷ୍ମୀନାରାୟଣ ସାହୁଙ୍କ ସହିତ ମଧୁର ସମ୍ପର୍କ ଯୋଗୁଁ ସେମାନଙ୍କଠାରେ

Digitized by PPRACHIN, SOA

ମଧ୍ୟ ମୁଁ ଋଣୀ । ସର୍ବୋପରି ମୁଁ ଋଣୀ, ମୋ ମନ ଉପରେ ପ୍ରଭାବ ବିସ୍ତାର କରିଥିବା 'ସବୁଜ ପତ୍ର' ପାଖରେ ଯେଉଁଥିରୁ କି ମୁଁ ପ୍ରଥମେ 'କଳା' କ'ଣ, ଶିକ୍ଷା କଲି ଏବଂ ତାହାର ବ୍ୟବହାର ମଧ୍ୟ ଦେଖିଲି ।

ମୋ' ଜୀବନରେ ଏପରି ଏକ ସମୟ ଆସିଲା, ଯେତେବେଳେ ମୁଁ ଦେଖିଲି କଳା ଏକ ଈର୍ଷାନ୍ୱିତା ମାଲିକାଣୀ, ଯେ କି ତା'ର ପ୍ରତିଦ୍ୱନ୍ଦ୍ୱୀ ପ୍ରଶାସନିକ ସେବାକୁ ସହ୍ୟ କରିପାରିବ ନାହିଁ । ଏତେଗୁଡ଼ାଏ ସମୟ ଓ ଶକ୍ତି ମୋର ସରକାରୀ କର୍ତ୍ତବ୍ୟ ତୁଲାଇବାରେ ବ୍ୟୟିତ ହେଲା ଯେ ମୋତେ ମୋର ସାହିତ୍ୟିକ ଉଦ୍ୟମକୁ ଅବହେଳା କରିବାକୁ ପଡ଼ିଲା । ମୁଁ ଯେତେବେଳେ ଉଭୟଙ୍କପାଇଁ ଅନୁରକ୍ତି ପ୍ରଦର୍ଶନ କଲି, ଦେଖିଲି ଯେ ମୁଁ ମୋ ମହମବତିର ଦି' ପାଖଯାକ ଜଳାଉଛି ଓ ସ୍ୱାସ୍ଥ୍ୟକୁ ଧ୍ୱଂସ କରୁଛି । ମୋ ସମ୍ମୁଖରେ ଏକମାତ୍ର ପ୍ରଶ୍ନ ହେଲା ହୁଏତ ଚାକିରିରୁ ଇସ୍ତଫା ଦେବି କିମ୍ବା ଲେଖକ ହେବାର ଅଭିଳାଷକୁ ଜଳାଞ୍ଜଳି ଦେବି । ମୁଁ ଦ୍ୱିତୀୟଟିକୁ ଅର୍ଥାତ୍ ଲେଖକ ହେବାକୁ ପସନ୍ଦ କଲି ଏ ଘଟଣା ଘଟିଲା ଯେତେବେଳେ ମୋତେ ୪୭ବର୍ଷ । ମୋର ସ୍ତ୍ରୀଙ୍କଠାରୁ ନୈତିକ ସମର୍ଥନ ପାଇ ନ ଥିଲେ ଏ କଥା ଅସମ୍ଭବ ହୋଇଥାଆନ୍ତା । ଏ ଥିଲା ଯେମିତି ଶିବଙ୍କପାଇଁ ପାର୍ବତୀଙ୍କ ତ୍ୟାଗ ।

ଶାନ୍ତିନିକେତନକୁ ଆମର ନୂଆ ଘର କଲୁ । ସେଠାରେ ଦେଖିଲୁ ଓଡ଼ିଆମାନଙ୍କର ଏକ ବୃହତ୍ ଉପନିବେଶ – ଶିକ୍ଷକ, ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର । ଆମର ବାସସ୍ଥାନ ସେମାନଙ୍କପାଇଁ ଥିଲା ସଦା ଉନ୍ମୁକ୍ତ । ଆମର ବି ସେମାନଙ୍କ ପାଖକୁ ଥିଲା ସର୍ବଦା ଯା'ଆସ । ଏହିପରି ଓଡ଼ିଶା ବାହାରେ ରହି ଓଡ଼ିଆ ଭାଷା, ସାହିତ୍ୟ ଓ ଚେତନା ସହିତ ଯଥାସମ୍ଭବ ସମ୍ପର୍କ ପୁନରାୟ ପ୍ରତିଷ୍ଠିତ ହେଲା । ଉତ୍ତମ-ଅଧ୍ୟାପକ ଓ ସଂଗୃହୀତ ଉତ୍ତମ ପୁସ୍ତକମାନଙ୍କପାଇଁ ବିଶ୍ୱଭାରତୀର ଓଡ଼ିଆ ବିଭାଗ ମୋର ଧନ୍ୟବାଦାର୍ହ । ଡକ୍ଟର କୁଞ୍ଜବିହାରୀ ଦାଶ ଏହି ବିଭାଗର ମୁଖ୍ୟ ଥିଲେ । ସେ ହିଁ ପଣ୍ଡିତ ନୀଳକଣ୍ଠଙ୍କୁ ଶାନ୍ତିନିକେତନକୁ ଅଣାଇଥିଲେ ଓ ମୋତେ ତାଙ୍କ ସଙ୍ଗେ ପରିଚିତ କରାଇ ଦେଇଥିଲେ । ତା'ପରେ ଏକ ବକ୍ତୃତାର ଶ୍ରୋତୃମଣ୍ଡଳୀଙ୍କ ପାଖରେ ସେହି ବିଶିଷ୍ଟ ଅତିଥିଙ୍କ ପରିଚୟ ଦେବାର ସୌଭାଗ୍ୟ ମୋର ଘଟିଲା । ଏହା ଥିଲା ବୋଧହୁଏ ଆମର ପ୍ରଥମ ଓ ନିଶ୍ଚିତଭାବେ ଶେଷ ସାକ୍ଷାତ୍ ।

ପଣ୍ଡିତ ନୀଳକଣ୍ଠ ଥିଲେ ବାସ୍ତବରେ ଏକ ପଣ୍ଡିତ, ବହୁ ଶାସ୍ତ୍ରଦର୍ଶୀ । ତାହାଙ୍କ ପ୍ରଦତ୍ତ ଭାଷଣ ଥିଲା ପାଣ୍ଡିତ୍ୟପୂର୍ଣ୍ଣ । ତାହାଙ୍କ ଅଶେଷ ମହିମାମଣ୍ଡିତ ବ୍ୟକ୍ତିତ୍ୱର ପରିମାପ ନିମନ୍ତେ ମୁଁ ଯୋଗ୍ୟ ନ ଥିଲି । ମୋ ପକ୍ଷରେ ସେ ଥିଲେ ପ୍ରଥମ ଓ ପ୍ରଧାନ, ଫରାସୀଭାଷାରେ କଥିତ 'ସାଓ୍ୱାଙ୍' ବା 'ପଣ୍ଡିତ' । ଦ୍ୱିତୀୟ କଥା ସେ

Digitized by PPRACHIN, SOA

ଥିଲେ ଓଡ଼ିଆ ଗଦ୍ୟରେ ବିଶାରଦ । ତାହାଙ୍କ ଆତ୍ମଚରିତରୁ ତାଙ୍କର ଶୈଳୀ ଓ ଶବ୍ଦଚାତୁରୀ ଦକ୍ଷତା ଜଣାଯାଏ । ସେ ଜଣେ ବିଖ୍ୟାତ ସଂସ୍କୃତ ପଣ୍ଡିତ ହେଲେ ବି ଓଡ଼ିଆ ଭାଷାର ବୈଶିଷ୍ଟ୍ୟକୁ ଶ୍ରଦ୍ଧା କରୁଥିଲେ ଏବଂ ଏହାକୁ ସଂସ୍କୃତର ଏକ ଅଧସ୍ତନ ବୋଲି ମନେକରୁ ନ ଥିଲେ । ତୃତୀୟତଃ, ସେ ଥିଲେ ଏକ ବିଶିଷ୍ଟ କବି ଓ ତାଙ୍କର ଥିଲା ପ୍ରକୃତିଦତ୍ତ କଥନଶୈଳୀ । ତାହାଙ୍କ ପ୍ରକୃତିରେ ଥିବା ଏହି କାବ୍ୟିକ ଉପାଦାନ ତାହାଙ୍କ ଶିକ୍ଷାଗତ ଓ ରାଜନୀତିକ ଧନ୍ଦା ଯୋଗୁଁ ଚାପା ପଡ଼ିଗଲା । ମୋଟ ଉପରେ ସେ ଥିଲେ ଜଣେ ଏପରି ଶିକ୍ଷାବିତ୍ ଯାହାଙ୍କର ନାମ ଅନନ୍ୟ ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା-ଜନକ ଭାବରେ ତିଷ୍ଠି ରହିବ । ଦୁଃଖର କଥା, ପଣ୍ଡିତ ଗୋଦାବରୀଶଙ୍କ ଲାଗି ତାଙ୍କ ଉପରେ ଚାପ ପକାଯାଇ ପଦ ତ୍ୟାଗ କରିବାକୁ ତାଙ୍କୁ ବାଧ କରାଗଲା । ଫଳରେ ତାଙ୍କର ହୃଦୟ ଭାଙ୍ଗିପଡ଼ିଲା । ଏ କାର୍ଯ୍ୟ ଛାଡ଼ିବାପରେ ବିଶ୍ୱବିଦ୍ୟାଳୟରେ ଅସ୍ଥାୟୀଭାବେ ଅଧ୍ୟାପନା କାର୍ଯ୍ୟ ଥିଲା ତାଙ୍କ ପକ୍ଷେ ଏକ ନଗଣ୍ୟ ବିକଳ୍ପ ବ୍ୟବସ୍ଥା । ସମ୍ବଲପୁରରେ ଗଠିତ 'ଜାତୀୟ ବିଦ୍ୟାଳୟ' ପରିଚାଳନା ଭାରପାଇଁ ତାଙ୍କୁ ଆମନ୍ତ୍ରଣ ଥିଲା ମଧ୍ୟ ତାଙ୍କ ପକ୍ଷେ ଅକିଞ୍ଚିତ୍କର ବିକଳ୍ପ । 'ଗାନ୍ଧିବାଦୀ ରାଜନୀତି'ରେ ସାନ୍ତ୍ୱନାର ସନ୍ଧାନ କରି ତାକୁ ସେ ସତ୍ୱର ସଂସଦୀୟ ରାଷ୍ଟ୍ରନୀତିରେ ରୂପାନ୍ତରିତ କଲେ । ଶେଷକୁ ହେଲେ ବାଚସ୍ପତି, ବିଧାନସଭା ସଭାପତି ।

ବରଂ ମୁଁ ତାଙ୍କୁ ଭାବେ ଏକ ବନସ୍ପତି – ବନର ପତି । ମୋର ତାଙ୍କ ସଙ୍ଗେ ଶାନ୍ତିନିକେତନରେ ସାକ୍ଷାତ୍‌ବେଳକୁ ସେ ବହୁପୂର୍ବରୁ ଓଡ଼ିଆ ସାହିତ୍ୟର କରିତ୍‌କର୍ମା ବିଦ୍ୱାଣି ଭାବରେ ଖ୍ୟାତି ଅର୍ଜି ସାରିଥିଲେ । ମୃତ୍ୟୁବେଳକୁ ସେ ଥିଲେ ସୁଖ୍ୟାତିର ଶିଖର ଦେଶରେ । ବନ-ବୀଥିକାର ସୁଉଚ୍ଚ ବୃକ୍ଷସଦୃଶ । ଗ୍ରୀକ୍‌ମାନଙ୍କ କହିବା ପରି ସତ୍ୟବାଦୀର ଶିକ୍ଷକ ଗୋଷ୍ଠୀ ମଧ୍ୟରେ ସେ ତିଷ୍ଠି ରହିବେ 'ଉତ୍କଳର ପ୍ଲାଟୋ' ରୂପେ । ଏହି ଅବସରରେ ତାହାଙ୍କ ସ୍ମୃତି ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରେ ।

ଭାଗ୍ୟର ଅଦ୍ଭୁତ ସଂଯୋଗ ଫଳରେ ତାହାଙ୍କ ମହନୀୟ ନାମ ସହିତ ମୋର ନାମ ଆଜି ଗ୍ରଥିତ ହୋଇଛି । ଶିକ୍ଷକ ଓ ଛାତ୍ରସୁଲଭ ସଂଯୋଗପାଇଁ ନୁହେଁ, ମାତ୍ର ଘଟଣାଗତ ସଂଯୋଗ ଯୋଗୁଁ । ଓଡ଼ିଆ ସାହିତ୍ୟରେ ସେ ଥିଲେ ସତ୍ୟବାଦୀ ଯୁଗର ଲେଖକ ଏବଂ ମୁଁ ଥିଲି ସବୁଜ ଯୁଗର । ପିତା ଓ ପୁତ୍ରଙ୍କ ସମ୍ବନ୍ଧପରି ଜଣକର ପଦଚିହ୍ନକୁ ଆଉ ଜଣେ ଅନୁସରଣ କରୁଥିଲା ମାତ୍ର । ଆମର ବ୍ୟବଧାନ ଥିଲା ଦୁଇଟି ପିଢ଼ିର, ଦୁଇଟି ସାମାଜିକ ପରିବେଷ୍ଟନୀର । ସେପରି ପରିସ୍ଥିତି ତାଙ୍କ ପକ୍ଷରେ ଓ ତାଙ୍କ

Digitized by PPRACHIN, SOA

ଅଗ୍ରଗାମୀ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ପକ୍ଷରେ ମଧ୍ୟ ଘଟିଥିଲା । ସାହିତ୍ୟରେ ଗୋଟିଏ ଯୁଗ ଆଉ ଏକ ଯୁଗର ସ୍ଥାନ ଅଧିକାର କରେ । ପ୍ରତ୍ୟେକ ଯୁଗର କିଛି ନା କିଛି ନୂତନ ଦାନ ଥାଏ । ସବୁଜ ଲେଖକମାନେ ସତ୍ୟବାଦୀ ଲେଖକଙ୍କ ସ୍ଥାନ ପୂରଣ କରିପାରି ନାହାନ୍ତି କିମ୍ବା ସତ୍ୟବାଦୀ ଲେଖକମାନେ ସବୁଜ ଲେଖକଙ୍କୁ କୌଣସି ପ୍ରାକ୍‌ସଙ୍କେତ ଦେଇ ନାହାନ୍ତି । ସେମାନେ ପରସ୍ପରକୁ ଭଲ ପାଇଥାନ୍ତୁ କି ନାହିଁ, ତଥାପି ସେମାନେ ପରସ୍ପର ସହିତ ସଂଯୁକ୍ତ ହୋଇଥିଲେ । ଆମ ପକ୍ଷରୁ ଭଲ ପାଇବାର ଅଭାବ ନ ଥିଲା । ସେମାନଙ୍କ ପକ୍ଷରୁ ତା'ର ପ୍ରତିଦାନ ଥିଲା କି ନାହିଁ ତାହାର ଉତ୍ତର ଅନ୍ୟ ସବୁଜ ବନ୍ଧୁମାନେ ଦେଇପାରନ୍ତି । କାରଣ ମୁଁ ୫୩ ବର୍ଷ କାଳ ଦୃଶ୍ୟପଟରୁ ବିଦାୟ ନେଇଯାଇଥିଲି ।

ଏଠାରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମୋର ବାଲ୍ୟାବସ୍ଥାରେ ଥିବା ବହୁ ବିଶିଷ୍ଟ ଲେଖକ ସତ୍ୟବାଦୀ ଯୁଗ ଗୋଷ୍ଠୀଙ୍କ ଅନ୍ତର୍ଭୁକ୍ତ ନ ଥିଲେ । ଅତି ବୃଦ୍ଧ ଫକୀରମୋହନ ସେନାପତି ସେତେବେଳଯାଏ ଜୀବିତ ଓ କର୍ମତତ୍ପର ଥିଲେ । ଉତ୍କଳସାହିତ୍ୟରେ ପ୍ରକାଶ ପାଉଥିବା ତାହାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକୁ ପାଠକରି ମୁଁ ଆନନ୍ଦ ଉପଭୋଗ କରୁଥିଲି । ଗାଉଁଲି ଭାଷା ସାଙ୍ଗକୁ ତାଙ୍କ ପରିବେଷିତ ହାସ୍ୟରସ ଓ ଶାଣିତ ବ୍ୟଙ୍ଗ ଆଉ କାହା ସହିତ ତୁଳନୀୟ ହୋଇ ନ ପାରେ । ତାଙ୍କ ମୃତ୍ୟୁପରେ ସେହି ସାହିତ୍ୟପତ୍ରରେ ତାଙ୍କ ଲିଖିତ ଆତ୍ମଜୀବନଚରିତ ପଢ଼ିଲି ଏବଂ ମୋର ଜନ୍ମସ୍ଥାନ ଢେଙ୍କାନାଳର ମଦ୍ୟପାନ ଦୁର୍ନାମ ଜାଣି ଶଙ୍କିତ ହେଲି । ସେ ସ୍ଥାନର ପ୍ରାୟ ପ୍ରତ୍ୟେକ ଲୋକ ନିଶାପାନରେ ଅଭ୍ୟସ୍ତ ଥିଲେ । କିନ୍ତୁ ମୋ' ଦେଖା କାଳରେ ଏପରି ଅଭ୍ୟାସ କାହାରି ନ ଥିଲା । ତାହାଙ୍କ ଅନୁପସ୍ଥିତି ସଙ୍ଗେ ସଙ୍ଗେ ଆମ ସହରଟିରୁ ତାହା କ୍ରମଶଃ ଲୋପ ପାଇଯାଇଥିଲା । ଅଦ୍ଭୁତ କଥା, ସେଠାରେ ସେ ଆସିଷ୍ଟାଣ୍ଟ ମେନେଜର ଥିବା କଥା କେହି ମନେରଖି ନ ଥିଲେ କିମ୍ବା ଲେଖକ ଭାବରେ ତାଙ୍କୁ ମୋଟେ ଜାଣି ବି ନ ଥିଲେ । ମୋତେ ଭଲ ଲାଗୁ ବା ନ ଲାଗୁ, ମାତ୍ର ସେ ଢେଙ୍କାନାଳକୁ ଯେଉଁଭଳି ଅବସ୍ଥାରେ ଦେଖିଥିଲେ, ତାହାଙ୍କ ବର୍ଣ୍ଣନାରୁ ବହୁତ କିଛି ଜାଣିଲି । ଆହୁରି ଆଶ୍ଚର୍ଯ୍ୟର କଥା, ସେ ସେଠାରେ କେଉଁ ଘରେ ବାସ କରୁଥିଲେ, ସେ କଥା ମଧ୍ୟ ମୋତେ କେହି କହିପାରିଲେ ନାହିଁ । ନିକଟରେ ପ୍ରକାଶିତ ତାଙ୍କ ଆତ୍ମଚରିତର ବଙ୍ଗଳାନୁବାଦ ପାଠ କଲାବେଳେ ମୁଁ ଆବିଷ୍କାର କଲି ଯେ ତାହାଙ୍କ ରହିବା ବଙ୍ଗଳାଟି ଥିଲା ଠିକ୍ ଆମରି ଘର ସାମନା, ଗୋଟିଏ ପଡ଼ିଆ ଛାଡ଼ି । ମୁଁ ଥିଲାବେଳେ ସେ ଗୃହର ଅଧିକାରୀ ଥିଲେ ସତ୍ୟଜିତ ରାୟଙ୍କ ଆତ୍ମୀୟ ବଙ୍ଗଳା ଲେଖକ ଦ୍ୱିଜେନ୍ଦ୍ରନାଥ ବୋଷ । ମୁଁ

Digitized by PPRACHIN, SOA

ତାଙ୍କର ସେ ବଙ୍ଗଳାକୁ ବହୁତଥର ଯାଇଥିଲି, ମାତ୍ର କେବେ କଳ୍ପନା କରିପାରି ନ ଥିଲି ଯେ, ଏଇଟା ମୂଳରୁ ଦିନେ ଥିଲା ଫକୀରମୋହନଙ୍କର ବୋଲି ।

ମୋ ବାପାଙ୍କ ଢେଙ୍କାନାଳ ଆଗମନ ଓ ମୁଁ ଜନ୍ମିଥିବା ଚାଳଘରଟି ତିଆରି ହେବା ପୂର୍ବର ଏ ଘଟଣା । ସେ ଯା'ହେଉ, ଫକୀରମୋହନ ଥିଲେ ମୋର ପ୍ରିୟ ଗଳ୍ପ ଲେଖକ । ଆଉ ତାହାଙ୍କ ଗଦ୍ୟଲେଖା ଶୈଳୀ ଥିଲା ଅତୁଳନୀୟ ।

ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଥିଲା ମୋର ଓଡ଼ିଆ ପଢ଼ା ଦିଗରେ ପ୍ରଥମ ପୁସ୍ତକ । ତା'ପରେ ପଢ଼ିଲି ତାଙ୍କ ଲିଖିତ 'ସାହିତ୍ୟ କୁସୁମ' ଓ 'ସାହିତ୍ୟ ପ୍ରସଙ୍ଗ' । ଓଡ଼ିଆରେ ମୋର ଭିତ୍ତି ପଡ଼ିଲା ମଧୁସୂଦନଙ୍କ ଗଦ୍ୟ ଓ ପଦ୍ୟରୁ । ତେଣୁ ମଧୁସୂଦନଙ୍କୁ ମୁଁ ଶ୍ରଦ୍ଧା କରୁଥିଲି । ମୋର ଯୌବନରେ ତାଙ୍କୁ ଅଧିକାଂଶ ବ୍ୟକ୍ତି ଆଧୁନିକ କବି ଭାବରେ ରାଧାନାଥଙ୍କ ପାଖାପାଖି ବୋଲି ସମ୍ମାନ ଦେଉଥିଲେ ଏବଂ ମୁଁ ମଧ ତହିଁରୁ ବାଦ୍ ଯାଇ ନ ଥିଲି । ସେମାନଙ୍କ ପିଢ଼ି ସତ୍ୟବାଦୀ ପିଢ଼ିଙ୍କଠାରୁ ଅଲଗା ଥିଲା । ସେମାନଙ୍କ ଆଦର୍ଶ ଓ ଚିନ୍ତାଧାରା ମଧ ଥିଲା ପୃଥକ୍ । ସେମାନଙ୍କ ଗଦ୍ୟ ଓ ପଦ୍ୟ ପ୍ରତି ପଣ୍ଡିତ ନୀଳକଣ୍ଠ ଅସନ୍ତୋଷ ପ୍ରକାଶ କରିବା କିଛି ବିଚିତ୍ର କଥା ନୁହେଁ । ଅନ୍ୟାନ୍ୟ ନିରପେକ୍ଷ ସମାଲୋଚକଙ୍କ ପକ୍ଷେ ସେମାନଙ୍କ ଗୁଣାଗୁଣ ବିଚାର କରିବା ଯଥାର୍ଥ । ମୋର ଶୈଶବାବସ୍ଥାରେ ମୁଁ ରାଧାନାଥ ଗ୍ରନ୍ଥାବଳୀ ପଢ଼ିଥିଲି ଏବଂ ତାଙ୍କ ବିଷୟରେ ଖୁବ୍ ଉଚ୍ଚ ମତ ପୋଷଣ କରିଥିଲି । ସେକ୍ସପିଅର୍ କ'ଣ ଗ୍ରୀକ୍, ଲାଟିନ୍ ଓ ଇଟାଲିଆନ୍‌ରୁ ଯଥେଷ୍ଟ କିଛି ଉଦ୍ଧାର କରି ନ ଥିଲେ ? ଏଥିପାଇଁ ତ କେହି ତାଙ୍କଠାରେ ଦୋଷ ଦେଖି ନାହାନ୍ତି । ମୁଁ ନିଜେ ଉପଧାମିଳନର ପକ୍ଷପାତୀ । ଏହା ମୁଁ ମୋ ମାଆ ଗାଉଥିବା ଜୟଦେବଙ୍କ ସଙ୍ଗୀତମାନଙ୍କରୁ ଓ ପ୍ରତି ସନ୍ଧ୍ୟାରେ ଘରେ ଠାକୁରଙ୍କ ପାଖେ ଆରତିବେଳେ ବାପା ଗାଉଥିବା ବିଦ୍ୟାପତିଙ୍କ ପଦାବଳୀରୁ ଶିଖିଥିଲି । ପ୍ରାଚୀନ ଓଡ଼ିଆରେ ଥିବା ଉପଧାମିଳନ ବିହୀନ ପଦ୍ୟଗୁଡ଼ିକ ମୋର ଶ୍ରୁତିକଟୁ ହୁଏ । ମୋର ବନ୍ଧୁ ବୈକୁଣ୍ଠ ଏ ବିଷୟରେ ଥିଲା ବଡ଼ କଠୋର ଏବଂ ମୁଁ ବି କମ୍ ନ ଥିଲି । ମୁଁ ଭାବି ପାରେନି ଯେ ସେ ରବୀନ୍ଦ୍ରନାଥ କି ସତ୍ୟେନ୍ଦ୍ରନାଥଙ୍କଠାରୁ ଏ ବିଦ୍ୟା ଶିଖିଥିଲା । ବରଂ ସବୁଠୁ ଅଧିକ ସମ୍ଭାବ୍ୟ ଥିଲେ ରାଧାନାଥ, ଯାହାଙ୍କୁ କି ଅଧିକାଂଶ କବି ଚାହିଁ ରହିଥିଲେ ନିର୍ଦ୍ଦେଶନାପାଇଁ । ରାଧାନାଥ ଏ ଉପଧାମିଳନ ପାଇଲେ ବା କେଉଁଠୁ ? ମୁଁ ଭାବେ ଜୟଦେବ, ବିଦ୍ୟାପତି, ତୁଳସୀ ଦାସ, କବୀର, ଭରତଚନ୍ଦ୍ର ଆଦିଙ୍କଠାରୁ । ତାହାଙ୍କ ପୂର୍ବତନ ଓଡ଼ିଆ କବିଙ୍କଠାରୁ ନ ହୋଇପାରେ । ଆମେ ଯଦି ହଜାରେ ବର୍ଷ ତଳର 'ଚର୍ଯ୍ୟାପଦ' ନାମରେ କଥିତ ବୌଦ୍ଧ ଦର୍ଶନ ସମ୍ବଳିତ ଗାନଗୁଡ଼ିକୁ ଦେଖିବା ତେବେ ତହିଁରେ ବି ଉପଧାମିଳନ ଲକ୍ଷ୍ୟ କରିପାରିବା । ଉଭୟ ଓଡ଼ିଆ ଓ ବଙ୍ଗଳା କବିତା ସେଇଥିରୁ ଆରମ୍ଭ ହୋଇଥିଲା । ମୈଥିଳୀ ଓ ଅସମିୟା କ୍ଷେତ୍ରରେ ମଧ

Digitized by PPRACHIN, SOA

ସେଇଆ । ହିନ୍ଦୀ ପଦ୍ୟ ସୁଦ୍ଧା ତହିଁରୁ ରୂପ ନେଇଥିବା ଦାବି କରାଯାଏ । ଅନ୍ତତଃ ହଜାରେ ବର୍ଷ ଧରି ଆମର କବିମାନେ 'ଉପଧାମିଳନ'ର ସପକ୍ଷ ଓ ବିପକ୍ଷ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ଏ ଘଟଣାରେ କୌଣସି ପ୍ରାଦେଶିକତା ନାହିଁ । ମଧ୍ୟକାଳୀନ ବଙ୍ଗଳା କବିଗଣ ଉପଧାମିଳନରେ ଅଭ୍ୟସ୍ତ ନ ଥିଲେ ।

ଗଙ୍ଗାଧର ମେହେରଙ୍କୁ ମୁଁ କେବେ ଭେଟି ନ ଥିଲେ ହେଁ ନନ୍ଦକିଶୋର ବଳ ଓ ପଦ୍ମଚରଣ ପଟ୍ଟନାୟକଙ୍କ ସଙ୍ଗେ ମୋର ସାକ୍ଷାତ୍‌ର ସୁଯୋଗ ଘଟିଥିଲା । ସେମାନେ ମଧ୍ୟ ସତ୍ୟବାଦୀ ଗୋଷ୍ଠୀର କବିମାନଙ୍କଠାରୁ କୌଣସି ଗୁଣରେ କମ୍ ଖ୍ୟାତି ଅର୍ଜି ନ ଥିଲେ । ମୋର ବାଲ୍ୟାବସ୍ଥାରେ ଏକ ବିବାହ ଉତ୍ସବରେ ଦେଖିଥିଲି ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ । ଓଡ଼ିଆ ଗଦ୍ୟ-ସାହିତ୍ୟର ଦୁଇଟି ଶ୍ରେଷ୍ଠ ରଚନା 'ନନାଙ୍କ ବସ୍ତାନି' ଓ 'ବାଇମାହାନ୍ତିଙ୍କ ପାଞ୍ଜି'ର ସେ ଲେଖକ ବୋଲି ମୋତେ ସେତେବେଳେ ଅଜଣା ଥିଲା । ସେଗୁଡ଼ିକ 'ବେଲ୍‌ଙ୍କ ପତ୍ରାବଳୀ' ସମକକ୍ଷ ରଚନା । ସେଗୁଡ଼ିକରେ ଥିବା ହାସ୍ୟ ଓ ବ୍ୟଙ୍ଗ ଏବଂ ଗ୍ରାମ୍ୟଶୈଳୀପାଇଁ ସେଗୁଡ଼ିକ ବେଶ୍ ଉପଭୋଗ୍ୟ । ଅବଶ୍ୟ ମନରେ ସ୍ଥାୟୀଭାବେ ରେଖାପାତ କଲାଭଳି ତହିଁରେ କୌଣସି ବିଷୟବସ୍ତୁ ନ ଥିଲା ।

'ମୁକୁର' ସାହିତ୍ୟପତ୍ରର ପୁରୁଣା ସଂଖ୍ୟାମାନଙ୍କରୁ ରେବା ରାୟଙ୍କ କବିତା ପଢ଼ିଥିଲି । ବୋଧହୁଏ ସେ ଥିଲେ ଓଡ଼ିଶାର ପ୍ରଥମ ନାରୀକବି । ତାହାଙ୍କ ରୋମାଞ୍ଚକର ଜୀବନୀ ସଂପର୍କରେ ଶୁଣିଥିଲି । ମାତ୍ର ମୋର ସବୁଜ ଦିନଗୁଡ଼ିକରେ ତାଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇ ନ ଥିଲି । ଏହାର ଅନେକ ଦିନ ପରେ ମୁଁ ଯେବେ ମୋର ଜନ୍ମସ୍ଥାନ ଦେଖିବାକୁ ଯାଇଥିଲି; ସେ ହଠାତ୍ ମୋ ସମ୍ମୁଖରେ ଆବିର୍ଭୂତା ହେଲେ, ଯୋଉ ପୁରୁଣା ବଙ୍ଗଳାଟିରେ ଫକୀରମୋହନ ରହୁଥିଲେ ସେହିଠାରୁ । ଏ ଏକ ଭୌତିକକ୍ରିୟା ନା ପ୍ରକୃତ ରେବା ରାୟ ! ବହୁଦିନ ହେବ ସେ ଯୌବନ ଅତିକ୍ରମ କରିଆସିଛନ୍ତି ।

''ଯୌବନର ସ୍ଥିତି ମାତ୍ର ଦୁଇ ଦିନର, ତେଣୁ ସେଥିପାଇଁ ଖୁସି କାହିଁକି ?'' ଆମର ସାମସମୟିକ ନାରୀକବି କୁନ୍ତଳାକୁମାରୀ ସାବତ ଏକ ସାହିତ୍ୟପତ୍ରରେ ଏହିପରି ଲେଖିଥିଲେ । ଏହାକୁ ଲକ୍ଷ୍ୟ କରି ମୁଁ ମୋର ଏକ ଲେଖାରେ ସେ ଏକ ନୂତନ ମାୟାବାଦର ପ୍ରଚାର କରୁଛନ୍ତି ବୋଲି ଲେଖିଥିଲି । ମୁଁ ଥିଲି ଯୌବନର ଉପାସକ । ତେଣୁ ତାକୁ ମୁଁ ସବୁଠୁଁ ଊର୍ଦ୍ଧ୍ୱରେ ବୋଲି ମଣୁଥିଲି । କିଏ ବା କଳ୍ପନା କରିପାରିବ ଯେ ସେହି ଭଦ୍ରମହିଳା ଦିନେ ଯାଇ ମୋର ଆତ୍ମୀୟ ଅନ୍ନଦା ପ୍ରସାଦ ରାୟ ଘରେ ମଟର ଧରି ପହଞ୍ଚିବେ ଆଉ ତାଙ୍କ ଲେଖା ବିରୋଧରେ ଲେଖିଥିବାରୁ କୈଫିୟତ୍ ଦାବିକରି ବସିବେ ? ବିଚାରୀ ଅନ୍ନଦା ପ୍ରସାଦ – ସେ

Digitized by PPRACHIN, SOA

ଲେଖକ ନୁହେଁ କହି ଆପଣାକୁ ବଞ୍ଚାଇଲା । ତେଣୁ ମୁଁ କୁନ୍ତଳାକୁମାରୀଙ୍କୁ ଭେଟିବା ସୁଯୋଗରୁ ବଞ୍ଚିତ ହେଲି ।

ତାଙ୍କପରି ଆହୁରି କେତେ ପ୍ରତିଭା ସବୁଜ ଗୋଷ୍ଠୀ ବାହାରେ ଥିଲେ । ସେମାନଙ୍କ ମଧ୍ୟରେ ମାୟାଧର ମାନସିଂହ ଠିକ୍ ଯେମିତି ତୁଳସୀ ବୃକ୍ଷପରି ବିସ୍ତାର କରୁଥିଲେ ପତ୍ରରାଜି ଯେଉଁଗୁଡ଼ିକରେ ଥିଲା ସୁମିଷ୍ଟ ସୁବାସ । ତାଙ୍କୁ ଜଣେ କବି, ପ୍ରେମିକ କବି ଭାବରେ ଧରି ମୁଁ ଦେଖିପାରୁଥିଲି ତାଙ୍କର ଭବିଷ୍ୟତ । ଦୁଃଖର କଥା, ସେ ଆପଣାକୁ ଆମଠାରୁ ଦୂରେଇ ରଖୁଥିଲେ । ମୁଁ ଆଶା କରୁଥିବା ସର୍ବଦେଶିକ ହେବାଠାରୁ ସେ ବହୁ ପରିମାଣରେ ଜଣେ ଜାତୀୟବାଦୀ ଓଡ଼ିଆ ହୋଇ ରହିଗଲେ । ସବୁଜ ଆଦର୍ଶର ମୁଖା ଅନ୍ତରାଳରେ ଆମ ଭିତରେ ସେ କେବଳ ବଙ୍ଗାଳୀ ସାମ୍ରାଜ୍ୟବାଦ ଛଡ଼ା ଆଉ କିଛି ଦେଖିପାରୁ ନ ଥିଲେ । ମାତ୍ର ଛାନ୍ଦର ପରମ୍ପରା ରଖିବାପରି ସେ ଏତେଦୂର ଜାତୀୟତାବାଦୀ ନ ଥିଲେ, ଯେପରି କରିପାରିଥିଲେ ବିଛନ୍ଦଚରଣ ପଟ୍ଟନାୟକ ଆମ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ନିର୍ଦ୍ଦେଶନାରେ । ପ୍ରାଚୀସମିତି ପ୍ରାଚୀନ କାବ୍ୟମାନଙ୍କ ନୂତନ ସଂସ୍କରଣ ପ୍ରକାଶ କରି ତହିଁରେ ଥିବା ସୌନ୍ଦର୍ଯ୍ୟପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରି ଦେଶର ସ୍ମରଣଯୋଗ୍ୟ ସେବା କରିଥିଲେ । ଜଣେ ବଙ୍ଗାଳୀ ନର୍ତ୍ତକ ବହୁଦିନ ପରେ ଥରେ ମୋତେ କହିଥିଲେ ଯେ, ସେ ''ଓଡ଼ିଶାର ଅନ୍ଦିକନ୍ଦି ବୁଲି ଗାଁ-ଗହଳରେ ଥିବା ଅସୀମ ସୌନ୍ଦର୍ଯ୍ୟ ଓ ରସିକତା ପ୍ରତ୍ୟକ୍ଷ କରିଅଛନ୍ତି । ଭାରତର ଅନ୍ୟ କୌଣସିଠାରେ ଏତେ ଅଧିକ ପରିମାଣରେ ରସ ଆଉ ନାହିଁ ।'' ତାଙ୍କ ମୁହଁରୁ ଏପରି କଥା ଶୁଣିବା ମୋତେ ଅତ୍ୟନ୍ତ ପ୍ରୀତିପ୍ରଦ ହେଲା ଓ ମୋର ନିଜ ଧାରଣାକୁ ବଦ୍ଧମୂଳ କଲା । ଓଡ଼ିଶୀ କଳାର ଶ୍ରେଷ୍ଠ ନିଦର୍ଶନଗୁଡ଼ିକ ଅତୁଳନୀୟ ଦୃଷ୍ଟାନ୍ତ । ସେଗୁଡ଼ିକ ଏ ରାଜ୍ୟ ଓ ରାଜ୍ୟବାସୀଙ୍କ ମଧ୍ୟରେ ଅନ୍ତର୍ନିହିତ ରସର ଅଭିବ୍ୟକ୍ତି । ଆମେ ସବୁଜଗୋଷ୍ଠୀ ଅନୁଭବ କଲୁ ଯେ ଏହି ଅନ୍ତର୍ନିହିତ ରସର ସତେଜ ବିଗ୍ରହ ଆମ କାଳପାଇଁ ଦରକାର । କିନ୍ତୁ ଗୋଟାଏ ନୂତନ କୋଣାର୍କ କିମ୍ବା ନୂତନ ରାଜରାଣୀ ମନ୍ଦିର ନିର୍ମାଣ କରିବା ବିଚାର ଏକ ନୈରାଶ୍ୟଜନକ ବ୍ୟାପାର । ଏହିସବୁ ମନ୍ଦିରମାନଙ୍କ ସମକକ୍ଷ ସ୍ଥାପତ୍ୟ ନିର୍ମାଣ କୌଣସି ଜାତୀୟ ସରକାରଦ୍ୱାରା ମଧ୍ୟ ସମ୍ଭବ ନୁହେଁ । ଆମର ଯାହାସବୁ ରହିଛି, ସେଗୁଡ଼ିକୁ ସଂରକ୍ଷଣ କରିବା ଓ ଯେଉଁ ଶକ୍ତିବଳରେ ସେଗୁଡ଼ିକର ନିର୍ମାଣ ସମ୍ଭବ ହୋଇଥିଲା, ତାକୁ ସଞ୍ଚୟ କରିବା ଦରକାର । ମାତ୍ର ସାଂସ୍କୃତିକ ଇତିହାସ କେବେ ପୁନରାବୃତ୍ତି ହୁଏ ନାହିଁ । ଆମେ ଏ ଯୁକ୍ତି ଗ୍ରହଣ କଲାବେଳେ ଅନ୍ୟମାନେ ତା'ର ବିପରୀତ ପକ୍ଷ ନେଲେ । କିନ୍ତୁ ଗୋଟିଏ କଥା ଆମ ଉଭୟଙ୍କ ପକ୍ଷେ ଥିଲା ସମାନ ।

Digitized by PPRACHIN, SOA

ଆମେ ଉଭୟ ପକ୍ଷ ବିଚାର କଲୁ କେବଳ ଅତୀତ ସମ୍ପତ୍ତିପାଇଁ ଗର୍ବକରିବା ଯଥେଷ୍ଟ ନୁହେଁ । ଆମେ ତହିଁରେ କିଛି ଯୋଗକଲେ ଯାଇ ଆମ ଉତ୍ତରାଧିକାରୀମାନେ ମୂଲ୍ୟବାନ୍ ସମ୍ପତ୍ତି ପାଇପାରିବେ ।

ମୋ' ଜୀବନପାଇଁ ଏକ ନିଷ୍ପତ୍ତିଗତ ବ୍ୟବସ୍ଥା କରିଦେଲା ଓଡ଼ିଶା । ତା'ଠାରୁ ମୁଁ 'ରସ' ଦୀକ୍ଷାରେ ଦୀକ୍ଷିତ ହେଲି । ଏବେ ଯେଉଁ ଭାଷାରେ ଲେଖେ ନା କାହିଁକି ସବୁଥିରେ ରସର ଉପାଦାନ ନିହିତ ଏବଂ ସେସବୁ ସମ୍ପୂର୍ଣ୍ଣ ଓଡ଼ିଶୀ । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୁରୁଙ୍କ ପାଖେ ମୁଁ ଋଣୀ ନୁହେଁ । ବରଂ ଋଣୀ ମୁଁ ଏ ଭୂମି ଓ ତା'ର ଅଧିବାସୀଙ୍କ ପାଖରେ । କେବଳ ମୋର ଅସୁବିଧାଟି ହେଉଛି ମୁଁ ଲୋକଙ୍କ ବିଶ୍ୱାସ ସଙ୍ଗେ ସଂଯୋଗ ରଖିପାରୁ ନାହିଁ । କୋଣାର୍କଠାରେ ସୂର୍ଯ୍ୟ ମନ୍ଦିର ନିର୍ମିତ ହେଲା ଯେତେବେଳେ ଏ ଅଞ୍ଚଳରେ ସୂର୍ଯ୍ୟୋପାସକମାନେ ରହୁଥିଲେ । ଜଗନ୍ନାଥଙ୍କ ମନ୍ଦିର ହେଲା ବୈଷ୍ଣବ ମତରେ ଆରାଧନା ଉନ୍ନତ ଥିବାବେଳେ ଏବଂ ଲିଙ୍ଗରାଜ ମନ୍ଦିର ଶୈବ ଉପାସନା ଶ୍ରେଷ୍ଠତ୍ୱ ଲାଭ କରିଥିବା କାଳରେ । ସେହି ସଂସ୍କୃତିର ସମତାଳରେ କୌଣସି ନୂତନ କଥା ଗଠନ କରିବାକୁ ହେଲେ ଆମକୁ ସେହି ସମ୍ପ୍ରଦାୟ ସହିତ ତୁଳନୀୟ ଏକ ଜୀବନ୍ତ ଧର୍ମ ପ୍ରତି ଆସ୍ଥା ରଖିବାକୁ ହେବ । ମୋ ପକ୍ଷେ ଅସୁବିଧାଟି ହେଉଛି, ପ୍ରଚଳିତ ଧର୍ମମତ ବା ନୂତନ ଧର୍ମ ଉପରେ ମୋର ବିଶ୍ୱାସ ନାହିଁ । ତେଣୁ ଲୋକଙ୍କ ପକ୍ଷେ ଗ୍ରହଣୀୟ ହେବାଭଳି ଦେଉଳ ତୋଳିବା, ପ୍ରତିମା ଗଢ଼ିବା, ଛବି ଆଙ୍କିବା, ଗୀତ ଗାଇବା, କବିତା ଲେଖିବା କିମ୍ବା ନୃତ୍ୟନାଟିକା ରଚନା କରିବାକୁ ମୋତେ ପ୍ରବର୍ତ୍ତାଇବ କିଏ ? ମୋ ବିଚାରରେ ପୃଥିବୀରେ ସର୍ବତ୍ର ଏହାହିଁ ଆଧୁନିକ ମାନବର ଅସୁବିଧା । ଓଡ଼ିଶାର ଯୁବଲେଖକ ଓ କଳାକାର ଗୋଷ୍ଠୀ ଯଦି କୌଣସି ପ୍ରକାରେ ଏହି ଅସୁବିଧା ଦୂର କରିପାରିବେ ତେବେ ମୁଁ ସେମାନଙ୍କୁ ନିଶ୍ଚୟ ଅଭିନନ୍ଦନ କରିବି । କଳା, ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, କବିତା, ସଙ୍ଗୀତ କିମ୍ବା ନୃତ୍ୟ ଯେଉଁଥିରେ ହେଉନା କାହିଁକି, ଧର୍ମ ତଥା ରସର ମୌଳିକ ଉପାଦାନ ବ୍ୟତିରେକେ କୋଣାର୍କ ନିର୍ମାଣ କଳ୍ପନା ଦୁର୍ବଳ ହୋଇଯିବ । ଅନ୍ୟ ପକ୍ଷରେ କାର୍ଯ୍ୟସାଧନପାଇଁ ଖାଲି ଧର୍ମବିଶ୍ୱାସ ଯଥେଷ୍ଟ ନୁହେଁ । ବିଶ୍ୱାସ ହୁଏ ତ ପର୍ବତ ଟଳାଇପାରେ; ମାତ୍ର ରସ ବିନା କିଛି ଲେଖିହେବ ନାହିଁ, ଗାଇହେବ ନାହିଁ, ନାଚିହେବ ନାହିଁ କିମ୍ବା ଅଫୁରନ୍ତ ସୌନ୍ଦର୍ଯ୍ୟ ପ୍ରଖ୍ୟାପକ ସ୍ଥାୟୀ ଆନନ୍ଦଲାଭ ହୋଇପାରିବ ନାହିଁ । ଗୋଟିଏ ସଙ୍ଗରେ ଆମକୁ ଆଉ ଗୋଟିକୁ ଯୋଗକରିବାକୁ ହେବ ।

Digitized by PPRACHIN, SOA

॥ ୨ ॥

ଆମର ଜନ୍ମ ହୋଇଥିଲା ଭାରତ ନାମକ ଦେଶରେ ଓ ଓଡ଼ିଶା ବା ଉତ୍କଳ ନାମରେ କଥିତ ପ୍ରଦେଶରେ । ତା' ସଙ୍ଗେ ସଙ୍ଗେ ଆମେ ଜନ୍ମିଥିଲୁ ବିଂଶ ଶତାବ୍ଦୀ ନାମକ ଶତାବ୍ଦୀରେ ଓ ଆଧୁନିକ କାଳ ନାମରେ ଏକ କାଳ ମଧ୍ୟରେ । ଆମର ଥିଲା ତେଣୁ ଦ୍ୱୈତ ପରମ୍ପରା । ଭାରତ ତଥା ଉତ୍କଳର ପରମ୍ପରା ଏବଂ ବିଂଶ ଶତାବ୍ଦୀ ତଥା ଆଧୁନିକ କାଳର ପରମ୍ପରା । ଆମ ସ୍ଥିତିର କାଳ ଓ ଦେଶ ଉଭୟ ବିଷୟରେ ଆମେ ଥିଲୁ ସଚେତନ । ଏ କଥା ଆମ ଲେଖାରେ ମଧ୍ୟ ପ୍ରତିଫଳିତ । ଆଧୁନିକ ଭାରତୀୟ ସାହିତ୍ୟ ଏକ ସଙ୍ଗେ ଭାରତୀୟ ଓ ଆଧୁନିକ । ଠିକ୍ ସେହିପରି ଆଧୁନିକ ଓଡ଼ିଆ ସାହିତ୍ୟ ଉଭୟ ଓଡ଼ିଆ ଓ ଆଧୁନିକ ।

ଏହି ପ୍ରସଙ୍ଗରୁ କେତେକ ପ୍ରଶ୍ନ ଉଠେ, ଏ ଆଧୁନିକତାର ଆରମ୍ଭ ହେଲା କେବେ ? ଏହା ଆଧୁନିକ ହେଲା କିପରି ? କେଉଁ କେଉଁ କ୍ଷେତ୍ରରେ ଏହା ମଧ୍ୟଯୁଗୀୟ ଓ ପ୍ରାଚୀନତାଠାରୁ ପୃଥକ୍ ? ଯାହାସବୁ ନୂଆ ସେ ସମସ୍ତ କ'ଣ ଉତ୍କୃଷ୍ଟତର, ଅଧିକ ସୁନ୍ଦର କିମ୍ବା ବହୁକାଳ ସ୍ଥାୟୀ ?

ପ୍ରତିଟି ପିଢ଼ିର ଦାବି ହେଲା ସେ ଗୋଟିକ ପୂର୍ବ ପିଢ଼ି ତୁଳନାରେ ଆଧୁନିକ । ଆମେ ବିଶ୍ୱ ଇତିହାସରେ ଆଧୁନିକ କାଳ କଥା ଚର୍ଚ୍ଚା କଲାବେଳେ ପୁନର୍ଜାଗରଣ ନାମରେ କଥିତ ମହାନ୍ ସାଂସ୍କୃତିକ ଆନ୍ଦୋଳନଠାରୁ ଆରମ୍ଭ କରୁ । ଏହି ଆନ୍ଦୋଳନର ପ୍ରାରମ୍ଭ ଇଟାଲୀରେ, ତା'ପରେ ଫ୍ରାନ୍ସ, ସ୍ପେନ୍, ଇଂଲାଣ୍ଡ ଓ ଜର୍ମାନୀ ଏବଂ ପରିଶେଷରେ ଅନ୍ୟାନ୍ୟ ୟୁରୋପୀୟ ଦେଶମାନଙ୍କରେ । ଉଭୟ ଆମେରିକା ମହାଦେଶ ଆବିଷ୍କାର ଓ ଉପନିବେଶ ସ୍ଥାପନ ପ୍ରାୟ ସେହି ଏକା ସମୟର କଥା । ସମୟକ୍ରମେ ଆମେରିକାନ୍‌ମାନେ ପୁନର୍ଜାଗରଣରେ ସଂଯୁକ୍ତ ହେଲେ । ସେହି ସମୟକୁ ପୁଣି ଏକ ସଂସ୍କାର ଆନ୍ଦୋଳନ ସମାନ୍ତରାଳଭାବରେ ଜର୍ମାନୀ, ଇଂଲାଣ୍ଡ ଓ ଫ୍ରାନ୍ସର କେତେକାଂଶରେ ଦେଖାଦେଲା । ତା'ର ପରିଣତିସ୍ୱରୂପ ଆଧୁନିକ ପୁଞ୍ଜିବାଦ ବିକଶିତ ହେବାକୁ ସୁଯୋଗ ପାଇଲା । ବିଜ୍ଞାନ, ପୁଞ୍ଜିବାଦ ଓ ନୌଯାତ୍ରା ପ୍ରବୃତ୍ତି ଏକତ୍ରିତ ହେବା ଫଳରେ ମଧ୍ୟଯୁଗୀୟ ପୃଥିବୀ ଆଧୁନିକ ରୂପ ନେଲା । ଏହା ଗୋଟିଏ ଦିନରେ ଘଟି ନ ଥିଲା କି ସବୁଆଡ଼େ ଏକାବେଳକେ ସମ୍ଭବ ହୋଇ ନ ଥିଲା । ଏଥିପାଇଁ ରୁଷିଆ ଜାଗ୍ରତ ହେଲା ଅଷ୍ଟାଦଶ ଶତାବ୍ଦୀରେ, ଇଂଲାଣ୍ଡ ଓ ଫ୍ରାନ୍ସ ଜାଗରଣର ଦୁଇ ଶହ ବର୍ଷ ଉତ୍ତାରେ । ଭାରତ, ଚୀନ ଓ ଜାପାନ ଜାଗ୍ରତ ହେଲେ ଊନବିଂଶ ଶତାବ୍ଦୀରେ– ୟୁରୋପୀୟ ଅଗ୍ରଗାମୀ ଦେଶମାନଙ୍କର ତିନି ଶହ ବର୍ଷ ପରେ । ଏହି ରୂପେ ଅଗ୍ରଗାମୀ

Digitized by PPRACHIN, SOA

ୟୁରୋପୀୟ ଦେଶସମୂହ ପୃଥିବୀରେ ଅଗ୍ରଣୀରାଷ୍ଟ୍ରରୂପେ ପରିଚିତ ହେଲେ । ସେମାନେ ସମସ୍ତେ ଥିଲେ ଉଭୟ ପାଶ୍ଚାତ୍ୟ ଓ ଆଧୁନିକ ।

ବ୍ରିଟେନ୍ ଭାରତକୁ ଜୟ କଲା କହିବାଟା ଅର୍ଦ୍ଧ ସତ୍ୟ । ସତ୍ୟର ଅପର ଅର୍ଦ୍ଧାଂଶ ହେଲା 'ଆଧୁନିକ'ର 'ମଧ୍ୟଯୁଗ' ଉପରେ ବିଜୟ । 'ପିଟର୍ ଦି ଗ୍ରେଟ୍'ଙ୍କ ମହାନ୍ ବ୍ୟକ୍ତିତ୍ୱ ମାଧ୍ୟମରେ ରୁଷିଆ ଏ କଥା ଅବଧାରଣ କଲା । ପିଟର୍ ତାଙ୍କ ଦେଶକୁ ଆଧୁନିକୀକରଣ କରି ୟୁରୋପୀୟ ଶକ୍ତିଙ୍କ ଜଳ ଓ ସ୍ଥଳ ଆକ୍ରମଣରୁ ରକ୍ଷା କଲେ । ସେ ରାଜଧାନୀକୁ ମସ୍କୋରୁ ସେଣ୍ଟ୍‌ପିଟର୍ସବର୍ଗ ବା ଆଧୁନିକ ଲେନିନ୍‌ଗ୍ରେଡ୍‌କୁ ଉଠାଇ ଆଣିଲେ । 'କାଥେରାଇନ୍ ଦି ଗ୍ରେଟ୍' ବିଜ୍ଞାନ ଓ ଫରାସୀ ସଂସ୍କୃତିକୁ ଉତ୍ସାହିତ କରିବାଦ୍ୱାରା ସେହି ଆଧୁନିକୀକରଣ ବ୍ୟବସ୍ଥାରେ ଅଗ୍ରଗତି ଘଟାଇଲେ ।

ରୁଷିଆର ସମ୍ଭ୍ରାନ୍ତଗୋଷ୍ଠୀ ଫରାସୀରାଷ୍ଟ୍ରକୁ ଶ୍ରେଷ୍ଠ ଭାଷାଭାବେ ଗ୍ରହଣକରି ଫରାସୀଭାଷାରେ କଥାବାର୍ତ୍ତା କଲେ । ଅଷ୍ଟାଦଶ ଶତାବ୍ଦୀର ଜ୍ଞାନ ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୋଲ୍‌ଟାୟାରଙ୍କ ସଙ୍ଗେ କାଥେରାଇନ୍ ପତ୍ର ବିନିମୟ କଲେ । ଏହି ଜ୍ଞାନ ପ୍ରସାର ପ୍ରକ୍ରିୟା ଫ୍ରାନ୍ସରୁ ଆରମ୍ଭ ହୋଇ ସାରା ୟୁରୋପରେ ବିସ୍ତାରିତ ହେଲା । ରୁଷ ସାହିତ୍ୟ ଫରାସୀ ଦୃଷ୍ଟାନ୍ତ ଯୋଗୁଁ ସମୃଦ୍ଧ ହୋଇ ମଧ୍ୟଯୁଗୀୟ ଆବଦ୍ଧତାରୁ ମୁକ୍ତ ହେଲା । ଏହି ସନ୍ଧିକ୍ଷଣରେ ପ୍ରବର୍ତ୍ତନ କରାଯାଇଥିବା 'ଆଧୁନିକ ସ୍ୱର' ପରବର୍ତ୍ତୀକାଳରେ ବିଶିଷ୍ଟ ଲେଖକ ଟଲଷ୍ଟୟ ଓ ଡଷ୍ଟୋଭସ୍କିଙ୍କଦ୍ୱାରା 'ପାଶ୍ଚାତ୍ୟ' ବୋଲି ସମାଲୋଚିତ ହେଲା । ଯେତେ ଯାହା କୁହନ୍ତୁ ପଛେ ସେମାନେ ନିଜେ ସୁଦ୍ଧା ସେହି ଦୋଷରୁ ମୁକ୍ତ ନ ଥିଲେ । ଫରାସୀଭାଷା ଆଉ ଅଧିକ କାଳ ରୁଷ ଭାଷାଠାରୁ ଉତ୍କୃଷ୍ଟ ବିବେଚିତ ହେଲା ନାହିଁ । ମାତ୍ର ଏହାକୁ ଜର୍ମାନୀ ଓ ଇଂରାଜୀ ଦ୍ୱିତୀୟ ଭାଷାରୂପେ ପରିଗଣିତ କରି ଇଂରାଜୀ ଓ ଜର୍ମାନୀଭାଷାର ସମାନ ସ୍ତରରେ ରଖାଗଲା । ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ଶିକ୍ଷାର ବିସ୍ତାର ଘଟିବାରୁ ରୁଷଭାଷାରେ ଅଧିକରୁ ଅଧିକ ପୁସ୍ତକ ଅନୂଦିତ ହେଲା ଏବଂ ରୁଷ ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣି ନ ଥିବା ପାଠକମାନଙ୍କ ପକ୍ଷେ ସୁଦ୍ଧା ଇଂରାଜୀ, ଫ୍ରେଞ୍ଚ ଓ ଜର୍ମାନୀ ଭାଷାରେ ଲେଖାଥିବା ଶ୍ରେଷ୍ଠ ରଚନାଗୁଡ଼ିକୁ ପଢ଼ିବାକୁ ସୁବିଧା ହେଲା । କଳାର ଅଗ୍ରଗତି ନିମନ୍ତେ ସେମାନେ ଚାହିଁଲେ ଇଟାଲୀ ଓ ଫ୍ରାନ୍ସ ଆଡ଼େ । ପୁଣି ଜ୍ଞାନର ସବୁଠୁ ନୂତନ ତଥ୍ୟ, ବିଜ୍ଞାନ ଓ ବ୍ୟାବହାରିକ ବିଦ୍ୟାର ଅଗ୍ରଗତି ଜାଣିବାକୁ ଦୃଷ୍ଟିଦେଲେ ଜର୍ମାନୀ ଓ ଇଂଲଣ୍ଡକୁ । ରାଜନୈତିକ ଓ ଅର୍ଥନୈତିକ ଚିନ୍ତାଧାରା ଆସିଲା ବହୁଳାଂଶରେ ଇଂଲାଣ୍ଡ ଆଉ ଫ୍ରାନ୍ସ ଦେଶରୁ ।

Digitized by PPRACHIN, SOA

ସେହିଭଳି ଏକ ରୂପାନ୍ତର ବ୍ରିଟିଶ ଶାସନ ଜରିଆରେ ଭାରତରେ ଦେଖାଦେଲା । ବ୍ରିଟିଶମାନେ ବୈଦେଶିକ ଥିବା ଯୋଗୁଁ ସାଧାରଣ ଲୋକଙ୍କଠାରୁ ଅଲଗା ରହୁଥିଲେ । ବାସ୍ତବ କ୍ଷେତ୍ରରେ ସେମାନେ ଇଂରାଜୀ ଢାଞ୍ଚାରେ ଶାସନ ଚଳାଇ ଏ ଦେଶରୁ ପୁରାତନ ସାମନ୍ତବାଦର ବିଲୋପ ସାଧନ କଲେ । ରାଜାଙ୍କ ଦରବାର ଥିଲା ସୁଦୂର ଲଣ୍ଡନରେ । ଉଭୟ ପକ୍ଷ ଯଥେଷ୍ଟ ଦୂରତ୍ୱ ବଜାୟ ରଖିଲେ । ଏହାର ମୁଖ୍ୟ କାରଣ ଥିଲା ସେମାନଙ୍କ ମଧ୍ୟରେ ଥିବା ଧର୍ମଗତ ଓ ଜାତିଗତ ବିଭେଦ । ବର୍ଣ୍ଣବୈଷମ୍ୟ ମଧ୍ୟ ଥିଲା ଆଉ ଏକ ଅନ୍ତରାୟ । ସେ ଯାହାହେଉନା କାହିଁକି, ଉଚ୍ଚମନା ଇଂରେଜ ଗୋଷ୍ଠୀ ଓ ଭାରତୀୟଙ୍କ ମଧ୍ୟରେ ଏକ ସେତୁ ବନ୍ଧାଗଲା ଉଚ୍ଚ ରାଜକର୍ମଚାରୀମାନଙ୍କ ସଂସ୍କୃତ, ପାର୍ଶୀ, ବଙ୍ଗଳା ଓ ଅନ୍ୟାନ୍ୟ ଭାରତୀୟ ଭାଷା ଶିକ୍ଷା ମାଧ୍ୟମରେ ଏବଂ କେତେକ ନେତୃସ୍ଥାନୀୟ ଭାରତୀୟଙ୍କ ଇଂରାଜୀ ଭାଷା ଶିକ୍ଷାଯୋଗୁଁ । ରୁଷ ଦେଶ ପରି ବଙ୍ଗଳାରେ ରାଜଧାନୀ ମଧ୍ୟଯୁଗୀୟ ମୁର୍ଶିଦାବାଦରୁ ଆଧୁନିକ କଲିକତା ନଗରୀକୁ ସ୍ଥାନାନ୍ତରିତ ହେଲା । ଫଳରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ରାଜଧାନୀରୁ ପୃଥିବୀର ଅନ୍ୟାନ୍ୟ ଅଗ୍ରଗାମୀ ଦେଶମାନଙ୍କ ସଙ୍ଗେ ସମୁଦ୍ରପଥର ସଂଯୋଗ ରକ୍ଷାକରିବା ସୁବିଧାଜନକ ହେଲା । ବିଗତ ବହୁ ଶତାବ୍ଦୀ ପରେ ବଙ୍ଗଳାର ଲୋକ ନୂଆକରି ହିନ୍ଦୁରକ୍ଷଣଶୀଳତାକୁ ଏଡ଼ାଇ ସମୁଦ୍ରଯାତ୍ରା ଆରମ୍ଭ କଲେ । ଏହା ମଧ୍ୟ ରାଜଧାନୀ ସ୍ଥାନାନ୍ତର ସଦୃଶ ଆଧୁନିକତାର ଆଉ ଏକ ପୂର୍ବାଭାସ । କଲିକତା ସାଙ୍ଗକୁ ଆଉ ଦୁଇଟି ଉପକୂଳବର୍ତ୍ତୀ ନଗରୀ ବ୍ରିଟିଶମାନଙ୍କଦ୍ୱାରା ଗଢ଼ିଉଠିଲା ବା ଉନ୍ନତ କରାହେଲା । ସେ ଦୁଇଟି ହେଲେ ମାନ୍ଦ୍ରାଜ ଆଉ ବମ୍ବେ । ସେ ଦୁଇଟିଯାକ ପ୍ରାଦେଶିକ ରାଜଧାନୀ ହେଲେ । କାଳକ୍ରମେ କଲିକତା ବ୍ରିଟିଶ ସାମ୍ରାଜ୍ୟର ରାଜଧାନୀରେ ପରିଣତ ହେଲା । ଭାରତ ଇତିହାସରେ ପ୍ରଥମଥରପାଇଁ ଭାରତବର୍ଷ ଉତ୍ତର-ଭାରତୀୟ ଅନ୍ତଃସ୍ଥଳରୁ ଶାସିତ ନ ହୋଇ ପୂର୍ବାଞ୍ଚଳ ସମୁଦ୍ର ଉପକୂଳରୁ ଶାସିତ ହେଲା । ଏ ମଧ୍ୟ ଥିଲା ଭାରତୀୟ ପରମ୍ପରାରୁ ଏକ ବିଚ୍ୟୁତି । କଲିକତା, ବମ୍ବେ, ମାନ୍ଦ୍ରାଜ ମୂଳତଃ ବାଣିଜ୍ୟିକ ବନ୍ଦରରୂପେ ଉଦ୍ଦିଷ୍ଟ ଥିଲେ ମଧ୍ୟ କାଳକ୍ରମେ ଶାସନ ମହକୁମା ଓ ପରେ ପରେ ଶିକ୍ଷା ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ରରେ ପରିଣତ ହେଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ ଘଟିଲା ।

ପୃଥିବୀ ଉପରେ ପ୍ରବାହିତ ପରିବର୍ତ୍ତନର ବାୟୁ କୌଣସି ଏକ ଦେଶକୁ ସବୁଦିନପାଇଁ ପୃଥକ୍ କରି ରଖି ନ ପାରେ । ଆଗେ ହେଉ ବା ପଛେ ହେଉ ପ୍ରତ୍ୟେକ ଦେଶ ଆପଣାର ଧାରା ବଦଳାଇ ମଧ୍ୟଯୁଗରୁ ଆଧୁନିକରେ ପରିବର୍ତ୍ତିତ

Digitized by PPRACHIN, SOA

ହେବା ନିଶ୍ଚିତ । ଆଭ୍ୟନ୍ତରୀଣ ସ୍ପନ୍ଦନ ନ ଥିଲେ ହେଁ ବହିରାଗତ କମ୍ପନ ରହିବା ସ୍ୱାଭାବିକ । ଭାରତ ପରି ଏକ ରକ୍ଷଣଶୀଳ ଦେଶ ଯେଉଁଠାରେ କି ପିଟର୍‌ଙ୍କ ଆଦର୍ଶ ଅନୁସରଣ କରିବା ପରିବର୍ତ୍ତେ କୌଣସି ହିନ୍ଦୁଜାତି ହରାଇବା ଭୟରେ ଦରିଆପାରି ହୁଅନ୍ତି ନାହିଁ, କିମ୍ବା ୟୁରୋପର ଅଗ୍ରଗାମୀ ଜାତିମାନଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ଚାହାନ୍ତି ନାହିଁ, ସେ ସ୍ଥଳରେ ୟୁରୋପୀୟ ବଣିକଜାତିମାନଙ୍କ ପକ୍ଷେ ଭାରତକୁ ଜଳପଥ ଆବିଷ୍କାର କରି ବାଣିଜ୍ୟ କରୁ କରୁ ରାଜ-ଶକ୍ତି-ଶୂନ୍ୟତା ଦେଖି ଶାସନ କରି ବସିବା ସହଜସାଧ ବ୍ୟାପାର ଥିଲା । ପ୍ରକୃତପକ୍ଷେ ନୂତନ ଧାରଣା ଓ ନୂତନ ଚାଲିଚଳଣି ସେମାନଙ୍କ ସଙ୍ଗେ ସଙ୍ଗେ ଏ ଦେଶକୁ ଆସିଲା ଏବଂ ବ୍ୟାପିଗଲା । ଆମେ ତାକୁ 'ନୂତନ ବିଦ୍ୟା' ନାମରେ ଅଭିହିତ କରିପାରୁ । ଆମର ଲୋକେ ତାହା ଶିଖିବାକୁ ଚାହୁଁଥିଲେ । ଦରିଆପାରି ନ ଯାଇ ସୁଦ୍ଧା ଶିକ୍ଷାଲାଭ ନିମନ୍ତେ ତାହାହିଁ ଥିଲା ଏକମାତ୍ର ପନ୍ଥା । ପାଶ୍ଚାତ୍ୟ ଢାଞ୍ଚାରେ ଗଠିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନ ଭାରତୀୟ ଭୂମିରେ ପ୍ରତିଷ୍ଠିତ ହେଲା ।

ଐତିହାସିକ ଗବେଷଣାରୁ ଏହି ତଥ୍ୟ ଉଦ୍‌ଘାଟିତ ହୋଇଛି ଯେ ଇଂରାଜୀ ଓ ଅନ୍ୟାନ୍ୟ ଆଧୁନିକ ବିଷୟଗୁଡ଼ିକୁ ଇଂରାଜୀ ମାଧ୍ୟମରେ ଶିକ୍ଷା କରିବା ନିମନ୍ତେ ବିଦ୍ୱାନ୍ ହିନ୍ଦୁ ସମ୍ପ୍ରଦାୟ କଲିକତାରେ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଉଦ୍ୟମ କରିଥିଲେ । ସେ କାଳରେ ସରକାରୀ ଭାଷା ଥିଲା ପାର୍ଶୀ । ତେଣୁ କେହି ୟୁରୋପୀୟ ପରିଚାଳିତ ବ୍ୟବସାୟ ପ୍ରତିଷ୍ଠାନରେ କିରାଣିଗିରି କରିବାକୁ ନ ଚାହିଁଲେ ଇଂରାଜୀ ଶିକ୍ଷା ଦରକାର କରୁ ନ ଥିଲେ । ଭାରତ ବାସିନ୍ଦା ୟୁରୋପୀୟ ବା ୟୁରୋପୀୟ ସମ୍ପ୍ରଦାୟଙ୍କ ଶିକ୍ଷା ନିମନ୍ତେ ସେମାନେ କଲିକତାରେ କେତୋଟି ବିଦ୍ୟାଳୟ ସ୍ଥାପନ କରିଥିଲେ । ଆବଶ୍ୟକ ହେଲେ ଭାରତୀୟଙ୍କୁ ମଧ୍ୟ ସେଠାରେ ଇଂରାଜୀ ଶିକ୍ଷା ଦିଆଯାଉଥିଲା । କିନ୍ତୁ ସେଥିପାଇଁ ଥିବା ନିର୍ଦ୍ଦିଷ୍ଟ ବେତନ ଦେବା ଆମ ଲୋକଙ୍କ ଦେୟ ଶକ୍ତି ବହିର୍ଭୂତ ଥିଲା । ସେ କାଳର ସରକାର ରକ୍ଷଣଶୀଳ ହିନ୍ଦୁ ଓ ମୁସଲମାନମାନଙ୍କପାଇଁ ପାରମ୍ପରିକ ଧାରାରେ ସଂସ୍କୃତ ଓ ଆରବୀ ଏବଂ ପାର୍ଶୀ ଶିକ୍ଷା ଦେବା ବ୍ୟବସ୍ଥା କରିଥିଲେ । ମାତ୍ର ସାମସମୟିକ ବିଶ୍ୱପ୍ରତି ଦୃଷ୍ଟି ଦେଉଥିବା ହିନ୍ଦୁ ସମ୍ପ୍ରଦାୟର ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରଗତିବାଦୀ ଗୋଷ୍ଠୀ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ସାର୍ ଏଡ଼ୱାର୍ଡ୍ ହାଇଡ୍ ଇଷ୍ଟ୍‌ଙ୍କୁ ସେମାନଙ୍କ ପକ୍ଷ ସମର୍ଥନ କରିବାକୁ ନିବେଦନ କରିବାରୁ ସେ ଗଭର୍ଣ୍ଣର ଜେନେରାଲଙ୍କ ସଙ୍ଗେ ପରାମର୍ଶ କରି ୧୮୧୬ ମଇ ୧୬ ତାରିଖରେ ଗୋଟିଏ ସଭା କରିବାକୁ ଅନୁମତି ପାଇଲେ । ପ୍ରାୟ ଅର୍ଦ୍ଧଶତାଧିକ ସମ୍ମାନାସ୍ପଦ ହିନ୍ଦୁ ଅଧିବାସୀଙ୍କ ବ୍ୟତୀତ ବହୁ ମୁଖ୍ୟ ପଣ୍ଡିତ ତହିଁରେ

Digitized by PPRACHIN, SOA

ଯୋଗ ଦେଇଥିଲେ । ସେହି ସଭାରେ ପ୍ରାୟ ଅର୍ଦ୍ଧ ଲକ୍ଷ ମୁଦ୍ରା ଚାନ୍ଦା ସୂତ୍ରେ ମିଳିଥିଲା ଏବଂ ଆହୁରି ଅଧିକ ଅର୍ଥଦାନର ପ୍ରତିଶ୍ରୁତି ମିଳିଥିଲା । ଏହି ସଭାର ଏକ ବୈଶିଷ୍ଟ୍ୟ ହେଲା ଯେ ଏହା ଥିଲା ବିଭିନ୍ନ ଜାତିର ବ୍ୟକ୍ତିମାନଙ୍କ ମିଳିତ ସଂଗଠନ ଏବଂ ଏଥିରେ ନିଆଯାଉଥିବା ନିଷ୍ପତ୍ତି ଅନୁସାରେ ବିଭିନ୍ନ ଜାତିର ପିଲାମାନେ ଏକାଠି ଶିକ୍ଷା ପାଇଲେ ବି ଏକତ୍ର ଖିଆପିଆ କରିପାରିବେ ନାହିଁ । ଆଉ ଏକ କଥା ହେଲା, ସଭାରେ ଯୋଗ ଦେଇଥିବା ବିଶିଷ୍ଟ ପଣ୍ଡିତମାନେ ପ୍ରସ୍ତାବଗୁଡ଼ିକୁ ସ୍ୱାଗତଯୋଗ୍ୟ ବୋଲି ଘୋଷଣା କଲେ । ବିଦାୟ ପୂର୍ବରୁ ସାହିତ୍ୟର ଏପରି ନାହିଁ ନ ଥିବା ସାଫଲ୍ୟର ଅଭ୍ୟୁତ୍‌ଥାନ ସେମାନଙ୍କ ଜୀବଦ୍ଦଶାରେ ଘଟୁଥିବାରୁ ଆନନ୍ଦ ପ୍ରକାଶ କଲେ । (ସାର୍ ଏଡ୍‌ୱାର୍ଡ୍ ହାଇଡ୍ ଇଷ୍ଟଙ୍କ ଆର୍ଲ ଅଫ୍ ବକିଂହାମ୍ ସାୟାରଙ୍କୁ ତା ୧୭-୫-୧୮୧୬ରିଖରେ ଲିଖିତ ପତ୍ରରୁ ଉଦ୍ଧୃତ ।)

ଯେଉଁ ଲୋକମାନେ ଆପଣା ଆପଣାର ପିଲାଙ୍କୁ ଇଂରାଜୀ ଶିକ୍ଷା ଦେବାକୁ ଚାହିଁଲେ, ସେମାନେ ସରକାରୀ ସାହାଯ୍ୟ ନ ପାଇଲେ ବି ବ୍ରିଟିଶ ଲୋକଙ୍କ ସମର୍ଥନକ୍ରମେ କଲିକତା ହିନ୍ଦୁ କଲେଜ ପ୍ରତିଷ୍ଠା କଲେ । ପରବର୍ତ୍ତୀ କାଳରେ ବ୍ୟାଙ୍କ ବିପର୍ଯ୍ୟୟଜନିତ କଲେଜ ପାଣ୍ଠି ବାବଦ ସଂଗୃହୀତ ବହୁପରିମାଣ ଅର୍ଥ କ୍ଷତି ଘଟିବାରୁ ସରକାରୀ ସାହାଯ୍ୟ ଲୋଡ଼ା ହେଲା । ସରକାରୀ ଅର୍ଥ ସଙ୍ଗରେ ଆସିଲା ସରକାରୀ ନିୟନ୍ତ୍ରଣ । କେତେକାଳ ଅତିବାହିତ ହେବା ପରେ ସ୍କୁଲ ଶ୍ରେଣୀଗୁଡ଼ିକ କଲେଜ ଶ୍ରେଣୀମାନଙ୍କରୁ ପୃଥକ୍ ହୋଇଗଲା ପରେ ପ୍ରେସିଡେନ୍‌ସି କଲେଜ ନାମରେ ନାମିତ ହୋଇ ଏ କଲେଜଟି ଅଣହିନ୍ଦୁ ଛାତ୍ରଙ୍କପାଇଁ ମଧ୍ୟ ଉନ୍ମୁକ୍ତ ରହିଲା । ମାତ୍ର ସ୍କୁଲଟି ହିନ୍ଦୁ ସ୍କୁଲ ଭାବରେ ହିନ୍ଦୁ ଛାତ୍ରମାନଙ୍କପାଇଁ ସଂରକ୍ଷିତ ରହିଲା । ଅଳ୍ପକାଳ ହେବ ପଶ୍ଚିମବଙ୍ଗ ସରକାର ଅଣହିନ୍ଦୁ ଛାତ୍ରଙ୍କପାଇଁ ଏହାର ଦ୍ୱାର ମୁକ୍ତ କରିଥିଲେହେଁ ଏହାକୁ ମାଇକେଲ ମଧୁସୂଦନଙ୍କ ନାମରେ ନାମିତ କରିବାକୁ ନିଆଯାଇଥିବା ନିଷ୍ପତ୍ତି ହିନ୍ଦୁ ସାମ୍ପ୍ରଦାୟିକ ଚାପ ଫଳରେ ବନ୍ଦ ହୋଇଗଲା ।

ହିନ୍ଦୁ କଲେଜ ମୂଳତଃ ହିନ୍ଦୁ ଛାତ୍ରମାନଙ୍କପାଇଁ ଉଦ୍ଦିଷ୍ଟ ଥିଲେହେଁ ଏହାର ଅଧ୍ୟକ୍ଷ ଥିଲେ ଜଣେ ୟୁରୋପୀୟ ବିଦ୍ୱାନ୍ । ଏହାର ଅଧ୍ୟାପକମାନଙ୍କ ମଧ୍ୟରେ ଥିଲେ ଡେରୋଜିଓ ନାମକ ୟୁରେସିଆନ୍ । ଡି. ଅନ୍‌ସେଲ୍‌ଡ଼େ ନାମକୁ ଲୋକେ ଭୁଲିଗଲେ ବି ଡେରୋଜିଓ ନାମଟି 'ତରୁଣ ବଙ୍ଗ' ଗୋଷ୍ଠୀପାଇଁ ଅମର । ଏହି 'ତରୁଣ ବଙ୍ଗ' ଗୋଷ୍ଠୀଙ୍କ ମଧ୍ୟରେ ଥିଲେ କୃଷ୍ଣମୋହନ ବାନାର୍ଜୀ, ଦକ୍ଷିଣାରଞ୍ଜନ ମୁଖର୍ଜୀ, ରାମଗୋପାଳ ଘୋଷ, ରସିକ କୃଷ୍ଣ ମଲ୍ଲିକ ଓ କାଶିପ୍ରସାଦ ଘୋଷ । ଏହି ଯୁବଗୋଷ୍ଠୀ

Digitized by PPRACHIN, SOA

ଏତେଦୂର ଉତ୍ସାହିତ ହୋଇଗଲେ ଯେ ସେମାନଙ୍କ ଭିତରୁ କେତେ ଜଣ ହିନ୍ଦୁଧର୍ମକୁ ମଧ ତ୍ୟାଗକରି ବସିଲେ । ଆହୁରି ଖରାପ କଥା ହେଲା ବାନାର୍ଜୀ ଗୋମାଂସ ଖାଇଲେ । ସେମାନେ ହିନ୍ଦୁ ସମାଜର ସଂସ୍କାର ବିଧାନ କରିବାକୁ ଚାହୁଁଥିବାରୁ ସେମାନେ କ୍ଷିପ୍ରଗତିରେ ସାମାଜିକ ପୁନର୍ଗଠନର ସପକ୍ଷରେ ଥିଲେ । ସେମାନଙ୍କ ଅଧ୍ୟୟନ ପରିସର ପାଠ୍ୟପୁସ୍ତକ ଓ ପାଠାଗାରର ଗ୍ରନ୍ଥମାନଙ୍କରେ ସୀମିତ ନ ରହି ବହୁଦୂରକୁ ଚାଲିଯାଇଥିଲା । ଥମାସ୍ ପାଇନ୍‌ଙ୍କ 'ଏଜ୍ ଅଫରିଜନ୍' ପୁସ୍ତକର ଏପରି ଚାହିଦା ହେଲା ଯେ ଆମେରିକାରୁ ଏକ ଟଙ୍କା ମୂଲ୍ୟରେ ଆମଦାନୀ କରାହୋଇଥିବା ପୁସ୍ତକଟି ପାଞ୍ଚ ଟଙ୍କା ମୂଲ୍ୟରେ ବିକ୍ରି କରାହେଲା । ଜଣେ ପୁଣି ଯା'ର ବଙ୍ଗଳା ଅନୁବାଦ କରିବସିଲେ । ଏହାର କେତେକ ଅଂଶ ବଙ୍ଗଳା ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେଲା । ଶିଷ୍ୟମାନଙ୍କ ଏ ସବୁ କ୍ରିୟାକଳାପ ଡେରାଜିଓଙ୍କୁ ସମସ୍ତଙ୍କ ପାଖରେ ଚିହ୍ନାଇ ଦେଲା । କାରଣ ଦର୍ଶନ ବିଷୟରେ ତାହାଙ୍କ ପ୍ରଦତ୍ତ ସାପ୍ତାହିକ ସାନ୍ଧ୍ୟ ବକ୍ତୃତାମାଳା 'ସ୍କୁଲ ବୁକ୍ ସୋସାଇଟି'ର ସ୍କୁଲ ଭିତରେ ଚାଲିଥିଲାବେଳେ ପ୍ରାୟ ଦେଢ଼ଶ ଯୁବକ ନିୟମିତ ଶୁଣିବାକୁ ଆସୁଥିଲେ । ସେମାନେ ସମସ୍ତେ ହେତୁବାଦୀ ପାଲଟିଗଲେ । ସେମାନଙ୍କର ରାଜନୀତିକ ବିଚାରାଧାରା ବେନ୍ଥାମଙ୍କ ସଙ୍ଗେ ମିଶିଗଲା ଓ ଆର୍ଥନୀତିକ ଦୃଷ୍ଟଭଙ୍ଗୀ ଆଡାମ ସ୍ମିଥ୍‌ଙ୍କଦ୍ୱାରା ପ୍ରଭାବିତ ହେଲା । ନିଜେ ଡେରୋଜିଓ ଥିଲେ ମାତ୍ର ବାଇଶ ବର୍ଷ ବୟସ୍କ ଜଣେ ଯୁବକ ଏବଂ ଚାକିରିରୁ ବରଖାସ୍ତ ହେବା ପରେ ପରେ ମୃତ୍ୟୁବରଣ କଲେ । ଜଣେ ଶିକ୍ଷକଠାରୁ ସେ ଥିଲେ ଅଧିକ । ସେମାନଙ୍କ ପକ୍ଷରେ ସେ ଥିଲେ ବନ୍ଧୁ ଦାର୍ଶନିକ ଓ ପଥପ୍ରଦର୍ଶକ । ସେ ରଚନା କରିଥିବା ସୁନ୍ଦର କବିତାଗୁଡ଼ିକରେ ଅତୀତ ଭାରତର ମହିମା କୀର୍ତ୍ତିତ ହୋଇଥିଲା ଏବଂ ତାହାଙ୍କ ସମୟଠାରୁ ବହୁତ ଅଗ୍ରବର୍ତ୍ତୀ ଥିଲା ।

ଭାରତରେ ପ୍ରତିଷ୍ଠିତ ବ୍ରିଟିଶ ସରକାରଙ୍କଦ୍ୱାରା ଇଂରାଜୀ ସରକାରୀ ଭାଷାରୂପେ ସ୍ୱୀକୃତ ହେବାପୂର୍ବରୁ ଓ ମାକଲେଙ୍କ ସୁପାରିସକ୍ରମେ ସ୍କୁଲ କଲେଜରେ ଇଂରାଜୀଭାଷା ଶିକ୍ଷା ପ୍ରବର୍ତ୍ତନ ହେବାପୂର୍ବରୁ ଏସବୁ ଘଟଣା ଘଟିଯାଇଥିଲା । ସେ କାଳରେ ୟୁରୋପୀୟ କର୍ତ୍ତୃପକ୍ଷ ଦୁଇ ଭାଗରେ ବିଭକ୍ତ ହୋଇଥିଲେ । ଦଳେ ହେଲେ ପ୍ରାଚ୍ୟବାଦୀ । ସେମାନଙ୍କ ମତରେ ଭାରତୀୟମାନେ ସଂସ୍କୃତ ଟୋଲ୍ ଓ ମଦ୍ରାସାଗୁଡ଼ିକୁ ସାମାନ୍ୟ ପରିବର୍ତ୍ତନ ସହ ରଖନ୍ତୁ । ଆଉ ଦଳକ ଥିଲେ ଇଂରାଜୀବାଦୀ । ସେମାନଙ୍କ ମତରେ ଭରତୀୟମାନେ ଇତିହାସ, ଭୂଗୋଳ, ପଦାର୍ଥବିଦ୍ୟା, ରସାୟନ ବିଜ୍ଞାନ ଓ ଗଣିତ ଆଦି ବ୍ୟବହାରୋପଯୋଗୀ ବିଷୟମାନ ସଂସ୍କୃତ, ପାର୍ଶୀ ବା ଆରବୀ ମାଧ୍ୟମରେ ପଢ଼ି ହେଉ ନ ଥିବାରୁ କେବଳ ଇଂରାଜୀ ମାଧ୍ୟମରେ ପଢ଼ନ୍ତୁ । ଅନେକ

Digitized by PPRACHIN, SOA

ଭାରତୀୟ ଉଭୟ ପକ୍ଷରେ ଥିଲେ । ମାତ୍ର କ୍ରମେ କ୍ରମେ ଭାରତୀୟ ଜନମତ ବ୍ୟବହାରୋପଯୋଗୀ ବିଷୟ ଅଧ୍ୟୟନପାଇଁ ଆଗ୍ରହୀ ହେବାରୁ ଇଂରାଜୀ ସପକ୍ଷରେ ଗଲା । ଯେଉଁମାନେ ଇଂରାଜୀପାଇଁ ପ୍ରଚାର କଲେ ସେମାନେ ମଧ୍ୟ ଟୋଲ୍ ବା ମଦ୍ରାସାରେ ଶିକ୍ଷା ଦିଆ ନ ଯାଇ ପ୍ରାଥମିକ ସ୍ତରରେ ପାଠଶାଳା ଓ ଚାଟଶାଳୀରେ ଶିକ୍ଷା ଦିଆଯାଉଥିବା ଭାରତୀୟ ଭାଷାଗୁଡ଼ିକ ସମ୍ବନ୍ଧରେ ସୁପାରିସ କଲେ । ନୂତନ ସ୍କୁଲଗୁଡ଼ିକ ନିମ୍ନଶ୍ରେଣୀମାନଙ୍କରେ ବଙ୍ଗଳା ଶିକ୍ଷାର ବ୍ୟବସ୍ଥା କଲେ । ଏହିପରି ଭାବରେ ଇଂରାଜୀ ସହିତ ବଙ୍ଗଳା ପ୍ରଥମଥରପାଇଁ ଆଗକୁ ଆସିଲା । ମାକଲେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ପ୍ରାଚ୍ୟବାଦୀ ଓ ଇଂରାଜୀବାଦୀମାନେ ଦୁଇ ସମାନ ଭାଗରେ ବିଭକ୍ତ ହୋଇଯିବା ଫଳରେ ଏକ ଅଚଳ ଅବ୍ୟବସ୍ଥା ସୃଷ୍ଟି ହେଲା ଓ ମାକଲେଙ୍କ ଇଂରାଜୀ ସପକ୍ଷରେ କାଷ୍ଟିଂ ଭୋଟ ଯୋଗୁଁ ସେ ଅବସ୍ଥା ଦୂର ହେଲା । ସରକାର ମାକ୍‌ଲେଙ୍କ ପରାମର୍ଶ ଗ୍ରହଣ କଲେ । ଶିକ୍ଷାର ନୂତନ ପ୍ରଣାଳୀ ଆନୁଷ୍ଠାନିକଭାବେ ଗୃହୀତ ହେଲା ।

ଏ ହେଲା ୧୮୩୫ ମସିହାର କଥା । ସେତେବେଳକୁ ରାମମୋହନ ରାୟ ଆଉ ନ ଥିଲେ । ସ୍ୱୟଂ ପ୍ରାଚୀନ ପଦ୍ଧତିରେ ଶିକ୍ଷା ପାଇଲେ ବି ସେ ଥିଲେ ନୂତନ ପ୍ରଣାଳୀ ପ୍ରବର୍ତ୍ତନର ଅଗ୍ରଦୂତ । ସାର୍ ଏଡ୍‌ୱାର୍ଡ୍ ହାଇଡ୍‌ଇଷ୍ଟ୍ ସାକ୍ଷାତ୍ କରିଥିବା ପଣ୍ଡିତମାନଙ୍କପରି ତାଙ୍କର ମଧ୍ୟ ବିଶ୍ୱାସ ଥିଲା ଇଂରାଜୀ ମାଧ୍ୟମରେ ଆଧୁନିକ ବିଷୟଗୁଡ଼ିକୁ ଶିକ୍ଷା ଦିଆଯିବାଦ୍ୱାରା ଆମର ନିଜ ସାହିତ୍ୟ ଅଧିକ ସମୁଜ୍ଜ୍ୱଳ, ସାଫଲ୍ୟମଣ୍ଡିତ ତଥା ଉଜ୍ଜୀବିତ ହୋଇପାରିବ । ସେ ପାଶ୍ଚାତ୍ୟବାଦୀ ନ ଥିଲେ ବରଂ ଥିଲେ ଆଧୁନିକପନ୍ଥୀ । ମାତ୍ର ବାସ୍ତବକ୍ଷେତ୍ରରେ ଜଣେ ଆଧୁନିକବାଦୀ କେବେ ପ୍ରାଚ୍ୟ ସଂସ୍କୃତିବାଦୀ ହୋଇପାରିବ ନାହିଁ କିମ୍ବା ବିଶ୍ୱ ସମ୍ପର୍କରେ ମୋଟାମୋଟି ଧାରଣା ଜନ୍ମିବାଭଳି ଏକ ବ୍ୟାପକ ପ୍ରତିଶ୍ରୁତି ଦେଇପାରିବ ନାହିଁ ।

ପୃଥିବୀରେ କେବେ ଜ୍ଞାନର ଗତି ସ୍ଥିର ନ ଥିଲା । ପ୍ରାଚ୍ୟର କବି, ଦାର୍ଶନିକ, ତାର୍କିକ ଓ ଆଇନଜ୍ଞମାନେ ବୌଦ୍ଧିକ ଜଗତକୁ ପ୍ରଭାବିତ କରୁଥିଲେ ଓ ପବିତ୍ରତାର ଆବରଣ ଖୋଲିଯାଉଥିଲା । ଇଟାଲୀରେ ନବଜାଗରଣ ହେବା ଦିନଠାରୁ ପୃଥିବୀରେ ପରିବର୍ତ୍ତନ ଘଟି ଚାଲିଥିଲା । କ୍ରମେ କ୍ରମେ ୟୁରୋପର ଗୋଟିକ ପରେ ଗୋଟିଏ ଦେଶ ଜାଗ୍ରତ ହେଲା ଏବଂ ବିଜ୍ଞାନ ଓ କଳା ରାଜ୍ୟରେ ନବୀନ ଚିନ୍ତାର ଉଦୟ ଘଟିଲା । ପାଶ୍ଚାତ୍ୟରେ ପ୍ରବର୍ତ୍ତିତ ନୂତନ ଜ୍ଞାନ ଅନୁସାରେ ରାମମୋହନ ରାୟ ଥିଲେ ଜଣେ ମାନବବାଦୀ । ଏହା ଅବଶ୍ୟ ତାଙ୍କୁ ଜଣେ ପାଶ୍ଚାତ୍ୟବାଦୀରେ ପରିଣତ କରି ନ ଥିଲା । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ନିଜେ ପ୍ରାଚୀନ ପ୍ରଣାଳୀରୁ ଉଦ୍ଭୂତ ହୋଇ ମଧ୍ୟ ନୂତନ ପ୍ରଣାଳୀକୁ ଆଦର କରି ପ୍ରତିଷ୍ଠା କରିଥିବା କଲେଜଟି ଆଜିର କଲିକତାର

Digitized by PPRACHIN, SOA

ବିଦ୍ୟାସାଗର କଲେଜ । ପ୍ରେସିଡେନ୍‌ସି କଲେଜରେ ଧାର୍ଯ୍ୟ ଫିସ୍ ଆଦି ଦେଇପାରୁ ନ ଥିବା ଛାତ୍ରମାନେ ବିଦ୍ୟାସାଗରଙ୍କ ପ୍ରତିଷ୍ଠିତ କଲେଜକୁ ଯାଉଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ସେ କଲେଜ କେବଳ ହିନ୍ଦୁ ଛାତ୍ରଙ୍କପାଇଁ ସଂରକ୍ଷିତ ଥିଲା । ଅବଶ୍ୟ ଏଥିରେ ଖ୍ରୀଷ୍ଟାନ ଅଧ୍ୟକ୍ଷ ନିଯୁକ୍ତିରେ କୌଣସି ବାଧା ନ ଥିଲା । ଫଳତଃ, ସାଧାରଣ ହିନ୍ଦୁ ପରିବାରଠାରୁ ଦରିଦ୍ରତର ମୁସଲମାନ ପରିବାରର ପିଲାମାନେ ସେ ଦୁଇଟିଯାକ କଲେଜ ଭିତରୁ କୌଣସିଟିରେ ହେଲେ ବି ନାମ ଲେଖାଇପାରିଲେ ନାହିଁ ।

ଉଚ୍ଚଶିକ୍ଷାର ସୂତ୍ରପାତ ହୋଇଗଲା । ନୂତନ ଶିକ୍ଷା ପ୍ରଣାଳୀକୁ ଧନ୍ୟବାଦ । ଏକ ନୂତନ ଶିକ୍ଷିତଗୋଷ୍ଠୀ ଜନ୍ମ ନେଲା ସତ କିନ୍ତୁ ସେସବୁ ପୂରାପୂରି ହିନ୍ଦୁ । ମୁସଲମାନମାନେ ଜାଗ୍ରତ ହେବାବେଳକୁ ହିନ୍ଦୁମାନେ ଦୁଇପୁରୁଷ ଧରି ପ୍ରାୟ ଷାଠିଏ ବର୍ଷ ଆଗରୁ ଆଗେଇ ସାରିଛନ୍ତି । ତେଣୁ ମୁସଲମାନମାନେ ସ୍ୱତନ୍ତ୍ର ବ୍ୟବସ୍ଥା ବ୍ୟତିରେକେ କିପରି ବା ତାଳ ଦେଇପାରନ୍ତେ ?

ନୂତନ ନୀତି ଅନୁଯାୟୀ ପାଟନାରେ ସରକାରୀ କଲେଜଟିଏ ପ୍ରତିଷ୍ଠିତ ହେବାବେଳେ ଉଚ୍ଚଶ୍ରେଣୀର ହିନ୍ଦୁମାନେ ସେମାନଙ୍କ ପିଲାମାନଙ୍କୁ ସେଠାକୁ ପଠାଇବାକୁ ନାସ୍ତି କରିଦେଲେ । ସମାଜର ନିମ୍ନଶ୍ରେଣୀରୁ ଆଗତ ପିଲାଙ୍କ ସଙ୍ଗେ ସେମାନଙ୍କ ପିଲାମାନେ ଏକାଠି ବସି ପଢ଼ିବା ସେମାନେ ପସନ୍ଦ କଲେ ନାହିଁ । ମୁସଲମାନ ଓ ୟୁରେସିଆନଙ୍କ ଭିତରେ ଏପରି କିଛି କୁସଂସ୍କାର ନ ଥିଲା । କଲେଜ ପରିଚାଳନାପାଇଁ ଆବଶ୍ୟକ ଅର୍ଥ ଅନୁପାତରେ ପିଲାଙ୍କ ସଂଖ୍ୟା ଯଥେଷ୍ଟ ନ ହେବାରୁ କଲେଜ ବନ୍ଦ ହୋଇଗଲା । ବହୁକାଳ ପରେ ବିହାରର ନେତାମାନଙ୍କ ନିଦ ଭାଙ୍ଗିଲା । ବିହାରରେ ରେଳପଥର ପ୍ରସାର ଘଟୁଚି ସତ ମାତ୍ର ସବୁଗୁଡ଼ିକ ଚାକିରି ବଙ୍ଗାଳୀମାନଙ୍କ ହାତକୁ ଚାଲିଯାଉଛି । ଯଦି ବିହାରୀମାନେ ଉଚ୍ଚଶିକ୍ଷା ନ ପାଆନ୍ତି ତେବେ ରେଳବାଇ ଚାକିରିପାଇଁ ଯୋଗ୍ୟ ହେବେ ନାହିଁ । ତେଣୁ କଲେଜଟି ପୁନରାୟ ଖୋଲିଲା । ସମାଜର ଉଚ୍ଚଶ୍ରେଣୀର ପିଲାଏ ନିମ୍ନଶ୍ରେଣୀ ପିଲାଙ୍କ ସଙ୍ଗେ ବସିଲେ । ଏହିପରି ରେଳବାଇ ଯୋଗୁଁହିଁ ଗୋଟିଏ ନୀରବ ବିପ୍ଳବ ସମ୍ଭବ ହୋଇପାରିଲା । ଗୋଟିଏ ରେଳଡବା ଭିତରେ ଯାତ୍ରା କରିବାଦ୍ୱାରା ଜାତିଆଣର ବିଲୋପ ଘଟିଲା ଏବଂ ଏହା ମଧ୍ୟ ହିନ୍ଦୁ ସମାଜର ଉଦାରତା ଦିଗରେ ଥିଲା ଏକ ପଦକ୍ଷେପ ।

ଓଡ଼ିଶାପାଇଁ ଆହୁରି କିଛି ଅଧିକ ସମୟ ଲାଗିଲା । ଶତାବ୍ଦୀ ଶେଷ ହେବା ପୂର୍ବେ ରେଳବାଇ ଚାକିରିରେ କିଛି ବାଧବାଧକତା ନ ଥିଲା । କିନ୍ତୁ ରେଳୱେ ଚାକିରିରେ ୟୁରୋପୀୟଙ୍କପାଇଁ ଥିବା ସଂରକ୍ଷିତ ପଦବୀଗୁଡ଼ିକ ବ୍ୟତୀତ ଅନ୍ୟତ୍ର ବଙ୍ଗାଳୀଙ୍କ ପ୍ରାଦୁର୍ଭାବହିଁ ଓଡ଼ିଆମାନଙ୍କୁ ବିଶେଷକରି ଓଡ଼ିଶା ଡିଭିଜନରେ ବାସ

Digitized by PPRACHIN, SOA

କରୁଥିବା ଅଧିବାସୀମାନଙ୍କୁ ଜାଗ୍ରତ କରାଇଲା । କଲିକତାର ହିନ୍ଦୁମାନେ ସାର୍ ଏଡ୍‌ୱାଡ୍ ହାଇଡ୍ ଇଷ୍ଟଙ୍କୁ ଅନୁରୋଧ କଲାଭଳି ଓଡ଼ିଶା ଡିଭିଜନର ଓଡ଼ିଆମାନେ ଡିଭିଜନାଲ କମିସନର ଟି.ଇ. ରେଭେନ୍‌ସାଙ୍କୁ ସାକ୍ଷାତ୍ କରି କଟକରେ ଏକ କଲେଜ ପ୍ରତିଷ୍ଠାପାଇଁ ଜଣାଇଲେ ।

ମିଷ୍ଟର ରେଭେନ୍‌ସା ତାହାଙ୍କ ଉଦ୍ୟମରେ ସଫଳ ହେଲେ । ତେଣୁ କୃତଜ୍ଞତାର ନିଦର୍ଶନ ସ୍ୱରୂପ କଲେଜଟିକୁ ତାଙ୍କରି ନାମରେ ନାମିତ କରାଗଲା । ସ୍ୱାଧୀନତା ପ୍ରାପ୍ତିପରେ ସୁଦ୍ଧା ଓଡ଼ିଆମାନେ ସେ ନାମରେ ପରିବର୍ତ୍ତନ କରି ନାହାନ୍ତି; ମାତ୍ର ବଙ୍ଗାଳୀମାନେ ସେପରି ନାମ ପରିବର୍ତ୍ତନ ଘଟାଇଛନ୍ତି । ତା'ର ଦୃଷ୍ଟାନ୍ତ ହେଉଛି ରିପନ୍ କଲେଜ । ରେଭେନ୍‌ସାଙ୍କ ପୃଷ୍ଠପୋଷକତାର ସ୍ମୃତି ପ୍ରତି ଏହାହିଁ ଓଡ଼ିଆମାନଙ୍କ ଅନୁରକ୍ତିର ସଙ୍କେତ ।

ବଙ୍ଗଳା, ବିହାର ଓ ଓଡ଼ିଶାର କଲେଜମାନଙ୍କରେ ଅଧ୍ୟୟନ କରୁଥିବା ଯୁବଗୋଷ୍ଠୀଙ୍କର ସରକାରୀ ଚାକିରି ଲକ୍ଷ୍ୟଥିଲେ ହେଁ ଦରିଆପାରି ନ ହୋଇ ମଧ ଆପଣା ଦେଶ ମଧରେ ଥାଇ ପ୍ରଚଳିତ ଶିକ୍ଷାବ୍ୟବସ୍ଥାର ସର୍ବୋତ୍କୃଷ୍ଟ ସୁଯୋଗ ଲାଭ କରିପାରିଥିଲେ । ସେମାନଙ୍କ ମଧରୁ କେତେକ ଥିଲେ ବେଶ୍ ପରିମାଣରେ ଦୁଃସାହସୀ ଓ ଜାତି ହରାଇବା ଭୟ ନ ରଖି ଥିଲେ ନିର୍ଭୀକ । ସେହି ନିର୍ଭୀକ ସାହସୀ ଯୁବକମାନେ ଇଂଲଣ୍ଡ ଅଭିମୁଖେ ସମୁଦ୍ର ଯାତ୍ରା କଲେ, ଇଂରେଜମାନଙ୍କ ସଙ୍ଗେ ପ୍ରତିଯୋଗିତା କରି ଭାରତୀୟ ସିଭିଲ୍ ସର୍ଭିସ୍ ସଦସ୍ୟଭାବେ ଦେଶକୁ ଫେରିଲେ । ତଦବଧି ଏ କାର୍ଯ୍ୟ ଥିଲା ୟୁରୋପୀୟମାନଙ୍କର ଏକଚାଟିଆ । ସେମାନଙ୍କ ମଧରୁ ଆଉ କେତେ ଜଣ ବାରିଷ୍ଟରୀ ପାସ୍‌କରି ଫେରିବା ପରେ ନବ ପ୍ରତିଷ୍ଠିତ ହାଇକୋର୍ଟମାନଙ୍କରେ ଓକିଲାତି କଲେ । ଆହୁରି କେତେକ ବ୍ୟକ୍ତି ବ୍ରିଟିଶ ବିଶ୍ୱବିଦ୍ୟାଳୟମାନଙ୍କରୁ ଡିଗ୍ରୀ ଧରି ଆସିବାପରେ କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟ ଓ ଶିକ୍ଷାବିଭାଗୀୟ ଚାକିରିରେ ଯୋଗଦେଲେ । ତେଣୁ ଶିକ୍ଷିତ ଗୋଷ୍ଠୀଙ୍କ ମଧରେ ଅନ୍ୟ ଏକ ଆଭ୍ୟନ୍ତରୀଣ ଶିକ୍ଷିତ ସମାଜର ଆବିର୍ଭାବ ହେଲା । ସେମାନଙ୍କ ମଧରୁ କେତେ ଜଣ ସ୍ୱାଧୀନ ଜୀବନଯାପନ ଉଦ୍ଦେଶ୍ୟରେ ସରକାରୀ ଚାକିରି ବାହାରେ ରହି ଦେଶସେବା କରିବାକୁ ପସନ୍ଦ କଲେ । ସେମାନଙ୍କ ମଧରୁ କେତେ ଜଣ ସମ୍ବାଦପତ୍ର ସମ୍ପାଦନା କଲେ, କେହି ସଂଘ ଗଢ଼ିଲେ ଓ କେହି କେହି ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା କଲେ । ସେମାନେ ଓ ଚାକିରିରେ ଥିବା ସେମାନଙ୍କ ବନ୍ଧୁମାନେ ସମାଜ ସଂସ୍କାର ଆନ୍ଦୋଳନରେ ଝାସ ଦେଲେ । ଭାରତ ତତ୍ତ୍ୱ ଓ ପ୍ରତ୍ନତତ୍ତ୍ୱର ପ୍ରଗତି ସଙ୍ଗେ ସଙ୍ଗେ ଭାରତର ହିନ୍ଦୁ ଓ ବୌଦ୍ଧମାନଙ୍କ ଗୌରବୋଜ୍ଜ୍ୱଳ

Digitized by PPRACHIN, SOA

ଅତୀତ ଉନ୍ମୋଚିତ ହେଲା । କେବଳ ଖ୍ରୀଷ୍ଟିଆନ୍ ପାଦ୍ରି ମତବାଦୀଙ୍କ ବ୍ୟତୀତ ଅନ୍ୟାନ୍ୟ ପାଶ୍ଚାତ୍ୟ ଚିନ୍ତାଶୀଳ ବ୍ୟକ୍ତିଙ୍କ ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହୋଇ ପ୍ରଶଂସିତ ହେଲା । ପାଶ୍ଚାତ୍ୟ ଜଗତର ବ୍ରହ୍ମବାଦୀମାନେ ଭାରତକୁ ଆସି ମାନ୍ଦ୍ରାଜର ଆଡ଼ାୟାରଠାରେ ସେମାନଙ୍କ ମୁଖ୍ୟ କେନ୍ଦ୍ର ସ୍ଥାପନ କଲେ । ହିନ୍ଦୁମାନଙ୍କୁ ଧର୍ମ ଶିକ୍ଷାଦେବା ସେମାନଙ୍କ ଲକ୍ଷ୍ୟ ନ ଥିଲା, ବରଂ ହିନ୍ଦୁ ଓ ବୌଦ୍ଧମାନଙ୍କଠାରୁ ଶିକ୍ଷା ଲାଭ କରିବା ଥିଲା ସେମାନଙ୍କ ଅଭିପ୍ରାୟ । ସ୍ୱାମୀ ବିବେକାନନ୍ଦ ଆମେରିକା ଗଲେ ଓ ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଗଲା । ସେଠାକାର ଲୋକେ ତାଙ୍କର ଭାଷଣ ସମ୍ମାନର ସହିତ ଶୁଣିଲେ । ପାଶ୍ଚାତ୍ୟ ଐତିହାସିକଗଣ ଭାରତୀୟ-ଆର୍ଯ୍ୟମାନଙ୍କ ଅତୀତକୁ ଭାରତୀୟ-ଆର୍ଯ୍ୟ ଓ ୟୁରୋପୀୟ-ଆର୍ଯ୍ୟମାନଙ୍କ ମଧ୍ୟରେ ସଂଯୋଗ ରକ୍ଷାପୂର୍ବକ ପୁନର୍ଗଠନ କଲେ । ଏକାଭଳି ସାଦୃଶ୍ୟଥିବା ଐତିହାସିକ ପୃଷ୍ଠଭୂମିରେ ସୃଷ୍ଟ ଭାଷାବର୍ଗର ଉତ୍ପତ୍ତିସ୍ଥଳ ସମାନ ବୋଲି ସୂଚିତ ହେଲା । ଭାଷାଗତ ସାଦୃଶ୍ୟକୁ ଜାତିଗତ ସାଦୃଶ୍ୟଭାବରେ ବ୍ୟାଖ୍ୟା କରାଗଲା । ବିଶେଷ ଗୁରୁତ୍ୱର ସହିତ ସଂସ୍କୃତ ପଠିତ ହେଉଥିବା ଜର୍ମାନୀ ଦେଶରେ ଭାରତୀୟମାନଙ୍କୁ ଖୋଲାଖୋଲି ଭାବରେ ବନ୍ଧୁରୂପେ ଗ୍ରହଣ କରାଯିବାରୁ ସେମିଟିକ୍ ଜାତିମାନଙ୍କ ଉପରେ ଆର୍ଯ୍ୟ ଆଧିପତ୍ୟ ସ୍ୱୀକୃତ ହେଲା ଓ ଏହି ସ୍ୱସ୍ତିକର ନାଜୀବାଦପାଇଁ ପଥ ପ୍ରସ୍ତୁତ କଲା ।

ପାଶ୍ଚାତ୍ୟ ଜଗତ ଭାରତର ଆର୍ଯ୍ୟ ଅତୀତଦ୍ୱାରା ଅଭିଭୂତ ଥିବାବେଳେ ଦୂର ପ୍ରାଚ୍ୟ ତା'ର ବୌଦ୍ଧ ଅତୀତକୁ ଧରି ଜାଗିଉଠିଲା । କାରଣ ଅୟୁତ ଅୟୁତ ଚୀନ, ଜାପାନ, ଇଣ୍ଡୋଚୀନ ଓ ଇଣ୍ଡୋନେସିଆ ଅଧିବାସୀଙ୍କପାଇଁ ବୁଦ୍ଧଦେବଙ୍କ ଜନ୍ମସ୍ଥଳୀ ଭାରତବର୍ଷ ଥିଲା ଏକ ପବିତ୍ର ଭୂମି । ପ୍ରାଚୀନ ସାଂସ୍କୃତିକ ସଂଯୋଗ ପୁନଃସ୍ଥାପିତ ହେଲା ଏବଂ ଜାପାନୀ ବିଦ୍ୱାନ୍‌ମାନେ ଭାରତ ପର୍ଯ୍ୟଟନରେ ଆସିଲେ । ସ୍ୱାମୀ ବିବେକାନନ୍ଦ ଜାପାନରେ ଆନ୍ତରିକ ସମ୍ବର୍ଦ୍ଧନା ପାଇଲାବେଳେ କଳା ସମାଲୋଚକ ଓକାକୁରା କଲିକତାରେ ଟାଗୋର ପରିବାରରେ ଗୃହ ଅତିଥିର ସମ୍ମାନ ଲାଭ କଲେ । ଏହା ଥିଲା ଭାରତୀୟଙ୍କ ପକ୍ଷେ ପୁନର୍ଜାଗୃତି, ବିଶେଷକରି ହିନ୍ଦୁମାନଙ୍କପାଇଁ । ସେମାନଙ୍କ ପୂର୍ବପୁରୁଷ ତ ପୁଣି ସାମାଜିକ ବାସନ୍ଧକୁ ଅଗ୍ରାହ୍ୟକରି ମାତୃଭୂମି ଛାଡ଼ି ସମୁଦ୍ର ପାରିହୋଇ ବିଦେଶ ଯାଇଥିଲେ । ସଂସ୍କୃତ ବା ପାର୍ଶୀଶିକ୍ଷିତ ପୁରାତନ ପଣ୍ଡିତମାନଙ୍କ ସ୍ଥାନ ମାତ୍ର ପଚାଶ ବର୍ଷ ମଧ୍ୟରେ ଇଂରାଜୀ ଶିକ୍ଷିତ ନବ ବିଦ୍ୱାନ୍‌ମାନଙ୍କଦ୍ୱାରା ପୂର୍ଣ୍ଣ ହୋଇଗଲା । ମାତ୍ର ନବୀନ ବିଦ୍ୱାନ୍‌ମାନଙ୍କ ଦୃଷ୍ଟିଭଙ୍ଗୀ ଏକପ୍ରକାର ନ ଥିଲା । ବିଶ୍ୱ ପ୍ରତି ଦୃଷ୍ଟିଭଙ୍ଗୀରେ ଏମାନେ ବିଭକ୍ତ ଥିଲେ । ଯେଉଁମାନେ ବାହାର ପ୍ରତି, ବିଶେଷତଃ, ପାଶ୍ଚାତ୍ୟାଭିମୁଖୀ ଥିଲେ, ସେମାନେ ପାଶ୍ଚାତ୍ୟବାଦୀ

Digitized by PPRACHIN, SOA

ବା ଆଧୁନିକପନ୍ଥୀ ବିବେଚିତ ହେଲେ । ଆଉ ଯେଉଁମାନେ ଅତୀତମୁଖୀ ଥିଲେ, ବିଶେଷକରି ଆର୍ଯ୍ୟ ଅତୀତ ପ୍ରତି ଦୃଷ୍ଟି ଦେଉଥିଲେ, ସେହି 'ଇଣ୍ଡୋଫାଇଲ୍' ବା ଭାରତାନୁରାଗୀମାନଙ୍କୁ ପୁନର୍ଜାଗ୍ରତବାଦୀଙ୍କ ଭୂମିକା ନେବାକୁ ପଡ଼ିଲା ।

'ସ୍ଲାଭୋଫାଇଲ୍' ଶବ୍ଦ ଅନୁସାରେ ମୁଁ 'ଇଣ୍ଡୋଫାଇଲ୍' ଶବ୍ଦଟି ସୃଷ୍ଟି କରିଛି । ସେହି ସମୟ ମଧ୍ୟରେ ରୁଷ ଦେଶରେ ବିଦ୍ୱାନ୍‌ମାନେ ଆପଣାକୁ 'ପାଶ୍ଚାତ୍ୟବାଦୀ' ଓ 'ସ୍ଲାଭୋବାଦୀ' (Slavophiles) ଭେଦରେ ବିଭକ୍ତ କରିଥିଲେ । ଟୁର୍ଗେନିଏଭ୍ ଥିଲେ ଜଣେ ପାଶ୍ଚାତ୍ୟବାଦୀ । ଟଲ୍‌ଷ୍ଟୟ ଓ ଡଷ୍ଟୋଭସ୍କି ଥିଲେ 'ସ୍ଲାଭୋବାଦୀ' ଟୁର୍ଗେନିଏଭ୍‌ଙ୍କ ଅଗ୍ରଗାମୀଭାବରେ ଥିଲେ 'ପିଟର୍ ଦି ଗ୍ରେଟ୍' ଓ 'କାଥାରାଇନ୍ ଦି ଗ୍ରେଟ୍' । ଟଲଷ୍ଟୟ ଓ ଡଷ୍ଟୋଭସ୍କିଙ୍କ ପଶ୍ଚାତ୍‌ରେ ଥିଲେ ଖ୍ରୀଷ୍ଟଧର୍ମଭିତ୍ତିକ ଅବିମିଶ୍ର ରୁଷୀୟ ପରମ୍ପରା ସମୂହ ଓ ଗ୍ରାମ୍ୟଗୋଷ୍ଠୀ । ଉଭୟ ପକ୍ଷରେ ବିଶିଷ୍ଟ ଲୋକମାନେ ମଧ୍ୟ ଥିଲେ । ମାତ୍ର ଏ ବିପ୍ଳବ ପୁରାତନ ପନ୍ଥାକୁ ଓଲଟପାଲଟ କରିଦେଲା । ମାର୍କ୍ସବାଦୀମାନେ ନିଶ୍ଚିତରୂପେ ଆଧୁନିକପନ୍ଥୀ ଓ ପାଶ୍ଚାତ୍ୟବାଦୀ: ମାତ୍ର ପାଶ୍ଚାତ୍ୟ ପୁଞ୍ଜିବାଦୀ ଶକ୍ତିଙ୍କୁ ମୁକାବିଲା କଲାବେଳେ ସେମାନେ 'ସ୍ଲାଭୋବାଦୀ' ହୋଇଯାଉଥିଲେ । ସାଧାରଣ ଭାବରେ ଏକଥା ସ୍ୱୀକୃତ ଯେ ରୁଷ ଓ ଭାରତ ଉଭୟ ଦେଶ ଊନବିଂଶ ଶତାବ୍ଦୀରେ ଏକପ୍ରକାର ପୁନର୍ଜାଗରଣ ମଧ୍ୟରେ ଗତି କଲେ । ଗୋଟିଏ ଦେଶ ଥିଲା ଏକଚ୍ଛତ୍ରବାଦୀ ଶାସକ ହସ୍ତରେ ଓ ଅନ୍ୟ ଦେଶଟି ଥିଲା ବିଦେଶୀ ଅମଲାତନ୍ତ୍ର ଅଧୀନରେ । ମାତ୍ର ଉଭୟ ଦେଶରେ ଥିଲେ ନବ ବିଦ୍ୱାନ୍ ଗୋଷ୍ଠୀ । ହୁଏତ ଫରାସୀ ପ୍ରଭାବିତ କିମ୍ବା ଇଂରାଜୀ ପ୍ରଭାବିତ । ଉଭୟ ଦେଶର ପ୍ରତିଷ୍ଠିତ ପ୍ରତିଭାମାନେ ପାଶ୍ଚାତ୍ୟ ୟୁରୋପୀୟ ପଦ୍ୟ ଓ ଗଦ୍ୟ ଉତ୍ତମରୂପେ ଅଧ୍ୟୟନ କରିଥିଲେ । ଜ୍ଞାତ ଓ ଅଜ୍ଞାତସାରରେ ହେଉ ପଛେ ପାଶ୍ଚାତ୍ୟ ପୁରୋଗାମୀମାନଙ୍କଦ୍ୱାରା ହୋଇଥିବା ଅଗ୍ରଗତିକୁ ସେମାନେ ଏଠାରେ ରୂପାୟିତ କଲେ । ଏକଥା ଅବଶ୍ୟ ସତ୍ୟ ଯେ ସେମାନେ ଥିଲେ ହୁଏତ ରୁଷୀୟ ବା ଭାରତୀୟ ପରମ୍ପରାର ଅନୁଗାମୀ । ଆପଣା ଆପଣା ଦେଶର ଅତୀତ ଉପରେ ସେମାନେ ତିଷ୍ଠିଥିଲେ । ଭାରତ କଥା ବିଚାରିଲେ, ତା'ର ଅତୀତ ପରମ୍ପରା ହଜାର ହଜାର ବର୍ଷ ପଛକୁ ଅର୍ଥାତ୍ ବୈଦିକକାଳ ପର୍ଯ୍ୟନ୍ତ ଯିବାକୁ ପଡ଼ିବ । ପ୍ରାୟତଃ, ସମସ୍ତ ହିନ୍ଦୁ ଲେଖକ ଓ ଶିଳ୍ପୀଗଣ ରାମାୟଣ ଓ ମହାଭାରତଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ଠିକ୍ ସେହିପରି ମାଇକେଲ୍ ମଧୁସୂଦନ ଦତ୍ତ ଖ୍ରୀଷ୍ଟାନ୍ ଧର୍ମ ଗ୍ରହଣକରି ସୁଦ୍ଧା ରାମାୟଣ ଓ ମହାଭାରତ ଭିତ୍ତିରେ ମହାକାବ୍ୟମାନ ରଚନା କରିଥିଲେ । ସେ ଗ୍ରହଣ କରିଥିବା ନୂତନ ଧର୍ମ ତାଙ୍କୁ କୌଣସି ପ୍ରକାରେ ତାହାଙ୍କ ପୂର୍ବ ପରମ୍ପରାରୁ ପୃଥକ୍ କରିପାରି ନ ଥିଲା । ତାଙ୍କ

Digitized by PPRACHIN, SOA

ମହାକାବ୍ୟମାନ ପାଠକରି କେହି ସନ୍ଦେହ କରିବ ନାହିଁ ଯେ ସେ ଧର୍ମ ବିଷୟରେ ତାଙ୍କ ପିତାଙ୍କଠାରୁ କୌଣସି ଗୁଣରେ ପୃଥକ୍ ଥିଲେ ବୋଲି ।

ତେବେ ବି ପାର୍ଥକ୍ୟ ଥିଲା । ସେ ହୋମର୍ ଓ ମିଲ୍‌ଟନ୍ ପଢ଼ିଥିଲେ । ତାଙ୍କର ଆକାଙ୍‌କ୍ଷା ଥିଲା ମିଲ୍‌ଟନ୍‌ଙ୍କ ମୁକ୍ତ ଛନ୍ଦରେ ଇଲିଆର୍ଡ୍ ପରି କିଛି ଗୋଟାଏ ଲେଖିବେ । ତାହାଙ୍କ ରାମ, ରାବଣ ଓ ମେଘନାଦଙ୍କର ହୋମର୍‌ଙ୍କ ନାୟକମାନଙ୍କ ସଙ୍ଗେ ଅଦୃଶ୍ୟ ସାମଞ୍ଜସ୍ୟ ଥିଲା । ତାଙ୍କ ମେଘନାଦ ବଧର ଆରମ୍ଭ ହୋମରୀୟ ରୀତିରେ । ରାମାୟଣ ଭିତ୍ତିରେ ଲିଖିତ ପାରମ୍ପରିକ କାବ୍ୟମାନ ଓ ଅନ୍ୟାନ୍ୟ ଭାରତୀୟ ସାହିତ୍ୟରେ ରଚିତ ରଚନାମାନ ଆଗରୁ ଏପରି କେବେ ଲେଖାହୋଇ ନ ଥିଲା । ଉନବିଂଶ ଶତାବ୍ଦୀ ମଧ୍ୟଭାଗରେ ମେଘନାଦ ବଧ ପ୍ରକାଶ ପାଇଲାବେଳେ ଶିକ୍ଷିତ ସାଧାରଣ ଚମକି ପଡ଼ିଲେ । ବଙ୍ଗଳାରେ ଯା’ ପୂର୍ବରୁ କେବେ ଏପରି ଲେଖା ହୋଇ ନ ଥିଲା । ଅତୀତ ସହିତ ଏହାକୁ କିପରି ସମ୍ପୃକ୍ତ କରିହେବ ? ମାଇକେଲ୍ ଆପଣାକୁ ଜଣେ ମହାନ୍ କବି ଭାବରେ ନିଜର ଅଧିକାର ସାବ୍ୟସ୍ତ କରିଦେବା ଫଳରେ ସକଳ ବିବାଦର ଅବସାନ ଘଟିଲା । ଏହି ସ୍ୱୀକୃତି ମିଳିଲା ପ୍ରାଚୀନ ରୀତିର ପଣ୍ଡିତମାନଙ୍କଠାରୁ ଆପେ ଆପେ । ତା’ର କାରଣ ବୋଧହୁଏ ରଚନାଟିରେ ତାଙ୍କର ବଙ୍ଗଳାଠାରୁ ଅଧିକ ଭାଗ ଥିଲା ସଂସ୍କୃତ ।

ଲଘୁ ନାଟକ ଓ ସଙ୍ଗୀତପାଇଁ ଶବ୍ଦ ନିର୍ବାଚନରେ ମାଇକେଲ୍ ବଙ୍ଗାଳୀ ଗୁଣରେ କମ୍ ନ ଥିଲେ । ସେ ଯଦି କେବଳ ଲେଖାଲେଖିରେ ମନୋନିବେଶ କରିଥାଆନ୍ତେ, ତେବେ ଉତ୍ତର ଜୀବନରେ ନିଶ୍ଚୟ ଏକ ସନ୍ତୋଷଜନକ ସ୍ତରରେ ପହଞ୍ଚି ଥାଆନ୍ତେ । ମାତ୍ର ଇଂରାଜୀ ଭାଷାରେ କବିହୋଇ ନ ପାରନ୍ତୁ ପଛେ, ତାଙ୍କର ଇଂଲାଣ୍ଡ ଯାତ୍ରା ଆକାଙ୍‌କ୍ଷା ପୂରଣ ହୋଇଯାଆନ୍ତେ ସେ ପ୍ରାୟତଃ ଲେଖାଲେଖି ବନ୍ଦ କରିଦେଲେ । କଲିକତା ହାଇକୋର୍ଟରେ ବାରିଷ୍ଟରୀ କରିବାପାଇଁ ବୃଥାରେ ଜୀବନ ସଂଗ୍ରାମରତ ରହିଲେ । ଶେଷକୁ ଏକ ଭିକ୍ଷୁକ ଭାବରେ ମରିଗଲେ ବି ଜଣେ ରାଜପୁତ୍ରର ଶେଷ ସମ୍ମାନ ଲାଭ କଲେ । ସେ ବଙ୍ଗଳା କବିତାକୁ ଯେତେ ଉଚ୍ଚକୁ ନେଇଗଲେ ତତ୍‌ପୂର୍ବରୁ ତାହା କେବେହେଲେ ଏତେ ଦୂରକୁ ଯାଇ ନ ଥିଲା ।

ମାଇକେଲ୍ ପଦ୍ୟରେ ଯେତିକି ଗୌରବ ଅର୍ଜନ କଲେ, ଔପନ୍ୟାସିକ ଓ ପ୍ରାବନ୍ଧିକ ଭାବରେ ବଙ୍କିମଚନ୍ଦ୍ର ଚାଟର୍ଜୀ ଗଦ୍ୟରେ ସେତିକି ସାଫଲ୍ୟର ଅଧିକାରୀ ହୋଇଥିଲେ । ସେ ମଧ୍ୟ ପାଶ୍ଚାତ୍ୟରୁ ବହୁତ କିଛି ଆହରଣ କରିଥିଲେ । ତାଙ୍କର ମଧ୍ୟ ବାସନା ଥିଲା ଇଂରାଜୀରେ ସୁନାମ ଅର୍ଜନ କରିବା । ମାତ୍ର ଅବିଳମ୍ବେ ସେ ବୁଝିପାରିଲେ ଯେ ତାଙ୍କର ପ୍ରତିଭା କେବଳ ବଙ୍ଗଳା ଉପନ୍ୟାସରେ ହିଁ ପୂର୍ଣ୍ଣତା

Digitized by PPRACHIN, SOA

ଲାଭ କରିପାରିବ । ତାହାଙ୍କ ଗନ୍ତାଘରୁ ଗୋଟିକ ପରେ ଗୋଟିଏ ଉପନ୍ୟାସ ନିର୍ଗତ ହେବାରୁ ତଦାନୀନ୍ତନ ଶିକ୍ଷିତ ସମାଜ ତାଙ୍କର ମୂଲ୍ୟ କଳନା କରିବାକୁ ସମର୍ଥ ହୋଇଥିଲେ । ତାହାଙ୍କ ଗଳ୍ପଗୁଡ଼ିକ ପରି ପୂର୍ବରୁ କେବେ ଏପରି ଗଦ୍ୟ ରଚିତ ହୋଇ ନ ଥିଲା । ପ୍ରଥମ ଅବସ୍ଥାରେ ଏଗୁଡ଼ିକ ଥିଲା ସଂସ୍କୃତବହୁଳ । ମାତ୍ର ଅଧିକ କର୍ଷଣ ଫଳରେ ତାଙ୍କର ଗଦ୍ୟ କଥିତ ବଙ୍ଗଳା ପରି ହୋଇଗଲା । ଜୀବନର ଅନ୍ତିମ କାଳକୁ ସେ ହେଲେ ଅଭ୍ୟୁତ୍‌ଥାନବାଦୀ ତଥା ଭାରତବାଦୀ (ଇଣ୍ଡୋଫାଇଲ୍) । ତାହାଙ୍କ ରଚିତ 'ବନ୍ଦେମାତରମ୍' ଜାତୀୟ ମୁକ୍ତି ସଂଗ୍ରାମପାଇଁ ରଣ ହୁଙ୍କାରର କାର୍ଯ୍ୟ କଲା । ନିଜେ ଲେଖକଙ୍କପାଇଁ ଏହା ଥିଲା ଅଦୃଷ୍ଟପୂର୍ବ ।

ରବୀନ୍ଦ୍ରନାଥ ଟାଗୋର ନୂତନ ଶିକ୍ଷାପଦ୍ଧତିରେ ସନ୍ତୁଷ୍ଟ ନ ଥିଲେ । ସେ ଶାନ୍ତିନିକେତନଠାରେ ଭାରତୀୟ ବନ ଆଶ୍ରମ ବିଦ୍ୟାଳୟ ପୁନଃପ୍ରବର୍ତ୍ତନ କଲେ । ମାତ୍ର ନୂତନ ପ୍ରଣାଳୀ ତ୍ୟାଗକରି ପୁରାତନ ପଦ୍ଧତିକୁ ଫେରିଯିବାକୁ ଚାହିଁ ନ ଥିଲେ । ଜ୍ଞାନକ୍ଷେତ୍ରରେ ସତ୍ୟତମ ବିକାଶ ପ୍ରତି ମନ ତାଙ୍କର ଥିଲା ଉନ୍ମୁକ୍ତ - ଯେଉଁ ଦେଶରେ ସେ ବିକାଶ ଘଟିଥାଉ ପଛେ । ବ୍ରାହ୍ମସମାଜର ନେତା ଭାବରେ ରାମମୋହନଙ୍କ ପ୍ରତ୍ୟକ୍ଷ ଉତ୍ତରାଧିକାରୀ ହୋଇଥିବାରୁ ସେ ଥିଲେ ଜଣେ ମାନବବାଦୀ । କିନ୍ତୁ ସେ ମଧ୍ୟ ଆପଣାର ବ୍ରାହ୍ମଣ ପରମ୍ପରା ସମ୍ପର୍କରେ ଥିଲେ ସର୍ବଦା ସଚେତନ । ପ୍ରାଚୀନ ଭାରତ ସହିତ ଆଧୁନିକ ୟୁରୋପର ସଂଯୋଗ ରକ୍ଷାଭଳି କଠିନ କାର୍ଯ୍ୟ ସେ ଆପଣା ହାତକୁ ନେଲେ । ଏହି କାରଣରୁ ମହାତ୍ମା ଗାନ୍ଧିଙ୍କ ପରି ତାଙ୍କ ପକ୍ଷେ ଅସହଯୋଗ ହେବା ସମ୍ଭବ ନ ଥିଲା । ମୁସଲମାନ ଓ ତତ୍ ସଙ୍ଗେ ସଙ୍ଗେ ବ୍ରିଟିଶ ଶାସକଙ୍କ ସହିତ ସହଯୋଗ ରକ୍ଷାଥିଲା ତାଙ୍କର ପାରିବାରିକ ପୃଷ୍ଠଭୂମି । ଭାରତ-ମୁସ୍‌ଲିମ୍ ସାଂସ୍କୃତିକ ସଂଯୋଗ ତାହାଙ୍କ ବିଚାର ପରିସରରେ ପ୍ରବିଷ୍ଟ ହେଲା । କେବଳ କବୀର ନୁହନ୍ତି ଲଲାନ୍ ଫକୀରଙ୍କ ପରି ବାଉଲ୍‌ଙ୍କ ପ୍ରତି ମଧ୍ୟ ସେ ଆକୃଷ୍ଟ ହେଲେ । ଗାଁ-ଗହଳର ଅଧିବାସୀ ସାଧାରଣ ଜନଜୀବନ ପ୍ରତି ସେ ଆକୃଷ୍ଟ ହେଲେ । ତାଙ୍କ ଗଳ୍ପମାନଙ୍କରେ ଏହା ପ୍ରତିଫଳିତ ହେଲା । ସେ ଯାହା ହେଲେ ବି କୃଷକ ଓ ଶ୍ରମିକଙ୍କ ଜୀବନଯାତ୍ରାରେ ଭାଗୀଦାର ହୋଇପାରୁ ନ ଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ ।

ଭାରତର ପୁନର୍ଜାଗରଣ, ବିଶେଷତଃ ଭାରତରେ ସଂଘଟିତ ଘଟନାବଳୀ ଟାଗୋରଙ୍କ ରଚନାରେ ସୁଚାରୁରୂପେ ରୂପାୟିତ ହୋଇଥିଲା । ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ଆପଣାର ନୈପୁଣ୍ୟ ପ୍ରଦର୍ଶନ କଲେ ଏବଂ ତାଙ୍କ ସଙ୍ଗୀତାବଳୀ ସମାଜର ପ୍ରତ୍ୟେକ ସ୍ତରର ଲୋକଙ୍କ ହୃଦୟ ଅଧିକାର କଲା । ଶେଷ ଜୀବନରେ ସେ ଚିତ୍ରକଳା

Digitized by PPRACHIN, SOA

ଓ ଗୀତିନାଟ୍ୟ ସୃଷ୍ଟିରେ ନୂତନ ପଥ ପ୍ରସ୍ତୁତ କଲେ । ଉତ୍ତର-ପୁରୁଷଙ୍କପାଇଁ ସେ ଛାଡ଼ି ଯାଇଥିବା ଅସମାପ୍ତ କାର୍ଯ୍ୟ ଉନ୍ନତ କରି ସମ୍ପୂର୍ଣ୍ଣ କରିବାକୁ ପଡ଼ିବ ।

ଫକୀରମୋହନ ସେନାପତି, ପ୍ରେମଚାନ୍ଦ ଓ ଶରତଚନ୍ଦ୍ର ଚାଟର୍ଜୀ ନିଜ ନିଜର ଆଞ୍ଚଳିକ ଭାଷା ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ମାଧ୍ୟମରେ ଜନସାଧାରଣଙ୍କ ଦିଗରେ ଟାଗୋରଙ୍କଠାରୁ ଅଧିକତର ଅଗ୍ରସର ହୋଇଥିଲେ । ସେମାନେ ପାଶ୍ଚାତ୍ୟବାଦୀ, ଆଧୁନିକପନ୍ଥୀ କିମ୍ବା ପୁନରଭ୍ୟୁଦୟ ଗୋଷ୍ଠୀଭୁକ୍ତ ନ ଥିଲେ, ବରଂ ଥିଲେ ଏକ ନୂତନ ସମ୍ପ୍ରଦାୟ ଭାରତବାଦୀ ବା ଲୋକବାଦୀ ବିଭାଗଭୁକ୍ତ । କହିବାକୁଗଲେ ଭାରତରେ ସାହିତ୍ୟର ଭବିଷ୍ୟତ ଗତି ନିମନ୍ତେ ସେମାନେ ଥିଲେ ପୁରୋରକ୍ଷୀ । ତଦାନୀନ୍ତନ ଭାରତୀୟ ସାହିତ୍ୟ ସମ୍ବନ୍ଧରେ ମୋର ସମ୍ୟକ୍ ଧାରଣା ନ ଥିବାରୁ ସମପର୍ଯ୍ୟାୟଭୁକ୍ତ ଅନ୍ୟାନ୍ୟ ଲେଖକମାନଙ୍କ ନାମ ମୁଁ ଉଲ୍ଲେଖ କରିପାରୁ ନାହିଁ । ଶରତଙ୍କ ପଦାଙ୍କ ଅନୁସରଣ କଲେ ବିଭୂତିଭୂଷଣ ବାନାର୍ଜୀ, ତାରାଶଙ୍କର ବାନାର୍ଜୀ ଓ ମାଣିକ ବାନାର୍ଜୀ । ଶେଷ ଜଣକ ନାମ ମାର୍ଗରେ ବହୁ ଦୂର ଯାଇଛନ୍ତି ।

ଭାରତୀୟ ଲେଖକମାନେ ପୁରାତନ ସଂସ୍କୃତ ବିଦ୍ୱାନ୍ ବାଲ୍ମୀକି, ବ୍ୟାସ, କାଳିଦାସ, ଭବଭୂତି ଓ ବାଣଭଟ୍ଟଙ୍କୁ ଗଦ୍ୟ, ପଦ୍ୟ ବା ନାଟକ ରଚନାର ଆଦର୍ଶ ଭାବରେ ଅନୁସରଣ କରିବା ଆଶା ଥିଲା ସାହିତ୍ୟରେ ପ୍ରାଚୀନତାର ଉଦ୍‌ବୋଧନର ସାରତତ୍ତ୍ୱ । ସେହିପରି ଆଞ୍ଚଳିକ ଭାଷାମାନଙ୍କରେ ପ୍ରାଚୀନ ବଙ୍ଗଳା ଲେଖକ ଚଣ୍ଡୀଦାସ, ମୁକୁନ୍ଦରାମ ଓ ଭାରତଚନ୍ଦ୍ର, ପ୍ରାଚୀନ ଓଡ଼ିଆ ଲେଖକ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ଏବଂ ପ୍ରାଚୀନ ହିନ୍ଦୀ ଲେଖକ ତୁଳସୀ ଦାସ, ସୁର ଦାସ ଓ ବିହାରୀ ଆଦିଙ୍କ ସ୍ଥାନ । ମାତ୍ର ଏ ଆଶା ସଫଳ ହେବା ସମ୍ଭବ ନ ଥିଲା । କାରଣ ସମୟ ବଦଳି ଯାଇଥିଲା ଏବଂ ପାଠକମାନେ ଜାତୀୟ ଅଭ୍ୟୁତ୍‌ଥାନ ନାମରେ ପୁନରାୟ ପ୍ରାଚୀନତା ଦିଗକୁ ଫେରିଯିବାକୁ ଆଦୌ ମନ ବଳାଇ ନ ଥିଲେ ।

ଅନ୍ୟ ପକ୍ଷରେ ପାଶ୍ଚାତ୍ୟବାଦୀମାନେ ଦେଖିଲେ ଶେଲି, କୀଟ୍‌ସ, ଟେନିସନ୍, ବ୍ରାଉନିଂ, ସ୍କଟ୍ ବା ଡିକେନ୍‌ସଙ୍କୁ ଅନୁସରଣ କରିବାରେ ଉତ୍ସାହ ଅନେକ ପରିମାଣରେ କମିଯାଉଛି । ପ୍ରଥମ ବିଶ୍ୱଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶରେ ସଂଘଟିତ ପରିବର୍ତ୍ତନକୁ ଅନୁସରଣ କରିବା କଠିନ ହେଲା ଏବଂ ଯାହା ବି ଘଟୁ ପଛେ, ପାଶ୍ଚାତ୍ୟ ସଭ୍ୟତା ସମ୍ପର୍କରେ କ୍ରମେ ମୋହ ଭଙ୍ଗ ହେଲା । ରୁଷ ବିପ୍ଳବ ପରେ ପରେ ମୁଣ୍ଡ ଟେକି ଉଠିଲା ନୂତନ କଳ୍ପନା । ମାତ୍ର ଯେଉଁମାନେ ବୈପ୍ଳବିକ ସାହିତ୍ୟ ସୃଷ୍ଟିପାଇଁ ଚେଷ୍ଟା କଲେ ସେମାନେ କଳା ଓ ପ୍ରଚାର ମଧ୍ୟରେ କୌଣସି ପାର୍ଥକ୍ୟ ରଖିଲେ ନାହିଁ । ସେମାନଙ୍କ ସାମାଜିକ ବାସ୍ତବତା ଥିଲା ମାର୍କ୍‌ସବାଦୀ ବିଚାର ଧାରାରେ ପରିପୂର୍ଣ୍ଣ । ସାଧାରଣ

Digitized by PPRACHIN, SOA

ପାଠକ ଏ ସବୁଥିରେ କୌଣସି ବିଷୟରେ ଗୁରୁତ୍ୱ ଦେଇ ନ ଥିଲେ । ସେମାନଙ୍କର ପସନ୍ଦ ଥିଲା ମନ ଉଦ୍ଦୀପକ ଜନପ୍ରିୟ ବିଷୟବସ୍ତୁ । ମୌଳିକତାର ଆସ୍ଫାଳନ କରୁଥିଲେହେଁ ଏଥିମଧ୍ୟରୁ ଅଧିକାଂଶ ଥିଲା ପାଶ୍ଚାତ୍ୟ ଗ୍ରନ୍ଥର ସ୍ୱୀକୃତିବିହୀନ ଅନୁସରଣ । ଏଗୁଡ଼ିକର କିଛି ଯଥାର୍ଥ ସାହିତ୍ୟିକ ମୂଲ୍ୟ ନ ଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଏହାହିଁ ଥିଲା ପରିସ୍ଥିତି । ତା'ପରେ ଭାରତୀୟ ସାହିତ୍ୟ ଆଉ ଏକ ନୂତନ ପର୍ଯ୍ୟାୟରେ ପହଞ୍ଚିଲା । ଏହି ପର୍ଯ୍ୟାୟ ଏବେବି ଚାଲିଛି । ଆମର ଲେଖକ ଗୋଷ୍ଠୀ ଏବେ ସେମାନଙ୍କ ଆତ୍ମାର ସନ୍ଧାନରେ । ଏହା ନୂତନ ବାସ୍ତବତା ସହିତ ସମତାଳରେ ଗତି କରୁଥିବାରୁ ଭାରତୀୟମାନଙ୍କ ହୃଦୟର ନିକଟବର୍ତ୍ତୀ ହୋଇପାରିଛି । ତା' ସଙ୍ଗେ ସଙ୍ଗେ ଏହାର ଆବେଦନ ମଧ୍ୟ ବିଶ୍ୱଜନୀନ । ଏହା ପ୍ରାଚ୍ୟ ହେଉ ବା ପାଶ୍ଚାତ୍ୟ ହେଉ ସ୍ଥାୟୀ ମୂଲ୍ୟଗତ କଳାର ଉତ୍କୃଷ୍ଟ ପରମ୍ପରାକୁ ଅନୁସରଣ କରେ । ଆମର ଜୀବନଧାରଣ ଏଇ ପରୀକ୍ଷାର ଯୁଗରେ । ଯେଉଁ ପରୀକ୍ଷାଗୁଡ଼ିକ ସଫଳ ବା ବିଫଳ ଭାବରେ କରାସରିଛି ସେତିକିରେ ଆମେ ସନ୍ତୁଷ୍ଟ ନୋହୁଁ । ଅନ୍ୟ ପକ୍ଷରେ ଯେଉଁ ପରୀକ୍ଷାମାନଙ୍କରେ ସତ୍ୟ ଓ ସୌନ୍ଦର୍ଯ୍ୟର, ପ୍ରେମ ଓ ଶିବର ଅଭାବ ରହିଛି, ପରିଣାମରେ ସେସବୁ ପାଠକ ସମାଜକୁ କେବେ ସନ୍ତୁଷ୍ଟ କରିପାରିବେ ନାହିଁ । ଆଭିଜାତ୍ୟ ସାରବତ୍ତାର ବିକଳ୍ପ ନୁହେଁ । ପୁଣି ଯେଉଁଗୁଡ଼ିକ ମୂଳତଃ କୁହେଳିକାଚ୍ଛନ୍ନ । ସେସବୁ ନିଶ୍ଚିତ ରୂପେ ଆଧୁନିକ ନୁହନ୍ତି । ଆଧୁନିକତା ବିବର୍ତ୍ତନବାଦୀ ପ୍ରବୃତ୍ତି ସହିତ ସଂଯୁକ୍ତ ଏକ ପ୍ରଗତିବାଦୀ ପନ୍ଥା । ଧର୍ମତତ୍ତ୍ୱ, ଦର୍ଶନ, ପୁରାଣ ଓ ଇତିହାସର ପାର୍ଥକ୍ୟ ନିର୍ଦ୍ଧାରଣ, ପ୍ରାକୃତ ଓ ଅତିପ୍ରାକୃତ ବା ମାନବିକ ଓ ଅତିମାନବିକ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣପାଇଁ ଏକ ଯୋଗ୍ୟତା । ଆଧୁନିକ ଯୁଗର ବିଶେଷ ଲକ୍ଷଣ ହେଲା ମାନବବାଦିତା । ଦୁର୍ଭାଗ୍ୟ କ୍ରମେ ଏହା ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ପାରି ଅପୂର୍ଣ୍ଣତାର ପରିପୂର୍ଣ୍ଣ । ଆମେ ଆମ ଅଭିଳଷିତ ଲକ୍ଷ୍ୟରେ ମୋଟେ ପହଞ୍ଚି ନ ପାରୁ ପଛେ, ଅପୂର୍ଣ୍ଣତାରୁ ପୂର୍ଣ୍ଣତା ଆଡ଼କୁ ଯାତ୍ରା କରିବା ଆମର ଲକ୍ଷ୍ୟ ।

ଏହି ଅବସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୋର ବକ୍ତବ୍ୟ ସାଙ୍ଗ କରୁଛି ।

କଲିକତା

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ଦାସ

ଏନ୍. ଜି. ରଂଗା

## ସର୍ବ-ଭାରତୀୟ ନେତା, ନୂତନ ଓଡ଼ିଶା ପ୍ରଦେଶର ଜନକ

କେନ୍ଦ୍ର ବ୍ୟବସ୍ଥାପକସଭାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର ସାଫଲ୍ୟ ତଥା ଅବଦାନ ସମ୍ପର୍କରେ ମୋର ଯୁବକ ବନ୍ଧୁ ତଥା କେନ୍ଦ୍ର ବ୍ୟବସ୍ଥାପକସଭାରେ ଥିବା ମୋର ଘନିଷ୍ଠ ବନ୍ଧୁଙ୍କର ପୁତ୍ର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଚନ୍ଦର ଏକ ମୂଲ୍ୟବାନ୍ ବିବରଣୀ ପ୍ରଦାନ କରିଛନ୍ତି । ଏହି ଯୁବକ, ବିଜ୍ଞ ଗବେଷକ ତଥା ଭୂତପୂର୍ବ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଣ୍ଡିତଜୀଙ୍କୁ ଯେପରି ଭାବରେ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି, ତାହା ବଡ଼ ଯଥାର୍ଥ । ତାଙ୍କର ଉକ୍ତି ହେଲା – '' ପଣ୍ଡିତ ନୀଳକଣ୍ଠଙ୍କର ଋଷିପ୍ରତିମ ବେଶବିନ୍ୟାସରେ ମୁଁ ମୋର ବାଲ୍ୟକାଳରୁହିଁ ଅଭିଭୂତ ହୋଇପଡ଼ିଥିଲି'' ।

ମୁଁ ୧୯୨୫ରେ ଦିଲ୍ଲୀ ଯିବାର ମାତ୍ର ବର୍ଷକ ପୂର୍ବରୁ ୧୯୨୪ରେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପକସଭାରେ ଯୋଗ ଦେଇଥିଲେ । ସେତେବେଳକୁ ସେ ଜଣେ ବରିଷ୍ଠ ବ୍ୟବସ୍ଥାପକ ତଥା ଜାତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ପ୍ରତିଷ୍ଠିତ ହୋଇସାରିଥିଲେ । ସେତେବେଳେ କେନ୍ଦ୍ର ବ୍ୟବସ୍ଥାପକସଭାରେ 'କମନ୍ ୱେଲ୍‌ଥ ବିଲ୍'ଉପସ୍ଥାପିତ ହେବାର ଥାଏ । ସେହି ବିଲ ଅନୁସାରେ ଯେଉଁ ଶାସନତନ୍ତ୍ର ଗଠିତ ହେବାର ଥିଲା; ସେଥିରେ ସାବାଳକ ଭୋଟ ପ୍ରଥା ଅନୁଯାୟୀ ସବୁ ଯୁବକ, ଯୁବତୀଙ୍କୁ ଭୋଟ ଅଧିକାର ମିଳିବାର ବ୍ୟବସ୍ଥା ରହିବାପାଇଁ ମୁଁ ପ୍ରଚାର କରୁଥିଲି ଓ ସେଥିଲାଗି ଦିଲ୍ଲୀ ଯାଇଥିଲି । ସେତେବେଳେ ପଣ୍ଡିତ ନୀଳକଣ୍ଠ ସ୍ୱରାଜ୍ୟ ପାର୍ଟିର ସେକ୍ରେଟାରୀ ଥିଲେ ଏବଂ ମୋତିଲାଲ ନେହରୁ ଓ ଶ୍ରୀନିବାସ ଆୟାଙ୍ଗାର ଯଥାକ୍ରମେ ଏହି ଦଳର ଦଳପତି ସଭାପତି ଓ ଉପଦଳପତି ଥିଲେ । ମୁଁ ୧୯୩୫ରେ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟ ଭାବେ ଯୋଗ ଦେଲାବେଳକୁ ପଣ୍ଡିତ ନୀଳକଣ୍ଠଙ୍କ ଦାଢ଼ିରେ କେତୋଟି କିରଣ ଧଳା ହୋଇ ତାଙ୍କୁ ବଡ଼ ସୁନ୍ଦର ମାନୁଥିଲା ଓ ସେତେବେଳକୁ ସେ ଦଳର ତତ୍‌କାଳୀନ ଦଳପତି ଚନ୍ଦାମୁଣ୍ଡିଆ ବୁଲାଭାଇ ଦେଶାଇଙ୍କଠାରୁ ମଧ୍ୟ ଅଧିକ ବର୍ଷିୟାନ୍ ଦେଖାଯାଉଥିଲେ । ଅବଶ୍ୟ ବନାରସ ଋଷିବାବୁ  ଭଗବାନ୍ ଦାସଙ୍କ ଠାରୁ ସେ

Digitized by PPRACHIN, SOA

ସାମାନ୍ୟ କନୀୟାନ୍ ପ୍ରତୀତ ହେଉଥିଲେ । ତେଣୁ ଡାକ୍ତର ପି.ସି.ଚନ୍ଦର ତାଙ୍କ ସ୍ମାରକୀ ବକ୍ତୃତା ମାଳାରେ ଉଲ୍ଲେଖ କରଥିବା ଉକ୍ତି କେତେକ ସଭ୍ୟ ୧୯୪୨ରେ ବିସ୍ମୟ ପ୍ରକାଶ କରି ଯାହା କହିଥିଲେ ଯେ,“ ପଣ୍ଡିତ ନୀଳକଣ୍ଠ କଣ କେବେ ଯୁବକ ଥିଲେ ?”ଏଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ ।

ଜାତୀୟ କଂଗ୍ରେସ ଜନ୍ମଲାଭ କରିବାର ଠିକ୍ ବର୍ଷକ ପୂର୍ବରୁ ୧୮୮୪ ମସିହାରେ ପଣ୍ଡିତ ନୀଳକଣ୍ଠ ଭୂମିଷ୍ଠ ହୋଇଥିଲେ ଏବଂ ଗାନ୍ଧିଜୀ ସାବରମତୀ ଆଶ୍ରମ ପ୍ରତିଷ୍ଠା କରିବାର କେତେ ବର୍ଷ ପୂର୍ବରୁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋପବନ୍ଧୁଙ୍କ ଅନ୍ତରଙ୍ଗ ବନ୍ଧୁରୂପେ ୧୯୦୯ରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

୧୯୨୦ ଶେଷ ଭାଗରେ ସେ ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ନିମନ୍ତ୍ରଣକ୍ରମେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପଦ ଗ୍ରହଣ କରିଥିଲେ । ମାତ୍ର ଅଳ୍ପ ଦିନ ପରେ ଜାନୁୟାରୀ ୧୯୨୧ରେ ନୀଳକଣ୍ଠ ଗାନ୍ଧିଜୀଙ୍କ ନେତୃତ୍ୱ ବରଣ କରି ବିଶ୍ୱବିଦ୍ୟାଳୟର ଏହି ସମ୍ମାନାସ୍ପଦ ଅଧ୍ୟାପକ ପଦ ପରିତ୍ୟାଗ କଲେ । ୧୯୨୨ରେ ସେ କାରାବରଣ କଲେ । ୧୯୨୪ରେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ନିର୍ବାଚିତ ହୋଇ ସେ ସ୍ୱରାଜ୍ୟ ପାର୍ଟିରେ ସମ୍ପାଦକ ହେଲେ ଏବଂ ୧୯୪୫ ପର୍ଯ୍ୟନ୍ତ ସେ ବ୍ୟବସ୍ଥାପକସଭାରେ ରହି ‘ଜାତୀୟ ବ୍ୟବସ୍ଥାପକ’ ଭାବେ ଖ୍ୟାତି ଲାଭ କରିଥିଲେ ।

ସ୍ୱାଧୀନ ଭାରତରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠାର ପଥ ସୁଗମ କରିବାରେ ଜାତୀୟତାବାଦୀ ସ୍ୱନାମଧନ୍ୟ ଦେଶସେବକଙ୍କ ଭିତରେ ପଣ୍ଡିତ ନୀଳକଣ୍ଠ ଥିଲେ ଅନ୍ୟତମ ।

୧୯୨୪ରେ କେନ୍ଦ୍ର ବ୍ୟବସ୍ଥାପକସଭାର ସଭ୍ୟ ନିର୍ବାଚିତ ହୋଇ ମୋତିଲାଲ ନେହରୁ, ଲାଲା ଲଜପତ୍ ରାୟ. ମଦନ ମୋହନ ମାଳବ୍ୟ, ଶ୍ରୀନିବାସ ଆୟାଙ୍ଗାରଙ୍କ ପରି ବିଶିଷ୍ଟ ଜାତୀୟତାବାଦୀ ନେତୃବର୍ଗଙ୍କ ସହିତ ସେ ଯୋଗ ଦେଇଥିଲେ ଏବଂ ଆମ ଦେଶର ସ୍ୱାଧୀନତା ସଂଗ୍ରାମକୁ ଉଭୟ ବ୍ୟବସ୍ଥାପକସଭା ତଥା ଅସହଯୋଗ ମାଧ୍ୟମରେ ଶକ୍ତିଶାଳୀ କରିଥିଲେ ।

ମୁଁ କେନ୍ଦ୍ର ବ୍ୟବସ୍ଥାପକସଭାରେ ସଭ୍ୟଭାବେ ଯୋଗ ଦେଲାବେଳକୁ ସେ କେନ୍ଦ୍ର ବ୍ୟବସ୍ଥାପକସଭା ସ୍ୱରାଜ୍ୟ ଦଳର ପ୍ରବୀଣ ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ । ପରେ ଏହି ସ୍ୱରାଜ୍ୟ ପାର୍ଟି କଂଗ୍ରେସ ପାର୍ଟି ରୂପେ ପରିଚିତ ହେଲା ଏବଂ ପଣ୍ଡିତ ମୋତିଲାଲ ଏହାର ଦଳପତି ହୋଇ ରହିଲେ । ଜଣେ ପ୍ରଖ୍ୟାତ ବକ୍ତା ତଥା

Digitized by PPRACHIN, SOA

ନିରବଚ୍ଛିନ୍ନ ସ୍ୱାଧୀନତା ସଂଗ୍ରାମୀ ଭାବେ ନୀଳକଣ୍ଠ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ଲବଣ କର ବିରୋଧରେ ତାଙ୍କର ବିରାଟ ବକ୍ତୃତାମାନ ଆନ୍ଧ୍ରର ବିଶିଷ୍ଟ ଦେଶସେବକ ଟି. ପ୍ରକାଶମ୍‌ଙ୍କ ବକ୍ତୃତା ସହ ତୁଳନା କରାଯାଉଥିଲା । ୧୯୩୦ରେ ଯେତେବେଳେ କଂଗ୍ରେସ ପୁଣି ଥରେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେବାପାଇଁ ନିଷ୍ପତ୍ତି ଗ୍ରହଣ କଲେ, ଉଭୟେ ଏଥିରେ ଅସନ୍ତୁଷ୍ଟ ହୋଇଥିଲେ । ୧୯୨୦ରୁ ୧୯୨୩ ଭିତରେ କଂଗ୍ରେସ ପରୀକ୍ଷାମୂଳକ ଅସହଯୋଗ କରି ଯେପରି ବିଫଳ ହୋଇଥିଲା, ତାହାର ପୁନରାବୃତ୍ତି ନ କରିବାପାଇଁ ଉଭୟେ ଯୁକ୍ତି କରିଥିଲେ — ମାତ୍ର ତହିଁରେ ଅକୃତକାର୍ଯ୍ୟ ହେବାରେ ଉଭୟ ଦଳର ନିଷ୍ପତ୍ତି କ୍ରମେ ବ୍ୟବସ୍ଥାପକସଭାରୁ ଇସ୍ତଫା ଦେଇ ସାହସର ସହିତ ପୁନର୍ବାର ନିର୍ବାଚିତ ହୋଇଥିଲେ । ଏଥର ଗାନ୍ଧିଜୀଙ୍କର ଲବଣ ଟିକସ ପ୍ରତ୍ୟାହାର ଦାବି ତଥା ଜାତୀୟ ସ୍ୱାଧୀନତା ଦାବି ଘେନି ସେମାନେ ବ୍ୟବସ୍ଥାପକସଭାରେ ପୂର୍ବଭଳି ଓଜସ୍ୱିନୀ ବକ୍ତୃତାମାନ ଦେଇ ସରକାରଙ୍କର ମୁକାବିଲା କରିଥିଲେ । ତା'ପରେ ଉଭୟେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହକୁ ସମର୍ଥନ କଲେ – କେନ୍ଦ୍ର ବ୍ୟବସ୍ଥାପକସଭାରୁ ଇସ୍ତଫା ଦେଇ କାରାବରଣ କଲେ । ମୁଁ ୧୯୨୪ରେ କେନ୍ଦ୍ର ବ୍ୟବସ୍ଥାପକସଭାକୁ ନିର୍ବାଚିତ ହୋଇ ପଣ୍ଡିତ ନୀଳକଣ୍ଠଙ୍କୁ ଦକ୍ଷିଣ-ଭାରତର ବିଶିଷ୍ଟ ଦେଶପ୍ରେମୀ ଭାବେ ସମ୍ବର୍ଦ୍ଧନା ଜ୍ଞାପନ  କରିଥିଲି । ବ୍ୟବସ୍ଥାପକସଭାରେ କଂଗ୍ରେସ ଦଳର ଦଳପତି ଓ ଉପଦଳପତି ରୂପେ ବୁଲାଭାଇ ଦେଶାଇ ଓ ଗୋବିନ୍ଦ ବଲ୍ଲଭ  ପନ୍ଥ ପଣ୍ଡିତ୍ ନୀଳକଣ୍ଠଙ୍କୁ ଆନନ୍ଦର ସହ କଂଗ୍ରେସ ଦଳର ବରିଷ୍ଠ ସମ୍ପାଦକ (senior secretary)ଭାବେ ଗ୍ରହଣ କରିଥିଲେ । ସେତେବେଳେ ସତ୍ୟମୂର୍ତ୍ତି ଓ ଆସଫଅଲି କଂଗ୍ରେସ ପାର୍ଟିର ସମ୍ପାଦକ ମାତ୍ର ଥିଲେ । ପଣ୍ଡିତ ନୀଳକଣ୍ଠ ମତେ ଜଣେ କୃଷକ ନେତାରୂପେ ଓ ଶ୍ରୀଯୁକ୍ତ ଭି. ଭି. ଗିରିଙ୍କୁ ଜଣେ ଶ୍ରମିକ ନେତାରୂପେ ବହୁ ଭାବରେ ଉତ୍ସାହିତ କରୁଥିଲେ । ଆମେ ତିନିହେଁ ମିଶି ଓଡ଼ିଶା ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ଦାବିକଲୁ ।

ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପକସଭାକୁ ଆସିଲାବେଳେ ଓଡ଼ିଆ ଲୋକେ ମାନ୍ଦ୍ରାଜ, ବିହାର, ବଙ୍ଗଳା ଓ ମଧ୍ୟପ୍ରଦେଶରେ ବିଚ୍ଛିନ୍ନ ହୋଇ ରହିଥିଲେ । ରାଜନୀତିକ ଦୃଷ୍ଟିରୁ ଅଧିକ ଅଗ୍ରଗାମୀ ବିପ୍ଳବବାଦୀ ବଙ୍ଗଳାକୁ ଦୁର୍ବଳ କରିବାର ସ୍ୱତନ୍ତ୍ର ଲକ୍ଷ୍ୟନେଇ ଇଂରେଜ ସରକାର ଓଡ଼ିଶାର ବହୁ ଅଞ୍ଚଳକୁ ବିହାର ସହିତ ମିଶାଇ ଦେଇଥିଲେ । ପୂର୍ବବର୍ତ୍ତୀ ମରହଟ୍ଟା, ମୋଗଲ ଶାସନ ଓ ସେମାନଙ୍କ ଅଧୀନସ୍ଥ କ୍ଷୁଦ୍ର କ୍ଷୁଦ୍ର ରାଜାମାନେ ଓଡ଼ିଆ ଅଞ୍ଚଳ ସବୁକୁ ବହୁ ଛୋଟ ଛୋଟ ଅଣରାଜନୀତିକ ଅଞ୍ଚଳରେ ବିଭକ୍ତ କରି ଦେଇଥିଲେ ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ଖୁବ୍ ଶ୍ରଦ୍ଧା କରୁଥିଲେ ଏବଂ ସେ ଓଡ଼ିଆ ସଂସ୍କୃତିର ବଳିଷ୍ଠ ପୃଷ୍ଠପୋଷକ ଥିଲେ । ବଙ୍ଗାଳୀମାନଙ୍କ ପରି ରାଜନୀତିକ ଭିତ୍ତିରେ ଓଡ଼ିଆମାନଙ୍କପାଇଁ ସେ ଏକ ସ୍ୱତନ୍ତ୍ର ପ୍ରଦେଶ ଦାବି କରିଥିଲେ ଓ ସେଥିଲାଗି ବହୁପ୍ରକାର ପ୍ରଚେଷ୍ଟା କରିଥିଲେ । କେନ୍ଦ୍ର ବ୍ୟବସ୍ଥାପକସଭାରେ ଏଥିପାଇଁ ପ୍ରସ୍ତାବ ଉତ୍‌ଥାପନ କରିବା ଏବଂ ତଥ୍ୟପୂର୍ଣ୍ଣ ବକ୍ତୃତାମାନ ପ୍ରଦାନ କରିବା ବ୍ୟତୀତ ଇଂରେଜ ରାଜନୀତିଜ୍ଞ ଓ ଇଂଲଣ୍ଡ ପାର୍ଲିଆମେଣ୍ଟ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ବହୁ ଭାବରେ ଦାବିପତ୍ରମାନ ଉପସ୍ଥାପନ କରିଥିଲେ । ଏଇ ଲକ୍ଷ୍ୟ ନେଇ ସେ କଂଗ୍ରେସର ସାଧାରଣ ରାଜନୀତିକ ପନ୍ଥା ଅନୁସରଣ ନ କରି ଜମିଦାର, ରାଜା ଓ ମହାରାଜାଙ୍କ ସହ ବନ୍ଧୁତା ସ୍ଥାପନ କଲେ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେମାନଙ୍କର ଅକୁଣ୍ଠ ସମର୍ଥନ ଲୋଡ଼ିଥିଲେ । ନୂତନ ସ୍ୱତନ୍ତ୍ର ପ୍ରଦେଶରେ ଗୋଟିଏ ହାଇକୋର୍ଟ ଓ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ରହିବାପାଇଁ ସେ ଚାହିଁଥିଲେ । ନୂତନ ପ୍ରଦେଶ ଏଥିର ଖର୍ଚ୍ଚ ତୁଲାଇପାରିବ ନାହିଁ ଇତ୍ୟାଦି ବହୁ ଆପତ୍ତି ଉଠିଲା । ଆର୍ଥିକ ଅନଟନତା ସାଙ୍ଗକୁ ବହୁ ଆଦିବାସୀ ଅଞ୍ଚଳ ପରିପୂର୍ଣ୍ଣ ଓ ବିଭିନ୍ନ ପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କ ଭିତରେ ରହିଥିବା ଓଡ଼ିଆ ଅଞ୍ଚଳକୁ ଗମନାଗମନର ଅସୁବିଧାଜନିତ ସାମାଜିକ ଓ ସାଂସ୍କୃତିକ ଦୁରବସ୍ଥା ସମ୍ପର୍କରେ ଇଂଗ୍ରେଜ ତଥା ପଡ଼ୋଶୀ ବଙ୍ଗଳା ଓ ବିହାରରେ ଥିବା ସେମାନଙ୍କ ବନ୍ଧୁମାନେ ବହୁ ଆପତ୍ତି ଉଠାଇଲେ । କିନ୍ତୁ ପଣ୍ଡିତ ନୀଳକଣ୍ଠ ଉପରୋକ୍ତ ବିରୋଧୀ ଯୁକ୍ତି ସବୁ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ଯାଉଥିବାର ପ୍ରମାଣିତ କରିପାରିଥିଲେ । ସେ ଦର୍ଶାଇଥିଲେ ଯେ ଯାହା ସବୁ ଓଡ଼ିଶା ପ୍ରଦେଶ ଗଠନର ଅନ୍ତରାୟ ହେବ ବୋଲି କୁହାଯାଉଛି, ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇଗଲେ, ସେସବୁ ଯେ କେବଳ ଅଚିରେ ଦୂର ହୋଇଯିବ,ତାହା ନୁହେଁ, ବଙ୍ଗଳା ଓ ବିହାର ପରି ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରାଇପାରିବ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦଶ ଗଠନର ଦାବି ଘେନି ଯେତେବେଳେ କୌଣସି ଅନ୍ତରାୟ ସୃଷ୍ଟି ହେଉଥିଲା, ସର୍ବଦଳ ସମ୍ମିଳନୀର ଅଧ୍ୟକ୍ଷ ତଥା ଭାରତୀୟ କଂଗ୍ରେସର ସଭାପତି ମୋତିଲାଲଜୀଙ୍କର ବିରୋଧ କରିବାକୁ ମଧ୍ୟ ପଣ୍ଡିତ ନୀଳକଣ୍ଠ ବି ଦ୍ୱିଧା କରୁ ନ ଥିଲେ । କଲିକତା କଂଗ୍ରେସ ଅଧିବେଶନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ତାଙ୍କ ସଂଶୋଧନ ପ୍ରସ୍ତାବ ଗୃହୀତ ନ ହେବାରେ ସେ ପ୍ରତିବାଦରେ ଅଧିବେଶନ ପରିତ୍ୟାଗ କରି ରାଜଦାଣ୍ଡରେ କଂଗ୍ରେସ ନେତୃବର୍ଗଙ୍କ ବିରୋଧରେ ଏକ ଶୋଭାଯାତ୍ରା ବାହାର କରିଥିଲେ । ଗାନ୍ଧିଜୀ ମଧ୍ୟସ୍ଥତା କରି ମୋତିଲାଲ, କଂଗ୍ରେସ ନେତୃବର୍ଗ ଓ

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ମଧ୍ୟରେ ଏକ ଆପୋସ ମିଳାମିଶା କରିଥିଲେ ଏବଂ ଏହି ଦାବି ଓଡନେଲ କମିଟି, ଗୋଲଟେବୁଲ ବୈଠକ ଓ କେନ୍ଦ୍ର ସରକାରରେ କିପରି ଦୃଢ଼ ଓ ସଫଳ ହୋଇପାରିବ, ସେଥିପ୍ରତି ଗାନ୍ଧିଜୀ ନିଜେ ଦୃଷ୍ଟି ଦେବାର ପ୍ରତିଶ୍ରୁତି ଦେଲେ ଓ ଦୃଷ୍ଟି ମଧ୍ୟ ଦେଇଥିଲେ ।

ଏଠି ଲକ୍ଷ୍ୟ କରିବାର କଥା, ଆନ୍ଧ୍ରରେ କଂଗ୍ରେସ ନେତାମାନେ ପଣ୍ଡିତ ନୀଳକଣ୍ଠଙ୍କ କୌଶଳ ପ୍ରୟୋଗ କରି ନ ପାରି କେନ୍ଦ୍ର ନେତୃବର୍ଗଙ୍କ ବଶତା ସ୍ୱୀକାର କରିବାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନରେ ଅକୃତକାର୍ଯ୍ୟ ହୋଇଥିବାବେଳେ,ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଲୋକଙ୍କପାଇଁ ତା'ର ଏକ ଦଶନ୍ଧି ପୂର୍ବରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଇପାରିଥିଲେ । ଏହି ଭାବରେ ପଣ୍ଡିତ ନୀଳକଣ୍ଠ ହିଁ ଓଡ଼ିଶା ପ୍ରଦେଶର ଯଥାର୍ଥ ଜନକ ହୋଇପାରିଛନ୍ତି ।

ମହାତ୍ମାଗାନ୍ଧି ଯେତେବେଳେ ତାଙ୍କର ଗଠନମୂଳକ କାର୍ଯ୍ୟକ୍ରମ ଆରମ୍ଭ କଲେ, ସେତେବେଳକୁ ନୀଳକଣ୍ଠ ତାଙ୍କର ଗୁରୁ ତଥା ଦୋସର ଗୋପବନ୍ଧୁଙ୍କ ସଙ୍ଗେ ମିଶି ନାନା କଷ୍ଟ ସ୍ୱୀକାରପୂର୍ବକ ସମାଜରେ ବହୁ ସଂସ୍କାରମାନ ଆଣିଥିଲେ ଓ ସେସବୁକୁ ଓଡ଼ିଶାର ଗାଁ-ଗହଳରେ ବେଶ୍ ଲୋକପ୍ରିୟ କରାଇପାରିଥିଲେ । ତେଣୁ ତାହା ଗାନ୍ଧିଜୀଙ୍କ ଡାକରରେ ଆହୁରି ବ୍ୟାପକ ହୋଇପାରିଥିଲା ।

ନୀଳକଣ୍ଠ ଓ ଗୋପବନ୍ଧୁ ସହଜରେ ଓଡ଼ିଶାର ଗ୍ରାମେ ଗ୍ରାମେ ଖଦି ଓ କୁଟୀର ଶିଳ୍ପର ପ୍ରସାର କରାଇପାରିଥିଲେ । ଏ କ୍ଷେତ୍ରରେ ଜନସାଧାରଣଙ୍କୁ କିପରି ଆକୃଷ୍ଟ କରି ତାଙ୍କର ସମର୍ଥନ ଅଣାଯାଇପାରେ ସେ ଅଭିଜ୍ଞତା ଲାଗି ସେମାନଙ୍କୁ ଧନ୍ୟବାଦ ଦେବାର ଅଛି ।

ଭାରତରେ ଓଡ଼ିଶା ଏକ ହତଭାଗ୍ୟ ଅଞ୍ଚଳ । ଏଥିରେ ବରାବର ବାତ୍ୟା, ବନ୍ୟା ଓ ମରୁଡ଼ି ଏବଂ ତଜ୍ଜନିତ ଦୁର୍ଭିକ୍ଷମାନ ଲାଗି ରହିଚି । ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ମହାନଦୀ ରହି ଓଡ଼ିଶାବାସୀଙ୍କ ପ୍ରତି ଅହରହ ବିପଦ ସୃଷ୍ଟି କରୁଛି । ପଣ୍ଡିତ ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସ ଯଥାକ୍ରମେ ସେମାନଙ୍କ ଜୀବନର ତୃତୀୟ ଓ ଦ୍ୱିତୀୟ ଦଶକ ବେଳୁ ବନ୍ୟା ଓ ଦୁର୍ଭିକ୍ଷ ସମୟରେ ଜନସେବା କରି ସାଧାରଣ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଥିଲେ । ଓଡ଼ିଶା ଲୋକଙ୍କ ଦୁଃଖ ଦାରିଦ୍ର୍ୟ ଓ ଦୁଃସ୍ଥତାର ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ ଏବଂ ତାହା ସାଧାରଣରେ ପ୍ରାଞ୍ଜଳ ଭାବେ ପ୍ରକାଶ କରି ସମସ୍ତଙ୍କର ହୃଦ୍‌ବୋଧ କରାଇପାରିଥିଲେ । ଓଡ଼ିଶାରୁ ପଳାଇଯାଇ ଆସାମ, ବଙ୍ଗଳା ଚଟ୍ଟଗ୍ରାମର ଚା' ବଗିଚା ଓ ବଙ୍ଗଳାର ବସ୍ତି

Digitized by PPRACHIN, SOA

ଅଞ୍ଚଳମାନଙ୍କରେ ମଜଦୁର ଭାବେ କାମ କରୁଥିବା ଲୋକଙ୍କ ଦୁର୍ଦ୍ଦଶା ସାଧାରଣରେ ତଥା ବ୍ୟବସ୍ଥାପକସଭାରେ ବର୍ଣ୍ଣନା କରି ସେମାନେ ପୁଣି, ଦର୍ଶକମାନଙ୍କର ହୃଦୟ ତରଳାଇ ପାରୁଥିଲେ । ନୀଳକଣ୍ଠ ତାଙ୍କ ସଖା, ଗୁରୁ ତଥା ପଥପ୍ରଦର୍ଶକ ପଣ୍ଡିତ ଗୋପବନ୍ଧୁଙ୍କଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ଆଶ୍ରମ ମାଧ୍ୟମରେ ପ୍ରାୟ ଏକ ଦଶନ୍ଧି ଧରି ବହୁ ନିସ୍ୱାର୍ଥପର ସ୍ୱେଚ୍ଛାସେବକଙ୍କୁ ତାଲିମ କରାଇଥିଲେ ।

ଆଜିକାଲି ଆଇ.ଆର୍.ଡ଼ି.ପି (ଗ୍ରାମାଞ୍ଚଳ ବିକାଶ ଯୋଜନା) ଓ 'ଗରୀବୀ ହଟାଓ' ପ୍ରଭୃତି ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସରକାରୀ ସହାୟତା ଯୋଗାଇ ଦିଆଯାଉଛି । ମାତ୍ର ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ ନିଜ ନିଜ ସଖା ସହୋଦରଙ୍କୁ ଧରି ଭବିଷ୍ୟତ୍ ଚିନ୍ତା ନେଇ ମୂଳରୁ ଗାଁ-ଗହଳରେ ପଲ୍ଲୀ ବିକାଶ ଯୋଜନାର ମଞ୍ଜି ବପନ କରିଥିଲେ ।

ପଣ୍ଡିତ ଗୋପବନ୍ଧୁ ଏଥିପାଇଁ ଲେଖିଥିଲେ, ''ପ୍ରାରମ୍ଭରେ କେତେ ବର୍ଷ ଗାଁ-ଗହଳ ଲୋକଙ୍କର ଜୀବନ ପ୍ରଣାଳୀରେ ସଂସ୍କାର ଆଣିବା ଲକ୍ଷ୍ୟ ନେଇ ସତ୍ୟବାଦୀ ବନବିଦ୍ୟାଳୟରେ କାର୍ଯ୍ୟକ୍ରମ ରଚିତ ହୋଇଥିଲା । ନିଃସ୍ୱାର୍ଥପର ସ୍ୱେଚ୍ଛାସେବକ ଗଢ଼ିବାପାଇଁ ନିକଟବର୍ତ୍ତୀ ଗାଁମାନଙ୍କରେ ନୈଶ ବିଦ୍ୟାଳୟମାନ ସ୍ଥାପନ କରାଯାଇଥିଲା । ହରିଜନ ପିଲାଙ୍କପାଇଁ ଗୋଟିଏ ଗୋଟିଏ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ସାଧାରଣ ରୋଗର ଚିକିତ୍ସାପାଇଁ ବିଶେଷତଃ ହଇଜା ପରି ମହାମାରୀ ସମୟରେ ମାଗଣା ଔଷଧ ବିତରଣର ବ୍ୟବସ୍ଥା ଓ ସେ ସମୟରେ ଲୋକଙ୍କପାଇଁ ରିଲିଫ କାର୍ଯ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଗାଁ-ଗଣ୍ଡାରେ ମଧ୍ୟସ୍ଥଙ୍କ ଜରିଆରେ ଆଇନ ଅଦାଲତ ବାହାରେ ମକଦ୍ଦମାର ନିଷ୍ପତ୍ତି କରିବାପାଇଁ ଉଦ୍ୟମ କରାଯାଇଥିଲା । ଛାତ୍ରମାନଙ୍କୁ କାର୍ଯ୍ୟକରି ଗ୍ରାସାଚ୍ଛାଦନ ପାଇବାର ସୁବିଧା ଯୋଗାଇ ଦିଆଯାଉଥିଲା । ସେମାନଙ୍କୁ ବାଡ଼ି-ବଗିଚା ଓ ତନ୍ତମାନଙ୍କରେ କାମ କରିବାପାଇଁ ତଥା ସ୍ୱାଧୀନଭାବେ କୁଟୀରଶିଳ୍ପମାନ ପ୍ରତିଷ୍ଠା କରିବାପାଇଁ ଉତ୍ସାହିତ କରା ହେଉଥିଲା । ଛାତ୍ରମାନେ ଦ୍ୱାର ଦ୍ୱାର ବୁଲି ମୁଠି ଭିକ୍ଷାକରିଆଣି ଯେଉଁ ବଳକା ଚାଉଳ ମହଜୁଦ କରି ରଖୁଥିଲେ, ତାହା ଦୁର୍ଭିକ୍ଷ ସମୟରେ ସାହାଯ୍ୟ ଦେବାରେ ଲାଗୁଥିଲା । ଗ୍ରାମୋନ୍ନତି ନିମନ୍ତେ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ମଧ୍ୟ ଗ୍ରହଣ କରାଯାଉଥିଲା । ପିଲାମାନେ ଗଛତଳେ ଭୂଇଁରେ ବସି ପାଠ ପଢୁଥିଲେ । ସେମାନଙ୍କପାଇଁ ବେଞ୍ଚ, ଡେସ୍କ ପ୍ରଭୃତି ଯୋଗାଯାଉ ନ ଥିଲା । ଏପରି ବ୍ୟବସ୍ଥା ଗ୍ରାମ୍ୟ ଜୀବନର ଅନୁକୂଳ ବୋଲି ମନେକରାଯାଉଥିଲା । ପୁରାତନ ଗ୍ରାମ୍ୟ ମଞ୍ଚ ଓ

Digitized by PPRACHIN, SOA

ସଭାମଣ୍ଡପମାନ ମରାମତି କରାଯାଇ ମଲ୍ଲଯୁଦ୍ଧ ପ୍ରଭୃତି ଶିକ୍ଷା ଦିଆଗଲା ଓ ଖେଳ କସରତରେ ଭାଗ ନେବା ଲାଗି ଯୁବକମାନଙ୍କୁ ଉତ୍ସାହିତ କରାଗଲା ।''

ସରକାରୀ ସାହାଯ୍ୟ ଓ ସହାନୁଭୂତି ସହିତ କାର୍ଯ୍ୟକାରୀ ହେଉଥିବା ଏବର 'ଗରୀବୀ ହଟାଓ' ୨୦ ଦଫା କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସମାଜ କର୍ମୀ ତଥା ସରକାରୀ ଓ ବେସରକାରୀ ଲୋକେ ଉପରୋକ୍ତ ସମାଜକଲ୍ୟାଣମୂଳକ ଲକ୍ଷ୍ୟ ହାସଲ କରିପାରିଲେ ସନ୍ତୋଷ ଲାଭ କରିବେ ନାଇଁକି ?

ଓଡ଼ିଆ ଭାଷର ଆଧୁନିକୀକରଣ ଓ ତହିଁର ବ୍ୟବହାର କ୍ଷମତା ବୃଦ୍ଧି କରିବାରେ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନ ଅବିସ୍ମରଣୀୟ । ସେ ପଣ୍ଡିତିଆ ସଂସ୍କୃତ କବଳରୁ ଓଡ଼ିଆ ଭାଷାକୁ ମୁକ୍ତ କରିପାରିଥିଲେ । ନୀଳକଣ୍ଠ ନିଜେ ବହୁ ଦୈନିକ, ସାପ୍ତାହିକ ଓ ମାସିକ ସମ୍ବାଦପତ୍ରମାନ ପ୍ରକାଶ କରି ସାଧାରଣଙ୍କର ସହଜବୋଧ୍ୟ ହେବା ଭଳି ଆଧୁନିକ ଭାଷା ତିଆରି ଓ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ବହୁ ଓଡ଼ିଆ ପଦ ଓ ପଦବିନ୍ୟାସକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ସେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' (ଓଡ଼ିଆ ସାହିତ୍ୟର ଇତିହାସ) ରଚନା କରିଥିଲେ । ଶତାବ୍ଦୀର ପ୍ରଥମ ଭାଗରେ ଗୋପବନ୍ଧୁଙ୍କସହ ଆଶ୍ରମ ଶିକ୍ଷାଦାନ ଜୀବନରେ ସମାଜ ସେବା ସଙ୍ଗେ ସଙ୍ଗେ ସେ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ଓ ଗୋଦାବରୀଶ ମିଶ୍ରଙ୍କ ସହଯୋଗରେ ସାହିତ୍ୟ ସେବା ମଧ କରୁଥିଲେ । ପରେ ସେ ବ୍ୟାକରଣ ଆଦି ବହୁ ଉତ୍କୃଷ୍ଟ ଓ ପ୍ରାମାଣିକ (authoritative) ଗ୍ରନ୍ଥ ପ୍ରଣୟନ କରି ଓଡ଼ିଆ ଭାଷାକୁ ସମୃଦ୍ଧ ଓ ଲୋକପ୍ରିୟ କରିଥିଲେ । ଓଡ଼ିଆ ସାହିତ୍ୟର ସମୃଦ୍ଧ ଓ ନବୀକରଣ ଲାଗି ପଣ୍ଡିତ ନୀଳକଣ୍ଠଙ୍କ ଅବଦାନ ଭୀରେସାଲିଙ୍ଗମ୍‌ଙ୍କର ତେଲୁଗୁ ଗଦ୍ୟସାହିତ୍ୟ ପ୍ରତି ଅବଦାନ ସହିତ ତୁଳନା କରାଯାଇପାରେ । ପୁଣି ମୋର ବିଶ୍ୱାସ, ନୀଳକଣ୍ଠଙ୍କ 'ଗୀତ ଭାଷ୍ୟା' ମଧ ତିଲକ ଓ ଗାନ୍ଧିଜୀଙ୍କ ଗୀତା ଭାଷ୍ୟା ସହ ତୁଳନୀୟ ।

ଅନ୍ୟ ଏକ ପ୍ରଗତିଶୀଳ ସମାଜ୍ ସଂସ୍କାର କ୍ଷେତ୍ରରେ ମଧ ଶତାବ୍ଦୀର ଶେଷ ଦଶକରେ ଆନ୍ଧ୍ର ସମାଜ ସଂସ୍କାରକ ଭୀରେଶଲିଙ୍ଗମ୍‌ଙ୍କ ପରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ବ୍ରାହ୍ମଣମାନଙ୍କର ପରଂପରାଗତ କୁସଂସ୍କାର ଦୂର କରିବାରେ କ୍ଷମ ହୋଇଥିଲେ । ଅସ୍ପୃଶ୍ୟତା, ସାଂପ୍ରଦାୟିକ ଭେଦଭାବ ଓ ଜାତିଆଣ ବିଦ୍ୱେଷ ବିରୋଧରେ ସେମାନେ ସଂଗ୍ରାମ କରିଥିଲେ ଓ ପରବର୍ତ୍ତୀ କାଳରେ ଗାନ୍ଧିଜୀ ଯେଉଁ ସାମାଜିକ ସଂସ୍କାରମୂଳକ ବିପ୍ଳବର ଶୁଭାରମ୍ଭ କଲେ, ଉଭୟେ ଏଇପରି ଭାବରେ ତାହାର ପଥ ସୁଗମ କରିପାରିଥିଲେ ।

Digitized by PPRACHIN, SOA

ମୋତେ କହିବାକୁ ଦୁଃଖ ଲାଗୁଛି, ଯେ ତିଳକ ପ୍ରଥମ ମହାଯୁଦ୍ଧ ବେଳେ ଯେଉଁ ନୀତି ଅବଲମ୍ବନ କରିଥିଲେ, ପଣ୍ଡିତ ନୀଳକଣ୍ଠ ତା'ର ୪୦ ବର୍ଷ ପରେ ଦ୍ୱିତୀୟ ମହାଯୁଦ୍ଧ ସମୟରେ କଂଗ୍ରେସର 'କର ବା ମର' ଆନ୍ଦୋଳନବେଳେ ସେଇ ନୀତି ଅନୁସରଣ କଲେ । ତାହା ହେଉଛି 'ସଂବେଦନଶୀଳ ସହଯୋଗ' (Responsive Co-operation)ସେ ମନେକଲେ ଯେ ଯୁଦ୍ଧ ବିଭାଗରେ ଯୋଗ ଦେଇ ଆମ ଲୋକେ ସାମରିକ ଶିକ୍ଷା ଲାଭ କରିପାରିବେ ଓ ଯୁଦ୍ଧ ପରେ ଆମକୁ ସ୍ୱାଧୀନତା ନ ମିଳିଲେ ମଧ୍ୟ ସାମ୍ରାଜ୍ୟବାଦୀ ଶକ୍ତି ଇଂରେଜ ବା ଜାପାନ ସହିତ ଆମ ଲୋକେ ସଂଗ୍ରାମ କରିପାରିବେ । ରାଜାଜୀଙ୍କର ପ୍ରାୟ ଏହାହିଁ ମତ ଥିଲା । ଏହି ପ୍ରକାର ଦୁର୍ଭାଗ୍ୟଜନକ ପରୀକ୍ଷା ଲାଗି ବହୁ ନୂତନ ଓ ପୁରୁଖା କଂଗ୍ରେସ ଲୋକେ ସର୍ବୋଚ୍ଚ କଂଗ୍ରେସ ମଞ୍ଚଠାରୁ ଅନେକ ଦିନ ଧରି ଦୂରେଇ ରହିଲେ । ସୌଭାଗ୍ୟବଶତଃ, ଗାନ୍ଧିଜୀ ଓ ପଣ୍ଡିତ ନେହରୁ ଏମାନଙ୍କ ସହଯୋଗର ଆବଶ୍ୟକତା ଉପଲବ୍ଧି କରିପାରୁଥିଲେ । ତେଣୁ ସ୍ୱାଧୀନ ଭାରତର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ସଙ୍ଗଠନରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ାଗଲା । ପଣ୍ଡିତ ନେହରୁଙ୍କର ଦୃଷ୍ଟିଭଙ୍ଗୀ ହୃଦୟଙ୍ଗମ କରି ଉତ୍କଳ କଂଗ୍ରେସ ପଣ୍ଡିତ ନୀଳକଣ୍ଠଙ୍କର କଂଗ୍ରେସରେ ବିରାଜିତ (chivalrous reunion) ପୁନଃପ୍ରବେଶକୁ ସ୍ୱାଗତ କଲା । ଏହିପରି ଆଜୀବନ ଦେଶସେବାର ଶେଷ କେତେ ବର୍ଷ ପଣ୍ଡିତ ନୀଳକଣ୍ଠ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରି ନୂଆ ପିଢ଼ିର ଲୋକପ୍ରତିନିଧିମାନଙ୍କୁ ନିଜର ଶୁଭାଶିଷ ଜଣାଇବାକୁ ସମର୍ଥ ହେଲେ । ବାସ୍ତବରେ ଏହା ସ୍ୱାଧୀନ ଭାରତ ପକ୍ଷରେ ସ୍ୱତନ୍ତ୍ର ଓଡ଼ିଶାର ଜନ୍ମଦାତାଙ୍କୁ ଯଥାଯଥ ସମ୍ମାନ ପ୍ରଦର୍ଶନ କରିବାର ଏକ ଗୌରବାବହ ଘଟଣା ।

ପଣ୍ଡିତ ନୀଳକଣ୍ଠ ଏକ ଲୋଭନୀୟ ତଥା ସମ୍ମାନାସ୍ପଦ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ପରିତ୍ୟାଗ କରିଥିଲେ । କଲିକତା ମହାନଗରୀର ବିଳାସପୂର୍ଣ୍ଣ ଜୀବନଯାପନ ପରିହାର କରି ନୀଳକଣ୍ଠ ଦେଶର ସ୍ୱାଧୀନତାପାଇଁ ଗାନ୍ଧିଜୀଙ୍କ ନିର୍ଦ୍ଦେଶିତ ଦୁଃଖମୟ ଜୀବନ ବରଣ କରିଥିଲେ । ସେଥିଲାଗି ସତ୍ୟାଗ୍ରହ କରି ସେ ବହୁବାର କାରାବରଣ କଲେ । ୧୯୨୩ -୩୦ ଭିତରେ ସେ କେନ୍ଦ୍ର ବ୍ୟବସ୍ଥାପକ ଭାବେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଶା ପ୍ରଦେଶ ଗଠନ ହେବା ପୂର୍ବରୁ ଓ ପରେ ଓଡ଼ିଶା କଂଗ୍ରେସ ନେତୃବର୍ଗଙ୍କ ଭିତରେ ନୀଳକଣ୍ଠ ହିଁ ସର୍ବଶ୍ରେଷ୍ଠ ନେତା ଥିଲେ । ୧୯୩୬ - ୩୭ ନିର୍ବାଚନରେ ସେ କଂଗ୍ରେସର ପ୍ରଚାର କରି ତା' ପାଇଁ ଅଭୂତପୂର୍ବ ବିଜୟ ହାସଲ କରିପାରିଥିଲେ । ମାତ୍ର ତାଙ୍କୁ ଓଡ଼ିଶା କଂଗ୍ରେସ ବ୍ୟବସ୍ଥାପକ ଦଳର ଦଳପତି ତଥା ମୁଖ୍ୟମନ୍ତ୍ରୀ କରାଇ ଦିଆଗଲା ନାହିଁ । କାହିଁକି ? କେବଳ ଯେ ସେ ସମୟରେ ବହୁ

Digitized by PPRACHIN, SOA

କନିଷ୍ଠ କଂଗେସ ନେତା ମୁଖ୍ୟମନ୍ତ୍ରୀ ହେବାପାଇଁ ଲାଳାୟିତ ହେଲେ, ତାହା ନୁହେଁ – କିମ୍ୱା ବ୍ରାହ୍ମଣେତର ଜାତିର ଲୋକେ ସେମାନଙ୍କ ଦାବି ସାବ୍ୟସ୍ତ କରିବାପାଇଁ ସମ୍ମୁଖ ଭାଗକୁ ଆସୁଥିଲେ,ତାହା ନୁହେଁ, କାରଣ ହେଲା ନୀଳକଣ୍ଠ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଘେନି ବହୁ ଜାତୟ ନେତୃବର୍ଗଙ୍କ ସହିତ କନ୍ଦଳରେ ବ୍ୟାପୃତ ହୋଇଥିଲେ । ତା' ବ୍ୟତୀତ ସେ ଗତାନୁଗତିକ କଂଗ୍ରେସ ନୀତିର ବିରୋଧ କରି ସ୍ୱରାଜ୍ୟ ଦଳରେ ଯୋଗଦାନ କରିବାରେ ଅସହଯୋଗର ପ୍ରଥମ ପର୍ଯ୍ୟାୟରୁ ଉଚ୍ଚ କଂଗ୍ରେସ କର୍ତ୍ତୃପକ୍ଷଙ୍କର ବିରାଗ ଭାଜନ ହୋଇଥିଲେ ।

ନୀଳକଣ୍ଠ କେବେ ମହାରାଜାମାନଙ୍କର ସପକ୍ଷରେ ନ ଥିଲେ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଅସ୍ଥିତିବାନ୍ ଜମିଦାର (Absentee Landlords) ବୋଲି ସେ ବିଚାର କରୁଥିଲେ । ତେଣୁ ଜମିଦାରୀ ଉଠାଇବାପାଇଁ ମୁଁ ଯେଉଁ ଦାବି କରିଥିଲି, ତାହାକୁ ସେ ପୂର୍ଣ୍ଣ ପ୍ରାଣରେ ସମର୍ଥନ ଦେଇଥିଲେ । ସେହି ଜମିଦାରମାନେ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକ ହେବାରେ ନୀଳକଣ୍ଠଙ୍କର ଆପତ୍ତି ନ ଥିଲା । ଓଡ଼ିଶା ପ୍ରଦେଶ ଗଠନରେ ପାରଳାଖେମୁଣ୍ଡି ମହାରାଜାଙ୍କର ସାହାଯ୍ୟ ଓ ସହାନୁଭୂତି ସେ ସ୍ୱାଗତ କରିଥିଲେ । ମହାରାଜା ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାରେ ତାଙ୍କର ହାତ ଥିଲା । ସ୍ୱାଧୀନ ଭାରତରେ ଜମିଦାରୀ ଉଚ୍ଛେଦ ଓ ଗଡ଼ଜାତ ସମୂହ ପ୍ରଦେଶମାନଙ୍କ ସହ ମିଶିବାକୁ ସେ ସ୍ୱାଗତ କରିଥିଲେ । ନୀଳକଣ୍ଠ ସମ୍ପୂର୍ଣ୍ଣରୂପେ ଗଣତନ୍ତ୍ରବାଦୀ ତଥା ନିଷ୍ଠାପର ଓ ଯଥାର୍ଥ ସମାଜ ସଂସ୍କାରକ ଥିଲେ ।

ଗୋଟିଏ ବଡ଼ କଥା ଯେ ଓଡ଼ିଶାର ବହୁ ବିଶିଷ୍ଟ ନେତା, ମୁଖ୍ୟମନ୍ତ୍ରୀ, ପ୍ରାଦେଶିକ ଗଭର୍ଣ୍ଣର ଓ କେନ୍ଦ୍ରମନ୍ତ୍ରୀର ଆସନ ଲାଭ କରିଛନ୍ତି । କିନ୍ତୁ ସେ ସମସ୍ତଙ୍କ ଭିତରେ ଦେଶସେବା, ପାଣ୍ଡିତ୍ୟ ଓ ରାଷ୍ଟ୍ରନୀତିକ ବିଚକ୍ଷଣତାରେ ନୀଳକଣ୍ଠ ହିଁ ପ୍ରଥମ ସ୍ଥାନ ଅଧିକାର କରନ୍ତି ଏବଂ ଜଣେ ସର୍ବଭାରତୀୟ ପ୍ରଥମ ଶ୍ରେଣୀୟ ନେତାରୂପେ ସେ ସ୍ୱୀକୃତି ପାଆନ୍ତି ।

ମୋର ସୌଭାଗ୍ୟ ଯେ ମୁଁ ବହୁ ବର୍ଷ ଧରି ତାଙ୍କ ସହିତ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ଥିଲି ଏବଂ ବହୁ ଦଶନ୍ଧି ଧରି ତାଙ୍କ ସହିତ ନିଖିଳ ଭାରତ କଂଗ୍ରେସ କମିଟିର ରହି କାର୍ଯ୍ୟ କରିବାର ସୁଯୋଗ ପାଇଥିଲି ।

ନୀଳକଣ୍ଠ ଆଉ ଦଶ ବର୍ଷ ବଞ୍ଚିଥିଲେ, ଅତ୍ୟନ୍ତ ସନ୍ତୋଷ ଲାଭ କରିଥାନ୍ତେ । (ସେ ତା ୮-୧୧-୬୭ରେ ସ୍ୱର୍ଗାରୋହଣ କଲେ) । ତା' ହେଲେ ସେ ଦେଖିପାରିଥାନ୍ତେ, ହୀରାକୁଦ ବନ୍ଧ ଯୋଜନାଦ୍ୱାରା ମହାନଦୀର ଜଳରାଶିକୁ ନିୟନ୍ତ୍ରିତ କରାଯାଇ ଲକ୍ଷ ଲକ୍ଷ ଏକର ଜମିରେ ଜଳସେଚନ ହୋଇପାରୁଚି । ପୁଣି

Digitized by PPRACHIN, SOA

ରାଉରକେଲାର ବିରାଟ ଇସ୍ପାତ କାରଖାନା, ଯାହାର ଉଜ୍ଜ୍ୱଳ ଭବିଷ୍ୟଦ୍ ନୀଳକଣ୍ଠ ତାଙ୍କ ଜୀବଦ୍ଦଶାରେ କାମନା କରିଥିଲେ, ତାହା ଲକ୍ଷ ଲକ୍ଷ ଲୋକଙ୍କୁ କର୍ମ ନିଯୁକ୍ତି ଦେଇପାରିଛି । ରାଜ୍ୟରୁ ପାରାଦ୍ୱୀପ ଓ ଅନ୍ୟାନ୍ୟ ବନ୍ଦର ପ୍ରତିଷ୍ଠିତ ହୋଇ ରାଜ୍ୟରୁ ଖଣିଜ ପଦାର୍ଥ ରପ୍ତାନୀ କରିବା ସଙ୍ଗେ ସଙ୍ଗେ ଧୀବରମାନଙ୍କୁ ରକ୍ଷା କରିପାରୁଛି । ପୁଣି କୋରାପୁଟରେ ଦେଶରକ୍ଷା ଯନ୍ତ୍ରପାତି ନିର୍ମାଣ କାରଖାନା, ମିଗ୍ କାରଖାନା, ସିଲେରୁ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ବାଇଲାଡିଲ୍ଲା ଲୁହାପଥର ଖଣି ଆଦି ପ୍ରତିଷ୍ଠା ଚାଲଛି । ତା' ସଙ୍ଗେ ସଙ୍ଗେ ରେଲଲାଇନ୍‌ମାନ ନିର୍ମାଣ କରାଯାଇ ଓଡ଼ିଶାର ଆର୍ଥିକ ଅବସ୍ଥାର ପ୍ରଭୂତ ଉନ୍ନତି ବିଧାନ କରାଯାଉଛି । ଓଡ଼ିଶାର ଆଦିବାସୀ ସମାଜର ସୁରକ୍ଷା ବିକାଶଲାଗି ଯେଉଁସବୁ ବ୍ୟବସ୍ଥା କରାଯାଉଛି,ତାହା ଦେଖିଥିଲେ ନୀଳକଣ୍ଠ ଖୁବ୍ ଖୁସି ହୋଇଥାନ୍ତେ । ଅବଶ୍ୟ ଓଡ଼ିଶାର ଆଦିବାସୀମାନଙ୍କୁ ଅନ୍ୟମାନଙ୍କ ସହ ସମାନ ସ୍ତରକୁ ଆଣିବାଲାଗି ଏବେବି ଅନେକ କିଛି କରିବାର ଆବଶ୍ୟକତା ରହିଛି । ବାସ୍ତବରେ ସମଗ୍ର ଦେଶର ଦରିଦ୍ରତମ ରାଜ୍ୟ ଓଡ଼ିଶା ପାଇଁ ସ୍ୱତନ୍ତ୍ରଭାବେ ପ୍ରଚୁର ଅର୍ଥ ବ୍ୟୟକରି, ତା' ପାଇଁ ଦୃଷ୍ଟି ଦେଲେ ତାହା ପଞ୍ଜାବ, ହରିଆନା, ଗୁଜୁରାଟ, ମହାରାଷ୍ଟ୍ର ଓ ଆନ୍ଧ୍ର ଭଳି ପ୍ରଦେଶମାନଙ୍କ ସହ ସବୁ କ୍ଷେତ୍ରରେ ସମକକ୍ଷ ହୋଇପାରିବ । ନୀଳକଣ୍ଠ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାକୁ ସମାନ ସହଯୋଗୀ ବନ୍ଧୁ ସ୍ୱରୂପ ଭାରତର କେନ୍ଦ୍ରସ୍ଥଳକୁ ନେଇଯାଇପାରିଥିଲେ । ଆଜିର ଜାତୀୟ ନେତୃବର୍ଗ ତଥା ବ୍ୟବସ୍ଥାପକମାନେ ନୀଳକଣ୍ଠଙ୍କ ପରମ୍ପରାର ସୁଯୋଗ୍ୟ ଦାୟାଦ ରୂପେ ଓଡ଼ିଆ ଲୋକଙ୍କୁ, ଆଦିବାସୀମାନଙ୍କୁ ସମୁଦ୍ର ଉପକୂଳବର୍ତ୍ତୀ ଧୀବର ଓ ବନ୍ୟା-ବାତ୍ୟା-ଗ୍ରସ୍ତ କୃଷକକୁଳକୁ ସହାୟତା କରିବା ଲକ୍ଷ୍ୟରେ କାର୍ଯ୍ୟ କରିବାର ଅଛି, ଯେପରି ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ପ୍ରଭୃତି ନାନବିଧ ଦୈବଦୁର୍ବିପାକରୁ ରକ୍ଷା କରିବାର ଉଚିତ ବ୍ୟବସ୍ଥା ହୋଇପାରିବ । ତା'ହେଲେ ଓଡ଼ିଆମାନେ ନୀଳକଣ୍ଠଙ୍କ ପରି ଅସାଧାରଣ ଖ୍ୟାତି ଓ ଗୌରବର ଅଧିକାରୀ ହୋଇପାରିବେ ।

---

Digitized by PPRACHIN, SOA

ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨
www.vidyapuri.com

ISBN 81-7411-784-9
9 788174 117847

Digitized by PPRACHIN, SOA